


# ଉତ୍କଳ ପ୍ରସଙ୍ଗ




Vol. XLIII No. 1 UTKAL PRASANGA

Licence No. C. R. N. P. 5—Licensed to post without Pre-Payment Regd. No. O-









# ଉତ୍କଳ ପ୍ରସଙ୍ଗ

ଆଶ୍ୱିନ ୧୯୦୭ ଶକାବ୍ଦ ୪୩ ଭାଗ ୩ୟ ସଂଖ୍ୟା ଅକ୍ଟୋବର ୧୯୮୬


## ● ସମ୍ପାଦନା ମଣ୍ଡଳୀ

ନିର୍ଦ୍ଦେଶକ : ଶ୍ରୀ ଗୋଲକ ଚନ୍ଦ୍ର ମହାପାତ୍ର

ସମ୍ପାଦକ : ଶ୍ରୀ ମଦନ ମୋହନ ମିଶ୍ର

ସହ ସମ୍ପାଦକ : ପ୍ରହରାଜ ସତ୍ୟନାରାୟଣ ନନ୍ଦ

ସହଯୋଗୀ ସମ୍ପାଦକ : ଶ୍ରୀ ଉପେନ୍ଦ୍ର ପ୍ରସାଦ ଦାସ

## ● ମୁଖ୍ୟ ସମ୍ପାଦକ

ଶ୍ରୀ ସତ୍ୟାନନ୍ଦ ଚମ୍ପତିରାୟ

## ● ପ୍ରଚ୍ଛଦପଟ

: ଶ୍ରୀ ପ୍ରଦ୍ୟୁମ୍ନ କୁମାର ଦାଶ



● **ପ୍ରକାଶନ :** ସୂଚନା ଓ ଲୋକ ସମ୍ପର୍କ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର

● **ମୁଦ୍ରଣ :**
ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ

ବାର୍ଷିକ ଦେୟ : ୧୦.୦୦

ପ୍ରତି ଖଣ୍ଡ : ୧.୦୦




**ଓଡ଼ିଶା ସରକାରଙ୍କ** ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ସରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣ "ଉତ୍କଳ ପ୍ରସଙ୍ଗ"ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେହି ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠବୋଲି ଭାବିବା ଉଚିତ ନୁହେଁ ।

**'ଉତ୍କଳ ପ୍ରସଙ୍ଗ'** ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ମଧ୍ୟ ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁକ୍ଷେତ୍ରରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।

# ସୂଚୀପତ୍ର


| | | |
|---|---|---|
| ଓଡ଼ିଶାର ପ୍ରଥମ ବୈଜ୍ଞାନିକ ପଠାଣି ସାମନ୍ତ | ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ | ୧ |
| ତାନ୍ତ୍ରିକ ପୀଠ ନାରାୟଣୀ | ଡକ୍ଟର ସତ୍ୟନାରାୟଣ ରାଜଗୁରୁ | ୩ |
| ପ୍ରବୁଦ୍ଧ ଗୁରୁ ମହିମା ସ୍ୱାମୀ | ଅଧ୍ୟାପକ ସତ୍ୟାନନ୍ଦ ସ୍ୱାଇଁ | ୭ |
| ଗାନ୍ଧିଜୀ ଓ ଅହିଂସା | ଶ୍ରୀ କାର୍ତ୍ତିକେଶ୍ୱର ପାତ୍ର | ୧୧ |
| ସିଂହବାହିନୀ ଦୁର୍ଗା | ଡକ୍ଟର ପୂର୍ଣ୍ଣଚନ୍ଦ୍ର ମିଶ୍ର | ୧୩ |
| ଶକ୍ତି ଦୁର୍ଗା ଓ ତନ୍ତ୍ରପୀଠ ଓଡ଼ିଶା | ଶ୍ରୀ ଗଣେଶ ପ୍ରସାଦ ପରିଡ଼ା | ୧୫ |
| ଆମ ଶ୍ୱାନ ସହଚର | ଶ୍ରୀ ଗୋବର୍ଦ୍ଧନ ଚନ୍ଦ୍ର ପଟ୍ଟନାୟକ | ୧୯ |
| କଳାହାଣ୍ଡିରେ ଶାକ୍ତ ସଂସ୍କୃତିର ଐତିହ୍ୟ ଓ ସ୍ୱରୂପ | ଶ୍ରୀ ମହେନ୍ଦ୍ର କୁମାର ମିଶ୍ର | ୨୩ |
| ଦଶ ମହାବିଦ୍ୟାରେ ଜଗଜ୍ଜନନୀ ତାରା | ଇଂଜିନିୟର ରଘୁନାଥ ପାତ୍ର | ୩୧ |
| ଯୌତୁକ ନିରୋଧ ଆଇନ | ମିସ୍ ଲବଣ୍ୟରେଖା ମିତ୍ର | ୩୫ |
| ସଫଳ କାହାଣୀ | | ୩୭ |
| ପ୍ରଗତି ପ୍ରସଙ୍ଗ | | ୪୨ |
| ଅରଣ୍ୟ ରୋଦନ | ଶ୍ରୀ ବିଚିତ୍ରାନନ୍ଦ ପାଇକରାୟ | ୫୫ |
| ଜଙ୍ଗଲ ଓ ପରିବେଶ | ଅଧ୍ୟାପକ ପ୍ରଫୁଲ୍ଲ କୁମାର ମହାନ୍ତି | ୫୯ |
| ଓଡ଼ିଶାର ପର୍ବପର୍ବାଣୀ | ଶ୍ରୀମତୀ ପ୍ରମିଳା ମିଶ୍ର | ୬୧ |
| ଓଡ଼ିଶାର କୁମାର ପୂର୍ଣ୍ଣିମା ଉତ୍ସବ | ଶ୍ରୀ ଉପେନ୍ଦ୍ର ନାଥ ହୋତା | ୬୫ |
| ପ୍ରଗତି ପଥେ ବୟନ ଶିଳ୍ପ | ଶ୍ରୀ ଶଚୀନ୍ଦ୍ର କୁମାର ଲଲ | ୬୮ |
| ସମ୍ବଲପୁର ଜିଲ୍ଲାରେ ଖଣି ଓ ଖଣିଜ ସଂପଦର ଅଧ୍ୟୟନ | ଶ୍ରୀ ରବିନାରାୟଣ ସାହୁ | ୭୧ |
| ନବୋଦୟ ବିଦ୍ୟାଳୟ | ଶ୍ରୀ ଜାନକୀ ବଲ୍ଲଭ ଦାଶ | ୭୩ |



# ମୋ ଦୃଷ୍ଟିରେ ....

ମେଘ ଶୂନ୍ୟ ନୀଳ ଆକାଶକୁ ଶୁଭ୍ର କାଶଦଣ୍ଡୀ ଗୁଚ୍ଛ ଧରି ପୃଥିବୀ ଅଭିନନ୍ଦନ ଜଣାଇବା ପରି, ଉତ୍କଳ ପ୍ରସଙ୍ଗ ତାର ପଣ୍ଡିତ ଓ ବିଦଗ୍ଧ ପାଠକମାନଙ୍କୁ, ଏହି ସଂଖ୍ୟାରେ ଶାରଦୀୟ ପୂଜାର ଅଭିନନ୍ଦନ ଓ ଶୁଭ କାମନା ଜଣାଇ ଆନନ୍ଦ ପ୍ରକାଶ କରୁଛି ।

ଦେବୀ ଦୁର୍ଗାଙ୍କର ଆଗମନୀ ବାଦ୍ୟରେ ଆଜି ପୁରପଲ୍ଲୀ ନିନାଦିତ ଓ ଉତଲା ଉତ୍କଳ । ମା' ଦଶଭୁଜା ଓଡ଼ିଶାର ବହୁ କ୍ଷେତ୍ରରେ ପ୍ରତିଷ୍ଠିତା ଓ ପୂଜିତା । ସେହି ମା'ଙ୍କର ଆଶୀର୍ବାଦ ଓଡ଼ିଶା ଉପରେ ବର୍ଷଣ ହେଉ ଶତ ଶତ ସହସ୍ର ଧାରାରେ । ଦାରିଦ୍ର୍ୟ ଓ କପଟତାର ଶଠ ରାକ୍ଷସ ଓ ବିଶ୍ୱାସଘାତକ ମହିଷାସୁରମାନଙ୍କର ବିନାଶ ହେଉ ଏହି ଦୁର୍ଗା ପୂଜାରେ । ଏହାହିଁ ଆମର କାମନା ।

ଆଜି ଓଡ଼ିଶାର ପ୍ରଥମ ବୈଜ୍ଞାନିକ ପଠାଣି ସାମନ୍ତଙ୍କ ବିଷୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକଙ୍କର ସନ୍ଦର୍ଭ ଆମେ ଉପହାର ଦେଉଛୁଁ ପାଠକଙ୍କ କର କମଳରେ ।

ସର୍ବେ ଭବନ୍ତୁ ନିରାମୟାଃ ।

# ଓଡ଼ିଶାର ପ୍ରଥମ ବୈଜ୍ଞାନିକ ପଠାଣି ସାମନ୍ତ

ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ

ସାମନ୍ତ ଚନ୍ଦ୍ରଶେଖର ଓଡ଼ିଶାରେ ଜନ୍ମଲାଭ କରିଥିବା ଅତୀବ ଗର୍ବ ଓ ଗୌରବର ବିଷୟ । ଭାରତବର୍ଷରେ ଜନ୍ମ ଲାଭ କରିଥିବା ଅତି ମହାନ୍ ଦିଗ୍‌ଗଜ ଜ୍ୟୋତିର୍ବିଜ୍ଞାନୀ ଆର୍ଯ୍ୟଭଟ୍ଟ, ବରାହ ମିହିର, ବ୍ରହ୍ମଗୁପ୍ତ ଓ ଭାସ୍କରାଚାର୍ଯ୍ୟଙ୍କ ପରମ୍ପରାରେ ତାଙ୍କର ଜନ୍ମ । ଭାସ୍କରାଚାର୍ଯ୍ୟଙ୍କ ବହୁବର୍ଷ ପରେ ଚନ୍ଦ୍ରଶେଖରଙ୍କ ଆବିର୍ଭାବ ହୋଇଥିଲେ ସୁଦ୍ଧା ମଫସଲ ଅଞ୍ଚଳରେ କୌଣସି ସୁବିଧା ସୁଯୋଗ ନଥାଇ ନିଜର ମନୀଷା, ପ୍ରତିଭା ଓ ବିଦ୍ବତ୍ତା ବଳରେ ସେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିଲେ । ଏହା ଚିନ୍ତା କଲାବେଳେ ଆମକୁ ବିସ୍ମୟାଭିଭୂତ ହେବାକୁ ପଡ଼େ ।

ମହାମହୋପାଧ୍ୟାୟ ସାମନ୍ତ ଚନ୍ଦ୍ରଶେଖରଙ୍କ 'ସିଦ୍ଧାନ୍ତ ଦର୍ପଣ' ଏକ ଅଦ୍ବିତୀୟ ଗ୍ରନ୍ଥ । ପୂର୍ବର ସିଦ୍ଧାନ୍ତଗୁଡ଼ିକରେ ଥିବା ଦୋଷତ୍ରୁଟିଗୁଡ଼ିକୁ ସେ ସଂଶୋଧନ କରିଛନ୍ତି । ଭାସ୍କରାଚାର୍ଯ୍ୟଙ୍କ ପର୍ଯ୍ୟନ୍ତ ଏ ଦେଶରେ ପ୍ରକାଶିତ ସିଦ୍ଧାନ୍ତଗୁଡ଼ିକ ମଧ୍ୟରେ ଚନ୍ଦ୍ରଶେଖରଙ୍କ ସିଦ୍ଧାନ୍ତ ସର୍ବାପେକ୍ଷା ଉନ୍ନତତର । ଏହା ସମସ୍ତେ ମୁକ୍ତ କଣ୍ଠରେ ସ୍ବୀକାର କରିଛନ୍ତି । ସେଥିପାଇଁ ଚନ୍ଦ୍ରଶେଖର ବଜ୍ରନିର୍ଘୋଷ ସ୍ବରରେ କହିଥିଲେ ଯେ ତାଙ୍କ ରଚିତ ସିଦ୍ଧାନ୍ତ ୧୦ ହଜାର ବର୍ଷ ପର୍ଯ୍ୟନ୍ତ ଅମର ହୋଇ ରହିବ । ଏହା କିଛି କମ୍ କଥା ନୁହେଁ ।

ଚନ୍ଦ୍ରଶେଖରଙ୍କ ସିଦ୍ଧାନ୍ତ, ପ୍ରତିଭା ଓ ମନୀଷା ସଂପର୍କରେ ଆସିଥିବା ଗୁଣୀଜନମାନଙ୍କ ମଧ୍ୟରେ କବିବର ରାଧାନାଥ ଅନ୍ୟତମ । ସେ ତାଙ୍କର ସମସ୍ତ ଲେଖାରେ ଚନ୍ଦ୍ରଶେଖରଙ୍କୁ ପ୍ରଶଂସା କରିଛନ୍ତି । କବିବରଙ୍କ ଦରବାର କାବ୍ୟ ସଂପୂର୍ଣ୍ଣ ଭାବରେ ବକ୍ରୋକ୍ତି ଓ ବ୍ୟଙ୍ଗାତ୍ମକ । ସେଥିରେ ବର୍ଣ୍ଣିତ ରାଜାରାଜୁଡ଼ା, ଜମିଦାର ଏବଂ ସରକାରୀ କର୍ମଚାରୀମାନଙ୍କୁ ସେ ଅତି ତୀବ୍ର ଭାଷାରେ ଆକ୍ରମଣ କରିଛନ୍ତି । ସେମାନଙ୍କୁ ଶାଗୁଆ ଛେଳି ଛୁଆଁ ନାଁରେ ଉଲ୍ଲେଖ କରିବା ସଙ୍ଗେ ସଙ୍ଗେ ଏ ଶ୍ରେଣୀର ଲୋକମାନଙ୍କର ସବୁସ୍ଥଳରେ ପ୍ରାଦୁର୍ଭାବ ବେଶୀ ଏବଂ ଏମାନେ ସର୍ବଦା ଉପାଧି ପଛରେ ବ୍ୟସ୍ତ ବୋଲି ସେ କହିଛନ୍ତି । କିନ୍ତୁ ଚନ୍ଦ୍ରଶେଖରଙ୍କ ପ୍ରସଙ୍ଗରେ ଉଲ୍ଲେଖ କରିଛନ୍ତି ଯେ ଏ ସମଗ୍ର ସଭାମଣ୍ଡପ ଭିତରେ କେବଳ ଜଣେ ବ୍ୟକ୍ତି ଉପାଧି ପଛରେ ଗୋଡ଼ାଉ ନ ଥିଲେ, ଉପାଧି ତାଙ୍କ ପଛରେ ଗୋଡ଼େଇ ଏଠି ଆଣି ଉପସ୍ଥାପିତ କରିଛି । କବିବର ଲେଖିଛନ୍ତି—

ଉତ୍କଳ ମାତାର ଯୋଗ୍ୟତମ ସୁତ
ତୁମ୍ଭ ପାଇଁ ଆମ୍ଭେ ସର୍ବେ ହେଲୁ ପୂତ ।

ତୁମେ ହେଉଛ, ଓଡ଼ିଶାର ଯୋଗ୍ୟତମ ପୁତ୍ର ଏବଂ ତୁମ ପାଇଁ ଆମେ ସମସ୍ତେ ପବିତ୍ରିତ ହୋଇଛୁ । ଆମର ଖ୍ୟାତି ତୁମରି ପାଇଁ ସମ୍ଭବ ହୋଇଛି । ସେ କହିଛନ୍ତି, ତୁମ୍ଭେ ଉପାଧି ବା ସମ୍ମାନରେ ବିଶେଷ କିଛି ଲାଭ କରିନି । ତାଙ୍କ ପାଇଁ ଆମେ କିଛି କରି ପାରୁ ନାହୁଁ । ଖାଲି ତୁମ୍ଭ ସମ୍ମାନ ଦେବା ପାଇଁ ଏଠିକି ଡାକି ଆଣିଛେ ।

ସଲିଳ ନ ଛିନ୍ନ ଖାଲି ଦଣ୍ଡବତ
କରିବାକୁ ଅଛନ୍ତି ଲୋକ ଶତଶତ

ସେଥିପାଇଁ ତାଙ୍କୁ ସେ କହିଥିଲେ ଯେ ଆପଣ ଏ ଦରବାର ଭିତରକୁ ଯାହିଁକି ଆସିଲେ । ଯେଉଁମାନେ ସମ୍ମାନଲୋଭୀ, ଉପାଧି ଲୋଭୀ ବ୍ୟକ୍ତି, ସେମାନେ ଏଠିକି ଆସିଛନ୍ତି ।

ଚିତ୍ରୋତ୍ପଳା ନୀର ପାନ କି ଆଶାରେ
ପଶିଲ ଆସର ଛେଳିଙ୍କ ବାଶାରେ ।

ଯିଏ ଚିତ୍ରୋତ୍ପଳା ନଦୀର ଜଳପାନ କରିବା ଲୋକ, ସେ ମଇଁଷି ଗାଧୋଉଥିବା ପୋଖରୀ ଭିତରେ ଯାହିଁକି ପଶିଲା । ଏଭଳି ଭାଷାରେ କବିବର ରାଧାନାଥ ଦରବାର କାବ୍ୟରେ ବର୍ଣ୍ଣନା କରିଥିଲେ ।

ଉକ୍ତ ମନୀଷୀ ପଠାଣି ସାମନ୍ତ ଓଡ଼ିଶାରେ ଜନ୍ମଲାଭ କରି କେବଳ ନିଜର ଅନନ୍ୟ ପ୍ରତିଭା, ଅଧ୍ୟବସାୟ ଏବଂ ସାଧନା ବଳରେ ଓଡ଼ିଆ ଜାତିକୁ ଅମର କରିବାରେ ସାହାଯ୍ୟ କରିଛନ୍ତି । ତାଙ୍କର ସ୍ମୃତି ପାଇଁ ଯାହା କରାଗଲେ ମଧ୍ୟ ତାହା ସାମାନ୍ୟ । ବହୁତ କିଛି ଆମ ସମସ୍ତଙ୍କର କରିବାର ଅଛି । ଏ ଦିଗରେ ରାଜ୍ୟ ସରକାରଙ୍କ ପକ୍ଷରୁ କେତୋଟି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି ।

ରାଜ୍ୟ ସରକାରଙ୍କ ସାହାଯ୍ୟରେ ଉତ୍କଳ ବିଶ୍ବବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗରେ ଚନ୍ଦ୍ରଶେଖରଙ୍କର ଚେୟାର ସ୍ଥାପିତ ହୋଇଛି ଏବଂ ଚିରଦିନ ପାଇଁ ରହିବ ।

ରାଜ୍ୟ ସରକାରଙ୍କ ବିଜ୍ଞାନ ଓ ପରିବେଶ ବିଭାଗ ପକ୍ଷରୁ ଶ୍ରେଷ୍ଠ ବୈଜ୍ଞାନିକଙ୍କୁ ୧୦ ହଜାର ଟଙ୍କାର 'ସାମନ୍ତ ଚନ୍ଦ୍ରଶେଖର ପୁରସ୍କାର' ଦିଆଯିବା ପାଇଁ ନିଷ୍ପତ୍ତି ହୋଇଛି ଏବଂ ଏହା ଚଳିତ ବର୍ଷଠାରୁ ଦିଆଯିବ ।

ଭୁବନେଶ୍ବରରେ ଗୋଟିଏ ଅତ୍ୟାଧୁନିକ ପ୍ଲାନେଟୋରିଅମ୍ କୋଟିଏ କୋଡ଼ିଏ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯିବ । ଏଥିପାଇଁ ଟାଟା କମ୍ପାନୀ ୫୦ଲକ୍ଷ ଟଙ୍କା ଦାନ କରିଛନ୍ତି ଏବଂ ଅନ୍ୟ ୭୦ ଲକ୍ଷ ଟଙ୍କା ଯୋଗାଡ଼ର ବ୍ୟବସ୍ଥା ହୋଇ ସାରିଛି । ୧୯୮୭ ମସିହା ସୁଦ୍ଧା ଏହାର ନିର୍ମାଣ ଶେଷ ହେବ । ସାମନ୍ତ ଚନ୍ଦ୍ରଶେଖର ଜ୍ୟୋତିଷ୍କମାନଙ୍କୁ ଦେଖିବା ପାଇଁ ଅନେକ ବିଚିତ୍ର ଯନ୍ତ୍ର ଗଠନ କରିଥିଲେ । ସେହିପରି ଆମେମାନେ ଏହି ପ୍ଲାନେଟୋରିଅମ୍‌ରେ କୃତ୍ରିମ ଜ୍ୟୋତିଷ୍କମାନଙ୍କୁ ଦେଖିପାରିବା । ପ୍ଲାନେଟୋରିଅମ୍ ନିକଟରେ ଗୋଟିଏ ପ୍ରଦର୍ଶନୀ କରାଯିବ । ଏହାଦ୍ବାରା ମହାକାଶ ବିଜ୍ଞାନ ସଂପର୍କିତ ଚଳଚ୍ଚିତ୍ରଗୁଡ଼ିକ ମଧ୍ୟ ସେଠାରେ ପ୍ରଦର୍ଶିତ ହୋଇପାରିବ ।

ଏହି ପ୍ଲାନେଟୋରିଅମ୍ ନିର୍ମାଣ କରିବା ପାଇଁ ବିଶ୍ୱର ବଡ଼ ବଡ଼ ଅତ୍ୟାଧୁନିକ କମ୍ପାନୀମାନଙ୍କଠାରୁ ଟେଣ୍ଡର୍ ଆହ୍ୱାନ କରାଯାଇଛି । ପଠାଣି ସାମନ୍ତଙ୍କ ସ୍ମୃତି ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ଏହି ପ୍ଲାନେଟୋରିଅମ୍‌କୁ ଭାରତବର୍ଷର ଶ୍ରେଷ୍ଠ ପ୍ଲାନେଟୋରିଅମ୍‌ରେ ପରିଣତ କରାଯିବ ।

ପଠାଣି ସାମନ୍ତଙ୍କ ସାଧନ କାଳରେ ଓଡ଼ିଶା ଥିଲା ଶ୍ମଶାନ ତୁଲ୍ୟ । ସେ ସମୟରେ ଆମ ଓଡ଼ିଆ ଜାତିର ନେତା ମଧୁସୂଦନ ଦାସ ବିହାର ଓଡ଼ିଶା ଛାତ୍ର ସମ୍ମିଳନୀ ପ୍ରତି କହିଥିଲେ—ମୁଁ ଯେତେବେଳେ ଓଡ଼ିଶାକୁ ଆସିଲି, ଦେଖିଲି ଚାରିଆଡ଼େ ଖାଲି ଶ୍ମଶାନ । କୌଣସି ଜୀବନ ନାହିଁ । କୁଡ଼ କୁଡ଼ ହାଡ଼ । ସେ ହାଡ଼କୁ ମୁଁ ଏକାଠି କରାଇଲି । ହାଡ଼ ଭିତରେ ରକ୍ତ ଏବଂ ମାଂସର ସଂଗ୍ରଥନ କଲି । ତା'ର ମାଂସପେଶୀରେ ଦେଲି ଲଢ଼ିବାର ଶକ୍ତି । ଆଜି ୮୦ ବର୍ଷ ପରେ ମୁଁ ଭାବୁଛି ଯେ ସେ ଶ୍ମଶାନ ଆଉ ନାହିଁ । ଓଡ଼ିଆ ଜାତିର ଲଢ଼ିବାର ଶକ୍ତି ସଂପୂର୍ଣ୍ଣ ଭାବରେ ଆସିଛି । ସେ ଶକ୍ତିର ଉପଯୋଗ କରି, ପରିବେଶର ପରିବର୍ତ୍ତନ ଘଟେଇ ଓଡ଼ିଶାକୁ ଭାରତବର୍ଷରେ ଯୋଗ୍ୟସ୍ଥାନ ଦେବା ପାଇଁ ଆମେ ସଂକଳ୍ପ କରିବା ଦରକାର ।

ଏହି ସମୟରେ ଓଡ଼ିଶାର ପରିବେଶ ପଠାଣି ସାମନ୍ତଙ୍କ ପାଇଁ ଅନୁପଯୋଗୀ ଓ ପ୍ରତିକୂଳ ହୋଇଥିଲେ ମଧ୍ୟ ସେ ନିଜର ସାଧନା ଅବ୍ୟାହତ ରଖିଥିଲେ । ସେ ବ୍ୟକ୍ତିଗତ ପ୍ରଚେଷ୍ଟାରେ ସଂକଳ୍ପର ... ଆଜୀବନ ସାଧନା କରି ଓଡ଼ିଆ ଜାତି ପାଇଁ ଅମର କୀର୍ତ୍ତି ... କରିଯାଇଛନ୍ତି ।

ଆଜି ସେ ପରିବେଶ ସଂପୂର୍ଣ୍ଣ ବଦଳି ଯାଇଛି । ପଠାଣିଙ୍କ ସମୟର " Around the Orissa " ଏବଂ ବର୍ତ୍ତମାନର ଓଡ଼ିଶା ମଧ୍ୟରେ ଅନେକ ପାର୍ଥକ୍ୟ । ଆମେ ଶତତ ଉଦ୍ୟମ କରି ଏଭଳି ପରିବେଶ ... କରିବା, ଯେପରି କୌଣସି ପ୍ରତିଭା ମଉଳି ଯିବ ନାହିଁ । ପଠାଣି ସାମନ୍ତଙ୍କ ପରି ପ୍ରତିଭା ଯଦି ଓଡ଼ିଶାରେ ଜନ୍ମ ହୁଏ, ତେବେ ସେ ପ୍ରତିଭାକୁ ... ଜୀବଦ୍ଦଶାରେ ସାରାବିଶ୍ୱ ଯେପରି ସମ୍ମାନିତ କରିପାରିବ, ସେଥିପାଇଁ ଆମେ ସଚେଷ୍ଟ ରହିବା ଦରକାର । ପ୍ରତିଭା ପାଇଁ ପରିବେଶ ଓ ସୁଯୋଗ ସୃଷ୍ଟି କରିବା ହେଉଛି ଆମର ସଂକଳ୍ପ— ଏ କ୍ଷଣଜନ୍ମା ପୁରୁଷଙ୍କ ପ୍ରତି ... ନୈବେଦ୍ୟ ।

(ମୁଖ୍ୟମନ୍ତ୍ରୀଙ୍କ ଭାଷଣରୁ ସଂଗୃହୀତ— ମୁ:ସ:ଠ)



# ତାନ୍ତ୍ରିକ ପୀଠ ନାରାୟଣୀ

ଡକ୍ଟର ସତ୍ୟନାରାୟଣ ରାଜଗୁରୁ

ଓଡ଼ିଶାରେ ତାନ୍ତ୍ରିକ-ଯୁଗର ଆରମ୍ଭ କାଳ ସଠିକ ଭାବେ ନିରୂପିତ ହୋଇ ନଥିଲେ ମୁଦ୍ଧା, ଖ୍ରୀ: ୮ମ ଶତାବ୍ଦୀରେ ଭୌମ-କର ବଂଶୀୟ ରାଜାମାନଙ୍କ ରାଜତ୍ୱ କାଳରୁ ସେଥିର ପ୍ରସାର ସମ୍ଭବ ବୋଲି ମନେ ହୁଏ । କାରଣ ସେତେବେଳେ ଚୀନ ତଥା ତିବ୍ବତରେ ପ୍ରଚଳିତ ତନ୍ତ୍ରଯାନ ପୂର୍ବ ଭାରତର ବହୁ ଦେଶରେ ଗୃହୀତ ହୋଇ ସାରିଥିଲା । ସେହି ପୂଜା-ପଦ୍ଧତି ଅନୁସାରେ ୬୪ ଯୋଗିନୀଙ୍କ ମନ୍ଦିର ଓଡ଼ିଶାର ଦୁଇଟି ସ୍ଥଳରୁ ଆବିଷ୍କୃତ ହୋଇଅଛି । ଗୋଟିଏ ପୁରୀ ଜିଲ୍ଲାର ହିରାପୁର ଏବଂ ଅନ୍ୟଟି ବଲାଙ୍ଗୀର ଜିଲ୍ଲାର ଟିଟିଲାଗଡ଼ ନିକଟସ୍ଥ ରାଣୀପୁର ଝରିଆଲ । ଉଭୟ ସେହି ଦୁଇଟି ମନ୍ଦିରରେ ୬୪ ଯୋଗିନୀଙ୍କ ପ୍ରସ୍ତର ମୂର୍ତ୍ତି ଉଭୟ ଏକ ନିୟମରେ ପ୍ରତିଷ୍ଠିତ ।

ମଧ୍ୟପ୍ରଦେଶ ଭେଡ଼ାଘାଟରେ ମଧ୍ୟ ୬୪ ଯୋଗିନୀଙ୍କ ମନ୍ଦିର ଅଛି ।* ସେଠାରେ ପ୍ରତ୍ୟେକ ମୂର୍ତ୍ତିର ନାମ ମୂର୍ତ୍ତିର ପୀଠରେ ଖୋଦିତ ହୋଇଅଛି । କିନ୍ତୁ ଓଡ଼ିଶାରେ ଯେଉଁ ପଦ୍ଧତିରେ ତାନ୍ତ୍ରିକ ମହାପୂଜା ଅନୁଷ୍ଠିତ ହେଉଥିଲା, ସେଥିରେ ସ୍ୱତନ୍ତ୍ର ପଦ୍ଧତି ହେତୁ ଭେଡ଼ାଘାଟର ୬୪ ଯୋଗିନୀଙ୍କ ନାମ ଓ ସ୍ୱରୂପ ସଙ୍ଗେ ସେଥିରେ ଏକତା ଦୃଷ୍ଟ ହୁଏ ନାହିଁ ।

ତେଣୁ ଓଡ଼ିଶାରେ ପ୍ରତିଷ୍ଠିତ ୬୪ ଯୋଗିନୀ କେଉଁ ତନ୍ତ୍ରକୁ ଭିତ୍ତି କରି "ମହାପୂଜା" କରୁଥିଲେ, ତାହା ପ୍ରତ୍ନତତ୍ତ୍ୱ ଗବେଷକମାନଙ୍କୁ ସନ୍ଦେହରେ ପକାଇଥିଲା ।

ଅଳ୍ପକାଳ ପୂର୍ବେ ଏ ଲେଖକ ଗୋଟିଏ ଛିନ୍ନ ପତ୍ର ଯୁକ୍ତ ତାଳପତ୍ର ପୋଥି ସଂଗ୍ରହ କରିଥିଲା । ସେଥିର ନାମ ଗୋଟିଏ ପତ୍ରରେ ଲେଖାଅଛି "କାଳିକା ପୁରାଣ" । କିନ୍ତୁ ଦଶହରା 'ମହାଷ୍ଟମୀ ପୂଜା' ସମ୍ବନ୍ଧରେ ଆରାଧନା ବିଧି ସେଥିରେ ଲେଖାଯାଇଛି; ସେଥିର କେତୋଟି ଛିନ୍ନ ପତ୍ରରେ ୬୪ ଯୋଗିନୀଙ୍କ ନାମଗୁଡ଼ିକ ପର୍ଯ୍ୟାୟକ୍ରମେ ଲେଖା ହୋଇଥିବା ଦେଖାଯାଏ । ମହାଷ୍ଟମୀ ନିଶାର୍ଦ୍ଧରେ ଦେବୀଙ୍କର ଯେଉଁ ପୂଜା ହୁଏ, ତାହା ଗୋଟିଏ ପଦ୍ମମଣ୍ଡଳ ମଧ୍ୟରେ କରିବା ବିଧି ଅଛି । ବିଭିନ୍ନ ରଙ୍ଗର ମୁରୁଜ (ପଥର ଗୁଣ୍ଡ) ରେ ଦେବୀଙ୍କ ସମ୍ମୁଖରେ ଗୋଟିଏ ମଣ୍ଡଳାକାର ରେଖାରେ ଅଷ୍ଟଦଳ ପଦ୍ମ ଅଙ୍କିତ କରାଯାଏ । ଦିଗ୍‌ବିଭାଗ ଅନୁସାରେ ସେହି ପଦ୍ମର ପାଖୁଡ଼ାମାନଙ୍କରେ ନିମ୍ନୋକ୍ତ ପ୍ରକାର ଅଷ୍ଟମାତୃକା ଦେବୀଙ୍କୁ ସ୍ଥାପନ କରାଯାଏ:—

| ଦିଗ | ଦେବୀ | ସ୍ୱରୂପ-ଅସ୍ତ୍ର-ବାହନ |
|---|---|---|
| ଈଶାନ୍ୟ | ବ୍ରାହ୍ମଣୀ | ଚତୁର୍ମୁଖୀ, ହଂସାରୂଢ଼ା, କରଣ୍ଡା, ବେଦହସ୍ତା |
| ପୂର୍ବ | ମାହେଶ୍ୱରୀ | ବୃଷରୂଢ଼ା, ତ୍ରିନେତ୍ରା, ବରଦା, ତ୍ରିଶୂଳଧାରିଣୀ |
| ଅଗ୍ନିକୋଣ | କୌମାରୀ | ମୟୂରବାହନା, ଶକ୍ତିହସ୍ତା |
| ଦକ୍ଷିଣ | ବୈଷ୍ଣବୀ (ନାରାୟଣୀ) | ଖଗେନ୍ଦ୍ର,ବାହିନୀ, ଶଙ୍ଖ*, ଚକ୍ର, ଗଦା, ପଦ୍ମଧାରିଣୀ, ଚତୁର୍ଭୁଜ |
| ନୈଋତକୋଣ | ବାରାହୀ | ଦଂଷ୍ଟ୍ରାଧୃତ, ବସୁନ୍ଧରା |
| ପଶ୍ଚିମ | ନାରସିଂହୀ | ନୃସିଂହ ରୂପିଣୀ ଦେବୀ<br>ଦୈତ୍ୟ ଦାନବ ଘାତିନୀ* |
| ବାୟୁକୋଣ | ଇନ୍ଦ୍ରାଣୀ | ଗଜକୁମ୍ଭସ୍ଥା* |
| ଉତ୍ତର | ଚାମୁଣ୍ଡା | ମୁଣ୍ଡମାଳିନୀ, ଅଟ୍ଟହାସ୍ୟା ମୁଦିତା |

* କାନିଂହାମ୍ ( Canning ham ) A. S. I. report, Vol. IX, p-60
* 'ଶଙ୍ଖ' ସ୍ଥାନରେ 'ଖଡ୍ଗ' ଲେଖାଅଛି ।
* ଚଣ୍ଡିକା ନାମ ତିନି ସ୍ଥାନରେ ଆବୃତ୍ତ ହୋଇଅଛି ନଂ ୨, ୬, ୮
* ବୋଧହୁଏ ପ୍ରକୃତ ପାଠ 'ଘଟ୍ଟା'

*E. P. Ind., Vol. VI P. P. 140—142

ଏହି ପଦ୍ମ-ମଣ୍ଡଳ ମଧ୍ୟରେ ଦେବୀ କାତ୍ୟାୟିନୀ ଅବସ୍ଥିତା । ତାଙ୍କର ସ୍ୱରୂପ ହେଉଛି, ଦଶଭୁଜା-ମହିଷାସୁର-ମର୍ଦ୍ଦିନୀ ଓ ପ୍ରସନ୍ନ ବଦନା ।

ଉପର୍ଯ୍ୟୋକ୍ତ ଅଷ୍ଟମାତୃକାଙ୍କ ପାର୍ଶ୍ୱଦେବୀଙ୍କ ନାମ ଦିଗ୍ ବିଭାଗ ଅନୁସାରେ ନିମ୍ନୋକ୍ତ ଭବେ ଲେଖାଅଛି :

| | ଦିଗ | ପାର୍ଶ୍ୱଦେବୀ |
|---|---|---|
| ୧ ପଦ୍ମର | ପୂର୍ବଦଳ | ଉଗ୍ରଚଣ୍ଡା |
| ୨ ପଦ୍ମର | ଅଗ୍ନିକୋଣ | ପ୍ରଚଣ୍ଡା |
| ୩ ପଦ୍ମର | ଦକ୍ଷିଣ | ଚଣ୍ଡୋଗ୍ରା |
| ୪ ପଦ୍ମର | ନୈଋତକୋଣ | ଚଣ୍ଡନାୟିକା |
| ୫ ପଦ୍ମର | ପଶ୍ଚିମ | ଚଣ୍ଡା |
| ୬ ପଦ୍ମର | ବାୟୁକୋଣ | ଚଣ୍ଡବତୀ |
| ୭ ପଦ୍ମର | ଉତ୍ତର | ଚଣ୍ଡରୂପା |
| ୮ ପଦ୍ମର | ଐଶାନ୍ୟକୋଣ | ଅତି ଚଣ୍ଡିକା |

ପଦ୍ମଫୁଲର ପ୍ରତ୍ୟେକ ପାଖୁଡ଼ାର ଅଷ୍ଟଦିଗରେ ୮ଟି ଲେଖାରେ ଯୋଗିନୀ ଅବସ୍ଥିତ ହୋଇଥାନ୍ତି । ପୂର୍ବଦିକ୍ରମରେ ସେମାନଙ୍କର ମୋଟ ସଂଖ୍ୟା ହେଉଛି ୬୪, ସେମାନଙ୍କର ନାମ ଯଥାକ୍ରମେ ନିମ୍ନରେ ଉଲ୍ଲେଖ କରାଗଲା–

(୧) ବ୍ରହ୍ମାଣୀ, (୨) ଚଣ୍ଡିକା,* (୩) ରୌଦ୍ରୀ, (୪) ଗୌରୀ,* (୫) ଇନ୍ଦ୍ରାଣୀ, (୬) କୌମାରୀ, (୭) ଭୈରବୀ, (୮) ଦୁର୍ଗା,* (୯) ନାରସିଂହୀ, (୧୦) କାଳିକା, (୧୧) ଚାମୁଣ୍ଡା, (୧୨) ଶିବଦୂତୀ, (୧୩) ବାରାହୀ, (୧୪) କୌଷିକୀ, (୧୫) ମାହେଶ୍ୱରୀ, (୧୬) ଶଙ୍କରୀ, (୧୭) ଜୟନ୍ତୀ, (୧୮) ସର୍ବମଙ୍ଗଳା, (୧୯) କାଳୀ, (୨୦) କରାଳିନୀ, (୨୧) ମେଧା, (୨୨) ଶିବା, (୨୩) ଶାକମ୍ଭରୀ, (୨୪) ଭୀମା, (୨୫) ଶାନ୍ତି, (୨୬) ଭ୍ରାମରୀ, (୨୭) ରୁଦ୍ରାଣୀ, (୨୮) ଚଣ୍ଡିକା,* (୨୯) କ୍ଷମା, (୩୦) ଧାତ୍ରୀ, (୩୧) ସ୍ୱାହା, (୩୨) ସ୍ୱଧା, (୩୩) ଅପର୍ଣ୍ଣା, (୩୪) ମହୋଦରୀ, (୩୫) ଘୋରରୂପା, (୩୬) ମହାକାଳୀ, (୩୭) ଭଦ୍ରକାଳୀ, (୩୮) କପାଳିନୀ, (୩୯) କ୍ଷେମଙ୍କରୀ, (୪୦) ଉଗ୍ରଚଣ୍ଡା, (୪୧) ଚଣ୍ଡୋଗ୍ରା, (୪୨) ଚଣ୍ଡନାୟିକା, (୪୩) ଚଣ୍ଡା, (୪୪) ଚଣ୍ଡବତୀ, (୪୫) ଚଣ୍ଡୀ, (୪୬) ମହାମୋହା, (୪୭) ପ୍ରିୟଙ୍କରୀ, (୪୮) ବଳବିକରଣୀ, (୪୯) ବଳପ୍ରମଥିନୀ, (୫୦) ମଦନୋନ୍ମାଦିନୀ, (୫୧) ସର୍ବଭୂତଦମନୀ, (୫୨) ଉମା, (୫୩) ଉଗ୍ରତାରା, (୫୪) ମହାନିଦ୍ରା, (୫୫) ବିଜୟା, (୫୬) ଜୟା, (୫୭) ଶୈଳପୁତ୍ରୀ, (୫୮) ଚଣ୍ଡିକା,* (୫୯) ଚଣ୍ଡଘଣ୍ଟା, (୬୦) କୁଷ୍ମାଣ୍ଡା, (୬୧) ସ୍କନ୍ଦମାତା, (୬୨) କାତ୍ୟାୟିନୀ, (୬୩) କାଳରାତ୍ରୀ ଏବଂ (୬୪) ମହାଗୌରୀ ।

ଭୌମକର ବଂଶୀୟ ରାଜାମାନଙ୍କର ଉତ୍ସାହରେ ତାନ୍ତ୍ରିକ ବୈଷ୍ଣବମାନଙ୍କ ପକ୍ଷରୁ ଗୋଟିଏ କେନ୍ଦ୍ର 'ଉଡ୍ଡୀୟାନ-ପୀଠ' ଓ 'ଏକାମ୍ର କ୍ଷେତ୍ର'ରେ ପ୍ରତିଷ୍ଠା କରାଯାଇଥିଲା । 'ଶ୍ରୀ ବିଦ୍ୟାର୍ଣ୍ଣବ-ତନ୍ତ୍ର' ରେ ତାନ୍ତ୍ରିକ ପଦ୍ଧତିରେ ଦେବୀଙ୍କ ପୂଜା ପାଇଁ ଯେଉଁ ନ୍ୟାସ ମନ୍ତ୍ର ପ୍ରଚଳିତ ଥିଲା, ତାହା ନିମ୍ନରେ ଉଦ୍ଧୃତ ହେଲା–

"....ଏକାମ୍ର କ୍ଷେତ୍ରେ ଶିଳ୍ପିନୀ ପୂର୍ଣ୍ଣାଂ ଉଡ୍ଡୀୟାନ-ପୀଠେ କରାଙ୍ଗୁଷ୍ଠେ ଲେଲିହାନ ମୁଦ୍ରାୟାଂ ବ୍ୟାପିକା-ମଣ୍ଡଳେ ରକ୍ତବର୍ଣ୍ଣାବଳ୍ୟାଂ ଔଁ ବାଂ କାନ୍ତ୍ୟାୟନ୍ୟେ ନମଃ, ଔଁ ବଂ ଚାମୁଣ୍ଡାୟୈ, ଔଁ ବଂ ଭୀଷଣ-ଭୈରବ-ନାଥାୟ, ଶଂ ଷଂ ସଂ ହଂ ସର୍ବଦ୍ୱୀପେଭ୍ୟୋଦି ମମ ଶୁଭ-ଚକ୍ରେ ନାସା ପୁଟ ସ୍ଥାନେ ଦିବ୍ୟ ଜୀବାର୍ଣ୍ଣଂ ପୂଜୟାମୀତି" । ଉପରୋକ୍ତ ନ୍ୟାସ ତାନ୍ତ୍ରିକମାନେ "ଅଷ୍ଟାଷ୍ଟକ ନ୍ୟାସ" ଆଖ୍ୟା ଦେଇଥିଲେ । କାରଣ ଭାରତର ଆଠଟି ଦେବୀ କେନ୍ଦ୍ରରେ ଏହା ପ୍ରଚଳିତ ହେଉଥିଲା । ସେହି କେନ୍ଦ୍ରଗୁଡ଼ିକ ହେଲେ (୧) ପ୍ରୟାଗ କ୍ଷେତ୍ର, (୨) ବାରାଣସୀ କ୍ଷେତ୍ର, (୩) କୋଲ୍ଲାପୁର କ୍ଷେତ୍ର, (୪) ଅଟ୍ଟହାସ କ୍ଷେତ୍ର, (୫) ଜୟନ୍ତିକା କ୍ଷେତ୍ର, (୬) ଶ୍ରୀଶୈଳ କ୍ଷେତ୍ର, (୭) ଏକାମ୍ର କ୍ଷେତ୍ର ଏବଂ (୮) ଦେବୀକୋଟ କ୍ଷେତ୍ର । ବିଦ୍ୟାର୍ଣ୍ଣବ ତନ୍ତ୍ରର 'ପୀଠନ୍ୟାସ'ରେ ୧୪ଟି ସ୍ୱରବର୍ଣ୍ଣ ମଧ୍ୟରେ "ଟ" ସ୍ଥାନରେ ଏକାମ୍ର-ପୀଠ ସ୍ଥାପନ କରାଯାଇଛି । ପୁଣି ୩୫ଟି ବ୍ୟଞ୍ଜନ ମଧ୍ୟରୁ ଙଂ, ଣଂ ଏବଂ ଲଂ ଏ ତିନି ଅକ୍ଷର ସ୍ଥାନରେ ଯଥାକ୍ରମେ ବିରଜା, ମହେନ୍ଦ୍ରଗିରି ଏବଂ ଉଡ୍ଡୀୟାନ ଦେବୀ-ପୀଠ ରୂପେ ନିର୍ଦ୍ଦେଶ କରାଯାଇଛି । ସୁତରାଂ ଓଡ଼ିଶାରେ ଏକାମ୍ରକ୍ଷେତ୍ରକୁ କେନ୍ଦ୍ରକରି ସେଠାରୁ ଉତ୍ତରରେ ବିରଜା-ପୀଠ ଓ ଦକ୍ଷିଣରେ ମହେନ୍ଦ୍ରଗିରି-ପୀଠ ଏବଂ ଉଡ୍ଡୀୟାନ-ପୀଠ ପ୍ରସିଦ୍ଧ ତାନ୍ତ୍ରିକପୀଠ ରୂପେ ପରିଚିତ ହେଉଥିଲା । ସେହି ସମୟରେ ଭୌମକର ବଂଶୀୟ ରାଜାମାନେ ଓଡ଼ିଶାରେ ରାଜତ୍ୱ କରୁଥିଲେ ଏବଂ "ବିଦ୍ୟାର୍ଣ୍ଣବତନ୍ତ୍ର" ପଦ୍ଧତି ପ୍ରଚଳିତ ଥିଲା ।

ଭୌମ ବଂଶୀୟ ରାଜାମାନେ ତୋଷଳୀ ବା ଉତ୍କଳରେ ଖ୍ରୀ: ୭୩୬ ରୁ ପ୍ରାୟ ୯୪୦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । କିନ୍ତୁ ତାଙ୍କ ବଂଶର ଶେଷାର୍ଦ୍ଧରେ ଯେଉଁ କେତେଜଣ ରାଣୀ ସିଂହାସନ ଆରୋହଣ କରି ଶାସନ କାର୍ଯ୍ୟ ପରିଚାଳନା କରୁଥିଲେ, ସେମାନଙ୍କ ମଧ୍ୟରେ ଦଣ୍ଡି ମହାଦେବୀ ପ୍ରଧାନ କହିଲେ ଚଳେ । ତାଙ୍କର ପ୍ରଦତ୍ତ କେତୋଟି ତାମ୍ର ଶାସନ ପ୍ରକାଶ ପାଇ ଥିବାରୁ ଭୌମ-କର ରାଜାମାନଙ୍କ ଇତିହାସର ବହୁ ତଥ୍ୟ ଆମେ ପାଇ ପାରିଛୁ । ତାଙ୍କ ସଭାପଣ୍ଡିତ କମଡ଼ା ନାମକ 'ମହାକବି' ଦାଣ୍ଡି ମହାଦେବୀଙ୍କ ମାତା ଗୌରୀ ମହାଦେବୀଙ୍କୁ ସ୍ୱୟଂ ଗୌରୀ (ପାର୍ବତୀ)ଙ୍କ ସଙ୍ଗେ ସମାନ କରି ଲେଖିଛନ୍ତି :

"ସିଂହାସନେ ଶଶିକରାମଳ କୀର୍ତ୍ତିଗୌରୀ
ଗୌରୀବ ଦୁର୍ଲ୍ଲଭ ପଦଂ ଚିର ମଧ୍ୟ ରୋହତ୍ ॥"*

ଦଣ୍ଡି ମହାଦେବୀଙ୍କର ଗୋଟିଏ ତାମ୍ର ଶାସନ ଗଞ୍ଜାମରୁ ମିଳିଛି । ସେ ଦକ୍ଷିଣ-ତୋଷଳୀ ଅନ୍ତର୍ଗତ କୋଙ୍ଗଦର ରସମା (ରମ୍ଭା) ଗ୍ରାମ ବ୍ରାହ୍ମଣଙ୍କୁ ୧୮୦ ଭୌମ ସମ୍ବତ୍ସରରେ (ଖ୍ରୀ: ୯୧୬) ଦାନ କରିଥିଲେ । ଚିଲିକାର ଉପକୂଳ ଅଞ୍ଚଳ ସମେତ ଖଲିକୋଟ, ଆଠଗଡ଼, ଆସିକା ଏବଂ ମହେନ୍ଦ୍ରାଞ୍ଚଳର ପୂର୍ବ ପାର୍ଶ୍ୱ ପର୍ଯ୍ୟନ୍ତ ଦକ୍ଷିଣ ତୋଷଳୀ ନାମକ ରାଜ୍ୟ ବିସ୍ତାର ଲାଭ କରିଥିଲା । ମହାନଦୀର ଉତ୍ତରଭାଗ ସୁବର୍ଣ୍ଣରେଖା ବା ହୁଗୁଳୀ ପର୍ଯ୍ୟନ୍ତ ଉତ୍ତର-ତୋଷଳୀ ମଧ୍ୟ ତାଙ୍କ ସାମ୍ରାଜ୍ୟର ଅଂଶ ହୋଇଥିଲା । ବୋଧହୁଏ, ବିରଜା-ନଗରୀଠାରେ 'ଗୁହେଶ୍ୱରପାଟକ' ନାମକ ରାଜଧାନୀଠାରୁ ତାଙ୍କର ଶାସନ ଉଭୟ ତୋଷଳୀରେ ବିସ୍ତାର କରିଥିଲା । ସୁତରାଂ ବିରଜା ଓ ଭୁବନେଶ୍ୱର ସମେତ ଉଡ୍ଡିୟାନ ଓ ମହେନ୍ଦ୍ରଗିରିଠାରେ ତାନ୍ତ୍ରିକ ଗୁରୁମାନଙ୍କ କେନ୍ଦ୍ର ସ୍ଥାପନ କରି ବୌଦ୍ଧ ଧର୍ମ ଓ ଶକ୍ତି ଆରାଧନା ସମଗ୍ର ରାଜ୍ୟରେ ଭୌମ-ରାଜତ୍ୱବେଳେ ପ୍ରସାର ଲାଭ କରିଥିଲା ।

ଚିଲିକାର ଅନତି ଦୂରରେ 'ନାରାୟଣୀ'ଙ୍କ ମନ୍ଦିର ଅବସ୍ଥିତ । ସେହି ସ୍ଥାନଟି ଭୌମମାନଙ୍କର ଶକ୍ତିପୀଠ ମଧ୍ୟରେ ଅନ୍ୟତମ । ତାଳପୁରରେ ପ୍ରତିଷ୍ଠିତ ଦେବୀ ଭଗବତୀଙ୍କ ପରି ଦଶଭୁଜା ଦୁର୍ଗାଙ୍କ ଏକ ଅତି ସୁନ୍ଦର ପ୍ରସ୍ତର ମୂର୍ତ୍ତି ନାରାୟଣୀର ଉତ୍ତର ଗଞ୍ଜାମର ପ୍ରାକୃତିକ ଶୋଭା ବେଷ୍ଟିତ ଏକ ନିଭୃତ ପାହାଡ଼ିଆ ସ୍ଥାନରେ ସ୍ଥାପିତ ହୋଇଅଛନ୍ତି ।

ପ୍ରାଚୀନ ଭୌମ-କର ବଂଶୀୟ ରାଜାମାନଙ୍କ ରାଜତ୍ୱର ଅବସାନ ପରେ ସେହି ଦେବୀ ମୂର୍ତ୍ତି ବହୁକାଳ ଅବହେଳିତ ଅବସ୍ଥାରେ ରହିଥିଲେ । ଉତ୍କଳରେ ସୋମବଂଶୀୟ ରାଜାମାନଙ୍କ ରାଜତ୍ୱ ଖ୍ରୀ: ୧୦ମ ଶତାବ୍ଦୀରୁ ଆରମ୍ଭ ହୋଇଥିଲେ ସୁଦ୍ଧା ନାରାୟଣୀଙ୍କ ଆରାଧନା ହୋଇ ପାରିନାହିଁ । ଉତ୍କଳରୁ ସୋମବଂଶର ଅବସାନ ପରେ ଗଙ୍ଗବଂଶର ଅଭ୍ୟୁତ୍ଥାନ ବେଳେ ଚିଲିକା ଚତୁଃପାର୍ଶ୍ୱ ଅଞ୍ଚଳ ପୁନର୍ବାର ତାନ୍ତ୍ରିକ ରୀତିରେ ବେଷ୍ଟିତ ଓ ଶୈବଧର୍ମର କ୍ରିୟାକଳାପ ଏକ ନୂତନ ରୂପ ଧାରଣ କଲା । ପ୍ରାଚୀନ ଭୈରବ ଓ ଭୈରବୀଙ୍କ ଆରାଧନା ଭିତ୍ତିରେ ତନ୍ତ୍ରଯାନକୁ ଏକ ପରିଚିତ

ତନ୍ତ୍ରରେ ସନ୍ନିବିଷ୍ଟ କରାଗଲା । ସେମାନଙ୍କର ପୂଜା ପଦ୍ଧତି ଓଡ଼ିଶାରେ ପ୍ରଚଳିତ "ଶ୍ୟାମାର୍ଚ୍ଚନ ତରଙ୍ଗିଣୀ" ଗ୍ରନ୍ଥରୁ ପ୍ରକଟିତ ହୁଏ । ତନ୍ତ୍ର-ଯୋଗାନୁସାରେ ୪, ୬, ୧୦, ୧୨ ଓ ୧୬ ଦଳ ବିଶିଷ୍ଟ ପଦ୍ମ ମଣ୍ଡଳରେ ଦେବୀଙ୍କ ଆରାଧନା କରିବାକୁ ହୁଏ । ସେଥିରେ ଯଥାକ୍ରମେ ଡାକିନୀ, ରାକିନୀ, ଲାକିନୀ, କାକାନୀ ଓ ହାକିନୀ ନାମକ ଉପଦେବୀଙ୍କୁ ବିଭିନ୍ନ ଚକ୍ରରେ ସ୍ଥାପନ କରି ସେମାନଙ୍କର ଧ୍ୟାନ ଅନୁସାରେ ଯୌଗିକ ସାଧନା କରିବା ବିଷୟ ବର୍ଣ୍ଣିତ ହୋଇଅଛି । ସମଗ୍ର ଚକ୍ର କେନ୍ଦ୍ରରେ ମହାଭୈରବୀ-ଚକ୍ର ଅବସ୍ଥିତ । ସେଥିରେ 'ମହାପୂଜା' ତନ୍ତ୍ର ସାଧକମାନେ ସମ୍ପନ୍ନ କରୁଥିଲେ । ଭୈରବ ଓ ଭୈରବୀଙ୍କ ମନ୍ତ୍ରପାଠ କରି ବୀର ପୂଜକ ତନ୍ତ୍ର ସାଧନା ନିର୍ଦ୍ଦିଷ୍ଟ ଭାବେ ସମ୍ପନ୍ନ କଲେ, ସେଥି ଦ୍ୱାରା ସେ ଅଲୌକିକ ଶକ୍ତି ଲାଭ କରିବା ଆଶାରେ ଉତ୍କଳର ଭଞ୍ଜବଂଶୀୟ ରାଜାମାନେ ଗଞ୍ଜାମର ଘୁମୁସର ଏବଂ ଫୁଲବାଣୀ ଜିଲ୍ଲାର ବଉଦ ପର୍ଯ୍ୟନ୍ତ ସମୁଦାୟ ପାର୍ବତୀୟ ଅଞ୍ଚଳରେ ଭୈରବ ଆରାଧନା ପ୍ରବର୍ତ୍ତନ କରିଥିବା ଜଣାଯାଏ । ସେମାନଙ୍କ ତାମ୍ର ଶାସନଗୁଡ଼ିକରେ ଭୈରବଙ୍କୁ ନିମ୍ନୋକ୍ତ ସ୍ତୁତି କରାଯାଇଛି–

"ସଂହାର କାଳ ହୁତଭୁକ୍ ବିକରାଳ ଘୋର–
ସଂଭ୍ରାନ୍ତକିଙ୍କର କୃତାନ୍ତ ନିତାନ୍ତ ଭିନ୍ନମ୍ ।
ଭିନ୍ନାନ୍ଧକାସୁର ମହାଗହନାତ ପତ୍ର
ତଦ୍ ଭୈରବଂ ହରବପୁର୍ଭବତଃ ପ୍ରପାତୁ ॥"*

ଉତ୍କଳରେ ଶ୍ରୀ ପୁରୁଷୋତ୍ତମ-ଜଗନ୍ନାଥଙ୍କୁ ପ୍ରଥମେ, ସେହି ତାନ୍ତ୍ରିକ ରାଜାମାନେ ହିଁ ଭୈରବ ରୂପେ ଆରାଧନା କରୁଥିଲେ; ଏବଂ ତାଙ୍କର ଶକ୍ତି ସ୍ୱରୂପା ବିମଳାଙ୍କୁ ମଧ୍ୟ ମହାଶକ୍ତି ରୂପିଣୀ ଦୁର୍ଗା ରୂପେ ପ୍ରତିଷ୍ଠା କରିଥିଲେ । ଆଶ୍ୱିନ ମାସ କୃଷ୍ଣପକ୍ଷ ମହାଷ୍ଟମୀ ଦିନ ତାଙ୍କୁ ଛାଗବଳୀ ଦେବା ବ୍ୟବସ୍ଥା ସେହି ତାନ୍ତ୍ରିକ ଯୁଗରୁ ପ୍ରଚଳିତ ହୋଇଥିଲା । ବିମଳାଙ୍କ ସମ୍ମୁଖରେ ପୁରଶ୍ଚରଣ କରିଥିବା ବ୍ରାହ୍ମଣ ହିଁ 'ସପ୍ତଶତୀ-ଚଣ୍ଡୀ 'ପାଠ କରିବା ବିଧି ଶ୍ରୀ ମନ୍ଦିରରେ ପ୍ରଚଳିତ ଥିଲା । ଅଥଚ ଭାରତରେ କୌଣସି ବିଷ୍ଣୁ ମନ୍ଦିରରେ ଏପରି ବ୍ୟବସ୍ଥା ନାହିଁ କହିଲେ ଚଳେ ।

ଭୈରବ-ପୂଜକ ଭଞ୍ଜ ବଂଶୀୟ ରାଜାମାନେ ତାଙ୍କ ରାଜ୍ୟର ନିଘଞ୍ଚ ଅରଣ୍ୟ ସଙ୍କୁଳ ପାର୍ବତ୍ୟ ଅଞ୍ଚଳରେ କାତ୍ୟାୟନୀ ଦେବୀଙ୍କର "ମହାପୂଜା" ତାନ୍ତ୍ରିକ ପୂଜକମାନଙ୍କ ଦ୍ୱାରା କରାଉଥିଲେ । ଘୁମୁସରସ୍ଥ "ଉଦୟ-ଖିଡ଼ିଙ୍ଗୀ" ମଣ୍ଡଳର ଭଞ୍ଜ ବଂଶୀୟ ରାଜାମାନେ 'ନାରାୟଣୀ' ନାମକ ପର୍ବତ ପରିବେଷ୍ଟିତ ଓ ନିର୍ମଳ ପାର୍ବତ୍ୟ ଝରଣା ନିକଟରେ ଚତୁର୍ଭୁଜା ବା କାତ୍ୟାୟନୀଙ୍କ ମନ୍ଦିର ଗଠନ କରିଥିଲେ । କାଳକ୍ରମେ ସେହି ପ୍ରାଚୀନ ମନ୍ଦିରଟି ଧ୍ୱଂସ ହୋଇ ଭୌମ ରାଜବଂଶ ବିଲୁପ୍ତ ହେବା ପରେ ସମଗ୍ର ଅଞ୍ଚଳଟି ଘୋର ଅରଣ୍ୟରେ ପରିଣତ ହେଲା । ସେଠାରେ 'ଧଡରା' ନାମକ ଶବର ବା କନ୍ଧ ଜାତିର ଆଦିବାସୀମାନେ ରହି ଦେବୀଙ୍କୁ ବଳୀ ପୂଜା ଦେଇ ତାଙ୍କ ଆଦିବାସୀ ରୀତିରେ ଆରାଧନା କରୁଥିଲେ ।

ପ୍ରଥମେ ଉଲ୍ଲେଖ କରାଯାଇଛି ଯେ, ଯେଉଁ କାତ୍ୟାୟନୀ ଦଶଭୁଜା ଓ ମହିଷ ମର୍ଦ୍ଦିନୀ ରୂପେ 'ବିଦ୍ୟାର୍ଣ୍ଣବ ତନ୍ତ୍ର'ରେ ବର୍ଣ୍ଣିତ ହୋଇ ଅଛନ୍ତି, କାଳକ୍ରମେ ସେ ଚତୁର୍ଭୁଜା ଦୁର୍ଗା-ମହିଷାସୁର ମର୍ଦ୍ଦିନୀ ରୂପେ ଆରାଧିତ ହେଲେ । ବୋଧହୁଏ 'ଦଶଭୁଜାଙ୍କୁ ଜଙ୍ଗଲର ଆଦିବାସୀମାନେ କୌଣସି ପାର୍ବତୀୟ ଗୁପ୍ତ ସ୍ଥାନରେ ରଖି ଦେଇଥିଲେ ।

ଖ୍ରୀ: ୧୪ଶ ଶତାବ୍ଦୀ ପରେ ଗଙ୍ଗବଂଶର ପତନ ଓ ସୂର୍ଯ୍ୟବଂଶର ଅଭ୍ୟୁଦୟ ବେଳେ ଖଲିକୋଟ, ଆଠଗଡ଼, ବାଣପୁର ପ୍ରଭୃତି ଅଞ୍ଚଳରେ ସୁଶିକ୍ଷିତ ସେନାଧ୍ୟକ୍ଷମାନଙ୍କୁ ବା ସୁଦକ୍ଷ ପାର୍ବତୀୟ ଲୋକଙ୍କୁ ସାମରିକ ବ୍ୟାପାରରେ ସଂପୃକ୍ତ କରାଗଲା । କଥିତ ଅଛି ଯେ, ଗଜପତି ମହାରାଜା ପୁରୁଷୋତ୍ତମ ଦେବ ଖଲ୍ଲିକୋଟରେ 'ରାମଭୁୟାଁ'ନାମକ ଜଣେ ଆଦିବାସୀ ସେନାଧ୍ୟକ୍ଷଙ୍କୁ ସେହି ଅଞ୍ଚଳର ଶାସନ ଭାର ଦେଇଥିଲେ । ତାଙ୍କରି ଅନୁସନ୍ଧାନ କ୍ରମେ ଖଲ୍ଲିକୋଟର ଭିତର-ମୁଠା ନୂଆଗାଁ ନିକଟରେ ନାରାୟଣୀଙ୍କ ମନ୍ଦିର ସଂସ୍କାର ଓ ପୂଜା ପୁନଃ ପ୍ରବର୍ତ୍ତିତ ହେଲା । ଏ ସମ୍ବନ୍ଧରେ ଯେଉଁ କିମ୍ବଦନ୍ତୀ ସେଠାରେ ପ୍ରଚଳିତ ଅଛି, ତାହା ମାଡ୍ରାଜର ଇଷ୍ଟିଆ କମ୍ପାନୀ ସରକାରଙ୍କ ପକ୍ଷରୁ ନିଯୁକ୍ତ ଭୁବଦୋଦସ ଓ ଗର୍ଭେ କାମରେ ନିଯୁକ୍ତ ଥିବା ତେଲୁଗୁ କର୍ମଚାରୀମାନେ ସ୍ଥାନୀୟ ଲୋକଙ୍କ ମୁଖରୁ ସଂଗ୍ରହ କରି ସରକାରଙ୍କୁ ତାଙ୍କ ରିପୋର୍ଟରେ ଜଣାଇ ଥିଲେ । ସେହି ପ୍ରାଚୀନ ତେଲୁଗୁ ଭାଷାରେ ଲେଖାଥିବା ରେକର୍ଡ ବର୍ତ୍ତମାନ ମାଡ୍ରାଜର **Government Oriental Manuscript Library**ରେ **"Account of Ganzam" (No. L. R. Vol. 9 p. p. 372—158.)**ରେ ସଂରକ୍ଷିତ ହୋଇଅଛି । ସେଥିରେ ଲେଖାଅଛି

ଖଲ୍ଲିକୋଟ ତାଲୁକର ଉତ୍ତର ଦିଗରେ ଭିତର-ମୁଠାରେ ଓ ନୂଆଗାଁ ସମୀପରେ ଗୋଟିଏ ପର୍ବତ ଅଛି । ସେଠାରେ ଦଶଭୁଜା ଦେବୀ 'ନାରାୟଣୀ' ନାମରେ ପ୍ରତିଷ୍ଠିତ ହୋଇ ଅଛନ୍ତି । ସ୍ଥାନୀୟ କିମ୍ବଦନ୍ତୀରୁ ଜଣାଯାଉଛି ଯେ, ଅତି ପ୍ରାଚୀନ ଯୁଗରେ ଦେବତାମାନେ ସେଠାରେ ସେହି ଦେବୀଙ୍କର ଆରାଧନା କରୁଥିଲେ । କିନ୍ତୁ କଳି-ଯୁଗର ଅଭ୍ୟୁଦୟ ହେବାପରେ ଦେବୀ ସେଠାରେ ଅପୂଜିତା ହୋଇ ମାନବ ଦୃଷ୍ଟିରୁ ଅଗୋଚର ହୋଇ ରହିଲେ । ଖଲ୍ଲିକୋଟର ପୂର୍ବ ଜମିଦାର, ରାମଭୁୟାଁ ଯେତେବେଳେ ଓଡ଼ିଶାର ମହାରାଜା ଗଜପତି ପୁରୁଷୋତ୍ତମ ଦେବଙ୍କ କରୁଣାରୁ ଖଲ୍ଲିକୋଟର ପ୍ରଭୁତ୍ୱ ଲାଭ କଲେ । ସେତେବେଳେ ସେ ଏଠାରେ ଜଙ୍ଗଲଗୁଡ଼ିକ କଟାଇ ଏ ତାଲୁକର ବିଭିନ୍ନ ସ୍ଥାନରେ ଗ୍ରାମ ଓ ନଗରମାନ ସ୍ଥାପନ କଲେ ।

ଏକଦା ଦେବୀ ନାରାୟଣୀ ତାଙ୍କୁ ସ୍ୱପ୍ନରେ ଦେଖାଦେଇ କହିଲେ, "ମୁଁ ବହୁକାଳରୁ ଏଠା ପର୍ବତରେ ବିନା ଆରାଧନାରେ ପଡ଼ି ରହିଛି । ତେଣୁ ତୁମକୁ ଆଦେଶ ଦେଉଛି, ମୋର ମନ୍ଦିର ନିର୍ମାଣ କରି ଭୋଗ ରାଗ ଲଗି ଦିଅ ଓ ସେଠାରେ ଆଲୋକର ବ୍ୟବସ୍ଥା କରିଦିଅ ।"

ପରଦିନ ରାମଭୁୟାଁ ଶଯ୍ୟାରୁ ଉଠି ସ୍ୱପ୍ନ କଥା ସ୍ମରଣ କଲେ । କିନ୍ତୁ କେଉଁ ଦେବୀ ରହିଛନ୍ତି, ତାହା ସେ ଜାଣି ପାରିଲେ ନାହିଁ । କେତେକ ଦିନ ଖୋଜା ଖୋଜି କରି ସେ ହତାଶ ହେଲେ ।

ଦିନେ ବରୁବୁଗୁବା ଗ୍ରାମର ଜଣେ ବ୍ରାହ୍ମଣ ବାଳକ ରାମଚନ୍ଦ୍ର ଦାସ ନାରାୟଣୀ ନିକଟବର୍ତ୍ତି ସ୍ଥାନରେ ଖେଳୁଥିଲା । ବରୁବୁଗୁବା ଗ୍ରାମ ସେହି ପର୍ବତ ନିକଟରେ ଅବସ୍ଥିତ । ଖେଳୁ ଖେଳୁ ହଠାତ୍ କୁଆଡ଼ୁ ତା ନିକଟକୁ ସୁନ୍ଦରୀ ଝିଅଟିଏ ଆସୁଥିବା ସେ ଦେଖିଲା । ଝିଅ ପିଲାଟି ତାକୁ ସେହି ପର୍ବତ ଉପରକୁ ଡାକି ନେଲା ଓ ନାରାୟଣୀ ଦେବୀଙ୍କ ମୂର୍ତ୍ତି ଦେଖାଇ କୁଆଡେ ଅନ୍ତର୍ହିତ ହୋଇଗଲା । ବାଳକ ରାମଚନ୍ଦ୍ର ସେଠାରୁ ତତ୍‌କ୍ଷଣାତ୍ ଗ୍ରାମକୁ ଫେରି ଯାଇ ତା ବାପାଙ୍କୁ ଏ ସବୁ କଥା କହିଲା । ସଙ୍ଗେ ସଙ୍ଗେ ବ୍ରାହ୍ମଣ ରାଜନଅରକୁ ଯାଇ ରାମ ଭୁୟାଁଙ୍କୁ ଏ ସମ୍ବାଦ ଦେଲା । ରାଜା ଅତି ଆନନ୍ଦରେ ନିର୍ଦ୍ଦିଷ୍ଟ ସ୍ଥାନକୁ ଯାଇ ଦେବୀଙ୍କ ମୂର୍ତ୍ତି ଦର୍ଶନ କରି ଅତି ବିସ୍ମିତ ହେଲେ । ସ୍ୱପ୍ନରେ ସେ ଯେଉଁ ଦେବୀଙ୍କୁ ଦେଖିଥିଲେ, ଏ ସେହି ନାରାୟଣୀ, ଏଥିରେ ତାଙ୍କର ସନ୍ଦେହ ରହିଲା ନାହିଁ । ଦେବୀଙ୍କ ଆଦେଶ ଅନୁସାରେ ସେଠାରେ ମନ୍ଦିର ନିର୍ମାଣ କରି ଦେବୀଙ୍କ ଦୈନିକ ଭୋଗ ରାଗ ସକାଶେ ୩୦ ଭରଣ ଭୂମି ଭାଲୁଟ ପଲ୍ଲୀ ଗ୍ରାମରେ ଲଗି ଦେଲେ । ସେହି ଗ୍ରାମରୁ ଦେବୀଙ୍କ ଭୋଗ ନିମନ୍ତେ ବାର୍ଷିକ ପାଞ୍ଚଟଙ୍କା ସମେତ ଆଶ୍ୱିନ ମାସରେ ଅଷ୍ଟମୀ ଦିନ ଦେବୀ ପୀଠରେ ବଳୀ ଦାନ ପାଇଁ ଗୋଟିଏ ମହିଷ (ପେଣ୍ଡା) ଦେବାର ବ୍ୟବସ୍ଥା ହୋଇଥିଲା । ସେହି ସମୟରୁ ଅଦ୍ୟାବଧି ସେ ନିୟମ ପ୍ରଚଳିତ ହେଉଅଛି ।

ଦେବୀଙ୍କ ଦୈନିକ ସେବା ପୂଜା କରିବାକୁ ରାଜା ଜଣେ ବ୍ରାହ୍ମଣଙ୍କୁ ନିଯୁକ୍ତି କରିଥିଲେ । ଏକଦା ରାଜା ପୂଜକ ବ୍ରାହ୍ମଣଙ୍କୁ ପରୀକ୍ଷା କରିବା ସକାଶେ ପଚାରିଲେ "ଦେବୀଙ୍କର କେତୋଟି ଭୁଜ, କହି ପାରିବ" ? ବ୍ରାହ୍ମଣ ଦେବୀଙ୍କ ସ୍ୱରୂପ କଥା ଭଲ ରୂପେ ଜାଣି ନଥିବାରୁ ହଠାତ୍ କହି ପକାଇଲା, "ଦେବୀ ଦଶଭୁଜା" । କିନ୍ତୁ ପ୍ରକୃତରେ ସେ ଥିଲେ ଚତୁର୍ଭୁଜା । କାରଣ ନାରାୟଣୀଙ୍କ [illegible] ଧ୍ୟାନ ରାଜା ଏକଥା ଆଗରୁ ଜାଣିଥିଲେ । ସଙ୍ଗେ ସେ ଆଗରୁ ପରିଚିତ ହୋଇଥିଲେ:

"ଧ୍ୟାୟେ ସୁବର୍ଣ୍ଣ ବର୍ଣାଭାଂ ତ୍ରିନେତ୍ରାଂ ସ୍ମିତ ହାସିନୀଂ
ସର୍ବ ଲକ୍ଷଣ ସମ୍ପନ୍ନାମର୍ଦ୍ଧେନ୍ଦୁକୃତ ଶେଖରାମ୍ ।
ଚତୁର୍ଭୁଜାଂ ଶଙ୍ଖ ଚକ୍ର ଧରାଂ ବାମାଂ ସ୍ୱରୂପିଣୀଂ
ଭଦ୍ର୍ୟ ତ୍ରିଶୂଳ ନିର୍ଭିନ୍ନ ମହିଷାଂ ସିଂହବାହିନୀମ୍ ॥

ଏଥିରୁ ରାଜା ସ୍ପଷ୍ଟ ଜାଣିଥିଲେ ଯେ, ଦେବୀ ଚତୁର୍ଭୁଜା । ତେଣୁ ସେ ବ୍ରାହ୍ମଣ ପୂଜକଙ୍କ ଉପରରେ କ୍ରୋଧାନ୍ୱିତ ହୋଇ କହିଲେ, "ଯାଅ ଦେବୀଙ୍କୁ ଭଲ ରୂପେ ଦେଖି ଆସି କହିବ ତାଙ୍କର ଭୁଜ ସଂଖ୍ୟା କେତେ"/ ରାଜାଙ୍କର କୋପ ଦେଖି ବ୍ରାହ୍ମଣ ଅତ୍ୟନ୍ତ ଭୟରେ ସେଠାରୁ ଘରକୁ ଫେରି ନ ଯାଇ ସିଧା ଦେବୀଙ୍କ ଆସ୍ଥାନକୁ ଗଲା । ନିର୍ଜନ ପାହାଡ—ସ୍ୱରିଆଡେ ଜଙ୍ଗଲ—ବ୍ୟାଘ୍ରାଦି ହିଂସ୍ର ଜନ୍ତୁଙ୍କ ଗର୍ଜନ ମଧ୍ୟେ ମଧ୍ୟେ ଶୁଣାଯାଉଛି । ଦେବୀଙ୍କ ସମ୍ମୁଖରେ ଜୟାଭୁତରେ ବ୍ରାହ୍ମଣ ସାଷ୍ଟାଙ୍ଗ ପ୍ରଣିପାତ କରି ଅତି ବିକଳ କଣ୍ଠରେ ଜଣାଇଲା, "ମା ଏ ଗରିବ ବ୍ରାହ୍ମଣକୁ ରକ୍ଷାକର । ମୁଁ ନଜାଣି ଘୋର ଅପରାଧ କରିଚି । ରାଜା ମୋ ପ୍ରତି ଅସନ୍ତୁଷ୍ଟ ହୋଇ ଏଠାକୁ ମତେ ପଠାଇଛନ୍ତି— ତମର ଭୁଜଗୁଡ଼ିକ ଗଣି ସତ୍ୟ କଥା ତାଙ୍କୁ ଜଣାଇବାକୁ । କାଲି ପ୍ରଭାତରୁ ମୁଁ ମିଥ୍ୟା କହିଛି ଜାଣିଲେ, ଏ ମୁଣ୍ଡ ରହିବ ନାହିଁ । ମା' ତମେ ଏ ଗରିବକୁ ରକ୍ଷା କରି ଦଶ-ଭୁଜା ହୁଅ । ଏତିକି ଜଣାଇ ସେଠାରେ ବ୍ରାହ୍ମଣ ନିଶି ଯାପନ କଲା । ପ୍ରଭାତରୁ ଉଠି ସେ ଦେଖିଲା, ଦଶଭୁଜା ମୂର୍ତ୍ତି ମନ୍ଦିରରେ ସିଂହାସନ ଆସୀନା ହୋଇ ରହି ଅଛନ୍ତି । ବ୍ରାହ୍ମଣ କୃତ୍ୟ କୃତ୍ୟ ହୋଇ ଦେବୀଙ୍କୁ ସାଷ୍ଟାଙ୍ଗ ପ୍ରଣାମ କରି ସେଠାରୁ ଧାଇଁଲା ରାଜନବର ଆଡ଼କୁ । ରାଜାଙ୍କ ସଙ୍ଗେ ଭେଟ ହୋଇ ଜଣାଇଲା, "ଦେବୀ ନିଶ୍ଚିତ ଭାବରେ ଦଶଭୁଜା" । ଏହା ଶୁଣି ରାଜା ଅବିଳମ୍ବେ ଦେବୀଙ୍କୁ ଦର୍ଶନ କରିବାକୁ ପାତ୍ରମନ୍ତ୍ରୀ ଓ ବ୍ରାହ୍ମଣ ସଙ୍ଗରେ ଧରି ବାହାରି ପଡ଼ିଲେ । ନାରାୟଣୀ ପର୍ବତରେ ପହଞ୍ଚି ଦେଖିଲେ, ଦେବୀଙ୍କର ଦଶଭୁଜ । ତଦବଧି ତାଙ୍କୁ "ଦଶଭୁଜା – ନାରାୟଣୀ" ଆଖ୍ୟାରେ ଅଭିହିତ କରାଯାଉଛି ।

ଉପରୋକ୍ତ ବିବରଣୀ ଆଜିକୁ ପ୍ରାୟ ୨୦୦ ବର୍ଷ ପୂର୍ବେ ହଜି... ଏକ କିମ୍ବଦନ୍ତୀ ରୂପେ ଶୁଣା ଯାଉଥିଲା । ସେଥିର ଐତିହାସିକ... ଯାହା ହେଉନା କାହିକି, ନାରାୟଣୀଙ୍କ ପୀଠରେ ପ୍ରବେଶ କଲେ ସେ... ପ୍ରଶାନ୍ତ ପରିସ୍ଥିତି ସଙ୍ଗେ ପ୍ରାକୃତିକ ଶୋଭା ସମ୍ପଦ ଅତି ଲୋଭନୀୟ... ବୈଚିତ୍ର୍ୟମୟ ହେତୁ ମନରେ ସ୍ୱତଃ ଭକ୍ତି ଜାତ ହୁଏ । ଅତି... ପାର୍ବତୀୟ ଝରଣାଟିଏ ଏକ ପ୍ରସ୍ତର କୁଣ୍ଡରେ ପଡ଼ି ତଳ ପ୍ରଦେ... କୁଳୁକୁଳୁ ଧ୍ୱନୀରେ ବହିଯାଏ । ସାମୟିକ ଭାବେ ସେଠାକୁ ବହୁ... ଦେବୀଙ୍କ ଦର୍ଶନ ପାଇଁ ଆସିଥାନ୍ତି । କେବେ ଦଳ ଦଳ ହୋଇ ... ଛାତ୍ରମାନେ ଓ ସାଧାରଣ ଲୋକେ ବନ ଭୋଜି କରି ସେଠାର ... ଶୀତଳତା ଉପଭୋଗ କରିଥାନ୍ତି । ପର୍ବଦିନମାନଙ୍କରେ ବହୁ ... ପସରା ସେଠାକୁ ଯାଏ ପୁଣି ସହସ୍ର ସଂଖ୍ୟାରେ ଭକ୍ତ ଦେବୀଙ୍କ ଦର୍ଶନ କରିବାକୁ ନାରାୟଣୀ ପର୍ବତରେ ସମବେତ ହୋଇଥାନ୍ତି ।

ସେଠାରୁ ଚିଲିକାର ଦୂରତା ପ୍ରାୟ ୧୦ କି:ମି: ତେଣୁ ପୂର୍ବ... ସେଠାକୁ ନୌକାରେ ମଧ୍ୟ ଯାତ୍ରୀମାନେ ପୂର୍ବେ ଯାତାୟାତ କରିଥିଲେ । ବର୍ତ୍ତମାନ ରେଳଯୋଗେ ବାଲୁଗାଁ ଓ ଖଲିକୋଟ ରେଳଷ୍ଟେସନ ମଧ୍ୟରେ ଥିବା ଚିଲିକା ଷ୍ଟେସନଠାରୁ ନାରାୟଣୀଙ୍କ ମନ୍ଦିର ପର୍ଯ୍ୟନ୍ତ ଗୋଟିଏ ପକ୍କା ରାସ୍ତା ପଡ଼ିଥିବାରୁ ଯାତ୍ରୀମାନେ ବସ୍, ମୋଟର ଓ ସାଇକେଲରେ ଯାଇ ଦେବୀଙ୍କୁ ସୁବିଧାରେ ଦର୍ଶନ କରିପାରୁଛନ୍ତି । ୧୯୬୫ ସାଲରେ ... ଲେଖକ ସେଠାକୁ ଯାଇ ମନ୍ଦିରଟି ପରୀକ୍ଷା କରିଥିଲା । ସେଥିର ନିର୍ମାଣ କୌଶଳରୁ ସ୍ପଷ୍ଟ ଜଣା ଯାଉଛି ଯେ, ଖ୍ରୀ: ୯ମ ଶତାବ୍ଦୀ ପୂର୍ବରୁ ଦେବୀ ସେଠାରେ ସ୍ଥାପନ କରାଯାଇଥିଲା । ଅଦ୍ୟାପି ସେଠାରୁ କୌଣସି ପ୍ରାଚୀନ ଅଭିଲେଖ ଆବିଷ୍କୃତ ହୋଇ ନାହିଁ । ତଥାପି ଏଠାରେ ସନ୍ନତାତ୍ତ୍ୱିକ ପର୍ଯ୍ୟ... ପ୍ରଚୁରତା ହେତୁ ଗବେଷଣା ସାପେକ୍ଷ ।

ଚିତ୍ରକର ଲେନ୍, ପାରଳାଖେମୁଣ୍ଡି ଜିଲ୍ଲା: ଗଞ୍ଜାମ



# ପ୍ରବୁଦ୍ଧ ଗୁରୁ ମହିମା ସ୍ୱାମୀ

ଅଧ୍ୟାପକ ସତ୍ୟାନନ୍ଦ ସ୍ୱାଇଁ

ଉଭୟ ବିଜ୍ଞାନ ଓ ଧର୍ମ ସତ୍ୟ ଉପରେ ପ୍ରତିଷ୍ଠିତ । ବିଜ୍ଞାନରେ ସତ୍ୟ ଆବିଷ୍କୃତ ହେଲେ ମାନବ ସେବାରେ ନିୟୋଜିତ ହୁଏ । ଠିକ୍ ସେହିପରି ଏକ ଧାର୍ମିକ ସତ୍ୟର ଆବିଷ୍କାର ହେଲେ ତାହା ମାନବ ସମାଜକୁ ଶୃଙ୍ଖଳିତ କରି ଦିବ୍ୟ ଜୀବନ ପଥରେ ଅଗ୍ରଗାମୀ କରିଥାଏ । ବିଜ୍ଞାନ ଭୌତିକ ଶାନ୍ତି ପାଇଁ ବ୍ୟବହୃତ ହେଲାବେଳେ, ଧର୍ମ ଉଭୟ ଭୌତିକ ( Physical,. ) ଓ ଅଧିଭୌତିକ (Metaphisical! ଶାନ୍ତି ପାଇଁ ଅଭିପ୍ରେତ । ସେଥିପାଇଁ ବୈଜ୍ଞାନିକ ସତ୍ୟ ପ୍ରତିଷ୍ଠା ପାଇଁ କେବଳ ବାହ୍ୟ ପ୍ରମାଣ ଆବଶ୍ୟକ ହେଲାବେଳେ ଧାର୍ମିକ ସତ୍ୟ ପ୍ରତିଷ୍ଠା ପାଇଁ ଉଭୟ ବାହ୍ୟ ଓ ଆଭ୍ୟନ୍ତରୀଣ ପ୍ରମାଣ ଆବଶ୍ୟକ । ବିଜ୍ଞାନର ପ୍ରମାଣ କେବଳ ବୁଦ୍ଧିଗତ (Intellectual )ହେଲାବେଳେ, ଧାର୍ମିକ ପ୍ରମାଣ ପାଇଁ ଉଭୟ ବୁଦ୍ଧି ଓ ହୃଦୟର ସନ୍ତୋଷ ଲାଭ ହେବା ଅନିର୍ବାର୍ଯ୍ୟ । ଏହିପରି ଏକ ପ୍ରତିଷ୍ଠିତ-ଧାର୍ମିକ ପରମ୍ପରାରେ ପରିବର୍ତ୍ତନ ଆଣିବାକୁ ହେଲେ ଉଭୟ ବୌଦ୍ଧିକ ଓ ହାର୍ଦ୍ଦିକ ସନ୍ତୋଷମୂଳକ ବଳିଷ୍ଠ ପ୍ରମାଣର ଆବଶ୍ୟକତା ରହିଛି । କିନ୍ତୁ ସେପରି କିଛି ପ୍ରମାଣ ନଥାଇ ପ୍ରତୀୟମାନ ସାମାନ୍ୟ ସାଦୃଶ୍ୟ ପ୍ରମାଣକୁ ସମ୍ବଳ କରି ଲକ୍ଷ ଲକ୍ଷ ଧାର୍ମିକ ମନୁଷ୍ୟଙ୍କର ବିଶ୍ୱାସ ମୂଳରେ କୁଠାରାଘାତ କରୁଥିବା ଲେଖକମାନଙ୍କର ଅଭାବ ନାହିଁ । ବଳିଷ୍ଠ ପ୍ରମାଣର ଅଭାବ ଧର୍ମର ଯେତିକି କ୍ଷତି କରିନାହିଁ ଲେଖକଙ୍କର ଲେଖାକୁ ଗ୍ରହଣ କରିବାରେ ସେତିକି ପ୍ରତିବନ୍ଧକ ସୃଷ୍ଟି କରେ, କାରଣ ସାମାନ୍ୟ ପ୍ରମାଣ ବିଶ୍ୱାସୀ ମନୁଷ୍ୟର ବିଶ୍ୱାସର ମୂଳଦୁଆକୁ ସହଜରେ ଦୋହଲାଇ ଦେଇପାରେ ନାହିଁ ।

ସେହିପରି କେତେକ ଲେଖା ବିଭିନ୍ନ ଗ୍ରନ୍ଥ ଓ ପତ୍ର ପତ୍ରିକାରେ ପ୍ରକାଶିତ ହୋଇ ମହିମାଧର୍ମର ଉପାସ୍ୟ, ପ୍ରବୁଦ୍ଧଗୁରୁ ମହିମାସ୍ୱାମୀଙ୍କ ସମ୍ପର୍କରେ କେତେକ ଭ୍ରମାତ୍ମକ ତଥ୍ୟ ପରିବେଷଣ କରିଛନ୍ତି । ସେ ସମ୍ପର୍କରେ ସମ୍ୟକ ଆଲୋଚନା କରିବା ଏ ନିବନ୍ଧର ଉଦ୍ଦେଶ୍ୟ ।

ପ୍ରବୁଦ୍ଧଗୁରୁ ମହିମାସ୍ୱାମୀ, ମହିମାଧର୍ମର ପ୍ରତିଷ୍ଠାତା ଓ ପ୍ରବର୍ତ୍ତକ । ମହିମାଧର୍ମର ପ୍ରାମାଣିକ ଗ୍ରନ୍ଥମାନଙ୍କରେ ସ୍ପଷ୍ଟଭାବେ ଲିପିବଦ୍ଧ ହୋଇଛି ଯେ ୧୮୨୬ ଖ୍ରୀ:ଅ:ରେ ମହିମାସ୍ୱାମୀ ସର୍ବପ୍ରଥମେ ପୁରୀରେ ଆବିର୍ଭୂତ ହୋଇଥିଲେ । ସେହି ସମୟରୁ ମହିମା ଶବ୍ଦ କେବଳ ନୁହେଁ 'ମହିମା ଶବ୍ଦ' ବ୍ୟବହାର କରି ଆସୁଛନ୍ତି । (୧) ଏହି ଧର୍ମାବଲମ୍ବୀ ଭକ୍ତଗଣ ବିଶ୍ୱାସ କରି ଆସିଛନ୍ତି ଯେ ମହିମାସ୍ୱାମୀ ପୁରୀର ବଡଦାଣ୍ଡ ଧୂଳିରେ ଉପବେଶନ କରି ଧୂଳି ଧୂସରିତ ରହୁଥିବାରୁ ଲୋକେ ତାଙ୍କୁ 'ଧୂଳି ଆ ଗୋସାଇଁ' ବୋଲି କହୁଥିଲେ । ଧୂଳିଆ ଗୋସାଇଁ ମୁକ୍ତି ମଣ୍ଡପ ପଣ୍ଡିତ ସଭାରେ ପଣ୍ଡିତମାନଙ୍କ ତାର୍କିକ ଭ୍ରମ ସଂଶୋଧନ କରି ବିଦ୍ୱାନ ସମାଜରେ ପ୍ରତିଭାଜନ ହେବା ଓ ନିର୍ଗୁଣ ବ୍ରହ୍ମତତ୍ତ୍ୱର ସାରବତ୍ତା ପ୍ରତିପାଦନ କରିବା ବିଷୟ, ମହିମାଧର୍ମର ଅନ୍ୟତମ ଭାଷ୍ୟକାର ବ୍ରହ୍ମାବଧୂତ ବିଶ୍ୱନାଥ ବାବା ମହୋଦୟ ସ୍ୱୀୟ ଗ୍ରନ୍ଥମାନଙ୍କରେ (୨) ଲିପିବଦ୍ଧ କରିଛନ୍ତି ଓ ଏହା ମହିମା ସମାଜ, ଗବେଷକ ଓ ଭକ୍ତମାନଙ୍କ ଦ୍ୱାରା ସତ୍ୟ ରୂପେ ଗୃହୀତ ହୋଇଛି । ଅନ୍ୟାନ୍ୟ ସନ୍ନ୍ୟାସୀ ଓ ଗବେଷକ ନିଜ ନିଜ ପୁସ୍ତକମାନଙ୍କରେ ଅନୁରୂପ ମତ ପୋଷଣ କରିଛନ୍ତି । ତଦନୁସାରେ ମହିମାସ୍ୱାମୀ ପୁରୀର "ଅର୍କକ୍ଷେତ୍ର" ଖଣ୍ଡଗିରି, ଧଉଳିଗିରି, ଭୁବନେଶ୍ୱର ଇତ୍ୟାଦି ସ୍ଥାନରେ ଅବସ୍ଥାନ କରି ପରିଶେଷରେ ଢେଙ୍କାନାଳ ଜିଲ୍ଲା ଅନ୍ତର୍ଗତ କପିଳାସ ପର୍ବତକୁ ଯାତ୍ରା କରିଛନ୍ତି । ସେଠାରେ ସେ ୧୮୩୮ ମସିହାରେ ଆତ୍ମଯୋଗ ସମାଧିରେ ନିମଗ୍ନ ହୋଇ ୧୮୬୨ ଖ୍ରୀ:ଅ:ରେ ଧର୍ମ ପ୍ରଚାରର ମାର୍ଗ ସ୍ଥିରକରି ଏବଂ 'ମହିମାଧର୍ମ' ପ୍ରଚାର କରି ୧୮୭୬ ଖ୍ରୀ:ଅ:ରେ ମହାଶୂନ୍ୟ ମଣ୍ଡଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି ।

"ମହିମାସ୍ୱାମୀ", "ମହିମାଧର୍ମ" ଓ "ମହିମା ଗାଦି"ର ସମ୍ୟକ ପରିଚୟ ଦେଇ ପ୍ରଖ୍ୟାତ ଭାଷାବିତ୍ ଓ ଅଧ୍ୟାପକ ସ୍ୱର୍ଗତ ଗୋଲକ ବିହାରୀ ଧଳ ଲେଖିଛନ୍ତି–

"କପିଳାସ ପର୍ବତ, ମହିମା ଗାଦି, ମହିମା ସନ୍ନ୍ୟାସୀ, ଏମାନେ ମୋର ପିଲାଦିନରୁ ପରିଚିତ ।××××ଏହି ଧର୍ମର ପ୍ରବର୍ତ୍ତକ ହେଉଛନ୍ତି ବିଶ୍ୱଗୁରୁ ପ୍ରବୁଦ୍ଧ ମହିମା ଗୋସାଇଁ । ସେ ସ୍ୱୟଂ ଈଶ୍ୱର ପୁରୁଷ । ମହାଶୂନ୍ୟରୁ ଅଯୋନିଜ ଭାବେ ପ୍ରବୁଦ୍ଧ ନାରାୟଣ ସ୍ୱରୂପରେ ଅବତୀର୍ଣ୍ଣ ହୋଇଥିଲେ । ତାଙ୍କର ଐଶୀ ଶକ୍ତି, ଅଲୌକିକ ଭାବ, କର୍ମ କର୍ମ ସବୁ ସାମାନ୍ୟ ମାନବମାନଙ୍କ ପକ୍ଷେ ଅତି ଦୁର୍ଜ୍ଞେୟ । ସେ ତାନ୍ତ୍ରିକ ଭାବେ ପୃଥିବୀ ଭ୍ରମଣ କରି ଉଚ୍ଚପ୍ରଦେଶରବନପର୍ବତମାନଙ୍କରେ ରହି, ଜଳ, ପବନ ଆହାର ପୂର୍ବକ ଆତ୍ମଯୋଗ ସମାଧିରେ କିଛିକାଳ ଅତିବାହିତ କରିଥିଲେ । ପରିଶେଷରେ ଢେଙ୍କାନାଳ ରାଜ୍ୟସ୍ଥ କପିଳାସ ଗିରିକୁ ବିଜେ କରି ଚବିଶ ଦିବାରାତ୍ରିମାନ ପୂର୍ବକ ସେଠାରେ ଫଳାହାର ଓ ଗୋ-ଦୁଗ୍ଧାହାର କରି ଚବିଶ ବର୍ଷ ଆତ୍ମଯୋଗ ସମାଧିରେ ଅତିବାହିତ କଲେ । ତଦନ୍ତରେ ସିଦ୍ଧ, ସାଧୁ ଭକ୍ତମାନଙ୍କୁ ପରିଚୟ ଦେଇ ସତ୍ୟ ସନାତନ ମହିମାଧର୍ମ ପ୍ରଚାର କରିଛନ୍ତି । ଶେଷକୁ ଢେଙ୍କାନାଳସ୍ଥ ଯୋରନ୍ଦା ଗ୍ରାମ ଅଲେଖ ଟୁଙ୍ଗୀରେ ଇହଲୀଳା ସମ୍ବରଣ କରି ଅନ୍ତର୍ଦ୍ଧାନ ହୋଇଥିଲେ । ବର୍ତ୍ତମାନ ସେହି ସ୍ଥାନ, ଧର୍ମୀମାନଙ୍କର ଗୁରୁପୀଠ ଓ ପୃଥିବୀର ଏକ ଧର୍ମ କ୍ଷେତ୍ର ରୂପେ ବିଖ୍ୟାତ । (୩)

ମହାମାନ୍ୟ ବିଶ୍ୱନାଥ ବାବା, ଶ୍ରୀଯୁକ୍ତ ନୀଳମଣି ସେନାପତି ଓ ମହିମାଧର୍ମର ଅନ୍ୟାନ୍ୟ ଗବେଷକଙ୍କ ମତ ସ୍ୱର୍ଗତ ଧଳଙ୍କ ମତାନୁରୂପ । ଏହି ପ୍ରତିଷ୍ଠିତ ମତ ଖଣ୍ଡନ କରିବା ପାଇଁ ଚେଷ୍ଟା କରିଥିବା ଗବେଷକ ଶ୍ରୀଯୁକ୍ତ ଭାଗୀରଥି ନେପାକ ମଧ୍ୟ ଅନୁରୂପ ମତ ବ୍ୟକ୍ତ କରି, "ମହିମା ଗୋସାଇଁ" ଶୀର୍ଷକ ପୁସ୍ତିକାରେ ଉଦ୍ଧରଣ କରିଛନ୍ତି (୪) ।

ପ୍ରବନ୍ଧରେ ଶ୍ରୀଯୁକ୍ତ ନେପାକ ଲେଖିଛନ୍ତି ଯେ, "ମହିମା ଗୋସାଇଁ" ପୂର୍ବରୁ ଜଣେ ବୈଷ୍ଣବ ଥିଲେ ଓ ତାଙ୍କର ନାମ ମୁକୁନ୍ଦ ଦାସ ଥିଲା ।" ଏ ଉକ୍ତିକୁ ସେ ସରକାରୀ ନଥି ବଳରେ ପ୍ରମାଣ କରିବାକୁ ଚେଷ୍ଟା କରିଛନ୍ତି । କିନ୍ତୁ ପ୍ରବନ୍ଧର ଶେଷ ପର୍ଯ୍ୟାୟରେ ଉପରୋକ୍ତ ପ୍ରତିଷ୍ଠିତ ସତ୍ୟକୁ ଗ୍ରହଣ କରି ସ୍ୱୀୟ ଦ୍ୱିଧାଗ୍ରସ୍ତ ମନର ପରିଚୟ ଦେଇଛନ୍ତି ମାତ୍ର ।

ତାଙ୍କର ପ୍ରବନ୍ଧରେ ଶ୍ରୀଯୁକ୍ତ ନେପାକ ନିମ୍ନଲିଖିତ ସ୍ଥାନରୁ "ମୁକୁନ୍ଦ ଦାସ", "ମହିମାସ୍ୱାମୀ"ଙ୍କ ପୂର୍ବ ନାମ ବୋଲି ସନ୍ଧାନ ପାଇଛନ୍ତି ।

(୧) ମୟୂରଭଞ୍ଜ ଜନଗଣନା ରିପୋର୍ଟ (୧୯୩୧)
(୨) ରାମକୃଷ୍ଣ ମିଶନ ପ୍ରକାଶିତ—"କଲଚରାଲ ହେରିଟେଜ୍ ଅଫ୍ ଇଣ୍ଡିଆ" ।
(୩) ବାଙ୍କୀ ତହସିଲଦାରଙ୍କ ଚିଠି ନଂ ୧୩୧, ତା ୬-୮-୧୮୮୧ ।
(୪) ଢେଙ୍କାନାଳ ଷ୍ଟେଟ୍‌ର ମାଜିଷ୍ଟ୍ରେଟ୍‌ଙ୍କ ଚିଠି ନଂ ୪୦୨, ତା୪-୧୧-୧୮୮୧ ।

ଶ୍ରୀଯୁକ୍ତ ନୀଳମଣି ସେନାପତି ପ୍ରଥମ ଦୁଇ ମତକୁ ଖଣ୍ଡନ କରିଛନ୍ତି । "ମହିମାଧର୍ମ" ଶୀର୍ଷକ ଇଂରାଜୀ ପ୍ରବନ୍ଧର ପାଦଟୀକାରେ (୫) ସେ ଲେଖିଛନ୍ତି, "ମହଜାଦ ରିୟାଜୁଦ୍ଦିନଙ୍କ ଦ୍ୱାରା ପ୍ରସ୍ତୁତ, ମୟୂରଭଞ୍ଜ ଜନଗଣନା (୧୯୩୧) ପୃ ୧୨୦ ଅନୁସାରେ ମହିମାଧର୍ମର ପ୍ରତିଷ୍ଠାତା ହେଉଛନ୍ତି, ମୁକୁନ୍ଦ ଦାସ । ରାମକୃଷ୍ଣ ମିଶନ୍ ଦ୍ୱାରା ପ୍ରକାଶିତ କଲଚରାଲ ହେରିଟେଜ୍ ଅଫ୍ ଇଣ୍ଡିଆ ଚତୁର୍ଥ ଭାଗ ପୃ ୩୮୮ ଅନୁସାରେ କୁମ୍ଭୀପଟିଆ ପନ୍ଥାର ସଂସ୍ଥାପକ ହେଉଛନ୍ତି, 'ମୁକୁନ୍ଦ ଦେବ' ଏବଂ କୁମ୍ଭୀପଟିଆ ପନ୍ଥା ମହିମା ପନ୍ଥାଠାରୁ ଭିନ୍ନ । ଏଗୁଡ଼ିକ ସମ୍ପୂର୍ଣ୍ଣ ରୂପେ ଭୁଲ ଧାରଣା । ବର୍ତ୍ତମାନ ମହିମାଧର୍ମର ପକ୍ଷ ପୁରୋଧା ଅବଧୂତ ବିଶ୍ୱନାଥ ବାବା ଦୃଢ଼ଭାବେ ମତବ୍ୟକ୍ତ କରିଛନ୍ତି ଯେ ମହିମା ଗୋସାଇଁଙ୍କ ନାମ ମୁକୁନ୍ଦ ଦାସ ନଥିଲା । ସେ ମହିମାସ୍ୱାମୀଙ୍କ ପ୍ରତିନିଧି ପରି ଥିଲେ ଓ ରାଜା ବା ସରକାରୀ ଅଫିସରଙ୍କୁ ଭେଟ କରୁଥିଲେ, ଯେଉଁମାନେ ତାଙ୍କୁ ବୋଧହୁଏ ମହିମାଧର୍ମର ପ୍ରବର୍ତ୍ତକ ରୂପେ ଗ୍ରହଣ କରି ନେଇଥିଲେ ।"

ଶ୍ରୀଯୁକ୍ତ ନେପାକ୍ ଏହି ମତ ଗ୍ରହଣ କରନ୍ତି ନାହିଁ । କାରଣ ଦର୍ଶାଇବାକୁ ଯାଇ ସେ ମହାଶୟ ନିମ୍ନ ଦୁଇଟି ପ୍ରସଙ୍ଗ ଉତ୍ଥାପନ କରିଛନ୍ତି:—

(୧) ମୁକୁନ୍ଦଦାସଙ୍କ ନାମ ସାଧୁସନ୍ଥ ତାଲିକାରେ ନାହିଁ ।
(୨) ବିଶ୍ୱନାଥ ବାବା, ମହିମା ଧର୍ମର ପ୍ରବର୍ତ୍ତକ ମହିମା ଗୋସାଇଁଙ୍କ ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସି ନାହାନ୍ତି । ତେଣୁ ତାଙ୍କର ଉକ୍ତି ଗ୍ରହଣ ବିଚାର ସାପେକ୍ଷ ।

କିନ୍ତୁ ଏଯାବତ୍ ପ୍ରକାଶିତ ସିଦ୍ଧ ସାଧୁମାନଙ୍କ ତାଲିକାରେ ବିଭିନ୍ନ ସ୍ଥାନରେ ମୁକୁନ୍ଦ ଦାସଙ୍କ ନାମ ଉଲ୍ଲେଖ ଅଛି । ସିଦ୍ଧ ସାଧୁଙ୍କ ତାଲିକା କେବଳ ସିଦ୍ଧ ସାଧୁହିଁ ପ୍ରଦାନ କରି ପାରନ୍ତି । ବିଶ୍ୱନାଥ ବାବାଙ୍କ ପ୍ରଣୀତ, "ସିଦ୍ଧସାଧୁ ଚରିତାମୃତ" (ପୃ ୩), କୌପୀନଧାରୀ ସାଧୁ ମହାଦେବବାବାଙ୍କ "ସତ୍ୟ ମହିମା ଧର୍ମର ସଂକ୍ଷିପ୍ତ ଇତିହାସ" (ପୃ ୪୪) ଏବଂ ପରବର୍ତ୍ତୀ କେତେକ ଗ୍ରନ୍ଥରେ ମୁକୁନ୍ଦଦାସ ବାବା, ମହିମା ସ୍ୱାମୀଙ୍କର ଆଦି ଚୌଷଠି ସିଦ୍ଧଙ୍କ ମଧ୍ୟରୁ ଜଣେ ବୋଲି ସ୍ପଷ୍ଟ ଭାବେ ଲିଖିତ ଅଛି । ବୋଧହୁଏ ଶ୍ରୀଯୁକ୍ତ ନେପାକ୍ ଏହି ଗ୍ରନ୍ଥଗୁଡ଼ିକ ପାଠକରିବାର ସୁଯୋଗ ଲାଭ କରି ନାହାନ୍ତି ।

ତେଣୁ ଏହା ନିଃସନ୍ଦେହରେ କୁହାଯାଇ ପାରେ ଯେ ମୁକୁନ୍ଦଦାସ ବାବାଙ୍କୁ ସରକାରୀ ଅଫିସରମାନେ ଭ୍ରମକ୍ରମେ ମହିମାଧର୍ମର ପ୍ରତିଷ୍ଠାତା ରୂପେ ଗ୍ରହଣ କରିଛନ୍ତି ଓ ପରବର୍ତ୍ତୀ କାଳରେ ସେହି ସରକାରୀ ଉକ୍ତି ଗ୍ରନ୍ଥମାନଙ୍କରେ ଓ ଜନଗଣନା ରିପୋର୍ଟରେ ଅନ୍ତର୍ଭୁକ୍ତ କରାଯାଇଛି । ଦ୍ୱିତୀୟତଃ ବିଶ୍ୱନାଥବାବା ମହୋଦୟ ମହିମା ସ୍ୱାମୀଙ୍କର ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସି ନାହାନ୍ତି, ଏକଥା ସତ୍ୟ, କିନ୍ତୁ ବାବା ମହୋଦୟ, ମହିମାସ୍ୱାମୀଙ୍କ ଚୌଷଠି ସାଧୁଙ୍କର ପ୍ରତ୍ୟକ୍ଷ ବାନା ଗ୍ରହଣ କରିଥିବା ଶିଷ୍ୟ । ସ୍ୱୀୟ ଗୁରୁ, ଉପଦେଷ୍ଟାମାନଙ୍କ ମୁଖରୁ ମହିମାସ୍ୱାମୀ ଓ ମହିମା ଧର୍ମ ନୀତି ନିୟମ ଗ୍ରହଣ କରି ବାବା ମହୋଦୟ ପ୍ରଚାର କରିଛନ୍ତି । ସ୍ୱୀୟ ବିଦ୍ୱତ୍ତା ପାଇଁ ସେ ମହୋଦୟ ପ୍ରଥମେ ପ୍ରାମାଣିକ ଗ୍ରନ୍ଥ ରଚନା କରିବାକୁ ଯୋଗ୍ୟ ବୋଲି ମହିମା ଧର୍ମ... ବୟୋଜ୍ୟେଷ୍ଠ ସିଦ୍ଧ ସାଧୁମାନଙ୍କ ଦ୍ୱାରା ମନୋନୀତ ହେ... ଅଧ୍ୟାପକ ଘନଶ୍ୟାମ ଦାଶ ଲେଖିଛନ୍ତି— "ସିଦ୍ଧ ଶରଣ ପନ୍ଥ... ଏହାଙ୍କ ଶାସ୍ତ୍ରଜ୍ଞାନ ଓ ପାଣ୍ଡିତ୍ୟର ଯଥେଷ୍ଟ ପରିଚୟ ପାଇ "ମ... ପ୍ରତିପାଦକ" ଗ୍ରନ୍ଥ ସଂକଳନ କରିବାକୁ ଉପଦେଶ ଦେବାରୁ ସେ... ପ୍ରଣୟନ କଲେ (୬) । ପୁନଶ୍ଚ ନିଜେ ବିଶ୍ୱନାଥ ବାବା ମହୋଦୟ... ରଚନା ସଂପର୍କରେ ଲେଖିଛନ୍ତି—

"....ପୂର୍ବ ସିଦ୍ଧ ଅବଧୂତ କୃପାସିନ୍ଧୁବାବା, ନନ୍ଦବାବା, ନାରା... ଅନାମବାବା, ଓ ଅପର୍ତ୍ତିଦାସବାବା ପ୍ରଭୃତି ସିଦ୍ଧବାବାଙ୍କ ମୁଖ... ବଚନରୁ ମହିମା ସ୍ୱାମୀଙ୍କ ପ୍ରସଙ୍ଗ ଯାହା ପାଇଲୁ ଓ ସେହି ପ୍ରଭୁଙ୍କ ... ସମସ୍ତ ଐଶୀ ଶକ୍ତିର ପ୍ରଭାବ ଅନ୍ୟଥା ଶ୍ରବଣ କରିଥିଲୁ ଏବଂ ଯେଣୁ ... ଯେପରି ସତ୍ୟ ମହିମାଧର୍ମର ପ୍ରଚାର ହୋଇଥିଲା, ତତ୍ ... ଅଖଣ୍ଡନୀୟ ପ୍ରମାଣ ପ୍ରାପ୍ତ ହୋଇ ଏହି ଇତିହାସ ଲିପିବଦ୍ଧ କରିବା ନି... ତତ୍ପର ହେଲୁ (୭) । ଜଣେ ଲୋକ ଅନ୍ୟ ଜଣକର ପ୍ର... ସଂସ୍ପର୍ଶରେ ନ ଆସିଲେ ଯେ ତାଙ୍କ ବିଷୟରେ କିଛି ଜାଣି ପାରିବ ... ଏପରି ଭାବିବାରେ ଯୌକ୍ତିକତା ନାହିଁ । ଆମେ ଯେତେ କଥା ... ତନ୍ମଧ୍ୟରୁ ଅଧିକାଂଶ ପରୋକ୍ଷଭାବେ ଜଣାଯାଇ ଥାଏ । ସେହିପରି ... ସାଧୁ ବିଶ୍ୱନାଥ ବାବା ମହିମାଧର୍ମ ସଂପର୍କୀୟ ସତ୍ୟ ... କରିପାରିଛନ୍ତି । ଅପୌରୁଷେୟ ବେଦମନ୍ତ୍ରଗୁଡ଼ିକୁ ପୂର୍ବ ମୁନିମାନଙ୍କଠା... ଶୁଣି ଏବଂ ଲିପିବଦ୍ଧ କରି ମହର୍ଷି ବ୍ୟାସ, ବେଦବ୍ୟାସ ହୋଇଛନ୍ତି । ... ସେହିପରି ବିଶ୍ୱନାଥ ବାବା ପ୍ରଥମ ସିଦ୍ଧବାବାମାନଙ୍କଠାରୁ ଧର୍ମତତ୍ତ୍ୱ ଶୁଣି ... ଲିପିବଦ୍ଧକରି ମହିମାସମାଜରେ ବେଦବ୍ୟାସଙ୍କ ସ୍ଥାନ ଗ୍ରହଣ କରିଛନ୍ତି ... ବେଦ ବାକ୍ୟପରି ବାବା ମହୋଦୟଙ୍କ ବାକ୍ୟ ଗ୍ରହଣୀୟ ।

ପୁନଶ୍ଚ ବାବା ମହୋଦୟ ବିଗତ ଶତାବ୍ଦୀର ଶେଷ ଭାଗରେ ଜନ୍ମ ଲାଭ କରି ଏଗାର ବର୍ଷ ବୟସରେ ସନ୍ନ୍ୟାସ ଗ୍ରହଣ କରିଛନ୍ତି । ପ୍ରଥମପନ୍ଥୀ ସିଦ୍ଧବାବାଙ୍କ ଭ୍ରମଣାଞ୍ଚଳର ମହିମାଧର୍ମନିଷ୍ଠ ଉଚ୍ଚ ଗୃହରେ ତାଙ୍କର ଜନ୍ମ । (୮) ପରମ୍ପରା ( Tradition ) ଓ ବ୍ୟକ୍ତିଗତ ପ୍ରତିଭା( Individual tarent ) ସମ୍ମିଶ୍ରଣରେ ତାଙ୍କର ଗ୍ରନ୍ଥ ରଚନା । ସେ ମହାଭାଗ ସର୍ବଜ୍ୟେଷ୍ଠ ସିଦ୍ଧ, ଯେ ମହିମାଧର୍ମ ସମ୍ପର୍କରେ ଠିକ୍ ଧାରଣା ଦେଇ ପାରନ୍ତି ।

ବାଙ୍କୀ ତହସିଲଦାରଙ୍କ (ନଂ ୧୩୧ ତା ୬/୮/୧୮୮୧ ରିଖ) ରୁ ଉଦ୍ଧାର କରି ଶ୍ରୀଯୁକ୍ତ ନେପାକ୍ ଲେଖିଛନ୍ତି ଯେ ୧୮୫୬ ମସିହା ପର୍ଯ୍ୟନ୍ତ ମୁକୁନ୍ଦ ଦାସ କପିଳାସରେ ଥିଲେ ଓ ହିନ୍ଦୁ ଦେବତା ପୂଜା କରୁଥିଲେ, କିନ୍ତୁ ପ୍ରତ୍ୟକ୍ଷ ଦେବଦର୍ଶନ ନପାଇ ଆରାଧ୍ୟ ଦେବ ଦେବୀଙ୍କ ପ୍ରତି ଅଶ୍ରଦ୍ଧା ପ୍ରକାଶ କରିବାରୁ ଲୋକମାନେ ତାଙ୍କପ୍ରତି ଟେକାପଥର ବୃଷ୍ଟି କଲେ । ତେଣୁ ସେ କୌପୀନ ଓ କଣ୍ଠମାଳା ପରିତ୍ୟାଗ କରି ବକ୍କଲ୍ ପରିଧାନ ପୂର୍ବକ ପୁରୀ ପଳାୟନ କଲେ । ପ୍ରବନ୍ଧର ମଧ୍ୟ ଭାଗରେ ନେପାକ୍ ମହୋଦୟ ମହିମାସ୍ୱାମୀଙ୍କ ବିଷୟରେ କହିବାକୁ ଯାଇ ଲେଖିଛନ୍ତି ଯେ "ସେ ମହାତ୍ମା ୧୮୬୨ ମସିହାରେ କପିଳାସ ଠାରେ ସିଦ୍ଧ ଲାଭ କରି ଜୀବନର ଅବଶିଷ୍ଟାଂଶ ଧର୍ମ ପ୍ରଚାରରେ କଟାଇଥିଲେ ।(୯) ମହିମାଧର୍ମ ଗ୍ରନ୍ଥମାନଙ୍କରେ ତଥ୍ୟକୁ ସ୍ୱୀକାର କରି ଶ୍ରୀଯୁକ୍ତ ନେପାକ୍ ଲେଖିଛନ୍ତି ଯେ ମହିମାଗୋସାଇଁ କପିଳାସରେ ୧୮୩୮ ରୁ ୧୮୬୨ ମସିହା ପର୍ଯ୍ୟନ୍ତ କଟାଇଥିଲେ । ତେଣୁ ତହସିଲଦାର ମହୋଦୟ ଯେଉଁ ମୁକୁନ୍ଦଦାସଙ୍କ ବିଷୟରେ ଲେଖିଛନ୍ତି ସେପରି ଅନ୍ୟ କେହି ଥାଇପାରନ୍ତି କିନ୍ତୁ ସେ ମହିମାଧର୍ମର ପ୍ରବକ୍ତା "ମହିମାଗୋସାଇଁ" ହେବାର ଯୌକ୍ତିକତା ନାହିଁ ।

ଢେଙ୍କାନାଳ ଷ୍ଟେଟ୍‌ର ତତ୍କାଳୀନ ମାଜିଷ୍ଟ୍ରେଟ ବାବୁ ଚନ୍ଦ୍ରମଣି ସିଂହ ବଙ୍ଗଳା ସରକାରଙ୍କ ସେକ୍ରେଟାରିଙ୍କୁ ଲେଖିଥିବା ଚିଠି (ନଂ ୪୦୨ ତା ୧/୧୧/୮୧ ରିଖ) ରୁ ଉଦ୍ଧାର କରି ଶ୍ରୀଯୁକ୍ତ ନେପାକ୍ ଲେଖିଛନ୍ତି—

"ମହିମାଧର୍ମର ପ୍ରତିଷ୍ଠାତା ପ୍ରାୟ ତିରିଶ ବର୍ଷ ପୂର୍ବେ ଢେଙ୍କାନାଳକୁ ଆସିଥିଲେ । ସେତେବେଳେ ସେ ଜଣେ ହିନ୍ଦୁ ବୈଷ୍ଣବ ଥିଲେ । ସେ କପିଳାସ ପର୍ବତରେ ଥିବା ମହାଦେବଙ୍କ ନିକଟରେ ପ୍ରାୟ ବାରବର୍ଷ କାଳ ଅତିବାହିତ କରିଥିଲେ । ସେ ଫଳାହାରୀ ଗୋସାଇଁ ନାମରେ ପରିଚିତ ଥିଲେ ।" * * * *

ଏହି ଫଳାହାରୀ ଗୋସାଇଁ ପରବର୍ତ୍ତୀ କାଳରେ ମହିମା ଗୋସାଇଁ ନାମରେ ଖ୍ୟାତ ହେଲେ ।"

ଏହି ଚିଠି ସତ୍ୟ ସହିତ ସଂପର୍କ ରଖିଛି । ସାମାନ୍ୟ ପରିବର୍ତ୍ତନ କରି ଲକ୍ଷ କଲେ ଜଣାଯିବ, ମହିମାଧର୍ମ ଗ୍ରନ୍ଥଗୁଡ଼ିକରେ ଲିପିବଦ୍ଧ ଐତିହାସିକ ତଥ୍ୟ ଏହି ଚିଠିରେ ଲିପିବଦ୍ଧ ।

(୧) ଏ ଚିଠିରେ ମୁକୁନ୍ଦ ଦାସଙ୍କ ନାମ ଉଲ୍ଲେଖ ହୋଇ ନାହିଁ ।

(୨) ୧୮୮୧ ମସିହାର ପ୍ରାୟ ୩୦ ବର୍ଷ ପୂର୍ବରୁ ମହିମାଧର୍ମର ପ୍ରତିଷ୍ଠାତା କପିଳାସରେ ଥିବା ସମସ୍ତେ ବିଶ୍ୱାସ କରନ୍ତି । ୧୮୫୦ ମସିହା ପର୍ଯ୍ୟନ୍ତ ମହିମାସ୍ୱାମୀ ସଦାନନ୍ଦ ଶବରଠାରୁ ଫଳ ଗ୍ରହଣ କରୁଥିଲେ ଓ "ଫଳହାରୀ ଗୋସାଇଁ" ନାମରେ ସେହି ଶବର ନିକଟରେ ପରିଚିତ ଥିଲେ । ତା ପୂର୍ବରୁ ସ୍ୱାମୀ କେବଳ କ୍ଷୀରାହାର କରୁଥିଲେ ।

(୩) ସେହିବର୍ଷ ଢେଙ୍କାନାଳର ରାଜା ଭାଗୀରଥି ଭ୍ରମରବର ବାହାଦୁର ମହିମାସ୍ୱାମୀଙ୍କ ସଂସ୍ପର୍ଶରେ ଆସିଲେ ଓ ମହିମାସ୍ୱାମୀଙ୍କ ବିଷୟରେ ଜନସାଧାରଣ ଜାଣିବାକୁ ପାଇଲେ । ତେଣୁ ମାଜିଷ୍ଟ୍ରେଟ୍ ମହୋଦୟ ପୂର୍ବ ବାରବର୍ଷ ବିଷୟରେ କିଛି ଲେଖି ନାହାନ୍ତି ।

(୪) ୧୮୫୦ ରୁ ୧୨ ବର୍ଷ ପର୍ଯ୍ୟନ୍ତ ସେ କପିଳାସରେ ଥିଲେ, ଅର୍ଥାତ୍ ପୂର୍ବରୁ ଗୃହୀତ ସତ୍ୟ ୧୮୬୨ ରେ ମହିମାସ୍ୱାମୀ ଧର୍ମ ପ୍ରଚାର ପାଇଁ ଜନ ସମାଜରେ ପ୍ରବେଶ କଲେ ।

(୫) ପୂର୍ବରୁ କୌପୀନ ଧାରଣ କରୁଥିବାରୁ ଓ କପିଳାସରେ ଅଧିଷ୍ଠିତ ମହାଦେବଙ୍କ ମନ୍ଦିର ନିକଟରେ ରହୁଥିବାରୁ ଭୁଲ୍‌କ୍ରମେ ତାଙ୍କୁ ହିନ୍ଦୁ ବୈଷ୍ଣବ ବୋଲି ଧରିନିଆଯାଇ ଥାଇପାରେ । ଜଣେ ବୈଷ୍ଣବ ଶିବ ପୂଜା କରିବା କଥା କହିବାର ଯୌକ୍ତିକତାର ଅଭାବ ଦର୍ଶାଏ ।

୧୮୮୧ ମସିହାରେ ଲିଖିତ ଏହି ସରକାରୀ ଚିଠି ଦୁଇଟିରେ ମଧ୍ୟ ସାମଞ୍ଜସ୍ୟ ରହୁ ନାହିଁ । ଅନ୍ୟ ପକ୍ଷରେ ଏହି ଚିଠି ଦୁଇଟି ପରସ୍ପର ବିରୁଦ୍ଧାଚରଣ କରନ୍ତି । ବାଙ୍କୀ ତହସିଲଦାରଙ୍କ ବର୍ଣ୍ଣିତ ମୁକୁନ୍ଦ ଦାସଙ୍କ ପୁରୀ ପଳାୟନ ପ୍ରସଙ୍ଗ ଢେଙ୍କାନାଳ ମାଜିଷ୍ଟ୍ରେଟ୍‌ଙ୍କ ଚିଠିରେ ନାହିଁ । ତେଣୁ ହୁଏ, ଜନଶ୍ରୁତିକୁ ଆଧାର କରି ଅନ୍ୟ କୌଣସି ପ୍ରସଙ୍ଗକୁ ବାଙ୍କୀ ତହସିଲଦାର ମହୋଦୟ, ମହିମାଧର୍ମ ସହିତ ଯୋଡ଼ି ଦେଇଛନ୍ତି । ଏକ ସମୟରେ ଲିଖିତ ଦୁଇଟି ପରସ୍ପର ବିରୋଧୀ ଚିଠିକୁ ବେଦବାକ୍ୟ ପରି ଗ୍ରହଣ କରି ଦେଢଶ ବର୍ଷର ଗୃହୀତ ସତ୍ୟକୁ ପ୍ରତ୍ୟାଖ୍ୟାନ କରିହେବ ନାହିଁ । ଏଥିରୁ ସ୍ପଷ୍ଟ ଅନୁମିତ ହୁଏଯେ ମୁକୁନ୍ଦ ଦାସ ମହିମାସ୍ୱାମୀଙ୍କର ଅନ୍ୟନାମ ନୁହେଁ ବା ମୁକୁନ୍ଦଦାସ ମହିମାଧର୍ମର ପ୍ରତିଷ୍ଠାତା ନୁହନ୍ତି । ଏହି ଭ୍ରମାତ୍ମକ ତଥ୍ୟ ସରକାରୀ ନଥିରେ ରହିଯାଇଥିବାରୁ ପରବର୍ତ୍ତୀକାଳରେ ଜନଗଣନା ଅଧିକାରୀ ମହମ୍ମଦ ଲିଆକୁଦ୍ଦିନ ଓ କଲଚରାଲ୍ ହେରିଟେଜ୍ ଅଫ୍ ଇଣ୍ଡିଆର ସଂକଳକ ମୁକୁନ୍ଦଦାସ ବା ମୁକୁନ୍ଦଦେବଙ୍କୁ ମହିମାଧର୍ମର ପ୍ରତିଷ୍ଠାତା ରୂପେ ଗ୍ରହଣ କରିଛନ୍ତି ବା ଅନୁମାନ କରାଯାଏ ।

ଏହି ଚିଠି ଦୁଇଟି ସଂପର୍କରେ ସମ୍ୟକ ଧାରଣା ଦେଇ ଜର୍ମାନ ଗବେଷିକା ଡକ୍ଟର ଏସ୍‌ମ୍ୟାନ ତାଙ୍କର ପ୍ରବନ୍ଧ **"Spread, Organisation and Cult of Mahima Dharma**(୧୦) ରେ ଉଲ୍ଲେଖ କରିଛନ୍ତି ଯେ ପୁରାଣରେ ଉପୁଜିଥିବା ଅପ୍ରାକୃତିକର ଘଟଣାର ଅନୁସନ୍ଧାନପାଇଁ ଓଡ଼ିଶା ଡିଭିଜନର କମିଶନର, ବାଙ୍କୀ, ଅନୁଗୁଳ, ସମ୍ବଲପୁର ଓ ଢେଙ୍କାନାଳରୁ ତଥ୍ୟ ସଂଗ୍ରହ କରିଥିଲେ । ଉପରିଲିଖିତ ଚିଠିଦ୍ୱୟ ସେଇଥିପାଇଁ ପ୍ରସ୍ତୁତ । ଏହି ଚିଠିମାନଙ୍କର ସାରାଂଶ ଏ ମହାଶୟା **Proceedings of the Asiatic Society, 1882** ରୁ ଜାଣିଛନ୍ତି । ଏଥିରୁ କିଛି ଭ୍ରାନ୍ତିକାରୀ ତଥ୍ୟର ସନ୍ଧାନ ପାଇଥିଲେ ସେ ନିଶ୍ଚିତଭାବେ ତାଙ୍କର ଗବେଷଣା ମୂଳକ ପ୍ରବନ୍ଧରେ ଦର୍ଶାଇଥାନ୍ତେ । କିନ୍ତୁ ସେପରି ଲେଖା ସେ ପ୍ରସ୍ତୁତ କରିନାହାନ୍ତି । ଏଥିରୁ ଏକଥା ନିଶ୍ଚିତ ଯେ ସିଦ୍ଧସାଧୁ ମୁକୁନ୍ଦଦାସ ବାବାଙ୍କୁ ଭୁଲ୍ ବଶତଃ ମହିମାସ୍ୱାମୀ ବୋଲି ଗ୍ରହଣ କରାଯାଇଛି ।

"ଓଡ଼ିଶାରେ ସାଧୁସଙ୍ଘ", ଗ୍ରନ୍ଥର ଦ୍ୱିତୀୟ ପ୍ରବନ୍ଧର ପୃ ୨୦୭ଠାରୁ ପୃ ୨୧୨ଠା ମଧ୍ୟରେ ଶ୍ରୀପତନୁ ଦେବତୀର୍ଥଙ୍କ "ମହିମାସ୍ୱାମୀ" ପ୍ରବନ୍ଧ କେତେକ ତଥ୍ୟ ପରିବେଷଣ କରେ ଯାହା କୌଣସି ମହିମାଧର୍ମ ଗ୍ରନ୍ଥ ବା ଅନ୍ୟ କୁତ୍ରାପି ଦେଖାଯାଏ ନାହିଁ । ଅବଶ୍ୟ, ସେ ମହାଶୟ ପ୍ରବନ୍ଧ ଆରମ୍ଭରେ (ଦ୍ୱିତୀୟ ଅନୁଚ୍ଛେଦ) ଲେଖୁଛନ୍ତି, "ନିର୍ଭୁଲ ଐତିହାସିକ ତଥ୍ୟ ଉପଲବ୍ଧି ହେଉନଥିଲେ ହେଁ ଶ୍ରୀମଦ୍ ମହିମା ସ୍ୱାମୀ ୧୭୩୨ ଖ୍ରୀ:ଅ: ରେ ଜନ୍ମଗ୍ରହଣ କରିଥିବା କଥା କେତେକ କିମ୍ବଦନ୍ତୀ ଓ ସାହିତ୍ୟିକ ଲେଖା ଭିତ୍ତିକରି ଅନୁମାନ ପ୍ରମାଣ ବଳରେ କୁହାଯାଇ ପାରେ ।" ଏଥିରୁ ସ୍ପଷ୍ଟ ଅନୁମିତ ହୁଏ କେଉଁଠାରୁ କିଛି ଶୁଣି ଶ୍ରୀଦେବତୀର୍ଥ କେତେକ କଳ୍ପନା ପ୍ରସୂତ କଥା ଉଲ୍ଲେଖ କରିଛନ୍ତି ଏବଂ ତାହା ମହିମା ସମାଜର ବିଶ୍ୱାସର ପରିପନ୍ଥୀ । ଅନେକ ଗବେଷଣା ହେବାପରେ, **ସ୍ପଷ୍ଟ** ପ୍ରମାଣ ଓ ଭୀମଭୋଇ ଆଦି ଭକ୍ତ କବିଙ୍କ ରଚନାରୁ ପ୍ରମାଣ ଗ୍ରହଣ ପରେ କେବଳ କିମ୍ବଦନ୍ତୀକୁ ପାଥେୟ କରି କେବଳ ପ୍ରବନ୍ଧ ରଚନା ପାଇଁ ପ୍ରବନ୍ଧ ରଚନା କରାଯାଇ ପାରେ ।

ସାମାନ୍ୟ ସାମଞ୍ଜସ୍ୟ ଲକ୍ଷ୍ୟକରି ଗୋଟିଏ ବସ୍ତୁର ତଥ୍ୟ ଯଥାର୍ଥ ଭାବେ ପ୍ରମାଣ କରାଯାଇ ନପାରେ । କିନ୍ତୁ **କୁତୂହଳୀ** ମଣିଷକୁ ଆମୋଦିତ କରିବା ପାଇଁ ଅନେକେ କପୋଳ କଳ୍ପିତ ତଥ୍ୟମାନ ପ୍ରକାଶ କରନ୍ତି ଏମିତି ସୁଯୋଗ ପାଇ । ପୁନଶ୍ଚ କୌଣସି ତଥ୍ୟ ସ୍ପଷ୍ଟଭାବେ ଜନସମାଜଙ୍କୁ ଜ୍ଞାତ **ନଥିଲେ** ଏହିପରି କଳ୍ପନା ବେଳେ ବେଳେ ସତ୍ୟବୋଲି ଗୃହୀତ ହୋଇ ଅନେକ ସମସ୍ୟା ସୃଷ୍ଟିକରେ ।

ମହିମାଧର୍ମ ଉପରେ ବୌଦ୍ଧିକ ଆଲୋଚନା ଖୁବ୍ ଅଳ୍ପକାଳ ହେଲା ହୋଇଛି । ଏହିଧର୍ମ ଉପରେ ଲିଖିତ ଗ୍ରନ୍ଥ ବା ପତ୍ର ପତ୍ରିକାର **ବହୁଳ** ପ୍ରସାର ହୋଇ ପାରି ନାହିଁ । ତେଣୁ ଜଣେ ମହିମା ସିଦ୍ଧସାଧୁଙ୍କୁ ଦେଖିଲେ ତାଙ୍କର ବେଶକୁ **ଲକ୍ଷ୍ୟକରି** ଭିନ୍ନ ଭିନ୍ନ ଲୋକ ଭିନ୍ନ ଭିନ୍ନ ମତ ପ୍ରକାଶ କରନ୍ତି । ମହିମାଧର୍ମର ନିଷ୍କାମ ତତ୍ତ୍ୱକୁ ଗଭୀର ଅନୁଧ୍ୟାନ ନକରି କେହି କେହି ଏହାକୁ **ବୌଦ୍ଧଧର୍ମର ଶାଖା ବୋଲି** ମତ ଦିଅନ୍ତି । କିନ୍ତୁ ଗଭୀର ଗବେଷଣା ବଳରେ ଏପ୍ରକାର **ଅଜ୍ଞତା** ଦୂର ହେବାକୁ ଲାଗିଲାଣି ।

ଶ୍ରୀଯୁକ୍ତ ଚକ୍ରଧର ସାମଲ ଅନୁସନ୍ଧିତ୍ସୁ ଭ୍ରମ କବଳିତ ହୋଇ ମହିମାଧର୍ମ ଉପରେ ଏକ ସାମାନ୍ୟ ସାଦୃଶ୍ୟ ଆଧାରିତ ପ୍ରବନ୍ଧ ରଚନା କରିଛନ୍ତି । ଦୈନିକ ଧରିତ୍ରୀର ସାହିତ୍ୟ ପୃଷ୍ଠାରେ ସେ ମହିମାସ୍ୱାମୀଙ୍କୁ ଅରକ୍ଷିତଦାସଙ୍କ ସହ ସମାନ କରିବାକୁ ଚେଷ୍ଟା କରିଛନ୍ତି । ତାଙ୍କର ଯୁକ୍ତି ପ୍ରତିଷ୍ଠା କରିବାକୁ ଯାଇ ଅରକ୍ଷିତ ଦାସଙ୍କ "ମହୀମଣ୍ଡଳଗୀତା" ରୁ ସେ ନିମ୍ନ **ପଙ୍କ୍ତି** ଉଦ୍ଧାର କରିଛନ୍ତି—

"ଭେଡ଼ାଖୋଲର ଘୋର ବଣେ । ଅନ୍ଧ ଯୁବାକୁ ଯେ ବଖାଣେ
ମୁଁ ବୁଲି ମୁଁ ଯେ ଅଲେଖ । ମୋ ନାହିଁ ରୂପ ବୃନ୍ଦରୂପ ।"

ସାଧୁ ସନ୍ଥମାନେ ନିଜକୁ ଅଧିକ ପ୍ରଭାବଶାଳୀ ସାଧୁସନ୍ଥଙ୍କ ସହ ତୁଳନା କରିବା ପରମ୍ପରା ଆମ ସାହିତ୍ୟରେ ଅଛି । କବିମାନେ ମଧ୍ୟ ନିଜକୁ ତାଙ୍କଠାରୁ ବଡ ବଡ କବିଙ୍କ ସହ ତୁଳନା କରିବାର ଉଦାହରଣର ଅଭାବ ନାହିଁ । ବିପ୍ରପିତାମ୍ବର ଦାସ "ନୃସିଂହ ପୁରାଣ" ରେ ଲେଖିଛନ୍ତି ଯେ, ସେ **ବାଲ୍ମୀକି** ବ୍ୟାସଙ୍କ ଅବତାର । ସାଧୁ ଗୋଲଖ ଦାସ ନିଜକୁ ଯଶୋବନ୍ତ, ଅନନ୍ତଙ୍କ ପରି ପଞ୍ଚସଖା ବୋଲି ଦାବୀ କରିଛନ୍ତି—

ମୁଁ ଅଚ୍ୟୁତ, ଅନନ୍ତ, ମୁଁ ଜଗନ୍ନାଥ,
ମୁଁ ଯଶୋବନ୍ତ ମୁଁ ସୁନ୍ଦର ଗୋସ୍ୱାମୀ ।" (୧୧)

ମୁଁ ଯଶୋବନ୍ତ ମୁଁ ସୁନ୍ଦର ଗୋସ୍ୱାମୀ ବୋଲି ବର୍ଣ୍ଣନା କରିଛନ୍ତି । ସେହିପରି ଅରକ୍ଷିତ ଦାସ ନିଜକୁ ଅଲେଖ ବୋଲି **ବର୍ଣ୍ଣନା** କରିଛନ୍ତି । ସେହିପରି ଅରକ୍ଷିତ ଦାସ ନିଜକୁ ଅଲେଖ ସହ ଓଳଗି **ଭୂମିର** ନାଡ଼ିକିୟମର କିନ୍ତୁ ମହିମାଧର୍ମର ଗାଦି ନାହିଁ ସହ ଓଳଗି ଭୂମିର ନାଡ଼ିକିୟମର


ସାମଞ୍ଜସ୍ୟ ନାହିଁ ବା ମହିମାଧର୍ମ ଶାସ୍ତ୍ରମାନଙ୍କରେ ଅରକ୍ଷିତ ଦାସଙ୍କ ବିଷୟ ଉଲ୍ଲେଖ ନାହିଁ । ଏଣୁ ଶ୍ରୀ ସାମଲଙ୍କ ଉକ୍ତି ଗ୍ରହଣ କରିବାର ଅବକାଶ ନାହିଁ ।

ମହିମାସ୍ୱାମୀ ନିତ୍ୟ, ସତ୍ୟ, ଓ ନିର୍ଗୁଣ । ତାଙ୍କର ସ୍ୱରୂପ ମାନବ ଜ୍ଞାନ ପରିଧିର ବହୁ ଦୂରରେ । ସେ 'ସତ୍ୟ, ମହିମାଧର୍ମ' ର ପ୍ରବର୍ତ୍ତକ ଯେ ନିଜ ବିଭୂତି ବଳରେ ମହାଶୂନ୍ୟ ମଣ୍ଡଳରୁ ଅବତୀର୍ଣ୍ଣ ହୋଇ, ଜଗତ ଉଗତ ମଙ୍ଗଳ ପାଇଁ ଭାରତ ବର୍ଷର ଉତ୍କଳ ପ୍ରଦେଶରେ ଆତ୍ମ ପ୍ରକାଶ କରିଥିଲେ, ପୁରୀର ବଡଦାଣ୍ଡରେ ଧୂଳିଆ ଗୋସାଇଁ, କପିଳାସରେ ଫଳାହାରୀ ଗୋସାଇଁ ହିଁ ମହିମା ଗୋସାଇଁ, "ନାହିଁ ତାଙ୍କ ମାତ, ଆପେ ଆପଣେ ସଂଭୂତ ।" ସେ ପରମବ୍ରହ୍ମ ପୁରୁଷ, ଅର୍ଦ୍ଧ ଶତାବ୍ଦୀ କାଳ ଉତ୍କଳ ଭୂମିରେ ନିଷ୍କାମଧର୍ମର ବୈଜୟନ୍ତୀ ଉଡାଇ ପବିତ୍ର ଯୋରନ୍ଦାଧାମରେ ଶୂନ୍ୟମନ୍ଦିରରେ ମହାଶୂନ୍ୟ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି । ତାଙ୍କର ଲୀଳା କଳେବର ଅନ୍ତର୍ଦ୍ଧାନ ହୋଇ ଯେଉଁଠି ଚିର ଶୁଭ ସମାଧିସ୍ଥ ସେଇଠି ସ୍ଥାପିତ ହୋଇଛି ମହାନିତ୍ୟପୁର ମହିମା ଗାଦି । ସେଇଠାରୁ ଉଦ୍‌ଘୋଷିତ ହେଉଛି ନିଷ୍କାମଯୋଗର ମନ୍ତ୍ର । ସେଇଠି ମହିମା ସ୍ୱାମୀଙ୍କ ମହିମାର ବହ୍ନିଶିଖା ଅନିର୍ବାପିତ ରହି ଶତତ ପାର୍ଥିବ ମାନବଙ୍କୁ ଓ ଭକ୍ତଗଣଙ୍କୁ ବିଶ୍ୱାସୀ ହେବାର ଆହ୍ୱାନ ଦେଉଛି ।


(୧) 'ଓଡ଼ିଶାରେ ସାଧୁସନ୍ଥ' ଗ୍ରନ୍ଥ ପୃ. ୩୨୫, "ମହିମାଗୋସାଇଁ" ଶୀ... ପ୍ରବନ୍ଧରେ ଭାଗୀରଥୀ ନେପାକ୍ ଲେଖିଛନ୍ତି, "ମହିମାଙ୍କ" ... ହେଲାବୋଲି ।
(୨) 'ସତ୍ୟ ମହିମାଧର୍ମର ଇତିହାସ' —ବ୍ରହ୍ମଅବଧୂତ ବିଶ୍ୱନାଥବାବା—
(୩) "ସତ୍ୟମହିମାଧର୍ମ ଉପଦେଶାମୃତ" —ମୁଖବନ୍ଧ
(୪) ଓଡ଼ିଶାରେ ସାଧୁସନ୍ଥ,-ପ୍ରଥମଭାଗ ପୃ. ୩୨୧ —ମହିମାଗୋସାଇଁ ପ୍ରବ...
(୫) Gazetteer of India—Orissa—Dhenkanal.
(୬) ମହିମାଧର୍ମ ପ୍ରତିପାଦକ—ମୁଖବନ୍ଧ (ଢ, ଣ)
(୭) "ସତ୍ୟ ମହିମା ଧର୍ମର ଇତିହାସ" —ବିଶ୍ୱନାଥବାବା— ପୃ. ୧
(୮) ମହିମାଧର୍ମ ପ୍ରତିପାଦକ—ମୁଖବନ୍ଧ
(୯) ଓଡ଼ିଶାରେ ସାଧୁସନ୍ଥ ପ୍ରଥମଭାଗ—ପୃ. ୩୨୫
(୧୦) An Inter—Disciplinary Seminar on "Mahima Dharma and Darshana," 1972, D. A. V. College, Koraput p —7.



ସାହାସପୁର କଲେଜ,
ବାଲିଚନ୍ଦ୍ରପୁର, କଟକ ।

# ଗାନ୍ଧିଜୀ ଓ ଅହିଂସା

ଶ୍ରୀ କାର୍ତ୍ତିକେଶ୍ୱର ପାତ୍ର

ପୃଥିବୀରେ ବହୁ ମହାପୁରୁଷ ଜନ୍ମ ଗ୍ରହଣ କରିଛନ୍ତି । ମାତ୍ର, ଏ ଭାରତବର୍ଷ ପୃଥିବୀର ମହାତ୍ମାଙ୍କୁ ଜନ୍ମ ଦେଇଛି, ସେମାନଙ୍କ ମଧ୍ୟରୁ ଯେଉଁ କେତେଜଣ ମହାତ୍ମାଗାନ୍ଧୀ ଅନ୍ୟତମ । ସେଥିପାଇଁ ପୃଥିବୀବାସୀ ଭାରତବର୍ଷକୁ ଗାନ୍ଧୀଙ୍କ ଦେଶ ବୋଲି ଜାଣନ୍ତି । ପୃଥିବୀର ବିଶିଷ୍ଟ ଚିନ୍ତାଶୀଳ ବୈଜ୍ଞାନିକ ଆଇନଷ୍ଟାଇନ୍ କହିଛନ୍ତି–ଏ ପୃଥିବୀ ବକ୍ଷରେ ଭବିଷ୍ୟତରେ ଯେଉଁମାନେ ଜନ୍ମ ଗ୍ରହଣ କରିବେ ସେମାନେ କ୍ୱଚିତ୍ ବିଶ୍ୱାସ କରିବେ ରକ୍ତ ମାଂସର ଶରୀର ଧାରଣ କରି ମହାତ୍ମା ଗାନ୍ଧୀ ଏ ପୃଥିବୀ ବକ୍ଷରେ ଅବତୀର୍ଣ୍ଣ ହୋଇଥିଲେ । ରକ୍ତମାଂସଧାରୀ ମଣିଷର କାମ, କ୍ରୋଧ, ଲୋଭ, ମୋହ, ମାତ୍ସର୍ଯ୍ୟ ଥାଏ । ମାତ୍ର ମହାତ୍ମାଗାନ୍ଧୀ ଏ ସବୁରୁ ଥିଲେ ସଂପୂର୍ଣ୍ଣ ମୁକ୍ତ । ସେ ଥିଲେ ମଣିଷ ରୂପୀ ଦେବତା ।

କାହାର ଗାଲରେ କେହି କୌଣସି କାରଣରୁ ଚାପୁଡ଼ା ପକାଇଲେ ସେ ଅନ୍ୟ ଗୋଟିଏ ଗାଲ ପତାଇ ଦେବାକୁ ଶିକ୍ଷା ଦେଉଥିଲେ । ସତ୍ୟ, ଅହିଂସା ଓ ପ୍ରେମର ସେ ଥିଲେ ଏକ ଜ୍ୱଳନ୍ତ ପ୍ରତିମୂର୍ତ୍ତି । ତାଙ୍କର ଜୀବନର ବଡ଼ ସାଧନା ଥିଲା ସତ୍ୟ ଓ ଅହିଂସା । ଜୀବନରେ ଏପରି କଥା ନାହିଁ– ଯାହା ସେ ଗୋପନୀୟ ରଖିଥିଲେ । ସତ୍ୟାନୁସରଣ ଥିଲା ତାଙ୍କର ମାର୍ଗ । ପ୍ରଧାନ ଅସ୍ତ୍ର ଥିଲା ଅହିଂସା । ଅହିଂସା ପାଖରେ ପୃଥିବୀର କୌଣସି ହିଂସାଶକ୍ତି ମୁଣ୍ଡ ଟେକି ପାରି ନାହିଁ । ଏହା ହେଉଛି ଚିରନ୍ତନ ସତ୍ୟ ।

ଭାରତବର୍ଷ ଏହି ଅହିଂସାର ଦେଶ । ଏହି ଦେଶ ଆବହମାନ କାଳରୁ ଅହିଂସା ଅନୁସରଣ କରି ଆସିଛି । ବୁଦ୍ଧଦେବଙ୍କ ବୌଦ୍ଧଧର୍ମ ସମଗ୍ର ପୃଥିବୀକୁ ଆକୃଷ୍ଟ କରିଥିଲା । ଯେଉଁ ବୌଦ୍ଧଧର୍ମ ସମ୍ରାଟ ଅଶୋକଙ୍କ ଦ୍ୱାରା ପୃଥିବୀର ବହୁ ଅଞ୍ଚଳରେ ପ୍ରଭାବ ବିସ୍ତାର କରିଥିଲା ଆଉ ସେହି ଅହିଂସାକୁ ଅସ୍ତ୍ର କରି ଜାତିର ପିତା ମହାତ୍ମା ଗାନ୍ଧୀ ଏ ଦେଶକୁ ସ୍ୱାଧୀନତା ଆଣି ଦେଇଥିଲେ । ସମଗ୍ର ପୃଥିବୀରେ ଯେଉଁମାନେ, ତାଙ୍କ ରାଜତ୍ୱରେ ସୂର୍ଯ୍ୟ କେବେ ଅସ୍ତ ଯାଏ ନାହିଁ ବୋଲି ଗର୍ବ କରୁଥିଲେ ସେହି ପ୍ରବଳ ପରାକ୍ରମଶାଳୀ ଇଂରେଜ ସରକାରଙ୍କୁ ଏହି ଅହିଂସା ଆନ୍ଦୋଳନ ଫଳରେ ଏହି ଭାରତ ମାଟିରୁ ତଡ଼ି ଦେଇ ପାରିଥିଲେ । ଯାହା ବିଶ୍ୱକୁ କରିଛି ଚମତ୍କୃତ ।

ଅହିଂସା ମନ୍ତ୍ର ଥିଲା ସଂଜୀବନୀ । ଇଂରେଜମାନଙ୍କ ସହିତ ଲଢ଼େଇରେ ଅହିଂସାର ପଥରୁ ଟିକିଏ ଯେଉଁଠି ବିଚ୍ୟୁତ ହେବାର ମହାତ୍ମା ଗାନ୍ଧୀ ଦେଖିଛନ୍ତି– ସେହିଠାରେ ସେ ଲଢ଼େଇ ସ୍ଥଗିତ ରଖିଛନ୍ତି । ଏହି ଅହିଂସା ମନ୍ତ୍ରରେ ସେ ଦୀକ୍ଷିତ ହୋଇଛନ୍ତି ବାଲ୍ୟକାଳରୁ । ବିଶେଷ କରି ତାଙ୍କର ମାଆ ପୁତୁଲିବାଈଙ୍କର ପ୍ରଭାବ ତାଙ୍କ ଜୀବନକୁ ଯଥେଷ୍ଟ ପରିମାଣରେ ପ୍ରଭାବିତ କରିଥିଲା । ପୁତୁଲିବାଈ ଥିଲେ ଜଣେ ପତିବ୍ରତା, ଧର୍ମପରାୟଣା ନାରୀ । ସେ ମାସରେ ବହୁବାର ବ୍ରତ ଉପବାସ କରୁଥିଲେ । ଅପରର କଷ୍ଟ ଲାଘବ ପାଇଁ ନିଜେ ଉପବାସ ରହି କଷ୍ଟ ସ୍ୱୀକାର କରୁଥିଲେ । ଅନ୍ୟର ମନରେ ଦୁଃଖ କଷ୍ଟ ନ ଦେବା, ଅପରକୁ ଘୃଣା ବା ହିଂସା ନ କରିବା ଆଦି ମା'ଙ୍କର ଏହି ଗୁଣଗୁଡ଼ିକ ଉପରେ ଯଥେଷ୍ଟ ପ୍ରଭାବ ପକାଇଥିଲା । ଯାହା ତାଙ୍କ ଜୀବନୀରୁ ସୁସ୍ପଷ୍ଟ ।

ମାତ୍ର, ଗାନ୍ଧୀଜୀ ନିଜେ ଆତ୍ମଜୀବନୀରେ ଲେଖିଛନ୍ତି, ତାଙ୍କର ଅହିଂସା ଦେବୀଙ୍କ ସହିତ ପ୍ରଥମ ସାକ୍ଷାତ ହୋଇଥିଲା । ବିହାର ପ୍ରଦେଶର ଚମ୍ପାରଣରେ । ସେ ସେଠାରେ ନୀଳ ଚାଷୀମାନଙ୍କ ଆନ୍ଦୋଳନ ବେଳେ ସେମାନଙ୍କ ଅବସ୍ଥା ଅନୁଧ୍ୟାନ କରିବାକୁ ଯାଇ, ଯେତେବେଳେ ବ୍ରିଟିଶ୍ ସରକାରଙ୍କ ବିରକ୍ତରେ ପଡ଼ିଛନ୍ତି–ସେତେବେଳେ, ଅହିଂସା ଦେବୀଙ୍କ ସହିତ ତାଙ୍କର ପ୍ରଥମ ସାକ୍ଷାତ ହୁଏ । ସରକାରଙ୍କ ବାରଣ ସତ୍ତ୍ୱେ ସେ ସେଠାରେ ଆଇନ୍ ଅମାନ୍ୟ କରି ସେ ଅଞ୍ଚଳରେ ପ୍ରବେଶ କରିଥିବା ଯୋଗୁଁ ତାଙ୍କ ବିରୁଦ୍ଧରେ ମୋକଦ୍ଦମା ଆଗତ କରାଯାଇଥିଲା । ମାତ୍ର ଏ ମୋକଦ୍ଦମା ସରକାରଙ୍କ ବିରୁଦ୍ଧରେ ଗଲା । ଆଶ୍ଚର୍ଯ୍ୟର ବିଷୟ ।

ବିଚାର ଆରମ୍ଭ ହେଲା । ସରକାରୀ ଓକିଲ ଓ ଅନ୍ୟ କର୍ମଚାରୀମାନେ କ'ଣ କରିବେ ବୁଝି ପାରୁ ନ ଥାନ୍ତି । ମୋକଦ୍ଦମା ମୁଲତବୀ ରଖିବାକୁ ସରକାରୀ ଓକିଲ ବାଧ୍ୟ କରୁଛନ୍ତି । କିନ୍ତୁ ଗାନ୍ଧୀଜୀ ମୋକଦ୍ଦମା ଶୁଣାଣି ବନ୍ଦ ନ ରଖିବାକୁ ଅନୁରୋଧ କଲେ । କାରଣ ଚମ୍ପାରଣ ଛାଡ଼ିଯିବା ପାଇଁ କମିଶନରଙ୍କ ହୁକୁମ ଅମାନ୍ୟ କରିଥିବା ଦୋଷ ସେ ସ୍ୱୀକାର କରିବାକୁ ଚାହୁଁଥିଲେ । ଅଦାଲତରେ ସେ ତାଙ୍କ ନିଜ ବିବରଣୀ ପଢ଼ିଲେ ଅତି ନିର୍ବିକାର ଭାବରେ ।

ଫୌଜଦାରୀ ଦଣ୍ଡବିଧି ଆଇନର ୧୪୪ ଧାରା ଅନୁସାରେ ପ୍ରଦତ୍ତ ଆଦେଶକୁ ଅମାନ୍ୟ କରୁଥିବା ଭଳି ଦିଶୁଥିବା ଗୋଟିଏ ଅତି ଗୁରୁତର ପଦକ୍ଷେପ ମୁଁ କାହିଁକି ନେଲି ତାହାର ଗୋଟିଏ କ୍ଷୁଦ୍ର ବିବୃତି ମୁଁ ଅଦାଲତଙ୍କ ଅନୁମତି ନେଇ ଏଠାରେ ପ୍ରଦାନ କରିବାକୁ ଚାହେଁ । ମୋର ନମ୍ର ମତରେ ଏହା ଆଇନଗତ ଅମାନ୍ୟ ପ୍ରଶ୍ନ ନୁହେଁ । ବରଂ ଏହା ସ୍ଥାନୀୟ ସରକାର ଓ ମୋ ପକ୍ଷରେ ମତଭେଦର ଗୋଟିଏ ପ୍ରଶ୍ନ । ଜନସେବା ଓ ଦେଶସେବା କରିବା ଉଦ୍ଦେଶ୍ୟରେ ମୁଁ ଏ ପ୍ରଦେଶକୁ ଆସିଛି । ରାଇୟତଙ୍କ ପ୍ରତି ନୀଳକୋଠି ମାଲିକମାନେ ନ୍ୟାୟ ବ୍ୟବହାର କରୁନାହାନ୍ତି । ଏଣୁକରି ସେମାନଙ୍କୁ ସାହାଯ୍ୟ କରିବାପାଇଁ ନିମନ୍ତ୍ରଣ ପାଇଥିବାରୁ ମୁଁ ଆସିଛି । ସମଗ୍ର ବିଷୟଟି ମୁଁ ଉତ୍ତମ ରୂପେ ଅଧ୍ୟୟନ ନ କଲେ ସେମାନଙ୍କୁ କିପରି ସାହାଯ୍ୟ କରିପାରିବି ? ସେଥିପାଇଁ ଏ ପ୍ରଶ୍ନକୁ ମୁଁ ଅନୁଧ୍ୟାନ କରିବାକୁ ଆସିଛି ଏବଂ ସମ୍ଭବ ହେଲେ ସରକାର ଓ ନୀଳଚାଷୀମାନଙ୍କ ସାହାଯ୍ୟ ନେଇ ତାହା ଅଧ୍ୟୟନ କରିବାକୁ ଚାହେଁ । ମୋର ଅନ୍ୟ କୌଣସି ଉଦ୍ଦେଶ୍ୟ ନାହିଁ । ମୁଁ ବିଶ୍ୱାସ କରିପାରୁ ନାହିଁ ଯେ ମୋର ଏଠାକୁ ଆସିବା ଦ୍ୱାରା ଲୋକମାନଙ୍କ ଶାନ୍ତି ଭଙ୍ଗ ହେବ ଏବଂ ଖୁଣାଖୁଣି ଘଟିବ । ଏ

ଦିଗରେ ମୋର ଚରମ ଅଭିଜ୍ଞତା ଅଛି ବୋଲି ମୁଁ ଦାବୀ କରେ । କିନ୍ତୁ ଏ ଦିଗରେ ସରକାରଙ୍କ ବିଚାର ମୋ ବିଚାର ଠାରୁ ଭିନ୍ନ । ମୁଁ ତାଙ୍କର ଅସୁବିଧା ବୁଝି ପାରୁଛି ଏବଂ ମୁଁ ମାନୁଛି ଯେ, ସରକାର ଯାହା ସମ୍ବାଦ ପାଆନ୍ତି ତାହାରି ଉପରେ ତାଙ୍କୁ ବିଶ୍ୱାସ କରିବାକୁ ପଡେ । ମୋ ଉପରେ ଜାରି ହୋଇଥିବା ହୁକୁମ ଓ ଆଇନନୁସାରେ ବଶବର୍ତ୍ତୀ ଜଣେ ନାଗରିକ ହିସାବରେ ମାନିବାକୁ ମୋର ସ୍ୱାଭାବିକ ଇଚ୍ଛା ହେବା ଉଚିତ ଥିଲା ଏବଂ ହୋଇଥିଲା ମଧ୍ୟ ।

କିନ୍ତୁ ତାହା କରିଥିଲେ ଯେଉଁମାନଙ୍କ ପାଇଁ ମୁଁ ଆସିଛି ସେମାନଙ୍କ ପାଇଁ ନ ହେଲେ ମୋ କର୍ତ୍ତବ୍ୟର ଖିଲାପ କରିଥାନ୍ତି । ସେମାନଙ୍କ ଭିତରେ ରହିଲେ ଯାଇ ମୁଁ ଆସି ସେମାନଙ୍କର ସେବା କରିପାରିବି ବୋଲି ମୋତେ ଲାଗୁଛି । ସେଥିପାଇଁ ସ୍ୱଇଚ୍ଛାରେ ମୁଁ ଫେରିଯାଇ ପାରିଲି ନାହିଁ । ଏଥିପାଇଁ କର୍ତ୍ତବ୍ୟ ସଂପର୍କରେ ଚମ୍ପାରଣରୁ ମୋତେ ବାହାର କରିବା କାମଟା ସରକାରଙ୍କ ଉପରେ ନ ପକାଇ ମୁଁ ରହିପାରିଲି ନାହିଁ ।

ଭାରତରେ ସାଧାରଣ ଜୀବନରେ ମୋର ଯେଉଁ ପ୍ରତିଷ୍ଠା ଅଛି, ସେହି ପ୍ରତିଷ୍ଠା ଥିବା ଲୋକ କୌଣସି କାମ କରି ଆଦର୍ଶ ଦେଖାଇବାରେ ଯେ ଖୁବ୍ ସାବଧାନ ହେବା ଉଚିତ ସେ କଥା ମୁଁ ପୂରା ହୃଦୟଙ୍ଗମ କରିଛି । କିନ୍ତୁ ମୋର ଦୃଢ଼ ବିଶ୍ୱାସ ଯେ, ଯେଉଁଭଳି ଜଟିଳ ପରିସ୍ଥିତିରେ ମୁଁ ପଡ଼ିଛି, ସେ ଅବସ୍ଥାରେ ଆଇନ୍ ଅମାନ୍ୟର ଶାସ୍ତିକୁ ବିନା ପ୍ରତିବାଦରେ ମୁଣ୍ଡପାତି ବରଣ କରିନେବା ବ୍ୟତୀତ କୌଣସି ସମ୍ମାନଯୁକ୍ତ ବ୍ୟକ୍ତିପାଇଁ ଅନ୍ୟ କୌଣସି ନିରାପଦ ଓ ସମ୍ମାନସୂଚକ ପନ୍ଥା ନାହିଁ ।

ମୋତେ ଶାସ୍ତି ଦିଆଯିବ, ତାହାକୁ ଊଣା କରାଇବା ଉଦ୍ଦେଶ୍ୟରେ ମୁଁ ଏ ବିବୃତି ପେଶ୍ କରୁନାହିଁ । କିନ୍ତୁ, ଏହାଦ୍ୱାରା ମୁଁ ଜଣାଇ ଦେବାକୁ ଚାହେଁ ଯେ, ଆଇନଦ୍ୱାରା ପ୍ରତିଷ୍ଠିତ ବିଧିବଦ୍ଧ ସରକାରଙ୍କ ପ୍ରତି ଅପମାନ ଉଦ୍ଦେଶ୍ୟରେ ମୁଁ ଏ ହୁକୁମ ଅମାନ୍ୟ କରିନାହିଁ ବରଂ ଆଉ ବହୁତ ବଡ ଆଇନକୁ, ଅର୍ଥାତ୍ ଅନ୍ତରାତ୍ମାର ଆହ୍ୱାନକୁ ମୋ ହୃଦୟ ମାନୁଛି, ତାକୁ ହିଁ ଅନୁସରଣ କରିବା ମୋର ଉଦ୍ଦେଶ୍ୟ ଅଟେ ଆଶ୍ଚର୍ଯ୍ୟ ତାଙ୍କର ଆତ୍ମ ବିଶ୍ୱାସ ।

ଏଇଠି ହେଲା ସତ୍ୟ ଓ ଅହିଂସାର ଜୟ । ମୋକଦ୍ଦମା ଉଠାଇ ନିଆଗଲା । ଭାରତରେ ଅହିଂସା ଆନ୍ଦୋଳନ ଆରମ୍ଭ ହେଲା । ଗାନ୍ଧୀଜୀଙ୍କ ଆନ୍ଦୋଳନ ସଂପୂର୍ଣ୍ଣ ଭାବରେ ଅହିଂସା ଉପରେ ପର୍ଯ୍ୟବସିତ । ଭାରତବର୍ଷକୁ ମୁକ୍ତିର ପନ୍ଥା ଦେଖାଇବା ପାଇଁ ତାଙ୍କର ଆହ୍ୱାନରେ ସତ୍ୟାଗ୍ରହ ଓ ଅସହଯୋଗ ଆନ୍ଦୋଳନ ପରିଚାଳିତ ହେଲା । ଥରେ ଯେତେବେଳେ କେତେକ ସାଧାରଣ ଲୋକ ପୋଲିସ୍‌ର ଅନ୍ୟାୟର ବିରୁଦ୍ଧାଚରଣ କରି ଚୌରୀ ଚୌରା ଥାନା ଘର ପୋଡ଼ିଦେଲେ, ଏ ଖବର ତାଙ୍କ ପାଖରେ ପହଞ୍ଚିଲା ମାତ୍ରେ ସେ ସଙ୍ଗେ ସଙ୍ଗେ ସତ୍ୟାଗ୍ରହ ଆନ୍ଦୋଳନ ଉଠାଇ ନେଲେ । ସେ ଅନୁଭବ କଲେ ଭାରତରେ ଜନସାଧାରଣ ପ୍ରକୃତ ପକ୍ଷରେ ଅହିଂସା ଅସ୍ତ୍ର ଧାରଣ କରିବା ପାଇଁ ସକ୍ଷମ ହୋଇ ନାହାଁନ୍ତି । ଅପରକୁ ଠିକ୍ ପଥରେ ନେବାପାଇଁ ଏହା ତାଙ୍କର ଅଭୂତପୂର୍ବ କୌଶଳ ।

ଗାନ୍ଧୀଜୀ ଯେତେବେଳେ ଇଂଲଣ୍ଡରୁ ଭାରତକୁ ଜଳ ଜାହାଜରେ ଫେରୁଥି- ଏତିକି ବେଳେ ତାଙ୍କ ଜାହାଜ ଇଟାଲିରେ ଲାଗିଲା । ଏଥରେ ଇ- ଇଟାଲିର ଫାସିଷ୍ଟ ନେତା ଓ ଏକଛତ୍ରାଧିପତି ଶାସକ ମୁସୋଲି- ଗାନ୍ଧୀଜୀଙ୍କୁ ସାଦର ଆମନ୍ତ୍ରଣ ଜଣାଇଲେ । ସାକ୍ଷାତରେ ମୁସୋଲି- ଗାନ୍ଧୀଜୀଙ୍କୁ ତାଙ୍କ ଶାସନ ବିଷୟରେ ମତାମତ କଅଣ ବୋଲି ପ୍ରଶ୍ନ କରେ- ସେ ସଙ୍ଗେ ସଙ୍ଗେ ଜବାବ୍ ଦେଇଥିଲେ; ହିଂସାରେ ଯାହାର ଉତ୍ପତ୍ତି- ତାହାର ଶେଷ ମଧ୍ୟ ସେହି ହିଂସାରେ । ଯାହାର ନାଁ ଶୁଣିଲେ ମାନ- ସମାଜର ହୃତକମ୍ପ ଜାତ ହୁଏ– ସେହି ଅତ୍ୟାଚାରୀ– ଏକଛତ୍ରାଧିପତି ମୁସୋଲିନୀ ସମ୍ମୁଖରେ ଏପରି ଜବାବ ଦେବା ଏକମାତ୍ର ଅହିଂସା ପୂଜାରୀ ବ୍ୟତୀତ ଅନ୍ୟ କାହାରି ପକ୍ଷରେ ସମ୍ଭବ ନୁହେଁ ।

ଦକ୍ଷିଣ ଆଫ୍ରିକାର ବର୍ଣ୍ଣବୈଷମ୍ୟ ବିରୁଦ୍ଧରେ ଅହିଂସା ଆନ୍ଦୋଳନ, ଭାରତରେ ବିଦେଶୀ ବର୍ଜନ, ସ୍ୱଦେଶୀ ପ୍ରଚଳନ ଓ ଭାରତ ଛ- ଆନ୍ଦୋଳନରେ ଅହିଂସା ଥିଲା ଏକମାତ୍ର ମାଧ୍ୟମ । ଅତ୍ୟାଚାରୀ ସରକାରର ବର୍ବରୋଚିତ ଆକ୍ରମଣ ଓ ନିର୍ମମ ହତ୍ୟାକାଣ୍ଡ ବେଳେ ମଧ୍ୟ ଅହିଂସାର ପନ୍ଥା ଅବଲମ୍ବନ କରି ନୀରବରେ ମୁଣ୍ଡପାତି ସବୁ ଅତ୍ୟାଚାର ସହ୍ୟ କରିନେବା ମାନବ ସମାଜ ହୃଦୟରେ ଏକ ଗଭୀର ଆନ୍ଦୋଳ- ସୃଷ୍ଟି କରିଥିଲା । ଏକ ପକ୍ଷରେ ୨ୟ ବିଶ୍ୱଯୁଦ୍ଧରେ ମୁମୂର୍ଷମାନଙ୍କର ସେବା କରିବାରେ ସହଯୋଗ କରିବା ଓ ଅପର ପକ୍ଷରେ ଦାଣ୍ଡିଯାତ୍ରା କରି ଲୁଣ ମାରିବା ବେଳେ ସରକାରଙ୍କ ଅତ୍ୟାଚାରର ମୁଣ୍ଡପାତି ମାନି ନେଇ ମାନବିକ ଚେତନା ଜାଗ୍ରତ କରିବା ମହାତ୍ମା ଗାନ୍ଧୀଙ୍କର ସ୍ୱାଧୀନତା ସଂଗ୍ରାମର ଥିଲା ଅନ୍ୟତମ କୌଶଳ ।

ପୃଥିବୀରେ ପ୍ରବଳ ପରାକ୍ରମ ଇଂରେଜ ଶକ୍ତି ଯାହାକୁ ସବୁଠାରୁ ଯେ- କରୁଥିଲେ —ସେ ହେଉଛନ୍ତି– ଅହିଂସାର ପ୍ରତୀକ ମହାତ୍ମା ଗାନ୍ଧୀ । ସେଥିପାଇଁ ପୂର୍ବତନ ପ୍ରଧାନମନ୍ତ୍ରୀ ମହାତ୍ମା ଗାନ୍ଧୀଙ୍କୁ ଲକ୍ଷ୍ୟକରି କହିଥିଲେ- ଯେତେବେଳେ ଲଙ୍ଗଳା ଫକୀର ହସିଦିଏ — ସେତେବେଳେ ପୃଥିବୀ ପ୍ରକମ୍ପିତ ହୁଏ ।' ଇଂରେଜ ଶାସକମାନଙ୍କୁ ମହାତ୍ମାଗାନ୍ଧୀଙ୍କ ସହିତ ସିଧା ସଳଖ ଭାବରେ ନ ବସି କଥାବାର୍ତ୍ତା କରିବାକୁ ନିର୍ଦ୍ଦେଶ ଦିଆଯାଉଥିଲା । ସମସ୍ତ ମଣିଷ ହୃଦୟରେ ବାପୁ ଏଭଳି ଆସନ ଦଖଲ କରିଥିଲେ ଯେ, ବାପୁଙ୍କ କଷ୍ଟ ହେଲେ ମଣିଷ ସମାଜ ଅତିଷ୍ଠ ହୋଇ ଉଠୁଥିଲେ । ବାପୁଥିଲେ ସମସ୍ତଙ୍କ ଆପଣାର ଅତି ଆପଣାର ।

କିନ୍ତୁ ହିଂସାକୁ ହୃଦୟର ସହିତ ଘୃଣା କରୁଥିବା ଯୋଗୁଁ ଗାନ୍ଧୀଙ୍କ ସହିତ ଉଗ୍ରଜାତୀୟତାବାଦୀ ନେତାମାନଙ୍କର ମତାନ୍ତର ହୋଇଥିଲା । ଯାହାଫଳରେ ସେମାନେ ହିଂସାରେ ବିଶ୍ୱାସ କରୁଥିବା ଯୋଗୁଁ ତାଙ୍କଠାରୁ ଦୂରେଇ ଗଲେ । ଶେଷରେ ତାଙ୍କୁ ସେହିମାନଙ୍କର ଶରବ୍ୟ ହେବାକୁ ପଡ଼ିଲା ଓ ସେହିମାନଙ୍କ ହାତରେ ଜୀବନ ଦେବାକୁ ପଡ଼ିଲା । କାଳେ ସରକାର ଓ ଜନସାଧାରଣ ତାଙ୍କ ମୃତ୍ୟୁ ପରେ ହିଂସାର ବଶବର୍ତ୍ତୀ ହୋଇ ହତ୍ୟାକାରୀ ଉପରେ ଆକ୍ରମଣ କରିବେ ଓ ଦଣ୍ଡ ବିଧାନ କରିବେ- ସେଥିପାଇଁ ସେ ସେମାନଙ୍କୁ କ୍ଷମା ଦେବା ପାଇଁ ତାଙ୍କର ଅନ୍ତିମ ବାଣୀ ଶୁଣାଇ ଯାଇଥିଲେ ।

'ହାୟ ରାମ — ଏମାନଙ୍କୁ କ୍ଷମା ଦିଅ' ।

ମୃତ୍ୟୁକୁ ଯେ କ୍ଷମା ଦେଇପାରେ ସେ ଏ ଜାତିର ହିମାଳୟ । ଅଟଳ-ଅଚଳ-ମହାନ୍-ଅହିଂସାର ପ୍ରତୀକ ଏ ଜାତିର ପିତା ମହାତ୍ମାଗାନ୍ଧୀ ।

ଚେୟାରମ୍ୟାନ୍
ଏଗ୍ରୋଇଣ୍ଡଷ୍ଟ୍ରିଜ୍ କର୍ପୋରେସନ୍
ଭୁବନେଶ୍ୱର ।

# ସିଂହବାହିନୀ ଦୁର୍ଗା

ଡକ୍ଟର ପୂର୍ଣ୍ଣଚନ୍ଦ୍ର ମିଶ୍ର

ଧର୍ମଭୂମି ଭାରତବର୍ଷରେ ବହୁ ଦେବଦେବୀଙ୍କର ପୂଜା ଉପାସନା ପରିଲକ୍ଷିତ ହୁଏ । ଦେବଦେବୀମାନେ ନାନା ରୂପରେ କେଉଁ ମନ୍ଦିର ମଧ୍ୟରେ ତ କେଉଁ ନଦୀ ତଟରେ, କେଉଁ ବୃକ୍ଷ ମୂଳରେ ତ କେଉଁ ଶ୍ମଶାନ ନିକଟରେ ଏବେ ମଧ୍ୟ ପୂଜା ପାଉଛନ୍ତି । ସ୍ଥାନ ଅନୁସାରେ ଏମାନଙ୍କର ନାମ ମଧ୍ୟ ବିଭିନ୍ନ ପ୍ରକାରର ହୋଇଯାଇଛି । କିନ୍ତୁ ପ୍ରତ୍ୟେକ ଦେବଦେବୀ ଗୋଟିଏ ଗୋଟିଏ ଶକ୍ତି, ଭାବ ଓ ତତ୍ତ୍ୱର ବିଗ୍ରହ ରୂପେ ପୂଜିତ । ଏପରିକି ଅନେକ ଦେବଦେବୀଙ୍କ ସହିତ ସେମାନଙ୍କର ବାହନ ମଧ୍ୟ ସ୍ଥାନ ପାଇଛନ୍ତି । ଏହି ବାହନମାନଙ୍କ ମଧ୍ୟରେ ଶିବଙ୍କର ବୃଷଭ, ବିଷ୍ଣୁଙ୍କର ଗରୁଡ଼, କାର୍ତ୍ତିକଙ୍କର ମୟୂର, ଗଣେଶଙ୍କର ମୂଷା, ଯମଙ୍କର ମଇଁଷି, ଅଗ୍ନିଙ୍କର ଛାଗ, ବିଶ୍ୱକର୍ମାଙ୍କର ହସ୍ତୀ, ଇନ୍ଦ୍ରଙ୍କର ଐରାବତ, ସୂର୍ଯ୍ୟଙ୍କର ଅଶ୍ୱ, ସରସ୍ୱତୀଙ୍କର ହଂସ, ଲକ୍ଷ୍ମୀଙ୍କର ପେଚା, ଦୁର୍ଗାଙ୍କର ସିଂହ, ଗଙ୍ଗାଙ୍କର ମକର, ଷଷ୍ଠୀ ଦେବୀଙ୍କର ମାର୍ଜାର ଓ ଶୀତଳାଙ୍କର ଗଧ ଆଦି ଅନ୍ୟତମ ।

ଏହି ସମସ୍ତ ବାହନ ପରିକଳ୍ପନା ମୂଳରେ ଲୋକାଶ୍ରିତ ଓ ତତ୍ତ୍ୱାଶ୍ରିତର ସ୍ପଷ୍ଟ ମୁଦ୍ରାଙ୍କ ପରିଲକ୍ଷିତ ହୁଏ । ଏହି ବାହନ ପରିକଳ୍ପନା ବୈଦିକ ଯୁଗରୁ କ୍ରମଶଃ ଉଦ୍ଭବ ହୋଇ କାଳକ୍ରମେ ବିକାଶ ଲାଭ କରିଛି । ଦେବତାଙ୍କର ଉଦ୍ଦେଶ୍ୟମୟ ସୂତ୍ର ତତ୍ତ୍ୱରଅନ୍ୟତମ ପରିବାହକ ରୂପେ ଏହି ବାହନଗୁଡ଼ିକ ବିଦ୍ୟମାନ । ସ୍ୱାମୀ ନିର୍ମଳାନନ୍ଦଙ୍କ ମତରେ ଦେବତାଙ୍କର ବାହନଗୁଡ଼ିକ ପଶୁ ପ୍ରକୃତିର ଓ ତନ୍ମଧ୍ୟରେ ଦେବତାଙ୍କର ତତ୍ତ୍ୱ ସଙ୍କେତ ଲୁକ୍କାୟିତ ଭାବରେ ରହିଛି । ଯଦି ଏହି ବାହନ ତତ୍ତ୍ୱଟିକୁ ପରିଷ୍କାର ଭାବରେ ଆଲୋଚନା କରାଯାଏ ତନ୍ମଧ୍ୟରେ କିଭଳି ଭାବରେ ଦେବତତ୍ତ୍ୱଟି ରହିଛି ତାହା ବୁଝିହେବ । କାରଣ ଦେବତାଙ୍କର ମୂର୍ତ୍ତିଟି ଯେଉଁଭଳି ଏକ ପ୍ରତୀକ ତାଙ୍କ ବାହନ ମଧ୍ୟ ଠିକ୍ ସେହିଭଳି ଏକ ପ୍ରତୀକ ।

ମହିଷାସୁରମର୍ଦ୍ଦିନୀ ଦେବୀ ଦୁର୍ଗାଙ୍କର ବାହନ ରୂପେ ସିଂହକୁ ଗ୍ରହଣ କରାଯାଇଛି । ବିଭିନ୍ନ ପୁରାଣରୁ ଜଣାଯାଏ ଯେ ମହିଷାସୁରର ଉତ୍ପୀଡ଼ନ ଦ୍ୱାରା ଯେତେବେଳେ ଦେବକୁଳ ଅତିଷ୍ଠ ହୋଇ ପଡ଼ିଲେ ସେତେବେଳେ ଦେବୀ ଦୁର୍ଗା ଆବିର୍ଭୂତା ହୋଇ ମହିଷାସୁରକୁ ନିଧନ କରି ଧର୍ମ ପ୍ରତିଷ୍ଠା କରିଥିଲେ । ଏହି ଦେବୀ ସମସ୍ତ ଦେବତାଙ୍କର ଶକ୍ତିକୁ ନେଇ ପ୍ରକାଶିତ ହୋଇଥିଲେ ।

ଦେବତାଙ୍କର ଦୁର୍ଗତି ସମୟରେ ଆବିର୍ଭୂତା ହୋଇଥିବାରୁ ବ୍ରହ୍ମା ଏହାଙ୍କ ନାମ 'ଦୁର୍ଗା' ରଖିଥିଲେ । କିନ୍ତୁ ଶବ୍ଦକଳ୍ପଦ୍ରୁମରେ ଦୁର୍ଗା ଶବ୍ଦକୁ ବ୍ୟାଖ୍ୟା କରି ଉଲ୍ଲେଖ କରାଯାଇଛି 'ଦ' ଶବ୍ଦଟି ଦୈତ୍ୟନାଶକ, 'ଉ' କାରବିଘ୍ନ ନାଶକ, 'ରେଫ୍' ରୋଗ ନାଶକ, 'ଗ' ଶବ୍ଦ ପାପ ନାଶକ, 'ଆ'କାର ଭୟ ଶତ୍ରୁ ନାଶକ । ତେଣୁ ଦୈତ୍ୟ, ବିଘ୍ନ, ରୋଗ, ପାପ, ଭୟ ଓ ଶତ୍ରୁ ଆଦିରୁ ଯେ ରକ୍ଷା କରେ ସେ 'ଦୁର୍ଗା' । ଅନ୍ୟ କେତେକଙ୍କ ମତରେ 'ଦୁର୍ଗ' ଶବ୍ଦଟି ଦୈତ୍ୟବାଚକ ଓ 'ଆ'କାର ନାଶକ ବାଚକ । ତେଣୁ ଯିଏ 'ଦୁର୍ଗ' ନାମକ ଅସୁରକୁ ନାଶ କରିଥିଲେ ସେ ଦୁର୍ଗା । ଅନ୍ୟ କେତେକଙ୍କ ମତରେ ଯେ ବିପତ୍ତିରୁ ରକ୍ଷା କରେ ସେ ଦୁର୍ଗା ।

ଏହିଭଳି ରକ୍ଷାକାରିଣୀ ଦେବୀ ଦୁର୍ଗାଙ୍କ ବାହନ ରୂପେ ସିଂହକୁ ସ୍ୱୟଂ ପିତା ବ୍ରହ୍ମା ଅର୍ପଣ କରିଥିବା କଥା 'ଶିବ ପୁରାଣ'ରେ ଉଲ୍ଲେଖ ଅଛି:–

> "ବ୍ରହ୍ମଣାପି ସ୍ୱତୁଷ୍ଟେନ ତସ୍ୟୈ ପରମ ଶକ୍ତୟେ
> ପ୍ରଦତ୍ତଃ କେଶରୀ ଦତ୍ତୋ ବାହନତ୍ୱ ସମାଗତଃ ।"
>
> (ଶିବ ପୁରାଣ, ବାୟବୀୟ ସଂହିତା ୨୧/୧୦)

କିନ୍ତୁ 'କାଳିକା ପୁରାଣ' ମତରେ ଭଗବାନ ହରି ସ୍ୱୟଂ ସିଂହ ରୂପେ ଦେବୀଙ୍କୁ ବହନ କରିଥିଲେ । ତେଣୁ 'ହରି' ଶବ୍ଦର ଅର୍ଥ ସିଂହ ଓ ଭଗବାନ ମଧ୍ୟ । ମୋଟ ଉପରେ ପରମ ଶକ୍ତିଶାଳୀ ପଶୁରାଜ ସିଂହକୁ ଦେବୀ ଦୁର୍ଗାଙ୍କ ବାହନ ରୂପେ କଳ୍ପନା କରାଯାଇଛି । ଏହି କଳ୍ପନାର ଅନ୍ତରାଳରେ କେତେଗୁଡ଼ିଏ କାରଣ ଥିବା ଅନୁମେୟ ।

ପ୍ରଥମେ ସିଂହ ଓ ଦୁର୍ଗାଙ୍କର କଳ୍ପନା ମଧ୍ୟରେ ଦୁଇଟି ସମତା ରହିଛି । ସିଂହ ହେଉଛି ପଶୁରାଜ ଯେ କି ସମଗ୍ର ପଶୁ ଜଗତ ମଧ୍ୟରେ ରାଜଲକ୍ଷଣଯୁକ୍ତ ଓ ଶକ୍ତିଶାଳୀ ମଧ୍ୟ । ଦୁର୍ଗା ହେଉଛନ୍ତି ବିଶ୍ୱ ରାଜ୍ୟର ସାମ୍ରାଜ୍ଞୀ ଅର୍ଥାତ୍ ଦେବତାମାନଙ୍କ ରକ୍ଷାକାରିଣୀ । ତେଣୁ ଏ ଦୁହିଁଙ୍କର ଧର୍ମଦ୍ରୋହୀ ମହିଷା ଭଳି ରାକ୍ଷସର ନିଧନ ପାଇଁ ଏକାନ୍ତ ଅପରିହାର୍ଯ୍ୟ ।

ଦ୍ୱିତୀୟରେ ସିଂହ ଓ ମହିଷ (ମଇଁଷି) ପରସ୍ପର ଶତ୍ରୁ । ତେଣୁ ମହିଷ ରୂପକ ଅସୁରକୁ ମାରିବା ନିମନ୍ତେ ଦେବୀ ଦୁର୍ଗାଙ୍କର ବାହନ ରୂପେ ସିଂହକୁ ଗ୍ରହଣ କରାଯାଇଛି ।

ତୃତୀୟତଃ ଦେବୀ ଦୁର୍ଗା ଯେଉଁଭଳି ବିଭିନ୍ନ ଦେବ ଶକ୍ତିର ସମାହାର ତଥା ବିଭିନ୍ନ ଅସ୍ତ୍ରଯୁକ୍ତା ସେହିଭଳି ସିଂହ ମଧ୍ୟ ବିଭିନ୍ନ ଦେବ ଶକ୍ତିଯୁକ୍ତ । 'ଦେବୀ ପୁରାଣ'ରେ ଅଛି ସିଂହର ଗ୍ରୀବାରେ ବିଷ୍ଣୁ, ଶିରରେ ମହାଦେବ, ଲଲାଟରେ ପାର୍ବତୀ, ବକ୍ଷସ୍ଥଳରେ ଦୁର୍ଗା, ନଖଗ୍ରନ୍ଥି ସମୂହରେ କାର୍ତ୍ତିକ, ପାର୍ଶ୍ୱରେ ନାରାୟଣ, କର୍ଣ୍ଣଦ୍ୱୟରେ ଅଶ୍ୱିନୀ କୁମାର ଦ୍ୱୟ, ନୟନ ଦ୍ୱୟରେ ଚନ୍ଦ୍ର ସୂର୍ଯ୍ୟ, ଦନ୍ତ ସମୂହରେ ବସୁକୁଳ, ରସନାରେ ବରୁଣ ଆଦି ଦେବତାମାନେ ବିଦ୍ୟମାନ ।

ଚତୁର୍ଥରେ ବ୍ୟକ୍ତିଗତ କଲ୍ୟାଣ ନିମନ୍ତେ ସିଂହ ବାହନର ତାତ୍ପର୍ଯ୍ୟ ମଧ୍ୟ ରହିଛି । ବ୍ୟକ୍ତିଗତ ସାଧନା ଦିଗରୁ ଦେଖିଲେ ସିଂହ ପ୍ରବଳ ପରାକ୍ରମୀ ତଥା ପଶୁରାଜ ହେଲେ ମଧ୍ୟ ଦେବୀ ଦୁର୍ଗାଙ୍କ ପଦ ତଳେ ନିତ୍ୟ ଶରଣାଗତ ଅର୍ଥାତ୍ ଯେତେ ପରାକ୍ରମଶାଳୀ ବା ଶକ୍ତିଶାଳୀ ଜୀବ ହେଲେ ମଧ୍ୟ ସେ ସର୍ବଦା ଶକ୍ତିର ଶରଣାଗତ ହେବା ଉଚିତ ।

ପଞ୍ଚମତଃ ଶବ ମାତ୍ରକେ 'ପଶୁ' ପଦବାଚ୍ୟ ... [illegible] ... । ତେଣୁ ଏହି ନିମିତ୍ତ ପଶୁତ୍ୱ ବିନାଶ ଓ ଦେବତ୍ୱର ... [illegible] ...

ମାତୃଶକ୍ତିର ଐକାନ୍ତିକ ଶରଣାଗତି ଏକାନ୍ତ ଅପରିହାର୍ଯ୍ୟ । ସିଂହ ପଶୁମାନଙ୍କ ମଧ୍ୟରେ ପ୍ରବଳ ପରାକ୍ରମଶାଳୀ ହେଲେ ମଧ୍ୟ ସେ ମାତୃଶକ୍ତିର ଚରଣାରବିନ୍ଦରେ ଶରଣାଗତି ନେବା ସଙ୍ଗେ ସଙ୍ଗେ ଦେବୀଙ୍କର ବାହନ ରୂପେ ପରିଚିତ ହୋଇ ଦେବତ୍ୱର ଉଜ୍ଜୀବନ ଘଟାଇ ପାରିଛି ।

ଷଷ୍ଠତଃ ସିଂହ ହେଉଛି ରଜୋଗୁଣର ପ୍ରତୀକ ଓ ଦେବୀଙ୍କର ବାହନ । ଲୋକହିତ ନିମନ୍ତେ ଦେବୀ ଯୁଗେ ଯୁଗେ ଏ ଧରାଧାମରେ ଅବତରଣ କରନ୍ତି । ତେଣୁ ଦେବୀ ହେଉଛନ୍ତି ସମଷ୍ଟି ଶକ୍ତିରୂପିଣୀ ଓ ସମଷ୍ଟିର କଲ୍ୟାଣମୟୀ । ଶ୍ରୀଶ୍ରୀ ସପ୍ତଶତୀ ଚଣ୍ଡିରେ ଦେବୀଙ୍କୁ ଶକ୍ତି, ପ୍ରୀତି, ବିଦ୍ୟା, ଶାନ୍ତି ଓ ମାତୃରୂପା ବୋଲି ବର୍ଣ୍ଣନା କରାଯାଇଛି । ଦେବୀ ଯେତେବେଳେ ତମୋଗୁଣର ଅଧିକାରୀ ହୁଅନ୍ତି ସେତେବେଳେ ସଂସାରରେ ଘୋର ଆସୁରିକତା ଓ ପାଶବିକତାର ଉଦ୍‌ଭବ ହୁଏ । କିନ୍ତୁ ଦେବୀ ସତ୍ତ୍ୱଗୁଣର ଅଧିଶ୍ୱରୀ ହେଲେ ଲୋକ ସ୍ଥିତିର ସହାୟକ ହୁଅନ୍ତି । ଦେବୀ ଦୁର୍ଗା ସର୍ବସତ୍ତ୍ୱମୟୀ ହୋଇଥିବାରୁ ରଜଗୁଣ ସମ୍ପନ୍ନ ସିଂହକୁ ନିଜର ନିୟନ୍ତ୍ରଣାଧୀନ ଭାବରେ ରଖି ତମୋଗୁଣର ଅଧିକାରୀ ଆସୁରିକତା ଓ ପାଶବିକତାର ପ୍ରତୀକ ମହିଷାସୁରକୁ ମାରିବା ନିମନ୍ତେ ପ୍ରୟୋଗ କରିଛନ୍ତି ।

ସପ୍ତମତଃ ଦେବୀ ଦୁର୍ଗା ଦଶପ୍ରହରଣ ଧାରିଣୀ, ଜଟାଜୁଟା ସମାଯୁକ୍ତା ଓ ମହିଷା ମର୍ଦ୍ଦିନୀ ରୂପେ ସ୍ୱୀକୃତ । ଏହି ଦୃଷ୍ଟିଭଙ୍ଗୀରେ ଦେଖିଲେ ସିଂହ ନିଜର ଦନ୍ତ ଓ ନଖାଦିକୁ ନିଜର ଆୟୁଧ ରୂପେ ପ୍ରୟୋଗ କରେ ଯାହାକି ଦେବୀଙ୍କର ଦଶପ୍ରହରଣ ଧାରଣ ସହିତ ସମାନ । ଦ୍ୱିତୀୟତଃ ସିଂହ ଜଟାଜୁଟ ସମାଯୁକ୍ତ ହେତୁ କେଶରୀ ଭାବରେ ବିଦିତ । ତୃତୀୟତଃ ପ୍ରାଣୀତତ୍ତ୍ୱବିତ୍‌ମାନେ ସିଂହର ଯୋଗ୍ୟତମ ଯୋଦ୍ଧା ରୂପେ ମହିଷକୁ ଗ୍ରହଣ କରନ୍ତି । ଏପରିକି ସିଂହର ପ୍ରବଳ ପରାକ୍ରମ ତଥା ପ୍ରଚଣ୍ଡ ଚପେଟା (ଚାପଡା) ଘାତ ଦ୍ୱାରା ବଡ ବଡ ମହିଷଙ୍କର ମସ୍ତକ ମଧ୍ୟ ଚୂର୍ଣ୍ଣ ହୋଇପାରେ । ତେଣୁ ଉଭୟ ଦୁର୍ଗା ଓ ସିଂହଙ୍କର ଏତାଦୃଶ ସାଦୃଶ୍ୟ ତଥା କର୍ମ ଲାଗି ଦୁର୍ଗାଙ୍କର ବାହନ ରୂପେ ସିଂହକୁ ବିବେଚନା କରାଯାଇଛି ।

ମୋଟ ଉପରେ ଭାରତୀୟ ଧର୍ମ ଧାରଣା ମଧ୍ୟରେ ପ୍ରତ୍ୟେକ ଦେବଦେବୀଙ୍କର ଯେଉଁସବୁ ବାହାନର ପରିକଳ୍ପନା କରାଯାଇଛି ତା'ର ଅନ୍ତରାଳରେ ପ୍ରଚ୍ଛନ୍ନ ଭାବରେ କୌଣସି ନା କୌଣସି ଭାବରେ ତଥ ତାତ୍ତ୍ୱିକ ବ୍ୟାଖ୍ୟା ରହିଛି ତାହା ଅନସ୍ୱୀକାର୍ଯ୍ୟ ।

(ସ୍ୱାମୀ ନିର୍ମଳାନନ୍ଦଙ୍କ 'ଦେବଦେବୀ ଓ ତାଙ୍କର ବାହାନ' ଛାୟାରେ ଲିଖିତ)

ଅଧ୍ୟାପକ ଓଡ଼ିଆ ବିଭାଗ
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ
ବ୍ରହ୍ମପୁର-୭୬୦୦୦୭, ଗଞ୍ଜାମ



# ଶ୍ରୀଶ୍ରୀଦୁର୍ଗା ଓ ତନ୍ତ୍ରପୀଠ ଓଡ଼ିଶା

ଶ୍ରୀ ଗଣେଶ ପ୍ରସାଦ ପରିଡ଼ା

ଭାରତୀୟ ସଂସ୍କୃତିରେ ଦୁର୍ଗାପୂଜା କେବେ ଆତ୍ମ ପ୍ରକାଶ କଲା ତାହା କହିବା କଷ୍ଟ । ସେହିଭଳି କଳିଙ୍ଗ ବା ଉତ୍କଳ ଦେଶରେ ଦୁର୍ଗାପୂଜା କେବେ ଆରମ୍ଭ ହୋଇଥିଲା ତାହା ଏପର୍ଯ୍ୟନ୍ତ ଠିକ୍ ଭାବେ ନିରୂପଣ କରାଯାଇ ନାହିଁ । କିନ୍ତୁ ଅନୁଧ୍ୟାନ କଲେ ଜଣାପଡେ ଓଡ଼ିଶାରେ ଦୁର୍ଗାପୂଜା ପ୍ରଥମେ ଆତ୍ମ ପ୍ରକାଶ କରିଥିଲା । ତାହା ପ୍ରାୟ ଖ୍ରୀଷ୍ଟପୂର୍ବ କେତେ ଶତାବ୍ଦୀ ପୂର୍ବରୁ । ସେହି ସମୟରେ ଆର୍ଯ୍ୟମାନେ ଓଡ଼ିଶା ଆସି ନ ଥିବାରୁ ଆର୍ଯ୍ୟମାନଙ୍କର କୌଣସି ଗ୍ରନ୍ଥରେ ତାହା ପ୍ରକାଶ ପାଇନାହିଁ । ଗବେଷକମାନେ ଧାରଣା କରନ୍ତି ଓଡ଼ିଶା ଅନାର୍ଯ୍ୟର ଦେଶ ଥିବାରୁ ଆର୍ଯ୍ୟମାନେ ଏ ଦେଶକୁ ଆସିବା ପୂର୍ବ ଧର୍ମର ପ୍ରକାଶ କରନ୍ତି ନାହିଁ । ଏହା ବୋଲି କେବଳ ଆର୍ଯ୍ୟମାନେ ହିଁ ସଭ୍ୟ, ପବିତ୍ର ସୌର୍ଯ୍ୟଶାଳୀ ଜାତି ଥିଲେ ଏହା ନୁହେଁ । କେତେକ ପଣ୍ଡିତ ଧାରଣା କରନ୍ତି ଆର୍ଯ୍ୟମାନେ ଏ ଦେଶରେ ତାଙ୍କ ସଂସ୍କୃତି ବିକାଶ କରିବା ପୂର୍ବରୁ ଅଣଆର୍ଯ୍ୟଙ୍କ ସଂସ୍କୃତି ଅତି ଉଚ୍ଚ ସ୍ତରର ଥିଲା । ହରପ୍ପା, ମହେଞ୍ଜୋ-ଦାରୋ, ନାଳ ଆଦି ସ୍ଥାନମାନଙ୍କରୁ ଯେଉଁ ସଂସ୍କୃତି ମାଟିତଳୁ ବାହାରିଥିଲା ତାହା ପ୍ରାଗ୍‌ବୈଦିକ ସଂସ୍କୃତି ବୋଲି ପଣ୍ଡିତମାନେ ମତ ବ୍ୟକ୍ତ କରିଛନ୍ତି । ବିଶେଷତଃ ଆର୍ଯ୍ୟମାନେ ଯାଯାବର ଜାତି ଥିଲେ ଓ ତାଙ୍କର ନିଜର ସଂସ୍କୃତି ନଥିଲା । ପୁଣି ମୂର୍ତ୍ତି ଗଠନ କରି ଦେବତା ଉପାସନା କରିବା ମୂଳ ବେଦରେ ଉଲ୍ଲେଖ ନାହିଁ । କିନ୍ତୁ ମାଟିତଳୁ ବାହାରିଥିବା ପ୍ରାଗ୍‌ବୈଦିକ ସଂସ୍କୃତିରେ ନାଗର ସଭ୍ୟତାର ସ୍ପଷ୍ଟ ପ୍ରମାଣ ମିଳେ ଓ ଦେବତାମାନଙ୍କର ମୂର୍ତ୍ତି ନିର୍ମିତ କରି ସେମାନେ ଉପାସନା କରୁଥିବା ପ୍ରମାଣ ରହିଛି । ସେହି ସଂସ୍କୃତିରୁ ଜଣାପଡେ ସେମାନେ ପିତୃ ଉପାସନା ସହିତ ମାତୃ ଉପାସନା କରୁଥିଲେ । ଗୋଲାକାର ଲମ୍ବା ପ୍ରସ୍ତର ଖଣ୍ଡକୁ ପୂଜା ଉଦ୍ଦେଶ୍ୟରେ ଯେଉଁଭଳି ଅର୍ପଣ କରୁଥିଲେ, ସେହିଭଳି ଅସମ ଗୋଲ ବା ଅର୍ଦ୍ଧଗୋଲ ପ୍ରସ୍ତର ମଧ୍ୟଦେଶକୁ ଛିଦ୍ରକରି ମାତୃ ଉଦ୍ଦେଶ୍ୟରେ ଅର୍ପଣ କରିଥାନ୍ତି । ଏହି ପ୍ରସ୍ତର ଖଣ୍ଡକୁ ଜନ ମାର୍ଶାଲ ଯୋନିର ପ୍ରତୀକ ବୋଲି ଧାରଣା କରନ୍ତି । ଏହିଭଳି ପ୍ରସ୍ତର ଖଣ୍ଡ ଓଡ଼ିଶାରୁ ମଧ୍ୟ ମିଳିଛି ଓ ତାହା ଓଡ଼ିଶା ସଂଗ୍ରହାଳୟ ଭୁବନେଶ୍ୱରରେ ସଂଗୃହୀତ ହୋଇ ରହିଛି ।

ହରପ୍ପାରେ ଆବିଷ୍କୃତ ଏକ ଅସମ ଚତୁଷ୍କୋଣ ପୋଡାମାଟିର ଶିଳ୍ପର ଉପରି ଭାଗରେ ପ୍ରସାରିତ ପଦଦ୍ୱୟ ଏକ ନଗ୍ନ ସ୍ତ୍ରୀ ମୂର୍ତ୍ତି ଓଲଟା ଭାବେ ମୁଣ୍ଡ ତଳକୁ ଓ ଗୋଡ ଉପରକୁ ଥିବା ଦେଖାଯାଉଛି । ଏହି ମୂର୍ତ୍ତି ଯୋନି ଦେଶରୁ ଶସ୍ୟ ପଲ୍ଲବ ନିର୍ଗମଶୀଳ । ମାର୍ଶାଲ ଏହି ସ୍ତ୍ରୀ ମୂର୍ତ୍ତିଟିକୁ ପୃଥ୍ୱୀ ମୂର୍ତ୍ତି ବୋଲି କହିଛନ୍ତି । ଏହା ଯେ ଖାଦ୍ୟ ଶସ୍ୟଦାତ୍ରୀ ପୃଥ୍ୱୀ ଦେବୀ ଏଭଳି ମତ ପୋଷଣ କରାଯାଇଛି । ସପ୍ତଶତୀ ଚଣ୍ଡୀରେ ଏହି ମୂର୍ତ୍ତିର ଆଭାସ ମିଳେ । ସପ୍ତଶତୀରେ ଦେବୀ ଦେବତାମାନଙ୍କୁ କହିଛନ୍ତି–

> ତତୋଽହ ମଖିଳଂ ଲୋକମାତ୍ମଦେହସମୁଦ୍‌ଭବୈଃ ।
> ଭରିଷ୍ୟାମି ସୁରାଃ ଶାକୈରାବୃଷ୍ଟେଃ ପ୍ରାଣଧାରକୈଃ ॥
> ଶାକମ୍ଭରୀତି ବିଖ୍ୟାତିଂ ତଦା ଯାସ୍ୟା ମହଂ ଭୁବି ।

–ହେ ଦେବଗଣ ! ଅନନ୍ତର ମୁଁ ନିଜ ଦେହରୁ ଜୀବନରକ୍ଷକ ଶାକ ଜାତ କରି ତାହା ଦ୍ୱାରା ଯେତେଦିନ ପର୍ଯ୍ୟନ୍ତ ବୃଷ୍ଟି ହେବ ନାହିଁ ସେତେଦିନ ପର୍ଯ୍ୟନ୍ତ ସମସ୍ତ ଜଗତକୁ ପାଳନ କରିବି । ତେଣୁ ମୁଁ ବିଶ୍ୱବାସୀଙ୍କ ନିକଟରେ ଶାକମ୍ଭରୀ ନାମରେ ବିଖ୍ୟାତ ହେବି ।

ପ୍ରାକ୍ ବୈଦିକ ଯୁଗପରେ ଭାରତରେ ଯେତେବେଳେ ବୈଦିକ ଯୁଗ ଆରମ୍ଭ ସେତେବେଳେ ବୈଦିକ ଋଷିମାନେ ବହୁ ଦେବତାଙ୍କ ଗାଥା ଗାଇଲେ । ପଣ୍ଡିତମାନେ ପ୍ରାୟ ସମସ୍ତେ ସ୍ୱୀକାର କରନ୍ତି, ବୈଦିକ କ୍ରିୟାକାଣ୍ଡରେ ଇନ୍ଦ୍ର, ସୂର୍ଯ୍ୟ, ରୁଦ୍ର, ବାୟୁ, ବରୁଣାଦି ପୁରୁଷ ଦେବତାଙ୍କ ପ୍ରାଧାନ୍ୟ ଥିଲା ଏବଂ ଅଳ୍ପ କେତେକ ସ୍ତ୍ରୀ ଦେବତାଙ୍କୁ ସ୍ତୁତି ସବୁ ଦ୍ୱାରା ସ୍ତୁତି କରାଯାଉଥିଲା । ମାତ୍ର ଏହି ସ୍ତ୍ରୀ ଦେବତାଙ୍କ ଉଦ୍ଦେଶ୍ୟରେ କୌଣସି ସୋମଯାଗ ଅନୁଷ୍ଠିତ ହେବାର ସେଭଳି କୌଣସି ବ୍ୟବସ୍ଥା ନଥିଲା । ମ୍ୟାକ୍‌ଡୋନାଲ୍ ତାହାଙ୍କ **Vedic Mythology** ପୁସ୍ତକରେ କହିଛନ୍ତି – ସ୍ତ୍ରୀ ଦେବତାମାନେ ବୈଦିକ ଋଷିମାନଙ୍କ ଧର୍ମ ବିଶ୍ୱାସ ଓ ଉପାସନାରେ ନିତାନ୍ତ ଗୌଣ ସ୍ଥାନ ଅଧିକାର କରିଛନ୍ତି ଓ ବ୍ରହ୍ମାଣ୍ଡର ଶାସନ କର୍ତ୍ତା ଭାବେ ସେମାନେ ପ୍ରାୟ ସେଭଳି ଅଂଶ ଗ୍ରହଣ କରନ୍ତି ନାହିଁ । ମାତ୍ର ଏହାସତ୍ତ୍ୱେ ସେହି ନାରୀ ଦେବତାମାନଙ୍କର ଚରିତ୍ରରେ ଯଥେଷ୍ଟ ବୈଶିଷ୍ଟ୍ୟ ଥିଲା । ଅଦିତି, ଉଷା, ସରସ୍ୱତୀ, ପୃଥ୍ୱୀ, ରାତ୍ରି, ପୁରନ୍ଧି, ଇଡା, ଧିଷଣା ପ୍ରଭୃତି ଦେବୀଙ୍କର ଏବଂ ସର୍ବୋପରି ବାଗ୍‌ଦେବୀଙ୍କର ବୈଦିକ ରୂପ ଭଲଭାବେ ବିଶ୍ଳେଷଣ କଲେ ପ୍ରତୀୟମାନ ହୁଏ ବୈଦିକ ଋଷିମାନେ ତାଙ୍କ ଉପରେ କମ୍ ଗୁରୁତ୍ୱ ଆରୋପ କରି ନାହାନ୍ତି । ଅଦିତି ଯେଉଁଭଳି ଗୋଟିଏ ଦିଗରେ ଦେବତାମାନଙ୍କର ମାତା ସେହିଭଳି ଅନ୍ୟ ଦିଗରେ ସେ ସମସ୍ତ ବିଶ୍ୱର ଜନନୀ । ଉଷା ପ୍ରତ୍ୟୁଷର ମୂର୍ତ୍ତ ପ୍ରତୀକ, ଏହାଙ୍କର ଅପରୂପ ବର୍ଣ୍ଣନାରେ ଋଗ୍‌ବେଦର ଋଷିମାନେ ତାଙ୍କ ହୃଦୟର ସମସ୍ତ କବିତ୍ୱ ଶକ୍ତି ଢାଳି ଦେଇଛନ୍ତି । ସରସ୍ୱତୀ ମୂଳତଃ ନଦୀ ହେଲେ ମଧ୍ୟ ପରୋକ୍ଷରେ ସେ ଜ୍ଞାନ ଓ ବିଦ୍ୟାର ଦେବତା । ପୃଥ୍ୱୀ ହେଉଛି ଧରିତ୍ରୀ ମାତା, ବହୁ ସ୍ତୁତିରେ ସେ ଦ୍ୟୌଃପିତା ବା ଆକାଶ ପିତାଙ୍କ ସହିତ ସ୍ତୁତା ହୋଇଛନ୍ତି । ରୋଗମାନଙ୍କୁ ଶସ୍ୟ, ଅନ୍ନାଦି ଦ୍ରବ୍ୟାଦି ଓ ଧନ ସଂପତ୍ତି ପ୍ରଦାନ କରିବାକୁ ଆର୍ଯ୍ୟ ଋଷିମାନଙ୍କର ସ୍ତୁତିରେ ପ୍ରାର୍ଥନା ଉଲ୍ଲେଖ ହୋଇଛି ।

ଋଗ୍‌ବେଦରେ ବହୁ ନାରୀ ଦେବତାଙ୍କ କଥା ଉଲ୍ଲେଖ ଥିଲେ ମଧ୍ୟ ପରବର୍ତ୍ତୀ କାଳରେ ସେମାନଙ୍କ ମଧ୍ୟରୁ କୌଣସି ଦେବତାଙ୍କୁ କେନ୍ଦ୍ର କରି ଶକ୍ତି ଉପାସନା ଅଗ୍ରଗତି କରି ନାହିଁ । ଅମ୍ବିକା, ଉମା, ଦୁର୍ଗା, କାଳୀ, ...

ଦେବୀଙ୍କୁ କେନ୍ଦ୍ରକରି ଯେଉଁ ଶାକ୍ତ ଧର୍ମ ଧାରଣା ପ୍ରତିଷ୍ଠିତ ହୋଇଛି ତାହା ଉତ୍ତର ବୈଦିକ ସାହିତ୍ୟରୁ ଆରମ୍ଭ । ଅମ୍ବିକାଙ୍କ କଥା ପ୍ରଥମେ ଯର୍ଜୁବେଦର ବାଜସନେୟୀ ସଂହିତାରେ ଉଲ୍ଲେଖ କରାଗଲା । ଏଠାରେ କୁହାଗଲା ଏଷ ତେ ରୁଦ୍ର ଭାଗଃ ସହ ସ୍ୱସ୍ରା ଅମ୍ବିକୟା; ୩.୫୭ । ତେଣୁ ଜଣାଗଲା ରୁଦ୍ରଙ୍କର ଭଗିନୀ ହେଉଛନ୍ତି ଅମ୍ବିକା । ତୈତ୍ତିରୀୟ ବ୍ରାହ୍ମଣରେ ମଧ୍ୟ ତାଙ୍କର ଏହି ପରିଚୟ ଅକ୍ଷୁର୍ଣ୍ଣ ରହିଛି । ମାତ୍ର ଏହି ତୈତ୍ତିରୀୟ ବ୍ରାହ୍ମଣର ଦ୍ୱିତୀୟ ପଂକ୍ତିରେ ଭିନ୍ନ କଥା ଦେଖିବାକୁ ମିଳେ । ଏଠାରେ ଶରତ୍‌କାଳ ସହିତ ଦେବୀଙ୍କର ତୁଳନା କରାଯାଇଛି ଏବଂ କୁହାଯାଇଛି ଯେ ରୁଦ୍ର ତାଙ୍କ ଭଗିନୀ ଏହି ରୂପ ସାହାଯ୍ୟରେ ଯେପରି ଲୋକମାନଙ୍କର ପ୍ରାଣ ସଂହାର କରନ୍ତି । ତୈତ୍ତିରୀୟ ଆରଣ୍ୟକର ଦଶମଖଣ୍ଡ ଅଷ୍ଟାଦଶ ଅନୁବାକରେ ରୁଦ୍ରଙ୍କୁ ଅମ୍ବିକା ପତି ବୋଲି କୁହାଯାଇଛି । ସାୟଣ ଏହି ମନ୍ତ୍ରଟିର ଭାଷ୍ୟ କଲାବେଳେ କହିଛନ୍ତି; ''ଅମ୍ବିକା ଜଗନ୍ମାତା ପାର୍ବତୀ ତସ୍ୟା ଭର୍ତ୍ରେ'' । ଅର୍ଥାତ୍ 'ଅମ୍ବିକା ରୁଦ୍ର ପତ୍ନୀ ଜଗନ୍ମାତା ପାର୍ବତୀ' । ପରବର୍ତ୍ତୀ ସମୟରେ ଅମ୍ବିକା ଯେ ରୁଦ୍ରଙ୍କ ପତ୍ନୀ ଏହି ପରିଚୟ ରହିଗଲା ଓ ସେ ପାର୍ବତୀଙ୍କ ସହ ଏକ ହୋଇଗଲେ । ସେହିଭଳି ଅମ୍ବିକା, ପାର୍ବତୀ, ଦୁର୍ଗା ଏକ ଏବଂ ଅଭିନ୍ନ ଏହା ବିଭିନ୍ନ ପୁରାଣମାନଙ୍କରେ ଉଲ୍ଲେଖ ହୋଇଛି ।

ଦୁର୍ଗାଙ୍କ ନାମ ତୈତ୍ତିରୀୟ ଆରଣ୍ୟକ ଦଶମଖଣ୍ଡ ପ୍ରଥମ ଅନୁବାକ୍‌ରେ ଉଲ୍ଲେଖ ହେଲା । ଏହାକୁ ଦୁର୍ଗା ଗାୟତ୍ରୀ କୁହାଯାଏ । ଏଠାରେ ସିଧା ସଳଖ ଦୁର୍ଗା ଶବ୍ଦ ପ୍ରୟୋଗ କରା ନଯାଇ ଦୁର୍ଗି ବୋଲି କୁହାଯାଇଛି । ପଣ୍ଡିତମାନେ କହିଛନ୍ତି ଦୁର୍ଗି ଦୁର୍ଗାର ସମାର୍ଥକ ଶବ୍ଦ । ଗାୟତ୍ରୀଟି ହେଉଛି—

କାତ୍ୟାୟନାୟ ବିଦ୍ମହେ କନ୍ୟାକୁମାରିଂ ଧୀମହି । ତନ୍ନୋ ଦୁର୍ଗି ପ୍ରଚୋଦୟାତ୍ ।

—କାତ୍ୟାୟନଙ୍କୁ ଜାଣି; କନ୍ୟାକୁମାରୀଙ୍କୁ ଧ୍ୟାନ କରେ; ତେଣୁ ଦୁର୍ଗି ଆମକୁ ପ୍ରେରଣ କରନ୍ତୁ । ଏଠାରେ ଦୁର୍ଗି କାତ୍ୟାୟନଙ୍କ ସହ ସଂଶ୍ଳିଷ୍ଟ । ଋଷି କାତ୍ୟାୟନଙ୍କ କନ୍ୟା ଭାବେ ଦୁର୍ଗାଙ୍କୁ କାତ୍ୟାୟିନୀ କୁହାଯାଏ । କନ୍ୟାକୁମାରୀ ଦକ୍ଷିଣ ଭାରତର ପ୍ରସିଦ୍ଧ ତୀର୍ଥ ସ୍ଥାନ । କନ୍ୟାକୁମାରୀଙ୍କ ନାମାନୁଯାୟୀ କୁମାରିକା ଅନ୍ତରୀପ ନାମ ହୋଇଛି । ପ୍ରଥମ ଶତାବ୍ଦୀରେ ଜଣେ ଅଜ୍ଞାତ ଯବନ ତାଙ୍କ ନାମ ଉଲ୍ଲେଖ କରିଛନ୍ତି । ରାମକୃଷ୍ଣ ଗୋପାଳ ଭଣ୍ଡାରକାର ଜର୍ମାନ ଗବେଷକ ଓୟେବରଙ୍କ ମତ ଅନୁସରଣ କରି କହିଛନ୍ତି ଯେ କାତ୍ୟ ବଂଶର ବ୍ରାହ୍ମଣଙ୍କ ଇଷ୍ଟ ଦେବୀ ଥିଲେ ବୋଲି ବୋଧେ ତାଙ୍କର ନାମକରଣ କାତ୍ୟାୟନୀ ହୋଇଛି ।

ତୈତ୍ତିରୀୟ ଆରଣ୍ୟକରେ ଦୁର୍ଗା ଦେବୀଙ୍କୁ ଅଗ୍ନିରୂପା ତପ ପ୍ରଜ୍ୱଳିତା ରୂପେ ମଧ୍ୟ କୁହାହୋଇଛି । ଏହି ମନ୍ତ୍ରଟି ତୈତ୍ତିରୀୟ ଆରଣ୍ୟକର ଅନ୍ତର୍ଗତ ଉପନିଷଦରେ ଦେଖାଯାଏ ।

ତାମଗ୍ନିବର୍ଣ୍ଣାଂ ତପସା ଜ୍ୱଳନ୍ତୀଂ
ବୈରୋଚନୀଂ କର୍ମଫଳେଷୁ ଜୁଷ୍ଟାମ୍
ଦୁର୍ଗାଂଦେବୀଂ ଶରଣମହଂ ପ୍ରପଦ୍ୟେ
ସୁତରସି ତରସେ ନମଃ ॥

ନାରାୟଣ ଉପନିଷଦ—୨।୨

—ଅଗ୍ନିବର୍ଣ୍ଣା, ତପସ୍ୟାରେ ପ୍ରଜ୍ୱଳିତା ବିରୋଚନର (ସୂର୍ଯ୍ୟ ବା ଅଗ୍ନିଙ୍କର) କନ୍ୟା, କର୍ମ ଫଳ ସହିତ ସଂଶ୍ଳିଷ୍ଟା ଦୁର୍ଗା ଦେବୀଙ୍କର ଆଶ୍ରୟ ଗ୍ରହଣ କରୁଛି । ହେ ସୁନ୍ଦର ରୂପେ ତ୍ରାଣ କାରିଣୀ; ତୁମକୁ ନମସ୍କାର ।

ଏହି ଶ୍ଳୋକଟି ଦେବୀଭାଗବତ ୯।୩।୨।୪୫ ରେ ଉଦ୍ଧୃତ ହୋଇଛି । ଦୁର୍ଗା ଦେବୀଙ୍କ ସହିତ ସୂର୍ଯ୍ୟାଗ୍ନିଙ୍କ ସଂପର୍କରେ ଏଠାରେ ସ୍ପଷ୍ଟ । ସୂର୍ଯ୍ୟ ବା ଅଗ୍ନିର (ବୈରୋଚନ) କନ୍ୟା ପ୍ରଜ୍ୱଳିତା ଅଗ୍ନିରୂପା ଦୁର୍ଗା ଦେବୀ ସୂର୍ଯ୍ୟାଗ୍ନିର ଶକ୍ତି ରୂପେ ବିଦ୍ୟମାନା । ତଥାପି ଓଡ଼ିଶାର ମହାକବି ଶାରଳାଦାସଙ୍କ ଚଣ୍ଡୀ ପୁରାଣରେ ଦେବୀ ଦୁର୍ଗାଙ୍କ ଉପରି ଦେବତାଙ୍କ ତେଜାଗ୍ନିରୁ ହୋଇଥିବା ଉଲ୍ଲେଖ ଅଛି । ତେଣୁ ଦୁର୍ଗାଙ୍କୁ ଅଗ୍ନି କନ୍ୟା କହିବାରେ ଯଥାର୍ଥତା ଅଛି ।

ଦୁର୍ଗା ଶବ୍ଦର ନାନା ପ୍ରକାର ଅର୍ଥ କରାଯାଏ । ଦୁର୍ଗା ଶବ୍ଦର ଅନ୍ୟ ଅର୍ଥ ଦୁଃଖ ବା ଦୁର୍ଗତି । ଯେ ନାନା ପ୍ରକାର ଦୁର୍ଗତି ନାଶ କରନ୍ତି ସେ ଦୁର୍ଗା । ତେଣୁ ଚଣ୍ଡୀ ଉଲ୍ଲେଖ କରିଛି— ଦୁର୍ଗାସି ଦୁର୍ଗଭବ ସାଗର ନୌ ସଙ୍ଗା— ତୁମେ ଦୁର୍ଗା, ଦୁର୍ଗମ ଭବ ସାଗର ପାର ହେବା ପାଇଁ ଏକ ତରଣୀ ।

ଦୁର୍ଗେ ସ୍ମୃତା ହରସି ଭୀତିମଶେଷଜନ୍ତୋଃ ।

—ହେ ଦୁର୍ଗେ ତୁମକୁ ସ୍ମରଣ କଲା ମାତ୍ରେ ତୁମେ ପ୍ରାଣୀ, ବର୍ଗର ଅଶେଷ ଭୟ ହରଣ କର । କେବଳ ଯେ ସପ୍ତଶତୀ ଚଣ୍ଡୀରେ ଦୁର୍ଗାଙ୍କ ବିଷୟରେ ଲେଖା ହୋଇଛି ଏହା ନୁହେଁ । ମହାଭାରତରେ ଦେବୀ ଦୁର୍ଗାଙ୍କ ଦ୍ୱାରା ଦୁର୍ଗତି ନାଶର ବିସ୍ତୃତ ବ୍ୟାଖ୍ୟା ରହିଛି—

ଦୁର୍ଗାତ୍ତାରୟସେ ଦୁର୍ଗେ ତତ୍ତ୍ୱାଂ ଦୁର୍ଗା ସ୍ମୃତାଜନୈଃ ।
କାନ୍ତାରେଷ୍ୱବସନ୍ନାନାଂ ମଗ୍ନାନାଞ୍ଚ ମହାର୍ଣ୍ଣବେ ॥
ଦସ୍ୟୁଭିର୍ବା ନିରୁଦ୍ଧାନାଂ ତ୍ୱଂ ଗତିଃ ପରମା ନୃଣାମ୍ ।
ଜଳପ୍ରତରଣେ ଚୈବ କାନ୍ତାରେଷ୍ୱଟବୀଷୁ ଚ ॥
ଯେ ସ୍ମରନ୍ତି ମହାଦେବିଂ ନ ଚ ସୀଦନ୍ତି ତେ ନରାଃ । ।

ମହାଭାରତ ବିରାଟପର୍ବ ୬।୨୦–୨୨

—ହେ ଦୁର୍ଗେ; ତୁମେ ଦୁର୍ଗତି ନାଶ କର ବୋଲି ତୁମକୁ ଦୁର୍ଗା କହିଥାନ୍ତି । କାନ୍ତାର ମଧ୍ୟରେ ଯେଉଁମାନେ ଅବସନ୍ନ ହୋଇ ପଡ଼ନ୍ତି, ମହାସମୁଦ୍ରରେ ଯେଉଁମାନେ ମଗ୍ନ ହୁଅନ୍ତି, ଦସ୍ୟୁଦ୍ୱାରା ଯେଉଁମାନେ ବନ୍ଦୀ ହୁଅନ୍ତି, ସେହି ଲୋକମାନଙ୍କର ତୁମେହିଁ ପରମାଗତି । ଜଳ (ସମୁଦ୍ର ବା ନଦୀ) ପାର ହେବା ସମୟରେ, କାନ୍ତାରେ ଏବଂ ଅରଣ୍ୟରେ, ହେ ମହାଦେବୀ ! ଯେଉଁମାନେ ତୁମକୁ ସ୍ମରଣ କରନ୍ତି ସେମାନେ କେବେ ବିପନ୍ନ ହୁଅନ୍ତି ନାହିଁ ।

ବ୍ରହ୍ମ ବୈବର୍ତ୍ତ ପୁରାଣରେ ଉଲ୍ଲେଖ ଅଛି ଦେବୀ ଦୁର୍ଗତି ନାଶିନୀ ନାରାୟଣୀ; ସ୍ମରଣ କଲାମାତ୍ରେ ମାନବମାନଙ୍କର ଦୁର୍ଗତି ନାଶ କରନ୍ତି ।

ନାରାୟଣି ମହାଭାଗେ ଦୁର୍ଗେ ଦୁର୍ଗତି ନାଶିନୀ ।
ଦୁର୍ଗେ ସ୍ମୃତି ମାତ୍ରେଣ ଯାତି ଦୁର୍ଗଂ ନୃଣାମିହ ॥

ପ୍ରକୃତିଖଣ୍ଡ ୬୪।୫୨

ଚଣ୍ଡୀଗ୍ରନ୍ଥରେ ଦେବୀ କହିଛନ୍ତି, ଯେ ଦେବୀ ମହାତ୍ମ୍ୟ ଶ୍ରବଣ କରେ ତାର କୌଣସି ଦୁର୍ଗତି ରହେ ନାହିଁ ।

ନ ତେଷାଂ ଦୁଷ୍କୃତଂ କିଞ୍ଚିଦ୍ ଦୁଷ୍କୃତୋତ୍‌ଥା ନ ଚାପଦଃ ।
ଭବିଷ୍ୟତି ନ ଦାରିଦ୍ର୍ୟଂ ନ ଚୈବେଷ୍ଟବିୟୋଜନମ୍ ॥
ଶତ୍ରୁତୋ ନ ଭୟଂ ତସ୍ୟ ଦସ୍ୟୁତୋ ବା ନ ରାଜତଃ ।
ନ ଶସ୍ତ୍ରାନଲତୋୟୌଘାତ୍ କଦାଚିତ୍‌ସମ୍ଭବିଷ୍ୟତି ॥

ସପ୍ତଶତୀଚଣ୍ଡୀ ୧୨–୪୬

—ଯେଉଁମାନେ ଚଣ୍ଡୀ ମହାତ୍ମ୍ୟ ଶୁଣନ୍ତି ସେମାନଙ୍କର କୌଣସି ପାପ ରହେ ନାହିଁ; ପାପଜନିତ କୌଣସି ବିପଦ, ଦାରିଦ୍ର୍ୟ, ଶତ୍ରୁଭୟ, ଦସ୍ୟୁ ବା ରାଜ ଭୟ ସେମାନଙ୍କର ରହେ ନାହିଁ । ଅସ୍ତ୍ର ଅଗ୍ନି ଓ ଜଳ ପ୍ରବାହ ଦ୍ୱାରା କେତେବେଳେ ବିପଦର ସମ୍ଭାବନା ରହେ ନାହିଁ ।

ପୁନର୍ବାର ଦେବୀ କହିଛନ୍ତି—

ଅରଣ୍ୟେ ପ୍ରାନ୍ତରେ ବାପି ଦାବାଗ୍ନିପରିବାରିତଃ ।
ଦସ୍ୟୁଭିର୍ବାବୃତଃ ଶୂନ୍ୟେ ଗୃହୀତୋ ବାପି ଶତ୍ରୁଭିଃ ॥
ସିଂହବ୍ୟାଘ୍ରାନୁଯାତଂ ବା ବନେ ବା ବନହସ୍ତିଭିଃ ।
ରାଜ୍ଞା କ୍ରୁଦ୍ଧେନ ଚାଜ୍ଞାପ୍ତୋ ବଧ୍ୟୋ ବନ୍ଧଗତୋଽପି ବା ॥
ଆଘୂର୍ଣ୍ଣିତୋ ବା ବାତେନ ସ୍ଥିତଃ ପୋତେ ମହାର୍ଣ୍ଣବେ ।
ପତତ୍‌ସୁ ଚାପି ଶସ୍ତ୍ରେଷୁ ସଂଗ୍ରାମେ ଭୃଶଦାରୁଣେ ॥
ସର୍ବବାଧାସୁ ଘୋରାସୁ ବେଦନାଭ୍ୟର୍ଦ୍ଦିତୋଽପି ବା ।
ସ୍ମରନ ମମୈତଚ୍ଚରିତଂ ନରୋ ମୁଚ୍ୟେତ ସଙ୍କଟାତ୍ ॥

ଚଣ୍ଡୀ ୧୨।୨୨–୨୯

-ଅରଣ୍ୟରେ ସାତରେ ବା ଦାବାଗ୍ନି ବେଷ୍ଟିତ ଅଥବା, ଦସ୍ୟୁଦ୍ୱାରା ପରି ବୃତ ଅଥବା ଶତ୍ରୁମାନଙ୍କ ଦ୍ୱାରା ଶୂନ୍ୟରେ ଉତ୍‌କ୍ଷିପ୍ତ, ସିଂହ ବ୍ୟାଘ୍ର ବା ହୋସ୍ତ ଦ୍ୱାରା ଆକ୍ରାନ୍ତ, କ୍ରୁଧ ରାଜାଙ୍କ ଦ୍ୱାରା ବଧାଜ୍ଞା ପ୍ରାପ୍ତ ଅଥବା ବନ୍ଧନ ଗ୍ରସ୍ତ, ମହାସମୁଦ୍ରରେ ନୌକା ଥିଲାବେଳେ ଝଡରେ ଘୂର୍ଣ୍ଣିତ ଅଥବା ଭୀଷଣ ସଂଗ୍ରାମେ ଅସମ୍ମୁଖେ ପତିତ ହେଲେ, ସମସ୍ତ ଭୟଙ୍କର ବାଧା ବା ଦୁଃଖ ପ୍ରାପ୍ତ ହେଲେ ମଧ୍ୟ ମୋ ଚରିତ ଶ୍ରବଣରେ ଲୋକମାନେ ସମସ୍ତ ସଙ୍କଟରୁ ମୁକ୍ତ ହେବେ ।

ବ୍ରହ୍ମବୈବର୍ତ୍ତ ପୁରାଣରୁ ଉଦ୍ଧୃତ ହୋଇ ଶବ୍ଦ କଳ୍ପଦ୍ରୁମରେ ଦୁର୍ଗା ଶବ୍ଦର ଅର୍ଥ ଉଲ୍ଲେଖ ହୋଇଛି–

ଦୁର୍ଗୋ ଦୈତ୍ୟେ ମହାବିଘ୍ନେ ଭବବନ୍ଧେ କୁକର୍ମଣି ।
ଶୋକେ ଦୁଃଖେ ଚ ନରକେ ଯମଦଣ୍ଡେ ଚ ଜନ୍ମନି ॥
ମହାଭୟେଚତି ରୋଗେ ଚାପ୍ୟାଶବ୍ଦୋହନ୍ତୃବାଚକଃ ।
ଏତାନ୍ ହନ୍ତ୍ୟେବ ଯା ଦେବୀ ସା ଦୁର୍ଗା ପରିକୀର୍ତ୍ତିତା ॥

ଦୁର୍ଗା ଶବ୍ଦରେ ଦୁର୍ଗ ନାମକ ଦୈତ୍ୟ, ମହାବିଘ୍ନ, ଭବ ବନ୍ଧନ, କୁକର୍ମ, ଶୋକ, ଦୁଃଖ, ନରକ, ଯମଦଣ୍ଡ, ପୁନର୍ଜନ୍ମ, ମହାଭୟ, ଅତିରୋଗକୁ ବୁଝାଏ । ଆ ଶବ୍ଦର ଅର୍ଥ ହନ୍ତା, ଅର୍ଥାତ୍ ନାଶ କରନ୍ତି । ଯେ ଏହି ସବୁକୁ ନାଶ କରନ୍ତି, ସେ ଦୁର୍ଗା ନାମରେ ପରିକୀର୍ତ୍ତିତା ।

ସ୍କନ୍ଦ ପୁରାଣ କାଶୀ ଖଣ୍ଡରେ ଦୁର୍ଗାସୁର ନିଧନ ପରେ ଦେବୀ ନିଜର ଦୁର୍ଗା ନାମର ତାତ୍ପର୍ଯ୍ୟ ବ୍ୟାଖ୍ୟା କରିବାକୁ ଯାଇ କହିଛନ୍ତି–

ଅଦ୍ୟ ପ୍ରଭୃତି ମେ ନାମ ଦୁର୍ଗେତି ଖ୍ୟାତିମେଷ୍ୟତି ।
ଦୁର୍ଗ ଦୈତ୍ୟସ୍ୟ ସମରେ ପାତନାଦତି ଦୁର୍ଗମାତ୍ ॥
ଯେ ମାଂ ଦୁର୍ଗାଂ ଶରଣଗା ନ ତେଷାଂ ଦୁର୍ଗତିଃ କ୍ୱଚିତ୍ ॥

(ସ୍କନ୍ଦ କାଶୀ ଉତ୍ତରାର୍ଦ୍ଧ–୭୨।୭୧–୭୨)

-ଆଜିଠାରୁ ଅତି ଦୁର୍ଗମ ଦୁର୍ଗ ଦୈତ୍ୟକୁ ସମରେ ବଧ କରିବା ଯୋଗୁ ମୋର ଖ୍ୟାତି ହେବ ଦୁର୍ଗାନାମରେ । ଯେ ମୋର ବା ଦୁର୍ଗାଙ୍କର ଶରଣ ଗ୍ରହଣ କରେ, ତାର କେବେ ଦୁର୍ଗତି ପଡେ ନାହିଁ ।

ଦୁର୍ଗ ଦୈତ୍ୟ ଓ ଦୁର୍ଗତି ବିନାଶ ନିମିତ୍ତ ଦେବୀଙ୍କର ନାମ ଦୁର୍ଗା ହୋଇଥିବା ଦେବୀ ଭାଗବତ, ମାର୍କଣ୍ଡେୟ ପୁରାଣ, ସ୍କନ୍ଦ ପୁରାଣ କାଶୀଖଣ୍ଡ ଉତ୍ତରାର୍ଦ୍ଧ ପ୍ରଭୃତିରେ ବର୍ଣ୍ଣିତ ହୋଇଛି । ମାତ୍ର ଦୁର୍ଗାଙ୍କର ଯେଉଁ ମୂର୍ତ୍ତି ପୂଜା ପାଉଥାଏ ତାହା ଦୁର୍ଗାସୁର ବଧର ଚିତ୍ର ନୁହେଁ । ଓଡ଼ିଶାର ମହାକବି ଶାରଳାଦାସ ତାଙ୍କ ଚଣ୍ଡୀ ପୁରାଣରେ କହିଛନ୍ତି–

ଦୁର୍ଗତିରୁ ଯେଣୁ କରି ପାରନ୍ତି ସେ ଦୂର ।
ତେଣୁ କରି ଦୁର୍ଗାନାମ ଅଟଇ ତାଙ୍କର ॥

* * *

ଦୁର୍ଗତି କାଳରେ ଯେବେ ହେଲେ ଉତପନ ।
ହୃଦୟ ବ୍ୟାକୁଳ ଛାଡ଼ି ହେଲେ ସର୍ବଜନ ।
ମହାଶଙ୍ଖ ଧ୍ୱନି କଲେ ପୁରୁଷ ଉତ୍ତମ ।
ବ୍ରହ୍ମା ବିସ୍ମରିଣ ଦେଲେ ତାଙ୍କୁ ଦୁର୍ଗାନାମ ॥

ଦୁର୍ଗା ହେଉଛନ୍ତି ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ । ଶ୍ରୀ ଜଗନ୍ନାଥ ଓ ରତ୍ନସିଂହାସନରେ ଭୂଷିତ ଦେବତା ବଳଭଦ୍ରଙ୍କ ମଧ୍ୟରେ ବସିଥିବା ଦେବୀ ସୁଭଦ୍ରା ଦେବୀ ଦୁର୍ଗାଙ୍କ ବ୍ୟତୀତ ଆଉ କେହି ନୁହନ୍ତି । ସେଥିପାଇଁ କୋଣାର୍କ ମନ୍ଦିର ଗାତ୍ରରେ ସ୍ଥାପିତ ହୋଇଥିବା ଏକ ସ୍ଥାନରେ ଶ୍ରୀଜଗନ୍ନାଥ ଓ ଶିବଲିଙ୍ଗ ସହ ଦଶଭୁଜା ଦେବୀଦୁର୍ଗାଙ୍କୁ ଦେଖିବାକୁ ମିଳେ । କେବଳ ସେଇଠାରେ ନୁହେଁ, ଓଡ଼ିଶାର ପ୍ରାୟ ସବୁ ଅଞ୍ଚଳରେ ଆରାଧିତା ହେଉଛନ୍ତି ଦେବୀ ଦୁର୍ଗା । ସାଧାରଣତଃ ମହିଷାସୁର ମର୍ଦ୍ଦିନୀ ରୂପକୁ ଦେବୀ ଦୁର୍ଗା ବୁଝାଏ । କୌଣସିଠାରେ ଦୁର୍ଗା ବା ଦୁର୍ଗମ ନାମକ ଅସୁର ବଧର ଚିତ୍ର ନାହିଁ ।

ଓଡ଼ିଶା ତନ୍ତ୍ରର ଏକ ମହାନ୍ ପୀଠ । ବୌଦ୍ଧଧର୍ମରେ ବଜ୍ରଯାନ ଓଡ଼ିଶାରୁ ଆରମ୍ଭ ହୋଇଥିଲେ ବୋଲି ଐତିହାସିକମାନେ ନିରୂପଣ କରନ୍ତି । ସମଗ୍ର ଭାରତରେ ତନ୍ତ୍ରମାନଙ୍କର ପ୍ରଧାନ ଚାରୋଟି ପୀଠଥିଲା ।

ତାହା ହେଉଛି, ଓଡ଼ିଶା, ପଞ୍ଜାବରେ ଜାଳନ୍ଧର, ବର୍ତ୍ତମାନ ମୁଖଲିଙ୍ଗମ୍ ବା ଉତ୍ତରାନ୍ନର ପୂର୍ଣ୍ଣ ପୀଠ ଓ କାମରୂପ । ସେଥିପାଇଁ ବଙ୍ଗଳାର ପଞ୍ଚାନନ ତର୍କରତ୍ନଙ୍କ ଦ୍ୱାରା ସଂପାଦିତ ହୋଇଥିବା କାଳିକା ପୁରାଣ ୬୩–୮୪।୪୫ରେ ଅଛି–

ଔଡ୍ରାଖ୍ୟଂ ପ୍ରଥମଂ ପୀଠଂ ଦ୍ୱିତୀୟଂ ଜାଲ ଶୈଳକଂ ।
ତୃତୀୟଂ ପୂର୍ଣ୍ଣପୀଠନ୍ତୁ କାମରୂପ ଚତୁର୍ଥକଂ ॥
ଔଡ୍ରପୀଠଂ ପଶ୍ଚିମେ ତୁ ତଥୈବୋଡ୍ରେଶ୍ୱରୀଶିବା ।
କାତ୍ୟାୟିନିଂ ଜଗନ୍ନାଥମୋଡ୍ରେଶ ଚ ପ୍ରପୁଜୟେତ୍ ॥

ସମଗ୍ର ଓଡ଼ିଶା ହେଉଛି ତନ୍ତ୍ରର ପୀଠ । ଓଡ଼ିଶାର ସବୁ ଅଞ୍ଚଳରେ ତନ୍ତ୍ର ଦେବତା ଆରାଧିତା । ଓଡ଼ିଶାର ବିଭିନ୍ନ ଅଞ୍ଚଳରେ କେଉଁଠି ଆଦିବାସୀ ଦେବତା, କେଉଁଠି ଜୈନ ଦେବତା, କେଉଁଠି ବୌଦ୍ଧ ଦେବତା, କେଉଁଠିବା ହିନ୍ଦୁ ଦେବତା ଆରାଧିତା । ଦ୍ୱାଦଶ ଶତାବ୍ଦୀ ଠାରୁ ଶ୍ରୀ ଜଗନ୍ନାଥ ବୈଷ୍ଣବ ମତରେ ବିଷ୍ଣୁଭାବେ ଆରାଧିତ ହେଲେ ମଧ୍ୟ ସେ ହେଉଛନ୍ତି ତନ୍ତ୍ରର ମୁଖ୍ୟ ଦେବତା । ଉଡ୍‌ଡୀୟାନତନ୍ତ୍ର ତାଙ୍କୁ ଭୈରବ ବୋଲି ଉଲ୍ଲେଖ କରିଛି–

ବିରଜା ନାଭିପୀଠ ସ୍ଥ ବରାହ ଭୈରବା କୃତେ
ବିମଳା ପାଦପୀଠଂ ତୁ ଜଗନ୍ନାଥ ଭୈରବଃ ।

ବୈଦିକ ଯୁଗରେ ବୈଦିକମାନେ ଓଡ଼ିଶା ଆସିଥିବାର ପ୍ରମାଣ ମିଳି ନାହିଁ । ତେଣୁ ବେଦରେ ଓଡ଼ିଶା କଥା ଉଲ୍ଲେଖ ନାହିଁ । ବେଦ ପରେ ଜୈନ ବୌଦ୍ଧ ଗ୍ରନ୍ଥମାନଙ୍କରେ ଓଡ଼ିଶା ବା କଳିଙ୍ଗର ନାମ ଓ କେତେକ ବିଷୟ ଉଲ୍ଲେଖ ଅଛି । ରାମାୟଣ ଗ୍ରନ୍ଥରେ ଓଡ଼ିଶା ବା କଳିଙ୍ଗର କଥା ଲେଖା ନ ଥିଲେ ମଧ୍ୟ ତନ୍ନିଧାରେ ଅବସ୍ଥିତ ଦଣ୍ଡକାରଣ୍ୟ, ମହେନ୍ଦ୍ରଗିରି ଆଦି କଥା ଲେଖାଥିବାର ଦେଖାଯାଏ । ମାତ୍ର ମହାଭାରତରେ କଳିଙ୍ଗର କଥା ସ୍ପଷ୍ଟ ଉଲ୍ଲେଖ ଅଛି । ବ୍ୟାସଙ୍କ ମହାଭାରତ ବନପର୍ବ ୮୫ ଅଧ୍ୟାୟରେ ଉଲ୍ଲେଖ ଅଛି–

ତତୋ ବୈତରଣୀଂ ଗଚ୍ଛେତ୍ ସର୍ବପାପ ପ୍ରମୋଚନୀଂ
ବିରଜଂ ତୀର୍ଥ ମାସାଦ୍ୟ ବିରାଜନ୍ତି ଯଥା ଶଶୀ ୬

ଐତିହାସିକ ଡଃ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ବ୍ୟାସଙ୍କ ମହାଭାରତର ରଚନା କାଳ ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀ କହିଛନ୍ତି । ତେଣୁ ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀ ପୂର୍ବରୁ ବୈତରଣୀ କୂଳରେ ପୂଜା ପାଇ ଆସୁଥିବାରୁ ମହାଭାରତରେ ତାଙ୍କ ନାମ ଉଲ୍ଲେଖ କରିଛି । ଡଃ ପାଣିଗ୍ରାହୀ ଧାରଣା ଖ୍ରୀଷ୍ଟପୂର୍ବ ଷଷ୍ଠ ପଞ୍ଚମ ଶତାବ୍ଦୀଠାରୁ ବିରଜା ବୈତରଣୀ କୂଳରେ ଉପାସିତା ହୋଇ ଆସୁଛନ୍ତି । ବିରଜା ହେଉଛନ୍ତି ଦ୍ୱିଭୁଜା ମହିଷମର୍ଦ୍ଦିନୀ ଦୁର୍ଗା । ସେ ତାଙ୍କ ବାମ ହସ୍ତର ମହିଷର ପୁଚ୍ଛ ଟାଣି ଧରି ଦକ୍ଷିଣ ହସ୍ତର ଶୂଳ ଦ୍ୱାରା ତା ଶରୀରକୁ ବିଦ୍ଧ କରୁଛନ୍ତି । ପ୍ରତ୍ନତାତ୍ତ୍ୱିକମାନେ ଧାରଣା କରୁଥିଲେ ଭୁମରାର ଶିବ ମନ୍ଦିରର ଦୁର୍ଗା ସମସ୍ତଙ୍କଠାରୁ ପ୍ରାଚୀନା । ଏହି ଦୁର୍ଗା ଚଣ୍ଡିଶତାବ୍ଦୀର ବୋଲି Memoirs of Archaeological Survey of India, No.16, plate XIV. ରେ ଉଲ୍ଲେଖ ଅଛି । ଏଲାହାବାଦ ମିଉଜିୟମରେ ବର୍ତ୍ତମାନ ଏହି ମୂର୍ତ୍ତି ସଂରକ୍ଷିତ ହୋଇଥିବାର ଦେଖିବାକୁ ମିଳେ । ଏହି ଦେବୀ ହେଉଛନ୍ତି ଚତୁର୍ଭୁଜା । ତାଙ୍କ ଦଶ ଭୁଜ ଦ୍ୱୟରେ ଖଡ୍ଗ ଓ ଶୂଳ ଏବଂ ବାମ ଭୁଜ ଦ୍ୱୟରେ ଢାଲ ଓ ମହିଷର ଲାଙ୍ଗୁଳ ରହିଛି । ପ୍ରତ୍ନତାତ୍ତ୍ୱିକମାନେ ଧାରଣା କରନ୍ତି ପ୍ରଥମେ ମହିଷ ଭଳି ଦେବତାଙ୍କର ଦ୍ୱିଭୁଜ କଳ୍ପନା କରାଯାଉଥିଲା । ତା' ପରେ ଚତୁର୍ଭୁଜର କଳ୍ପନା ଲୋକ ମନକୁ ଆସିଲା । ଡଃ ପାଣିଗ୍ରାହୀ ବର୍ତ୍ତମାନ ଉପାସିତା ହେଉଥିବା ମୂର୍ତ୍ତିକୁ ତୃତୀୟ ଶତାବ୍ଦୀ ବୋଲି ଧାରଣା କରନ୍ତି । ମହାଭାରତ ଯୁଗ ବା ତା ପୂର୍ବରୁ ବିରଜା କିଭଳି ଭାବେ ଉପାସିତା ହେଉଥିଲେ ତାହା କହି ହେବ ନାହିଁ ।

ଜେଜାଜ୍ଞେତ୍ରୁ ଉତ୍ତରକୁ ଭଦ୍ରକରେ ଭଦ୍ରକାଳୀଙ୍କ ମନ୍ଦିର ଅଛି । ଏହି ମନ୍ଦିରର ଶିଳାଲେଖାରୁ ଜଣାଯାଏ ଖ୍ରୀଷ୍ଟିୟ ତୃତୀୟ ଶତାବ୍ଦୀରେ ସେଠାରେ ପର୍ଣ୍ଣଦେବୀଙ୍କ ମନ୍ଦିର ଥିଲା । ତତ୍କାଳୀନ ରାଜାଥିଲେ ସୁବର୍ଣ୍ଣ । ପର୍ଣ୍ଣଦେବୀ ଯେ ବୌଦ୍ଧମାନଙ୍କ ପର୍ଣ୍ଣଶବରୀ ଏଭଳି ଧାରଣା କରିବା

ଅମୂଳକ ନୁହେଁ । ପର୍ଣ୍ଣଶବରୀ ଯଦିଓ ମହିଷମର୍ଦ୍ଦିନୀ ନୁହଁନ୍ତି କିନ୍ତୁ ତାଙ୍କ ସ୍ୱରୂପ ଦୁର୍ଗାଙ୍କ ଭଳି । ଶବରୀ ଶବ୍ଦରୁ ଜଣାଯାଏ ଖୁବ୍ ସମ୍ଭବତଃ ସେ ଶାବରୀୟ ଦେବତା ଥିଲେ । ଶାବରୀୟଙ୍କଠାରୁ ବୌଦ୍ଧମାନେ ତାହା ଗ୍ରହଣ କରି ଲୋକସମାଜରେ ପ୍ରଚଳନ କରାଇଥିଲେ ।

ସାଧାରଣ ଲୋକ କାହିଁକି ବହୁ ବିଜ୍ଞ ବ୍ୟକ୍ତି ମଧ୍ୟ ଧାରଣା କରନ୍ତି ବଙ୍ଗ ଦେଶରେ ଦୁର୍ଗାପୂଜା ସମସ୍ତଙ୍କଠାରୁ ପୁରାତନ । ମାତ୍ର ଏହା କେବେ ସତ୍ୟ ନୁହେଁ । ବଙ୍ଗଦେଶର ପ୍ରାୟ ସମସ୍ତ ଗବେଷକ ସେମାନଙ୍କ ଗ୍ରନ୍ଥମାନଙ୍କରେ ଉଲ୍ଲେଖ କରିଛନ୍ତି ରାଜସାହି ଜିଲାର କଂସନାରାୟଣ ୧୬ଶ ଶତାବ୍ଦୀରେ ପ୍ରଥମେ ଦୁର୍ଗାପୂଜା କରିଥିଲେ । ସେହିଭଳି ସପ୍ତଦଶ ଶତାବ୍ଦୀରେ କାଳୀପୂଜା ଆରମ୍ଭ ହୋଇଥିଲା । ମାତ୍ର ସପ୍ତମ ଅଷ୍ଟମ ଶତାବ୍ଦୀରେ ବହୁ ଦୁର୍ଗା ମୂର୍ତ୍ତି ନିର୍ମିତ ହୋଇ ଓଡ଼ିଶାର ବିଭିନ୍ନ ତନ୍ତ୍ରକ୍ଷେତ୍ରରେ ଅଦ୍ୟାପି ଉପାସିତା । ସେମାନଙ୍କୁ ଦେଖିଲେ ସ୍ୱତଃ ମନେ ହୋଇଥାଏ ସପ୍ତମ ଅଷ୍ଟମ ଶତାବ୍ଦୀ ତନ୍ତ୍ରର ସୁବର୍ଣ୍ଣ ଯୁଗ ଥିଲା । ସେହି ସମୟରେ ଓଡ଼ିଶାରେ ବହୁ ତନ୍ତ୍ର ଗ୍ରନ୍ଥ ରଚିତ ହୋଇଥିଲା ଓ କେବଳ ସମଗ୍ର ଭାରତ ନୁହେଁ ପୃଥିବୀର ବିଭିନ୍ନ ଦେଶରେ ତାହା ପ୍ରସ୍ୱରିତ ହୋଇଥିଲା ।

ଓଡ଼ିଶାରେ ପୂଜା ପାଉଥିବା ଦୁର୍ଗା ଦ୍ୱିଭୁଜା ଠାରୁ ଅଷ୍ଟାଦଶ ଭୁଜା ପର୍ଯ୍ୟନ୍ତ ବିଭିନ୍ନ ପୀଠରେ ରହିଛନ୍ତି । ସେମାନଙ୍କ ମଧ୍ୟରୁ ଅଷ୍ଟଭୁଜା ଦୁର୍ଗାଙ୍କ ସଂଖ୍ୟା ବେଶୀ । ଭୁବନେଶ୍ୱରର ଅଧିକାଂଶ ମନ୍ଦିରର ପୀଠଦେବୀ ବା ପାର୍ଶ୍ୱଦେବୀ ହେଉଛନ୍ତି ଅଷ୍ଟଭୁଜା ମହିଷାସୁରମର୍ଦ୍ଦିନୀ ଦୁର୍ଗା । ଏହି ମୂର୍ତ୍ତିଗୁଡ଼ିକ ୭ମ ୮ମ ଶତାବ୍ଦୀରେ ନିର୍ମିତ ହୋଇଥିବା ପ୍ରତ୍ନତାତ୍ତ୍ୱିକମାନେ ମତ ଦେଇଛନ୍ତି । ବିନ୍ଦୁସାଗର କୂଳର ଦ୍ୱାର ବାସିନୀ ଦେବୀ ଲିଙ୍ଗରାଜ ମନ୍ଦିରର ଦକ୍ଷିଣକୁ ଥିବା ଦକ୍ଷିଣ ଚଣ୍ଡୀ, କପାଳୀମଠର ଦୁର୍ଗା, ବୈତାଳ ମନ୍ଦିର ଗାତ୍ରରେ ଥିବା ଦୁର୍ଗା ଅଷ୍ଟଭୁଜା । ଓଡ଼ିଶାର ପ୍ରଧାନ ପ୍ରଧାନ ତନ୍ତ୍ରପୀଠ ଯଥା—ଝଙ୍କଡର ଶାରଳା ଓ ବିଲଶାରଳା, କୋଣାର୍କର ରାମଚଣ୍ଡୀ, ବାଣପୁରର ଭଗବତୀ ଆଦି ଅଷ୍ଟଭୁଜା ମହିଷାସୁର ମର୍ଦ୍ଦିନୀ ଦୁର୍ଗା । ଏହି ଦେବୀ ଦୁର୍ଗାଙ୍କ ବ୍ୟତୀତ ଓଡ଼ିଶାର ବହୁ ତନ୍ତ୍ରପୀଠରେ ଚାମୁଣ୍ଡା ଆରାଧିତା । ଚାମୁଣ୍ଡା, ଦେଖିବାକୁ ଠିକ୍ ବୌଦ୍ଧ ଚର୍ଚ୍ଚିକାଙ୍କ ଭଳି । ମହାନଦୀ କୂଳରେ ଥିବା ଅନ୍ୟତମ ତନ୍ତ୍ରପୀଠ ବାଙ୍କିଠାରେ ପୀଠଦେବୀ ରୂପେ ଚାମୁଣ୍ଡା ମୂର୍ତ୍ତି ଆରାଧିତା । ଖୁବ୍ ସମ୍ଭବତଃ ଅଷ୍ଟମ ଶତାବ୍ଦୀରୁ ଏହି ପୀଠ ଗଢ଼ି ଉଠିଛି । ତନ୍ତ୍ରପୀଠ ଯାଜପୁରରେ ବହୁ ଚାମୁଣ୍ଡାମୂର୍ତ୍ତି ପୂଜା ପାଉଛନ୍ତି ।

ଓଡ଼ିଶାର ବହୁ ତନ୍ତ୍ରପୀଠରେ ସପ୍ତମାତୃକା ଆରାଧିତା । ସପ୍ତମାତୃକା କହିଲେ ବ୍ରାହ୍ମୀ, ମାହେଶ୍ୱରୀ, କୌମାରୀ, ବୈଷ୍ଣବୀ, ବାରାହୀ, ଇନ୍ଦ୍ରାଣୀ, ଚାମୁଣ୍ଡାଙ୍କୁ ବୁଝାଏ । ସପ୍ତମାତୃକା ପୀଠ ଭାବେ ପୁରୀ, ଯାଜପୁର, ବେଲଖଣ୍ଡି, ଟିଟିଲାଗଡ, ଖିଚିଂ, ଧର୍ମଶାଳା, କୁଣ୍ଡେଶ୍ୱର, ଶେରଗଡ ପ୍ରଧାନ ।

ଓଡ଼ିଶାର ଦୁଇଟି ସ୍ଥାନରେ ଚଉଷଠି ଯୋଗିନୀ ମନ୍ଦିର ଏବେବି ରହିଛି । ତନ୍ମଧ୍ୟରୁ ଗୋଟିଏ ବୌଦ୍ଧ ଯୋଗିନୀପୀଠ ଓ ଅନ୍ୟଟି ଶୈବ ଯୋଗିନୀ ପୀଠ । ହୃଦୟ ମଧ୍ୟରେ ଥିବା ଶୀର୍ଷ ଚକ୍ରରେ ଚଉଷଠିଦଳ ପଦ୍ମ ଥିବା ବୌଦ୍ଧ ଯୋଗୀମାନେ ନିର୍ଣ୍ଣୟ କରିଛନ୍ତି । ପର୍ଯ୍ୟାପଦରେ ଚଉଷଠିଦଳ ପଦ୍ମ କଥା କୁହା ହୋଇଛି । ଯୋଗିନୀମାନେ ଏହି ପଦ୍ମର ଅଧିଷ୍ଠାତ୍ରୀ ଦେବୀ । ଭୁବନେଶ୍ୱରର ପୂର୍ବକୁ ହୀରାପୁରଠାରେ ଯେଉଁ ଯୋଗିନୀ ମନ୍ଦିର ଅଛି ତାହା ବୌଦ୍ଧ ତନ୍ତ୍ରର । ମାତ୍ର ବଲାଙ୍ଗୀର ଜିଲ୍ଲାର ରାଣୀପୁର-ଝରିଆଲରେ ଥିବା ଯୋଗିନୀ ମନ୍ଦିରଟି ହିନ୍ଦୁ ତନ୍ତ୍ରର । ଏହି ଯୋଗିନୀ ମନ୍ଦିରର ମଧ୍ୟ ଭାଗରେ ନୃତ୍ୟ ଭଙ୍ଗୀରେ ଶିବ ଦଣ୍ଡାୟମାନ । ଶିବ ହେଉଛନ୍ତି ଯୋଗୀ ଏବଂ ପାର୍ବତୀଙ୍କର ଚଉଷଠି ରୂପ ହେଉଛି ଯୋଗିନୀ । ଏଠାରେ ଯୋଗିନୀଗଣ ନୃତ୍ୟ ଭଙ୍ଗୀରେ ଦଣ୍ଡାୟମାନା ।

ସପ୍ତମାତୃକାଙ୍କ ମଧ୍ୟରେ ଚାମୁଣ୍ଡା ଥିଲେ ମଧ୍ୟ ଓଡ଼ିଶାର ବହୁ ତନ୍ତ୍ରପୀଠରେ ଯେଉଁଭଳି ଚାମୁଣ୍ଡା ଆରାଧିତା, ସେହିଭଳି ପ୍ରାଚୀନଦୀ କୂଳର ଚୌରାଶିଠାରେ ଏକ ବରାହୀ ମନ୍ଦିର ରହିଛି । ଏହି ମନ୍ଦିରଟି ଅଷ୍ଟମ ଶତାବ୍ଦୀରୁ ଦଣ୍ଡାୟମାନ । ଏଠାରେ ପୀଠେଶ୍ୱରୀ ରୂପେ ଆରାଧିତା ବାରାହୀ ଦ୍ୱିଭୁଜା । ସେ ତାଙ୍କ ଦକ୍ଷିଣ ହସ୍ତରେ ଗୋଟିଏ ମାଛ ଏବଂ ବାମ ହସ୍ତ... ପାନ ପାତ୍ର ଧାରଣ କରିଛନ୍ତି । ତାଙ୍କ ବାହନ ମହିଷ ଦେଖାଯାଉ... ରହିଛି । ମୂର୍ତ୍ତିଟି ମୁଗୁନି ପଥରରେ ନିର୍ମିତ । କଟକ ... ସାତଭାୟାଠାରେ ପଞ୍ଚବାରାହୀ ଉପାସିତା । ସେମାନଙ୍କ ମୂର୍ତ୍ତି ... ଚଉରାଶି ବାରାହୀ ଭଳି । ଓଡ଼ିଶାରେ ଚଉରାଶି ଜଣ ସିଦ୍ଧ ... ଥିଲେ । ସେମାନେ ବୌଦ୍ଧ ତନ୍ତ୍ରର ସାଧକ । ସେହି ଚଉରାଶି ... ସାଧକଙ୍କ ସ୍ମୃତି ଉଦ୍ଦେଶ୍ୟରେ ଖୁବ୍ ସମ୍ଭବତଃ ବାରାହୀ ପୀଠର ନା... ଚଉରାଶି ହୋଇଛି ।

ଖୁବ୍ ସମ୍ଭବତଃ ୫ମ ୬ଷ୍ଠ ଶତାବ୍ଦୀରେ ପୁଷ୍ପଗିରି ବିଶ୍ୱବିଦ୍ୟାଳୟ ନିର୍ମିତ ହୋଇଥିଲା । ଲଳିତଗିରି, ଉଦୟଗିରି ଓ ରତ୍ନଗିରିକୁ ... ପୁଷ୍ପଗିରି କୁହାଯାଏ । ସେହି ସମୟରୁ ବହୁ ବୌଦ୍ଧଦେବୀ ଏଠାରେ ଆରାଧିତା ହୋଇ ଆସୁଥିଲେ । ବିହାର ଭାଙ୍ଗିଯିବା ପରେ ସେହି ଦେବତାମାନେ କେତେକ ପୂଜିତା ଓ କେତେକ ଅପୂଜାଭାବେ ପଡ଼ି ରହିଥିଲେ । ଏହି ବିଶ୍ୱବିଦ୍ୟାଳୟରେ ତନ୍ତ୍ର ଶିକ୍ଷା ଦିଆ ଯାଉଥିଲା । ବର୍ତ୍ତମାନ ସେହି ମୂର୍ତ୍ତିଗୁଡ଼ିକ ସେଠାରେ ସଂରକ୍ଷିତ ।

ସମଗ୍ର ଓଡ଼ିଶା ଏକ ସଂପୂର୍ଣ୍ଣ ତନ୍ତ୍ରପୀଠ । ଆଦିବାସୀଙ୍କଠାରୁ ଆରମ୍ଭ କରି ଜୈନ, ବୌଦ୍ଧ, ହିନ୍ଦୁମାନଙ୍କର ବହୁ ତନ୍ତ୍ର ଦେବତା ଆରାଧିତ । ଓଡ଼ିଶାର ବହୁ ସ୍ଥାନରେ ଜୈନ ଦେବୀଙ୍କୁ ହିନ୍ଦୁମାନେ ପୂଜା କରୁଛନ୍ତି । ହିନ୍ଦୁ ବୌଦ୍ଧମାନଙ୍କ ଭଳି ଜୈନମାନଙ୍କର ମଧ୍ୟ ମାତୃକା ଓ ଯୋଗିନୀ ଉପାସନା ରହିଛି । କେବଳ ଶକ୍ତିପୀଠ କାହିଁକି ବୌଦ୍ଧପୀଠ ପୁରୀ, ଶୈବପୀଠ ଭୁବନେଶ୍ୱର, ସୌରପୀଠ କୋଣାର୍କ ଆଦିରେ ଦୁର୍ଗା ପୂଜା ମହା ସମାରୋହରେ ହଜାରେ ବର୍ଷରୁ ଊର୍ଦ୍ଧ୍ୱ ଧରି ପାଳିତ ହୋଇ ଆସୁଛି । ଓଡ଼ିଶାର ପ୍ରତି ଗ୍ରାମରେ, ହିନ୍ଦୁ ଘରେ କଳସ ବସି ଦୁର୍ଗା ପୂଜା ହୋଇଥାଏ । ବ୍ରାହ୍ମଣଠାରୁ ଆରମ୍ଭ କରି ପ୍ରତି ପାଟକରେ ଦୁର୍ଗାପୂଜା ଯେଉଁ ଭକ୍ତି ଭାବେ ହୁଏ ତାହା ଦେଖିଲେ ସ୍ୱତଃ ମନେହେବ ଓଡ଼ିଶା ଭଳି ଭାରତରେ ଏଭଳି ଅଞ୍ଚଳ ନାହିଁ ଯେଉଁ ଅଞ୍ଚଳରେ ହଜାରେ ବର୍ଷରୁ ଊର୍ଦ୍ଧ୍ୱ ଦୁର୍ଗା ପୂଜା ମହା ସମାରୋହରେ ପାଳିତ ହୋଇ ଆସୁଛି । ଓଡ଼ିଶାକୁ ଛାଡ଼ିଦେଲେ ଭାରତର ବିଭିନ୍ନ ଅଞ୍ଚଳରେ କେଉଁଠି ତିନିଦିନ କେଉଁଠି ବା ନବ ଦିନ ବ୍ୟାପୀ ଦୁର୍ଗା ପୂଜା ହୋଇଥାଏ । ମାତ୍ର ଓଡ଼ିଶାରେ ମୂଳାଷ୍ଟମୀ ଠାରୁ ମହାଷ୍ଟମୀ ନୁହେଁ ଦଶହରା ପର୍ଯ୍ୟନ୍ତ ଦୁର୍ଗା ଦେବୀଙ୍କୁ ଆରାଧନା କରାଯାଏ । ଯେତେବେଳେ ଶାରଳାଦାସ ପଞ୍ଚଦଶ ଶତାବ୍ଦୀର ପ୍ରାରମ୍ଭରେ ଓଡ଼ିଆ ଭାଷାରେ ପୁରାଣମାନ ରଚନା କଲେ ସେତେବେଳେ ସେ ଦେବୀ ଦୁର୍ଗାଙ୍କ ଉପରେ ସ୍ୱତନ୍ତ୍ର ଏକ ପୁରାଣ ଚଣ୍ଡୀ ପୁରାଣ ନାମରେ ରଚନା କଲେ । ପଞ୍ଚଦଶ ଶତାବ୍ଦୀର ଗଜପତି ମହାରାଜା କପିଳେଶ୍ୱର ବା କପିଳେନ୍ଦ୍ର ଦୁର୍ଗର ଅଧିଷ୍ଠାତ୍ରୀ ଦେବୀ ଦୁର୍ଗାଙ୍କୁ ଆରାଧନା କରି ଗଙ୍ଗାଠାରୁ ସମଗ୍ର ଦାକ୍ଷିଣାତ୍ୟ ଜୟ କରିଥିଲେ । ସେଥିପାଇଁ ଶାରଳା ଜାତିକୁ ଉଦ୍‌ବୋଧ ଦେଇ ଗାଇଛନ୍ତି—

ଦୁର୍ଗା ସ୍ମରନ୍ତେ ଦୁର୍ଗତିମାନ ବେଗେ ଛିଡୁ ।
ଦୁର୍ଗା ସୁମର ହୋ ଜନେ ଆପଦ ନପଡୁ ॥
ଦୁର୍ଗା ସୁମର ହୋ ବିଘ୍ନମାନ ଯାଉ ନାଶି ।
ଦୁର୍ଗା ସୁମର ହୋ ଜନେ ଫିଟୁ କାଳଫାଶ ॥
ଦୁର୍ଗା ସୁମରଣେ ନରେ ଜ୍ୱର ରୋଗ ଖଣ୍ଡ ।
ଦୁର୍ଗା ସୁମର ନରେ ନଲାଗୁ ଯମ ଦଣ୍ଡ ॥
ଦୁର୍ଗା ସୁମରି ମନରେ ସନ୍ତାପକୁ ତେଜ ।
ଧନ ପୁତ୍ର ପ୍ରାପ୍ତ ହେବେ ଦୁର୍ଗା ନାମ ଭଜ ॥
ଦୁର୍ଗା ସୁମର ହେ ନରେ ବାସ ହେତ ସୁଖ ।
ଦୁର୍ଗା ସୁମର ହେ ନରେ ପୁତ୍ର ହେତ ଜାତ ॥
ଦୁର୍ଗା ସୁମର ହେ ନରେ ଚିର ହେଉ ସ୍ଥିର ।
ଦୁର୍ଗା ସୁମରନ୍ତେ ଆୟୁ ହୋଇବଟି ଚିର ॥

କ୍ୱାଟର ନଂ ୭୭, ଟାଇପ୍-୪
ଡେଲ୍ଟା କଲୋନି
ଭୁବନେଶ୍ୱର-୧୨

# ଆମ ଶ୍ୱାନ ସହଚର



ଶ୍ରୀ ଗୋବର୍ଦ୍ଧନ ଚନ୍ଦ୍ର ପଟ୍ଟନାୟକ

ଅସରା ଆଶାର ପଥରେ ଆଗେଇ ଚାଲିଲେ ପାଣ୍ଡୁରାଜାଙ୍କର ଜ୍ୟେଷ୍ଠପୁତ୍ର ଶ୍ରୀ ଯୁଧିଷ୍ଠିର ଦେବ । ବାଟରେ ଗୋଟିକ ପରେ ଗୋଟିଏ ଭାଇଙ୍କୁ ହରାଇବା ସଙ୍ଗେ ସଙ୍ଗେ ନିଜ ଧର୍ମପତ୍ନୀ ପାଞ୍ଚାଳୀଙ୍କୁ ମଧ୍ୟ ହରାଇଲେ ସେ । ଗଭୀର ବେଦନାର୍ଦ୍ଧିତ ହୃଦୟଟୋକି ପୁଣିଥରେ ଫେରି ଚାହିଁଲେ ଯୁଧିଷ୍ଠିର । ଦେଖିଲେ ସାଙ୍ଗରେ ତାଙ୍କର ପ୍ରିୟ ଶ୍ୱାନଟି ଚାଲିଛି ଅବିରତ ଅବିରାମ ଗତିରେ । ତା'ର କ୍ଳାନ୍ତି ନାହିଁ, ଅବସାଦ ନାହିଁ । ଅନ୍ନଦାତା ପ୍ରଭୁଙ୍କୁ ତା'ର ସେ ଅନୁଧାବନ କରି ଚାଲିଛି ଧର୍ମରକ୍ଷା କରି । ସ୍ୱର୍ଗପୁର ପାଖେଇ ଆସିଲା, ଯୁଧିଷ୍ଠିର ହଠାତ୍ ଦେଖିଲେ ଶ୍ୱାନଟି ଆଉ ନାହିଁ । ତା ସ୍ଥାନରେ ନିଜେ ଧର୍ମଦେବ ଦଣ୍ଡାୟମାନ ହୋଇ ତାଙ୍କୁ କଲ୍ୟାଣ କରୁଛନ୍ତି ।

କି ଆଶ୍ଚର୍ଯ୍ୟ ? ତେବେ କଣ ଧର୍ମଦେବ ଏ ହୀନ ଶ୍ୱାନ ରୂପରେ ଆସୁଥିଲେ ? ସବୁ ରକ୍ଷଣଶୀଳ ହିନ୍ଦୁ ମତରେ ଏହି ଭାବ ଜାଗ୍ରତ ହୋଇ ଉଠେ । ଯୁଧିଷ୍ଠିରଙ୍କ ମହାଯାତ୍ରା ବେଳକୁ ଶ୍ରୀକୃଷ୍ଣଙ୍କର ମହାପ୍ରୟାଣ ଘଟିଯାଇଥାଏ । ସଂସାରରେ କଳି ପ୍ରବେଶ କରିଥାଏ । ମନୁଷ୍ୟ ତା'ର ଧର୍ମ ଭୁଲିଯାଇ ପରସ୍ପର ମଧ୍ୟରେ ବୈରିତା ଆଚରଣ କରି ଚାଲିଥାନ୍ତି । ମାତ୍ର, ଶ୍ୱାନ ? ଏ ଘୋର କଳିରେ ମଧ୍ୟ ସେ ତା'ର ପ୍ରଭୁଭକ୍ତି ପ୍ରଦର୍ଶନ ଧର୍ମରକ୍ଷା କରିଛି ଓ କରୁଛି ॥ ତେଣୁ ଧର୍ମଦେବ ତାରି ରୂପରେ ଯୁଧିଷ୍ଠିରଙ୍କ ସାଙ୍ଗରେ ସ୍ୱର୍ଗ ଲୋକକୁ ଚାଲିଥିଲେ ।

ଏହି ପୌରାଣିକ ଘଟଣାଟିକୁ ଅନୁଧ୍ୟାନ କଲେ ଭଲଭାବରେ ଜଣାଯାଏ ଶ୍ୱାନ କେତେ ମହତ୍ ଜୀବ । କେତେ ପ୍ରଭୁଭକ୍ତ । କେଉଁ ଯୁଗରୁ ମାନବ ସମାଜ ସାଙ୍ଗରେ ଶ୍ୱାନ ସମାଜର ସମ୍ପର୍କ ସ୍ଥାପିତ ହେଲା । ତାହା କଳନା କରାଯାଇ ପାରିନାହିଁ । ମାତ୍ର ଏହା ସ୍ୱତଃସିଦ୍ଧ ଯେ ମାନବ ଓ ଶ୍ୱାନ ସମାଜର ସଂପର୍କ ଅବିଚ୍ଛିନ୍ନ ।

ଶ୍ୱାନ ବିବର୍ତ୍ତନ ବାଦକୁ ଅନୁଧ୍ୟାନ କଲେ ଜଣାଯାଏ ଯେ "ମିଆସିସ୍" ନାମକ ଓଧ ଜାତୀୟ ଏକ କ୍ଷୁଦ୍ର ଉଭୟ ଚର ଓ ଉଭୟ ଭୋଜୀ ପ୍ରାଣୀ ହୋଇଛି ଆଧୁନିକ ଶ୍ୱାନ ଜଗତର ଜନ୍ମଦାତା ସେହି "ମିଆସିସ୍" ଠାରୁ ଉତ୍ତର ଆମେରିକାର ବିରାଟକାୟ "ଟୋମାରକଟସ" ଜନ୍ମଲାଭ କଲା, ଯାହାଠାରୁ ଜଙ୍ଗଲୀ ଶ୍ୱାନ ବଳିଆ, ପାତିବଳିଆ ଓ ଆଧୁନିକ ଶ୍ୱାନମାନେ ଜନ୍ମଲାଭ କଲେ ।

ଆକାର, ପ୍ରକାର ଓ ଆଚାର ବ୍ୟବହାରକୁ ନେଇ ଶ୍ୱାନମାନଙ୍କୁ ମୁଖ୍ୟତଃ ଛଅଟି ବିଭାଗରେ ବିଭକ୍ତ କରାଯାଇଛି । ଗନ୍‌ଡଗ୍, ଓ୍ୱାର୍କିଂ ଡଗ୍, ଟେରିୟର ଡଗ୍, ହାଉଣ୍ଡ, ୟୁଟିଲିଟି ଡଗ୍, ଟୟଡଗ୍ ।

(୧) ଗନ୍ ଡଗ୍ (ବଂଧୁକାନୁଗାମୀ ଶ୍ୱାନ)–

ଏହି ବିଭାଗଟିରେ ପୃଥିବୀର ସବୁ ଇସ୍‌ପେନିୟଲ୍, ରିଟ୍ରିଭର ଓ ସେଟର ଜାତୀୟ ଶ୍ୱାନ ଅନ୍ତର୍ଭୁକ୍ତ । ଏମାନଙ୍କ କାମ ହେଲା ବଂଧୁକ ଧରି ଶିକାରୀ ଚାଲିଲେ–ଏମାନେ ଶିକାରୀର ସାଥୀ ହୋଇ ଚାଲିବେ । ଶିକାରୀ ଗୁଳି ମାରିଲେ–ଗୁଳିର ଦିଗ ନିର୍ଣ୍ଣୟ କରି ଆହତ ବା ମୃତ ଶିକାରକୁ ଅନୁଧାବନ କରି ଶିକାରୀକୁ ପଥ ଦେଖାଇବେ । ଶିକାରଟି ଛୋଟ ହୋଇଥିଲେ ମୁଖରେ ଧରି ଶିକାରୀ ପାଖକୁ ଆଣିଦେବେ । ଏହି ଜାତୀୟ ଶ୍ୱାନମାନଙ୍କର ଶିକାରରେ ସାହାଯ୍ୟ କରିବା ସଙ୍ଗେ ସଙ୍ଗେ ମନୁଷ୍ୟ ପାଇଁ ଅନ୍ୟାନ୍ୟ କାର୍ଯ୍ୟ କରିବାରେ ସାମର୍ଥ୍ୟ ରହିଛି । ସେଥିପାଇଁ ଇସ୍‌ପେନିୟଲ୍ ଓ ରିଟ୍ରିଭର ଜାତୀୟ ଶ୍ୱାନମାନେ ପୋଲିସ୍ ବିଭାଗ, ସୈନ୍ୟ ବିଭାଗ ଓ ଦୃଷ୍ଟିହୀନ ନାୟକ ବିଭାଗ (ସିଂ ଆଇ) ଦ୍ୱାରା ବ୍ୟବହୃତ ହେଉଛନ୍ତି ।

(୨) ଓ୍ୱାରକିଂ ଡଗ୍ (କାର୍ଯ୍ୟକାରୀ ଶ୍ୱାନ)–

ଏହି ଶ୍ୱାନଗୁଡ଼ିକ ମନୁଷ୍ୟର ଗୋ, ମେଷାଦି ଜଗିବା କାର୍ଯ୍ୟଠାରୁ ଲାଗି, ସ୍ଲେଜଗାଡ଼ି ଟାଣିବା, ପୋଲିସ୍ ଓ ସୈନିକମାନଙ୍କୁ ସାହାଯ୍ୟ କରିବା ପର୍ଯ୍ୟନ୍ତ ବହୁ କାର୍ଯ୍ୟରେ ମନୁଷ୍ୟକୁ ସାହାଯ୍ୟ କରନ୍ତି । ଏହି ବିଭାଗରେ, ଆଲସେସିଆନ୍, ଡୋବର ମ୍ୟାନ, ଗ୍ରେଟ୍‌ଡେନ୍, ସେଂଟବର୍ଣ୍ଣାଡ୍ ଇତ୍ୟାଦି ଅନ୍ତର୍ଭୁକ୍ତ ।

(୩) ଟେରିୟର୍ (ଭୟ ପ୍ରଦ ଶ୍ୱାନ)–

ଭୟପ୍ରଦ ଶବ୍ଦରୁ ମନେହୁଏ ହୁଏତ ଶ୍ୱାନଗୁଡ଼ିକ ବିଶାଳକାୟ ହୋଇଥିବେ । ମାତ୍ର ପ୍ରକୃତରେ ତାହା ନୁହେଁ– "କ୍ଷୁଦ୍ର ସର୍ପସ୍ୟ ବିଷଃ ଉତ୍କଟତରଃ" ଏମାନେ ଦେଖିବାକୁ ବିଶେଷ ବଡ ନୁହଁନ୍ତି । ଦଳବଦ୍ଧ ହୋଇ ଆକ୍ରମଣ କରନ୍ତି । ପୂର୍ବେ ରାଜା ମହାରାଜାମାନେ ଦୋଷୀକୁ ଦଣ୍ଡ ଦେବାବେଳେ "ଦଳେ ଫକ୍ସ ଟେରିୟର୍"ଙ୍କୁ ଛାଡ଼ି ଦେଉଥିଲେ । ସେମାନେ ଦୋଷୀର ଦୋଷାନୁସାରେ ତାକୁ ଚୁନା ଚୁନା କରି କାମୁଡୁଥିଲେ । ଯାହାକୁ ମୃତ୍ୟୁ ଦଣ୍ଡାଦେଶ ହୋଇଥାଏ ତାକୁ କାମୁଡ଼ି କାମୁଡ଼ି ମାରିଦେଉଥିଲେ ।

ଏହି ବିଭାଗର "ବୁଲ ଟେରିୟର୍" ରାଜା ଓ ନବାବଙ୍କ ଦରବାରରେ ହେଉଥିବା ଷଣ୍ଢ ଲଢ଼େଇରେ ସାହାଯ୍ୟ କରୁଥିଲା । ଲଢ଼େଇ ପରେ ହାରି ଯାଉଥିବା ବା ଜିତିଥିବା ଷଣ୍ଢଟି ଅରଣା ହୋଇ ରାଜ୍ୟ ମଧ୍ୟରେ ଧାଇଁ ଅନେକ ଧନ, ଜୀବନର ହାନି ଘଟାଏ । ସେତେବେଳେ ଏହି ଜାତୀୟ ଶ୍ୱାନମାନେହିଁ କେବଳ ତାକୁ ଆୟତକରି ଗୁହାଳକୁ ଫେରାଇ ଆଣି ପାରନ୍ତି ।

(୪) ହାଉଣ୍ଡ (ଶିକାରୀ ଶ୍ୱାନ)—

ଶିକାରୀ ଶ୍ୱାନମାନଙ୍କ ମଧ୍ୟରେ ଦୁଇ ପ୍ରକାର ଶିକାରୀ ଶ୍ୱାନ ଅଛନ୍ତି ।

(୧) ଦୃଷ୍ଟି ପ୍ରଧାନ ଶିକାରୀ ଶ୍ୱାନ—

ଏମାନେ ବହୁତ ଦୂରରୁ ଶିକାରକୁ ଦେଖି ଧାଇଁ ଯାଇ ଆକ୍ରମଣ କରନ୍ତି । ଏମାନଙ୍କର ଲମ୍ବା ବେକ, ଲମ୍ବା ଗୋଡ, ଦେହ ମଧ୍ୟ ଲମ୍ବା, ସାଧାରଣତଃ ହାଲୁକା ଓଜ ଅଧିକା । ଏହି ଦଳରେ ଗ୍ରେ ହାଉଣ୍ଡ, ବାସେନ୍‌ଜୀ, ହ୍ୱିପେଟ୍, ଇତ୍ୟାଦି ଅନ୍ତର୍ଭୁକ୍ତ । ଏହି ଦଳର ବ୍ଲଡ୍ ହାଉଣ୍ଡ କିନ୍ତୁ ଓ୍ୱାର୍କିଂ ଡଗ୍ ବା କାର୍ଯ୍ୟକାରୀ ଶ୍ୱାନ ହିସାବରେ ପରିଚିତ ହୋଇଗଲାଣି ।

(୨) ଘ୍ରାଣ ପ୍ରଧାନ ଶିକାରୀ ଶ୍ୱାନ—

ଏମାନଙ୍କର ଗୋଡ ଛୋଟ ଛୋଟ, ଆକାର ଛୋଟ । ଏମାନେ ଶିକାରର ଗନ୍ଧବାରି ତାର ଅନୁଧାବନ କରନ୍ତି । ଏହି ଦଳରେ ଡାସ୍‌ହଣ୍ଡ୍, ବିଗ୍‌ଲ, ବାସେନ୍‌ଜୀ ଇତ୍ୟାଦି ଶ୍ୱାନମାନେ ଅନ୍ତର୍ଭୁକ୍ତ ।

(୫) ୟୁଟିଲିଟି ଡଗ୍ (ବ୍ୟବହାର୍ଯ୍ୟ ଶ୍ୱାନ)—

ଅନ୍ୟ ୫ଟି ବିଭାଗର ଯେଉଁ ଶ୍ୱାନମାନେ ଅନ୍ତର୍ଭୁକ୍ତ ନୁହନ୍ତି, ସେମାନଙ୍କୁ ଏହି ଦଳରେ ନିଆଯାଏ । ଏହି ଦଳରେ ପୁଡୁଲ୍, ବୁଲଡଗ୍ ଇତ୍ୟାଦି ଅନ୍ତର୍ଭୁକ୍ତ ।

(୬) ଟୟ ଡଗ୍ (ଖେଳନା ଶ୍ୱାନ)—

ଖେଳନା କୁକୁର ନାମ ଶୁଣି ମନେ ହେଉଥିବ ଏଗୁଡ଼ିକ ନିହାତି ଅଦରକାରୀ । ମାତ୍ର ଏମାନେ ଦେଖିବାକୁ ଛୋଟ ଛୋଟ ଖେଳନା ପରି ହେଲେ ମଧ୍ୟ ମନୁଷ୍ୟର ଦେହରକ୍ଷୀ ଭାବେ କାମ କରନ୍ତି । ଏମାନଙ୍କୁ କୋଳରେ ଧରି ସହଜରେ ଯେ କୌଣସି ସ୍ଥାନକୁ ଯାଇହୁଏ ।


ବିପଦର ଆଶଙ୍କା ପାଇଲେ ମାଲିକକୁ ଏମାନେ ଆଗୁଆ ଜଣାଇ ଦିଅନ୍ତି । ଆମର ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଲଳିତ ନାରାୟଣ ମିଶ୍ରଙ୍କର ବିସ୍ଫୋରଣ ଘଟଣା ଘଟିବାର ବହୁପୂର୍ବରୁ ତାଙ୍କର ପ୍ରିୟ "ଟେକୋ" ପମ୍ ଶ୍ୱାନଟି ସମସ୍ତିପୁର ବାସଭବନରେ ତାଙ୍କ ପରିବାରକୁ ବିକଳରେ ଭୁକି ଜଣାଇ ଦେଇଥିଲା । ମାତ୍ର ସେମାନେ ବୁଝି ପାରିଲେ ନାହିଁ । ପରେ ଶ୍ୱାନଟି ଚିତ୍କାର କରି ଗଡ଼ିଥିଲା ଓ ନଖାଇ ନପିଇ ମରିଯାଇଥିଲା । ଘଟଣାଟିକୁ ପରେ ଅନୁଧ୍ୟାନ କରିବାରେ ଜଣାଗଲା ସ୍ୱର୍ଗତଃ ମିଶ୍ର ଛଟପଟ ହେଉଥିବା ବେଳେ "ଟେକୋ" ଚିତ୍କାର କରି ଗଡୁଥିଲା ସେ ଦିନେ ସ୍ୱର୍ଗାରୋହଣ କରିବାବେଳେ ଶ୍ୱାନଟି ମରିଯାଇଥିଲା ।


ଏହି ଦଳରେ ପମ୍, ଚିହୁଆ ହୁଆ, ପେକିନିଜ୍ ଆପ୍‌ସୋ ଇତ୍ୟାଦି ଶ୍ୱାନ ଗୁଡ଼ିକ ଅନ୍ତର୍ଭୁକ୍ତ । ଏମାନଙ୍କୁ ଆଧୁନିକ ଯୁଗରେ ମହିଳା ମାନଙ୍କର କୋଳ କୁକୁର ବା ଟଙ୍କା ଥଳୀ ଜଗୁଆଳୀ କୁକୁର ନାମରେ ନାମିତ କରାଯାଇଛି । ଏହି ଶ୍ୱାନ ଗୁଡ଼ିକର ଦାମ୍ ବେଶୀ, ମାତ୍ର ଏମାନଙ୍କ ଖାଦ୍ୟ କମ୍ ।

ଶ୍ୱାନମାନଙ୍କ ବିଷୟରେ ଉପରୋକ୍ତ ବିଷୟଗୁଡ଼ିକ ଜାଣିବା ପରେ ମନେ ହୁଏ କିପରି ଏମାନଙ୍କୁ ରଖାଯାଇ ପାରିବ ? ସବୁଠାରୁ ବଡ ସମସ୍ୟା ହେଲାଣି—ଖାଦ୍ୟ । ମାଂସ କିଲୋ ୨୫ ଟଙ୍କାରୁ ଊର୍ଦ୍ଧ୍ୱ, ତେଣୁ ଶ୍ୱାନଟିଏ ରଖିବା କିପରି । ଦେଖନ୍ତୁ ତଳେ ଗୋଟିଏ ଶ୍ୱାନ ଖାଦ୍ୟର ତାଲିକା ଦିଆଗଲା । ତାକୁହିଁ ଅନୁଧ୍ୟାନ କରି ଶ୍ୱାନକୁ ଖୁଆଇଲେ ବିଶେଷ ଅସୁବିଧା ହେବନାହିଁ ।

## ଦୈନିକ ଶ୍ୱାନ ସୁଷମ ଖାଦ୍ୟର ତାଲିକା

| | | ବୟସ୍କ ଶ୍ୱାନ | ବଢ଼ୁଥିବା ଶ୍ୱାନ ଶାବକ |
|---|---|---|---|
| | | କି:ଗ୍ରା | କି:ଗ୍ରା |
| ...ସ'ର | .. | ୧.୭ | ୪.୫ |
| ...ଡପାର | .. | ୮.୦ | ୧୪.୭ |
| ...ହ୍ୟାର | .. | ୦.୭ | ୧.୧ |
| ଲୁନ ଧାତବ | .. | ୧୨୦ | ୨୪୦ |
| ଫସ୍‌ଫରସ୍ | .. | ୧୦୦ | ୨୦୦ |
| ଲୌହ ଧାତବ | ... | ୭ | ୫ |
| ...(କ) | ... | ୪୫ (ଇଣ୍ଟର ନ୍ୟାସନାଲ ୟୁନିଟ୍) | ୯୦ (ଆଇ.ୟୁ) |
| ...(ଘ) | .. | ୩ | ୯ |
| ...(ଖ-୧) | | ମି:ଗ୍ରା: | ମି:ଗ୍ରା: |
| ...ଇମିନ୍ | .. | ୦.୨୫ | ୦.୫ |
| ରିବୋଫ୍ଲାଭିନ୍ | ... | .୦୦୮ | .୦୧୫ |
| ପାନ୍ତୋଥେନିକ ଏସିଡ୍ | ... | ୦.୦୨୦ | .୦୦୪୦ |
| ...ରିଡକ୍ସିନ | .. | ୦.୨୫ | ୦୪୫ |
| ...ଆସିନ୍ | .. | ୦.୧୦ | ୦.୨୫ |
| ...କୋଲିନ୍ | .. | ୦.୨୨ | ୦.୪୮ |
| ...ବାଇଓଟିନ୍ | .. | ୧୫ | ୨୪ |
| | .. | ୧୫ | ୨୪ |







ନିକଟରେ "ଡଗ୍ ଓ୍ୱାର୍ଲଡସ୍ ଫୁଡ୍" ରେ ବି.ବି.ସି.ଉପରୋକ୍ତ ତାଲିକାଟି ପ୍ରକାଶ କରିଛନ୍ତି । ମାତ୍ର ଏହାକୁ ନେଇ କାର୍ଯ୍ୟକାରୀ କରିବାକୁ ହେଲେ ପଶୁ ଡାକ୍ତରଙ୍କ ପରାମର୍ଶ ଏକାନ୍ତ ଆବଶ୍ୟକ । ଏ ବିଷୟରେ ନିକଟରେ ଓଡ଼ିଶା ପଶୁ ଚିକିତ୍ସା ମହାବିଦ୍ୟାଳୟର ବିଶେଷଜ୍ଞମାନଙ୍କ ସହିତ ପରାମର୍ଶ କରାଯାଇଛି । ମୋଟାମୋଟି ଗୋଟିଏ ବୟସ୍କ ଶ୍ୱାନକୁ ୨୫୦ ଗ୍ରାମ୍ ଚାଉଳ, ୨୫୦ ଗ୍ରାମ୍ ଅଟା, ୧୦୦ ଗ୍ରାମ୍ ସୋୟାବିନ୍ ମଞ୍ଜିର ଗୁଣ୍ଡ, ୧୦୦ ଗ୍ରାମ୍ ମାଂସ, ୨୦୦ ଗ୍ରାମ୍ ପରିବା ସିଝା, ୧ ଲିଟର ଦୁଗ୍ଧ, ୧ଟା ଅଣ୍ଡା ଦେଲେ ଉପରୋକ୍ତ ସୁଷମ ଖାଦ୍ୟ ସେ ପାଇପାରିବ । ମାତ୍ର ହଜମ ଶକ୍ତି ଓ ଆକାର, ପ୍ରକାରକୁ ନେଇ ଏଥିର ବ୍ୟତିକ୍ରମ କରାଯିବା ବାଞ୍ଛନୀୟ । ଅନ୍ୟଥା ଶ୍ୱାନର ପେଟ ଖରାପ ହୋଇପାରେ ।

ଯେତ ଗଲା ଶ୍ୱାନ ଜଗତ ଓ ଶ୍ୱାନମାନଙ୍କର ଖାଦ୍ୟପେୟ ବିଷୟରେ, ମାତ୍ର ଆମ ଓଡ଼ିଶା ଆରକ୍ଷୀ ବାହିନୀର ସନ୍ଧାନୀ ଶ୍ୱାନ ସହଚରମାନଙ୍କ ବିଷୟରେ ପଦେ ଅଧେ ଜଣାଇବା ବିଧେୟ । କାରଣ ସେମାନଙ୍କ ସାହାଯ୍ୟକୁ ଉପରୋକ୍ତ ଭାବେ ବିନିଯୋଗ କରିବାର ସୁଯୋଗ ନେଲେ ଜନସମାଜ ସୁନିଶ୍ଚିତ ଭାବେ ଉପକୃତ ହେବେ ।

୧୯୬୧ ମସିହାରେ ଓଡ଼ିଶା ଆରକ୍ଷୀ ବାହିନୀର ପଡୋଶି ରାଜ୍ୟ ମାନ୍ଦ୍ରାଜ ଆରକ୍ଷୀ ଶ୍ୱାନ ସଂସ୍ଥାରେ ଦୁଇଟି ଆଲ୍‌ସେସିୟାନ ଶ୍ୱାନ "ଜନ୍" "ଜ୍ୟୋତି" କୁ ତାଲିମ ଦେଇ ସନ୍ଧାନୀ କାର୍ଯ୍ୟରେ ଲଗାଇଲା । କ୍ରମଶଃ ସେହି ଶ୍ୱାନ ସଂସ୍ଥା ପୂର୍ଣ୍ଣାଙ୍ଗପ୍ରାପ୍ତି ପଥରେ ଅଗ୍ରସର ହେଲା ଓଡ଼ିଶାର ଅଗଣିତ ଦେଶବାସୀଙ୍କର ସ୍ନେହ ମମତାକୁ ପାଥେୟ କରି । ଅଦ୍ୟାବଧି ଓଡ଼ିଶାରେ ସର୍ବମୋଟ ୧୩ଟି ଶ୍ୱାନ ସଂସ୍ଥା ରହିଛି । କେବଳ କଳାହାଣ୍ଡି, ସୁନ୍ଦରଗଡ ଓ ଫୁଲବାଣୀ ଜିଲ୍ଲାକୁ ଛାଡ଼ିଦେଲେ, ଅନ୍ୟ ସବୁ ଜିଲ୍ଲାର ସଦର ମହକୁମାମାନଙ୍କରେ ସନ୍ଧାନୀ ଶ୍ୱାନ ସଂସ୍ଥାମାନ ରହିଛି ।

୧୯୭୩ ମସିହାରେ ଅଖିଳ ଭାରତୀୟ ଆରକ୍ଷୀ ବୃତ୍ତିଗତ ପ୍ରତିଯୋଗିତାରେ ସର୍ବପ୍ରଥମେ "ସନ୍ଧାନୀ ଶ୍ୱାନ ପ୍ରତିଯୋଗିତା" ଆରମ୍ଭ କରାଗଲା । ଏହି ପ୍ରତିଯୋଗିତାଟି କଟକର ବାରବାଟୀ ଷ୍ଟାଡ଼ିୟମଠାରେ ଓଡ଼ିଶା ଆରକ୍ଷୀ ବାହିନୀର ବର୍ତ୍ତମାନର ଉପ ଆରକ୍ଷୀ ମହାନିରୀକ୍ଷକ ଶ୍ରୀ ଆର୍:ଏମ୍:ପଟ୍ଟନାୟକ, ଆଇ:ପି:ଏସ୍:ଙ୍କ ଉଦ୍ୟମରେ କରାଗଲା । ସେହି ପ୍ରତିଯୋଗିତାରେ ମୁଖ୍ୟ ବିଗ୍ରହକ ହିସାବରେ କେରଳର ଉପ ଆରକ୍ଷୀ ମହାନିରୀକ୍ଷକ ଶ୍ରୀ କେ: ଶ୍ରୀନିବାସ ରାଓ ଯୋଗଦେଇଥିଲେ । ଲେଖକ ନିଜେ ଜଣେ ବିଗ୍ରହକ ରୂପେ ଯୋଗ ଦେଇଥିଲା । ଶ୍ରୀଯୁକ୍ତ ପଟ୍ଟନାୟକ ଓ ଲେଖକ ଏହି ପ୍ରତିଯୋଗିତାର ନିୟମାବଳୀ ଇତ୍ୟାଦି କରିଥିଲେ । ସେହି ବର୍ଷ ଓଡ଼ିଶା ଆରକ୍ଷୀ ଶ୍ୱାନ ସଂସ୍ଥାର ଆଲ୍‌ସେସିୟାନ ଶ୍ୱାନ "ହିରୋ" ପ୍ରତିଯୋଗିତାରେ ଗୋଟିଏ ରୌପ୍ୟପଦକ ପାଇଥିଲା ।

ପରେ ପରେ ୧୯୭୫ ମସିହାରେ ଲେଖକ ସନ୍ଧାନୀ ଶ୍ୱାନ ସଂସ୍ଥାର ନୀରିକ୍ଷକ ରୂପେ ଅବସ୍ଥାପିତ ହେଲା । ୧୯୭୬ ମସିହାରେ ଲେଖକକୁ ଆସାମଠାରେ "ଅଖିଳ ଭାରତୀୟ ଆରକ୍ଷୀ ବୃତ୍ତିଗତ ପ୍ରତିଯୋଗିତା"ରେ ସନ୍ଧାନୀ ଶ୍ୱାନ ପ୍ରତିଯୋଗିତା ପାଇଁ ବିଗ୍ରହକ ରୂପେ ନିମନ୍ତ୍ରଣ କରାଗଲା । ମାତ୍ର ଓଡ଼ିଶା "ଆରକ୍ଷୀ ସନ୍ଧାନୀ ଶ୍ୱାନ ସଂସ୍ଥା"ର ଦାୟିତ୍ୱରେ ଥିବାରୁ ଲେଖକ ଏହାକୁ ପ୍ରତ୍ୟାଖାନ କରିଥିଲା ।

କ୍ରମଶଃ ସନ୍ଧାନୀ ଶ୍ୱାନ ସଂସ୍ଥା ପ୍ରଗତି ପଥରେ ଆରୋହଣ କରିବା ସହିତ ଓଡ଼ିଶାର ବିଭିନ୍ନ ଅଞ୍ଚଳର ଚୋରୀ, ଡକାୟତି, ହତ୍ୟା ମାମଲାର ଅନୁସନ୍ଧାନରେ ଓଡ଼ିଶାର ଜନତା ଶ୍ୱାନ ସଂସ୍ଥାକୁ ପ୍ରଶଂସା କରି ସ୍ୱୀକାର କଲେ । ପୂର୍ବରୁ ଓଡ଼ିଶାର ଆରକ୍ଷୀ ବାହିନୀ ରାଜ୍ୟ ବାହାରୁ ଶ୍ୱାନ କିଣୁଥିଲେ ଓ ରାଜ୍ୟ ବାହାରର ଅନୁଷ୍ଠାନରେ ଶ୍ୱାନକୁ ତାଲିମ ଦେଉଥିଲେ । ୧୯୭୬ ମସିହାଠାରୁ ଓଡ଼ିଶା ସନ୍ଧାନୀ ଶ୍ୱାନ ସଂସ୍ଥାରେ ଶ୍ୱାନ ପ୍ରଜନନ କାର୍ଯ୍ୟ ହାତକୁ ନିଆଗଲା ଓ ତାଲିମ ମଧ୍ୟ କଟକରେ ଶ୍ୱାନ ପ୍ରଶିକ୍ଷଣ କେନ୍ଦ୍ର ସ୍ଥାପନ କରାଗଲା । ଫଳରେ ଏହି ବାବଦ ଖର୍ଚ୍ଚରୁ ମୁକ୍ତି ମିଳିଲା ଓ ଅଧିକ ଶ୍ୱାନ ଶାବକ ବିକ୍ରିମଧ୍ୟ କରାଯାଇ ରାଜକୋଷରେ ଅର୍ଥ ଜମା କରାଗଲା ।

ଏହି ପ୍ରଶିକ୍ଷଣ କେନ୍ଦ୍ରର ଉଦ୍ୟମରେ ନଦୀ ଓ ସମୁଦ୍ର କୂଳିଆ ଅଞ୍ଚଳ ନିମନ୍ତେ ଓଜନ ଟ୍ରାକର୍ ସନ୍ଧାନୀ ଶ୍ୱାନ, ଶିଳ୍ପାଞ୍ଚଳ ପାଇଁ କ୍ଲଚିତ୍ କେମିକାଲ ଟ୍ରାକର୍ ଶ୍ୱାନ ଓ ପାହାଡ଼ିଆ ଅଞ୍ଚଳ ପାଇଁ ହିଲ୍ ଟ୍ରାକର୍ ଶ୍ୱାନମାନେ ସ୍ୱତନ୍ତ୍ର ତାଲିମ ପାଇ ପୁରୀ, ରାଉରକେଲା, କୋରାପୁଟ ଅଞ୍ଚଳରେ ସନ୍ଧାନୀ କାର୍ଯ୍ୟ ସଫଳତାର ସହ କରିପାରିଲେ । ଏହି ଅଞ୍ଚଳର ବାୟୁମଣ୍ଡଳରେ ଉଗ୍ର ଗନ୍ଧ ଥିବା ଯୋଗୁଁ ପୂର୍ବରୁ ସନ୍ଧାନୀ ଶ୍ୱାନ ଉପରୋକ୍ତ ଭାବେ କାର୍ଯ୍ୟ କରିପାରୁ ନଥିଲେ ।

ମଧ୍ୟପ୍ରଦେଶର ଭୋପାଳଠାରେ ୧୯୮୦ ମସିହାରେ ୨୪ତମ ଅଖିଳ ଭାରତୀୟ ଆରକ୍ଷୀ ବୃତ୍ତିଗତ ପ୍ରତିଯୋଗିତାରେ ଓଡ଼ିଶା ଆରକ୍ଷୀ ସନ୍ଧାନୀ ଶ୍ୱାନ "ରୂପାଲୀ" ସ୍ୱର୍ଣ୍ଣ ପଦକ ଓ ସନ୍ଧାନୀ ଶ୍ୱାନ "ଜୟଶ୍ରୀ" ରୌପ୍ୟ ପଦକ ଲାଭ କରିଥିଲେ । ତାର ପରବର୍ଷ ୨୫ତମ ପ୍ରତିଯୋଗିତା କର୍ଣ୍ଣାଟକର ବାଙ୍ଗାଲୋରଠାରେ ଅନୁଷ୍ଠିତ ହେଲା । ତହିଁରେ ଓଡ଼ିଶାର ସନ୍ଧାନୀ ଶ୍ୱାନ "ଟାଇଗର" ସ୍ୱର୍ଣ୍ଣ ପଦକ ଲାଭକଲା । ୨୬ତମ ପ୍ରତିଯୋଗିତା ଅନୁଷ୍ଠିତ ହେଲା ପଶ୍ଚିମ ବଙ୍ଗଳାର ବାରକପୁରଠାରେ । ତହିଁରେ ଓଡ଼ିଶାର ସନ୍ଧାନୀ ଶ୍ୱାନ "ରଣ୍ଟୁ", "ଟାଇଗର" ଓ "ଜୟଶ୍ରୀ" ପ୍ରତ୍ୟେକ ଗୋଟିଏ କରି ସ୍ୱର୍ଣ୍ଣ ପଦକ ହାସଲ କଲେ । ସର୍ବ ଭାରତୀୟ ସ୍ତରରେ ଅଦ୍ୟାବଧି କୌଣସି ଆରକ୍ଷୀ ସଂସ୍ଥାର ଶ୍ୱାନମାନେ ଏକକାଳୀନ ୩ଟି ସ୍ୱର୍ଣ୍ଣ ପଦକ ପାଇ ପାରିନାହାନ୍ତି ।

ତହିଁ ପରବର୍ଷ ୨୭ତମ ପ୍ରତିଯୋଗିତା ଉତ୍ତର ପ୍ରଦେଶର ଲକ୍ଷ୍ନୌଠାରେ ଅନୁଷ୍ଠିତ ହେଲା । ତହିଁରେ ମଧ୍ୟ "ଟାଇଗର", "ରଣ୍ଟୁ" ଓ "ଡାର୍ଲିଂ" ନାମକ ସନ୍ଧାନୀ ଶ୍ୱାନ ତ୍ରୟ ପ୍ରତ୍ୟେକ ଗୋଟିଏ କରି ସ୍ୱର୍ଣ୍ଣ ପଦକ ଲାଭ କଲେ । ୧୯୮୫ ମସିହାରେ ୨୮ତମ ପ୍ରତିଯୋଗିତା ଅନୁଷ୍ଠିତ ହେଲା ରାଜସ୍ଥାନର ଜୟପୁରଠାରେ । ଉକ୍ତ ପ୍ରତିଯୋଗିତାରେ ଓଡ଼ିଶା ସନ୍ଧାନୀ ଶ୍ୱାନ ସଂସ୍ଥାର ଶ୍ୱାନ ଟାଇଗର୍ ଓ ରଣ୍ଟୁ ସ୍ୱର୍ଣ୍ଣ ପଦକ ଓ ଡାର୍ଲିଂ ରୌପ୍ୟ ପଦକ ଲାଭ କଲେ । ୧୯୮୬ ମସିହାରେ ୨୯ତମ ପ୍ରତିଯୋଗିତା ବିହାରର ପାଟଣାଠାରେ ଅନୁଷ୍ଠିତ ହୋଇ ଯାଇଛି । ଏହି ପ୍ରତିଯୋଗିତାରେ ଓଡ଼ିଶାର ସନ୍ଧାନୀ ଶ୍ୱାନ "ରୋଲ୍‌ଟା" ଓ "ଡାର୍ଲି" ଦୁଇଟି ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି ।

ଡି:ଏସ୍:ପି:
କ୍ରାଇମ୍‌ବ୍ରାଞ୍ଚ, କଟକ



# କଳାହାଣ୍ଡିରେ ଶାକ୍ତ ସଂସ୍କୃତିର ଐତିହ୍ୟ ଓ ସ୍ୱରୂପ

ଶ୍ରୀ ମହେନ୍ଦ୍ର କୁମାର ମିଶ୍ର

**ନା**ରୀ ବା ପ୍ରକୃତି ରୂପିଣୀ ଶକ୍ତି ସହିତ ପୁରୁଷର ମିଳନରେ ସୃଷ୍ଟିର ଉଦ୍ଭବ । ପ୍ରକୃତି ମଧ୍ୟରେ ପୁରୁଷର ସୃଷ୍ଟି । କେବଳ ପ୍ରାଣୀ ଜଗତ କ୍ଷେତ୍ରରେ ନୁହେଁ ସଚରାଚର ଉଦ୍ଭିଦ ଜଗତ କ୍ଷେତ୍ରରେ ମଧ୍ୟ ମାତୃ ପ୍ରକୃତିର ସୃଜନଶୀଳତାର ଆଦ୍ୟ ସଂକେତ ରହିଛି । ତେଣୁ ମାତୃ ପ୍ରକୃତି କୋଳରେ ଜୀବ ଉଦ୍ଭିଦର ପାଳନ କ୍ରିୟା, ତା'ର ଅନ୍ନବସ୍ତ୍ର, ଜଳ, ବାୟୁ ଦାନ ସମସ୍ତ ପ୍ରାଣୀଙ୍କୁ ଯୁଗଯୁଗ ଧରି ବଞ୍ଚାଇ ରଖିଛି । ସୃଷ୍ଟି କୋଳରେ ନିଜର ସକଳ କଳ୍ପନା, ଜ୍ଞାନ, ଅନୁଭୂତି ପ୍ରୟୋଗ କରି ସ୍ରଷ୍ଟାର ସେହି ମହାରହସ୍ୟ ଉନ୍ମୋଚନ ପାଇଁ ଚେଷ୍ଟା କରି ଆସୁଛି । ତା'ର ସନ୍ତୁଷ୍ଟି ପାଇଁ ମନୁଷ୍ୟକୃତ ଆରାଧନା ଓ ଉପାସନାର ଧାରା ଆଦିମ କାଳରୁ ଏ ଯାବତ୍ ଅବ୍ୟାହତ ରହି ଆସିଛି । ସମଗ୍ର ମଣିଷ ଜାତି ତେଣୁ ମାତୃ ପ୍ରକୃତି ବନ୍ଦନାର ପରମ୍ପରା ରୂପେ ସେ କାଳରୁ ଏ ଯାବତ୍ ନାନା ଭାବରେ ଶକ୍ତିର ପୂଜନକ୍ରିୟା ଅବ୍ୟାହତ ରଖି ଆସିଛି । ଏ ପରିପ୍ରେକ୍ଷୀରେ କଳାହାଣ୍ଡିର ମହାକାନ୍ତାରବେଷ୍ଟିତ ଜନଜୀବନରେ ଏହି ଶକ୍ତି ପୂଜାର ଐତିହ୍ୟ ତଥା ଏହାର ଲୌକିକ ସ୍ୱରୂପ, ସାହିତ୍ୟରେ ତଥା ଜନ ଜୀବନରେ ଉକ୍ତ ଉପାସନାର ଧାରା କିଭଳିଭାବେ ଚଳି ଆସୁଛି, ସେ ସଂପର୍କରେ ଏଠାରେ ଏକ ସଂକ୍ଷିପ୍ତ ବିବେଚନା କରାଯାଇଛି ।

ନିବିଡ଼ ଅରଣ୍ୟବେଷ୍ଟିତ ଏହି ଅଞ୍ଚଳରେ ପ୍ଲିଷ୍ଟୋସିନ୍ ଯୁଗର ପ୍ରାଗୈତିହାସିକ ଆଦିମାନବଙ୍କ "ଗୁଡହାଣ୍ଡି" ପାହାଡରେ ଅଙ୍କିତ ଗୁମ୍ଫା ଚିତ୍ରରେ ନାନାବିଧ ଜ୍ୟାମିତିକ ରେଖା ଚିତ୍ର ଏ ଯାବତ୍ ଦୁର୍ବୋଧ୍ୟ ହୋଇ ରହିଛି, ଯେଉଁଥିରୁ କି ଏକ ତନ୍ତ୍ର ଓ ଚକ୍ର ପୂଜାର ସଙ୍କେତ ମିଳେ । (୧) ହୋଲୋସିନ୍ ଯୁଗରେ ଖଡ଼ିଆଳର ଯୋଗୀମଠ ଡୋଙ୍ଗରର ଗୁମ୍ଫା ଚିତ୍ରରେ ଧର୍ମୀୟ ଚେତନାର ସଂକେତ ସ୍ୱରୂପ ତିନୋଟି ବ୍ରହ୍ମଜ୍ୟୋତି ତରଙ୍ଗର ଆକାର ଚିତ୍ର ଉପଲବ୍ଧ ହୋଇଛି । (୨) ଏହାଛଡା ଏହି ଅଞ୍ଚଳର ବିଭିନ୍ନ ସ୍ଥାନରେ ଏକ ରନ୍ଧ୍ର ବିଶିଷ୍ଟ ପ୍ରସ୍ତର (Ring Stone ସ୍ଥାନୀୟ ଭାଷାରେ ପଣ୍ଡା ପଥର) ଆବିଷ୍କୃତ ହୋଇ ଏହି ଅଞ୍ଚଳରେ ଶାକ୍ତ ଉପାସନାର ପ୍ରାଚୀନତାକୁ ସ୍ମରଣ କରାଇ ଦେଉଛି । ଏହି ରିଙ୍ଗ୍ ଷ୍ଟୋନ୍ ବା ପଣ୍ଡା ପଥରରେ ଚକ୍ର ଓ ଯନ୍ତ୍ରର ଆରୋପକରି ଶକ୍ତି ପୂଜାର ପ୍ରତୀକ ରୂପେ ଏହାକୁ ଗ୍ରହଣ କରାଯାଇଥିଲା । ସମ୍ପ୍ରତି ମାରାଗୁଡା ଉପତ୍ୟକାରୁ ପ୍ରତ୍ନତାତ୍ତ୍ୱିକ ଜିତାମିତ୍ର ସିଂହଦେଓ ଏକ 'ଯୋନି' ପ୍ରସ୍ତର ଆବିଷ୍କାର କରି ମହେଞ୍ଜୋଦାରୋ ସଭ୍ୟତାକାଳର ସମପର୍ଯ୍ୟାୟରେ ଏହି ଅଞ୍ଚଳରେ ମାତୃ ପୂଜାର ପ୍ରଚଳନ ଥିଲା ବୋଲି କହିଛନ୍ତି । (୩) ଏ ସବୁ ପ୍ରାଗୈତିହାସିକ ଓ ପ୍ରାଚୀନ ସଭ୍ୟତାର ଶକ୍ତି ଉପାସନାର ସ୍ୱରୂପ । ତେଣୁ ଆଲୋଚକ କହନ୍ତି—that the Siva and Shakti may be regarded as the oldest form of Indian thestic region. । 4 ।

କଳାହାଣ୍ଡିର ଇତିହାସରେ ଶାକ୍ତ ପୂଜା ପରମ୍ପରାର ପ୍ରମାଣ ସ୍ୱରୂପ ଖ୍ରୀ:୪/୫ମ ଶତାବ୍ଦୀ ବେଳକୁ ନରଲା ନିକଟସ୍ଥ ଅସୁରଗଡ ଦୁର୍ଗ ଓ ମାରାଗୁଡା ଉପତ୍ୟକାର ପ୍ରତ୍ନତାତ୍ତ୍ୱିକ ଅବଶେଷରୁ ଜଣାଯାଇଅଛି । ଅସୁରଗଡ ଦୁର୍ଗ ଖୋଦନ କରାଇ ଡ: ନବୀନ କୁମାର ସାହୁ ଏହିଠାରୁ କୋଡ଼ିଏ ଫୁଟ ବ୍ୟାସର ଏକ ବୃତ୍ତାକାର ଇଷ୍ଟକନିର୍ମିତ ମନ୍ଦିର ଭୂଗର୍ଭରୁ ଆବିଷ୍କାର କରିଛନ୍ତି । (୫) ଏହି କାଳରେ ମାରାଗୁଡା ଏକ ସମୃଦ୍ଧ ନଗର ସଭ୍ୟତାର ବାହକ ଥିଲା । ଏଠାରୁ ଏକ ପ୍ରାଚୀନ ଶକ୍ତିପୀଠ ସଂପ୍ରତି ଆବିଷ୍କୃତ ହୋଇଅଛି । (୬) ଏହା ଏକ ଇଟା ନିର୍ମିତ ମନ୍ଦିର । ଏହାର ଗର୍ଭଗୃହ ଓ ପ୍ରଦକ୍ଷିଣ ପଥ ରହିଅଛି । ଗର୍ଭ ଗୃହଟି ୧୨'×୧୨'ର ତଥା ଏହାର ମଝିରେ ୨×୨ ୧/୨ ଫୁଟର ଏକ ଶକ୍ତିପୀଠ ରହିଅଛି । ଏହାଛଡା ଏଠି ଅନ୍ୟ ଏକ ସ୍ଥାନରେ ଲଳିତ ମୁଦ୍ରାରେ ସମାସୀନା ଚତୁର୍ଭୁଜା ଦୁର୍ଗାଙ୍କର ଏକ ପ୍ରସ୍ତର ମୂର୍ତ୍ତି ମିଳିଅଛି । ଦେବୀ ନିଜର ଡାହାଣ ପଟକୁ ମୁହଁ କରିଥିଲାବେଳେ ତାଙ୍କ ପଦସ୍ଥିତ ବାହାନ ସିଂହ ବାମପଟକୁ ମୁଖ କରିଅଛି । ଏହି ଉପତ୍ୟକାର ବିଭିନ୍ନ ସ୍ଥାନରେ ପୁଣି ଆଠୋଟି ଛୋଟ ଛୋଟ ଦେବୀ ମୂର୍ତ୍ତି ତଥା କୋଡ଼ିଏ ଫୁଟ ଉଚ୍ଚର ଅନ୍ୟଏକ ଦେବୀମୂର୍ତ୍ତି ଆବିଷ୍କାର କରି ଡ: ସାହୁ କହିଛନ୍ତି ଯେ ଏହା ଭାରତର ସର୍ବପ୍ରାଚୀନ ହିନ୍ଦୁ ଶାକ୍ତ ମନ୍ଦିର ।(୭)

ଖ୍ରୀ: ଷଷ୍ଠ ଶତାବ୍ଦୀରେ ଦକ୍ଷିଣ କୋଶଳରେ ଶକ୍ତି ଉପାସନାର ପରମ୍ପରା 'ସ୍ତମ୍ଭେଶ୍ୱରୀ' ପୂଜନ ମାଧ୍ୟମରେ ହୋଇଥିବା ଇତିହାସରୁ ତେରାସିଂହା ତାମ୍ର ଶାସନରୁ ଜଣାଯାଏ ।(୮) କଳାହାଣ୍ଡିର ସ୍ଥାନୀୟ ପର୍ବତ ଦ୍ୱାରକ ରାଜବଂଶର ଇଷ୍ଟଦେବୀ ସ୍ତମ୍ଭେଶ୍ୱରୀଙ୍କର ପ୍ରଧାନ ପୀଠଥିଲା 'ପର୍ବତଦ୍ୱାର' କଳାହାଣ୍ଡିର ଖଡ଼ିଆଳ ଅଞ୍ଚଳର ପଶ୍ଚିମ ସୀମାନ୍ତ କାଠଫାର ପୂର୍ବବର୍ତ୍ତୀ ପର୍ବତଶ୍ରେଣୀର ଦୁରଧିଗମ୍ୟ 'ପାଟଦରା'-କପାଟ ଦରହାକୁ ବୁଝାଏ । ଡ: ସାହୁଙ୍କ ମତରେ —the village named Kavatadvara located in the west of Kalahandi district indicates that the place names having the 'dvara' was not uncommon in that region. । ୨ ।

(୯) ପର୍ବତ ଦ୍ୱାରକ ବଂଶର ରାଜା ଶୋଭନରାଜ ତଥା ପରବର୍ତ୍ତୀ ରାଜା ତୁଷ୍ଟିକାର ନିଜକୁ ସ୍ତମ୍ଭେଶ୍ୱରୀ ପାଦ ଭକ୍ତ ବୋଲି ପରିଚିତ କରାଇଛନ୍ତି । ଫଳରେ ପଶ୍ଚିମ ଓଡ଼ିଶାର ସର୍ବ ପ୍ରାଚୀନ ଶାକ୍ତ ଦେବୀ ରୂପେ ସ୍ତମ୍ଭେଶ୍ୱରୀ ପରିଚିତା । ବୃକ୍ଷ ପୂଜା ସହିତ ମାତୃଶକ୍ତିର କଳ୍ପନାରୁ ସ୍ତମ୍ଭେଶ୍ୱରୀ ଉଦ୍ଭୂତ । ତେଣୁ କାଷ୍ଠ କିମ୍ବା ପ୍ରସ୍ତରର ସ୍ତମ୍ଭକୁ ସ୍ତମ୍ଭେଶ୍ୱରୀ ଦେବୀ ରୂପେ ପୂଜନ କରାଯାଏ । ସିନାପାଲି ବ୍ଲକର ଭୁମେରବାହାଲ ଗ୍ରାମରେ ୧୦/୧୨ ଫୁଟ ଉଚ୍ଚ ବିଶିଷ୍ଟ ଏକ ପ୍ରସ୍ତର ସ୍ତମ୍ଭ ଉପରେ ଚତୁର୍ଭୁଜା ସ୍ତମ୍ଭେଶ୍ୱରୀ ଦେବୀ ପୂଜିତା । ଷଷ୍ଠ ଶତାବ୍ଦୀରେ କଳାହାଣ୍ଡିର ପଶ୍ଚିମ ସୀମାନ୍ତରେ ଏହି ଦେବୀ କ୍ରମଶଃ ସମଗ୍ର ଓଡ଼ିଶାର ପ୍ରାଚୀନ ଶାକ୍ତ ଦେବୀ ରୂପେ ପରିଚିତା ହେଲେ ।

ମହଦା ତାମ୍ର ଶାସନରେ (୧୦) ତେଲୁଗୁଚୋଡ ରାଜା ସୋମେଶ୍ୱର ଦେବ ୨ୟ ଲଙ୍କେଶ୍ୱରୀ ଦେବୀଙ୍କ ପୂଜନ କରୁଥିଲେ ବୋଲି ଉଲ୍ଲେଖ ଅଛି । ଏହି ତାମ୍ର ଶାସନରେ ଏହି ରାଜା ନିଜକୁ ପଶ୍ଚିମ ଲଙ୍କାଧିପତି ରୂପେ ଘୋଷଣା କରିବା ସଙ୍ଗେ ସଙ୍ଗେ ତାଙ୍କ ରାଜ୍ୟର ରାଜଧାନୀକୁ ସୁବର୍ଣ୍ଣପୁର ବୋଲି ଉଲ୍ଲେଖ କରିଛନ୍ତି । ତାଙ୍କ ରାଜତ୍ୱର ତେଇଶିତମ ବର୍ଷରେ ଲଙ୍କାବର୍ତ୍ତରେ ଚିତ୍ରୋତ୍ପଳା ନଦୀ କୂଳରେ ସେ ଏହି ତାମ୍ର ଶାସନର ଘୋଷଣା କରିଥିଲେ । "ଲଙ୍କାବର୍ତ୍ତ" ଚିତ୍ରୋତ୍ପଳା କୂଳରେ ଥିବା ବିରାଟ ଦରହ ( Whirl Pool ) । ସୋନପୁର ଅଞ୍ଚଳରେ ଏହି ଲଙ୍କାବର୍ତ୍ତକୁ "ଲଙ୍କେଶ୍ୱରୀ ଦହ" ବୋଲି କୁହାଯାଏ । ସୋନପୁରରେ ଏବେ ବି ଲଙ୍କେଶ୍ୱରୀ ପୂଜିତା ହୁଅନ୍ତି ।

ଲଙ୍କେଶ୍ୱରୀ ଦେବୀ (୧୧) କଳାହାଣ୍ଡିର ନାଗବଂଶୀ ରାଜାଙ୍କ ଦ୍ୱାରା ଜୁନାଗଡ଼ଠାରେ ଇଷ୍ଟଦେବୀ ରୂପେ ପୂଜିତା ହେଉଛନ୍ତି । ଏହି ଦେବୀ ପଦ୍ମାସୀନା ଓ ଚତୁର୍ଭୁଜା । ତାଙ୍କ ଉପର ଦକ୍ଷିଣ ହସ୍ତରେ ଶଙ୍ଖ ଓ ଉପର ବାମ ହସ୍ତରେ ଚକ୍ର ଧାରଣ କରିଛନ୍ତି । ତଳର ହସ୍ତ ଦ୍ୱୟରେ ଅଭୟ ମୁଦ୍ରା ଅଙ୍କିତ । ଦେବୀଙ୍କ ମୁଖର ଜିହ୍ୱା ବାହାରକୁ ବାହାରି ଆସିଛି । ଏହା ଉଗ୍ରରୂପା କାଳୀ ତଥା ବିଷ୍ଣୁଙ୍କର ମିଶ୍ରିତ ରୂପ । ଜୁନାଗଡର ଏହି ଲଙ୍କେଶ୍ୱରୀ ଦେବୀ ୯/୧୦ମ ଶତାବ୍ଦୀର । ଓଡ଼ିଶାର ତନ୍ତ୍ରମତରେ ସାବଲ୍ୟକାଳରେ ଶାକ୍ତ ଓ ବୈଷ୍ଣବ ସମନ୍ୱୟର ପ୍ରମାଣ ଏହି ଲଙ୍କେଶ୍ୱରୀ ମୂର୍ତ୍ତି । ପ୍ରାଚୀ ନଦୀ କୂଳରେ ମଧ୍ୟ ଅନୁରୂପ ଏକ ଶାକ୍ତ ବୈଷ୍ଣବ ମିଶ୍ରିତ କାଳୀ ମୂର୍ତ୍ତି ଆବିଷ୍କୃତ ହୋଇଅଛି । ସେହି ଦେବୀ ମଧ୍ୟ ତାଙ୍କ ଉପର ଦୁଇ ହାତରେ ଶଙ୍ଖ ଓ ଚକ୍ର ଧାରଣ କରିଛନ୍ତି ତଥା ତାଙ୍କ ତଳ ଦୁଇ ହସ୍ତରେ ତ୍ରିଶୂଳ ଧାରଣ କରି ପଦତଳେ ପତିତ ମହିଷାସୁର ବକ୍ଷରେ ତ୍ରିଶୂଳ ଆଘାତ କରୁଛନ୍ତି ।

ସମ୍ବଲପୁର ବିଶ୍ୱବିଦ୍ୟାଳୟ ମ୍ୟୁଜିୟମରେ (୧୨) ସଇଁତଲାରୁ ଆବିଷ୍କୃତ ଚତୁର୍ଭୁଜା ମହିଷାମର୍ଦ୍ଦିନୀ ଦୁର୍ଗା, ବେଲଖଣ୍ଡିରୁ ପ୍ରାପ୍ତ ଷଡ ହସ୍ତା ମହିଷାମର୍ଦ୍ଦିନୀ ଦୁର୍ଗା ଆବିଷ୍କୃତ ହୋଇ ରହିଅଛି । ବେଲଖଣ୍ଡିରୁ ସପ୍ତମାତୃକା ଓ ଉମା ମହେଶ୍ୱର ମୂର୍ତ୍ତି ଆବିଷ୍କୃତ ହୋଇ ଏ ଅଞ୍ଚଳରେ ଶୈବ ଓ ଶାକ୍ତଧର୍ମର ମିଶ୍ର ପରମ୍ପରାକୁ ସୂଚିତ କରୁଛି । ଦକ୍ଷିଣ କୋଶଳରେ ଲକ୍ଷ୍ମୀଙ୍କରାଙ୍କ ପ୍ରବର୍ତ୍ତିତ ବୌଦ୍ଧ ସହଜଯାନରେ ତନ୍ତ୍ରମତ ମିଶି କ୍ରମଶଃ ଏହା ଲୋକ ଚେତନାରେ ପ୍ରବେଶ କରୁଥିଲା । ଏହି ଅଞ୍ଚଳରେ ସପ୍ତ କୁମାରୀ ନିତେଇ ଧୋବଣୀ, ପିତେଇ ସଉରୁଣୀ, ଜ୍ଞାନଦେଈ ମାଲୁଣୀ ଆଦିଙ୍କ ତନ୍ତ୍ର ସମର୍ଥିତ ଅଦ୍ଭୁତ କ୍ରିୟାକ୍ରମ ଲୋକଗଳ୍ପ କାହାଣୀ ଆଦିରେ ତଥା ବିଭିନ୍ନ ତନ୍ତ୍ର ପୋଥିରେ, ପ୍ରସ୍ତର ସ୍ଥାପତ୍ୟ ଆଦିରେ ବହୁଳ ଭାବେ ବିଦ୍ୟମାନ । ତେଣୁ ବୌଦ୍ଧ ଧର୍ମର ଅଧୋପତିତ ଏହି ତନ୍ତ୍ର ସମର୍ଥିତ ସହଜଯାନର ବିକୃତ ରୂପକୁ ଲକ୍ଷ୍ୟକରି ଡ: ଭଟ୍ଟାଚାର୍ଯ୍ୟ କହିଛନ୍ତି (୧୩)

Latter Buddhism is infact nothing but a disguised tantric Cult of the Female Principles.

କୁମାରୀ ବା କୁଆଁରୀମାନଙ୍କର ଏହି ଅଞ୍ଚଳକୁ ତେଣୁ 'କାଉଁରୀ ପାଟଣା' କୁହାଯାଉଥିଲା ବୋଲି କବି ଚୈତନ୍ୟ ଦାସ ତାଙ୍କ ନିର୍ଗୁଣ ମାହାତ୍ମ୍ୟରେ ଉଲ୍ଲେଖ କରିଛନ୍ତି ଯଥା—

କହିବି ରାଜ୍ୟର ଭାବନା, ନାମ ଟା କାଉଁରୀ ପାଟଣା,
ସ୍ଥିତାପକ୍ଷୁଦ୍ର ରାଜ୍ୟ ଦେଶ, ନଗ୍ର ଖଡ଼ିଆଳ ବିଶେଷ ।।

ଏକାଳରେ ଓଡ଼ିଶାରେ ତନ୍ତ୍ରମତ ଏପରି ପ୍ରଭାବ ବିସ୍ତାର କରିଥିଲା ଯେ ବିଭିନ୍ନ ତନ୍ତ୍ର ଶାସ୍ତ୍ର ଯଥା କାଳିକା ପୁରାଣ, ରୁଦ୍ର ଯାମଳ ପୁରାଣରେ ତନ୍ତ୍ରମତ ସହିତ ଜଗନ୍ନାଥଙ୍କୁ ମଧ୍ୟ ତନ୍ତ୍ରର ମହାଭୈରବ ଦେବତା ବୋଲି ଆରୋପ କରିବା ସଙ୍ଗେ ସଙ୍ଗେ ବଳଭଦ୍ର ସୁଭଦ୍ରାଙ୍କୁ ମଧ୍ୟ ତନ୍ତ୍ର ଶକ୍ତି ବୋଲି ଗ୍ରହଣ କରାଗଲା । ବକ୍ଷ୍ୟମାଣକାଳରେ ଖଡ଼ିଆଳ ତଥା କଳାହାଣ୍ଡି ଅଞ୍ଚଳରେ ବିଭିନ୍ନ ସ୍ଥାନରେ ତନ୍ତ୍ର ଓ ଶାକ୍ତ ମତର ପ୍ରାବଲ୍ୟ ଥିବାର ପ୍ରତ୍ନତାତ୍ତ୍ୱିକ ପ୍ରମାଣ ରହିଛି । ବେଲଖଣ୍ଡିରୁ ଆବିଷ୍କୃତ ସପ୍ତ ମାତୃକା ମୂର୍ତ୍ତି ଓ ମନ୍ଦିରର ଭଗ୍ନାବଶେଷ, ଶୈବ ଓ ଶାକ୍ତ ସମନ୍ୱୟର 'ଉମା ମହେଶ୍ୱର' ମୂର୍ତ୍ତି, ଟିଟିଲାଗଡ ନିକଟସ୍ଥ ଘୋଷର ଗ୍ରାମର ଶାକ୍ତ ମୂର୍ତ୍ତି, ରାନୀପୁର ଝରିଆଲର ବୃତ୍ତାକାର ଚଉଷଠୀ ଯୋଗିନୀ ମୂର୍ତ୍ତିର ମନ୍ଦିର ଆଜି ଏହି ତନ୍ତ୍ର ସାଧନାର ନିଦର୍ଶନ । କଳାହାଣ୍ଡିରେ ନିବିଡ ଅରଣ୍ୟ ମଧ୍ୟରେ ଅନ୍ୟ ଏକ ଚଉଷଠୀ ଯୋଗିନୀ ମନ୍ଦିର ଅଦ୍ୟାପି ଭୂଗର୍ଭରେ ରହିଅଛି । ମେଜର ଜେନେରାଲ୍ କେମ୍ପବେଲ୍ ଏ ସଂପର୍କରେ କହିଛନ୍ତି—

It is well known that it is the work of the archologists to trace the Chausathi Yogini site. Lost in the jungle of old Kalahandy State XX the ruins is a little to the north of lat 20°X about longitude 83° (14)

(୧୪) କିନ୍ତୁ ଏହା ଏ ଯାବତ୍ ଐତିହାସିକଙ୍କ ଦୃଷ୍ଟିଗୋଚର ହୋଇ ନାହିଁ । ଆଲୋଚ୍ୟ କାଳରେ ଖଡ଼ିଆଳ ନିକଟସ୍ଥ ସାନଦୋହେଲ (ସେଗାଳ ?) ଗ୍ରାମରୁ ଶାକ୍ତ ତନ୍ତ୍ର ମତର ସୁଚୋଟି ପ୍ରସ୍ତର ସ୍ଥାପତ୍ୟ ଆବିଷ୍କୃତ ହୋଇ ଖଡ଼ିଆଳ ବ୍ରାଞ୍ଚ ମ୍ୟୁଜିୟମରେ ସଂରକ୍ଷିତ ହୋଇଅଛି । ଏହି ସ୍ଥାପତ୍ୟ ମଧ୍ୟରୁ ଏକ ପ୍ରସ୍ତର ସ୍ଥାପତ୍ୟରେ ନାୟକ ନାୟିକାଙ୍କ ଦ୍ୱାରା 'ଆକର୍ଷଣ' ଓ 'ଉଚ୍ଚାଟନ'ର ମୁଦ୍ରା ପ୍ରଦର୍ଶିତ ହୋଇଅଛି । ଏହି ଆକର୍ଷଣ ଓ ଉଚ୍ଚାଟନ ବାମପନ୍ଥୀ ତାନ୍ତ୍ରିକମାନଙ୍କର ଅଷ୍ଟକାମକଳା ପ୍ରୟୋଗର ଅଂଶ ବିଶେଷ । (୧୫) ପୁରୁଷ ଓ ସ୍ତ୍ରୀ ମଧ୍ୟରେ ଅନ୍ୟ ଏକ ନାରୀ ପଦ୍ମମୁଦ୍ରାରେ ସେହି ସ୍ଥାପତ୍ୟରେ ବସିଅଛି । ଏହି ନାରୀ ପରକୀୟା ପ୍ରୀତି ସମ୍ପାଦକ ପାଇଁ 'କୁଟ୍ଟିନୀ' ରୂପେ ରହିଅଛି । ଏକ ତାନ୍ତ୍ରିକ କୁଟ୍ଟିନୀ ମାଧ୍ୟମରେ କୌଣସି ନାରୀକୁ ତା'ର ସାଧନା ସଂଗିନୀ କରିବା ପାଇଁ ନାୟକର ଆକର୍ଷଣ ଓ ଉଚ୍ଚାଟନ ତଥା କୁଟ୍ଟିନୀର ସହାୟତା ସଂପର୍କରେ ଏହି ନଗ୍ନ ମୂର୍ତ୍ତିମାନଙ୍କରୁ ସ୍ପଷ୍ଟ ଜଣାଯାଉଅଛି । ଏହି ମୂର୍ତ୍ତି ବ୍ୟତୀତ ଅନ୍ୟ ତିନି ମୂର୍ତ୍ତି ମଧ୍ୟ ସହଜିଆ ଯୌନାସ୍ତ୍ରର ସଂପର୍କରେ ସୂଚନା ଦେଉଛି । ତେଣୁ ମଧ୍ୟଯୁଗରେ ଶାକ୍ତ ଓ ତନ୍ତ୍ର ମତର ବିକାଶ ଏହି ଅଞ୍ଚଳରେ ପରିପୂର୍ଣ୍ଣ ଭାବରେ ଘଟିଥିଲା ବୋଲି ଜଣାଯାଏ ।

କଳାହାଣ୍ଡିର ନାଗବଂଶର ସପ୍ତମ ରାଜା ତାଙ୍କ ମାତୃକାଳୟରୁ ମାଣିକେଶ୍ୱରୀ ଦେବୀଙ୍କୁ ଏହି ରାଜ୍ୟରେ ସ୍ଥାପନ କରିଥିଲେ । ପୁଣି ଖ୍ରୀ. ୧୨୧୮ରେ ଚିନ୍ଦକ ନାଗବଂଶୀ ରାଜା ମାଣିକ୍ୟ ଦେବୀଙ୍କୁ ପୂଜନ କରୁଥିଲେ । ମାଣିକେଶ୍ୱରୀ ଦେବୀଙ୍କ ଆଦିସ୍ଥାନ ଥୁଆମୁଳ ରାମପୁର ଅଞ୍ଚଳରେ । ସେଠାରେ ତାଙ୍କ ମସ୍ତକପୀଠ ଓ କାଶୀପୁରରେ ଯୋନିପୀଠ ଆଦି ରହି ପୂଜା ପାଉଛନ୍ତି । ନାଗରାଜାଙ୍କ ପୂର୍ବରୁ ପୁଣି ଗଙ୍ଗ ରାଜାଙ୍କ ଦ୍ୱାରା ଏହି ଦେବୀ ପୂଜିତା ହେଉଥିଲେ । ତେଣୁ ଦକ୍ଷିଣ ଓଡ଼ିଶା ସମେତ ପୂର୍ବ କଳାହାଣ୍ଡି ଅଞ୍ଚଳରେ ମାଣିକେଶ୍ୱରୀ ଦେବୀଙ୍କର ପୂଜନ ହେଉଥିଲା ।

ଦକ୍ଷିଣ କୋଶଳରେ ଚୌହାନମାନଙ୍କର ଆଗମନ ପରେ ସେମାନଙ୍କର ଇଷ୍ଟଦେବୀ ସମଲେଶ୍ୱରୀ ଏହି ଅଞ୍ଚଳରେ ପୂଜିତା ହେଲେ । ଚୌହାନ ରାଜା ରଣ ସିଂହଙ୍କ ଦ୍ୱାରା 'ପାଲମାଗଡ'ର ଆଦିବାସୀ ଦେବୀ 'ରକତ୍-ମାଏଲୀ' ରକ୍ତାମ୍ବରୀ ଦେବୀ ରୂପେ ଖଡ଼ିଆଳର ଗଡ ଦେବୀ ରୂପେ ଆର୍ଯ୍ୟୀକୃତ ହୋଇ ଖଡ଼ିଆଳରେ ପ୍ରତିଷ୍ଠା ପାଇଲେ । (୧୬)

କିମ୍ବଦନ୍ତୀ ଓ ଇତିହାସ ପୃଷ୍ଠାରେ ଦ୍ୱାରଶଣୀ ଦେବୀଙ୍କର ଉତ୍ପତ୍ତି ସମ୍ପର୍କରେ କିଛିକିଛି ଜଣାଯାଏ । ଏହି ଦେବୀ 'ମାରଦା' (ମୋହାଙ୍ଗୁଡ଼) ନିକଟସ୍ଥ ମାଣିକଗଡର ଗଡଦେବୀ ଥିଲେ ଓ ତତ୍କାଳୀନ ରାଜାଙ୍କ ଅନୀତି ଦେଖି ମାଣିକଗଡ ଛାଡ଼ି ଚାଲିଗଲେ । ଏଥି ସମ୍ପର୍କରେ ଏକ କିମ୍ବଦନ୍ତୀ ଶ୍ରୀ ଦୁର୍ଗା ପ୍ରସାଦ ତ୍ରିପାଠୀ ତାଙ୍କର ଖଡ଼ିଆଳ ଗେଜେଟିୟର୍‌ରେ ଉଲ୍ଲେଖ କରିଛନ୍ତି ।

ବୈଦିକ ତଥା ଶାସ୍ତ୍ରୀୟ ମତର ଶାକ୍ତ ଦେବା ଦେବୀଙ୍କ ବ୍ୟତିରେକ ଏହି ଆଦିବାସୀ ବହୁଳ ଅଞ୍ଚଳରେ ବହୁ ପୁରାକାଳରୁ ଅନେକ ଦେବୀ ଦେବୀ ପୂଜିତା ହେଉଛନ୍ତି । ଏହି ଅଞ୍ଚଳର ଧର୍ମ କହିଲେ ମୁଖ୍ୟତଃ ଶାକ୍ତ ଧର୍ମକୁ ହିଁ ସୂଚିତ କରେ । ପ୍ରତ୍ୟେକ ସାମାଜିକ ଓ ଧାର୍ମିକ ଅନୁଷ୍ଠାନରେ, ପର୍ବ ପର୍ବାଣୀରେ, ରୋଗ ଶୋକ ନିରାକରଣ ପାଇଁ ପୂଜା କାଳରେ, ଆନନ୍ଦ ଉତ୍ସବାଦି ନାଟ୍ୟ, ନୃତ୍ୟ ଗୀତ ଆଦି କାଳରେ ମୁଖ୍ୟ ଭାବେ ଦେବୀ ଆରାଧନା ଓ ବନ୍ଦନା ହିଁ ସାଧିତ ହୋଇଥାଏ । ପରିମାଣାତ୍ମକ ଦୃଷ୍ଟିରୁ କଳାହାଣ୍ଡିରେ ଦେବୀଙ୍କ ସଂଖ୍ୟା ଯେତିକି ବେଶୀ, ପୁରୁଷ ଦେବତାଙ୍କ ସଂଖ୍ୟା ତୁଳନାତ୍ମକ ଭାବେ କମ୍ ।

ଏହି ଅଞ୍ଚଳରେ କେଉଁ ଅଜଣା କାଳରୁ ଦ୍ୱାରଶନୀ, ଡୋକରୀ ବୁଢୀ, ଡେଙ୍ଗୁରାଠ ପାହାଡ଼ ପହରେନ, ଗୋପା ଗଛିଏନ୍, ଗଡିଏନି ଦେବୀ, ମୁଣ୍ଡ ଗଛିଏନ୍, ଖୋ'ଲ ଭଉଣୀ ଗଙ୍ଗୀ ଦେଇ ଫୁଟି ମାଏଲି, ଇନ୍ଦ୍ରା ଦେଇ, ... ଦେଇ, ନକ୍ଟା ନକ୍ଟେନ୍, ଜିଁଝାଝୁଲେନ୍ ଭୈରବୀ ଆଦି ଦେବୀ ପୂଜା ହେଉଛନ୍ତି । କଳାହାଣ୍ଡିର ଏପରି କୌଣସି ଗ୍ରାମ ନାହିଁ ଯେଉଁଠାରେ ଗ୍ରାମ୍ୟ ଦେବୀ ନାହାନ୍ତି । ପ୍ରତ୍ୟେକ ଗ୍ରାମ ଆଦିବାସୀ ଅଧିଷ୍ଠିତ ଓ ଗ୍ରାମ୍ୟ ଦେବୀ ରୂପେ ଶାକ୍ତ ଦେବୀ ପୂଜିତ । ତେଣୁ ଏହି ପୂଜା ପରମ୍ପରା ସମଗ୍ର ଲୋକ ଚେତନାରେ ମୂଳୀଭୂତ ।

ଶକ୍ତି ଉପାସନାର ପ୍ରତୀକ ରୂପେ ଏହି ଅଞ୍ଚଳରେ ପ୍ରସ୍ତର, କାଷ୍ଠ ଖଣ୍ଡ, ଛୋଟଛୋଟ ଲୌହ ଖଣ୍ଡା, ତ୍ରିଶୂଳ, ବର୍ଚ୍ଛା, ଶର, ଲୌହ ଲିଙ୍ଗ, ମୁଷଳ, ଖଣ୍ଡା, ଟେଙ୍ଗୀ, ପରଶୁ ଆଦି ପୂଜା କରାଯାଏ । କେତେକ ଦେବୀଙ୍କ ପୀଠର ଭୂମିରେ ଖୋଦିତ 'ଯୋନି' ଆକୃତିର ଗର୍ତ୍ତ ଅଛି ଯାହାକି ଅନାଦିକାଳରୁ କେବେ ପୋତି ହୋଇଯାଇନାହିଁ । ଦେବୀଙ୍କ ପ୍ରତୀକ ରୂପେ 'ଛତର୍'ବା ବାଉଁଶ ଲାଠି ଉପରେ ଦେବୀଙ୍କ ବସ୍ତ୍ର ଓ ପ୍ରତୀକ ରଖାଯାଏ । ଆଦିବାସୀ ସଂପ୍ରଦାୟର ବୃକ୍ଷ ପୂଜାର ପ୍ରମାଣ ସ୍ୱରୂପ ଏବେ ମୁଣ୍ଡ ଗଛେନ୍, ଗୋପା ଗଛେନ୍, ଗୋହରା ଗଛେନ୍ ଆଦି ପୂଜିତା । ଏହି ଅଞ୍ଚଳରେ ଲୋକବାଦ୍ୟ 'ନିଶାଣ'କୁ ଦେବୀଙ୍କ ପ୍ରତୀକ ସ୍ୱରୂପ ସିନ୍ଦୁର ଚନ୍ଦନ ଫୁଲ ଦେଇ ପୂଜା କରାଯାଏ ।

ଲୋକ ଅସ୍ମର ଓ ତଳଣିରେ ତଥା ବର୍ଷର ବିଭିନ୍ନ କାଳରେ ପର୍ବ ପର୍ବାଣିରେ ଏହି ଦେବୀ ପୂଜା ନିରବଚ୍ଛିନ୍ନ ଭାବେ ପାଳିତ ହୁଏ । ରାଣୀ ପର୍ବ, ଅଷାଢ଼ ଖେନା, ବିହନ୍ ଛିନା ଯତ୍‌ରା, ମାଟି ଯତ୍‌ରା, ତଣ୍ଡସରା, ନୂଆଖାଇ, ଶେମିନାଗ୍ରା, ପୁଷ୍‌ପୁନି, ଆମ୍‌ଯାତ୍‌ରା ଆଦି କୃଷି ଭିତ୍ତିକ ପର୍ବ ପର୍ବାଣିରେ ସାମୂହିକ ଭାବେ ଗ୍ରାମ୍ୟ ଦେବୀଙ୍କଠାରେ ଜନସାଧାରଣ ଆରାଧନା କରି ଦେବୀଙ୍କଠାରୁ ଅନୁଗ୍ରହ ପ୍ରାପ୍ତ ହୋଇ ସେମାନେ ସେମାନଙ୍କର ସକଳ କୃଷି କାର୍ଯ୍ୟ କରିଥାଆନ୍ତି । ଅନ୍ନ, ଜୀବନ ଦାନ ଦେବୀଙ୍କ କରୁଣାରୁ ହିଁ ହୋଇଥାଏ । ଦେବୀଙ୍କ କରୁଣାରୁ ଜମି ଉର୍ବର ହୁଏ, ଭଲ ଫସଲ ହୁଏ, ଦେବୀଙ୍କ ଅନୁଗ୍ରହରୁ ପ୍ରାକୃତିକ ବିପର୍ଯ୍ୟୟ ଦୂରେଇ– ଏହି ଲୋକ ବିଶ୍ୱାସକୁ ମୂଳୀଭୂତ କରି ଦେବୀ ଆରାଧନା ହୁଏ । ତେଣୁ କଳାହାଣ୍ଡିର କନ୍ଧ-ପରଜାମାନେ ପୃଥିବୀ–ପ୍ରକୃତି ରକ୍ଷାକାରିଣୀ 'ଧରଣୀ ଦେବୀ'ଙ୍କୁ ବର୍ଷର ସବୁ କାଳରେ ଅତ୍ୟନ୍ତ ନିଷ୍ଠାର ସହିତ ପୂଜା କରନ୍ତି । ଅନେକ ରକ୍ଷଣଶୀଳ କଠୋର ଶୃଙ୍ଖଳାକୁ ମାନି ଚଳନ୍ତି । ପୂର୍ବ କଳାହାଣ୍ଡିର କେତେକ ଅଞ୍ଚଳରେ ଟୋକୀ ପରବ କାଳରେ 'ଟୋକୀମରା' ଓ ପଶ୍ଚିମ କଳାହାଣ୍ଡିର କନ୍ଧମାନଙ୍କର ପୋଢ଼ୁ ପୂଜାରେ ଶସ୍ୟ ଉତ୍ପାଦନ କାରିଣୀ, ଉଦ୍‌ଭିଦ ଓ ପ୍ରାଣୀଙ୍କ ରକ୍ଷାକାରିଣୀ ଧରଣୀ ଦେବୀଙ୍କ ପୂଜା ନିହିତ । ଦେବୀଙ୍କ ପ୍ରତି ଅଖଣ୍ଡ ବିଶ୍ୱାସ କନ୍ଧ ସଂପ୍ରଦାୟରେ ଏପରି ଭାବେ ଦୃଢୀଭୂତ ହୋଇଥିଲା ଯେ କନ୍ଧ ଜାତି ନିଜର ପୁତ୍ର କିମ୍ବା କନ୍ୟାକୁ ଦେବୀଙ୍କ ନିକଟରେ ବଳି ଦେବାକୁ ପବିତ୍ର ମଣୁଥିଲା । ନିଜର ପିତୃତ୍ୱ, ମାତୃତ୍ୱ ସ୍ନେହ ଓ ସମ୍ବେଦନକୁ ଜଳାଞ୍ଜଳି ଦେଇ ସେ ଦେବାଧୀନ ଚେତନାରେ ନିଜ ଗର୍ଭର ପୁତ୍ର କନ୍ୟାର ରକ୍ତରେ ଦେବୀଙ୍କୁ ସନ୍ତୁଷ୍ଟ କରୁଥିଲା ମେରିଆ ବଳି ଦେଇ । ଆନ୍ଧ୍ର, ଗଞ୍ଜାମ, କୋରାପୁଟ, ଫୁଲବାଣୀ, କଳାହାଣ୍ଡି, ସମ୍ବଲପୁର ସମେତ ବସ୍ତର ଓ ଛତିଶଗଡର ସମୁଦାୟ କନ୍ଧ ସଂପ୍ରଦାୟ ଏହି ନରବଳି ପ୍ରଥା ନିର୍ବିକାର ଭାବେ ଚଳାଇ ଆସୁଥିଲେ । ଏହାର ମୂଳରେ ରହିଥିଲା ଆର୍ଯ୍ୟ ବୈଦିକଙ୍କ ଯଜ୍ଞରେ ବଳିଦେବି ପ୍ରଥା ପରି ପ୍ରଥା ଓ ପରମ୍ପରା । ଆଦିବସୀ ସଂପ୍ରଦାୟରେ ସାମାଜିକ ଓ ରାଜନୈତିକ ଶାସନର ସ୍ୱରୂପ, ସେଠି ବ୍ୟକ୍ତିର ଜନମଙ୍ଗଳ ପାଇଁ ଆଦାନ ଓ ଆଦାନ ପ୍ରଦାନର ପରମ୍ପରା ବହୁ ଭାବରେ ଶୃଙ୍ଖଳାବଦ୍ଧ ଓ କଠୋର ନୀତି ନିୟମ ଆବଦ୍ଧ ଥିଲା । ଏହା ନିଜ ପାଇଁ ନୁହେଁ, ରାଜ୍ୟ ଉନ୍ନତି ପାଇଁ ସମଗ୍ର ଦେଶର ମଙ୍ଗଳ ପାଇଁ । କନ୍ଧଙ୍କ ପରଜା ସ୍ତୋତ୍ରରେ ତେଣୁ ଦେବୀ ବନ୍ଦନା ସହିତ ସାମ୍ୟବାଣୀ–ମଣିଷ ଜାତିର ମଙ୍ଗଳ କାମନା–ରାଜ୍ୟର ମଙ୍ଗଳ କାମନା– ମଣିଷକୁ ରକ୍ଷା କରୁଥିବା ସବୁଜ ପରିବେଶ ଓ ପ୍ରକୃତି ସୁରକ୍ଷିତ ରଖିବା ପାଇଁ ବନ୍ଦନା– ଏହିସବୁ ଭାବନା ନିହିତ । ହାତରେ ଗୋଡରେ ବନ୍ଧା ନଲାଗୁ, ମଣିଷକୁ ଜଙ୍ଗଲରେ ବାଘ ନଖାଉ, ସାପ ନ କାମୁଡୁ, ଧରଣୀ ମାତା ସବୁଜ ଦିଶୁ, ରୋଗ ଶୋକ ଦ୍ୱାରା ମଣିଷ ଆଘାତ ନହେଉ– ଏହି ଭାବନା, ପରଜା–କନ୍ଧ, ଭୁଞ୍ଜିଆ ପହରିଆଙ୍କ ସ୍ତୋତ୍ରରେ ନିହିତ ହୋଇଛି । ଆଦିବାସୀ ସଂପ୍ରଦାୟର ଦୃଷ୍ଟି ଉପରି ମିଳୁଛି ଜଣାଯାଏ ଯେ ଦେବୀଙ୍କ ଦ୍ୱାରା ଦୃଷ୍ଟ ପ୍ରକୃତି ବଣ ପାହାଡ, ନଈ ନାଳ, ଗଛ ବୃକ୍ଷ, ପଶୁପକ୍ଷୀ, ମନୁଷ୍ୟ ସମସ୍ତେ ଦେବୀଙ୍କ ପ୍ରସାଦ । ଧରଣୀର ସନ୍ତୁଷ୍ଟି ପାଇଁ ତେଣୁ ଦେବୀ ଯାହା ମାଗେ ମଣିଷ ତାହା ଦିଏ, ନିଜକୁ ବି ସମର୍ପଣ କରିଦିଏ । ଆଦିମ କାଳରୁ ନିର୍ବୋଧ ଶିଶୁପରି ସରଳ ପ୍ରକୃତି କୋଳରେ ଏହି ପ୍ରଥା ସର୍ବସ୍ୱ ମଣିଷ ଜାତିକୁ ଦେବୀଙ୍କ ପ୍ରସାଦ ବୋଲି ଅଭିହିତ କରିଛି ତା'ର ଦେବୀ ବନ୍ଦନା ସ୍ତୋତ୍ରରେ । ଦେବୀଙ୍କୁ ଦିଆଯାଉଥିବା ବଳିକୁ 'ଜନା' ଖାଲରେ ପକାଇ ଦେଇ ସେହି ଖାଲର ଦ୍ୱାରକୁ ପଥର ଦ୍ୱାରା ଠିକ୍ କରିଦେଲେ ଖାଲ ମଧ୍ୟସ୍ଥ 'ବଳି' ଯେପରି ସୁରକ୍ଷିତ ରହେ, ଠିକ୍ ସେପରି ଧରଣୀ ଉପରେ ଆକାଶ ଏହି ଭୂମି ଉପରେ ଥିବା ମଣିଷକୁ ମଧ୍ୟ ସେହି 'ଜନାଖାଲ'ରେ ଥିବା 'ବଳି' ପରି ସୁରକ୍ଷିତ ରଖିବା ପାଇଁ ଧରଣୀ ଦେବୀଙ୍କୁ କନ୍ଧ ପରଜା ବନ୍ଦନା କରିଛି । ହାତରେ ଲଟା ଓ ଗୋଡକୁ ବନ୍ଧା (ଆପଦ ବିପଦ) ନ ଲାଗିବା ପାଇଁ ଅନେକ ଦେବୀଙ୍କୁ ବନ୍ଦନା କରି କହିଛି–

''ବାପୁତେ ରେଲ ଡେଣ୍ଡାଃ, ବାପୁତେ ସାରିସୋ ଜାଳି / ନାନା ଡେକ୍‌ରାଇଡି ସୁଡେରେ, ନାନା ମାଣିଙ୍କେ ସାରୁସିସୁଡେ/ ଆଟେ ଗୋଟେ ସାଜି କିମ୍ବା କାଟା କାଟାରୋଏ ।

ଆଟେ ଗୋଟେ ରାଡ଼ି କିମ୍ବା କାଟା ।
ଗୋଡ୍‌କେ କାଟାଗାଲା ଦାନିରୋୟେ, ମଣ୍ଡକେ ଲାଟାଗାଲେ ॥

(ଜବରସିଂହ ମାଝୀ–ପରଜା ନାଗଫେନି)

କନ୍ଧପରଜା ପରି ସମସ୍ତ ଆଦିବାସୀ ସଂପ୍ରଦାୟର ଏହି ସମୂହ ଭାବନା । କାଠପାର୍ ପୁରୁବାଦୀ ପର୍ବତମାଳାର ଅରଣ୍ୟସ୍ନାତ ଭୂମିପୁତ୍ର ଭୁଞ୍ଜିଆ ପହରିଆମାନଙ୍କ ଦେବୀଙ୍କ 'ଗୋଲାଉତ୍‌ରା' ସମୟରେ ଦେଶ ଉନ୍ନତି ପାଇଁ ଓ ରାଜ୍ୟର ମଙ୍ଗଳ ପାଇଁ ସାମୂହିକ ପ୍ରାର୍ଥନା କରାଯାଉଛି ।

–''ନାନ୍ଦା, ୟହରେ ଶୁନ, ପହ୍‌ନେ ଶୁନେ ଧାରନା ମାଁ ।
ମାଇଁ ୟେହନେ ଶୁନେ, ରାଜେ ମୁ କୁହ୍ ବବା,
ଦେଶ୍ଵଣ ପେ ଉଙ୍ଗନ୍ ମେ ।

(ଶୁକୁ ପହରିଆ, କାଠ ପାରୋ)

–''ୟେ ବା ମାଏଁ ତୋ ଶୁନ, ରାଜେ ମୁ କୁହ୍ ବବା,
ଦେଶେ ଉଙ୍ଗନ୍,
ଜଲ ଦେ ହରଦି ବଲଉଦିଁ ।''

(ଅର୍ଜୁନ ପହରିଆ, ବାସ୍‌ଲୋଟ୍)

ଦେବୀବନ୍ଦନା ବା ଶକ୍ତିପୂଜା ପରମ୍ପରା ଏହି ଅଞ୍ଚଳର ଆଦିବାସୀମାନଙ୍କର ମୌଳିକ ଧର୍ମୀୟ ପରମ୍ପରା । ଅନାଦିମାନକାଳରୁ ତେଣୁ ଆଦିବାସୀ ସଂପ୍ରଦାୟର ଭୁଞ୍ଜିଆ, କନ୍ଧ, ଗଣ୍ଡ, ପହରିଆ, ସଉଁରା, ଶବର, ପହରିଆ, ବିଝାଲ ଆଦି ଲୋକେ ଝାକର, ଜିଗାରି ପୂଜାରୀ ରୂପେ ତଥା ଗ୍ରାମର ଗଉଁଟିଆ, ଉମ୍‌ରାହ ( Umrah ), ମକଦମ୍ ରୂପେ ବଂଶ ପରମ୍ପରାକ୍ରମେ ରହି ଗ୍ରାମରେ ଦେବୀ ପୂଜା କରି ଆସୁଛନ୍ତି । ଏହି ପରମ୍ପରାକ୍ରମେ ଏକ ଏକ ଦେବୀଙ୍କର ଏକ ଏକ 'ପାଲି' ବା 'ଠିକୁରୀ' ଅଞ୍ଚଳରେ ଏକ ଏକ ଦେବୀଙ୍କର ଏହି 'ପାଲି' ବା 'ଠିକୁରୀ' ରହିଅଛି । କେତୋଟି ଗ୍ରାମର ସମଷ୍ଟିରେ ଏକ ନିର୍ଦ୍ଦିଷ୍ଟ ଦେବୀ ପୂଜା ହୋଇଥାଏ । ସେହି ଗ୍ରାମମାନଙ୍କରେ ଏକ ନିର୍ଦ୍ଦିଷ୍ଟ ଦେବାଦେବୀଙ୍କ ସମ୍ପର୍କରେ ପାଇଥାନ୍ତି । ବିଭିନ୍ନ ଆଦିବାସୀ ଅଞ୍ଚଳର ଦେବାଦେବୀଙ୍କ ସମ୍ପର୍କରେ ଜଣାଯାଏ ଯେ, କୋରାପୁଟ, କଳାହାଣ୍ଡି ସମେତ ଛତିଶଗଡ ଓ ବସ୍ତର ଅଞ୍ଚଳର ଦେବାଦେବୀମାନଙ୍କର କୌଟୁମ୍ବିକତା ରହିଛି । ଏମାନଙ୍କର ବଂଶ, ବର୍ଣ୍ଣ, ଗୋତ୍ର, ବିବାହ ଆଦି ରହିଛି । କେଉଁ ବଂଶର ଦେବୀ କେଉଁ ବଂଶର ଦେବତା ସହିତ ବିବାହ କରିପାରିବେ, କିଏ କେବେ ଭଉଣୀ, କିଏ ଭାଇ, କିଏ ମାମୁଁ, ଦେଢଶୁର, କିଏ ଭାଇବୋହୂ ଆଦି ଅନେକ ପାରିବାରିକ ତଥା ସାମାଜିକ ମଣ୍ଡଳ ଗ୍ରାମ୍ୟ ଦେବାଦେବୀଙ୍କ ମଧ୍ୟରେ ରହିଅଛି ।

ଏହି ଅଞ୍ଚଳର ଏକ ବୈଶିଷ୍ଟ୍ୟ ଯେ, କେତେକ ଦେବାଦେବୀ ମନୁଷ୍ୟରୁ ଦେବତା ଓ ଦେବୀ ରୂପେ ପୂଜା ପାଉଛନ୍ତି । ସମ୍ଭବତଃ 'ଡୁମା' ବା ପିତୃ ପୂଜା ଓ ମାତୃ ପୂଜା ପରମ୍ପରାରୁ ଏହି ଦେବତା ଓ ଦେବୀ ପୂଜା ପରମ୍ପରା ସୃଷ୍ଟି ହୋଇଛି । 'ହାତୀ ବନ୍ଧା'ର କନ୍ଧ ଦେବୀ ନିକଟରେ ଏକ ବ୍ରାହ୍ମଣ ଯୁବକକୁ ବଳି ଦେବା ପରେ ସେହି ବ୍ରାହ୍ମଣ ବଳି ଦେବତାରେ ପରିଣତ ହୋଇଛନ୍ତି ବୋଲି ଜନଶ୍ରୁତି ରହିଛି । କାନିହାଣଗାଥା ପରି ପେଣ୍ଡରା ଗଡ଼ିଏନି ଦେବୀଙ୍କ ଉପରି ମିଥ୍ ଓ ପରବର୍ତ୍ତୀ କାଳରେ ଦେବୀ ରୂପେ ପୂଜା ପାଇବା ପରମ୍ପରା ସୂଚାଏ ଯେ, ମନୁଷ୍ୟରୁ ଦେବତାର ଉଦ୍ଭବ ହୋଇଥାଏ ଏହି ଅଞ୍ଚଳର ଲୋକ ବିଶ୍ୱାସରେ । ଡୁମାରୁ ମନୁଷ୍ୟ ଘଟଣାକ୍ରମେ ଦୈବୀଚରିତ୍ର ହୋଇଯାଏ । କଳାହାଣ୍ଡିର ଗ୍ରାମାଞ୍ଚଳରେ ଏହିପରି ଏକ ପ୍ରସିଦ୍ଧ ଦେବୀଙ୍କର ନାମ 'ପେଣ୍ଡରା ଗଡ଼ିଏନି' ଦେବୀ । ଏହି ଦେବୀଙ୍କ ମୂଳ ଆସ୍ଥାନ କୋରାପୁଟ । କୋରାପୁଟର ଗ୍ରାମାଞ୍ଚଳରେ ଏହି ଦେବୀଙ୍କ ନାମ 'ପେଣ୍ଡରାହାଣ୍ଡି' । କଳାହାଣ୍ଡିରେ ଏ ଦେବୀଙ୍କ ନାମ ପେଣ୍ଡରା ଗଡ଼ିଏନି । ଗଡ଼ିଏନି–ଗଡଦେବୀଙ୍କୁ ବୁଝାଏ । ଏଣୁ ମନେ ହୁଏ 'ହାଣ୍ଡି' ଅର୍ଥ ଗଡ ହୋଇଥାଇପାରେ । ତେଣୁ କଳାହାଣ୍ଡି, ଗୁଡହାଣ୍ଡି, ପାପଡାହାଣ୍ଡି, ଚନ୍ଦାହାଣ୍ଡି, ନନ୍ଦାହାଣ୍ଡି ଆଦି ସ୍ଥାନମାନଙ୍କର ନାମ ସମ୍ଭବତଃ 'ଗଡ'କୁ ବୁଝାଏ । ଅବଶ୍ୟ ଏହା ଅନୁମାନ ଅଟେ । କୋଶଲୀ ଭାଷାବିତ୍ କବିରାଜ ପ୍ରୟାଗଦତ୍ତ ଯୋଶୀଙ୍କର ଏହି ମତ । ତେବେ ଏହି ଦେବୀଙ୍କର ଉପରି ସଂପର୍କୀୟ ଲୋକମିଥ୍ କିପରି ଲୋକ ବିଶ୍ୱାସରେ ପରିଣତ ହୋଇ 'ଡୁମା' ବା 'ଜୀ' ( Soul ) କ୍ରମଶଃ ଦେବୀ ଦେବତା ରୂପେ ପୂଜା ପାଆନ୍ତି ତାହା ସଂକ୍ଷେପରେ ପ୍ରଦତ୍ତ ହେଲା ।

''ଗୋଟିଏ ଗ୍ରାମରେ ସାତ ଭାଇ ଥିଲେ । ସେମାନଙ୍କର ଗୋଟିଏ ବୋଲି ଭଉଣୀ । ଗୋଟିଏ ଭଉଣୀ ବୋଲି ସେମାନେ ଘର କୋଇଁ ରଖିଥିଲେ । ସେହି ଘରଜିଆଁ ଘରଜୋଇଁ ସେମାନଙ୍କ ସହିତ ରହି ଜମି ଚାଷ କରି ସୁଖରେ ରହିଥିଲା । ସେହି ସାତ ଭାଇ ଭାବିଲେ ଏ ଯଦି ଆମ ଘରେ ସବୁଦିନ ପାଇଁ ରହିବ ତେବେ ତ ଜମି ଭାଗ ମାଗିବ । ଏଣୁ ଏହାକୁ ଏଠି ରଖିବା ପରିବର୍ତ୍ତେ ଜମିରେ ବଳି ଦେଲେ ଧରଣୀ ଦେବୀ ସନ୍ତୁଷ୍ଟ ହୋଇ ବହୁତ ଫସଲ ଦେବ । ଏହା ଭାବି ସେହି ଘରଜିଆଁକୁ ସାଙ୍ଗରେ ନେଇ ସାତ ଭାଇ ଜମି ହଳ କରିବାକୁ ଗଲେ ଓ ଜମିରେ ତାକୁ ମାରି ମାଟିରେ ପୋତି ଦେଲେ ଓ ଘରକୁ ଫେରିଲେ । ଏଣେ ଘରେ ଭଉଣୀ ଘରଜୋଇଁ ବିଷୟ ପଚାରିବାରୁ ସାତ ଭାଇ ଆମେ କିଛି ଜାଣିନୁ ବୋଲି କହିଲେ । ଭଉଣୀ ଘରଜୋଇଁକୁ ଖୋଜି ଖୋଜି ଶେଷରେ ଖୋଜି ବାହାରିଲେ । ସେ ସାଙ୍ଗରେ ଶାବଳ, କୋଡ଼ି, କୁରାଢ଼ି, (ସ୍କୃୁଡ଼ି) ଗୋପା, ପେଣ୍ଡରା (ବିଭିନ୍ନ ଆକୃତିର ସ୍କୃୁଡ଼ି) ଆଦି ଧରି ଜଙ୍ଗଲକୁ କନ୍ଦା ଖୋଳିବାକୁ ଗଲେ । ସ୍ୱାମୀଙ୍କୁ ଖୋଜି ଖୋଜି ନପାଇ ଶେଷରେ ସେ ଏକ ପେଣ୍ଡରା ଗଛତଳେ ବସି ତାଙ୍କୁ ବାହୁନି ବାହୁନି କାନ୍ଦିଲେ । ସେଇ ସମୟରେ ତାଙ୍କ ମୁଣ୍ଡ ମଥେଇ ହୋଇଥିବା (ସେ ଗର୍ଭବତୀ ହୋଇଥିଲେ) । ଏହି ସମୟରେ ତାଙ୍କୁ ଜଙ୍ଗଲର ବାଘ ଖାଇଗଲା । ସେହି ଭଉଣୀ ବାଘ ଦ୍ୱାରା ଆହାର୍ଯ୍ୟ ହେଲେ ସିନା ତାଙ୍କ ଅତୃପ୍ତ ଆତ୍ମା (ଡୁମା) ହୋଇ ସେହି ପେଣ୍ଡରା ଗଛକୁ ଆଶ୍ରୟ କରି ରହିଲା ଓ ସେହି ଇଲାକାରେ ଯେଉଁ ଲୋକକୁ ଦେଖିଲା ଖାଇବାକୁ ଲାଗିଲା । ସେହି ଗଛ ନିକଟକୁ 'ଛିଟ୍‌କୁ' ଛେଳି ଚରାଇ ଯାଇଥିଲା । ତାକୁ ଦେବୀ ଖାଇଲା । ଏହି ଦେବୀ ଏହିପରି ଅନେକଙ୍କୁ ଖାଇବାରୁ ଦେବୀଙ୍କ ଭକ୍ଷ୍ୟ ବଳିମାନେ ମଧ୍ୟ ଦେବୀ ଦେବତା ହୋଇଗଲେ । ପେଣ୍ଡରା ଗଛକୁ ଆଶ୍ରୟ କରି ରହିବାରୁ ଦେବୀଙ୍କ ନାମ 'ପେଣ୍ଡରା ଗଡ଼ିଏନି' ହେଲା । ଯେଉଁ ଶାବଳ ଏ କୋଡ଼ି ଧରି ସେ କନ୍ଦା ଖୋଳିବାକୁ ଆସିଥିଲେ ସେହି ଶାବଳ ଓ କୋଡ଼ି ଲୁହା ଗଡ଼ିଏନ୍ ହେଲେ । ମୃତ ଘରଜୋଇଁ 'ଘରଜିଆ ଡୁମା' ହେଲେ । ଏହାଛଡ଼ା ଦେବୀଙ୍କ ସହଚରୀ ରୂପେ ମୃତ ଡୁମା ସବୁ ଯଥା–କୋଟଗଡେନ୍, ଦୋଲିମେଏ, ସାଥରେନ୍, କଳାରେନ୍, ଲବ୍‌ରେନ୍, ତଥା ପୁରୁଷ ଡୁମା ମିଙ୍ଗାମାନ ଓ 'ଛିଟ୍‌କୁ' ଡୁମା ଦେବୀଙ୍କର ବାଦ୍ୟକାର ହେଲେ ।

(ସୌଜନ୍ୟ କିତମାଝୀ, ବିହାରୀ–ଭରୁଆ ମୁଣ୍ଡା)

ଏହିପରି ଏକ ଏକ ମିଥ ତାଡ଼ରାଇ ଭୀମା, ଖୋଦଳ ଭଉଣୀ ରଙ୍ଗା ଦେଈ

ଉଗ୍ରତାରା, ଦ୍ୱାରସିନୀ, ଲଙ୍କେଶ୍ୱରୀ, ମାଣିକେଶ୍ୱରୀ, ଦନ୍ତେଶ୍ୱରୀ ଆଦିଙ୍କ ନାମରେ ରହିଛି ଯେଉଁଥିରୁ ସେମାନଙ୍କ ପରିବାର ପରମ୍ପରା ସମ୍ପର୍କରେ ଜଣାଯାଏ । ଏହି ଅଞ୍ଚଳର ଦେବାଦେବୀଙ୍କର ଉତ୍ପତ୍ତି ମୂଳରେ ଏକ ଏକ କିମ୍ବଦନ୍ତୀ ଓ ଜନଶ୍ରୁତି ରହିଅଛି । ଲୋକ ବିଶ୍ୱାସ କ୍ରମଶଃ ଲୋକ ଧର୍ମରେ ପରିଣତ ହେଉଥିବା ଏହାର ପ୍ରମାଣ ଲୋକ ସମାଜରେ ଆଦୃତା ପେଣ୍ଡରା ଗଡ଼ିଏନି ଦେବୀ ।

'ଦଶହରା' ମାସ ଦେବୀଙ୍କ ମାସ । ଏହି ମାସରେ ବିଭିନ୍ନ ଅରଣ୍ୟଗ୍ରାମୀଙ୍କଠାରୁ ସହରବାସୀଙ୍କ ପର୍ଯ୍ୟନ୍ତ ଦେବୀ ଉପାସନାର ପରିମଣ୍ଡଳ ସୃଷ୍ଟି ହୋଇଥାଏ । ଏହି ମାସରେ ଦେବୀମାନେ ନିଜ ନିଜ ଆସ୍ଥାନ ଛାଡ଼ି ସମସ୍ତ ଅଞ୍ଚଳରେ ବୁଲନ୍ତି । ତେଣୁ ଏହି ମାସକୁ କେତେକ ମାସ୍ ବା ଦେବୀ ପ୍ରାଧାନ୍ୟ ମୂଳକ ସମୟ ବୋଲି କୁହାଯାଇଥାଏ । ଦଶହରା ପୂଜା ସମୟରେ ଦେବୀଙ୍କ ମୂଳ ଆସ୍ଥାନରୁ ଦେବୀ ଅଧିଷ୍ଠାନ କରାଯାଇ 'ଗୁଡି' ବା ମନ୍ଦିରକୁ ନିଆଯାଇଥାଏ । ସେଠାରୁ ଜନସାଧାରଣଙ୍କ ଦର୍ଶନ ପାଇଁ ଦେବୀ ''ବୋଏଲ୍ ବୁଲିବା'' ଘର ଘର ବୁଲିବା ପରମ୍ପରା ରହିଛି । ଏହି ସମୟରେ ଦେବୀ ପ୍ରତି ଘର ବୁଲି ଲୋକଙ୍କୁ ଆଶୀଷ ଦିଅନ୍ତି । ଦେବୀଙ୍କ ବୋଏଲ୍ ବୁଲିବା ସମୟରେ ଦଶାଭାଯାତ୍ରାରେ 'ଶିରା' ବା କାଳିସୀମାନଙ୍କ ଉଦଣ୍ଡ ନୃତ୍ୟ ଦେଖିବାକୁ ମିଳେ ମୂଳକ ବୀର ବାଦ୍ୟ ଭକ୍ତି ଓ ଭୟର ସଞ୍ଚାର କରିଥାଏ । ଏ ସମୟରେ ଦେବୀଙ୍କ ଖଣ୍ଡା ଓ ଅସ୍ତ୍ର ଆଦିକୁ ଧରି କେତେକ ଭକ୍ତ ନିଜ ଦେହରେ କାଟି ହୁଅନ୍ତି । ଆଶ୍ଚର୍ଯ୍ୟର କଥା, କାହାରି ଦେହ ଏହି ଅସ୍ତ୍ରରେ କାଟି ହୁଏ ନାହିଁ କିମ୍ବା କ୍ଷତ ହୁଏ ନାହିଁ । କାରଣ ତନ୍ତ୍ର ଶକ୍ତି ବଳରେ ଖଣ୍ଡାର ଧାର ବନ୍ଧା ଯାଇଥାଏ । ଘର ଘର ବୁଲି ଦେବୀ ପରିବାରର ସମସ୍ତ ଲୋକଙ୍କ ଉପରେ ଫୁଙ୍କି, ପିଠିରେ ଶିକୁଳି ଓ ବେତ ବାଡ଼ି ଛୁଆଁଇ ଅଭୟ ଦିଅନ୍ତି–ଘରରେ ଭୂତପ୍ରେତାଦିର ଉପସର୍ଗ ଥିଲେ ସେହି ଅପଦେବତାର କୁଦୃଷ୍ଟିରୁ ଲୋକଙ୍କୁ ରକ୍ଷା କରନ୍ତି । ଭକତଙ୍କ ଦ୍ୱାରା ଦିଆଯାଇଥିବା ମେଣ୍ଢା ବଳିରୁ ରକ୍ତ ପାନ କରି ଦେବୀ ସନ୍ତୁଷ୍ଟ ହୁଅନ୍ତି । ଏହି କାଳରେ ଦେବୀ ୧୦/୧୨ ଫୁଟ ଲମ୍ବ ଜଳନ୍ତା ଅଙ୍ଗାର ଶଯ୍ୟାରେ ଖାଲି ପାଦରେ ଚାଲି ପାରିବା ପରେ ଅନେକ ଦର୍ଶକ ଭକ୍ତ ସେହି ତହ ତହ ଜଳନ୍ତା ଅଙ୍ଗାର ଉପରେ ଚାଲନ୍ତି ।

ଦଶହରା କାଳରେ ଭବାନୀପାଟଣାରେ ଓ ମ: ରାମପୁର ଓ ଥୁଆମୁଳ ରାମପୁରରେ ମାଣିକେଶ୍ୱରୀଙ୍କ ଛତର ଯାତ୍ରା, ଜୁନାଗଡ଼ରେ ଲଙ୍କେଶ୍ୱରୀଙ୍କ ଖଣ୍ଡାବସା, ଖଡ଼ିଆଳ ଚୌହାନ ରାଜାଙ୍କ ଦ୍ୱାରା ସମଲେଶ୍ୱରୀ ତଥା ରମେଇ ଖଣ୍ଡାପୂଜା, ରକ୍ତାମ୍ବରୀ ପୂଜା, ବୋଡେନ୍‌ର ଦ୍ୱାରସିନୀ ଭୁଞ୍ଜିଆ ଦେବୀଙ୍କ ଯାତ୍ରା, ସୁନାବେଡା ଉପତ୍ୟକାରେ ସୁନାଦେଇ ଓ ଇନ୍ଦ୍ରାଦେଇ ଯାତ୍ରା, ଜୟପାଟଣା କୋକସରା ଅଞ୍ଚଳରେ ତୋକଟା ବୁଢ଼ୀ ଲାଞ୍ଜିଗଡ ଅଞ୍ଚଳରେ ଭୈରବୀଙ୍କ ଧାମିଯାତ୍ରା ଆଦି ଅଗଣିତ ଜନତାଙ୍କ ସମାବେଶରେ ଦେବୀ ପୂଜା ହୋଇଥାଏ । ଅସଂଖ୍ୟ ଦେବଦେବୀ ଏହି କାଳରେ ପୂଜା ପାଇଥାଆନ୍ତି । ଏହି ଅଞ୍ଚଳର ଲୋକଧର୍ମ ତେଣୁ ଶାକ୍ତ ଧର୍ମ ଅଟେ । ଜଗନ୍ନାଥ, ଶୈବ ତଥା ଅଲେଖ ମହିମା ଧର୍ମ ଲୋକେ ଗ୍ରହଣ କରି ପୂଜା ଆରାଧନା କରି ଆସୁଥିଲେ ହେଁ ସେଥିରେ ନାହିଁ ଐକାନ୍ତିକ ଶ୍ରଦ୍ଧା ଓ ଭକ୍ତି । ମାତ୍ର ଶାକ୍ତ ପରମ୍ପରାରେ ଦେବୀଙ୍କ ପ୍ରତି ରହିଛି ଏହି ଅଞ୍ଚଳର ଜନଗଣଙ୍କ ଅବଚେତନାରେ ଯେତିକି ଭୟ ଓ ସେତିକି ଭକ୍ତି । ତେଣୁ ଦେବୀଙ୍କ ଦ୍ୱିବିଧ ରୂପ ଉଗ୍ରରୂପ ଓ ଶାନ୍ତ ମଙ୍ଗଳକାରିଣୀ ରୂପ ଜନଚେତନାରେ ପ୍ରମୂର୍ତ୍ତ ହୋଇ ଉଠିଥାଏ । ଏହାର ଉସ୍ତ ଶକ୍ତି ଓ ତନ୍ତ୍ରର ପ୍ରଭାବ । ତେଣୁ ଉପାସନାର ଧାରା ଓ ପଦ୍ଧତିରେ ମଧ୍ୟ ତନ୍ତ୍ର ନିୟମ ପାଳିତ ହୁଏ । ଶାକ୍ତ ଚେତନା ସହିତ ଗୁଣି ଗାରେଡ଼ି ତନ୍ତ୍ର ମନ୍ତ୍ର ଯନ୍ତ୍ରର ଲୌକିକ ବିଶ୍ୱାସ ଏଠାରେ ଉଣା ନୁହେଁ ବରଂ ରୋଗ ବେରାଗ ନିରାକରଣଠାରୁ ଡାହାଣୀ ଚିରୁଗୁଣୀ ଆଦି ଅପଦେବତାଙ୍କୁ ବଶୀଭୂତ କରିବା ମୂଳରେ ଦେବୀ ଶକ୍ତିର ଯଥେଷ୍ଟ ପ୍ରଭାବ ରହିଛି । ବୌଦ୍ଧ ଶୂନ୍ୟବାଦୀ ନାଗାର୍ଜ୍ଜୁନଙ୍କଠାରୁ ତନ୍ତ୍ର ମତରେ ହାଡ଼ିପା–ମୁକ୍ତାରେ ସୁନ୍ଦରୀ ସପ୍ତକୁମାରୀ ପର୍ଯ୍ୟନ୍ତ ତେଣୁ ଏହି ଅଞ୍ଚଳର ଲୋକ ଧର୍ମରେ ଆଦୃତ । ଏ ଯାବତ୍ ସେହି ତନ୍ତ୍ର ଉପାସନାର ଧାରା ଗୁଣି ଗାରେଡ଼ି, ଭ୍ରମନ ମୋହନ, ପଞ୍ଚାଙ୍ଗୁଳି ମନ୍ତ୍ର, ଖେଳେଇ ମନ୍ତ୍ର ଆଦିରେ କ୍ରିୟାଶୀଳ ରହିଛି । ନିମନ୍ତ୍ରେ

ସତ୍ୟ ସଂଗୃହୀତ କେତେକ ତନ୍ତ୍ର ପୋଥିରୁ କେତୋଟି ମନ୍ତ୍ର ଉଲ୍ଲେଖ କରାଗଲା ।

ଡାହାଣୀ ଚିରୁଗୁଣୀ କିମ୍ବା ଅପଦେବତା ଖେଦେନ ମନ୍ତ୍ର—

"ଓଁ ଅଗଲା ଅବଧୂତ ଖୋଲା କାହିଁ ନମିଲଇଁ ଭାତ । ମୁକୁଟାଗୁରୁଠାରେ ମେଲାଣି ମାଗିଲା ଯାଇଁ ॥ ଦିଅ ଗୁରୁ ମେଲାଣି ପେଟ ପଣାସିବି ମୁହିଁ । ଅବଧୂତ ବଚନ ଶୁଣି ଗୁରୁ ବୋଇଲେ ॥ ଯାଅ ଅବଧୂତରେ ଚଉଷଠୀ ଯୋଗୁଣିଙ୍କି ଧର । ଧର ତାକୁ ଧର ॥ ମାର ତାକୁ ମାର । ମୋହର ବାବୁ ଅବଧୂତ ॥ ମୁଣ୍ଡ ଫୋଡା ଗୁଡି ଖା । ବୁକୁ ଫୋଡା କଲଯା ଖା ॥ ବାଟୀ ପୋତର ସଖା ॥ ଚର୍ମ ପୋଡ଼ି ମାଂସ ରକତ ଖା ॥ ଖାଇବୁ ନଖାଇବୁ ବୋଲି କାହାର ଆଜ୍ଞା । ଡାହାଣୀ ଚିରୁଗୁଣୀକି ଦେଖିଲେ ମାରିବୁ ॥ ଘଉଡ଼ି ଦେବୁରେ ପଶୁପତ୍ର ଟିଂ ଖାଇଇଁ ତୋତେ ॥ ମୋହର ଆଜ୍ଞାରେ ଖେଦିବୁ ଜଗତେ ॥

ଅଙ୍ଗଦ କ୍ଷେଦନାୟ ମନ୍ତ୍ରଃ—"ଅଙ୍ଗଦ ଗଲେ ବନବାସ । ଲଙ୍କାରେ ଯାଇ ହୋଇଲେ ପରବେଶ ॥ ଦେଖିଲେ ଯେ ଲଙ୍କେଶ୍ୱରୀ ଦେବୀ ଗୁହିଲେ ଦଶଦିଶ ॥ ବୋଲନ୍ତିଣ ମୁଁ ପଳାଇବି କାହିଁ । ଅଙ୍ଗଦ ଦେଖିଲେ ମୋତେ ବଞ୍ଚାଇବେ ନାହିଁ । ଭୟେ ଲଙ୍କେଶ୍ୱରୀ ପଶଇ ଶରଣଂ । ଭାଗରେ ଦେବୀ ଭାଗ । ନଭାଗୁ ବୋଲି କାହାର ଆଜ୍ଞା—ଅଦ୍ୟ ଅଙ୍ଗଦ ବୀରଙ୍କର କୋଟି କୋଟି ଆଜ୍ଞା ।

ତଦ୍ରୁପ୍ ଦୃଷ୍ଟ ଝାଡେନ୍ ମନ୍ତ୍ରରେ—ନଯାଉ ବୋଲି କାହାର ଆଜ୍ଞା, ଅଗ୍ନି କୁଆଁରୀ ଦେବୀଙ୍କର ଶ୍ରୀ ନାଗାର୍ଜୁନ ମହାଦେବଙ୍କର କୋଟି କୋଟି ଆଜ୍ଞା ।

ଜତାନ୍ ମାରଲୀ ପେସେନ୍ ମନ୍ତ୍ରରେ—ନକାଟୁ ବୋଲି କାହାର ଆଜ୍ଞା ॥ ନାଗାର୍ଜୁନ ମହାଦେବଙ୍କର କୋଟି କୋଟି ଆଜ୍ଞା ॥ ସପ୍ତ କୁମାରୀ ଦେବୀଙ୍କର କୋଟି କୋଟି ଆଜ୍ଞା ॥(୧୭)

ଶାକ୍ତ ଓ ତନ୍ତ୍ରର ଏବଂ ବିଧ ପ୍ରଭାବର ଅପର ପକ୍ଷରେ ଗ୍ରାମ୍ୟ ବଧୂ ଓ ବାଳିକାମାନଙ୍କର ବାରମାସର ଦୁର୍ଗାଷ୍ଟମୀ, ରାଧାଷ୍ଟମୀ ଓଷା, ସାବିତ୍ରୀବ୍ରତ, ମଙ୍ଗଳବାର ଓଷା, ତାରାତରିଣୀ ବ୍ରତ, ସଙ୍କଟ ତାରିଣୀ ବ୍ରତ, ତାରିଣୀ ଓଷା, ଷଷ୍ଠୀ ଓଷା, ସୁଦଶା ବ୍ରତ ଆଦି ଶାକ୍ତ ଉପାସନାର ସରଳତା ଓ ଭକ୍ତିପୂର୍ଣ୍ଣ ଆତ୍ମ ସମର୍ପଣ ଭାବନାରେ ଦେବୀ ପୂଜା ପରମ୍ପରା ଅବ୍ୟାହତ ରହିଛି ।

ଭୁଞ୍ଜିଆ ସଂପ୍ରଦାୟରେ ଦେବୀଙ୍କୁ 'ଦରହା' କୁହାଯାଏ । ଏଣୁ ଖଡ଼ିଆଳ ଅଞ୍ଚଳରେ କେତୋଟି ଗ୍ରାମର ନାମ କରଣ ତଦ୍ରୁପ ହୋଇଛି । ଯଥା—କପାଟ ଦରହା, ପାଟ ଦରହା, ଦେଦରା, ଘରଧରା (ଦରହା) ଆଦି । ଶାକ୍ତ ପରମ୍ପରାର ପ୍ରଭାବ ଏହି ଗ୍ରାମର ନାମକରଣରେ ପଡ଼ିଅଛି ବୋଲି ଜଣାଯାଏ ।

ଏହି ଆଦିମ ଭୂମିର ଜନଚେତନାରେ ଶାକ୍ତ ଧର୍ମର ପ୍ରଭାବ ଯେପରି ସ୍ପଷ୍ଟ ସେମାନଙ୍କ ନୃତ୍ୟ ଗୀତ, ନାଟକ ଆଦିରେ ବି ସେହି ପ୍ରଭାବ ଉପଲବ୍ଧ । କଳାହାଣ୍ଡିର ଘୁମୁରା ନୃତ୍ୟ ଏକ ପୌରାଣିକ ଶାକ୍ତ ସମର୍ଥିତ ନୃତ୍ୟ । ସାରଳା ମହାଭାରତ, ଚଣ୍ଡି ପୁରାଣ, ରାମାୟଣ, କବି ବୁଢାଙ୍କ ଚଣ୍ଡୀପୁରାଣ ଆଦିରେ 'ଘୁମୁରା'କୁ ଦୁର୍ଗାଙ୍କର ଚଉଷଠୀ ଯୋଗିନୀଙ୍କର ନୃତ୍ୟ ତଥା ଯୁଦ୍ଧକାଳୀନ ନୃତ୍ୟ ଓ ବାଦ୍ୟ ବୋଲି ବର୍ଣ୍ଣନା କରାଯାଇଛି । ଏତଦ୍ ବ୍ୟତୀତ ଅଠେଇଶ **ଚଣ୍ଡୀଙ୍କ** ଦ୍ୱାରା ଏହି ନୃତ୍ୟ ହେଉଥିଲା । **ଚଣ୍ଡୀ** ପୁରାଣରେ ଉଲ୍ଲେଖ ଅଛି ଦାନବ ସେନାଙ୍କ ଉପରେ ଚଉଷଠୀ ଯୋଗିନୀ ଓ ଅଠେଇଶ **ଚଣ୍ଡୀ**କିଳିକିଳା ରାବ କରି ଘୁମୁରା ନୃତ୍ୟ କରି ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଥିଲେ । ସାରଳା ଦାସଙ୍କ ଭାଷାରେ—

କତା ମୃଦଙ୍ଗ ମର୍ଦ୍ଦଳ ଘୁମୁରା ସୌରାଷ୍ଟ୍ର ।  
ବଜାଇ ମତରଙ୍ଗେ ନାଚି ଖେମଟା ନାଚ ॥  
ଆପଦ ବିନାଶିନୀ ସେ ମଦ୍ୟପାନେ ଚଢ଼ି ।  
ବ୍ରହ୍ମାଣ୍ଡ ରକ୍ଷକୁ ଅଛି ମୁଖରାବ ରଡ଼ି ॥

(ଚଣ୍ଡୀପୁରାଣ—ଧର୍ମଗ୍ରନ୍ଥ ଷ୍ଟୋର, କଟକ)

ଏହି ପରମ୍ପରା ତଥା ପୌରାଣିକତାର ଆଧାରରେ କବି କନ୍ଦର୍ପ ପଣ୍ଡା "ଘୁମୁରା କଳ୍ପ ବିଧାନ"ରେ "ଦୁର୍ଗା"ଙ୍କ ଠାରୁ ଏହି ନୃତ୍ୟର ଉଦ୍ଭବ ହୋଇଅଛି ବୋଲି ଉଲ୍ଲେଖ କରିଛନ୍ତି । ଯଥା—

ସତ୍ୟଯୁଗର ଏ ବାଣୀ, ମହିଷାକୁ କାତ୍ୟାୟନୀ  
ନାଶି ଗଲେ ଯେତେବେଳେ, ଘୁମୁରା ଉତ୍ପତ୍ତି କଲେ × × ॥  
ଦୁର୍ଗା ଘୁମୁରା ଗଢ଼ିଲେ, ଈଶ୍ୱର ଚର୍ମ ଛାଇଲେ  
ପ୍ରତିଷ୍ଠା ଭୈରବୀ ମନ୍ତ୍ରେ, ନଲେ ତାକୁ ପଞ୍ଚ ନେତ୍ରେ  
ଦୁର୍ଗା ଦୁର୍ଗା ବୋଲି  
ଶବଦ ଶୁଭିଲା ଫେଡ଼ି କହି ଦେଲି ॥

(ଘୁମୁରା କଳ୍ପ ବିଧାନ—କବି ୰ କନ୍ଦର୍ପ ପଣ୍ଡା, କଟକ ଦାଶରଥି ପ୍ରେସ୍, ୧୯୫୪)

ଘୁମୁରାର ନୃତ୍ୟ ଭଙ୍ଗୀ ଯୋଗିନୀଙ୍କ ଖେମଟା ନୃତ୍ୟ ସହିତ ଶିବଙ୍କର ତାଣ୍ଡବରେ ମିଶ୍ରିତ ରୂପ । ଆଠ/ଷୋହଳ/ ଚବିଶି ଜଣ ଏହି ନୃତ୍ୟ ନାଚନ୍ତି । ଏହି ନୃତ୍ୟର ସାଜସଜ୍ଜାରୁ ଅର୍ଦ୍ଧନାରୀଶ୍ୱର ରୂପର ସଙ୍କେତ ରହିଛି । ଘୁମୁରା ନୃତ୍ୟରେ ଚଣ୍ଡୀ ମାଳଶ୍ରୀ, ଦୁର୍ଗା ମାଳଶ୍ରୀ, କାଳିକା ମାଳଶ୍ରୀ ଆଦି ଗାନ କରାଯାଏ । ଲୌକିକ ନିଶାଣ ମହୁରୀ ବାଦ୍ୟରେ ଝମ୍ପ ଓ ଧ୍ରୁବପଦ ତାଳ ପକାଇ ପୂର୍ବ ପରମ୍ପରା ସୂତ୍ରରୁ ମାଳଶ୍ରୀ ଶିଖିଥିବା ଅଭିଜ୍ଞ ଗାୟକ ଦେବୀଙ୍କ ମାଳଶ୍ରୀ ଗାୟନ କରିଥାନ୍ତି । କୁହାଯାଏ ଯେ, ଉପଯୁକ୍ତ ଓ ନିର୍ଭୁଲଭାବେ କୌଣସି ଗାୟକ ଯଦି ମାଳଶ୍ରୀ ରାଗରେ ମାଳଶ୍ରୀ ଓ ଝୁମ୍ପା ଗାୟନ କରିଥିବି ତଥା ତାଳ ଲୟର ସ୍ଥିତି ଯଦି ଉପଯୁକ୍ତ ହୋଇଥାଏ ତେବେ ସେଠାରେ 'ଶିରା' ବା କାଳିସୀ ଲାଗି ଦେବୀ ଦିହାରୀଙ୍କ ଉପରେ ଅବତରି ଆସନ୍ତି । ଏଣୁ ଘୁମୁରା ମାଳଶ୍ରୀ ଦେବୀ ମନ୍ଦିର ବ୍ୟତୀତ ଅନ୍ୟ ସ୍ଥାନରେ ଗାନ କରିବା ନିଷିଦ୍ଧ । ଉପଯୁକ୍ତ ସ୍ୱରଲିପି ଅଭାବରୁ ସଂପ୍ରତି ମାଳଶ୍ରୀ ଗାୟନର ସ୍ୱରୂପ ଏବର ଗାୟକମାନଙ୍କ ପାଖରେ ଆଉ ନାହିଁ । କେବଳ ମୁଷ୍ଟିମେୟ ବୃଦ୍ଧ ଗାୟକଙ୍କ ନିକଟରେ ଏହି ମାଳଶ୍ରୀ ଗାନର ସଠିକ୍ ପଦ୍ଧତି ଅଛି । ଏହାର ସ୍ୱରଲିପି ଓ ତାଳ ଲେଖକ ଦ୍ୱାରା ସଂଗୃହୀତ ହୋଇ ରହିଅଛି ।

ଓଡ଼ିଶାରେ ସାରଳା ଦାସଙ୍କ ପରବର୍ତ୍ତୀ ଅନେକ କବି 'ମାଳଶ୍ରୀ' ରଚନା କରିଅଛନ୍ତି । ମାଳଶ୍ରୀ ସାଧାରଣତଃ ଦେବୀ ବନ୍ଦନା ମୂଳକ । ଏଥିରେ ଦେବୀଙ୍କ ଉଗ୍ରରୂପ, ଭୈରବୀ ଓ ଭୟଙ୍କର ମୂର୍ତ୍ତି ସହଚରୀ ଯୋଗିନୀଙ୍କର ବର୍ଣ୍ଣନା ହୋଇଥାଏ । ସଂପ୍ରତି ଏକ କବି ୰ ଶ୍ରୀ ଦାମୋଦର ପାତ୍ର (୧୮୪୦—୧୯୧୦)ଙ୍କର ଛବିଶଟି 'ମାଳଶ୍ରୀ' ତଥା ଶାକ୍ତ ଉପାସନା ଓ ବନ୍ଦନା ମୂଳକ ରଚନା ତାଳପତ୍ର ପୋଥିରୁ ସଂଗୃହୀତ ହୋଇଅଛି । ଏହି 'ଘୁମୁରା ମାଳଶ୍ରୀ' ତୁଲ୍ୟ ପୁରାତନ ମାଳଶ୍ରୀ କଳାହାଣ୍ଡିର ଅନ୍ୟତ୍ର ଆଉ ଦୃଷ୍ଟି ଗୋଚର ହୋଇନାହିଁ । କବି ଦାମୋଦର ସମଗ୍ର ଖଡ଼ିଆଳ ରାଜ୍ୟରେ ଉନବିଂଶ ଶତାବ୍ଦୀର ମଧ୍ୟ ଭାଗରୁ ଶେଷ ଭାଗ ପର୍ଯ୍ୟନ୍ତ ଜଣେ ଶିକ୍ଷା ଗୁରୁ, କବି ତଥା ତାଳପତ୍ର ଲେଖନକାର ଥିଲେ । ତାଙ୍କ ଶିଷ୍ୟ ମନୋହର ମେହେର ଓ ଅନେକ । କବି ଦାମୋଦର ଏ ଯାବତ୍ ଓଡ଼ିଆ ସାହିତ୍ୟରେ ଅନାବିଷ୍କୃତ ଓ ଅଜ୍ଞାତ **ଜୀର୍ଣ୍ଣ** ତାଳପତ୍ର ପୋଥି ମଧ୍ୟରୁ ଏହି କବିଙ୍କ ସୃଷ୍ଟି କର୍ମ ଆବିଷ୍କୃତ ହୋଇ କବିଙ୍କ ମୌଳିକ ପ୍ରତିଭାର ପରିଚୟ ମିଳିଅଛି । କବିଙ୍କ 'ଘୁମୁରା ମାଳଶ୍ରୀ'ର ଦୁଇପଦ ନିମ୍ନରେ ପ୍ରଦତ୍ତ ହେଲା । ଏହି 'ମାଳଶ୍ରୀ ଘୁମୁରା' ଗାୟକମାନଙ୍କ ଦ୍ୱାରା ସମଗ୍ର ଅଞ୍ଚଳଟିରେ ସୁପରିଚିତ ।

ଜୟ ଜୟ ମାଗୋ ଅନାଦି ଶକତି, କାଳିକା ଅଭୟ ଦାୟିନୀ  
ମାଗୋ, ଶାର୍ଦ୍ଦୁଳ ବାହାନେ କରୁ ଭ୍ରମଣି ।୦।  
ମାଗୋ ଭାଲପଟେ ରତ୍ନ ମୁକୁଟ ସାଜେ, କିବା ରଜନୀଶ ଶେଖ  
ଶିଖର,  
କିରଣ ଆଚ୍ଛାଦନେ ଦିଗ ପୂରି, ମାଗୋ, ତ୍ରିକୁଟ ବାସିନୀ ଜନକ  
ଗୌରୀ ।  
(ଝୁମ୍ପା)  
ଘାଗୁଡି ଝମ୍ ଝମ୍, ବଦନ ଚମ ଚମ, ଚରଣ ଦମ ଦମ  
ଘାତରୁ,  
ନୂପୁର ଝଣଝଣ, ଭ୍ରମର ଘଣଘଣ, ଶୁଭଇ ନେତ ଦରଶନରୁ

ଚତୁର୍ବିଂଶଭୁଜ,
ମାଗୋ, ମହାଯୋଗ ମୁଦ୍ରା ଶତ୍ରୁ ଘାତକୁ ॥
ମାଗୋ, ବାହେ ତାଡ ଝୁମ୍ପା ସରଳ ସାଜେ, ହୀରା ଥୋପା ତଥିପରେ ବିରାଜେ,
କର୍ଣ୍ଣସୂତ୍ରେ ବିଦ ମାଳୀରୁ ଗୁଛା, ମାଗୋ, ବିଲୋ କିଲେ ଦୁଷ୍ଟ ଗରବମଛା ।
(ଝୁମ୍ପା)
ଘୁମୁରା ଘୁମୁ ଘୁମୁ, ମର୍ଦ୍ଦଳ ଦୁମୁ ଦୁମୁ, ଝଞ୍ଜାଳ ଝୁମୁ ଝୁମୁ ନାଦକୁ,
ପଟ୍ଟିସ ମୁଦଗର, କାତି ଭୁଷଣ୍ଡି ଶର, ଶାୟକ ଭାଲ ତୀର ଶୂଳକୁ
ଗମନ ତର ତର, ଗର୍ଜ୍ଜନ ଝର ଝର, ଭୂଧର ପରିଘାତକୁ
ମାଗୋ, ବାସେ ତାରକା ସେବେ ହତପକୁ ॥ (୧୮)

ଏହି ଅଞ୍ଚଳରେ ବିଭିନ୍ନ ସାହିତ୍ୟିକମାନଙ୍କ ଦ୍ବାରା ଶକ୍ତି ବନ୍ଦନା ମୂଳକ ଭଜନ, ଜଣାଣ, ଚଉତିଶାଦି ରଚିତ ହୋଇଅଛି । ପଣ୍ଡିତ ଗଣେଶ୍ୱର ରଥ ବାଚସ୍ପତି, କବି ରାମଚନ୍ଦ୍ର ରାୟଗୁରୁ, କବି ଶିବ ପ୍ରସାଦ ପ୍ରହରାଜ, ପବିତ୍ର ପଟ୍ଟନାୟକ, ମନୋହର ମେହେର, ରତ୍ନମଣୀ ବିଶ୍ୱାଳ, ଦୁର୍ଗାମାଧବ ସିଂହଦେଓ, କବି ଶିବନାରାୟଣ, କବି ବୀରବର ନୀନା, ଗଦାଧର ମିଶ୍ର ଆଦିଙ୍କ ଦ୍ବାରା ଶାକ୍ତ ସାହିତ୍ୟ ସମଧିକ ଭାବେ ସୃଷ୍ଟି ହୋଇ ଓଡ଼ିଆ ଶାକ୍ତ ସାହିତ୍ୟକୁ ସମୃଦ୍ଧ କରିଛି । କବି ବୀରବରଙ୍କ ଆଦିବାସୀ ଦେବୀ 'ଦ୍ୱାରଶନୀ' ଓ 'ଇନ୍ଦ୍ରାଦେଇ' ଜଣାଣରେ ଏହି ଅଞ୍ଚଳର ଦେବୀ ପୂଜା ପ୍ରକ୍ରିୟା ଚିତ୍ରିତ ହୋଇଛି ।

ଜୟ ତୁ ମା ଦ୍ୱାରଶନୀ,
ଯୁଞ୍ଜ ଘାଟ ତଟ କଣ୍ଟା ବାଉଁଶ କୁଞ୍ଜବାସିନୀ,
ଯୋଗିନୀଗଣ ଗହଣେ, ଘେନିଅଛୁ ଏ ଗହନେ,
କେତେ କାଳ କେ'ତା ଜାଣେ, ଧରା ଧରେନ୍ଦ୍ର ନନ୍ଦିନୀ ॥
(ଖେଡ଼ିଆଳ କୁସୁମ)

ପୁଣି

ଜୟ ଜୟ ମା ଇନ୍ଦ୍ରାଦେଇ,
ଠିକେ ତୋ ମହିମା କେ ପାରିବ କହି ।୦।
× × ''ଛାଗଳ ମହିଷ ମେଷ ପାରା ହଂସ,
କୁକ୍କୁଟାଦି ଗଣ୍ଡି ପଡ଼ି ତହିଁ
ଝରିଣ ରୁଧିର ଧାର ଧାତିକାର ତିନ୍ତିଯାଏ ତୋର ଲୀଳା ଭୁଇଁ
(ଖେଡ଼ିଆଳ କୁସୁମ)

ଘୁମୁରା ନୃତ୍ୟ ବ୍ୟତୀତ ମାଦଳ ନୃତ୍ୟ, ଢାବ ନୃତ୍ୟ, ଦଣ୍ଡନାଚ, ନାଟକ ଆଦିରେ ଶକ୍ତି ବନ୍ଦନା ହୋଇଥାଏ । ଦୁର୍ଗା ଓ ସରସ୍ୱତୀଙ୍କୁ ଅଭିନ୍ନ ବୋଲି ପ୍ରତିପାଦିତ କରାଯାଇଥାଏ । ଯଥା–

ଜୟ ମାଁ ସାତୁଲା, ଜୟ ମା ବିମଳା ଗୋ, ଜୟ ମା ଦେବୀ ସାତୁଲା,
ଗ୍ରାମ ଦେବୀଠାରୁ ବନ୍ଦନା କରୁଛି, ନୁହଇ ପଣ୍ଡିତ ବଲାଯେ,
ସଦା ମୁରୁଖ ମୁହିଁ, କଣ୍ଠେ ବସି ପଦ ଦେବୁ କହିମା ।୦।

ପୁଣି 'ଶକ୍ତି'ର ଏକ ରୂପରୁ ଅନେକ ରୂପର ସୃଷ୍ଟି । ତେଣୁ ଲୋକ କବିର ଭାଷାରେ ଦୁର୍ଗା ସରସ୍ୱତୀ ଓ ଲକ୍ଷ୍ମୀ: ଗ୍ରାମ୍ୟ ଦେବୀ ସେହି 'ଶକ୍ତି'ର ଏକ ରୂପ ମାତ୍ର ।

ନମସ୍ତେ ସାରଳା, ନମସ୍ତେ ମଙ୍ଗଳା, ନମସ୍ତେ ଦେବୀ କମଳା,
ତୁମ ନାମ ଧରି ଗୀତ ବଖାଣିବି, ସଂସାରେ ସ୍ତୁତୁ ମୋ ଗଲା ଯେ,
(ଗଳାଠ)
ସବୁଠାରେ ଅଛ ମାଁ ଠାକୁରାଣୀ,
ଆରାଧିଲେ ବର ଦେଲା ॥
କଣ୍ଟା ବଧ ଖାଲି ଦଲାର ଦେଇ

ତୋର ପାଦେ ମୁଁ ଦେଁ ମଥା,
ଶାଲ ଫାଟିକରି ଖାତି ହୋଇଅଛି,
ବୁଢ଼ୀ ଠାକୁରାଣୀ ମାତା,

ଏହି ଅଞ୍ଚଳର ଲୋକ ସାହିତ୍ୟରେ ଶାକ୍ତ ଧର୍ମର ସଙ୍କେତ ରହିଛି । ଡାଲ୍‌ଖାଇ ଗୀତରେ ଦେବୀ ବନ୍ଦନାର ପ୍ରାଧାନ୍ୟ ରହିଛି । ସମ୍ବଲପୁର ଅଞ୍ଚଳ ପରି ଏହି ଅଞ୍ଚଳରେ 'ଧୁନ୍‌କେଲ ବାଦ୍ୟ ଓ ଗୀତ' ପରମ୍ପରା ନାହିଁ । କଳାହାଣ୍ଡିର ବନାବାଡ଼ି ବା ଗଉଡବାଡ଼ି ନୃତ୍ୟରେ ଦେବୀ ''କିରୀ କ...ଛିନ୍'' ଓ ''ଖରତ-ମାଉଳୀ'' । ଏହି ଦେବୀଙ୍କ ... ଧରି ଗଉଡବାଡ଼ି ନୃତ୍ୟ ଏକ ଗ୍ରାମରୁ ଅନ୍ୟ ଗ୍ରାମକୁ ଯାଏ । ଏ ଅଞ୍ଚଳର ଦଣ୍ଡ ନୃତ୍ୟ ଓ ନାଟରେ ଶିବ ପାର୍ବତୀଙ୍କର ପ୍ରଥମ ଦୃଶ୍ୟ ଶାକ୍ତ ଓ ଶୈବ ଧର୍ମର ମିଶ୍ରିତ ପରମ୍ପରାକୁ ସୂଚାଏ ।

ଲୋକଗୀତ ବ୍ୟତୀତ ଲୋକ ଗାଥାରେ ଓ ଲୋକ ଗଳ୍ପରେ ... ଆଦିବାସୀ ସଂପ୍ରଦାୟର ଲୋକ ଗୀତ, ଗଳ୍ପ ଓ ଗାଥା ଆଦିରେ ଶକ୍ତି ପରମ୍ପରାର ଅଖଣ୍ଡ ପ୍ରବାହ ରହିଛି । ଆଦିବାସୀ ଗାଥା ଗୁଡ଼ିକରେ ଦେଖାଯାଏ ଯେପରି ଭାବେ ଗାଥା ନାୟକତାର ଶତ୍ରୁକୁ ଜିଣିବା ପାଇଁ ବନ୍ଦନା କରିଛି । ପହରିଆ ସଂପ୍ରଦାୟର 'ଗାନ୍ଧୁ ପାରଦ୍ଧିୟ' ନାମକ ଏକ ଗୀତ ଉଦ୍ଧୃତ ନିମ୍ନରେ ଉଦ୍ଧାର କରାଗଲା । ଏଥିରେ ଦେବୀମାନଙ୍କର ଉଗ୍ର ଉଗ୍ରରୂପ ବର୍ଣ୍ଣିତ ହୋଇଛି ଆଦିବାସୀ କବିଙ୍କ ଦ୍ବାରା–

''କୋଦ୍‌କାଗେ କୋଦ୍‌କୋ ଦାନ୍ତାଇ ଇନ୍ଦ୍ରା ଇନ୍ଦ୍ରା ନାଙ୍ଗୋଇରେ,
ଗ୍ରେନ୍‌ଗ୍ରେକା, ଗ୍ରେଗ୍ରେନ୍‌କା ନାସି କୋଟନାତୋ କୋଟନା ଟେନ୍ତୁ,
ଖୁଣ୍ଡିକିଡ ଖୁନ୍‌ଚି ମୁଣ୍ଡିଲ୍ ଯାଟେ ଗୋଟେ ସାରିଲି ସୁରୁଲି,
ପେଟେସେଟୋ ତୋତୋଲ୍ଲିଡ ଦିଗୁନ୍ ...
ଯେନ୍ଦା × × ×
ମାୟାଁ ଭବାନୀଡ ଗୁରୁ ଗାଁଟେ ଧନ୍ନା ଗାଁଟେ ମାଟି,
ଚଣ୍ଡୀ ଘୋଟେମାତ ମହୁଲ୍ ତୋହୋ ମାସ୍ରେ,
ସନେ ଦେଇ, ରୂପା ଦେଇ, ଇନ୍ଦ୍ରା ଦେଇ,
ଇନ୍ଦ୍ରା ଦେଇ ତୋହୋ ମାସ୍ରେ; ସୁଙ୍କୁର୍ ଦେଇ, ମାଙ୍କୁର୍ ଦେଇ,
ସୁଦେ ଗୁଡ୍‌ମା, ଗୁଡ୍ଡେ ଗୁଡ୍‌ମା
ରାନୀମାତୋ ଚଣ୍ଡୀ ଗୁଟେନ୍, ଗୁଟ୍ଟା ଗଟେନ ।
(ସୌଜନ୍ୟ–ଶୁକ୍ରୁ ପହରିଆ–କାଠପାର୍ ବୋଡେନ)

କଳାହାଣ୍ଡିର ଦୁରଧିଗମ୍ୟ ଅନେକ ପ୍ରଥା ଓ ପରମ୍ପରା ସହିତ ଆଦିବାସୀଙ୍କଠାରୁ ଆରମ୍ଭ କରି ଏ ଜିଲ୍ଲାର ସହରାଞ୍ଚଳରେ ଦେବୀ ବନ୍ଦନାର ଏକ ଅଖଣ୍ଡ ଧାରା, ଲୋକଚେତନାରେ ଏହାର ଅବାଧ ପ୍ରବାହକୁ ଲକ୍ଷ୍ୟ କରାଯାଇପାରେ । ତେଣୁ ଏ ଅଞ୍ଚଳରେ ପ୍ରତ୍ୟେକ ଗ୍ରାମର ସୀମାନ୍ତରେ କୌଣସି ବୃକ୍ଷ ମୂଳରେ ଏକ 'ଦେବୀଗୁଡ଼ି' ଦେଖିବାକୁ ମିଳେ । 'ଗୁଡ଼ି'ର ପ୍ରାଙ୍ଗଣରେ ଓ ମୁକ୍ତ ଆକାଶ ତଳେ କାଷ୍ଠର ସ୍ତମ୍ଭ ଆକୃତିର ଲିଙ୍ଗ ଦେବତା କିମ୍ବା ଦେବୀ କେଉଁଠି ପ୍ରସ୍ତର କଳସରେ ଆରାଧିତା କେଉଁଠି ପୁଣି ଭୂମିରେ ଯୋନି ଆକୃତିର ଗର୍ତ୍ତହିଁ ଦେବୀଙ୍କ ଆସ୍ଥାନ । ଗୁଡ଼ିରେ ମାଟି ନିର୍ମିତ ହାତେ ଲମ୍ବର ଅଗଣିତ ଘୋଡ଼ା, ଧୂପଦାନୀ, ଲୌହ କଣ୍ଟା ନିର୍ମିତ ଦେବୀଙ୍କ ଦୋଳି ଆସନ, ଭୂମିରେ ବଳିର ଶୁଷ୍କ ରକ୍ତର ଚିହ୍ନ ତଥା ପଡ଼ିଥିବା ନଡ଼ିଆ କତାର ଦୃଶ୍ୟ, ଗୁଡ଼ି ଉପରେ ଲାଲ କିମ୍ବା ଧଳା ଟିରାଲର୍ ବାନା ଏବଂ ବିଧ ଏକ ଦେବୀ ଗୁଡ଼ିର ପ୍ରାକୃତିକ ମନୋରମ ଦୃଶ୍ୟ ଦେଖିବାକୁ ମିଳେ । 'ଯାତ୍ରା' କାଳରେ ପୁଣି ଛତ୍ର, ସ୍ତବଳ, ବୋକା ଧରି ସମସ୍ତ ଗ୍ରାମବାସୀଙ୍କ ସମବେତ, ବାଦ୍ୟଯନ୍ତ୍ର ମହୁରୀ ଓ ନିଶାଣ ତସା, ଢୋଲର ବାଦ୍ୟ ସମଗ୍ର ଅଞ୍ଚଳଟିକୁ ଏକ ଦୈବିକ ପରିମଣ୍ଡଳରେ ପରିଣତ କରି ଦେଇଥାଏ । ତେଣୁ ସାମଗ୍ରିକ ଭାବେ ଶିକ୍ଷିତ ଅଶିକ୍ଷିତ ଆର୍ଯ୍ୟ ଆଦିବାସୀ ନିର୍ବିଶେଷରେ ମୂଳ ଶକ୍ତି ରୂପା ... ଦେବୀଙ୍କର ଅନେକ ନାମରେ ଏହି ଅଞ୍ଚଳରେ ଆରାଧନା ହୋଇ ଆସୁଅଛି ।

ତେଣୁ ପ୍ରାଗୈତିହାସିକ ଯୁଗରୁ ଏ  ପର୍ଯ୍ୟନ୍ତ ବିଭିନ୍ନ ରୂପରେ ଶାକ୍ତ ଉପାସନାର ପରମ୍ପରା ଜନଚେତନାର ଧର୍ମ ରୂପେ ସ୍ଥାନ ଲାଭ କରିଛି । ଏ ଅଞ୍ଚଳର ଲୋକଜୀବନରେ ତଥା ଲୋକ ସଂସ୍କୃତିର ବିଭିନ୍ନ ବିଭାବରେ ଓ ଲୋକ ଧର୍ମରେ ଅନ୍ୟାନ୍ୟ ଧର୍ମ ତୁଳନାରେ ଶାକ୍ତ ଧର୍ମ ଯେ ନିବିଡ଼ ଭାବରେ ଚେର ମେଡ଼ି ବସିଛି ତାହା ଏ ଜିଲ୍ଲାର ଯେ କୌଣସି ଗ୍ରାମର ସୀମାନ୍ତରେ ଥିବା ଦେବୀଗୁଡ଼ିକୁ ଦେଖିଲେ ହିଁ କଳନା କରିହେବ ।

**ପାଦଟୀକା**


1. J. K. H. R. S. Vol. II P. 243.
2. OHRJ Vol. XXII No. 2. P. P. 21-22
3. Cultural Profile of South Kosala—By J. P. Sing Deo (Unpublished).
4. Cultural Heritage of India, Calcutta, Vol. I, 1969. P—32
5. Kuanr D. C. (State Editor), Orissa District Gazzetters Kalahendi (Chief Editor), Senapati N., Cuttack—1980, P—49
6. ଶତବାର୍ଷିକୀ ସ୍ମରଣିକା, ଖଡ଼ିଆଳ ସାହିତ୍ୟ ସମିତି ୧୯୮୩

   Sahu Dr. N. K. "Report of Archeological Exavation in the upper Jonk Valley in Nawapara Subdivision of Kalahandi district. English Section. P—VI—IX
7. Ibid
8. Epigraphica India—Vol. XXX—P. P. 274—78
9. Sahu Dr. N. K. "Two obscure Dynasty of South Kosala" Sambalpur University Journal (Humanities) Vol. VI—VII. 1973-74, P. 23.
10. Epigraphica India—Vol. XII P. 218 FF

(୧୧) ଲଙ୍କେଶ୍ୱରୀ—ସଫୁଲ୍ଲ କୁମାର ସାମନ୍ତରାୟ, ଏଷଣା-11. Vol.—VI—1973 ଓଡ଼ିଆ ଗବେଷଣା ପରିଷଦ, କଟକ ପୃ:-୮୦-୮୬

12. Mishra Dr. P. K. "The Durga Icons", "New Aspects of History of Orissa" Vol. II Ed. Sahu Dr. N. K. Sambalpur University—1978. p. 1—4
13. Cultural Heritage of India, Vol. I Calcutta 1969, p. 45—49.
14. OP. Cit—No. 5 P.
15. OP. Cit—No. 2

(୧୬) ରଭାବରୀ, ସଫୁଲ୍ଲ କୁମାର ସାମନ୍ତରାୟ, କୋଣାର୍କ ୧୯୮୧ କଟକ ଅକ୍ଟୋବର, ପୃ:—୯—୧୪


(୧୭) କୁଥୁ ବାଗ (ଛତୁଆ ମୁଣ୍ଡଦୁଆଠାରୁ ତାଳପତ୍ର ପୋଥିରୁ ସଂଗୃହୀତ

(୧୮) ଦାମୋଦର ପାତ୍ରଙ୍କ ତାଳପତ୍ର ପୋଥି—ଉତ୍ତରାଧିକାରୀ ଶ୍ରୀ କେଶବ ପାତ୍ର ଓ ମୁକୁନ୍ଦ ପାତ୍ରଙ୍କଠାରୁ ସଂଗୃହୀତ


(୧୯) ଅନ୍ୟାନ୍ୟ ଗୀତ ଓ ଗାଥା ସବୁ ଲେଖକଙ୍କ କ୍ଷେତ୍ର ଗବେଷଣା ଦ୍ୱାରା ସଂଗୃହୀତ


---


ସଂପାଦକ
ଆଦିବାସୀ ସଂସ୍କୃତି ଗବେଷଣା ପରିଷଦ
ଗ୍ରା:ପୋ: ସିନାପାଲି, ଜି: କଳାହାଣ୍ଡି—୭୬୬୧୦୮
ଓଡ଼ିଶା

ଯୁବକପୋଡି ରାବଣରେ....


ଓଡ଼ିଶା ସରକାରଙ୍କର ସଂସ୍ଥା
ଆପଣଙ୍କ ସେବାରେ
ଆଦିବାସୀଙ୍କ ଉତ୍ପାଦିତ
ଫଳ ସମ୍ଭାରରୁ
ଉପକୃଷି ନିର୍ଦ୍ଦେଶକ [ଫଳ ସଂରକ୍ଷଣ] ଓଡ଼ିଶା
ଭୁବନେଶ୍ୱର-୯ ଫୋନ-୫୦୬୯୩



ଭକ୍ତି ପ୍ରସଙ୍ଗ

# ଦଶ ମହାବିଦ୍ୟାରେ ଜଗଜ୍ଜନନୀ ତାରା

ଇଞ୍ଜିନିୟର ରଘୁନାଥ ପାତ୍ର

"ତାରତ୍ୟନୟା ସା ତାରା ।" ଭବ ସାଗରରୁ ଯେ ଉଦ୍ଧାର କରେ, ପରିତ୍ରାଣ କରେ ସେ 'ତାରା' । ସଂସାର ରୂପୀ ମହାସାଗରରୁ ଦେବୀ ତାରା ଉଦ୍ଧାର କରୁଥିବାରୁ ମୁନିଜନ ତାହା ନାମରେ ଗୁଣାନୁକୀର୍ତ୍ତନ କରନ୍ତି ।

"ତାରୟିଷ୍ୟାମ୍ୟହଂ ନାଥ ! ନାନା ଭବମହାର୍ଣ୍ଣବାତ୍ ।
ତେନ ତାରେତି ମାଂ ଲୋକେ ଗାୟନ୍ତି ମୁନିପୁଙ୍ଗବା ॥"

ବୈଦିକ ସାହିତ୍ୟାନୁସାରେ ସର୍ବଶକ୍ତିମାନ୍ ସୂର୍ଯ୍ୟଦେବଙ୍କଠାରୁ ସଚରାଚର ବିଶ୍ୱବ୍ରହ୍ମାଣ୍ଡର ସୃଷ୍ଟି । ସୂର୍ଯ୍ୟଦେବଙ୍କ ହିରଣ୍ମୟ ମଣ୍ଡଳ ମଧ୍ୟରେ ସୌର ବ୍ରହ୍ମ ଅଧିଷ୍ଠିତ । ଉକ୍ତ ସୌର ବ୍ରହ୍ମର ଶକ୍ତିକୁ ତାରା କୁହାଯାଏ । ପ୍ରଳୟର ଅଧିଷ୍ଠାତ୍ରୀ ମହାକାଳୀ ପରି 'ଉଗ୍ରତାରା' ସୂର୍ଯ୍ୟ ପ୍ରଳୟର ଅଧିଷ୍ଠାତ୍ରୀ ଦେବୀ । କାଳରାତ୍ରିରେ ମହାଦେବୀ ଉଗ୍ର ଆପଦରୁ ତାରଣ କରୁଥିବାରୁ ତାଙ୍କ ନାମ 'ଉଗ୍ରତାରା' ।

"କାଳରାତ୍ରିଦିନେ ପ୍ରାପ୍ତେ ନିଶାୟାଂ ମଧ୍ୟଭାଗକେ
ଉଗ୍ରାପହାରଣାର୍ଥନ୍ତୁ ଉଗ୍ରତାରା ସ୍ୱୟଂ କଳା ।"

ତାରା ଦ୍ୱିତୀୟ ମହାବିଦ୍ୟା ବା ସିଦ୍ଧବିଦ୍ୟା । ମହାଦେବୀ କୈବଲ୍ୟପ୍ରଦାୟିନୀ ହୋଇଥିବାରୁ 'ଏକ ଜଟା', ଉଗ୍ର ଆପଦରୁ ରକ୍ଷା କରୁଥିବାରୁ 'ଉଗ୍ରତାରା' ଓ ଜ୍ଞାନ ପ୍ରଦାୟିନୀ ହେତୁ 'ନୀଳ ସରସ୍ୱତୀ' ନାମରେ ତ୍ରିଭୁବନ ବିଦିତା ।

"ଦକ୍ଷଗେହେ ତ ଯୋତ୍ପନ୍ନା ସତୀ ନାମ୍ନେତି କୀର୍ତ୍ତିତା ।
କୈବଲ୍ୟଦାୟିନୀ ଯସ୍ମାତସ୍ମାଦେକ ଜଟା ସ୍ମୃତା ॥
ତାରକତ୍ୱାତ୍ ସଦା ତାରା ଲୀଳୟା ବାକ୍ପ୍ରଦା ଯତଃ ।
ନୀଳସରସ୍ୱତୀ ପ୍ରୋକ୍ତା ଉଗ୍ରତ୍ୱାଦୁଗ୍ରତାରିଣୀ ॥
ଉଗ୍ରାପହାରିଣୀ ଯସ୍ମାଦୁଗ୍ରତାରା ପ୍ରକୀର୍ତ୍ତିତା ।"

(ନାରଦ ପଞ୍ଚରାତ୍ର ୩/୨ ଅ:)

କେତେକଙ୍କ ମତରେ ନୀଳସରସ୍ୱତୀଙ୍କ ଜନ୍ମ ମେରୁର ପଶ୍ଚିମ କୂଳରେ, ଚୋଳହ୍ରଦରେ । ଦେବୀଙ୍କ ତେଜରାଶିରେ ହ୍ରଦର ଜଳ ନୀଳବର୍ଣ୍ଣ ହୋଇଯିବାରୁ ଦେବୀ ନୀଳସରସ୍ୱତୀ ନାମରେ ପରିକୀର୍ତ୍ତିତା ।

ଯୋଗ ଦର୍ଶନର ରଚୟିତା ପ୍ରଜ୍ଞା ତତ୍ତ୍ୱ ସିଦ୍ଧବିଦ୍ୟାର ସ୍ପଷ୍ଟୀକରଣ କରିଥାଏ । ଦେବାସୁର ଯୁଦ୍ଧରେ ଦେବତାମାନେ ଭଗବତୀ ତାରାଙ୍କୁ ଉପାସନା କରି ବିଜୟ ଲାଭ କରିଥିଲେ । ଶାକ୍ତମାନଙ୍କ ମତରେ ତାରା ବୃକ୍ଷରୂପକ ତତ୍ତ୍ୱବର ହେଲେ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ଶାଖାପ୍ରଶାଖା ମାତ୍ର । ଉକ୍ତ ବୃକ୍ଷର ଫଳ ଅତୀବ ଅଦ୍ଭୁତ, ରସାନନ୍ଦମୟ, ମଙ୍ଗଳମୟ । ଭବବାନ ଶଙ୍କର ଦେବୀଙ୍କ ଶକ୍ତିରେ ଶକ୍ତିମାନ୍ ଓ ଦେବଗଣ ମୂଳ ପ୍ରକୃତି ସ୍ୱରୂପା ମହାଦେବୀଙ୍କ ଚରଣରଜାଶ୍ରିତ । ସାଧକର ଜପ, ତପ, ଧ୍ୟାନ, ଧାରଣା ନଥିଲେ ମଧ୍ୟ ମହାଦେବୀ ସର୍ବଦା ପ୍ରସନ୍ନା ରହନ୍ତି ।

ଶକ୍ତିସଙ୍ଗମ ତନ୍ତ୍ରାନୁଯାୟୀ କାଳୀ, ତାରା, ତ୍ରିପୁରସୁନ୍ଦରୀ ଓ ଛିନ୍ନମସ୍ତା ଅଭିନ୍ନା । ନୀଳତନ୍ତ୍ର ଧ୍ୟାନାନୁସାରେ ଦେବୀ ମୁଣ୍ଡମାଳା ବିଭୂଷିତା, ଭୟଙ୍କରୀ,ଖର୍ବାକୃତି, ଲମ୍ବୋଦରୀ, ବ୍ୟାଘ୍ରଚର୍ମାବୃତ କଟି, ନବ ଯୌବନ ସମ୍ପନ୍ନା, ଚତୁର୍ଭୁଜା, ଲୋଳଜିହ୍ୱା ଓ ବର ପ୍ରଦାୟିନୀ । ଦେବୀଙ୍କ ଦକ୍ଷିଣ ଊର୍ଦ୍ଧ୍ୱ ହସ୍ତରେ ଖଡ୍ଗ, ନିମ୍ନ ହସ୍ତରେ କାତି ଓ ବାମ ଊର୍ଦ୍ଧ୍ୱ ହସ୍ତରେ ପଦ୍ମ ଓ ନିମ୍ନ ହସ୍ତରେ ନର ମସ୍ତକ । ଉଜ୍ଜ୍ୱଳ ତ୍ରିନୟନ ଓ ମସ୍ତକର ଊର୍ଦ୍ଧ୍ୱରେ ନାଗରୂପୀ ଅକ୍ଷୋଭ୍ୟ (ଶିବ) । ଦେବୀ ଜ୍ୱଳନ୍ତ ଚିତା ଉପରେ ଦଣ୍ଡାୟମାନା ।

"ପ୍ରତ୍ୟାଳୀଢ଼ ପଦାଂ ଘୋରାଂ ମୁଣ୍ଡମାଳା ବିଭୂଷିତାମ୍
ଖର୍ବାଂ ଲମ୍ବୋଦରୀଂ ଭୀମାଂ ବ୍ୟାଘ୍ରଚର୍ମାବୃତାଂ କଟୌ ।
ନବ ଯୌବନ ସମ୍ପନ୍ନାଂ ପଞ୍ଚମୁଦ୍ରା ବିଭୂଷିତାମ୍
ଚତୁର୍ଭୁଜାଂ ଲଲଜିହ୍ୱାଂ ମହାଭୀମାଂ ବରପ୍ରଦାମ୍ ।
ଖଡ୍ଗ କର୍ତ୍ତ୍ରୀଧରାଂ ସବ୍ୟେ ଯାମେ ମୁଣ୍ଡୋତ୍ପଳାନ୍ୱିତାମ୍
ପିଙ୍ଗୋଗ୍ରୈ କଜଟାଂ ଧ୍ୟାୟେ ନ୍ମୌଳା ବକ୍ଷୋଭ୍ୟଭୂଷିତାମ୍ ।
ବାଳାର୍କ ମଣ୍ଡଳାକାର ଲୋଚନତ୍ରୟ ଭୂଷିତାମ୍
ପ୍ରଜ୍ୱଳତ୍ପିତୃ ଭୂମଧ୍ୟଗତାଂ ଦଂଷ୍ଟ୍ରା କରାଳିନୀମ୍ ।
ସାବେଶସ୍ମେର ବଦନାମଲଙ୍କାର ଭୂଷିତାମ୍
ବିଶ୍ୱ ବ୍ୟାପକତୋୟାନ୍ତଃ ଶ୍ୱେତ ପଦ୍ମୋ ପରିସ୍ଥିତାମ୍ ।"

(ନୀଳ ତନ୍ତ୍ର)

ତାରିଣୀ ତନ୍ତ୍ରାନୁସାରେ ଦେବୀ ଚତୁର୍ଭୁଜା, ଦୀର୍ଘକେଶୀ, ଶବାରୂଢା, ପୀନସ୍ତନୀ, ଉଗ୍ରା, ନାଗ ପରିବେଷ୍ଟିତା ଓ ରୁଧିର ପାନାସକ୍ତା । ବିଭିନ୍ନ ତନ୍ତ୍ର ଶାସ୍ତ୍ରରେ ଦେବୀ ତାରାଙ୍କ ବିଭିନ୍ନ ରୂପ ବର୍ଣ୍ଣନ ଦୃଷ୍ଟିଗୋଚର ହୁଏ ।

ଡକ୍ଟର ପ୍ରବୋଧଚନ୍ଦ୍ର ବାଗ୍ଚୀ ( Study of the Tantra. Part I) ଙ୍କ ମତରେ ହିନ୍ଦୁ ତାରାଙ୍କ ଧ୍ୟାନରେ ଯେଉଁ ଅକ୍ଷୋଭ୍ୟ ତାରାଦେବୀଙ୍କ ଶିରରେ ଦେଖାଯାଆନ୍ତି, ତାହା ଅକ୍ଷୋଭ୍ୟ ନାମକ ଜନୈକ ମୁନିରୂପୀ ଶିବ । ଅକ୍ଷୋଭ୍ୟ ତାରାଦେବୀଙ୍କ ଆରାଧନା କରୁଥିଲେ ଓ ତାଙ୍କର ଅଭିଳାଷ ପୂର୍ଣ୍ଣ କରିବାକୁ ଯାଇ ତାରା ପାର୍ବତୀ ରୂପେ ଆବିର୍ଭୂତା ହୋଇଥିଲେ । ମହାଚୀନାଚାର ତନ୍ତ୍ରରେ ବଶିଷ୍ଠ ତାରାଙ୍କ ପ୍ରଥମ ପ୍ରବର୍ତ୍ତକ ରୂପେ ବର୍ଣ୍ଣିତ କିନ୍ତୁ ତାହାର ମତରେ ସିଦ୍ଧ ନାଗାର୍ଜୁନ ତାରା, ନୀଳସରସ୍ୱତୀ ଓ ଏକ ଜଟାଙ୍କର ଆଦିସାଧକ । କେତେକଙ୍କ ମତରେ ଅକ୍ଷୋଭ୍ୟ ବୁଦ୍ଧଙ୍କ ବ୍ୟତୀତ ଅନ୍ୟ କେହି ନୁହନ୍ତି । ତାରାଙ୍କୁ ବୁଦ୍ଧଙ୍କର ଜନନୀ ରୂପେ ଗ୍ରହଣ କରାଯାଉଥିବାରୁ ତାରା ତାଙ୍କ ସନ୍ତାନ ବୁଦ୍ଧ ବା ଅକ୍ଷୋଭ୍ୟଙ୍କୁ ମସ୍ତକରେ ଧାରଣ କରିଥିବା ସ୍ୱାଭାବିକ ବୋଲି ଦର୍ଶାଇଥାଆନ୍ତି ।

ବୈଦିକ ଯୁଗରେ ଆମ ଦେଶରେ ଶକ୍ତି ଉପାସନା ଥିଲା । ଋଗ୍‌ବେଦ (୧୦/୧୨୫/୧)ର ଦେବୀ ବାକ୍ ନିଜକୁ ବିଶ୍ୱର ଅଧୀଶ୍ୱରୀ, ଐଶ୍ୱର୍ଯ୍ୟ ପ୍ରଦାୟିନୀ ଓ ଯଜ୍ଞର ପ୍ରମୁଖ ଦେବୀ ରୂପେ ଘୋଷଣା କରିବା ସଙ୍ଗେ ନିଜକୁ ପର'ବ୍ରହ୍ମ ଏବଂ ଏକାଦଶ ରୁଦ୍ର, ଅଷ୍ଟବସୁ, ଦ୍ୱାଦଶ ଆଦିତ୍ୟ, ମିତ୍ର, ବରୁଣ ଓ ଅଗ୍ନିଙ୍କର ଅଧୀଶ୍ୱରୀ ରୂପେ ଘୋଷଣା କରିଛନ୍ତି । ଅଦିତି ବେଦମାତା ରୂପେ ପୂଜା ପାଉଥିଲେ । ସରସ୍ୱତୀ, ରାତ୍ରି, ବାଣୀ, ସୂର୍ଯ୍ୟା, ଇନ୍ଦ୍ରାଣୀ ଓ ବରୁଣାନୀ ନାମ ବେଦରେ ଦୃଷ୍ଟିଗୋଚର ହୁଏ । ପୌରାଣିକ ଯୁଗର ଶକ୍ତି ଉପାସନାର ବୀଜ ବେଦରୁ ହିଁ ମିଳିଥାଏ । ବୈଦିକ ଯୁଗରେ ଯେଉଁ ସ୍ଥାନ ଇନ୍ଦ୍ରଙ୍କୁ ମିଳିଥିଲା, ତାହା ପୌରାଣିକ ଯୁଗରେ ଦୁର୍ଗାଙ୍କୁ ମିଳିଲା । ଇନ୍ଦ୍ର ବୃତ୍ରାସୁରକୁ ବଧ କରି ଯେଉଁ ଖ୍ୟାତି ଅର୍ଜନ କରୁଥିଲେ, ଦୁର୍ଗା ମହିଷାସୁର, ଚଣ୍ଡ, ମୁଣ୍ଡ ଓ ଶୁମ୍ଭ ଓ ନିଶୁମ୍ଭଙ୍କୁ ବଧ କରି ଉକ୍ତ ଖ୍ୟାତି ଅର୍ଜନ କଲେ । ସକଳ ଦେବତାଙ୍କ ତେଜରାଶିର ଏକତ୍ରିକରଣ ଜଗଜ୍ଜନନୀ ଦୁର୍ଗାଙ୍କ ଉତ୍ପତ୍ତି । ଅର୍ଥାତ୍ ଭଗବତୀ ଦୁର୍ଗା ସକଳ ଦେବତାଙ୍କ ଆକାର ଓ କେବଳ ବ୍ରହ୍ମମୟୀଙ୍କ ଉପାସନାରେ ସକଳ ଦେବତାଙ୍କ ଉପସନା ସମ୍ପାଦିତ ହୁଏ । ବୈଦିକ ଯୁଗ ଦେବୀ ପୂଜନର ପ୍ରାରମ୍ଭକାଳ ହେଲେ ପୌରାଣିକ ଯୁଗ ଦେବୀ ଉପାସନାର ଯୌବନାବସ୍ଥା । ପରବର୍ତ୍ତୀ ସମୟରେ ଶକ୍ତି ଉପାସନା ବୌଦ୍ଧ ଧର୍ମରେ ପ୍ରତିଫଳିତ ହେଲା । 'ସାଧନମାଳାର' ବାରାହୀ, ନାରାୟଣୀ, ବ୍ରାହ୍ମୀ, ରୌଦ୍ରୀ, ଲକ୍ଷ୍ମୀ, ଈଶ୍ୱରୀ ଓ ପରମେଶ୍ୱରୀଙ୍କ ନାମ ଉଲ୍ଲେଖଯୋଗ୍ୟ । ବଜ୍ରଯାନ ସାହିତ୍ୟରେ ମନ୍ତ୍ର ସହିତ ମୂର୍ତ୍ତିପୂଜାର ପ୍ରଚଳନ ଦ୍ରଷ୍ଟବ୍ୟ । ହୁଏନ୍‌ସାଂ ନାଳନ୍ଦାରେ 'ତାରା' ଓ 'ହାରୀତି'ଙ୍କ ଉପାସନା ଦେଖିଥିଲେ । ବାଗୀଶ୍ୱରୀ ଓ ବସୁଧାରା ଦେବୀଙ୍କ ଚିତ୍ରପଟରୁ ଦେବୀ ଉପସନା ଉପଲବ୍ଧ ହୁଏ । ବୌଦ୍ଧ ଧର୍ମର 'ପ୍ରଜ୍ଞା ପାରମିତା' ଜ୍ଞାନ ଓ ବୁଦ୍ଧି ପ୍ରଦାୟିନୀ ଆଦ୍ୟାଶକ୍ତି । ହିନ୍ଦୁ ଧର୍ମର 'ଶକ୍ତି' ବୌଦ୍ଧଧର୍ମର 'ଶୂନ୍ୟ' ଅଟେ । ଶୂନ୍ୟ ବିଜ୍ଞାନ ଓ ସୁଖ ଶାନ୍ତିର କାରଣ । ସକଳ ବିଶ୍ୱବ୍ରହ୍ମାଣ୍ଡର ଲୀନ ବା ପରିସମାପ୍ତି ଉକ୍ତ ଅନନ୍ତ ଶୂନ୍ୟ ଗର୍ଭରେ । ବ୍ରାହ୍ମଣ୍ୟ ଧର୍ମର 'ବାରାହୀ' ଓ 'ଦଣ୍ଡିନୀ'ଙ୍କ ସହିତ ବଜ୍ରଯାନର 'ବାରାହୀ'ଙ୍କ ସାମଞ୍ଜସ୍ୟ ଦୃଷ୍ଟିଗୋଚର ହୁଏ । ଏହିପରି ବ୍ରାହ୍ମଣ୍ୟ ଓ ବୌଦ୍ଧ ଦର୍ଶନଶାସ୍ତ୍ରରେ ବହୁ ସାମଞ୍ଜସ୍ୟ ଦେଖାଯାଏ । ବ୍ରାହ୍ମଣ ଓ ବୌଦ୍ଧ ଉଭୟ ପ୍ରଣବ ବା ଓଁକାର ସାଧନକୁ 'ତାର' କହନ୍ତି । ଉକ୍ତ ଦେବତାଙ୍କ ପତ୍ନୀଙ୍କ ନାମ ତାରା । ହୀନଯାନ ସଂପ୍ରଦାୟର 'ମଣି ମେଖଳା' ପରି ମହାଯାନ ସଂପ୍ରଦାୟର 'ତାରା' ମାନ୍ୟତା ପାଉଥାଆନ୍ତି । ତେଣୁ କଠୋର ସଙ୍ଘଧର୍ମରେ ଅତିଷ୍ଠ ହୋଇ ସରଳ ଓ ସହଜ ମାର୍ଗ ଅନୁସରଣ କରିବାକୁ ଯାଇ ବୌଦ୍ଧଗଣ ବ୍ରାହ୍ମଣ୍ୟଧର୍ମର 'ତାରା'ଙ୍କୁ କାଳକ୍ରମେ ମାନ୍ୟତା ପ୍ରତିପାଦନ କରିଥିବା ସ୍ୱାଭାବିକ ।

ତନ୍ତ୍ରଶାସ୍ତ୍ର ତାରାର୍ଣ୍ଣବରେ ଉଲ୍ଲେଖ ଅଛି, ମହର୍ଷି ବଶିଷ୍ଠ ତାରାଙ୍କୁ ଆରାଧନା କରି ଦେବୀଙ୍କୁ ବଧୂ ରୂପେ ପାଇଥିଲେ । ତେବେ ତନ୍ତ୍ରୋକ୍ତ ବଶିଷ୍ଠ ରାମାୟଣ ଯୁଗର ବଶିଷ୍ଠ କି ନହେଁ ବିଚାର୍ଯ୍ୟ । କେତେକଙ୍କ ମତରେ ହରିଶଙ୍କରମାଳାର ବୌଦ୍ଧ ତନ୍ତ୍ର ସାଧକ ସିଦ୍ଧ ନାଗାର୍ଜ୍ଜୁନ ବିଶିଷ୍ଟ ରୂପେ ଆଖ୍ୟାୟିତ । ତନ୍ତ୍ରୋକ୍ତ ବଶିଷ୍ଠ ହେଉଛନ୍ତି, ରାମାୟଣ ବର୍ଣ୍ଣିତ କଳ୍ପକାଳାବଶେଷ ମହର୍ଷ ଯେ କି ପ୍ରଣବ ରୂପିଣୀ 'ତାରା'ଙ୍କ ଉପାସନା କରୁଥିବା ସ୍ୱାଭାବିକ । ବ୍ରାହ୍ମଣ୍ୟ ଧର୍ମ ଓ ବୌଦ୍ଧ ଧର୍ମ ପରସ୍ପର ବିରୋଧି ହୋଇଥିବାରୁ ବୌଦ୍ଧଗଣ ଅକ୍ଷୋଭ୍ୟଙ୍କୁ ମୁନୀ ରୂପୀ ଶିବ ଆଖ୍ୟା ଦେବା ଓ ତାରାଦେବୀଙ୍କୁ ଆରାଧନାକ୍ରମେ ପାର୍ବତୀଙ୍କ ସୃଷ୍ଟି ଇତ୍ୟାଦି ବର୍ଣ୍ଣନ କରିଥିବା ସ୍ୱାଭାବିକ ।

## ଅନ୍ୟ ଧର୍ମରେ ତାରା ଉପାସନା:

ଦେବୀ ତାରା ପ୍ରଥମେ କେଉଁ ଧର୍ମରେ ଆବିର୍ଭୂତା ହେଲେ, ତାହାର ସଠିକ ବିବରଣୀ ଏପର୍ଯ୍ୟନ୍ତ ଐତିହାସିକମାନଙ୍କୁ ଆଲୋଡନ କରିଥାଏ । ହେମଚନ୍ଦ୍ରଙ୍କର ଅଭିଧାନ ଚିନ୍ତାମଣି ଅନୁସାରେ ଦେବୀ ଜୈନ ଧର୍ମରେ 'ସୁତାରା' ବା 'ସୁତାରକା' ନାମରେ ପ୍ରସିଦ୍ଧ । ଶ୍ୱେତାମ୍ବର ଶାଖାର ନବତୀର୍ଥଙ୍କର ସୁବିଧିନାଥ ଦେବୀଙ୍କୁ ଶାସନ ଦେବୀ ବା ଯକ୍ଷିଣୀ ରୂପେ ମାନ୍ୟତା ପ୍ରଦର୍ଶନ କରୁଥିଲେ । କେତେକଙ୍କ ମତରେ ବୌଦ୍ଧ ତାରାଙ୍କ ଉପାସନା କାଳାନ୍ତରେ ଜୈନ ଧର୍ମରେ ପ୍ରବେଶ କରିଛି ।

ହିନ୍ଦୁ ଧର୍ମର ଦୁର୍ଗା ଦେବୀଙ୍କୁ ବୌଦ୍ଧ ମହାଯାନରେ ତାରା ରୂପରେ ଆରାଧନା କରାଯାଇଥାଏ । ଯେପରି ଶିବଙ୍କ ଶକ୍ତି ଦୁର୍ଗା ନାମରେ ଅଭିହିତ ସେହିପରି ବୌଦ୍ଧ ଧର୍ମରେ 'ତାରା' ଅବଲୋକିତେଶ୍ୱରଙ୍କ ଶକ୍ତି । ତାରାଙ୍କୁ ଦେବମାତାଙ୍କ ସମ୍ମାନ ପ୍ରଦର୍ଶନ କରାଯାଏ । ତିବ୍ବତରେ 'ତାରା' ଉପାସନା ଦୃଷ୍ଟିଗୋଚର ହୁଏ । ମଙ୍ଗୋଲିଆରେ ଦେବୀ 'ଦରଏକେ' **(DARA—EKE)** ନାମରେ ଉପାସିତା ।

ପ୍ରାଚୀନ ହିନ୍ଦୁଶାସ୍ତ୍ର ଅଗ୍ନିପୁରାଣରେ 'ତାରା' ଯୋଗିନୀ ରୂପେ ପରିକୀର୍ତ୍ତିତା । କେତେକ ଐତିହାସିକଙ୍କ ମତରେ ତାରାଙ୍କ ଉତ୍ପତ୍ତି ବୌଦ୍ଧ ଧର୍ମରୁ ହୋଇଛି ଓ କାଳାନ୍ତରେ ଦେବୀଙ୍କ ବର୍ଣ୍ଣନ ହିନ୍ଦୁ ପୁରାଣରେ ଦେଖାଦେଇଛି । ଶକ୍ତି ସଙ୍ଗମ ତନ୍ତ୍ରାନୁସାରେ ତାରାଙ୍କ ଉପାସନା ଚୀନ ଅଞ୍ଚଳରୁ ଉତ୍ପତ୍ତି ଲାଭ କରି ବ୍ରାହ୍ମଣ୍ୟ ଧର୍ମରେ ପ୍ରବେଶ କରିଛି । ହିରାନନ୍ଦ ଶାସ୍ତ୍ରଙ୍କ **'Cult of Tara'** ରୁ ପ୍ରମାଣ ମିଳେ ଯେ ତାରାଙ୍କ ଉତ୍ପତ୍ତି ଭାରତ ଓ ତିବ୍ବତର ସୀମାନ୍ତବର୍ତ୍ତୀ ଅଞ୍ଚଳ । ରୁଦ୍ରଯାମଳରେ ତାରାଙ୍କ ଉତ୍ପତ୍ତିସ୍ଥଳ ହିମାଳୟ । ପାର୍ବତୀଙ୍କର ଜନ୍ମସ୍ଥାନ ମଧ୍ୟ ହିମାଳୟ ହୋଇଥିବାରୁ ବିସ୍ମୟ ସୃଷ୍ଟି ହୁଏ ।

ପୁନଶ୍ଚ କେତେକ ଆଦିମ ଅଧିବାସୀ 'ତାରୀ' ନାମକ ଦେବୀଙ୍କୁ ପୃଥିବୀମାତା ବା ଧରଣୀମାତା ରୂପେ ପଶୁବଳୀ ଦେଇ ପୂଜା କରୁଥିବା ଜଣାଯାଏ । ଷଷ୍ଠ ଶତାବ୍ଦୀରୁ ଆରମ୍ଭ କରି ଅଷ୍ଟମ ଶତାବ୍ଦୀ ବେଳକୁ ତାରା ଦେବୀ ଦକ୍ଷିଣ ଭାରତରେ ସୁପରିଚିତା ହୋଇଥିବା ସ୍ୱାଭାବିକ ।

ବୌଦ୍ଧ ସାଧନମାଳା ଗ୍ରନ୍ଥରେ ତାରାଙ୍କୁ ଦୁଇ ଭାଗରେ ବିଭକ୍ତ କରାଯାଇଛି ଯଥା ସାଧାରଣ ତାରା ଓ ଅସାଧାରଣ ତାରା । ଆର୍ଯ୍ୟ ତାରା,, ଏକ ଜଟା, ବରଦ ତାରା ଓ ବଜ୍ର ତାରା ସାଧାରଣ ତାରାର ଅନ୍ତର୍ଭୁକ୍ତା । ପଦ୍ମାସନା, ଚତୁର୍ଭୁଜା, ଧନଦ ତାରା, ଚତୁର୍ଭୁଜା ଜାଙ୍ଗୁଳୀ ଓ ଷଡ୍‌ଭୁଜା ତ୍ରିମୁଖୀ ଅସାଧାରଣ ତାରାଙ୍କ ପର୍ଯ୍ୟାୟଭୁକ୍ତା ।

ଓଡ଼ିଶାରେ ଶିବ ଓ ଶକ୍ତିଙ୍କ ଉପାସନା ଅତୀବ ପ୍ରାଚୀନ । ଖୋର୍ଦ୍ଧା ସବ୍‌ଡିଭିଜନ୍ ଅନ୍ତର୍ଗତ ଭୁଷଣ୍ଡପୁରର ମୂଳଝରଗଡର ପ୍ରସିଦ୍ଧ ହିନ୍ଦୁତୀର୍ଥ 'ଉଗ୍ରତାରା' ପୀଠ ଅତୀବ ପ୍ରାଚୀନ ଓ ରମଣୀୟ । କେତେକଙ୍କ ମତରେ ସୂର୍ଯ୍ୟବଂଶୀୟ ରାଜା କପିଳେନ୍ଦ୍ର ଦେବ ଉକ୍ତ ମନ୍ଦିର ପ୍ରତିଷ୍ଠା କରିଥିଲେ କିନ୍ତୁ ମୂର୍ତ୍ତିର ନିର୍ମାଣ କୌଶଳ କପିଳେନ୍ଦ୍ର ଦେବଙ୍କ ବହୁ ପୂର୍ବବର୍ତ୍ତୀ ପରି ମନେ ହୁଏ । ତନ୍ତ୍ର ଶାସ୍ତ୍ରାନୁସାରେ ପ୍ରତ୍ୟେକ ସିଦ୍ଧ ପୀଠର ପଞ୍ଚକ୍ରୋଶ ବ୍ୟାସାର୍ଦ୍ଧ ମଧ୍ୟରେ ପଞ୍ଚଲିଙ୍ଗ ଥିବା ବିଧେୟ । ଉଗ୍ରତାରାଙ୍କ ପଞ୍ଚକ୍ରୋଶ ମଧ୍ୟରେ ଚଣ୍ଡେଶ୍ୱର, ରାମେଶ୍ୱର, କପିଳେଶ୍ୱର, ଗଗେଶ୍ୱର ଓ ଉତ୍ତରେଶ୍ୱର ବିଦ୍ୟମାନ । ପୀଠର ଉତ୍ତର, ଦକ୍ଷିଣ ଓ ପଶ୍ଚିମର ପର୍ବତମାଳା, ଚିରସ୍ରୋତା ନିର୍ଝରଣୀ ଓ ଅଦୂରବର୍ତ୍ତୀ ଶୋଭାପ୍ରଦ ଚିଲିକା ହ୍ରଦ ଉକ୍ତ ପୀଠର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ସଙ୍ଗେ ଏହ କ୍ଷେତ୍ରର ପରିଚୟ ଦେଇଥାଏ । ଦେବୀଙ୍କ ମନ୍ଦିର ନିକଟରେ ଗୋଟିଏ ଦୁର୍ଗର ଧ୍ୱଂସାବଶେଷ ଦେଖାଯାଏ । ଜନଶ୍ରୁତିରୁ ଜଣାଯାଏ, କପିଳେନ୍ଦ୍ର ଦେବ ଦାକ୍ଷିଣାତ୍ୟର ଜନୈକ ମୁସଲମାନ ଶାସକଙ୍କ ସହିତ ଯୁଦ୍ଧରତ ଥିଲେ । ଉଭୟ ପକ୍ଷର ଲକ୍ଷାଧିକ ସୈନ୍ୟ ନିହତ ହୋଇଥିଲେ । ଉକ୍ତ ନରକଙ୍କାଳ ଉପରେ ତନ୍ତ୍ରୋକ୍ତ ଦେବୀପୀଠ ନିର୍ମିତ ଓ ପ୍ରତିଷ୍ଠିତ । ପୁରୁଷୋତ୍ତମ ଦେବ କାଞ୍ଚି ବିଜୟ ପରେ ଚିଲିକା ହ୍ରଦରୁ ମନ୍ଦିର ପର୍ଯ୍ୟନ୍ତ ଏକ ନାଳ ଖୋଳାଇଥିବାର ସୂଚନା ଧ୍ୱଂସାବଶେଷରୁ ମିଳିଥାଏ ।

କେତେକଙ୍କ ବିଶ୍ୱାସ, ବୌଦ୍ଧ ତାନ୍ତ୍ରିକ ଦେବୀ ତାରା ଭୁଷଣ୍ଡପୁରରେ 'ଉଗ୍ରତାରା' ରୂପେ ପ୍ରତିଷ୍ଠିତା କିନ୍ତୁ ଏହା ସମ୍ପୂର୍ଣ୍ଣ ଭ୍ରମାତ୍ମକ । ଭୁଷଣ୍ଡପୁରର ତାରା ସମ୍ପୂର୍ଣ୍ଣ ହିନ୍ଦୁ ତନ୍ତ୍ରର ବିଗ୍ରହ । ବ୍ୟାଘ୍ରଚର୍ମ ପରିହିତା, ମୁଣ୍ଡମାଳ ପରିଶୋଭିତା, ଲମ୍ବୋଦରା, ଖର୍ବାକୃତି ଚତୁର୍ଭୁଜା ଭଗବତୀ ବିଶ୍ୱରୂପୀ ଭଗବାନ ଶଙ୍କରଙ୍କ ବକ୍ଷଦେଶରେ ବାମ ପାଦ ଓ ଜଘନ ଦେଶରେ ଦକ୍ଷିଣ ପାଦ ରଖି ଦଣ୍ଡାୟମାନା । ଦକ୍ଷିଣ ଊର୍ଦ୍ଧ୍ୱ ହସ୍ତରେ ଖଡ୍ଗ ଓ ନିମ୍ନ ହସ୍ତରେ ଇନ୍ଦିବର, ବାମ ଊର୍ଦ୍ଧ୍ୱ ହସ୍ତରେ ନୀଳୋତ୍ପଳ ଓ ନିମ୍ନ ହସ୍ତରେ ଖର୍ପର ଏବଂ ଉଭୟ ହସ୍ତ ଓ ବାହୁରେ ନାଗଭୂଷଣ । ପ୍ରାୟ ଏକ ହାତ ଉଚ୍ଚତା ବିଶିଷ୍ଟ ତାରା ଦେବୀଙ୍କ ବିଗ୍ରହର ଉଭୟ ପାର୍ଶ୍ୱରେ ଦୁଇଜଣ ସୁଚିରତା ଦେବୀ

ଦୃଷ୍ଟିଗୋଚର ହୁଅନ୍ତି । ସ୍ତବ ପାଠିକାଙ୍କ ଊର୍ଦ୍ଧ୍ୱରେ ଦୁଇଟି ସିଂହ ଓ ତାରାଙ୍କ ଊର୍ଦ୍ଧ୍ୱରେ ଦୁଇଟି ଉଡ୍‌ଡୀୟମାନା ସ୍ୱର୍ଗୀୟା ଅପ୍ସରା ପୁଷ୍ପମାଲ୍ୟ ଧାରଣ କରିଛନ୍ତି । କିନ୍ତୁ ବୌଦ୍ଧ ତାରା ସାଧାରଣତଃ ସୁଖାସନ ଉପବିଷ୍ଟା । ବାମ ହସ୍ତରେ ନାଡ ବା ଆଧାରଦଣ୍ଡ ସଂଯୁକ୍ତ ଇନ୍ଦିବର ଓ ଦକ୍ଷିଣ ହସ୍ତରେ ବରମୁଦ୍ରା । ହିନ୍ଦୁ ତାରା ପରି ବୌଦ୍ଧ ତାରାଙ୍କ ହସ୍ତରେ କେବଳ ପଦ୍ମପୁଷ୍ପ ବ୍ୟତୀତ ଖଡ୍ଗ ଓ ଖର୍ପର ଦୃଷ୍ଟିଗୋଚର ହୁଏ ନାହିଁ । କିନ୍ତୁ ପରବର୍ତ୍ତୀ କାଳରେ ହିନ୍ଦୁ ତାରାଙ୍କ ଅନୁକରଣରେ ବୌଦ୍ଧ ତନ୍ତ୍ରର ଦେବୀଙ୍କ ହସ୍ତରେ କଟ୍ଟୁ, ଖର୍ପର ଦେଖାଦେଲା । ସ୍ୱମୁଣ୍ଡା ଏହାର ପ୍ରକୃଷ୍ଟ ଉଦାହରଣ । ବୌଦ୍ଧ ଧର୍ମରେ ବୁଦ୍ଧଙ୍କ ପରି ତାରା ବୁଦ୍ଧ ଜନନୀ ରୂପେ ପ୍ରତିଷ୍ଠା ଲାଭ କରିଛନ୍ତି ।

ଭୁଷଣ୍ଡପୁର ବ୍ୟତୀତ ଓଡ଼ିଶାର କଟକ ଜିଲ୍ଲାର ତାରପୁର, ତାରାପୁର, କେନ୍ଦୁଝର ଓ ଗଞ୍ଜାମ ଜିଲ୍ଲାର ତାରାତାରିଣୀରେ ତାରା ଦେବୀ ପୂଜା ପାଇଆସିଛନ୍ତି । କେତେକଙ୍କ ମତରେ କାକଟପୁରର ମଙ୍ଗଳା ହେଉଛନ୍ତି ବୌଦ୍ଧ ତାରା । ଏକୋଇଶ (୨୧) ପ୍ରକାର ତାରାଙ୍କ ମଧ୍ୟରୁ ମଙ୍ଗଳା ଏକ ପ୍ରକାର ତାରା ବୋଲି ଯୁକ୍ତି ଦର୍ଶାଇଥାଆନ୍ତି । ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁରଠାରୁ ପ୍ରାୟ ୩୫ କି:ମି: ଉତ୍ତରକୁ ପୁଣ୍ୟତୋୟା ଋଷିକୁଲ୍ୟା ନଦୀର ଉଚ୍ଚ ପାହାଡରେ ପବିତ୍ର ତାରାତାରିଣୀ ପୀଠ । ଏଠାରେ ପ୍ରଥମେ ଦଶ (୧୦) ଇଞ୍ଚ ଉଚ୍ଚତା ବିଶିଷ୍ଟ ଦୁଇଟି ପ୍ରସ୍ତର ତାରାତାରିଣୀ ନାମରେ ପୂଜା ପାଉଥିଲେ ଓ ପରବର୍ତ୍ତୀ କାଳରେ ଦୁଇଟି ଦେବୀଙ୍କ ମୁଖର ଚିତ୍ର ଖୋଦନ କରାଯାଇଛି । ପୂର୍ବେ ଦେବୀଙ୍କ ସମ୍ମୁଖରେ ପଶୁବଳି ଦିଆଯାଉଥିଲା । ଏପରିକି ପଶୁଙ୍କ ରକ୍ତ ଧାର ପର୍ବତ ଶିଖରୁ ପାଦ ଦେଶକୁ ବହି ଆସୁଥିଲା । କିନ୍ତୁ ଅଧୁନା ଦେବୀଙ୍କ ସମ୍ମୁଖରେ ପଶୁ ବଳି ଦିଆ ନଯାଇ ପାହାଡ ତଳେ ଦିଆଯାଉଛି । ମନ୍ଦିର ଗାତ୍ରରେ ଦଶମହାବିଦ୍ୟା ବିଗ୍ରହ ଅବସ୍ଥାପିତ । ଚୈତ୍ର ମଙ୍ଗଳବାର, ମହାଷ୍ଟମୀ, ଦୋଳପୂର୍ଣ୍ଣିମା ଓ ପ୍ରତ୍ୟେକ ସଂକ୍ରାନ୍ତିରେ ଭକ୍ତମାନଙ୍କର ସମାଗମ ବହୁଳଭାବେ ଦେଖାଯାଏ । ପୂର୍ବେ ପାଦଦେଶରୁ ଊର୍ଦ୍ଧ୍ୱକୁ ଲମ୍ବିଯାଇଥିବା ସୋପାନ ଶ୍ରେଣୀରେ ଭକ୍ତଗଣ ଦେବୀଙ୍କ ନିକଟକୁ ଯାଉଥିଲେ କିନ୍ତୁ ଏବେ ମଟର ଜିପ୍ ଯାତାୟତ ରାସ୍ତା ହୋଇଗଲାଣି । ପାହାଡର ପାଦଦେଶରୁ ମନ୍ଦିର ପର୍ଯ୍ୟନ୍ତ ୯୯୯ଟି ସୁବିସ୍ତୃତ ପାବଚ୍ଛ । ପାହାଡ ଉପରେ ଛିଡା ହୋଇ ଚତୁର୍ଦ୍ଦିଗକୁ ଦୃଷ୍ଟିପାତ କଲେ ଦର୍ଶକ ପ୍ରକୃତିର ନୈସର୍ଗିକ ଶୋଭାରେ ଆତ୍ମହରା ହୁଏ ।

## ତାରା ଦେବୀଙ୍କ ତାତ୍ତ୍ୱିକ ପରିଚୟ:

(୧) ମନ୍ତ୍ର ଶାସ୍ତ୍ରରେ ତାରାଙ୍କ ଧ୍ୟାନରୁ ଜଣାଯାଏ ଯେ, ଭଗବତୀ ତାରା ବିଶ୍ୱବ୍ୟାପୀ ଜଳରୁ ଉତ୍ପନ୍ନ ହୋଇ ଶ୍ୱେତପଦ୍ମୋପରି ଅଧିଷ୍ଠିତ । "ବିଶ୍ୱ ବ୍ୟାପକ ବାରି ମଧ୍ୟ ବିଳସତ୍ ଶ୍ୱେତାମ୍ବୁଜନ୍ମସ୍ଥିତା" । ପ୍ରଳୟକାଳୀନ ଜଳରୁ ଦେବୀ ତାରଣ ବା ରକ୍ଷା କରୁଥିବାରୁ ତାରା ନାମରେ ପରିକୀର୍ତ୍ତିତା । ରାଜକୁଳରେ ଲକ୍ଷ୍ମୀ, ରଣ ଭୂମିରେ ଦୁର୍ଗା, ମାର୍ଗରେ ହସ୍ତୀ, ସର୍ପ, କାନ୍ତାର, ଗିରି, ଭୂତ, ପ୍ରେତ, ପିଶାଚ ଓ ରାକ୍ଷସ ଜନିତ ଭୟରେ ମହାଭୈରବୀ; ଅନ୍ତରୀକ୍ଷରେ ତ୍ରିପୁରା ଓ ଜଳରେ ଭଗବତୀ ତାରାଙ୍କୁ ସ୍ମରଣ କଲେ ଉଦ୍ଧାର ମିଳିଥାଏ ।

"ଲକ୍ଷ୍ମୀ ରାଜକୁଳେ ଜୟା ରଣ ଭୁବି କ୍ଷେମଙ୍କରୀମ ଧ୍ୱନି ।
ହିଂସ୍ୟାଦଦ୍ୱିପସର୍ପ ଭାଜି ଶବରୀ କାନ୍ତାର ଦୁର୍ଗେ ଗିରୌ ॥
ଭୂତ ପ୍ରେତ ପିଶାଚ ରାକ୍ଷସ ଭୟେ ସ୍ମୃତ୍ୱା ମହାଭୈରବୀଂ
ବ୍ୟାମୋହେ ତ୍ରିପୁରାଂ ତରନ୍ତି ବିପଦ ସ୍ତାରାଂ ଚ ତୋୟପ୍ଲବେ ॥"

ପକ୍ଷାନ୍ତରେ ଜଗତରେ ଜଳ ବ୍ୟତିରେକ ଅନ୍ୟ କିଛି ନାହିଁ । ତେଣୁ ଜଗତରୂପୀ ଆନନ୍ଦାମୃତ ସାଗରରେ ଭଗବତୀ ବିଶୁଦ୍ଧ ସତ୍ତ୍ୱ ଭାବର ପ୍ରତୀକ ଶ୍ୱେତ ପଦ୍ମୋପରି ଅବସ୍ଥିତା ।

(୨) ଦେବୀଙ୍କ ଚତୁର୍ଭୁଜରେ ଖଡ୍‌ଗ, କାତି, କପାଳ ଓ କରାଞ୍ଜ । ବିଷ୍ଣୁ ପୁରାଣ (୧/୫୨/୧୪) ଅନୁସାରେ ଖଡ୍‌ଗ, ଅବିଦ୍ୟାମୟ କୋଶଦ୍ୱାରା ଆଚ୍ଛାଦିତ ବିଦ୍ୟାମୟ ଜ୍ଞାନର ପ୍ରତୀକ । ଭଗବତୀ ଜ୍ଞାନ ରୂପୀ ଖଡ୍‌ଗ ବା କାତି ଦ୍ୱାରା ଅଜ୍ଞାନ ରୂପୀ କର୍ମ ବନ୍ଧନକୁ ଛେଦନ କରନ୍ତି । ବିକାରଗ୍ରସ୍ତ ହେଲେ ସାଧନାରେ ସିଦ୍ଧି ପ୍ରାପ୍ତି ହୁଏନାହିଁ । ନରକପାଳର ପାନୀୟ ଦ୍ରବ୍ୟ ବା ରକ୍ତସେବନ ବିକାର ତ୍ୟାଗର ସୂଚନା ଦେଇଥାଏ । ଚାଲ ରକ୍ତ ଗୁଣରଦ୍ୟୋତକ ତେଣୁ ଭଗବତୀ ରଜଗୁଣ ଅଥବା ସାଂସାରିକ ମୋହକୁ ପାନ ବା ନିବାରଣ କରନ୍ତି । ପୁନଶ୍ଚ କପାଳର ସାଙ୍କେତିକ ଅର୍ଥ ଜ୍ଞାନ । କାରଣ ଜ୍ଞାନର ଅବସ୍ଥିତି କପାଳରେ । ସାଧକ ଉକ୍ତ ପରାବିଦ୍ୟା ବା ପରାଜ୍ଞାନର ଅଧିକାରୀ ହେଲେ କପାଳ ଧାରଣ କରି "କାପାଳିକ" ରୂପେ ଅଭିହିତ ହୁଏ । ପଦ୍ମରେ ଜଳ ସ୍ପର୍ଶ କରେ ନାହିଁ । ତେଣୁ ସାଧକ ସଂସାରରେ ରହି ସମସ୍ତ ମୋହ ମାୟାରୁ ମୁକ୍ତ ରହିବା ଶ୍ରେୟ ।

(୩) ଭଗବତୀ ଅଷ୍ଟନାଗ ବିଭୂଷିତା । ଅଷ୍ଟନାଗ ଯମ, ନିୟମାଦି ଅଷ୍ଟାଙ୍ଗ ଯୋଗର ଦ୍ୟୋତକ । ତେଣୁ ସାଧକ ଅଷ୍ଟାଙ୍ଗ ସାଧନ କରିବା ବିଧେୟ ।

(୪) ଭଗବତୀ ତାରାଙ୍କର ତ୍ରିନୟନ ସୂର୍ଯ୍ୟ, ଚନ୍ଦ୍ର ଓ ଅଗ୍ନି; ଜ୍ଞାନ, ଇଚ୍ଛା ଓ କ୍ରିୟା; ଭୂତ, ଭବିଷ୍ୟତ ଓ ବର୍ତ୍ତମାନ; ଭୂଃ, ଭୁବଃ, ସ୍ୱଃ (ପୃଥ୍ୱୀ, ଅନ୍ତରୀକ୍ଷ ଓ ଦ୍ୟୁଲୋକ) ଏବଂ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କ ଦ୍ୟୋତକ । ଦେବୀ ସର୍ବସାକ୍ଷୀ, ସର୍ବାନ୍ତର୍ଯ୍ୟାମୀ, ଶକ୍ତି ରୂପିଣୀ, ତ୍ରିକାଳଦର୍ଶୀ, ତ୍ରିଭୁବନ ଦ୍ରଷ୍ଟା, ଉତ୍ପତ୍ତି, ସଂହାର ଓ ପାଳନକର୍ତ୍ତ୍ରୀ ରୂପେ ପରିକୀର୍ତ୍ତିତା ।

(୫) ଭଗବତୀଙ୍କର ମସ୍ତକରେ ଏକ ଜଟା । ଏହା ସତ୍ତ୍ୱ, ରଜ ଓ ତମର ସମାହାର । ସାତ୍ତ୍ୱିକତା ବିକାଶ ପାଇଁ ରଜ ଓ ତମ ଗୁଣକୁ ହ୍ରାସ କରିବା ବିଧେୟ । ସାଧକ ପ୍ରଥମେ ପଶ୍ୱାସ୍ତର, କ୍ରମୋନ୍ନତି ହେଲେ ବୀରାସ୍ତର ଓ ପରିଶେଷରେ ଦିବ୍ୟାସ୍ତର ସ୍ତରରେ ଉପନୀତ ହୁଏ ।

(୬) ଭଗବତୀଙ୍କ ଶ୍ୱେତ ଦନ୍ତପଂକ୍ତି ରକ୍ତିମ ଲୋଳ ଜିହ୍ୱାକୁ ଚପି ରଖିଥାଏ । ରକ୍ତବର୍ଣ୍ଣ ରଜଗୁଣର ଦ୍ୟୋତକ ଓ ଶ୍ୱେତବର୍ଣ୍ଣ ସାତ୍ତ୍ୱିକ ଗୁଣର ଦ୍ୟୋତକ । ଅର୍ଥାତ୍ ସାଧକ ସାତ୍ତ୍ୱିକ ଗୁଣ ପ୍ରଭାବରେ ନିଜର ରଜଗୁଣକୁ ଚପାଇ ରଖେ ।

(୭) ଭଗବତୀ ତାରାଙ୍କ ପରିଧାନ ଚିତା ବ୍ୟାଘ୍ରର ଚର୍ମ । ଚିତା ବ୍ୟାଘ୍ର କ୍ରୋଧର ଏକ ପ୍ରତିମୂର୍ତ୍ତି । ଚିତାର ଚର୍ମ ପରିଧାନ କରିବା ଅର୍ଥ କ୍ରୋଧ ବା ତମ ପ୍ରକୃତିକୁ ନିୟନ୍ତ୍ରଣ କରିବା ।

(୮) ମୁଣ୍ଡମାଳା ପ୍ରଳୟର ଦ୍ୟୋତକ । ଅବିନାଶୀ ଭଗବତୀ ସଂସାରର ଅସଂଖ୍ୟ ପ୍ରଳୟକୁ ଗଳାହାର କରିଛନ୍ତି । ସାଧକ ଭଗବତୀଙ୍କୁ ଆରାଧନା କଲେ ମହାପ୍ରଳୟରେ ଅବିଚଳିତ ରହେ, ଚିରଞ୍ଜୀବୀ ହୁଏ ।

(୯) ଶବ ବିନାଶ ବା ପ୍ରଳୟର ସଂକେତ । ଶବାସନରୁ ଜଣାଯାଏ ଯେ, ଭୌତିକ ଜଗତ ଅନିତ୍ୟ । ଭଗବତୀ ତାରା ଅନିତ୍ୟ ସଂସାରକୁ ପଦତଳେ ରଖିଛନ୍ତି । ଅର୍ଥାତ୍ ଜଗନ୍ମୟୀ ପ୍ରଳୟ ତଥା ଭୌତିକ ଜଗତକୁ ନିୟନ୍ତ୍ରଣ କରନ୍ତି ।

(୧୦) ଦେବୀ ମସ୍ତକରେ ଅକ୍ଷୋଭ୍ୟ ଧାରଣ କରିଛନ୍ତି । ତନ୍ତ୍ର ଶାସ୍ତ୍ରରେ ଅକ୍ଷୋଭ୍ୟ ଶିବଙ୍କ ନାମ ଅଟେ । 'ତାରା ତନ୍ତ୍ର' ଓ 'ତୋଡଲ ତନ୍ତ୍ର' ଉଲ୍ଲେଖ ଯୋଗ୍ୟ ।

"ସମୁଦ୍ର ମନ୍ଥନେ ଦେବୀ ! କାଳକୂଟଂ ସମୁତ୍‌ଥିତମ୍ ।
ସର୍ବେ ଦେବାଶ୍ଚ ଦେବ୍ୟଶ୍ଚ ମହାକ୍ଷୋଭମବାପ୍ନୁୟୁଃ ॥
କ୍ଷୋଭାଦିରହିତଂ ଯସ୍ମାତ୍ ପୀତଂ ହଳାହଳଂ ବିଷମ୍ ।
ଅତଏବ ମହେଶାନି ! ଅକ୍ଷୋଭ୍ୟଃ ପରିକୀର୍ତ୍ତିତଃ ॥
ତେନ ସାର୍ଦ୍ଧ ମହାମାୟା ତାରିଣୀ ରମତେ ସଦା ।"

ସମୁଦ୍ର ମନ୍ଥନ ସମୟରେ ହଳାହଳ ବିଷ ସୃଷ୍ଟି ହେଲା । ଜଗତର ମଙ୍ଗଳ ପାଇଁ ଭଗବାନ ଶଙ୍କର ନିଃସଂକୋଚରେ ପାନ କଲେ । ଦେବତାଙ୍କର ଧାରଣା ଥିଲା, ଶିବ ବିଷ ପାନ କରି କ୍ଷୋଭ ପ୍ରକାଶ କରିବେ କିନ୍ତୁ ଶିବଙ୍କ କ୍ଷୋଭ ରହିତ ଅବସ୍ଥା ଦେଖି 'ଅକ୍ଷୋଭ୍ୟ' ଆଖ୍ୟା ଦେଇଥିଲେ । ଅକ୍ଷୋଭ୍ୟର ଆଧ୍ୟାତ୍ମିକ ଅର୍ଥ 'ଅହଂକାର ରହିତ' । ଭଗବତୀ ତାରା ଜଗତର ମଙ୍ଗଳ ପାଇଁ ସମସ୍ତ ଆସୁରୀ ଶକ୍ତି ସହିତ ସଂଘର୍ଷ କରିଛନ୍ତି ସତ କିନ୍ତୁ ସ୍ୱୟଂ ଦେବୀ ସର୍ବଦା 'କ୍ଷୋଭ ରହିତା' । ନାଗ 'କ୍ଷୋଭ'ର ପ୍ରତୀକ କିନ୍ତୁ ଭଗବତୀ କ୍ଷୁବ୍ଧା ନୁହଁନ୍ତି ।

(୧୧) ନୀଳତନ୍ତ୍ରରେ ଦେବୀଙ୍କୁ 'ପ୍ରତ୍ୟାଳୀଢ଼ା ପଦା' ରୂପେ ବର୍ଣ୍ଣନ କରାଯାଇଛି ଅର୍ଥାତ୍ ଦେବୀଙ୍କର ବାମ ପାଦ ସମ୍ମୁଖରେ ଓ ଦକ୍ଷିଣ ପାଦ ପଶ୍ଚାତ୍ ଭାଗରେ । ସ୍ତ୍ରୀ ବା ଶକ୍ତି ଯେତେବେଳେ କ୍ରିୟାଶୀଳା ହୁଅନ୍ତି ବାମ ପାଦ ପ୍ରଥମେ ହିଁ ଉତ୍ଥିତ ହୁଏ । ତେଣୁ ' ପ୍ରତ୍ୟାଳୀଢ଼ା ପଦା' ଭଗବତୀ ସକ୍ରିୟତାର ଦ୍ୟୋତକ ଅଟନ୍ତି ।

(୧୨) ଯେପରି ମହାକାଳୀ ମହାପ୍ରଳୟର ଅଧିଷ୍ଠାତ୍ରୀ ଦେବୀ, ସେହିପରି ଭଗବତୀ 'ତାରା' ସୂର୍ଯ୍ୟ ପ୍ରଳୟର ଅଧିଷ୍ଠାତ୍ରୀ ଦେବୀ । ପ୍ରଳୟ ସମୟରେ ସୂର୍ଯ୍ୟ ସମସ୍ତ ପ୍ରାଣୀଙ୍କର ରସ ଶୁଷ୍କ କରି ଦିଅନ୍ତି ଓ ଉଗ୍ରତାରା ସେ ସମସ୍ତ ରସକୁ ଖପ୍ପର ଯୋଗେ ପାନ କରିଥାଆନ୍ତି ।

(୧୩) ଦେବୀଙ୍କ ସ୍ଥୂଳ ଉଦର ହିରଣ୍ୟଗର୍ଭ ବା ବିରାଟ ବିଶ୍ବର ଦ୍ୟୋତକ ଅଟେ । ଦେବୀଙ୍କ ହିରଣ୍ୟଗର୍ଭରୁ ବିଶ୍ୱ ବ୍ରହ୍ମାଣ୍ଡର ସୃଷ୍ଟି । ତେଣୁ ମହାଦେବୀ ମହାପ୍ରଳୟରେ ବିଶ୍ୱ ବ୍ରହ୍ମାଣ୍ଡର ଆଶ୍ରୟ ସ୍ଥାନ ।

**"For Sakti in the highest causal sense is God as mother and in another sense it is the Universe which issues from Her womb. × × Therefore, the Yogini Tantra thus salutes Her who conceives, bears, produces and thereafter nourishes all world."**

*Sir John Woodroffe*

(୧୪) ଉଗ୍ରତାରାଙ୍କ ଉଗ୍ରତାରୁ ପରମବ୍ରହ୍ମଙ୍କର ତେଜସ୍ୱୀରୂପ ସୂଚିତ ହୁଏ । ଦେବୀଙ୍କ କରାଳ ରୂପରେ ଭୀତତ୍ରସ୍ତ ହୋଇ ସୂର୍ଯ୍ୟ, ଚନ୍ଦ୍ର ଓ ପୃଥିବୀ କାର୍ଯ୍ୟରତ ରହନ୍ତି । ଦେବୀଙ୍କର ଉଗ୍ରରୂପ ପରମବ୍ରହ୍ମଙ୍କର ବିଶ୍ୱରୂପ ଅଟେ ।

(୧୫) ମହାଦେବୀ ତାରାଙ୍କୁ ଖର୍ବା କହନ୍ତି ଅର୍ଥାତ୍ ଦେବୀ ସମସ୍ତ ଜୀବ ଜଗତର ଗର୍ବର ଖର୍ବର କାରଣ ସ୍ୱରୂପା । ପକ୍ଷାନ୍ତରେ ବ୍ରହ୍ମ ଅଣୁଠାରୁ ସୂକ୍ଷ୍ମାତିସୂକ୍ଷ୍ମ ଓ ବିରାଟ ମଧ୍ୟ । ଭଗବାନ ବିଷ୍ଣୁ ବାମନ ଅବତାରରେ ସୂକ୍ଷ୍ମ ଶରୀର ଧାରଣ କରିବା ସମୟରେ ବିଶ୍ୱରୂପ ପ୍ରଦର୍ଶନ କରି ନିଜର ବିରାଟତ୍ୱ ବା ଅସୀମତ୍ୱ ପ୍ରକାଶ କରିଛନ୍ତି । ତାରାଙ୍କ ଉଦର ବିଶ୍ୱବ୍ରହ୍ମାଣ୍ଡ ପରି ବିରାଟ ହେଲେ ମଧ୍ୟ ଦେବୀ ସୂକ୍ଷ୍ମ ବା ଖର୍ବରୂପ ଧାରଣ କରିଛନ୍ତି ।

(୧୬) ଦେବୀ ତାରା ବ୍ୟାଘ୍ର ଚର୍ମାବୃତା । ବ୍ୟାଘ୍ର ପଶୁତ୍ୱର ପ୍ରତୀକ । ଦେବୀ ପଶୁତ୍ୱକୁ ବିନାଶ ବା ନିୟନ୍ତ୍ରଣ କରି ଚର୍ମ ଗ୍ରହଣ କରିଛନ୍ତି ।

(୧୭) ମହାଦେବୀ ସର୍ବଦା ନବଯୌବନା । ସଂସାରରେ ଯୌବନ ଚିରସ୍ଥାୟୀ ନୁହେଁ । ଦିନେ ଯୌବନ ବାର୍ଦ୍ଧକ୍ୟରେ ରୂପାନ୍ତରିତ ହୋଇ ମୃତ୍ୟୁ ବରଣ କରେ କିନ୍ତୁ ଭଗବତୀ ଜରା, ମୃତ୍ୟୁ ସମସ୍ତଙ୍କୁ ଜୟ କରି ତାଙ୍କର ଚିର ଯୌବନ ରକ୍ଷା କରିଛନ୍ତି । କାଳ ତାଙ୍କର ବିନାଶ, ପରିବର୍ତ୍ତନ କରିପାରେ ନାହିଁ ଅର୍ଥାତ୍ ସର୍ବଗ୍ରାସୀ କାଳ ତାଙ୍କର ସଂପୂର୍ଣ୍ଣ ଆୟତ୍ତାଧୀନ ।

(୧୮) ଭଗବତୀ ତାରା 'ପୀନୋନ୍ନତ ପୟୋଧରା' । ସେ ଜୀବଜଗତର ପାଳନ ପୋଷଣ ପାଇଁ ଭଗବତୀ ତାଙ୍କର ସ୍ତନ ଯୁଗଳରେ ଦୁଗ୍ଧ ଧାରଣ କରିଛନ୍ତି । ତେଣୁ ଭଗବତୀ କେବଳ ସଂହାର ପ୍ରତିମୂର୍ତ୍ତି ନୁହଁନ୍ତି କିନ୍ତୁ ପାଳନ ପୋଷଣର ପ୍ରତିମୂର୍ତ୍ତି, ସନ୍ତାନ ସ୍ନେହ ଜଗନ୍ମୟୀ ।

(୧୯) ଭଗବତୀ ତାରା ନୀଳବର୍ଣ୍ଣା ବା ନୀଳ ସରସ୍ୱତୀ । ନୀଳବର୍ଣ୍ଣ ସାତ୍ତ୍ୱିକ ଭାବର ରଙ୍ଗ ଅଟେ । ପ୍ରସନ୍ନଶୁଚ ଆକାଶର ନୀଳିମା ଅସୀମତ୍ୱ ଓ ବିରାଟତ୍ୱର ସୂଚନା ଦିଏ । ସେହିପରି ମହାଦେବୀ ସର୍ବବ୍ୟାପକ, ପବିତ୍ର, ନିର୍ମଳ ଓ ଶୁଦ୍ଧ ।

(୨୦) ଭଗବତୀଙ୍କ ଅଟ୍ଟହାସ ଆନନ୍ଦାବସ୍ଥାର ଦ୍ୟୋତକ । 'ଆନନ୍ଦ ବ୍ରହ୍ମ' । ତାରା ସର୍ବଦା ଆନନ୍ଦମୟୀ, ବ୍ରହ୍ମମୟୀ । ମାଙ୍କର ହର୍ଷୋତ୍ଫୁଲାବସ୍ଥା ସନ୍ତାନ ମନରେ ଆଶା ଓ ଶକ୍ତି ସଂଞ୍ଚାର କରିଥାଏ ।

(୨୧) ତାରା ଜ୍ୱଳନ୍ତ ଅଗ୍ନିଶିଖା ମଧ୍ୟରେ ନିବାସ କରନ୍ତି । ଅଗ୍ନିଶିଖା ବା ଚିତା ସମସ୍ତ ଭୌତିକ ଜଗତକୁ ଧ୍ୱଂସ ବା ବିନାଶ କରେ କିନ୍ତୁ ଭଗବତୀ ବା ଭଗବତୀଙ୍କ ସାଧକ ବିନାଶଗ୍ରସ୍ତ ହୁଏ ନାହିଁ । ତାରା ସର୍ବଦା ରକ୍ଷା କରିଥାଆନ୍ତି ।

(୨୨) ତାରାଙ୍କ ମସ୍ତକରେ ଚନ୍ଦ୍ରକଳା ବିଦ୍ୟମାନ । ବ୍ରହ୍ମରନ୍ଧ୍ରର ନିମ୍ନ ଓ ଆଜ୍ଞାଚକ୍ରର ଊର୍ଦ୍ଧ୍ୱରେ ସୋମ ମଣ୍ଡଳର ଅବସ୍ଥିତି । ସୋମ ମଣ୍ଡଳରୁ ଅମୃତଧାରା ସର୍ବଦା ପ୍ରବାହିତ ହୋଇ ସଚରାଚର ଜଗତକୁ ପ୍ଳାବିତ କରୁଛି ।

ସାର୍ ଜନ୍ ଉଡ୍‌ରଫ୍‌ଙ୍କ ମତରେ ଜୈନମାନଙ୍କର ପଦ୍ମାବତୀ, ଶାକ୍ତମାନଙ୍କର ଶକ୍ତି, ବୌଦ୍ଧମାନଙ୍କର ତାରା, ଚୀନା ସାଧକଙ୍କର ମିହୋଗ୍ରା ଓ କୌଳମାନଙ୍କର ଚକ୍ରେଶ୍ୱରୀ । ଗୌଡଦେଶ ବା ବଙ୍ଗଳାରେ 'କାଳୀ'ଙ୍କୁ ବିଶେଷ ମାନ୍ୟତା ପ୍ରଦର୍ଶନ କରାଯାଉଥିବା ସମୟରେ କାଶ୍ମୀର ଓ କେରଳରେ ତ୍ରିପୁରା ଓ ତାରାଙ୍କ ଆରାଧନା ପର୍ଯ୍ୟାପ୍ତ ।

**"It is said that Hamsatara (ହଂସତାରା) Mahavidya is the sovereign lady of Yoga whom Jains call Padmavati, Saktas Sakti, Buddhas Tara, Cina Sadhakas Mihogara and Kaulas Cakresvari.**

**Gauda Sampradaya considers Kadi the highest Mata, whilst Kashmira and Kerala Worship Tripura and Tara."**

*Sir John Woodroffe*

ସଂପାଦକ, 'ମହାପ୍ରଭୁ'
ବୃନ୍ଦାବନ ଧାମ
ଲୋକନାଥ ରୋଡ୍, ପୁରୀ-୭୫୨୦୦୧



ସନ୍ଧ୍ୟାର୍ଦ୍ଧିକ ସାଗରବେଳା



ସ୍ୱାମୀ ଶିବାନନ୍ଦ ସରସ୍ୱତୀଙ୍କ
ଜନ୍ମ ଶତବାର୍ଷିକୀ ଉପଲକ୍ଷେ
ଡାକ ଟିକେଟ୍ ଉନ୍ମୋଚନ...



ବାଲେଶ୍ୱର ଜିଲ୍ଲା ହରସ୍ ନବୀନ ସ୍ମୃତି ପୀଠରେ
ପୁଷ୍ପମାଲ୍ୟ ଅର୍ପଣ ...




ଆଠଗଡ଼ରେ ଷ୍ଟାଡ଼ିୟମ୍
ଉଦ୍‌ଘାଟନ....

କୁମାରୀଠାରେ ଛଅ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା
ଉଦ୍‌ଘାଟନ ପରେ ୱାର୍ଡ ଭିତରେ ମୁଖ୍ୟମନ୍ତ୍ରୀ..






ରାଜଧାନୀ ବସଷ୍ଟାଣ୍ଡ
ଓଡ଼ିଶାର ମୁଖ୍ୟମନ୍ତ୍ରୀ
ଦ୍ୱାରା ଉଦ୍‌ଘାଟିତ





ଇନ୍ଦିରା ଆବାସ ଯୋଜନା
ଓଡ଼ିଶାର ମାନନୀୟ ମୁଖ୍ୟମନ୍ତ୍ରୀ
ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକ






ମାଣ୍ଡ ବିହନ ଉତ୍ପାଦନ କେନ୍ଦ୍ର ଉଦ୍‌ଘାଟନ..
(ହରିଦନଗର)






ମୁଖ୍ୟମନ୍ତ୍ରୀଙ୍କ ସହ ମଧ୍ୟ ପ୍ରଦେଶ
ପ୍ରେସ୍ ଗ୍ୟାଲେରୀ ପରାମର୍ଶଦାତା କମିଟି..




ମୁଖ୍ୟମନ୍ତ୍ରୀ
ଭୁବନେଶ୍ୱରରେ ଆଇ.ଏସ୍.ଡି.
ଉଦ୍‌ଘାଟନ କଲେ...





ବିଧ୍ୱସ୍ତ ଅଞ୍ଚଳରେ..



ଉରି ଗ୍ରାମରେ..

ଗ୍ରାମବାସୀଙ୍କ ସହ..





ମାଗଣା ଭୋଜନ
କେନ୍ଦ୍ର..



ଜନସାଧାରଣଙ୍କୁ ଉଦ୍‌ବୋଧନ ..



ସାହାଯ୍ୟ ବଣ୍ଟନ ..





ଗ୍ରାମବାସୀଙ୍କ ତରଫରୁ ଘୋଷଣା ..



ଆସ୍କାରେ ନିର୍ମିତ 'କୃଷକ ଭବନ'
ରାଜ୍ୟପାଳଙ୍କ ଦ୍ୱାରା ଉଦ୍‌ଘାଟିତ...




କଟକ କଳା ବିକାଶ କେନ୍ଦ୍ରରେ
ବିଶ୍ୱକବି ରବୀନ୍ଦ୍ର ନାଥ ଠାକୁରଙ୍କ
ଜନ୍ମଜୟନ୍ତୀ ଉତ୍ସବରେ ମାନ୍ୟବର ରାଜ୍ୟପାଳ...




ଭୁବନେଶ୍ୱର ଶ୍ରୀରାମ ମନ୍ଦିରରେ
ପୁରୀପୀଠର ଶଙ୍କରାଚାର୍ଯ୍ୟଙ୍କ ସହ
ରାଜ୍ୟପାଳ ଶ୍ରୀ ପାଣ୍ଡେ...








ଓଡ଼ିଶା କୃଷି ଓ ବୈଷୟିକ
ବିଶ୍ୱ ବିଦ୍ୟାଳୟର
ତେଇଶି ଜୟନ୍ତୀ ଉତ୍ସବରେ
ରାଜ୍ୟପାଳ ଶ୍ରୀ ପାଣ୍ଡେ
ଓ
କୃଷିମନ୍ତ୍ରୀ ଶ୍ରୀ ବେହେରା





କଟକସ୍ଥିତ ଇନଷ୍ଟିଚ୍ୟୁଟ୍ ଅଫ୍
ମାର୍କେଟ ମ୍ୟାନେଜମେଣ୍ଟର
ପ୍ରଥମ ସମାବର୍ତ୍ତନ ଉତ୍ସବରେ
ରାଜ୍ୟପାଳ ....



ଆକାଶବାଣୀ ସମ୍ବାଦ ସେବା
ନିର୍ଦ୍ଦେଶକଙ୍କ ସହ
ଆଲୋଚନାରେ
ସୂଚନା ଓ ଲୋକ ସମ୍ପର୍କ
ରାଷ୍ଟ୍ରମନ୍ତ୍ରୀ, ଶାସକ ସଚିବ
ଓ ନିର୍ଦ୍ଦେଶକ ...

ଶିକ୍ଷାମନ୍ତ୍ରୀ ଶ୍ରୀ ଦାଶ ମହାପାତ୍ରଙ୍କ ସହ ପ୍ରାଥମିକ ଶିକ୍ଷା ଓ ମାଧ୍ୟମିକ ଶିକ୍ଷା ସମ୍ପର୍କିତ
ଆଲୋଚନାରେ ସିକିମ ସରକାରର ଶିକ୍ଷାମନ୍ତ୍ରୀ ଶ୍ରୀ ବର୍ଜି....





ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ସୂଚନା ଭବନରେ
ଏକ ପ୍ରଦର୍ଶନୀ ଉଦ୍‌ଘାଟନ କରି
ସୂଚନା ଓ ଲୋକ ସମ୍ପର୍କ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ସିଂ...





ଧର୍ମଶାଳା କୁଆରିଆ ଡାମ ପରିଦର୍ଶନରେ ରାଷ୍ଟ୍ରମନ୍ତ୍ରୀ

ଭୁବନେଶ୍ୱରରେ ରାଷ୍ଟ୍ରୀୟ କ୍ଲବ ଦ୍ୱାରା
ଆୟୋଜିତ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ
ମୁଖ୍ୟଅତିଥି ଶ୍ରୀ ଦେବେନ୍ଦ୍ର ଓ
ସୂଚନା ଓ ଲୋକ ସମ୍ପର୍କ ରାଷ୍ଟ୍ରମନ୍ତ୍ରୀ
ଶ୍ରୀ ସିଂ....



# ଯୌତୁକ ନିରୋଧ ଆଇନ

ମିସ୍ ଲାବଣ୍ୟରେଖା ମିତ୍ର

**ଯୌ**ତୁକ ପ୍ରଥା ଏକ ସାମାଜିକ ବ୍ୟାଧି । ଏହା ଏତେ ଉତ୍କଟ ହେଲାଣି ଯେ, ଗରିବ ଓ ମଧ୍ୟବିତ୍ତ ଘରର ଝିଅମାନଙ୍କର ବିବାହ କଷ୍ଟ ସାଧ୍ୟ ହୋଇ ପଡୁଛି । କନ୍ୟାପିତା ଯୌତୁକ ଦେଇ ସର୍ବସ୍ୱାନ୍ତ ହେଲେ ମଧ୍ୟ ଅନେକ ସ୍ଥଳରେ ତାହା ପର୍ଯ୍ୟାପ୍ତ ବିବେଚିତ ହେଉ ନାହିଁ ଓ ବୋହୂମାନେ ନିର୍ଯ୍ୟାତନାର ଶିକାର ହେଉଅଛନ୍ତି । ସମାଜର ପ୍ରତ୍ୟେକ ବ୍ୟକ୍ତି ଯୌତୁକ ଦାବୀ ବିରୁଦ୍ଧରେ, ଯୌତୁକ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ଦରକାର । ଏ ଦିଗରେ ସାମାଜିକ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କର କର୍ତ୍ତବ୍ୟ ମଧ୍ୟ ଅତ୍ୟନ୍ତ ଗୁରୁତ୍ୱ ପୂର୍ଣ୍ଣ ।

୧୯୬୧ ମସିହାରେ ଯୌତୁକ ନିରୋଧ ଆଇନ ପ୍ରବର୍ତ୍ତିତ ହୋଇଥିଲା । ଏହି ଆଇନ୍‌କୁ ବଳବତ୍ତର ଓ ଅଧିକ କାର୍ଯ୍ୟକ୍ଷମ କରିବା ପାଇଁ ୧୯୮୫ ମସିହା ଅକ୍ଟୋବର ୨ ତାରିଖ ଠାରୁ ଏଥିରେ କେତେଗୁଡ଼ିଏ ସଂଶୋଧନ କରାଯାଇଅଛି । ଏହି ସଂଶୋଧନଗୁଡ଼ିକର ଏକ ମୋଟାମୋଟି ଧାରଣା ତଳେ ଦିଆଗଲା ।

(୧) ବରକନ୍ୟା କିମ୍ବା ଅନ୍ୟ କୌଣସି ବ୍ୟକ୍ତିଙ୍କୁ ବିବାହ ଉପଲକ୍ଷେ ପ୍ରଦତ୍ତ ବା ପ୍ରଦାନ ନିମନ୍ତେ ପ୍ରତିଶ୍ରୁତି ଯେ କୌଣସି ସ୍ଥାବର ବା ଅସ୍ଥାବର ସମ୍ପତ୍ତି, ଯୌତୁକ ବିବେଚିତ ହେବ ।

(୨) ଯଦି କନ୍ୟାର କିମ୍ବା ବରର ପିତାମାତା, ଅଭିଭାବକ ବା ସମ୍ପର୍କୀୟମାନଙ୍କଠାରୁ ବିବାହ ଉପଲକ୍ଷେ କୌଣସି ପ୍ରକାର ଯୌତୁକ ପ୍ରତ୍ୟକ୍ଷରେ ବା ପରୋକ୍ଷ ଭାବରେ ଦାବୀ କରନ୍ତି, ତାଙ୍କୁ ଅନ୍ୟୁନ ଛଅ ମାସ ଜେଲ୍ ଦଣ୍ଡ ଦିଆଯିବ ଏବଂ ଦଶ ହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନା ମଧ୍ୟ କରାଯାଇ ପାରିବ । ସ୍ଥଳ ବିଶେଷରେ ଦୁଇ ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡ ଦିଆଯାଇ ପାରେ ।

(୩) ଯୌତୁକ ଦେବା, ନେବା ବା ଦେବା ନେବାର ସହାୟତା କରୁଥିବା ବ୍ୟକ୍ତିଙ୍କୁ ଉପରୋକ୍ତ ଭାବରେ ଦଣ୍ଡିତ କରାଯିବ, ଯଦି ଯୌତୁକର ମୂଲ୍ୟ ଦଶ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହୁଏ ।

(୪) ଯଦି ବିବାହ ସମୟରେ କନ୍ୟାକୁ ତା' ତରଫରୁ କୌଣସି ଦାବୀ ନଥିବା ସତ୍ତ୍ୱେ ପ୍ରୀତି ଉପହାର ଦିଆଯାଏ, ତାହା ନିୟମାନୁସାରେ ତାଲିକାଭୁକ୍ତ ହେଲେ କନ୍ୟା ବା ଉପହାର ଦେଉଥିବା ବ୍ୟକ୍ତି ଦଣ୍ଡିତ ହେବେ ନାହିଁ । ନିୟମାନୁସାରେ ତାଲିକାଟି କନ୍ୟାଦ୍ୱାରା ଲିଖିତ ଆକାରରେ ପ୍ରସ୍ତୁତ କରାଯିବ ଏବଂ ପ୍ରତ୍ୟେକ ଉପହାରର ସବିଶେଷ ବିବରଣୀ ସହିତ ଆନୁମାନିକ ମୂଲ୍ୟ ଉପହାର ଦେଉଥିବା ବ୍ୟକ୍ତିଙ୍କର ନାମ ତାଙ୍କର କନ୍ୟା ସହିତ ସମ୍ବନ୍ଧ ଇତ୍ୟାଦି ଉଲ୍ଲେଖ କରାଯିବ ।

ଏହା କନ୍ୟା ଓ ବରଙ୍କ ଦ୍ୱାରା ସ୍ୱାକ୍ଷରିତ ହେବ । ଯଦି ସେମାନେ ବା ସେମାନଙ୍କ ମଧ୍ୟରୁ କେହି ନିରକ୍ଷର ହୋଇଥାନ୍ତି, ତେବେ ସେମାନେ ଟିପଚିହ୍ନ ପ୍ରଦାନ କରିବେ ।

(୫) କେତେକ କ୍ଷେତ୍ରରେ ଉପହାର ଗ୍ରହଣ କରିବା ବା ଉପହାର ଦେବା ବାବଦରେ ବର କିମ୍ବା ଉପହାର ଦେଉଥିବା ବ୍ୟକ୍ତିମାନେ ଦଣ୍ଡିତ ହେବେ ନାହିଁ । କନ୍ୟା ବା କନ୍ୟା ତରଫରୁ କେହି ବା କନ୍ୟା ସମ୍ପର୍କୀୟ କେହି ଯେଉଁ ଉପହାର ଦେବେ ତାହା ପ୍ରଚଳିତ ପ୍ରଥା ମୁତାବକ ହୋଇଥିବ ଓ ଉପହାର ପ୍ରଦାନକାରୀଙ୍କ ଆର୍ଥିକ ଶକ୍ତିର ବହିର୍ଭୂତ ହୋଇ ନଥିବ । ଦ୍ୱିତୀୟତଃ ଉପହାରଗୁଡ଼ିକ ତାଲିକାଭୁକ୍ତ ହେବା ଉଚିତ୍ ଏବଂ ଲିଖିତ ତାଲିକା ବରଦ୍ୱାରା ପ୍ରସ୍ତୁତ ହେବା ବିଧେୟ । ତାଲିକାରେ ଉପହାର ଓ ଉପହାର ଦେଉଥିବା ବ୍ୟକ୍ତିଙ୍କର ସବିଶେଷ ବିବରଣୀ ତଥା ଉପହାରର ଆନୁମାନିକ ମୂଲ୍ୟ ଉଲ୍ଲିଖିତ ହେବ । ତୃତୀୟତଃ ତାଲିକାଟି ବରକନ୍ୟା ଉଭୟଙ୍କ ଦ୍ୱାରା ସ୍ୱାକ୍ଷରିତ ହେବ । ନିରକ୍ଷରମାନେ ଟିପଚିହ୍ନ ଦେଇ ପାରନ୍ତି ।

(୬) ବର ଓ କନ୍ୟା ଉଭୟ ବିବାହ ଉପଲକ୍ଷେ ଲାଭ ପାଉଥିବା ଉପହାରଗୁଡ଼ିକର ତାଲିକା ପ୍ରସ୍ତୁତି କରିବା ଏକାନ୍ତ ଆବଶ୍ୟକ । ଯଦି ଏଭଳି ତାଲିକା ପ୍ରସ୍ତୁତ ହୋଇ ନଥିବ ବା କୌଣସି ଉପହାର ତାଲିକାଭୁକ୍ତ ହୋଇ ନଥିବ ତେବେ ଉପହାର ପ୍ରଦାନ କରିଥିବା ବ୍ୟକ୍ତି ଓ ତାକୁ ଗ୍ରହଣ କରିଥିବା ବ୍ୟକ୍ତି ଉଭୟେ ଯୌତୁକ ଦେବା ଓ ନେବା ନିମିତ୍ତ ଦଣ୍ଡିତ ହେବେ ।

(୭) ଯଦି କନ୍ୟାର ବିବାହ ଉପଲକ୍ଷେ, ପ୍ରଦତ୍ତ ଉପହାର ଅନ୍ୟ କେହି ଗ୍ରହଣ କରିଥିବେ ସେ ଗ୍ରହଣ କରିବା ଦିନଠାରୁ ୩ ମାସ ମଧ୍ୟରେ ତାହା କନ୍ୟାକୁ ଅବଶ୍ୟ ହସ୍ତାନ୍ତର କରିବେ । ଯଦି ଉପରୋକ୍ତ ସମୟ ମଧ୍ୟରେ ଫେରସ୍ତ ନକରନ୍ତି ତେବେ ସେ ଅନୁଚ୍ଛେଦ (୨) ପ୍ରକାରେ ଦଣ୍ଡିତ ହେବେ ।

(୮) ଯୌତୁକ ନିରୋଧ ଆଇନରେ ଦଣ୍ଡିତ ଅପରାଧ ପୁଲିସ ଧର୍ତ୍ତବ୍ୟ ଅପରାଧ ଏବଂ ସେହି ଭାବରେ ସେଗୁଡ଼ିକର ଅନୁସନ୍ଧାନ କରାଯିବ । ଅଭିଯୁକ୍ତ ବ୍ୟକ୍ତି ଜାମିନ ପାଇ ପାରିବେ କିନ୍ତୁ ଅପରାଧ ରଫା ଯୋଗ୍ୟ ନୁହେଁ ।

(୯) ପ୍ରଥମ ଶ୍ରେଣୀର ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ ଅଦାଲତଠାରୁ ନିମ୍ନ କ୍ଷମତା ସମ୍ପନ୍ନ ଅଦାଲତରେ ଏହି ଆଇନ୍‌ରେ ଦଣ୍ଡନୀୟ ଅପରାଧର ବିଚାର ଅଦାଲତରେ ହୋଇ ପାରିବ ନାହିଁ । ନିକଟ

ପ୍ରତ୍ୟକ୍ଷ ଜ୍ଞାନ ଭିତରେ ପୁଲିସ ରିପୋର୍ଟ ଭିତ୍ତିରେ ସଂପୃକ୍ତ ବ୍ୟକ୍ତି ବା ତାଙ୍କର ପିତା ମାତା ବା ସମ୍ପର୍କୀୟ ବ୍ୟକ୍ତିଙ୍କର ଅଭିଯୋଗ ଭିତରେ ବା କେନ୍ଦ୍ର କିମ୍ବା ରାଜ୍ୟ ସରକାରଙ୍କ ଦ୍ୱାରା ଏଥି ନିମନ୍ତେ କ୍ଷମତା ପ୍ରାପ୍ତ କୌଣସି ସମାଜ ମଙ୍ଗଳ ଅନୁଷ୍ଠାନର ଅଭିଯୋଗ ଭିତରେ ଏ ସମ୍ପର୍କୀୟ ମାମଲା ବିଚାର ପାଇଁ ଗ୍ରହଣ କରି ପାରନ୍ତି ।

ଆଇନର ଉପଯୁକ୍ତ ସୁଦୂର ପ୍ରସାରୀ ପରିବର୍ତ୍ତନ ଫଳରେ ଯୌତୁକ ନିରୋଧ ବ୍ୟବସ୍ଥା ଦୃଢ଼ୀଭୂତ ହେବ ବୋଲି ଆଶା କରାଯାଏ । କିନ୍ତୁ ଆଇନକୁ କାର୍ଯ୍ୟକାରୀ କରିବାକୁ ଖାଲି ଅଦାଲତ ବା ପୁଲିସ ନୁହେଁ ଏବଂ ଗଣ ଚେତନା ଆବଶ୍ୟକ । ଆଇନର ବ୍ୟବସ୍ଥାଗୁଡ଼ିକୁ ଲୋକ-ଲୋଚନକୁ ଆଣିବା ପ୍ରଥମ କର୍ତ୍ତବ୍ୟ । ଏହି କ୍ଷୁଦ୍ର ନିବନ୍ଧଟିରେ ସେ ଦିଗରେ କିଛି ପ୍ରଚେଷ୍ଟା କରାଯାଇଛି । ଏଥି ନିମନ୍ତେ କ୍ଷମତାପ୍ରାପ୍ତ କୌଣସି ସମାଜ ମଙ୍ଗଳ ଅନୁଷ୍ଠାନର ଅଭିଯୋଗ ଭିତ୍ତିରେ ଏ ସଂକ୍ରାନ୍ତୀୟ ମାମଲା ବିଚାର ପାଇଁ ଗ୍ରହଣ କରି ପାରନ୍ତି ।

ଏହି ସଂଶୋଧିତ ଆଇନର ପ୍ରବର୍ତ୍ତନ ପାଇଁ ଭାରତ ସରକାର ଅଭିନନ୍ଦନୀୟ । ଅବଶ୍ୟ ଏହା ସତଯେ, କେବଳ ଆଇନ କରିଦେଲେ କୌଣସି ସାମାଜିକ ବ୍ୟାଧି ଦୂରହେବ ନାହିଁ । ଏଥିନିମନ୍ତେ ଜନଜାଗରଣ ଆବଶ୍ୟକ । ବାଲ୍ୟ ବିବାହ କିମ୍ବା ସତୀଦାହ ପ୍ରଥା କେବଳ ଆଇନ ଦ୍ୱାରା ଦୂର ହୋଇ ପାରିନଥାନ୍ତା । ଏଥିଲାଗି ଜନଚେତନା ବିଶେଷ ସହାୟକ ହେଲା । ସେହିଭଳି ଯୌତୁକ କଳଙ୍କ ବିରୁଦ୍ଧରେ ଦୃଢ଼ସ୍ୱର ଓ ପ୍ରବଳ ପ୍ରତିବାଦ, ପ୍ରତିରୋଧ ଦରକାର । ତଥାପି ଆଇନର ସାହାଯ୍ୟ ଆବଶ୍ୟକ । ଆଇନ ଥିଲେ ପ୍ରତିରୋଧକାରୀ ମନରେ ଶକ୍ତି ଓ ସାହାସ ପାଇଥାଏ । ଅନ୍ୟ ପକ୍ଷରେ ଆଇନ ଅବମାନନା କଲେ ଦଣ୍ଡର ଭୟ ଥାଏ ।


ଆଶା କରାଯାଉଥିଲା ଯେ, ଶିକ୍ଷାର ପ୍ରସାର ଫଳରେ ଯୌତୁକ ଦାବୀ କମିଯିବ । କିନ୍ତୁ ଓଲଟା ଫଳ ହେଉଛି । ଶିକ୍ଷାର ପ୍ରସାର ସାଙ୍ଗକୁ ଯୌତୁକ ଦାବୀ ବଢ଼ି ଚାଲିଛି । ଏହି ଯୌତୁକ ଦାବୀ ଯୋଗୁଁ ଅନେକ ପିତାମାତା କନ୍ୟା ଦାୟରୁ ମୁକ୍ତହୋଇ ପାରୁ ନାହାନ୍ତି । ବିବାହ ପରେ ମଧ୍ୟ କନ୍ୟା ତା ଶ୍ୱଶୁର ଘରେ ଯୌତୁକ କାରଣରୁ ନିର୍ଯ୍ୟାତିତାହେଉଛି । ଫଳରେ ଆତ୍ମହତ୍ୟା କରୁଛି କିମ୍ବା ଅସ୍ୱାଭାବିକ ମୃତ୍ୟୁର ଶିକାର ହେଉଛି ।

ଯୌତୁକ ଦେବା ବା ନେବା ବିରୁଦ୍ଧରେ ସରକାର ବ୍ୟାପକ ପ୍ରଚାର କରିବା ପାଇଁ ସ୍ଥିର କରିଛନ୍ତି । ଆଇନର ଉପଯୁକ୍ତ ନିରୋଧ ବ୍ୟବସ୍ଥା ଦୃଢ଼ୀଭୂତ ହେବ ବୋଲି ଆଶା କରାଯାଏ । କିନ୍ତୁ ଆଇନକୁ କାର୍ଯ୍ୟକାରୀ କରିବାକୁ ଖାଲି ଅଦାଲତ ବା ପୁଲିସ ନୁହେଁ ଏକ ଗଣ ଚେତନା ଆବଶ୍ୟକ । ଆଇନର ବ୍ୟବସ୍ଥାଗୁଡ଼ିକୁ ଲୋକଲୋଚନକୁ ଆଣିବା ପ୍ରଥମ କର୍ତ୍ତବ୍ୟ । ଯୌତୁକ ଦାବୀ କରୁଥିବା କିମ୍ବା ଉପରେ ପଡ଼ି ଯୌତୁକ ଲୋଭ ଦେଖାଉଥିବା ବ୍ୟକ୍ତିଙ୍କୁ ଧରାଇ ଦେବାରେ ଜନସାଧାରଣ ତଥା ଯୁବ ସମାଜ ସହଯୋଗ କରନ୍ତୁ । ସମାଜରୁ ଯୌତୁକ କଳଙ୍କ ଅବଶ୍ୟ ହଟାଇବାକୁ ହେବ ।

ଉପ-ଶାସନ ସଚିବ
ଗୋଷ୍ଠୀ ଓ ଗ୍ରାମ୍ୟ ପୁନର୍ଗଠନ ବିଭାଗ
ରାଜ୍ୟସଚିବାଳୟ, ଭୁବନେଶ୍ୱର



ବିଧାନ ସଭା ପ୍ରାଙ୍ଗଣରେ...



# ସଫଳ କାହାଣୀ

## ଖଇରତ୍‌ଙ୍କ ସ୍ୱପ୍ନ....

ଶ୍ରୀ ବିଶ୍ୱେଶ୍ୱର ଦେ

ଶେଖ୍ ଖଇରତ୍ କଟକ ଜିଲ୍ଲା ଜଗତସିଂହପୁର ସାଁପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ ସାଁପୁର 'ମକୁରାଇ' ଗ୍ରାମର ଅଧିବାସୀ । ଦୁଇଟି ଝିଅ, ଗୋଟିଏ ପୁଅ ଓ ସେ ଦୁଇ ପ୍ରାଣୀ ଏପରି ତାଙ୍କ ପରିବାର ସଂଖ୍ୟା ହେଲା ପାଞ୍ଚ । ପିଲାଦିନୁ ସେ ଦୁଃଖୀ । ଖଇରତଙ୍କ ଯେତେବେଳେ ଦେଢବର୍ଷ ତାଙ୍କର ପିତାଙ୍କର ମୃତ୍ୟୁ ହୁଏ । ଏହାପରେ ତାଙ୍କର ପରିବାର ଚଳାଇବାର ଭାର ତାଙ୍କ ମା' ଉପରେ ପଡେ । ପୈତୃକ ସମ୍ପତ୍ତି ମାତ୍ର ଏକ ମାଣ, ଯାହା ସେଥିରୁମିଳେ କୌଣସି ପ୍ରକାର ଦୁଇମାସ ଚଳିଯାନ୍ତି । ପିଲାଟି ଦିନରୁ ବିଲ ବାଡ଼ିରେ କାମକରି ଯାହା ମୂଲ ପାଆନ୍ତି, ସେଥିରେ କୌଣସି ପ୍ରକାର ଚଳିଯାନ୍ତି, କିନ୍ତୁ ପିଲାପିଲି ହେବା ପରେ ତାଙ୍କର ବିଶେଷ ଅସୁବିଧା ହେଲା; କାରଣ ଯାହା ମୂଲ ପାଆନ୍ତି ତାହା ତାଙ୍କ ପାଇଁ ନିଅଣ୍ଟ ହୁଏ । ବିଶେଷ କରି ଝଡ଼ିବର୍ଷା କିମ୍ବା ଦେହ ବେମାର ସମୟରେ କାମକୁ ନଯିବା ଫଳରେ ପରିବାରର ସମସ୍ତେ ଉପାସ ଭୋକରେ ରହିବାକୁ ବାଧ୍ୟ ହୁଅନ୍ତି । ସେ ଚିନ୍ତା କରି ଦେଖିଲେ ଯଦି ସେ ମୂଲ ଲାଗନ୍ତି ତାହା ହେଲେ ତାଙ୍କର ପରିବାର ଚଳାଇବା କଷ୍ଟକର ହୋଇପଡ଼ିବ । ତେଣୁ ସେ ମୂଲ ଲାଗିବା ଛାଡ଼ି ଗୋଟିଏ ଭଡା ରିକ୍ସା ଆଣି ଚଳାଇଲେ । ଏଥିରେ ତାଙ୍କର ଦିନକୁ ଆଠ ଦଶଟଙ୍କା ରୋଜଗାର ହୁଏ । ରିକ୍ସା ଭଡା ବାବଦକୁ ମାଲିକକୁ ଅଢେଇ ଟଙ୍କା ଦେବାପରେ ଅବଶିଷ୍ଟ ଯାହା ରହେ ସେଥିରେ, ତାଙ୍କ ପରିବାର କୌଣସି ପ୍ରକାର ଚଳିଯାନ୍ତି । ଏହିପରି କେତେଦିନ ପରେ ରିକ୍ସା ମାଲିକ ରିକ୍ସା ଦେବାକୁ ମନା କରି ଦେଲା । ଖଇରତ୍ ମୁଣ୍ଡରେ ବଜ୍ର ପଡ଼ିଲା ପରି ଲାଗିଲା । କାହାକୁ ବା ଗୁହାରି କଲେ ତା' ଦୁଃଖ ଲାଘବ ହେବ, ଶେଷକୁ ସେ ତା କର୍ମକୁ ଆଦରି ଉପାସ ଭୋକରେ ପଡ଼ି ରହିଥାଏ । ନିଜେ ଖଣ୍ଡେ ରିକ୍ସା କରିବାକୁ ଭାରି ମନ ଥାଏ । ହେଲେ ପଇସା ନାହିଁ, ଏହିପରି ମନକଥା ମନରେ ଥାଏ ।

କିଛିଦିନ ବିତିବାପରେ ସେ ଶୁଣିବାକୁ ପାଇଲା ଯେ ଗ୍ରାମାଞ୍ଚଳ ଗରିବ, ଅସହାୟ ଲୋକଙ୍କ ଅର୍ଥନୈତିକ ଥଇଥାନ ନିମନ୍ତେ ସରକାର ବିଭିନ୍ନ ଯୋଜନା ଯଥା ଇ.ଆର.ଆର.ପି. ଓ ସମନ୍ୱିତ ଗ୍ରାମ୍ୟ ଉନ୍ନୟନ ଯୋଜନା ପ୍ରଭୃତି କାର୍ଯ୍ୟକାରୀ କରୁଛନ୍ତି । ତା ପରେ ସେ ଜଗତ୍‌ସିଂହପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟକୁ ଆସି ତାଙ୍କର ଅଭାବ ଓ ଅସୁବିଧା ବିଷୟରେ ବି.ଡି.ଓ ଙ୍କ ସହିତ କଥାବାର୍ତ୍ତା କରନ୍ତି । ଏହାପରେ ତାଙ୍କୁ ସମନ୍ୱିତ ଗ୍ରାମ୍ୟ ଉନ୍ନୟନ ଯୋଜନାର ପରିସରଭୁକ୍ତ କରାଯାଏ । ସାଁପୁର ସେବା ସମବାୟ ... ୧୯୮୩ ... ରିକ୍ସା କିଣା ବାବଦରେ

୧,୮୦୦ ଟଙ୍କା ଋଣ ମଂଜୁର ହୁଏ । ଏହି ଟଙ୍କାରେ ଗୋଟିଏ ରିକ୍ସା କିଣା ହୋଇ ତାଙ୍କୁ ଦିଆଯାଏ । ଏହି ଟଙ୍କାରୁ ରିହାତି ୬୦୦ ଟଙ୍କା ବାଦଯାଇ ଅବଶିଷ୍ଟ ଋଣ ପରିମାଣ ୧,୨୦୦ ଟଙ୍କା ପରିଶୋଧ କରିବାକୁ ପଡେ । ଏହାପରେ ବିପୁଳ ଆନନ୍ଦ ଓ ଉଦ୍ଦୀପନା ସହିତ ସେ ତାଙ୍କ କାର୍ଯ୍ୟରେ ଲାଗିପଡନ୍ତି । ଏଥିରୁ ଯାହା ରୋଜଗାର ହୁଏ, ପରିବାର ଚଳାଇବା ବ୍ୟତୀତ ପ୍ରତି ମାସରେ ରିକ୍ସା ମରାମତ ବାବଦରେ କିଛି କିଛି ଖର୍ଚ୍ଚ କରିବାକୁ ପଡ଼ିଥାଏ ଏବଂ ପ୍ରତିମାସରେ ଏହି ଋଣ ପରିଶୋଧ ବାବଦରେ ସାଁପୁର ସେବା ସମବାୟ ସମିତିକୁ କିଛି ଦେବାକୁ ପଡ଼ିଥାଏ । ଏହିପରି ଭାବରେ ବର୍ତ୍ତମାନ ସୁଦ୍ଧା ସେ ମୋଟ ୬୮୦ ଟଙ୍କା ପରିଶୋଧ କରିସାରିଲେଣି । ଆଉ ଯାହା ଅବଶିଷ୍ଟ ରହିଛି ତାକୁ ଖୁବ ଶୀଘ୍ର ପରିଶୋଧ କରିବା ନିମନ୍ତେ ସେ ବର୍ତ୍ତମାନ ସଂକଳ୍ପବଦ୍ଧ । ତାଙ୍କ ମନରେ ଥିବା ବହୁ ଦିନର ଅଭିଳାଷ ଫଳବତୀ ହେବାକୁ ଯାଉଛି । ବର୍ତ୍ତମାନ ତାଙ୍କର ବୟସ ପ୍ରାୟ ୫୦ । ତଥାପି ତାଙ୍କ ମନରେ ବିଷାଦ ନାହିଁ । ସବୁବେଳେ ସେ କର୍ମ ତତ୍ପର । ବହୁ ଦିନର ଅଭିଳାଷ ପୂର୍ଣ୍ଣ ହୋଇଥିବାରୁ ମନରୁ ନୈରାଶ୍ୟ, ଅନ୍ଧକାର ସବୁ ଅପସରି ଯାଉଛି । ନୂତନ ଆଶାର ଆଲୋକ ନେଇ ସେ ଆଜି ଦାରିଦ୍ର୍ୟ ସହିତ ସଂଗ୍ରାମ କରିବାକୁ ବଦ୍ଧପରିକର ।

ଜିଲ୍ଲା ସୂଚନା ଓ ଲୋକ ସଂପର୍କ, ଅଧିକାରୀ

କଟକ

## ଏ ମନ ଖୋଜୁଥାଏ ଯାହା.....

ଶ୍ରୀ ସୁନ୍ଦର ସିଂ ମାଝୀ ଓ ଶ୍ରୀ ପର୍ଶୁରାମ ମାଝୀ କୋରାପୁଟ ଜିଲ୍ଲା ପାପଡାହାଣ୍ଡି ବ୍ଲକ ଅନ୍ତର୍ଗତ ମାଦପୁର ଗ୍ରାମ ପଞ୍ଚାୟତର ବ୍ରମ୍ଭଣ ... ଗ୍ରାମର ଅଧିବାସୀ । ଉଭୟେ ଭୂମିହୀନ ଗରିବ ଆଦିବାସୀ । ପ୍ରତ୍ୟେକଙ୍କ ପରିବାରରେ ଖାଇବାକୁ ଛଅ ପ୍ରାଣୀ କୁହନ୍ତି । ପର ଘରେ ମୂଲ ଲାଗି ବହୁ କଷ୍ଟରେ ସେମାନେ କାଳାତିପାତ କରନ୍ତି ।

ସରକାରଙ୍କ ଦରିଦ୍ରତମ ପରିବାରଙ୍କ ଅର୍ଥନୈତିକ ଥଇଥାନ ଯୋଜନାରେ ସେମାନଙ୍କୁ ଅନ୍ତର୍ଭୁକ୍ତ କରାଯାଇ ବ୍ଲକ ତରଫରୁ ... ସହିତ ... ଗୋଟିଏ ...

ମାଛଚାଷ କରିବା ପାଇଁ ଦିଆଯାଏ । ପୋଖରୀ କୂଳରେ ପନିପରିବା ଚାଷ କରିବା ସଙ୍ଗେ ସଙ୍ଗେ ପୋଖରୀରେ ମାଛଚାଷ କରି ପ୍ରତିବର୍ଷ ପ୍ରତ୍ୟେକେ ମାଛ ବିକ୍ରିରୁ ୨ ହଜାର ଟଙ୍କା ଓ ପରିବାଚାଷରୁ ୬ ହଜାର ଟଙ୍କା ପାଇ ବଡ଼ ଖୁସିରେ ପରିବାର ପ୍ରତିପୋଷଣ କରୁଛନ୍ତି । ଏହା ମଧ୍ୟରେ ସେମାନେ ହଜାରେ ଟଙ୍କା ଦେଇ ଗୋପୀ ମାଝୀଙ୍କ ଠାରୁ ଏକ ଏକର ଜମି ବର୍ଷିକ ପାଇଁ ପଟ୍ଟା ନେଇ ଚାଷ କରୁଛନ୍ତି ।

ଆଜି ସେମାନଙ୍କର ଦୁଃଖର ଦିନ ଶେଷ ହୋଇଛି । ସୁନ୍ଦର ସିଂ ମାଝୀ ୨ ହଜାର ଟଙ୍କା ଖର୍ଚ୍ଚକରି ନିଜ ପୁଅର ବିବାହ କରାଇଛନ୍ତି ଏବଂ ୧,୦୦୦ ଟଙ୍କା ଖର୍ଚ୍ଚକରି ନିଜ ପାଇଁ ଘରଟିଏ ତିଆରି କରିଛନ୍ତି । ପର୍ଶୁରାମ ମାଝୀ ସେହିପରି ୫ ଶହ ଖର୍ଚ୍ଚ କରି ନିଜ ଘରର ଉନ୍ନତି କରିବା ସଙ୍ଗେ ସଙ୍ଗେ ବ୍ୟାଙ୍କରେ ୧,୫୦୦ ଟଙ୍କା ଜମା ରଖିଛନ୍ତି । ସେମାନେ ଆଜି ନୂତନ ଆଶାର ଆଲୋକରେ କର୍ମତତ୍ପର ହୋଇ ଉଠିଛନ୍ତି ।

ବର୍ତ୍ତମାନ ତାହାର ଦୋକାନଟି ଖୁବ୍ ଭଲରେ ଚାଲିଛି । ଆୟ ମଧ୍ୟ ବେଶ୍ ବୃଦ୍ଧି ପାଇଛି । ଦୋକାନଟିକୁ ସଂପୂର୍ଣ୍ଣ ଆଧୁନିକ କରାଯାଇଛି । ଅର୍ଦ୍ଧାଧିକ ବ୍ୟାଙ୍କ ଋଣ ପରିଶୋଧ କରା ସରିଲାଣି । ସେ ବର୍ତ୍ତମାନ ସର୍ବଦା କର୍ମ ଚଞ୍ଚଳ । ତା' ମନ ଆକାଶର ... ଦୂରେଇ ଯାଇଛି । ଆର୍ଥିକ ଅବସ୍ଥାରେ ମଧ୍ୟ ପରିବର୍ତ୍ତନ ଘଟିଛି । ଦୁଃଖର ଦିନ ଶେଷ ହୋଇଛି ଓ ସେ ବର୍ତ୍ତମାନ ସରକାରଙ୍କ ଗରିବି ଦୂରୀକରଣ ଯୋଜନାରେ ଅର୍ଥନୈତିକ ଥଇଥାନର ସ୍ୱଚ୍ଛଂ ସାମ୍ମୁଖ୍ୟର ... ଉଠିଛନ୍ତି ।

ଅନୁବିଭାଗୀୟ ସୂଚନା ଓ ଲୋକ ସଂପର୍କ ଅଧିକାରୀ
ସୋନପୁର

## ଦୁଃଖ ପରେ ସୁଖ.....

ଶ୍ରୀ ଖିରେଶ୍ୱର ରାଉତ

ଅଭାବ ଅସୁବିଧା ମନୁଷ୍ୟକୁ ନୂତନ ପଥ ଦେଖାଇ ଥାଏ । ମନୁଷ୍ୟ ଯେତେବେଳେ ଅସୁବିଧାରେ ପଡ଼ିଛି, ସେ କିଛି ନୂତନତ୍ୱର ସଂଧାନରେ ବ୍ରତୀ ହୋଇଛି ଓ ଶେଷରେ ବିଜୟୀ ହୋଇଛି । ସୁଖ ପରେ ଦୁଃଖ ଓ ଦୁଃଖ ପରେ ସୁଖ ଏହାହିଁ ଦୁନିଆଁର ଧରାବନ୍ଧା ନୀତି ।

ସୋନପୁର ସବ୍‌ଡିଭିଜନ ଅନ୍ତର୍ଗତ ଖମେଶ୍ୱରୀପାଲି ଗ୍ରାମରେ ଗୋଟିଏ ଗରିବ ପରିବାରରେ ଗରିବ ସେଠୀଙ୍କର ଜନ୍ମ । ବାପାଙ୍କ ନାମ ମାୟାଧର ସେଠୀ । ନିଜର ସଂପତ୍ତି କହିଲେ କୁଡ଼ିଆ ଘରଟି ଛଡା ଅନ୍ୟ କିଛି ନାହିଁ । ତେଣୁ ବାଲ୍ୟାବସ୍ଥାରୁ ଦାରିଦ୍ର୍ୟର କଶାଘାତରେ ତାହାର ପାଠପଢା ପ୍ରାଥମିକ ଶିକ୍ଷାରୁ ବନ୍ଦ ହୋଇଯାଏ । ଗରିବର ସାନଭାଇ ମଧ୍ୟ ଅନୁରୂପ ପରିସ୍ଥିତିରେ ଶିକ୍ଷାରୁ ବଞ୍ଚିତ । ପର ଘରେ ମୂଲ ଲାଗି ଅତି ଦୁଃଖ କଷ୍ଟରେ ପରିବାର ଚଳାଇବାକୁ ପଡେ ।

ଘର ଦୁରବସ୍ଥା ଦେଖି ଗରିବ ଗୋଟିଏ ସିଲେଇ ଦୋକାନରେ କାମ ଶିଖିବା ଆରମ୍ଭ କଲା । ତା' ପରେ ଗୋଟିଏ ସିଲେଇ ମେସିନ୍ ଯୋଗାଡ କରି କିଛି ରୋଜଗାରର ବ୍ୟବସ୍ଥା କଲା । ହେଲେ ପରିସ୍ଥିତିରେ କୌଣସି ଉନ୍ନତି ପରିଲକ୍ଷିତ ହେଲା ନାହିଁ ।

ଇତ୍ୟବସରରେ ସରକାରଙ୍କ ବିଂଶସୂତ୍ରୀ କାର୍ଯ୍ୟକ୍ରମରେ ଗ୍ରାମାଞ୍ଚଳର ଲୋକେ କିପରି ଋଣ ତଥା ସାହାଯ୍ୟ ପାଇ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରୁଛନ୍ତି, ତାହା ଗରିବ ଦେଖିବାକୁ ପାଇଲା । ଏ ବିଷୟ ଜାଣିବା ପାଇଁ ମନରେ ପ୍ରବଳ ଆଗ୍ରହ କିନ୍ତୁ ଏଣେ ଋଣ ପାଇଁ ଅଜଣା ଭୟ ।

ଦିନେ ସୂଚନା ଓ ଲୋକସଂପର୍କ ବିଭାଗର କର୍ମଚାରୀମାନେ ବିଂଶସୂତ୍ରୀ କାର୍ଯ୍ୟକ୍ରମ ସଂପର୍କରେ ଜନସାଧାରଣଙ୍କୁ ବୁଝାଇବା ଲାଗି ସେହି ଗ୍ରାମରେ ପହଞ୍ଚିଲେ । ବହୁ ଗ୍ରାମବାସୀ ଏ ସଂପର୍କରେ ବୁଝିବା ପାଇଁ ସେଠାରେ ଜୁଟି ହୋଇଥାନ୍ତି । ଗରିବ ବିଂଶସୂତ୍ରୀ କାଯର୍ୟକ୍ରମ ସଂପର୍କରେ ସବୁ ଶୁଣିବା ପରେ ତା' ମନରେ ନୂତନ ଚେତନା ଜାଗ୍ରତ ହେଲା । ଏହାପରେ ସେ ବ୍ଲକର କର୍ମକର୍ତ୍ତାଙ୍କ ସହ ଯୋଗସୂତ୍ର ସ୍ଥାପନ କରି ନିଜର ସିଲେଇ ଦୋକାନ ପାଇଁ ଋଣ ଆଣି ଏହାର ଉନ୍ନତି କରିବା ପାଇଁ ଆଗଭର ହେଲା ।

ଗରିବର ଆଶା ଶେଷରେ ପୂରଣ ହେଲା । ୧୯୮୧ ମସିହାରେ ତାଙ୍କୁ ସମନ୍ୱିତ ଗ୍ରାମ୍ୟ ଉନ୍ନୟନ ଯୋଜନାରେ ସୋନପୁର ଷ୍ଟେଟ ବ୍ୟାଙ୍କରୁ ୩,୦୦ ଟଙ୍କା ଋଣ ମିଳିଲା । ଏହି ଟଙ୍କାରୁ କିଛି ଖର୍ଚ୍ଚ କରି ସେ ଗାଁ ମୁଣ୍ଡରେ ଗୋଟିଏ ଭଲ ଦୋକାନ ଘର ତିଆରି କଲା ଓ ବ୍ୟାଙ୍କ ସାହାଯ୍ୟରେ ଦୁଇଟି ସିଲେଇ ମେସିନ୍ କିଣି ଦୋକାନ୍ ଆରମ୍ଭ କଲା । ଦୁଇ ଭାଇ ନିଜ ଦୋକାନରେ ଲାଗି ପଡ଼ିଲେ ।

## ତେଜିଆଙ୍କ ଭାଗ୍ୟ ତେଜିଲା ....

ଶ୍ରୀ ନୃସିଂହ ଚରଣ ଦାଶ

ତେଜିଆ ପ୍ରଧାନ, ୨୭ ବର୍ଷର ଯୁବକ । ଘର ତାର ବିଣ୍ଡିବ୍ଲକ୍ ଅନ୍ତର୍ଗତ ଉଡୁସୁ ଗ୍ରାମରେ । ବାପା, ମା, ସ୍ତ୍ରୀ ଏବଂ ଦୁଇ ଭାଇ ଭଉଣୀଙ୍କୁ ନେଇ ତା'ର ସଂସାର । ବାପା ମାଙ୍କର ବୃଦ୍ଧାବସ୍ଥା । ଭାଇ ଭଉଣୀ ଦୁଇଟି ଅତି ଛୋଟ । ପରିବାରର ସବୁ କିଛି ଦାୟିତ୍ୱ ତେଜିଆ ଉପରେ । ଉଡୁସୁ ଗ୍ରାମଟି ବିଣ୍ଡିରୁ ପ୍ରାୟ ୮ କି.ମି. ଦୂର ହେବ । ବିଣ୍ଡିସ୍ଥିତ ଏକ କିରାନା (ରାସନ) ଦୋକାନରେ ତେଜିଆ କାମ କରେ । ମଜୁରୀ ଆକାରରେ ଯାହାପାଏ, ସେଥିରେ ସେ ପରିବାର ଭରଣପୋଷଣ କରେ । କିନ୍ତୁ ତା'ର ରୋଜଗାର ଛଅପ୍ରାଣୀଙ୍କୁ ନିଅଣ୍ଟ । ଛୋଟ ଭାଇ ଭଉଣୀ ଦୁଇଜଣଙ୍କୁ ସ୍କୁଲ ପଠାଇବା ତା ପକ୍ଷେ ସମ୍ଭବ ହେଉ ନାହିଁ । ପୁଣି ବାପା ମାଙ୍କ ସ୍ୱାସ୍ଥ୍ୟ ସେତେ ଭଲ ନୁହେଁ । ସବୁଆଡୁ ଚିନ୍ତା ତେଜିଆକୁ ମାଡ଼ି ବସେ । କିପରି ଭଲ ଭାବରେ ଦୁଇପଇସା ରୋଜଗାର କରିପାରିବ ଏହାହିଁ ତା'ର ଚିନ୍ତା । ତେଜିଆ ଯେଉଁ ରାସନ ଦୋକାନରେ କାମକରେ ସେହି ଦୋକାନକୁ ଅନେକ ସମୟରେ ସଉଦା ପାଇଁ ବ୍ଲକର କର୍ମଚାରୀମାନେ ଆସିଥାନ୍ତି । ଦିନେ ବ୍ଲକ୍‌ର କୌଣସି କର୍ମଚାରୀ କହିଲେ ଦୋକାନ କରିବାକୁ ସରକାର ସାହାଯ୍ୟ ଦେଉଛନ୍ତି । ଏହି କଥାଶୁଣି ତେଜିଆ ସୁବିଧା ଦେଖି ବ୍ଲକ୍ ଅଫିସକୁ ଯାଇ ବି.ଡି.ଓ.ଙ୍କୁ ଦେଖାକରି ତା'ର ସବୁ ଦୁଃଖ ଜଣାଇଲା । ତେଜିଆର ଭାଗ୍ୟ ତେଜିୟାନ ହୋଇ ଉଠିଲା । ଆବଶ୍ୟକ ତଦନ୍ତ ପରେ ୧୯୮୪–୮୫ ବର୍ଷରେ ତାକୁ ସମନ୍ୱିତ ଗ୍ରାମ୍ୟ ବିକାଶ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ଏକ କିରାନା (ରାସନ) ଦୋକାନ ପାଇଁ ଋଣ ଯୋଗାଇ ଦିଆଗଲା । ମୋଟ ତିନିହଜାର ଟଙ୍କା ତାକୁ ପ୍ରଦାନ କରାଗଲା । ଆଇ.ଆର.ଡି. ଯୋଜନା ଅନୁସାରେ ସେ ପନ୍ଦରଶହ ଟଙ୍କା ଛାଡ ପାଇଲା । ଅବଶିଷ୍ଟ ପନ୍ଦରଶହ ଟଙ୍କା ପରିଶୋଧ କରିବାକୁ ପଡ଼ିବ । ଏଥିପାଇଁ ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ବିଣ୍ଡିଶାଖା ସହଯୋଗ କରିଥିଲେ ।

ଉଡୁସୁ ଗାଁରେ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ରହିଛି । ସେଠାରେ ଆଗରୁ କୌଣସି କିରାନା ଦୋକାନ ନଥିଲା । ତେଜିଆ ନିଜଗାଁ ଉଡୁସୁରେ କିରାନା ଦୋକାନ କଲା । ତା'ର ଉତ୍ସାହ ଉଦ୍‌ଯୋଗ ଫଳରେ ଅଧିକାଂଶ ଋଣ ଟଙ୍କା ପ୍ରାୟ ପରିଶୋଧକରିସାରିଲାଣି । ପ୍ରତିଦିନ ମୋଟ ବିକ୍ରି ବଟାରୁ ପଚିଶ/ତିରିଶ ଟଙ୍କା ସେ ପାଇଥାଏ । ଏବେ ସେ ଅଞ୍ଚଳରେଅଧିକାଂଶ ଲୋକ ନିତ୍ୟବ୍ୟବହାର୍ଯ୍ୟ ଜିନିଷପତ୍ର ସବୁ ତେଜିଆ ଦୋକାନରୁ ନେଇଥାନ୍ତି । ସେମାନଙ୍କୁ ବିଣ୍ଡି ଆସିବାକୁ ପଡେନାହିଁ । ତେଜିଆ ଦୋକାନର କଳେବର ଏବଂ ଜିନିଷପତ୍ର ଅନେକ । କ୍ରମଶଃ ବୃଦ୍ଧି ... ବାପା ମାଙ୍କୁ ଔଷଧ ଯୋଗାଇ ପାରୁଛି । ତା'ର ଦୃଢ ବିଶ୍ୱାସ ଭାଇ ଭଉଣୀ ...

ସହାୟ୍ୟ କରେ । ସରକାରଙ୍କ ଯୋଜନା ଫଳରେ ତେଜିଆର ଆର୍ଥିକ ପରିସ୍ଥିତି ସ୍ୱଚ୍ଛଳ ଏବଂ ଦୃଢ଼ ହୋଇପାରିଛି । ତେଜିଆ ତା'ର ସାଙ୍ଗ ସାଥୀମାନଙ୍କୁ ଉନ୍ନୟନ ସ୍ରୋତରେ ମିଶିବା ପାଇଁ ଆହ୍ୱାନ କରେ । ତେଜିଆର ସଂସାର ଆଜି ସୁଖ ଶାନ୍ତିରେ ଭରପୂର ।

ଜିଲ୍ଲା ସୂଚନା ଓ ଲୋକ ସଂପର୍କଅଧିକାରୀ,
ରାଉରକେଲା ।

## ମାଛ ସଭିଙ୍କର ପ୍ରିୟ . . .

ମାଛ ସମସ୍ତଙ୍କର ପ୍ରିୟ ଖାଦ୍ୟ । ହେଲେ ସୁବିଧା ଅନୁଯାୟୀ ମାଛ ସେତେ ପରିମାଣରେ ମିଳେ ନାହିଁ । ଢେଙ୍କାନାଳ ଜିଲ୍ଲା ପାଲଲହଡ଼ା ସବ୍‌ଡିଭିଜନର ଗାଁ ଗହଳରେ ସେହିଭଳି ଅବସ୍ଥା । ପାହାଡ଼ିଆ ଅଞ୍ଚଳ । ନିକଟରେ ରେଙ୍ଗାଲୀ ବନ୍ଧ ଯୋଜନା ଓ ମାଙ୍କଡାନାଳ ରହିଥିଲେ ମଧ୍ୟ ମଛ ବିଶେଷ ମିଳେ ନାହିଁ । ଏପରି ଅବସ୍ଥାରେ ଢେଙ୍କାନାଳ ମତ୍ସ୍ୟଚାଷୀ ଉନ୍ନୟନ ସଂସ୍ଥା, ପାଲଲହଡାର ମତ୍ସ୍ୟ ସଂପ୍ରସାରଣ ଅଧିକାରୀଙ୍କ ଉଦ୍ୟମରେ ବହୁଳ ମାଛଚାଷ ଉଦ୍ଦେଶ୍ୟରେ ଅନେକ ଗାଁର ପୋଖରୀ, ବନ୍ଧ ହାତକୁ ନେଲେ । ତା' ମଧ୍ୟରୁ ମୁଣ୍ଡୁରିବେଡା ଉପର ବନ୍ଧ ପଞ୍ଚାୟତ ପୋଖରୀ ଅନ୍ୟତମ । ପୋଖରୀର ଆୟତନ ପ୍ରାୟ ଦେଢ ଏକର । ଏହି ପୋଖରୀରେ ମାଛଚାଷ କରିବା ପାଇଁ ସରକାରଙ୍କ ତରଫରୁ ସବୁପ୍ରକାରର ସହାଯ୍ୟ ଯୋଗାଇ ଦିଆଗଲା ।

ସେହି ଗାଁର ୩ଜଣ ଜମିହୀନ ବ୍ୟକ୍ତି ସର୍ବଶ୍ରୀ କୃପାସିନ୍ଧୁ ବେହେରା, ପତ୍ରାକର କିଷାନ ଓ ଦୋଳଗୋବିନ୍ଦ ଦାସଙ୍କୁ ୧୯୮୩-୮୪ ମସିହାରେ ଦାରିଦ୍ର୍ୟ ଲୋକଙ୍କ ଅର୍ଥନୈତିକ ଥଇଥାନ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ଖମାର ଠାରେ ୧୦ ଦିନ ପାଇଁ ମାଛଚାଷ ଉପରେ ତାଲିମ୍ ଦିଆଗଲା । ସେମାନଙ୍କୁ ୮୦ ଟଙ୍କା ଲେଖାଏଁ ତାଲିମ୍ ଭତ୍ତା ଦିଆଗଲା । ଏହି ସମୟ ମଧ୍ୟରେ ସରକାରଙ୍କ ତରଫରୁ ପୋଖରୀ ପ୍ରସ୍ତୁତ ପାଇଁ ୧୩,୮୦୦ ଟଙ୍କା ବ୍ୟୟରେ ପଙ୍କୋଦ୍ଧାର ଓ ଆନୁଷଙ୍ଗିକ କାର୍ଯ୍ୟ କରାଗଲା । ୧୬୨ ଟଙ୍କାରେ ଦେଢ଼ କ୍ୟୁଇଣ୍ଟାଲ ଚୂନ, ୩୦୦ ଟଙ୍କାର ଗୋବର, ୮୦.୫୦ ଟଙ୍କାରେ ୟୁରିଆ ଓ ସୁପରସାର, ୨୮.୫୦ ଟଙ୍କାରେ ବାଦାମ ପିଡ଼ିଆ, ୪୦୯.୦୯ ଟଙ୍କାରେ କୁଣ୍ଡା ଉପଯୋଗ କରାଯାଇ ୨୪୭୫.୦୦ ଟଙ୍କା ମୂଲ୍ୟର ୪ ହଜାର ରୋହି, ଭାକୁର ଓ ମିରିକାଳି ଯାଆଁଳା ଛଡାଗଲା । ଉପରୋକ୍ତ ୩ ଜଣ ବ୍ୟକ୍ତିଙ୍କୁ ରକ୍ଷଣାବେକ୍ଷଣା ଦାୟିତ୍ୱରେ ରଖାଗଲା

ସାତମାସ ପରେ ଅର୍ଥାତ୍ ୧୯୮୫ ମାର୍ଚ୍ଚ ମାସରେ ମାଛ ଧରାଯାଇ ବିକ୍ରୀ କରାଗଲା । ମୋଟରେ ୫,୪୦୬ ଟଙ୍କା ମିଳିଲା । ସେଥିମଧ୍ୟରୁ ୩୦୦ ଟଙ୍କା ପଞ୍ଚାୟତ ପାଇଲା ଏବଂ ଅବଶିଷ୍ଟ ଟଙ୍କାକୁ ୩.ଜଣ ଯାକ ବାଣ୍ଟି ନେଲେ । ଏଥିମଧ୍ୟରେ କୃପାସିନ୍ଧୁ ଗୋଟିଏ ସାଇକେଲ ମରାମତି ଦୋକାନ ଖୋଲିଛନ୍ତି । ଆଗରୁ ଏମାନେ ମୂଲଲାଗି ପେଟ ପୋଷୁଥିଲେ କିନ୍ତୁ ଏବେ ସେମାନଙ୍କ ହାତରେ ଦୁଇ ପଇସା ହେଲାଣି । ସେମାନେ ମାଛଭାତ ଖାଇ ଭଲରେ ଅଛନ୍ତି ଏବଂ ଆଖପାଖ ଗାଁର ଲୋକମାନେ ମଧ୍ୟ ପୋଖରୀରୁ ଉପକୃତ ହେଉଛନ୍ତି ।

ଅନୁବିଭାଗୀୟ ସୂଚନା ଓ ଲୋକ ସଂପର୍କ ଅଧିକାରୀ,
ପାଲଲହଡ଼ା ।

## ଗୁଣ୍ଡିଗ୍ରୁଙ୍କ ମେଷ ପାଳନ . . .

ଶ୍ରୀ ଗୁରୁପ୍ରସାଦ ମହାପାତ୍ର

କଟକ ଜିଲ୍ଲା ଆଠଗଡ ସବ୍‌ଡିଭିଜନ୍ ଅନ୍ତର୍ଗତ ଟିଗିରିଆ ବ୍ଲକ୍‌ରେ ସାନନାରପୁର ଗୋଟିଏ ଗାଁ । ଏହି ଗାଁର ଶ୍ରୀ ଗୁଣ୍ଡିଗ୍ରୁ ନାଏକ ଜଣେ ଭୂମିହୀନ ଶ୍ରମିକ । ସାତପ୍ରାଣୀ କୁଟୁମ୍ବକୁ ଦିନ ମଜୁରୀ ଲାଗି ସେ [illegible] ୨ଟି ଝିଅ ଓ ୨ଟି ପୁଅ ।

ଭଦ୍ର ପାଳିରେ ମୂଲ ମଜୁରୀ ମିଳେ, ନ ହେଲେ କୁଟୁମ୍ବ ଉପାସ ରୁହନ୍ତି । ତାଙ୍କର ସ୍ଥାବରଜମି କିଛି ନାହିଁ । ଘରଡ଼ିହ ମାତ୍ର ୧୫ ଡିସିମିଲ୍ । ବଣ ଜଙ୍ଗଲ ସବୁ କଟିଯିବାରୁ ଆଉ ଫଳମୂଳ ମିଳୁନି । ଗାଁର ଲୋକେ ତାଙ୍କ ଅବସ୍ଥା ଦେଖି ଗ୍ରାମ ସଭାରେ ଗ୍ରାମ୍ୟ ଦରିଦ୍ରତମ ପରିବାରଙ୍କ ପୁର୍ନବସତି ଯୋଜନାରେ ତାଙ୍କୁ ବାଛିଲେ । ସେ ଆଠଗଡ଼ ଭାରତୀୟ ଷ୍ଟେଟ ବ୍ୟାଙ୍କରୁ ୧୯୮୨-୮୩ ମସିହା ଅପ୍ରେଲ ୪ ତାରିଖରେ ୨ ହଜାର ଟଙ୍କା ଋଣ ନେଇ ୯ଟି ମେଣ୍ଢି ଓ ଗୋଟିଏ ମେଣ୍ଢା ସହ ମେଣ୍ଢାୟୁନିଟ୍ କିଣି ଆଣିଲେ । ଶ୍ରୀ ନାୟକ ମଜୁରୀ ଲାଗୁଥିଲା ବେଳେ ତାଙ୍କ ସ୍ତ୍ରୀ ଏ ମେଣ୍ଢିଗୁଡ଼ିକର ଜଗାରଖା କରି ଚରାଇଲେ ଏବଂ ୩ ବର୍ଷ ମଧ୍ୟରେ ୮ଟି ମାଈ ଓ ୨୭ଟି ଅଣ୍ଡିରାଏପରି ମୋଟ୍ ୩୫ଟି ଛୁଆ ପାଇଛନ୍ତି ଓ ସେଥିରୁ ୨ଟି ମାଈ ଛୁଆ ମରିଗଲେ । ବାକି ୨ଟି ପୁରୁଣା ମେଣ୍ଢୀ ଗୋଟିଏ ମେଣ୍ଢା ଓ ୨୬ଟି ଅଣ୍ଡିରା ଛୁଆ ବିକ୍ରୀକରି ୩ବର୍ଷ ମଧ୍ୟରେ ଶ୍ରୀ ନାୟକ ୩,୯୫୫ ଟଙ୍କା ପାଇଛନ୍ତି ଓ ଋଣ ଅଂଶ ସମ୍ପୂର୍ଣ ପରିଶୋଧ କରିପାରିଛନ୍ତି । ଗୋଟିଏ ମେଣ୍ଢା ମରିଯିବା ବାବଦ୍ ବୀମା ଟଙ୍କା ମଧ୍ୟ ସେ ପାଇଛନ୍ତି । ତାଙ୍କ ପରିବାର ବର୍ତ୍ତମାନ ମୂଲ ନମିଳିବା ଦିନ ଆଉ ଉପାସ ରହୁ ନାହାନ୍ତି । ପିଲାମାନେ ଏବେ ସୁସ୍ଥ ସବଳ ଅଛନ୍ତି । ତାଙ୍କ ପାଖରେ ବର୍ତ୍ତମାନ ୭ଟି ବଡମେଣ୍ଢା ଓ ୮ଟି ଛୁଆ ଅଛନ୍ତି । ଏହି ମେଣ୍ଢା ବିକ୍ରୀ ଧନରୁ ସେ ନିଜେ ୧୦ଟି ଛେଳିର ଗୋଟିଏ ଛୋଟ ଗୋଠ ମଧ୍ୟ କଲେଣି । ସରକାରଙ୍କ ତରଫରୁ ତାଙ୍କ ନିଜ ରହିବା ପାଇଁ ପକ୍କା ଘର ଯୋଗାଯାଇଛି । ସେ ବର୍ତ୍ତମାନ ଜଣେ ସୁଖୀ ଗୃହୀ । ପ୍ରକୃତରେ କହିବାକୁ ଗଲେ ଇ:ଆର:ଆଇ:ପି: ଯୋଜନା ତାଙ୍କ ଭାଗ୍ୟ ବଦଳାଇ ଦେଇଛି ଏବଂ ସେ ତାଙ୍କ କୁଟୁମ୍ବ ସହିତ ସୁଖରେ ଦିନ କାଟୁଛନ୍ତି ।

ସୂଚନା ଅଧିକାରୀ, ରାଜ୍ୟ ସଚିବାଳୟ,
ଭୁବନେଶ୍ୱର ।

## ଝିଙ୍କୁରୁଙ୍କ ଛେଳିପାଳନ . . .

ଶ୍ରୀ ବ୍ରଜସୁନ୍ଦର କରସୁଧା ପଟ୍ଟନାୟକ

କୋରାପୁଟ ଜିଲ୍ଲା ବୋରିଗୁମ୍ମା ତହସିଲ ଅନ୍ତର୍ଗତ ଜୟପୁର ପଞ୍ଚାୟତ ସମିତିର ଦଣ୍ଡସେନାଗୁଡା ଗ୍ରାମ । ଏହି ଗାଁର ସ୍ୱର୍ଗୀୟ ସଦା ମୁଦୁଲିଙ୍କ ପୁଅ ଝିଙ୍କୁରୁ ମୁଦୁଲି । ଜାତିରେ ପରଜା । ଜନ୍ମରୁ ଦୁଃଖୀ । ହେତୁ ହେଲା ଦିନଠାରୁ ମଜୁରୀ ଲାଗି ପେଟ ପୋଷେ । କିଛିଦିନ ଗୋତି ଖଟିବା ପରେ ପୁଣି ଫେରି ଆସେ ଦିନ ମଜୁରୀକୁ । ଦୁଃଖ ନାଶନ ପାଇଁ ଭଗବାନଙ୍କ ନିକଟରେ ମିନତୀ ଜଣାଏ ।

ସରକାରଙ୍କ ତରଫରୁ ବିଂଶସୂତ୍ରୀ କାର୍ଯ୍ୟକ୍ରମ ଆରମ୍ଭ ହେଲା । ୧୯୮୦-୮୧ ମସିହାରେ ଅଧାସରକାରୀ ପଞ୍ଚବଟୀ ଗ୍ରାମ୍ୟବ୍ୟାଙ୍କର ମ୍ୟାନେଜରଙ୍କ ସହାୟତାରେ ତାଙ୍କୁ ୪ଶହ ଟଙ୍କା ମୂଲ୍ୟରେ ୩ଟି ମାଈଛେଳି ମିଳିଲା । ଛେଳି ପାଇବା ପରେ ସେ ଆନନ୍ଦ ତଥା ଆଦରରେ ସେଗୁଡ଼ିକର ଲାଳନପାଳନ କରିବାକୁ ଲାଗିଲା । କ୍ରମଶଃ ବଢ଼ିରୁ ୧୫ଟି ଛେଳି ହୋଇଥିଲା । ସେଥିରୁ ୫ଟି ଛେଳି ବାଘ ଖାଇଯିବା ପରେ ସେ ଅବଶିଷ୍ଟ ଛେଳିକୁ ବିକ୍ରୟ କରି ବ୍ୟାଙ୍କ ଋଣ ପରିଶୋଧ କରି ସାରିଛନ୍ତି ଏବଂ ୯ଶହ ଟଙ୍କାରେ ନିଜ ପରିବାର ପାଇଁ ଲୁଗାପଟା ବାବଦରେ ଖର୍ଚ୍ଚ କରିଥିଲେ । ବର୍ତ୍ତମାନ ତାଙ୍କ ନିକଟରେ ଆହୁରି ୩ଟି ମାଈ ଛେଳି ରହିଛି । ଛେଳି ପରିବାର ଚଳାଇବା ପାଇଁ ଝିଙ୍କୁରୁ ଓ ତା ସ୍ତ୍ରୀ ଲାଗି ପଡ଼ିଛନ୍ତି । ପରିବାର ପୋଷଣ ପାଇଁ ଛେଳି ପାଳନକୁ ଧନ୍ଦାରୂପେ ଗ୍ରହଣ କରି ଝିଙ୍କୁରୁଙ୍କ ସଂସାରରୁ ନୈରାଶ୍ୟ ଲୋପ ପାଇଛି ।

ମଣ୍ଡଳ ସଂଗଠକ, ପଲ୍ଲୀ ଶ୍ରୋତା ମଣ୍ଡଳୀ,
ଜୟପୁର ।

## ଗଙ୍ଗାଧରଙ୍କ ଦୁଧିଆଳୀ ଗାଈ . . .

କୋରାପୁଟ ଜିଲ୍ଲା ତେନ୍ତୁଳି ଖୁଣ୍ଟି ବ୍ଲକ୍ ଅନ୍ତର୍ଗତ ପୂଜାରୀଗୁଡା ଗ୍ରାମର ଶ୍ରୀ ଗଙ୍ଗାଧର ସିଂ ଜଣେ ନାମମାତ୍ର ଚାଷୀ । ନିଜର ଅଢେଇ ଏକର ଚାଷ ଜମିରେ ବର୍ଷକରେ ଥରେ ଫସଲ କରି ସେ ମାତ୍ର ୧୭୬୦ ଟଙ୍କା ମୂଲ୍ୟର ଧାନ ପାଏ । ସେତକ ତା'ର ପରିବାର ପାଇଁ ବାର୍ଷିକ ଭରଣପୋଷଣ ସକାଶେ ନିଅଣ୍ଟ । ବର୍ଷର ଅନ୍ୟ ସମୟରେ ଅନ୍ୟମାନଙ୍କ ଜମିରେ ମୂଲ ଲାଗି ସେ ନିଜର ଗୁଜୁରାଣ ମେଣ୍ଟାଏ । ସାତଜଣ କୁଟୁମ୍ବଙ୍କୁ ନେଇ ବଡ ଦୁଃଖରେ କାଳାତିପାତ କରିବାକୁ ସେ ବାଧ୍ୟ ହୁଏ ।

ସମୟ ସବୁଦିନେ ସମାନ ଯାଏନା । ୧୯୮୩ ନଭେମ୍ବର ୨୮ ତାରିଖରେ ଶ୍ରୀ ସିଂହଙ୍କୁ ସରକାରଙ୍କର ଦାରିଦ୍ର୍ୟ ଦୂରୀକରଣ ଯୋଜନାରେ ବଛାଯାଇ ଗୋଟିଏ ଦୁଧିଆଳୀ ଗାଈ ଯୋଗାଇ ଦିଆଗଲା । ଗଙ୍ଗାଧର ଗାଈଟିର ଯତ୍ନ ନେବାରେ ଲାଗିପଡ଼ିଲା । ସେ ପ୍ରତିଦିନ ୭ ଲିଟର କ୍ଷୀର ପାଏ । ସେ କ୍ଷୀର ବିକ୍ରୟ କରି ଦୈନିକ ୧୮ ଟଙ୍କା ପାଏ । ସେଥିମଧ୍ୟରୁ ଗାଈର ଦାନା ବାବଦରେ ତା'ର ୬ ଟଙ୍କା ଖର୍ଚ୍ଚ ହୁଏ ଓ ଅବଶିଷ୍ଟ ଟଙ୍କାରେ ନିଜର କୁଟୁମ୍ବ ଚଳାଏ । ଗାଈର ଯତ୍ନ ନେବା ଯୋଗୁଁ କ୍ଷୀର ପରିମାଣ କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି ।

ପୂର୍ବରୁ ଚାଷକାମ କରିବା ପାଇଁ ତାଙ୍କୁ ଋଣ କରିବାକୁ ପଡୁଥିଲା । ସେ ବର୍ତ୍ତମାନ ଚାଷକାମ ପାଇଁ ଆଉ ଋଣ କରୁନାହାନ୍ତି । ବରଂ ନିୟମିତ କିଛି କିଛି ସଞ୍ଚୟ କରୁଛନ୍ତି ଏବଂ ଗାଈ ଋଣ ୧୦୦ ଟଙ୍କା ହିସାବରେ ପରିଶୋଧ କରିଛନ୍ତି । ଆଜି ତାଙ୍କ ମନରୁ ନୈରାଶ୍ୟର ଅନ୍ଧକାର ଅପସରି ଯାଇଛି ଏବଂ ଆଶାର ଆଲୋକ ନେଇ ସେ ଆଜି ଦାରିଦ୍ର୍ୟ ବିରୁଦ୍ଧରେ ସଂଗ୍ରାମ କରିବାକୁ ସଂକଳ୍ପବଦ୍ଧ ।

## ଧନୁଙ୍କ ସୁନା ସଂସାର . . .

ଶ୍ରୀ ବିବେକାନନ୍ଦ ମିଶ୍ର

କୋରାପୁଟ ଜିଲ୍ଲାର ନବରଙ୍ଗପୁର ଉପଖଣ୍ଡ ଅନ୍ତର୍ଗତ ପାପଡାହାଣ୍ଡି ବ୍ଲକ୍‌ର ଏକ ଗ୍ରାମ ପଞ୍ଚାୟତ ମୈଦଲପୁର । ଏହା କୋରାପୁଟ ଓ କଳାହାଣ୍ଡି ସୀମାରେ ଅବସ୍ଥିତ । ଏହି ମୈଦଲପୁର ପଞ୍ଚାୟତର ଗୋଟିଏ କ୍ଷୁଦ୍ର ଆଦିବାସୀ ପଲ୍ଲୀ "ଚରାମୂଳା" । ଏହି ଗାଁର ଶ୍ରୀ ଧନୁମାଝୀ ଜଣେ ଭୂମିହୀନ ଶ୍ରମିକ ମାତ୍ର । ସ୍ୱାମୀ, ସ୍ତ୍ରୀ, ଚାରିପୁଅ ଓ ଦୁଇ ଝିଅ ମିଶି ଆଠ ପ୍ରାଣୀ କୁଟୁମ୍ବ । କୁଲି ଭୂତି କରି ସେ ଯାହା ପାଏ, ତହିଁରେ ପରିବାରର ଭରଣପୋଷଣ ଅତିକଷ୍ଟସାଧ୍ୟ ହୋଇପଡେ । ଦୁଃଖ କଷ୍ଟରେ ଦିନ ଅତିବାହିତ କରିବା ଛଡା ତାଙ୍କର ଅନ୍ୟ ଉପାୟ ନଥାଏ ।

ତେବେ ଅନ୍ଧକାର ରାତ୍ରିର ପରମୁହୂର୍ତ୍ତରେ ଯେପରି ଉଷାର ପ୍ରକାଶ ହୁଏ, ସେହିଭଳି ଧନୁଙ୍କ ଦୁଃଖ ଅପସରି ଯାଇ ସୁଖର ସଂସାର ସମ୍ଭବ ହୋଇ ପାରିଛି ସରକାରଙ୍କ (ଇ.ଆର.ଆର.ପି.) ଗ୍ରାମାଞ୍ଚଳ ଦରିଦ୍ର ପରିବାରଙ୍କ ଅର୍ଥନୈତିକ ଉତ୍‌ଥାନ ଯୋଜନା ଦ୍ୱାରା ।

ଧନୁମାଝୀଙ୍କ ଗରିବ ଅବସ୍ଥା ଦିନେ ଦୃଷ୍ଟି ଆକର୍ଷଣ କଲା ପାପଡ଼ାହାଣ୍ଡି ବ୍ଲକର । ଶ୍ରୀ ଧନୁମାଝୀ ଚିହ୍ନଟ ହେଲେ ଦରିଦ୍ର ପରିବାରଙ୍କ ମଧ୍ୟରୁ ଜଣେ ୧୯୮୩ ମସିହାରେ । ବ୍ଲକ ଅଧିକାରୀଙ୍କ ପରାମର୍ଶ କ୍ରମେ ସେ ସାହସ ବାନ୍ଧିଲେ ମତ୍ସ୍ୟଚାଷ ଯୋଜନାରେ ନିଜକୁ ସାମିଲ କରିବା ପାଇଁ । ମୈଦଲପୁର ପଞ୍ଚାୟତର ଏକ ପୋଖରୀ "କଚୁରୀ ଧୂଆବନ୍ଧ" । ଧନୁଙ୍କୁ ଦଶବର୍ଷ ପାଇଁ ଏହି ପୋଖରୀଟି ଲିଜ୍ ସ୍ୱରୂପ ମତ୍ସ୍ୟଚାଷ ନିମନ୍ତେ ଦିଆଗଲା । ପୋଖରୀ ପ୍ରସ୍ତୁତି ଏବଂ ମାଛ ଜାଅଁଳ ବାବଦକୁ ସେ ପାଇଲେ ଏକ ହଜାର ଟଙ୍କା । ଏଥି ନିମନ୍ତେ ତାଙ୍କୁ କୌଣସି ଋଣ ପରିଶୋଧ କରିବାକୁ ହେବ ନାହିଁ । ସେ ମାଛଚାଷ ପାଇଁ ପୁରା ରିହାତି ପାଇଥିଲେ । ବ୍ଲକ୍ ଅଧିକାରୀ ମାଛ ଜାଅଁଳ ଯୋଗାଡ଼ କରି ଯୋଗାଇ ଦେଲେ । ମାଛ ଚାଷ କ'ଣ ସେତ ଜାଣନ୍ତି ନାହିଁ । ମାଛ ବଢ଼ି ବଡ ହେବା ପାଇଁ [illegible] ଶ୍ରୀ ମାଝୀ ଧୈର୍ଯ୍ୟ ହରାଇବେ, ଏଣେ ପୋଖରୀକୁ ତଦାରଖ ନକରି ଅବହେଳା କଲେ ମାଛ ଚୋରୀ ହେବା ସମ୍ଭାବନା ବେଶୀ, ପୁଣି ସେ ଏହି ସମୟ ପାଇଁ କିଛି ରୋଜଗାର ନକଲେ ଚଳିବା କଷ୍ଟ ହୋଇ ପଡ଼ିବ, ଏସବୁକୁ ବିଚାରକୁ ନେଇ ବି.ଡି.ଓ. ତାଙ୍କୁ ପ୍ରେରଣା ଦେଲେ ବନ୍ଧ ଉପରେ ବିଭିନ୍ନ ପନି ପରିବା, ଲଙ୍କା, ମାଣ୍ଡିଆ, ମକ୍କା ଇତ୍ୟାଦି ଚାଷ କରିବା ପାଇଁ । ତାଙ୍କୁ ଉନ୍ନତ ପପେୟା, କଦଳୀ ଓ ଅନ୍ୟାନ୍ୟ ପନିପରିବା ବିହନ ଯୋଗାଇ ଦିଆଗଲା । ପୋଖରୀ ବନ୍ଧରେ ଏହି ସମସ୍ତ ଚାଷ ଧନୁମାଝୀ ଆରମ୍ଭ କରିଦେଲେ । ପାଣି ତ ହାତ ପାଖରେ । ତେଣୁ ମାଛ ଧରିବା ପୂର୍ବରୁ ସେ ପୋଖରୀ ବନ୍ଧୁରୀ ବିଭିନ୍ନ ପନିପରିବା, ଲଙ୍କା ଇତ୍ୟାଦି ବିକ୍ରି କରିବା ଆରମ୍ଭ କରି ଦେଲେ । ସେ ଏସବୁ ବାବଦରେ ପ୍ରାୟ [illegible] ପାଇଗଲେ ୫୦୦ ଟଙ୍କା । ମାଛ ମାରିବା ବେଳ ଆସିଲା । ପ୍ରଥମ ବର୍ଷର ମତ୍ସ୍ୟ ଚାଷରୁ ସେ ୧,୫୦୦ ଟଙ୍କା ପାଇଲେ । ସେଥିମଧ୍ୟରୁ ସେ ଏକ ହଜାର ଟଙ୍କା ବ୍ୟାଙ୍କରେ ପାଶ୍ ବହି ଖୋଲି ଜମା କରିଦେଲେ । ପୋଖରୀ ଲିଜ୍ ବାବାଦକୁ ଗ୍ରାମ ପଞ୍ଚାୟତକୁ ଏକଶତ ଟଙ୍କା ଦେଲେ । ହାତରେ ଦୁଇ ପଇସା ହେବାରୁ ଧନୁଙ୍କୁ କିଛି ବୁଦ୍ଧି ଦିଶିଲା । ସେ ୩୦୦ ଟଙ୍କା ଦେଇ ଅଧ ଏକର ଜମି ବନ୍ଧକ ରଖିଲେ । ସେ ପୁଣି ଜମି ଚାଷ କରିବା ପାଇଁ ସଞ୍ଚିତ ଅର୍ଥରୁ ୮୫୦ ଟଙ୍କା ଦେଇ ଲଙ୍ଗଳ ଓ ବଳଦ ହଳେ କିଣିଲେ । ସେ ଚାଷ ଜମିରୁ ବର୍ଷକୁ ତିନି ବସ୍ତା ଧାନ ପାଉଛନ୍ତି । ମାଣ୍ଡିଆ ମଧ୍ୟ କିଛି ପାଉଛନ୍ତି । ଏଣେ ପୋଖରୀ ବନ୍ଧରେ ବିଭିନ୍ନ ଚାଷ ମଧ୍ୟ ଚାଲିଛି ।

ସେ ୧୯୮୩ରୁ ୧୯୮୫ ବର୍ଷ ମଧ୍ୟରେ ମାଛ ଚାଷରୁ ପ୍ରାୟ ୩,୦୦୦ ଟଙ୍କା ପାଇଲେଣି । ଏବର୍ଷ ମଧ୍ୟ ସେ ମାଛ ଜାଅଁଳ ଛାଡ଼ିଛନ୍ତି । ବର୍ତ୍ତମାନ ପରିବାରର ସମସ୍ତେ ଖାଇବା ଓ ପିନ୍ଧିବାର କୌଣସି ଅଭାବ ଅନୁଭବ କରୁ ନାହାନ୍ତି ବୋଲି ସେ ମତବ୍ୟକ୍ତ କରନ୍ତି । ନିଜେ ମାଛଚାଷ ଓ କ୍ଷେତରେ ସେମାନେ ଖୁସିରେ କାମ କରି ଚାଲୁଛନ୍ତି । କ୍ରମଶଃ ସେ ଘରର ଆସବାବପତ୍ର, ପିଲାଙ୍କ ପାଇଁ ଭଲ ଲୁଗାପଟା କ୍ରୟ କରିବାକୁ ସକ୍ଷମ ହୋଇଛନ୍ତି । ନିଜ ପୁଅକୁ ସ୍କୁଲରେ ଛାଡ଼ିବା, ବଡ ପୁଅ ଝିଅଙ୍କ ବିବାହ ପାଇଁ ପ୍ରସ୍ତୁତ ହେଉଛନ୍ତି । ମନରେ ଅଦମ୍ୟ ସାହସ ଓ ମୁହଁରେ ହସର ଲହରୀ । ସେ କହନ୍ତି ସରକାରଙ୍କ ଯୋଜନା ତାଙ୍କ ପାଇଁ ଆଣି ଦେଇଛି ସୁନାର ସଂସାର ।

ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ,
କୋରାପୁଟ ।

## ହଜାରେ ନୁହେଁ—ପଚିଶ ହଜାର ...

ଶ୍ରୀ ଅଚ୍ୟୁତାନନ୍ଦ ଜେନା

କଟକ ଜିଲ୍ଲା କେନ୍ଦ୍ରାପଡ଼ା ସବ୍‌ଡିଭିଜନ ଅନ୍ତର୍ଗତ ରାଜକନିକା ବ୍ଲକର ଗିରିଆ ଗାଁରେ ବିଶ୍ୱନାଥଙ୍କ ଜନ୍ମ । ବାପ, ମାଙ୍କର ଏକୋଇର ନିଶିକେଶନ । ସ୍ନେହ ସୋହାଗରେ ବାଲ୍ୟାବସ୍ଥା କଟିଥିଲେ ହେଁ ଦାରିଦ୍ର୍ୟ ଜନିତ ଅଭାବ ଅନଟନରେ ସେ ନିଷ୍ପେଷିତ ଓ ଜର୍ଜରିତ ହେଉ ଯାଉଥିଲେ । ଭୋକ ଉପାସର ଦାଉ କେତେଦିନ ବା ସେ ସହିବେ ? ଜମିବାଡ଼ି ତ, ଗୁଚେ ନାହିଁ ବିଶ୍ୱନାଥଙ୍କର, ପାଠପଢ଼ାରେ ମଧ୍ୟ ଡୋରି ବନ୍ଧା ହୋଇଥିଲା ବହୁଦିନରୁ ।

ବିଶ୍ୱନାଥ ବର୍ତ୍ତମାନ ୨୯ ବର୍ଷରେ ପଦାର୍ପଣ କଲେଣି । ୬ ଟଙ୍କା ମୂଲ୍ୟରେ ଛଅପ୍ରାଣୀ କୁଟୁମ୍ବ ଚଳିବେ କିପରି ? ଏ ବିଂଶ ଶତାବ୍ଦୀରେ ସେ କ'ଣ ମଣିଷ ପରି ଚଳି ପାରିବେ ନାହିଁ ? ଆଜି ସବୁଜ ବିପ୍ଳବ, ନୀଳ ବିପ୍ଳବ, ଶ୍ୱେତ ବିପ୍ଳବ ପ୍ରଭୃତି ବିଭିନ୍ନ ବିକାଶର ଡାକରା । ସେ ମଣିଷ ପରି ମଣିଷ ହେବ । ଜୀବନ ତାହାର କର୍ମାଭିମୁଖୀ ହେବ । [illegible] ବଢ଼ିବାର ସ୍ୱପ୍ନ ! ୨୦ ଦଫା କାର୍ଯ୍ୟକ୍ରମରେ ସେ ସାମିଲ ହେଲା । ବଞ୍ଚି ରହିବାର ସ୍ୱପ୍ନ ! ସେ ଜୀବନକୁ ପଲ୍ଲବିତ, ପୁଲକିତ ଓ ସାର୍ଥକ କରିବ... ବୃଦ୍ଧ-ପିତା, ମାତା

ଅପସରି ଯିବନାହିଁ । ଗୀତାର ସେହି ମହାନ୍ ବାଣୀ ଉଦିତ ହେଲା ହୃଦୟର ନିଭୃତତମ ଗହ୍ବରରେ "କର୍ମଣ୍ୟେ ବାଧିକାରସ୍ତୁ, ମା ଫଳେଷୁ କଦାଚନ ।"

୧୯୮୫ ଅପ୍ରେଲ ୪ ତାରିଖ । ବିଶ୍ୱନାଥଙ୍କ ଜୀବନର ଏକ ଅବିସ୍ମରଣୀୟ ଦିନ । ସେ ରାଜକନିକା ବ୍ଲକ୍‌ର ଆହ୍ଲାବାଦ ବ୍ୟାଙ୍କରୁ 'ଶିକ୍ଷିତବେକାର' ଯୋଜନାରେ ସାମିଲହୋଇ ୨୫,୦୦୦ ହଜାର ଟଙ୍କା ଋଣ ପାଇଲେ । ଶତକଡା ୨୫ ଛାଡ ମିଳିଲା । ଦୋକାନ ଆରମ୍ଭ କଲେ ନିଜ ଗାଁରେ...।

ବିଶ୍ୱନାଥ ସାହୁ କହନ୍ତି—ଯେତେବେଳେ ଏଇ ଦରିଦ୍ର ଭୂମିହୀନ ପରିବାର ଆର୍ଥିକ ଅନଟନ ଓ ସାମାଜିକ ସ୍ଥିତିରେ ଟଳମଳ, ସେତେବେଳେ ସରକାରଙ୍କର ଏଇ ବେକାର କର୍ମନିଯୁକ୍ତି ଯୋଜନା ତାଙ୍କ ପ୍ରାଣରେ ଭରି ଦେଇଛି ଅସରନ୍ତି ଉତ୍ସାହ, ବଞ୍ଚି ରହିବାର ଦୁର୍ବାର ଇପ୍‌ସା ଓ ଅଟଳ ପ୍ରତିଜ୍ଞା । ଶ୍ରୀ ସାହୁ ବର୍ତ୍ତମାନ ଦୈନିକ ୩୦୦ ଟଙ୍କାରୁ ୪୦୦ଟଙ୍କା ପର୍ଯ୍ୟନ୍ତ ଲୁଗା ବିକ୍ରୟ କରୁଛନ୍ତି । ଲାଭାଂଶ ୩୦ ଟଙ୍କାରୁ ୪୦ ଟଙ୍କା ପର୍ଯ୍ୟନ୍ତ ପାଉଛନ୍ତି ଏବଂ ପରିବାରଟି ସୁରୁଖୁରୁରେ ଚଳି ପାରୁଛନ୍ତି । ବର୍ତ୍ତମାନ ବିଶ୍ୱନାଥ ଋଣ ମୂଳଧନରୁ ୨,୦୦୦ ଟଙ୍କା ପରିଶୋଧ କରି ପାରିଛନ୍ତି ଓ ଆହ୍ଲାବାଦ ବ୍ୟାଙ୍କରେ ନିଜ ନାମରେ ଗୋଟିଏ ପାଶ୍ ବହି ଖୋଲି ୨,୦୦୦ ଟଙ୍କା ଜମା ରଖି ପାରିଛନ୍ତି ।

ବିଶ୍ୱନାଥ ସାହୁ ନିଜର ଲୁଗା ବ୍ୟବସାୟଟିକୁ ବଢ଼ାଇବାକୁ ଦୃଢ଼ ପରିକର । ତାଙ୍କର ସ୍ୱପ୍ନ ଆଜି ସାର୍ଥକ ହୋଇଛି ଓ ଜୀବନର ସୋତ ବଦଳିଛି । ମୁହଁରେ ତାଙ୍କର ହସ ଫୁଟିଛି । ତାଙ୍କର ଅତୀତ ଅତୀତରେ ସମାଧି ନେଇଛି ଓ ବର୍ତ୍ତମାନ ଭିତରେ ସେ ସତ୍ୟଂ, ଶିବଂ, ସୁନ୍ଦରମ୍‌ର ସନ୍ଧାନ ପାଇଛନ୍ତି । ତାଙ୍କ ହୃଦୟରେ ବେଦର ସେହି ବାଣୀ ଶତତ ଝଙ୍କୃତ ହୋଇ ଉଠେ ।

"ସ୍ୱସ୍ତି ପ୍ରଜାଭ୍ୟାଂ ପରିପାଳୟନ୍ତାଂ
ନ୍ୟାୟେନ ମାର୍ଗେଣ ମହୀ ମହୀଶା
ଗୋ ବ୍ରାହ୍ମଣ୍ୟେଭ୍ୟଂ ଶୁଭମସ୍ତୁ ନିତ୍ୟଂ
ଲୋକା ସମସ୍ତା ସୁଖିନୋଃ ଭବନ୍ତୁ" ।

ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ,
ଯାଜପୁର ।

## ଶୃଙ୍ଖଳ ଗଲା ଛିଡ଼ି . . .

ଡକ୍ଟର କେ. ସି. ପାଢ଼ୀ

ଜୟପୁର ଟାଙ୍ଗିଣାଗୁଡା ଗାଁରେ ଅନ୍ଧୁ ପାତ୍ରର ଘର । ଗୋଟି ବନ୍ଧନ ଭିତରେ ତା'ର ଜନ୍ମ । ପରିବାର କହିଲେ ସ୍ତ୍ରୀ ମଙ୍ଗୁଳି ପାତ୍ର ଆଉ ତିନୋଟି ଝିଅ । ନିଜର ଛୁଆପିଲାଙ୍କୁ ଧରି ଜଣେ ଗୋଟି ଶ୍ରମିକ ଭାବେ ସେ ତେଲଲୁଣର ସଂସାର ଚଳେଇ ଆସୁଥିଲା । ସଦାବେଳେ ଭାବେ, ଏମିତି ଗୋଟି ଖଟିଖଟି ତା'ର ଓ ପିଲାମାନଙ୍କର ଜୀବନ ବିତିଯିବ ।

ଓଡ଼ିଶା ସରକାରଙ୍କ କୋଡ଼ିଏ ଦଫା କାର୍ଯ୍ୟକ୍ରମ ଅନୁଯାୟୀ ଅନ୍ଧୁ ପାତ୍ର ଗୋଟିମୁକ୍ତ ହେବା ସଙ୍ଗେ ସଙ୍ଗେ ୨ଟି ମଇଁଷି କିଣିବା ପାଇଁ ଜୟପୁରସ୍ଥିତ ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ଶାଖାରୁ ଋଣ ମଞ୍ଜୁରୀ ପାଇଲା । ତା'ର ସ୍ତ୍ରୀ ଶ୍ରୀମତୀ ମଙ୍ଗୁଳି ପାତ୍ର ନିଜେ ପନିପରିବା ବିକ୍ରିକରି ମଧ୍ୟ ଘର ଚଳେଇବାରେ ସାହାଯ୍ୟ କଲେ ।

ବର୍ତ୍ତମାନ ସେ ସମସ୍ତ ଋଣ ଟଙ୍କା ବ୍ୟାଙ୍କକୁ ପରିଶୋଧ କରିଦେଲେଣି । ମଇଁଷିଙ୍କ ଯତ୍ନ ନେବା ସଙ୍ଗେ ସଙ୍ଗେ ନିଜର ପରିବାରଟି ଖୁବ୍ ଭଲରେ ଚଳୁଛନ୍ତି । ଏମିତି ଜୟପୁର ଅଞ୍ଚଳରେ ଅନେକ ଆଦିବାସୀ ପରିବାର ଋଣ ନେଇ ନିଜର ପରିବାର ମୁହଁରେ ହସ ଫୁଟେଇ ପାରିଛନ୍ତି ।

ବ୍ରାଞ୍ଚ ମ୍ୟାନେଜର୍,
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ,
ଜୟପୁର, କୋରାପୁଟ ।

## ମହୁଲିଗାଁର ସୋନା . . .

ଡକ୍ଟର କେ. ସି. ପାଢ଼ୀ

ବଣ ପାହାଡ ଘେରା କୋରାପୁଟର ମହୁଲିଗାଁରେ ସୋନା ପୁଜାରୀର ଝାଟିମାଟି ଘର । ପିଲାବେଳେ ଗାଁରେ ସ୍କୁଲ ନଥିବାରୁ ପାଠ ବି ଅକ୍ଷର ପଢ଼ି ପାରିଲାନି । ବସନ୍ତ ରୋଗରେ ପଡ଼ି ଭଲବ ଦାଉ ସାଧିଲା ଯେ ଗୋଟିଏ ଆଖି ହରେଇଲା । ସହଜେ ତ ଗରିବ ଆଦିବାସୀ ଜଣେ । ଜମିବାଡ଼ି ସେମିତି କିଛି ନାହିଁ ଯେ ନିଜର ସ୍ତ୍ରୀ ଓ ୩ଟି ପିଲାଙ୍କୁ ଚଳେଇ ନେବ । ଭବିଷ୍ୟତ ପାଇଁ ବ୍ୟସ୍ତ ହୋଇ ଲାଭ କ'ଣ । ଖାଲି, ଢୋକେ ପିଇ ଦଣ୍ଡେ କାଟିବା କଥା । ଏମିତି ତା'ର ଜୀବନ...ସବୁଆଡୁ ନିରାଶା ।


ଯୋଗକୁ ଜୟପୁର ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଫିଲ୍ଡ ଅଫିସରଙ୍କ ସହ ଦିନେ ତା'ର ଦେଖାହେଲା । ରାଜ୍ୟ ସରକାରଙ୍କ କୋଡ଼ିଏ ଦଫା ଅର୍ଥନୈତିକ କାର୍ଯ୍ୟକ୍ରମ ଅନୁଯାୟୀ ଷ୍ଟେଟ୍‌ବ୍ୟାଙ୍କ ସୋନାକୁ ଗୋଟିଏ ମଇଁଷି କିଣିବା ପାଇଁ ଋଣ ଦେଲେ । ଅଧାଅଧି ଋଣ ଶୁଝିଲା ପରେ ଆଉ ଗୋଟିଏ ମଇଁଷି କିଣିବା ପାଇଁ ଋଣ ମିଳିଲା । କିଛିଦିନ ପରେ ମଇଁଷି ଜନ୍ମ କରିବାରୁ ସୋନାର ୪ଟି ମଇଁଷି ହେଲା । ଗୋଟିଏ ମଇଁଷି ବିକ୍ରି କରିଛି ଏବଂ ବର୍ତ୍ତମାନ ୩ଟି ମଇଁଷି ତା'ର ଗୁହାଳେ । ମଇଁଷି କ୍ଷୀର ବିକି ଭଲ ଦି ପଇସା ପାଉଛି । ଆଖିଟିଏ ନଥିଲେ ବୁଢ଼ା ସୋନା ପୁଜାରୀ ଆଜି ଜୀବନରେ ଉନ୍ନତି କରିପାରିଛି ।

ବ୍ରାଞ୍ଚ ମ୍ୟାନେଜର୍,
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ,
ଜୟପୁର, କୋରାପୁଟ

## ଗୋଟି ଶ୍ରମିକ ଥଇଥାନ . . .

ଚଳିତ ଆର୍ଥିକ ବର୍ଷ ଅଗଷ୍ଟ ଶେଷ ସୁଦ୍ଧା ସବୁଜିଲ୍ଲାରେ ୬୬୧ ଜଣ ଆଦିବାସୀ ହରିଜନଙ୍କ ସମେତ ୯୯୪ ଜଣ ଗୋଟି ଶ୍ରମିକଙ୍କୁ ଥଇଥାନ କରାଯାଇଛି ଏବଂ ଏ ବାବଦରେ ୬୧ ଲକ୍ଷ ୫୮ ହଜାର ଟଙ୍କା ବ୍ୟୟ କରାଯାଇଛି । ଉପକୃତ ହୋଇଥିବା ଏହି ଶ୍ରମିକମାନଙ୍କ ମଧ୍ୟରେ କୋରାପୁଟ ଜିଲ୍ଲାର ସର୍ବାଧିକ ୪୫୧ ଜଣ ଏବଂ ତା'ପଛକୁ ବଲାଙ୍ଗୀର ୧୬୯ ଜଣ ଶ୍ରମିକ ଅନ୍ତର୍ଭୁକ୍ତ । ସେହିପରି କଳାହାଣ୍ଡିର ୯୮ ଜଣ, ସୁନ୍ଦରଗଡ଼ର ୮୨ ଜଣ ଓ କେନ୍ଦୁଝରେ ୫୩ ଜଣ ଶ୍ରମିକଙ୍କୁ ଥଇଥାନ କରାଯାଇଛି ।

ଓଡ଼ିଶାରେ ଗୋଟି ଶ୍ରମିକଙ୍କ ଥଇଥାନ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେବା ଦିନଠାରୁ ଗତ ମାସ ଶେଷ ଥଇଥାନ କରାଯାଇଥିବା ଶ୍ରମିକଙ୍କ ସର୍ବମୋଟ୍ ସଂଖ୍ୟା ହେଲା ୩୧ ହଜାର ୨୫୦ ଜଣ । ଏମାନଙ୍କ ମଧ୍ୟରେ ବଲାଙ୍ଗୀର ଜିଲ୍ଲାର ୧୯୧୭ ଜଣ ହରିଜନ ଓ ୧୪୮୫ ଜଣ ଆଦିବାସୀଙ୍କ ସମେତ ସର୍ବାଧିକ ୫୨୬୨ ଜଣ ଗୋଟି ଶ୍ରମିକଙ୍କୁ ଥଇଥାନ କରାଯାଇଛି । ତା'ପଛକୁ କଟକ ଜିଲ୍ଲାରେ ୫୨୨୯ ଜଣ ଶ୍ରମିକ ଥଇଥାନ ହୋଇଛନ୍ତି ଏବଂ ସେମାନଙ୍କ କଲ୍ୟାଣସାଧନ ନିମନ୍ତେ ସର୍ବାଧିକ ୨ କୋଟି ୧ ଲକ୍ଷ ୮୬ ହଜାର ଟଙ୍କା ବିନିଯୋଗ କରାଯାଇଛି । ଥଇଥାନ ହୋଇଥିବା ରାଜ୍ୟର ସମୁଦାୟ ୩୧.୨୫୦ ଜଣ ଶ୍ରମିକଙ୍କୁ ଜୀବୀକାର୍ଜ୍ଜନରେ ବିଭିନ୍ନ ସୁବିଧା ସୁଯୋଗ ଯୋଗାଇ ଦେବା ବାବଦରେ ସର୍ବମୋଟ୍ ୧୦ କୋଟି ୫୨ ଲକ୍ଷ ୧ ହଜାର ଟଙ୍କା ବ୍ୟୟ କରାଗଲାଣି ।




## ଦୁର୍ଘଟଣାଜନିତ ଆର୍ଥିକ ସାହାଯ୍ୟ

ସ୍ୱଳ୍ପ ଆୟକାରୀ ପରିବାରମାନଙ୍କର ଉପାର୍ଜନଶୀଳ ବ୍ୟକ୍ତିଙ୍କର ଦୁର୍ଘଟଣା ବଶତଃ ଦେହାନ୍ତ ହୋଇଗଲେ, ସେମାନଙ୍କୁ କିଛି ଆର୍ଥିକ ସାହାଯ୍ୟ ଦେବା ପାଇଁ ଏକ ଯୋଜନା ଭାରତ ସରକାର ପ୍ରବର୍ତ୍ତନ କରିଛନ୍ତି । ଏପରି କ୍ଷେତ୍ରରେ ଜଣେ ଆତ୍ମୀୟର ବିୟୋଗଜନିତ ଦୁଃଖ ସହିତ ସଂପୃକ୍ତ ପରିବାରକୁ ଅପ୍ରତ୍ୟାଶିତ ଆର୍ଥିକ ସଂକଟ ଭୋଗ କରିବାକୁ ପଡେ । ପରିବାରର ଅନ୍ନ ସଂସ୍ଥାନ କରୁଥିବା ବ୍ୟକ୍ତିର ଅଭାବ କୌଣସିମତେ ପୂରଣ କରିହେବ ନାହିଁ, କିନ୍ତୁ କିଛି ଆର୍ଥିକ ସାହାଯ୍ୟ ଫଳରେ ପରିବାରର ଆର୍ଥିକ ଦୁର୍ଗତି କିୟଦ୍ ପରିମାଣରେ ଲାଘବ ହୋଇପାରେ ଏବଂ ସ୍ଥଳ ବିଶେଷରେ ପରିବାରର ଅନ୍ୟମାନଙ୍କୁ ଅନ୍ନସଂସ୍ଥାନର ବିକଳ୍ପ ବ୍ୟବସ୍ଥା କରିବା ଦିଗରେ କିଛି ଅଧିକ ସାମର୍ଥ୍ୟ ଦେଇପାରେ । ଯେଉଁ ପରିବାରର ମୋଟ୍ ବାର୍ଷିକ ଆୟ ପାଂଚ ହଜାର ଟଙ୍କାରୁ କମ୍, ସେପରି ପରିବାର ଏ ଯୋଜନା ପରିସରଭୁକ୍ତ । ପରିବାରର ରୋଜଗାରୀ ବ୍ୟକ୍ତିର ଦୁର୍ଘଟଣାଜନିତ ବିୟୋଗରେ ତା'ର ରୋଜଗାର ଉପରେ ନିର୍ଭର କରୁଥିବା ବ୍ୟକ୍ତି/ବ୍ୟକ୍ତିମାନଙ୍କୁ ତିନିହଜାର ଟଙ୍କା ସାହାଯ୍ୟ ଦିଆଯିବ । ସାହାଯ୍ୟ ପାଇଁ ମିଳିଥିବା ଆବେଦନପତ୍ର ସେହି ଇଲାକାର ସଂପୃକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ (ବି:ଡ଼ି:ଓ:)ଙ୍କ ଦ୍ୱାରା ମଂଜୁର ହେଲାପରେ ବୀମା କମ୍ପାନୀ ଜରିଆରେ ସାହାଯ୍ୟ ଦିଆଯିବ ।

ଆମ ରାଜ୍ୟର କୋରାପୁଟ, କଳାହାଣ୍ଡି ଓ ବଲାଙ୍ଗୀର ଜିଲ୍ଲାରେ ଗତବର୍ଷ ଅଗଷ୍ଟ ୧୫ ତାରିଖରୁ ଏହି ଯୋଜନାଟି କାର୍ଯ୍ୟକାରୀ ହେଉଛି । ୧୯୮୬ ମସିହା ଅଗଷ୍ଟ ୧୫ ତାରିଖଠାରୁ ଏହି ଯୋଜନାକୁ ଗଞ୍ଜାମ, କେନ୍ଦୁଝର, ମୟୂରଭଞ୍ଜ ଓ ଢେଙ୍କାନାଳ ଜିଲ୍ଲାରେ କାର୍ଯ୍ୟକାରୀ କରିବା ନିମିତ୍ତ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି । ଏହି ଜିଲ୍ଲାମାନଙ୍କରେ ମଣ୍ଡଳ ଉନ୍ନୟନ ଅଧିକାରୀ (ବି:ଡ଼ି:ଓ:) ମାନେ ଆବେଦନପତ୍ର ଗ୍ରହଣ କରିବେ ଓ ବିହିତ ଅନୁସଂଧାନ ପରେ ସାହାଯ୍ୟ ମଂଜୁର କରିପାରିବେ । ନ୍ୟାସ୍‌ନାଲ ଇନ୍‌ସ୍ୟୁରାନ୍‌ସ କମ୍ପାନୀ ଏହି ସାହାଯ୍ୟ ବାବଦରେ ଅର୍ଥ ଯୋଗାଇ ଦେବେ । ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ବୟସ ଅଠରରୁ ପଞ୍ଚାବନ ମଧ୍ୟରେ ହୋଇଥିଲେ, ଦୁର୍ଘଟଣା ଘଟିବାର ୯୦ ଦିନ ମଧ୍ୟରେ ସାହାଯ୍ୟ ପାଇଁ ଆବେଦନ ପତ୍ର ସଂପୃକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କ ନିକଟରେ ପେଶ୍ କରାଯିବା ଉଚିତ । ଯେଉଁ କ୍ଷେତ୍ରରେ କୌଣସି ଦଣ୍ଡନୀୟ କାର୍ଯ୍ୟ ସଂପାଦନ କରିବା ଉଦ୍ଦେଶ୍ୟ ପୋଷଣ କରି ଆଇନର ଖିଲାପ କରିବା ଫଳରେ ଅପମୃତ୍ୟୁ ଘଟିଛି ବା ଘଟିବ, ସେ କ୍ଷେତ୍ରରେ ସାହାଯ୍ୟ ମିଳିବ ନାହିଁ ।

ଉପଯୁକ୍ତ ଭାବେ କାର୍ଯ୍ୟକାରୀ କରାଗଲେ ଏହି ଯୋଜନା ଫଳରେ ଉଦ୍ଦିଷ୍ଟ ପରିବାରମାନେ ଉପକୃତ ହେବେ । ଜିଲ୍ଲା ସ୍ତରରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ କମିଟି ଯୋଜନାର କାର୍ଯ୍ୟକାରିତା ସମୀକ୍ଷା କରିବେ । ଅନୁବିଭାଗୀୟ ଅଧିକାରୀମାନଙ୍କୁ ମଧ୍ୟ ନିଜ ନିଜ ଇଲାକାରେ ଏହି ବ୍ୟବସ୍ଥା ତଦାରଖ କରିବା ପାଇଁ ରାଜ୍ୟ ସରକାର କ୍ଷମତା ପ୍ରଦାନ କରିଛନ୍ତି ।

## ଅପର କୋଲାବ୍‌ର ୟୁନିଟ୍‌ରୁ ବିଜୁଳୀ ଉତ୍ପାଦନ

ତିନିଶହ କୋଡ଼ିଏ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ (ପ୍ରତିଷ୍ଠିତ କ୍ଷମତା) କ୍ଷମତାବିଶିଷ୍ଟ ଅପର କୋଲାବ୍ ବହୁମୁଖୀ ପ୍ରକଳ୍ପର ପ୍ରଥମ ୟୁନିଟ୍‌ଟି ଆଗାମୀ ମାର୍ଚ୍ଚ ବେଳକୁ ସଂପୂର୍ଣ୍ଣ ହୋଇଯିବ ବୋଲି ଆଶା କରାଯାଏ । ୩୩୫ କୋଟି ୧୨ ଲକ୍ଷ ୭୦ ହଜାର ଟଙ୍କା ବ୍ୟୟ ଅଟକଳରେ କୋରାପୁଟ ଜିଲାରେ ନିର୍ମାଣାଧୀନ ଏହି ପ୍ରକଳ୍ପଟି ସଂପୂର୍ଣ୍ଣ ହେବା ପରେ ୮୦ ମେଗାୱାଟ୍ କ୍ଷମତାବିଶିଷ୍ଟ ୪ ଗୋଟି ୟୁନିଟ୍‌ରୁ ମୋଟ୍ ୩୨୦ ମେଗାୱାଟ୍ (ପ୍ରତିଷ୍ଠିତ) ବିଦ୍ୟୁତ୍‌ଶକ୍ତି ଏବଂ ୯୫ ମେଗାୱାଟ୍ ବ୍ୟବହାର ଉପଯୋଗୀ ବିଦ୍ୟୁତ୍ ମିଳିପାରିବ । ବିଦ୍ୟୁତ୍ ଉତ୍ପାଦନ ବ୍ୟତୀତ ଏହି ପ୍ରକଳ୍ପରୁ ୪୭,୯୮୫ ହେକ୍ଟର ଜମିକୁ ଜଳସେଚନ ସୁବିଧା ମିଳିବ । ଏଥିମଧ୍ୟରୁ ଚଳିତ ଯୋଜନା ଶେଷ ସୁଦ୍ଧା ପ୍ରାୟ ୫ ହଜାର ହେକ୍ଟର ଜମିକୁ ଜଳ ଯୋଗାଣ ହୋଇପାରିବ ବୋଲି ଆଶା କରାଯାଉଛି ।

ଏହି ପ୍ରକଳ୍ପ ନିର୍ମାଣ ସଂପର୍କରେ ୧୯୭୨ ମସିହାରେ ପ୍ରାଥମିକ ପଦକ୍ଷେପ ନିଆଯାଇଥିଲା । ପ୍ରଥମ ଅବସ୍ଥାରେ ଜଳ ବିଦ୍ୟୁତ୍ ଯୋଜନା ପାଇଁ ୫୮ କୋଟି ୯୭ ଲକ୍ଷ ୨୭ ହଜାର ଟଙ୍କା ଏବଂ ଜଳସେଚନ ପାଇଁ ୧୬ କୋଟି ୪୬ ଲକ୍ଷ ୧୨ ହଜାର ଟଙ୍କା ବରାଦ କରାଯାଇଥିଲା । ପରବର୍ତ୍ତୀ କାଳରେ ଏହାର ଖର୍ଚ୍ଚ ଅଟକଳ ଜଳ ବିଦ୍ୟୁତ୍ ଉତ୍ପାଦନ ପାଇଁ ୨୩୦ କୋଟି ୩୫ ଲକ୍ଷ ୨୪ ହଜାର ଟଙ୍କା ଓ ଜଳସେଚନ ପାଇଁ ୧୦୪ କୋଟି ୭୭ ଲକ୍ଷ ୪୬ ହଜାର ଟଙ୍କାକୁ (ଏହିପରି ମୋଟ୍ ୩୩୫ କୋଟି ୧୨ ଲକ୍ଷ ୭୦ ହଜାର ଟଙ୍କା) ବୃଦ୍ଧି ପାଇଲା । ପ୍ରକଳ୍ପ ନିର୍ମାଣର ଭିତ୍ତିଭୂମି ପ୍ରକୃତରେ ୧୯୭୬ ମସିହାରେ ପଡ଼ିଲା । ନିର୍ମାଣ କାର୍ଯ୍ୟ ୧୯୭୭-୭୮ ମସିହାରୁ ଆରମ୍ଭ ହେଲା । ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାରେ ବିଳମ୍ବ ହେତୁ ବ୍ୟୟ ଅଟକଳ ବଢ଼ିଗଲା । ସାଧାରଣତଃ

ନିର୍ମାଣ କାର୍ଯ୍ୟ ବିଳମ୍ବ ହୋଇଗଲେ ପ୍ରକଳ୍ପ ନିର୍ମାଣରେ ବ୍ୟବହୃତ ଉପକରଣ ଓ ଯନ୍ତ୍ରପାତିର ମୂଲ୍ୟବୃଦ୍ଧି, ମଜୁରୀ ବୃଦ୍ଧି ଓ ଜମି ଦଖଲ ପାଇଁ କ୍ଷତିପୂରଣ ବାବଦରେ ଅଧିକ ଟଙ୍କା ଦେବାକୁ ପଡୁଥିବାରୁ ବ୍ୟୟ ଅଟକଳ ବୃଦ୍ଧି ପାଇଥାଏ ।

ଏହାର ପ୍ରଥମ ୟୁନିଟ୍‌ରୁ ବିଦ୍ୟୁତ୍ ଉତ୍ପାଦନ ହେବା ପରେ ପରେ ଅନ୍ୟାନ୍ୟ ତିନୋଟି ୟୁନିଟ୍ ହାରାହାରି ୬ ମାସ ବ୍ୟବଧାନରେ ସଂପୂର୍ଣ୍ଣ ହେବ ବୋଲି ଆଶା କରାଯାଏ । ତେଣୁ, ୧୯୮୯ ମସିହା ବେଳକୁ ଏହାର ୪ଟି ଯାକ ୟୁନିଟ୍ ଚାଲୁ ହୋଇଯିବ ।

## କୃଷି ଶ୍ରମିକଙ୍କୁ ନିର୍ଦ୍ଧାରିତ ମଜୁରୀ

ବିଂଶସୂତ୍ରୀ କାର୍ଯ୍ୟକ୍ରମ ଅନୁଯାୟୀ କୃଷି ଶ୍ରମିକମାନଙ୍କୁ ନିର୍ଦ୍ଧାରିତ ସର୍ବନିମ୍ନ ମଜୁରୀ ଦେବା ଦିଗରେ ଦୃଢ଼ ପଦକ୍ଷେପ ଗ୍ରହଣ କରାଯାଉଛି । ଏଥିପାଇଁ ଶ୍ରମ ବିଭାଗର ପରିଦର୍ଶନକାରୀ ଅଫିସରମାନେ ଚଳିତ ଆର୍ଥିକ ବର୍ଷର ଜୁଲାଇ ମାସ ଶେଷ ସୁଦ୍ଧା ସର୍ବନିମ୍ନ ମଜୁରୀଠାରୁ କମ୍ ଦିଆଯାଉଥିବା କ୍ଷେତ୍ରରେ ସଂପୃକ୍ତ ନିଯୁକ୍ତିକାରୀଙ୍କଠାରୁ ୯,୭୫୫ ଟଙ୍କା ଆଦାୟ କରି ଘଟଣା ସ୍ଥଳରେ ଶ୍ରମିକମାନଙ୍କୁ ଦେଇଛନ୍ତି । ଏହି ସମୟ ମଧ୍ୟରେ ପରିଦର୍ଶନକାରୀ ଅଫିସରମାନେ ୪,୪୪୯ଟି ଘଟଣା ତଦାରଖ କରିଥିଲେ ଓ ସେଥିମଧ୍ୟରୁ ୩,୫୫୬ଟି କ୍ଷେତ୍ରରେ ସର୍ବନିମ୍ନ ମଜୁରୀ ଖିଲାପ ହୋଇଥିବା ଘଟଣା ଧରାପଡ଼ିଥିଲା ।

ଏଠାରେ ଉଲ୍ଲେଖ କରାଯାଇପାରେ ଯେ କୃଷି ଶ୍ରମିକଙ୍କ ସର୍ବନିମ୍ନ ଦୈନିକ ମଜୁରୀ ଗତ ଜୁଲାଇ ୧୫ ତାରିଖଠାରୁ ଟ ୭.୫୦ ପଇସାରୁ ୧୦ ଟଙ୍କାକୁ ବୃଦ୍ଧି କରାଯାଇଛି ।

## ଶ୍ରମ ଦିବସ ସୃଷ୍ଟି

ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ଜାତୀୟ ଗ୍ରାମ୍ୟ ନିଯୁକ୍ତି କାର୍ଯ୍ୟକ୍ରମ (ଏନ୍:ଆର୍:ଇ:ପି:) ଅନୁଯାୟୀ ଗତ ଆର୍ଥିକ ବର୍ଷରେ ଆଦିବାସୀ–ହରିଜନଙ୍କ ପାଇଁ ସୃଷ୍ଟି ହୋଇଥିବା ୯୩ ଲକ୍ଷ ୮୩ ହଜାର ଶ୍ରମ ଦିବସ ସମେତ ସମୁଦାୟ ୧ କୋଟି ୪୭ ଲକ୍ଷ ୮୩ ହଜାର ଶ୍ରମ ଦିବସ ସୃଷ୍ଟି ହୋଇଥିଲା ।

ଏହି କାର୍ଯ୍ୟକ୍ରମ ସାମାଜିକ ବନୀକରଣ ଯୋଜନା ଅନୁଯାୟୀ ଗତ ବର୍ଷ ମଧ୍ୟରେ ୧୬ ହଜାର ୯୬୫ ହେକ୍ଟର ଜମିରେ ଏବଂ ପ୍ରାୟ ୭୨୫ କି:ମି: ଦୈର୍ଘ୍ୟର ବିଭିନ୍ନ ରାସ୍ତା ପାର୍ଶ୍ୱରେ ସମୁଦାୟ ୬ କୋଟି ୪୯ ଲକ୍ଷ ୫୯ ହଜାର ବୃକ୍ଷ ରୋପଣ କରାଯାଇଛି । ଏ ବାବଦରେ ୪ କୋଟି ୨୬ ଲକ୍ଷ ୪୭ ହଜାର ଟଙ୍କା ବ୍ୟୟ କରାଯାଇଛି । ଏହା ବ୍ୟତୀତ ଆଦିବାସୀ-ହରିଜନ ଅଞ୍ଚଳ ସମେତ ରାଜ୍ୟର ଗ୍ରାମାଞ୍ଚଳରେ ସମୁଦାୟ ୧,୩୫୪ଟି ପୁଷ୍କରିଣୀ, ୬୪୫ଟି ସେଚକୂପ, ୨୨୯ଟି କ୍ଷେତ୍ରନାଳୀ ଏବଂ ୧,୩୬୪ଟି ପାନୀୟ ଜଳ କୂପ ଖନନ କରାଯାଇଛି । ସେହିପରି ୫୨୨୬ କି:ମି: ଦୈର୍ଘ୍ୟର ଗ୍ରାମ୍ୟ ରାସ୍ତା, ୨୩୨୪ଟି ସ୍କୁଲ ଗୃହ, ୬୫ଟି ଚିକିତ୍ସାଳୟ, ୬୫୧ଟି ବାଲୱାଡ଼ି ଓ ପଞ୍ଚାୟତ ଗୃହ ଏବଂ ୫୫୦ଟି ସର୍ବସାଧାରଣ ଗୃହ ଇତ୍ୟାଦି ନିର୍ମିତ ହୋଇଛି ।

ଏହିସବୁ ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟକାରୀ କରିବା ବାବଦରେ ଗତ ଆର୍ଥିକ ବର୍ଷ ନଗଦ ଅର୍ଥ ଓ ଶସ୍ୟ ଆକାରରେ ସମୁଦାୟ ୨୦ କୋଟି ୬୩ ଲକ୍ଷ ୮୬ ହଜାର ଟଙ୍କା ବିନିଯୋଗ କରାଯାଇଛି । ବିନିଯୋଗ ହୋଇଥିବା ସମୁଦାୟ ୧୭ ହଜାର ୮୭୬ ମେଟ୍ରିକ୍ ଟନ୍ ଶସ୍ୟ ମଧ୍ୟରେ ୧୩ ହଜାର ୩୮୦ ମେଟ୍ରିକ୍ ଟନ୍ ଚାଉଳ ଓ ୪ ହଜାର ୪୯୬ ମେଟ୍ରିକ୍ ଟନ୍ ଗହମ ଅନ୍ତର୍ଭୁକ୍ତ ।

ଏହି କାର୍ଯ୍ୟକ୍ରମ ପାଇଁ ଗତବର୍ଷ ୭ କୋଟି ୫୩ ଲକ୍ଷ ୭୯ ହଜାର ଟଙ୍କା କେନ୍ଦ୍ରୀୟ ସାହାଯ୍ୟ ଏବଂ ରାଜ୍ୟ ସରକାର ତାଙ୍କର ଅଂଶ ବାବଦକୁ ୮ କୋଟି ୩୦ ଲକ୍ଷ ଟଙ୍କା ଏହିପରି ସମୁଦାୟ ୧୫ କୋଟି ୮୩ ଲକ୍ଷ ୭୯ ହଜାର ଟଙ୍କା ଯୋଗାଇ ଦିଆଯାଇଥିଲା । ଏହା ବ୍ୟତୀତ ୧୯୮୪-୮୫ ମସିହାରେ ବିନିଯୋଗ ନ ହୋଇ ଗତ ବର୍ଷକୁ ୧୦ କୋଟି ୧୫ ଲକ୍ଷ ୩୧ ହଜାର ଟଙ୍କା ବଳି ପଡ଼ିଥିଲା । ଏହିପରି ଗତ ଆର୍ଥିକ ବର୍ଷ ମଧ୍ୟରେ ସମୁଦାୟ ୨୫ କୋଟି ୯୯ ଲକ୍ଷ ୧୦ ହଜାର ଟଙ୍କା ବ୍ୟୟ ବରାଦ କରାଯାଇଥିଲା ।

## ନୂତନ ୨୦–ଦଫା କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ

ମୁଖ୍ୟମନ୍ତ୍ରୀ

"ଆମର ଯୋଜନା ଅର୍ଥନୀତିରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ କିପରି ଲୋକଙ୍କୁ ସମୂହ ଭାବରେ ଓ ବ୍ୟକ୍ତିଗତ ଭାବରେ ସାହାଯ୍ୟ କରିପାରିବ, ସେଥିପାଇଁ ସ୍ୱର୍ଗୀୟା ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଆଜିକି ଦଶ ବର୍ଷ ତଳେ ୨୦–ଦଫା କାର୍ଯ୍ୟକ୍ରମର ସୂତ୍ରପାତ କରିଥିଲେ । ଏହି କାର୍ଯ୍ୟକ୍ରମ ମୂଳ ଉଦ୍ଦେଶ୍ୟ ଥିଲା, ଦେଶର ଗ୍ରାମାଞ୍ଚଳରେ ଯେଉଁସବୁ ଗରିବ ଲୋକ ରହୁଛନ୍ତି, ଯେଉଁମାନେ ଭୂମିହୀନ, ବାସହୀନ ବା ସ୍ୱଳ୍ପ ସମ୍ବଳର ଅଧିକାରୀ, ସେମାନଙ୍କର ଅବସ୍ଥାର କିପରି ପରିବର୍ତ୍ତନ ହୋଇପାରିବ । କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପ, ପରିବହନ ଆଦି ବିଭିନ୍ନ କ୍ଷେତ୍ରରେ ବ୍ୟାପକ କାର୍ଯ୍ୟକ୍ରମ କରାଯିବା ସଙ୍ଗେ ସଙ୍ଗେ କେତେକ କାର୍ଯ୍ୟକ୍ରମ ଏପରି ହେବା ଦରକାର ଯାହାକି ପ୍ରତ୍ୟକ୍ଷ ଭାବରେ ଏହି ଶ୍ରେଣୀର ଲୋକଙ୍କୁ କିଛି ନା କିଛି ସମ୍ବଳ ଯୋଗାଇ ପାରିବ । ସେମାନଙ୍କ ପାଇଁ ଅଧିକ ଆୟ ବା ରୋଜଗାରର ପନ୍ଥା ବାହାର କରିପାରିବ । ଶ୍ରୀମତୀ ଗାନ୍ଧୀ ଏହି କାର୍ଯ୍ୟକ୍ରମର ସୂତ୍ରପାତ କରିବା ପରେ ପରେ ଶାସନ କ୍ଷେତ୍ରରୁ ସେ ହଟିଯିବା ଫଳରେ ତାହା ବିଶେଷ କାର୍ଯ୍ୟକାରୀ ହୋଇପାରି ନଥିଲା । ମାତ୍ର ୧୯୮୦ ମସିହାରେ ସେ ଶାସନ କ୍ଷେତ୍ରକୁ ଆସିବା ପରେ ତାହାକୁ ବ୍ୟାପକ ଭାବରେ କାର୍ଯ୍ୟକାରୀ କରାଇଲେ । ଗରିବ ଲୋକଙ୍କ ପାଇଁ ତାଙ୍କର ହୃଦୟ ଅହରହ କାନ୍ଦୁଥିଲା । ଯେ କୌଣସି କାର୍ଯ୍ୟକ୍ରମର ସଫଳତା ବା ବିଫଳତା ସେ ସେଉମାନଙ୍କର ମାପକାଠିରେ ଦେଖିବା ପାଇଁ ଚେଷ୍ଟା କରୁଥିଲେ । ୧୯୮୧ ମସିହାରେ ଏଥିପାଇଁ ସେ ଏକ ନୂତନ ୨୦–ଦଫା କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଇଲେ, ଯାହାଫଳରେ ଯୋଜନାର ଶତକଡ଼ା ୮୫ ଭାଗରୁ ୯୫ ଭାଗ ଖର୍ଚ୍ଚ ଏହି ୨୦–ଦଫା କାର୍ଯ୍ୟକ୍ରମ ପାଇଁ ହିଁ କରାଗଲା । ମୁଁ ପୂର୍ବରୁ କହିଛି, ଏହି କାର୍ଯ୍ୟକ୍ରମରେ ସମୂହର କଲ୍ୟାଣ ଓ ବ୍ୟକ୍ତିର କଲ୍ୟାଣ ନିହିତ ।

ଶ୍ରୀମତୀ ଗାନ୍ଧୀଙ୍କର ଉପଯୁକ୍ତ ଦାୟାଦ ଭାବରେ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ଏବେ ଏହି କାର୍ଯ୍ୟକ୍ରମକୁ ଦୃଢ଼ିଭୂତ କରିଛନ୍ତି । ତାଙ୍କର ଜନ୍ମ ଦିବସ ଉପଲକ୍ଷେ ଏହି ନୂତନ ୨୦–ଦଫା କାର୍ଯ୍ୟକ୍ରମ ଭାରତ ସରକାରଙ୍କ ପକ୍ଷରୁ ପାର୍ଲିଆମେଣ୍ଟରେ ଉପସ୍ଥାପିତ କରାଯାଇଛି । ଏହି କାର୍ଯ୍ୟକ୍ରମର ବିଶେଷତ୍ୱ ହେଲା, ପଛରେ ପଡ଼ି ରହିଥିବା ତଫସିଲଭୁକ୍ତ ଜାତି ଓ ଉପଜାତିର କୋଟି କୋଟି ଲୋକ ଓ ଗାଁ ଗହଳର ଗରିବ ମୂଲିଆ ଶ୍ରେଣୀର ଲୋକଙ୍କର ଉନ୍ନତି କରିବା, ସମାଜରେ ସେମାନଙ୍କର ଉଚିତ ନ୍ୟାୟ ଦେବା ଏବଂ ସେମାନଙ୍କର ଜୀବନ ଅବସ୍ଥାରେ ଦ୍ରୁତ ପରିବର୍ତ୍ତନ ଆଣିବା । ଦେଶରେ ଯେଉଁ ବିପୁଳ ଯୁବଶକ୍ତି ରହିଛି ତାହାକୁ ବିଭିନ୍ନ ଦେଶରେ ... ଜନକଲ୍ୟାଣକର କାର୍ଯ୍ୟରେ ନିଯୁକ୍ତ କରିବା ଏବଂ ଦେଶ ନିର୍ମାଣରେ ନିର୍ଦ୍ଦିଷ୍ଟ ଯୋଜନାମାନଙ୍କ ଜରିଆରେ ଯୁବଶକ୍ତିକୁ ଅଧିକରୁ ଅଧିକ ନିୟୋଜିତ କରିବା । ଏହି ୨୦–ଦଫା କାର୍ଯ୍ୟକ୍ରମରେ ମହିଳାମାନଙ୍କ

ପାଇଁ ଏକ ନିର୍ଦ୍ଦିଷ୍ଟ ସ୍ଥାନ ରହିଛି । ସେମାନଙ୍କୁ ଉଚିତ ନ୍ୟାୟ ଦେଇ ପୁରୁଷମାନଙ୍କ ସହିତ ଯେପରି ସମାନ ଅଧିକାର ଦିଆଯାଇ ପାରିବ, ସେଥିପାଇଁ ବ୍ୟବସ୍ଥା କରାଯାଉଛି ।

ସମୂହ କାର୍ଯ୍ୟକ୍ରମ ମଧ୍ୟରେ ଭୂସଂସ୍କାର ଓ କୃଷିର ବ୍ୟାପକ ଉନ୍ନତି ଉପରେ ଜୋର ଦିଆଯାଉଛି । ଆମର ଅଧିକାଂଶ ଜମି ଅଣ-ଜଳସେଚିତ ହୋଇଥିବା ଯୋଗୁଁ ଓ ବର୍ଷା ଉପରେ ନିର୍ଭର କରୁଥିବା ଯୋଗୁଁ ଯେଉଁ ଫସଲ ଦ୍ୱାରା ଲୋକେ ବିଶେଷ ଲାଭବାନ ହୋଇପାରିବେ, ସେଥିପ୍ରତି ଅଧିକ ଦୃଷ୍ଟି ଦିଆଯାଉଛି । ଯେତିକି ଜଳସେଚନ ବ୍ୟବସ୍ଥା ଅଛି, ତା'ର କିପରି ପୂର୍ଣ୍ଣ ସଦୁପଯୋଗ କରାଯାଇ ପାରିବ, ପ୍ରତ୍ୟେକ କିସମ ଜମିରେ ଅଧିକରୁ ଅଧିକ ଫସଲ ଅମଳ କରାଯାଇ ପାରିବ, ସେଥିର ବ୍ୟବସ୍ଥା କରାଯାଉଛି । ପ୍ରତ୍ୟେକଙ୍କ ପାଇଁ ଶୁଦ୍ଧ ପାନୀୟ ଜଳ, ସ୍ୱାସ୍ଥ୍ୟ ଏବଂ ଚିକିତ୍ସାର ସୁବିଧା ଉପରେ ଗୁରୁତ୍ୱ ଦିଆଯାଉଛି । ଏକ ନୂତନ ଶିକ୍ଷାନୀତି ଦ୍ୱାରା ଶିକ୍ଷାର ମାନ ବୃଦ୍ଧିସଙ୍ଗେ ସଙ୍ଗେ ଶିକ୍ଷାର ବିସ୍ତାର ଓ ସାକ୍ଷର ସଂଖ୍ୟା ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଉଛି । ଜନସାଧାରଣଙ୍କ ପାଇଁ ବାସଗୃହର ବ୍ୟବସ୍ଥା ଓ ସହର ଅଞ୍ଚଳର ବସ୍ତିମାନଙ୍କର ଉନ୍ନତିର ବ୍ୟବସ୍ଥା ମଧ୍ୟ ଏହି କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ । ପୂର୍ବ କାର୍ଯ୍ୟକ୍ରମରେ ଦୁଇଟି ସନ୍ତାନ ଓ ପରିବେଶର ସୁରକ୍ଷା ଉପରେ ଯେପରି ଗୁରୁତ୍ୱ ଦିଆଯାଇଥିଲା, ଏଥିରେ ମଧ୍ୟ ତାହା ଦିଆଯାଉଛି । ଜଙ୍ଗଲର ବ୍ୟାପକ ଅଭିବୃଦ୍ଧି ପାଇଁ ଏକ ନୂତନ କୌଶଳର ଚିନ୍ତା କରାଯାଉଛି । ପ୍ରତ୍ୟେକ ଗ୍ରାମକୁ ବିଦ୍ୟୁତ୍ ଶକ୍ତି ଯୋଗାଇବା, ଶସ୍ତା ଦରରେ ଖାଉଟି ଜିନିଷ ଯେପରି ସବୁ ସମୟରେ ଯୋଗାଇ ଦିଆଯାଇ ପାରିବ ଏବଂ ଅତ୍ୟାବଶ୍ୟକ ଦ୍ରବ୍ୟମାନଙ୍କ ମୂଲ୍ୟ ଯେପରି ନିୟନ୍ତ୍ରଣରେ ରଖାଯାଇପାରିବ, ସେଥିପ୍ରତି ଗୁରୁତ୍ୱ ଦିଆଯାଉଛି ।

ଏହି କାର୍ଯ୍ୟକ୍ରମର ଅନ୍ୟ ଏକ ମୂଲ୍ୟବାନ ଦଫା ହେଉଛି, ଶାସନ କଳକୁ ଅଧିକ ଲୋକାଭିମୁଖୀ କରିବା । ବିଭିନ୍ନ ପ୍ରକାରର ନୀତିନିୟମର ସଂଶୋଧନ କରି ଲୋକଙ୍କୁ ସାହାଯ୍ୟ କରିବା ପାଇଁ ଏହାକୁ କିପରି ଅଧିକ କ୍ରିୟାଶୀଳ ଓ ତତ୍ପର କରାଯାଇ ପାରିବ, ଶୀଘ୍ର ଲୋକଙ୍କର ଅଭିଯୋଗମାନ ଅନୁଧ୍ୟାନ କରି ତାର ନିରାକରଣ କରାଯାଇ ପାରିବ, ଏଥିପାଇଁ ବିଶେଷ ଧ୍ୟାନ ଦିଆଯିବ ।

ଏହି ୨୦—ଦଫା କାର୍ଯ୍ୟକ୍ରମର ସଫଳ [illegible] ଦ୍ୱାରା ଏକ ସୁଖୀ ଓ ସୁସ୍ଥ ସମାଜ ନିର୍ମାଣ ସମ୍ଭବ [illegible] ହେବ । ଆମ ଦେଶର ସମ୍ବିଧାନରେ ବିଭିନ୍ନ ଗରିବି ଓ ପଛୁଆ ଶ୍ରେଣୀର ଲୋକଙ୍କୁ ଉଠାଇବା ପାଇଁ ନାରୀମାନଙ୍କୁ ଉପଯୁକ୍ତ ମର୍ଯ୍ୟାଦା ଓ ସମାନ ଅଧିକାର ଦେବାପାଇଁ, ସାର୍ବଜନୀନ ଶିକ୍ଷାର ପ୍ରବର୍ତ୍ତନ କରିବା ପାଇଁ, ଜନସାଧାରଣଙ୍କ ଜୀବନକୁ ଅଧିକ ସୁଖମୟ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ପ୍ରଧାନମନ୍ତ୍ରୀ ଶ୍ରୀ ରାଜୀବ ଗାନ୍ଧୀଙ୍କର ନୂତନ ୨୦—ଦଫା କାର୍ଯ୍ୟକ୍ରମ ତାହାର ରୂପାନ୍ତର ମାତ୍ର । ଦାରିଦ୍ର୍ୟ ଦୂର କରି ଏକ ସମୃଦ୍ଧ ଭାରତବର୍ଷ ନିର୍ମାଣ କରିବା ହେଉଛି ଏହାର ଉଦ୍ଦେଶ୍ୟ । ଦଳମତ ନିର୍ବିଶେଷରେ ଏହି କାର୍ଯ୍ୟକ୍ରମକୁ ସ୍ୱାଗତ କରିବା ଓ ସଫଳ ରୂପାୟନ ପାଇଁ କାର୍ଯ୍ୟ କରିବା ଆମମାନଙ୍କର ସମସ୍ତଙ୍କର କର୍ତ୍ତବ୍ୟ ।

## ତନ୍ତର ଆଧୁନିକୀକରଣ

ବୟନ ଶିଳ୍ପ କ୍ଷେତ୍ରରେ ଆମ ରାଜ୍ୟ ବହୁକାଳରୁ ଉଚ୍ଚ ପରମ୍ପରା ପ୍ରତିଷ୍ଠା କରିଥିଲେ ମଧ୍ୟ ଆଧୁନିକ ଯୁଗରେ କଳତନ୍ତରୁ ଉତ୍ପାଦିତ ବସ୍ତ୍ର ପ୍ରତିଯୋଗିତା କରିବା କଷ୍ଟସାଧ୍ୟ ହୋଇପଡ଼ିଛି । ଆମ ଦେଶର ବହୁ ଲୋକ ବିଶେଷକରି ଅନୁନ୍ନତ ଶ୍ରେଣୀର ଲୋକମାନେ ତନ୍ତ ଉପରେ ନିର୍ଭର କରୁଥିବାରୁ ରାଜ୍ୟ ସରକାର ପାରମ୍ପରିକ ତନ୍ତଗୁଡ଼ିକର ଆଧୁନିକୀକରଣ ଉପରେ ଗୁରୁତ୍ୱ ଆରୋପ କରିଛନ୍ତି । ଚଳିତ ବର୍ଷର ଗତ ମଇ ମାସ ସୁଦ୍ଧା ୬୮ ଟି ତନ୍ତକୁ ଆଧୁନିକୀକରଣ କରାଯାଇଛି । ଏହା ଫଳରେ ମୋଟ୍‌ରେ ୫୦,୪୯୨ ଟି ତନ୍ତ ଆଧୁନିକୀକରଣ କରାଯାଇ

## ସାମାଜିକ ବନୀକରଣ କାର୍ଯ୍ୟକ୍ରମ

ଗତ ଜୁଲାଇ ୨୮ ତାରିଖରେ ସୁଇଡେନ୍ ମନ୍ତ୍ରୀ ଶ୍ରୀମତୀ ଲିଏନା ସେଲମ୍ ୱାଲିଏନ୍ ଖୋର୍ଦ୍ଧା ବ୍ଲକ୍ ଅନ୍ତର୍ଗତ ଜୟମଙ୍ଗଳ ଓ ପାଇକ ଟିଗିରିଆ ଗ୍ରାମର ସାମାଜିକ ବନୀକରଣ କାର୍ଯ୍ୟକ୍ରମ ପରିଦର୍ଶନ କରିଥିଲେ ଏବଂ ସ୍ଥାନୀୟ ଗ୍ରାମବାସୀ, ଗ୍ରାମ୍ୟ ବନ କମିଟି ଓ ସ୍କୁଲ ଛାତ୍ର ଛାତ୍ରୀମାନଙ୍କ ସହିତ ସାମାଜିକ ବନୀକରଣ ସମ୍ବନ୍ଧରେ ଆଲୋଚନା କରିଥିଲେ । ଚାରା ଉତ୍ପାଦନ ଓ ବୃକ୍ଷ ରୋପଣ କାର୍ଯ୍ୟରେ ମହିଳାମାନଙ୍କ ଆଗ୍ରହ ଦେଖି ସେ ଅତ୍ୟନ୍ତ ସନ୍ତୋଷ ପ୍ରକାଶ କରିଥିଲେ ।

ସାମାଜିକ ବନୀକରଣ ନିର୍ଦ୍ଦେଶକ, ଯୁଗ୍ମ ନିର୍ଦ୍ଦେଶକ ଓ ପୁରୀ ଜିଲ୍ଲାର ଉପ ନିର୍ଦ୍ଦେଶକଙ୍କ ସହିତ ଆଲୋଚନା ପ୍ରସଙ୍ଗରେ ଓଡ଼ିଶାରେ ସାମାଜିକ ବନୀକରଣ କାର୍ଯ୍ୟକ୍ରମ ଖୁବ୍ ସନ୍ତୋଷଜନକ ଭାବରେ ଚାଲିଛି ବୋଲି ମତବ୍ୟକ୍ତ କରିବା ସଙ୍ଗେ ସଙ୍ଗେ ଏଥିରେ ଗ୍ରାମବାସୀ, ବିଶେଷ କରି ମହିଳାମାନଙ୍କର ସକ୍ରିୟ ସହଯୋଗ ନିଆଯାଇ ପାରିଲେ ଉକ୍ତ କାର୍ଯ୍ୟକ୍ରମଟି ଆହୁରି ଅଧିକ ସଫଳତା ଲାଭ କରିବ ବୋଲି ଶ୍ରୀମତୀ ୱାଲେନ୍ ମତ ପ୍ରକାଶ କରିଥିଲେ । ରାଜଭବନଠାରେ ଆୟୋଜିତ ଏକ ବନ୍ଧୁମିଳନରେ ସାମାଜିକ ବନୀକରଣ ଅନ୍ୟାନ୍ୟ କର୍ମକର୍ତ୍ତାଙ୍କ ସହିତ କାର୍ଯ୍ୟକ୍ରମ ସମ୍ବନ୍ଧରେ ଆଲୋଚନା କରି ସେ ଦିଲ୍ଲୀ ଫେରିଯାଇଥିଲେ ।

## କଳାହାଣ୍ଡି ଜିଲ୍ଲାରେ ଘାସଗୁଣ୍ଠ

ଶ୍ୱେତ ବିପ୍ଳବର ସଫଳତା ଉନ୍ନତ ଘାସଗୁଣ୍ଠ ଉପରେ ବହୁ ପରିମାଣରେ ନିର୍ଭର କରୁଥିବାରୁ ଏହି କାର୍ଯ୍ୟକ୍ରମରେ କୃଷକମାନଙ୍କୁ ସେମାନଙ୍କ ନିଜ ଜମିରେ ଉନ୍ନତ ଘାସଗୁଣ୍ଠ କରିବା ପାଇଁ ଘାସମଞ୍ଜିଗୁଡ଼ା ଇତ୍ୟାଦି ପ୍ରୋତ୍ସାହିତ କରାଯାଉଛି । ତଦନୁଯାୟୀ କଳାହାଣ୍ଡି ଜିଲ୍ଲାରେ ଚଳିତ ବର୍ଷ ୩୫୦ଟି ଘାସମଞ୍ଜି ଓ ସାର ଥିବା 'ମିନିକିଟ୍' କୃଷକମାନଙ୍କ ମଧ୍ୟରେ ବଣ୍ଟନ କରିବା ପାଇଁ ବ୍ୟବସ୍ଥା ହୋଇଛି । ଏହା ବ୍ୟତୀତ ସରକାରୀ ପତିତ ଘାସଗୁଣ୍ଠ କରିବା ପାଇଁ ୬ଟି ନିର୍ଦ୍ଦିଷ୍ଟ ଅଞ୍ଚଳରେ ପ୍ରତ୍ୟେକ ୧୦ ଏକର ପରିମିତି ଜମିରେ ଘାସଗୁଣ୍ଠ କରାଯିବ । ଏଥିପାଇଁ ଜିଲ୍ଲାର ପ୍ରତି ସବ୍‌ଡିଭିଜନ୍‌ରେ ୨ଟି କରି ସ୍ଥାନ ବଛାଯାଇଛି । ଏଥିପାଇଁ ୧ ଲକ୍ଷ ୪୪ ହଜାର ଟଙ୍କା ବ୍ୟୟ କରାଯିବ ବୋଲି ଜଣାପଡ଼ିଛି ।

ଘାସମଞ୍ଜି ଉତ୍ପାଦନ ପାଇଁ ଜାରିଙ୍ଗ ଓ ତରବୋଡ଼ଠାରେ ଦୁଇଟି ଘାସମଞ୍ଜି ଉତ୍ପାଦନ ଫାର୍ମ ପ୍ରତିଷ୍ଠା କରିବା ପାଇଁ ମଧ୍ୟ ସ୍ଥିର ହୋଇଛି ।

## ଗ୍ରାମ୍ୟ ବିଦ୍ୟୁତିକରଣ

ଆମ ରାଜ୍ୟରେ ଥିବା ମୋଟ୍ ୪୬,୯୯୨ଟି ଗ୍ରାମ ମଧ୍ୟରୁ ଷଷ୍ଠ ଯୋଜନା କାଳ ସୁଦ୍ଧା ୨୩,୭୬୨ଟି ଗ୍ରାମ, ଅର୍ଥାତ୍ ଶତକଡ଼ା ୫୦.୫୭ ଭାଗ ଗ୍ରାମକୁ ବିଦ୍ୟୁତ୍ ସଂଯୋଗ କରାଯାଇ ପାରିଛି । ୧୯୮୫-୮୬ ବର୍ଷର ଗ୍ରାମ୍ୟ ବିଦ୍ୟୁତିକରଣ ଲକ୍ଷ୍ୟ ୧,୩୭୦ଟି ଗ୍ରାମ ମଧ୍ୟରୁ ୧,୧୯୦ଟି ଗ୍ରାମକୁ ବିଦ୍ୟୁତ୍ ସଂଯୋଗ କରାଯାଇ ପାରିଛି । ଚଳିତ ଆର୍ଥିକ ବର୍ଷରେ ଆଉ ଅଧିକ ୧,୩୮୬ଟି ଗ୍ରାମକୁ ବିଦ୍ୟୁତ୍ ସଂଯୋଗ କରାଯିବାର କାର୍ଯ୍ୟକ୍ରମ ରହିଛି ।

## କ୍ଷୁଦ୍ର ଓ କୁଟୀର ଶିଳ୍ପ

ଚଳିତ ଆର୍ଥିକ ବର୍ଷର ଗତ ଜୁନ୍ ମାସ ସୁଦ୍ଧା କଟକ ଜିଲ୍ଲାରେ ୯୬୨ଟି କୁଟୀର ଶିଳ୍ପ ଏବଂ ୨୭ଟି କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା କରାଯାଇ ସେଗୁଡ଼ିକ ମାଧ୍ୟମରେ ୨,୧୨୧ ଜଣ ବ୍ୟକ୍ତିଙ୍କୁ କାମ ଯୋଗାଇ ଦିଆଯାଇ ପାରିଛି । କୁଟୀର ଶିଳ୍ପ ପାଇଁ ୨୫ ଲକ୍ଷ ୧୫ ହଜାର ଟଙ୍କା ଓ

## ଗୁଣାତ୍ମକ ଶିକ୍ଷା ପାଇଁ ନୂଆ ପଦ୍ଧତି

ସଂପ୍ରତି ବାଲେଶ୍ୱର ଜିଲ୍ଲାର ଖଣ୍ଡପଡା ସରକାରୀ ଉଚ୍ଚ ବିଦ୍ୟାଳୟରେ ମାଧ୍ୟମିକ ଶିକ୍ଷାବୋର୍ଡ ଆନୁକୂଲ୍ୟରେ 'ପାଠ୍ୟ ବିଷୟବସ୍ତୁ ଉପରେ ମୂଲ୍ୟାୟନ' କରିବା ନିମନ୍ତେ ଚାଲିଥିବା ତାଲିମ ଶିବିର ଉଦ୍‌ଯାପନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିକ୍ଷା ଓ ଯୁବ କଲ୍ୟାଣ ଏବଂ କ୍ରୀଡା ରାଷ୍ଟ୍ରମନ୍ତ୍ରୀ କୁମାରୀ ପ୍ରୀତି ବୋପ୍ପୋ କହିଲେ ଯେ ଛାତ୍ର ଛାତ୍ରୀମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ପାଇଁ ନୂଆ ନୂଆ ପଦ୍ଧତି ଉଦ୍‌ଭାବନ କରିବା ଏହି ତାଲିମର ପ୍ରକୃତ ଉଦ୍ଦେଶ୍ୟ । କେବଳ ପରୀକ୍ଷାରେ ପାଶ୍ କରିବାର ଲକ୍ଷ୍ୟ ଛାତ୍ର ଛାତ୍ରୀମାନଙ୍କୁ ସେମାନଙ୍କର ପ୍ରଚଳିତ ପାଠ୍ୟ ପୁସ୍ତକରୁ ଅଳ୍ପ କେତୋଟି ବିଷୟବସ୍ତୁ ଉପରେ ସେମାନଙ୍କର ଜ୍ଞାନକୁ ସୀମିତ ନରଖି ଅବ୍‌ଜେକ୍ଟିଭ୍ ଟାଇପ୍ ପ୍ରଶ୍ନ ମାଧ୍ୟମରେ ସେମାନଙ୍କ ଜ୍ଞାନ ପରିସରକୁ ବୃଦ୍ଧି କରିବା ପାଇଁ ସମସ୍ତ ପ୍ରକାର ଚେଷ୍ଟା କରାଯାଉଛି । ଏହି ଟ୍ରେନିଂ କ୍ୟାମ୍ପରେ ଇତିହାସରେ ୩୦ ଜଣ ଏବଂ ଗଣିତରେ ୩୦ ଜଣ, ମୋଟ୍ ୬୦ ଜଣଙ୍କୁ ତାଲିମ ଦିଆଯାଇଛି । ଓଡ଼ିଶାର ବିଭିନ୍ନ କଲେଜ ଏବଂ ଟ୍ରେନିଂ କଲେଜରୁ ଏଠାକୁ ଶିକ୍ଷା ଦେବା ପାଇଁ ଆସିଥିବା ବିଷୟ ବିଶାରଦମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଥିଲେ । ଛାତ୍ର ଛାତ୍ରୀମାନଙ୍କୁ ଆଧ୍ୟାତ୍ମିକ ଓ ନୈତିକ ମୂଲ୍ୟବୋଧରେ ଅନୁପ୍ରାଣିତ କରିବା ପାଇଁ ସେଠାରେ ତାଲିମ ନେବାକୁ ଆସିଥିବା ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ ।

ଏହି ସଭାରେ ଜିଲ୍ଲା ଶିକ୍ଷା ମଣ୍ଡଳ ଅଧିକାରୀ ସଭାପତିତ୍ୱ କରିଥିଲେ । ହାଇସ୍କୁଲର ଶିକ୍ଷକ ଓ ଛାତ୍ରଛାତ୍ରୀ ବୃନ୍ଦ ଏହି ସଭାରେ ଯୋଗ ଦେଇଥିଲେ ।

## ଆତ୍ମନିଯୁକ୍ତି କାର୍ଯ୍ୟକ୍ରମରେ ଯୁବ ତାଲିମ

ଆଇ:ଆର୍:ଡ଼ି: ଯୋଜନା ଅନ୍ତର୍ଭୁକ୍ତ ଗ୍ରାମାଞ୍ଚଳର ଯୁବକମାନଙ୍କୁ ଧନ୍ଦାମୂଳକ କାମରେ ତାଲିମ ଦେବା କାର୍ଯ୍ୟକ୍ରମ ଅନୁଯାୟୀ ଗତ ଜୁଲାଇ ମାସ ଶେଷ ସୁଦ୍ଧା ୨୬୬୪ ଜଣ ଯୁବକ ତାଲିମ ପାଇଛନ୍ତି । ଏହା ବ୍ୟତୀତ ୮୬୫ ଜଣ ତାଲିମପ୍ରାପ୍ତ ଯୁବକ ବିଭିନ୍ନ ଆତ୍ମନିଯୁକ୍ତି କାର୍ଯ୍ୟରେ ଜୀବିକାର୍ଜନ କରି ଥଇଥାନ ହୋଇଛନ୍ତି । ଏମାନଙ୍କ ବ୍ୟତୀତ ସେହି ମାସ ସୁଦ୍ଧା ବିଭିନ୍ନ ଜିଲ୍ଲାର ୪୬୫୩ ଜଣ ଯୁବକ ତାଲିମ ପାଉଥିଲେ ।

ଏ ବାବଦରେ ଆଇ:ଆର୍:ଡ଼ି: ପାଣ୍ଠିରୁ ବ୍ୟୟ କରାଯାଇଥିବା ସମୁଦାୟ ୧୧ ଲକ୍ଷ ୮୮ ହଜାର ଟଙ୍କା ମଧ୍ୟରେ କଟକ ଜିଲ୍ଲାରେ ସର୍ବାଧିକ ୪ ଲକ୍ଷ ୪୯ ହଜାର ଟଙ୍କା ଏବଂ ତା ପଛକୁ ମୟୂରଭଞ୍ଜ ଜିଲ୍ଲାରେ ୨ ଲକ୍ଷ ୫୧ ହଜାର ଟଙ୍କା ବ୍ୟୟ ହୋଇଛି । ସେହିପରି କୋରାପୁଟ ଜିଲ୍ଲାରେ ୧ ଲକ୍ଷ ୯୦ ହଜାର ଟଙ୍କା, ବାଲେଶ୍ୱରରେ ୫୪ ହଜାର ଟଙ୍କା, କଳାହାଣ୍ଡିରେ ୮୦ ହଜାର ଟଙ୍କା ଏବଂ କେଉଁଝର ଜିଲ୍ଲାରେ ୫୯ ହଜାର ଟଙ୍କା ବ୍ୟୟ କରାଯାଇଛି ।

ଏଠାରେ ଉଲ୍ଲେଖ କରାଯାଇପାରେ ଗ୍ରାମାଞ୍ଚଳର ବେକାର ଯୁବକମାନଙ୍କୁ ଆତ୍ମନିଯୁକ୍ତି କାର୍ଯ୍ୟକ୍ରମ ଅନୁଯାୟୀ ଜୋତା ତିଆରି, ଦର୍ଜି କାମ, ନଡ଼ିଆ କତା ଓ ସବାଇ ଘାସରୁ ବ୍ୟବହାର୍ଯ୍ୟ ଜିନିଷ ତିଆରି କରିବା, ବୟନ କାର୍ଯ୍ୟ ସମେତ କେତେକ ଧନ୍ଦାମୂଳକ କାର୍ଯ୍ୟ ସମ୍ପର୍କରେ ତାଲିମ ଦିଆଯାଇଥାଏ । ତାଲିମପ୍ରାପ୍ତ ଯୁବକମାନଙ୍କୁ ନିର୍ଦ୍ଦିଷ୍ଟ ବୃତ୍ତିରେ ଥଇଥାନ କରିବା ଲାଗି ଡ଼ି:ଆର୍:ଡ଼ି:ଏ: ଏବଂ ଡ଼ି:ଆଇ:ସି: ସହାୟତାରେ ବ୍ୟାଙ୍କମାନଙ୍କରୁ ଋଣ ଆକାରରେ ସାହାଯ୍ୟ ଦିଆଯାଏ ।

## ଗଞ୍ଜାମ ଜିଲ୍ଲାରେ ସର୍ବାଧିକ କ୍ଷୁଦ୍ର ଶିଳ୍ପ

ଚଳିତ ଆର୍ଥିକ ବର୍ଷରେ ଗତ ଜୁନ୍ ମାସ ସୁଦ୍ଧା ଗଞ୍ଜାମ ଜିଲ୍ଲା ଶିଳ୍ପ କେନ୍ଦ୍ର ଜରିଆରେ ୪୭ଟି କ୍ଷୁଦ୍ର ଶିଳ୍ପ ଓ ୧୯୧୯ଟି କୁଟିର ଶିଳ୍ପ ପ୍ରତିଷ୍ଠା କରାଯାଇ ସେସବୁ ମାଧ୍ୟମରେ ୩୭୧୪ ଜଣ ବ୍ୟକ୍ତିଙ୍କୁ କାମ ଯୋଗାଇ ଦିଆଯାଇଛି । କ୍ଷୁଦ୍ର ଶିଳ୍ପ ପାଇଁ ୯୯ ଲକ୍ଷ ୬୬ ହଜାର ଏବଂ କୁଟୀର ଶିଳ୍ପ ପାଇଁ ୪୧ ଲକ୍ଷ ୪୫ ହଜାର ଟଙ୍କା ବିନିଯୋଗ କରାଯାଇଛି । ଅନ୍ୟାନ୍ୟ ଜିଲ୍ଲା ଶିଳ୍ପ କେନ୍ଦ୍ର ତୁଳନାରେ ଗଞ୍ଜାମ ଜିଲ୍ଲାରେ ସର୍ବାଧିକ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠିତ ହୋଇ ପାରିଛି । ଗଞ୍ଜାମ ପଛକୁ କଟକ ଜିଲ୍ଲାରେ ୨୭ଟି କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠିତ ହୋଇପାରିଛି ।

## ଲୁଣି ପାଣିମାଛ ଚାଷ

କଟକ ଓ ବାଲେଶ୍ୱର ଜିଲ୍ଲାରେ ଲୁଣିପାଣି ମାଛ ଚାଷର ବିକାଶ ଘଟାଇବା ପାଇଁ ବାଲେଶ୍ୱରଠାରେ ଏହାର କାର୍ଯ୍ୟାଳୟ ସ୍ଥାପିତ ହୋଇଛି । ଉକ୍ତ ସଂସ୍ଥା ଜରିଆରେ ଗତ ଜୁଲାଇ ମାସ ମଧ୍ୟରେ ବାଲେଶ୍ୱରଠାରେ ମୋଟ ୫ ଜଣ ଓ କଟକର ୬ ଜଣ ଉପଭୋକ୍ତାଙ୍କୁ ବ୍ୟାଙ୍କ ଋଣ ମଞ୍ଜୁର ହୋଇଛି । ଏହି ଜିଲ୍ଲାରେ ବିଭାଗୀୟ ରିହାତି ମଧ୍ୟ ଉପଭୋକ୍ତାମାନଙ୍କୁ ଦିଆ ଯାଇଛି । ବାଲେଶ୍ୱରରେ ୦.୮୪ ହେକ୍ଟର ଓ କଟକରେ ୮.୯୫ ହେକ୍ଟର ଆୟତନ ବିଶିଷ୍ଟ କ୍ଷେତ୍ରରେ ଲୁଣିପାଣି ମାଛ ଚାଷ ଯୋଜନା ଖୋଲାଯାଇଛି ।

ଚିଙ୍ଗୁଡ଼ି ଗୋଟିଏ ରପ୍ତାନିଯୋଗ୍ୟ ଓ ବୈଦେଶିକ ମୁଦ୍ରା ଅର୍ଜନକ୍ଷମ ସାମଗ୍ରୀ ହୋଇଥିବାରୁ ମତ୍ସ୍ୟ ବିଭାଗ ତରଫରୁ ବାଲେଶ୍ୱରରେ ୬,୦୩,୮୦୦ ଓ କଟକର ୫,୧୧,୦୦୦ ସଂଖ୍ୟକ ଚିଙ୍ଗୁଡ଼ି ଜାଉଳ ଚିଙ୍ଗୁଡ଼ି ଚାଷୀମାନଙ୍କୁ ଯୋଗାଇ ଦିଆଯାଇଛି ।

## ମତ୍ସ୍ୟ ଉତ୍ପାଦନ ବୃଦ୍ଧି ପାଇଁ ସାହାଯ୍ୟ

ସ୍ୱଳ୍ପ ବ୍ୟୟସାପେକ୍ଷ ଯାନ୍ତ୍ରିକ ମାଛଧରା ପୋତରେ ଅଧିକ ମାଛ ଧରାଯିବା ପାଇଁ ଜାତୀୟ ସମବାୟ ଉନ୍ନୟନ ନିଗମ (ଏନ୍:ସି:ଡ଼ି:ସି:) ସହଯୋଗରେ କେତେକ ପଦକ୍ଷେପ ନିଆଯାଇଛି । ତଦନୁଯାୟୀ ହୀରାକୁଦ ଜଳଭଣ୍ଡାର ଅନ୍ତର୍ଗତ ଥିବା ମତ୍ସ୍ୟଜୀବୀ ସମବାୟ ସମିତିକୁ ୧୯୮୪-୮୫ରେ ୯.୫୨ ଲକ୍ଷ ଟଙ୍କା ଓ ୧୯୮୫-୮୬ରେ ୧୧.୦୧ ଲକ୍ଷ ଟଙ୍କା ମଞ୍ଜୁରୀ ମିଳିଛି । ବାଲୁଗାଁସ୍ଥ କେନ୍ଦ୍ରୀୟ ମତ୍ସ୍ୟଜୀବୀ ସମବାୟ ସମିତିକୁ ଏନ୍:ସି:ଡ଼ି:ସି:ରୁ ଗୋଟିଏ ଟ୍ରକ୍, ୨ଟି ଫାଇବର ବୋଟ୍ ଓ ବରଫ କଳ ଶୀତଳ ଭଣ୍ଡାର ପାଇଁ ସାହାଯ୍ୟ ଦିଆଯାଇଛି । ଉକ୍ତ ବରଫ କଳ ୧୯୮୩-୮୪ରୁ କାର୍ଯ୍ୟ କରୁଛି । ବର୍ତ୍ତମାନ ତିନିବର୍ଷ ଭିତରେ ଏହି ବରଫ କଳ ୧.୧୭ ଲକ୍ଷ ଟଙ୍କା ଲାଭ କଲାଣି ।

ଗୋପାଳପୁରଠାରେ ଫାଇବର ଗ୍ଲାସ୍ ଆଇ:ଏନ୍:ଡ଼ି:-୨୫ ମାଛଧରା ପୋତ ଜରିଆରେ ମାଛ ଉତ୍ପାଦନ ବୃଦ୍ଧି ଏବଂ ମତ୍ସ୍ୟଜୀବୀମାନଙ୍କର ଆର୍ଥିକ ଅବସ୍ଥା ଉନ୍ନତି ଦୃଷ୍ଟିରୁ ସମବାୟ କ୍ଷେତ୍ରରେ ଏହାକୁ ଏନ୍:ସି:ଡ଼ି:ସି: ଅନ୍ତର୍ଭୁକ୍ତ କରାଯାଇଛି । ୧୪.୫୨ ଲକ୍ଷ ଟଙ୍କା ବ୍ୟୟରେ ୨୦ଟି ଆଇ:ଏନ୍:ଡ଼ି:-୨୫ ବୋଟ ପୁରୀ, କଟକ ଓ ଗଞ୍ଜାମର ସାମୁଦ୍ରିକ ମତ୍ସ୍ୟଜୀବୀ ସମବାୟ ସମିତି ଜରିଆରେ ବ୍ୟବହାର କରାଯିବ ।

## ଜମି ଅବୈଧ ହସ୍ତାନ୍ତରର ପ୍ରତିରୋଧ ବ୍ୟବସ୍ଥା

ଆଦିବାସୀ ଓ ହରିଜନ ଲୋକଙ୍କ ଜମି ହସ୍ତାନ୍ତର କଟକଣାର ଚିହ୍ନଟକରଣ କରି ଜମି ହସ୍ତାନ୍ତର କରାଯାଇଥିବାରୁ ଓଡ଼ିଶା ଭୂ-ସଂସ୍କାର ଆଇନ ଅନୁଯାୟୀ ୪୩୨୭ ଜଣ ଆଦିବାସୀ ଏବଂ ହରିଜନ ଲୋକ

ହରିଜନଙ୍କୁ ଯଥାକ୍ରମେ ୬୪୮୮ ଏକର ଏବଂ ୭୪୩୬ ଏକର ଜମି ଫେରସ୍ତ କରାଯାଇ ପାରିଛି । ଏହା ବ୍ୟତୀତ ବଳପୂର୍ବକ ଆଦିବାସୀ ଓ ହରିଜନଙ୍କ ଜମି ଜବର ଦଖଲ କରିଥିବା ଲୋକଙ୍କୁ ଉକ୍ତ ଆଇନ ଅନୁଯାୟୀ ଜମିରୁ ଉଚ୍ଛେଦ କରାଯାଇଛି । ଏତଦ୍ୱାରା ୧୨୨ ଜଣ ଆଦିବାସୀ ଓ ୫୧ ଜଣ ହରିଜନଙ୍କୁ ଯଥାକ୍ରମେ ୨୪୭ ଏକର ଏବଂ ୬୬ ଏକର ଜମିରେ ପୁନଃସ୍ଥାପନ କରାଯାଇ ପାରିଛି ।

ଏଠାରେ ଉଲ୍ଲେଖନୀୟ ଯେ ଭୂ-ସଂସ୍କାର ଆଇନ ଅନୁଯାୟୀ ଆଦିବାସୀ ଓ ହରିଜନମାନଙ୍କର ଜମି ଅବୈଧ ହସ୍ତାନ୍ତରର ପ୍ରତିରୋଧ ବ୍ୟବସ୍ଥା କରାଯାଇଛି । ଏହି ଆଇନ ସମଗ୍ର ରାଜ୍ୟରେ ହରିଜନମାନଙ୍କ ପାଇଁ ପ୍ରଯୁଜ୍ୟ ହେଉଥିବା ସ୍ଥଳେ ଏହା ଆଦିବାସୀମାନଙ୍କ ପାଇଁ କେବଳ 'ନନ୍ ସିଡ୍ୟୁଲ୍ଡ ଏରିଆ' ମାନଙ୍କରେ ପ୍ରଯୁଜ୍ୟ । ରାଜସ୍ୱ ବିଭାଗର ଅଫିସରମାନଙ୍କ ବିନା ଅନୁମତିରେ କୌଣସି ଆଦିବାସୀ ଓ ହରିଜନ ଶ୍ରେଣୀର ଲୋକ ଅନ୍ୟ ଶ୍ରେଣୀର ଲୋକଙ୍କୁ ଜମି ହସ୍ତାନ୍ତର କରିପାରିବେ ନାହିଁ । ଉପରୋକ୍ତ ବ୍ୟବସ୍ଥାକୁ ବିରୁଦ୍ଧାଚରଣ କରି ଯଦି କୌଣସି ଜମି ହସ୍ତାନ୍ତର କରାଯାଇଛି ବୋଲି ଜଣାପଡ଼ିବ, ତେବେ ସେହି ବ୍ୟକ୍ତିଠାରୁ ବାର୍ଷିକ କିମ୍ବା ବର୍ଷର ଯେ କୌଣସି ଅଂଶ ପାଇଁ ଏକର ପିଛା ଦୁଇଶହ ଟଙ୍କା ଜୋରିମାନା ଆଦାୟ କରିବା ଲାଗି ଆଇନଗତ ବ୍ୟବସ୍ଥା ରହିଛି । ହସ୍ତାନ୍ତରିତ ଜମି କିମ୍ବା ବଳପୂର୍ବକ ଦଖଲ କରାଯାଇଥିବା ଜମି ପୁଣି ସେହି ଆଦିବାସୀ କିମ୍ବା ହରିଜନ ବ୍ୟକ୍ତିଙ୍କୁ ଫେରସ୍ତ ଦେବାର ବ୍ୟବସ୍ଥା ମଧ୍ୟ ସେହି ଆଇନରେ ଅଛି ।

## ସେଣ୍ଟଜନ୍ ଆମ୍ବୁଲାନ୍ସ ବ୍ରିଗେଡ୍‌ର ୮ମ ସର୍ବଭାରତୀୟ ପ୍ରତିଯୋଗିତା

ସେଣ୍ଟଜନ୍ ଆମ୍ବୁଲାନ୍ସ ବ୍ରିଗେଡ୍‌ର ୮ମ ସର୍ବଭାରତୀୟ ପ୍ରତିଯୋଗିତା ଚଳିତ ବର୍ଷ ଡିସେମ୍ବର ଶେଷ ଆଡକୁ ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବ ବୋଲି ଏହି ସଂସ୍ଥାର ଉପ ସଭାପତି ତଥା ଶିଳ୍ପମନ୍ତ୍ରୀ ଶ୍ରୀ ନିରଞ୍ଜନ ପଟ୍ଟନାୟକ ସୂଚନା ଦେଇଛନ୍ତି ।

ଅକ୍ଟୋବର ୬ ତାରିଖ ଦିନ ସ୍ଥାନୀୟ ରେଡକ୍ରସ୍ ଭବନଠାରେ ସେଣ୍ଟଜନ୍ ଆମ୍ବୁଲାନ୍ସ ବ୍ରିଗେଡ୍‌ର ପକ୍ଷରୁ ଆୟୋଜିତ ଏକ ବୈଠକରେ ଶ୍ରୀ ପଟ୍ଟନାୟକ ଯୋଗ ଦେଇ ଏଥିପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଆରମ୍ଭ ହୋଇଯାଇଛି ବୋଲି ସୂଚନା ଦେଇଛନ୍ତି । ଏହି ସଂସ୍ଥାର ଜାତୀୟ ସଦର ମହକୁମା ପକ୍ଷରୁ ୫୦ ହଜାର ଟଙ୍କା ମଞ୍ଜୁର କରାଯାଇଛି । ଅଭାବ ପଡୁଥିବା ଅବଶିଷ୍ଟ ୨୦ ହଜାର ଟଙ୍କା ସୋଭେନିୟର୍ ଛାପି ଓ ବିଭିନ୍ନ ସୂତ୍ରରୁ ଯୋଗାଡ କରାଯିବ ବୋଲି ସେ ସୂଚନା ଦେଇଥିଲେ । ଏହା ବ୍ୟତୀତ ଓଡ଼ିଶାସ୍ଥିତ ସେଣ୍ଟଜନ୍ ଆମ୍ବୁଲାନ୍ସର କାର୍ଯ୍ୟ ଦକ୍ଷତା ଓ କାର୍ଯ୍ୟ ପରିସର ବୃଦ୍ଧି ପାଇଁ କେତେକ ପଦକ୍ଷେପ ନିଆଯିବ ବୋଲି ଶ୍ରୀ ପଟ୍ଟନାୟକ ପ୍ରକାଶ କରିଥିଲେ । କେବଳ ହାଟ, ମେଳା ଓ ଅନ୍ୟାନ୍ୟ ଉତ୍ସବ ମଧ୍ୟରେ ସେଣ୍ଟଜନ୍ ଆମ୍ବୁଲାନ୍ସର କାର୍ଯ୍ୟ ପରିସରକୁ ସୀମିତ ନରଖି ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ବ୍ୟାପକ ଭାବରେ ଏହି ଅନୁଷ୍ଠାନ ଅଂଶ ଗ୍ରହଣ କରିବା ଉଚିତ ବୋଲି ସେ ମତ ପ୍ରକାଶ କରିଥିଲେ ।

## ପରିବାର କଲ୍ୟାଣ କାର୍ଯ୍ୟକ୍ରମ

ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ଆହ୍ୱାନକ୍ରମେ ସମଗ୍ର ଦେଶରେ ସେପ୍ଟେମ୍ବର ପହିଲାଠାରୁ ଦୀର୍ଘକାଳୀନ ଭିତିରେ ପରିବାର କଲ୍ୟାଣ କାର୍ଯ୍ୟକ୍ରମର ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଛି ।

ଚଳିତ ଆର୍ଥିକ ବର୍ଷ ନିମିତ୍ତ ପରିବାର କଲ୍ୟାଣ କ୍ଷେତ୍ରରେ ଧାର୍ଯ୍ୟ ଲକ୍ଷ୍ୟଠାରୁ ଅଧିକ ସଫଳତା ହାସଲ କରିବା ହେଉଛି ଏହି ଅଭିଯାନର ସାଂପ୍ରତିକ ଅଭିମୁଖ୍ୟ । ଚଳିତ ଆର୍ଥିକ ବର୍ଷ ମଧ୍ୟରେ ଭାରତ ସରକାର ଓଡ଼ିଶା ପାଇଁ ୨ ଲକ୍ଷ ୨୫ ହଜାର ଗର୍ଭ ନିରୋଧ ଅସ୍ତ୍ରୋପଚାରର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି । ପ୍ରତିବର୍ଷ ଧାର୍ଯ୍ୟ ଲକ୍ଷ୍ୟ ହାସଲ କରାଯାଇ ପାରିଲେ, ଚଳିତ ଶତାବ୍ଦୀ ଶେଷ ସୁଦ୍ଧା ଜନସଂଖ୍ୟାର ବୃଦ୍ଧି ହାରକୁ ନିର୍ଦ୍ଦିଷ୍ଟ ସୀମାରେଖାରେ ରଖାଯାଇ ପାରିବ ।

ଏପର୍ଯ୍ୟନ୍ତ ପରିବାର କଲ୍ୟାଣ କ୍ଷେତ୍ରରେ ପାଳିତ ହୋଇଥିବା ସମସ୍ତ ଅଭିଯାନଗୁଡ଼ିକ ସ୍ୱଳ୍ପକାଳୀନ ଭିତିରେ କରାହୋଇ ଆସିଛି । କିନ୍ତୁ ଏହି ଅଭିଯାନଟି ଦୀର୍ଘକାଳୀନ ଭିତିରେ କାର୍ଯ୍ୟକାରୀ କରାଯାଉଛି । ପରିବାର କଲ୍ୟାଣ କାର୍ଯ୍ୟକ୍ରମକୁ ଏକ ଗଣ ଆନ୍ଦୋଳନରେ ପରିଣତ କରିବା ଓ ପ୍ରତ୍ୟେକ ନାଗରିକଙ୍କ ମନରେ ଏହି କାର୍ଯ୍ୟକ୍ରମ ପ୍ରତି ସାମାଜିକ ଦାୟିତ୍ୱବୋଧ ସୃଷ୍ଟି କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ।

ଓଡ଼ିଶାରେ ଏ ପର୍ଯ୍ୟନ୍ତ ସନ୍ତାନ ଜନ୍ମକ୍ଷମ ଦମ୍ପତିମାନଙ୍କ ମଧ୍ୟରୁ ମାତ୍ର ଶତକଡା ୩୦ ଭାଗ ଦମ୍ପତି ଗର୍ଭ ନିରୋଧ ପଦ୍ଧତି ଗ୍ରହଣ କରି ସନ୍ତାନ ଜନ୍ମ ସମ୍ଭାବନା ଏଡାଇ ଦେଇ ପାରିଛନ୍ତି । ବାକୀ ୭୦ ଭାଗ ଦମ୍ପତିଙ୍କୁ ପରିବାରକଲ୍ୟାଣକାର୍ଯ୍ୟକ୍ରମର ପରିସରଭୁକ୍ତ କରିବା ପାଇଁ ସରକାରଙ୍କର ବିଭିନ୍ନ ବିଭାଗ, ବେସରକାରୀ ସଂସ୍ଥା, ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକର ସକ୍ରିୟ ସହଯୋଗ ଏକାନ୍ତ ଆବଶ୍ୟକ । ଶତକଡା ୭୦ ଭାଗ ଦମ୍ପତି ୧୯୯୦ ମସିହା ସୁଦ୍ଧା ପରିବାର କଲ୍ୟାଣ ପଦ୍ଧତି ଗ୍ରହଣ କରିବା ଆମର ଲକ୍ଷ୍ୟ । ଏହାକୁ ଲୋକପ୍ରିୟ କରିବାକୁ ହେଲେ, ସମସ୍ତ ଗଣମାଧ୍ୟମର ସମଷ୍ଟିଗତ ପ୍ରଚେଷ୍ଟା ଏକାନ୍ତ ଆବଶ୍ୟକ ।

ଦେଶକୁ ସମୃଦ୍ଧିଶାଳୀ କରିବାକୁ ହେଲେ ଏହାହିଁ ଏକ ପ୍ରଧାନ କାର୍ଯ୍ୟକ୍ରମ ଏବଂ ଏହି କାର୍ଯ୍ୟକ୍ରମକୁ ସଫଳ କରିବାକୁ ହେଲେ ଅଛି ପ୍ରତ୍ୟେକ ଦମ୍ପତି ଆଗ୍ରହାନ୍ୱିତ ହେବା, ସ୍ୱେଚ୍ଛାସେବୀ ଅନୁଷ୍ଠାନମାନ ଏମାନଙ୍କୁ ଯେକୌଣସି ପଦ୍ଧତି ଗ୍ରହଣ କରିବାରେ ସାହାଯ୍ୟ କରିବା ଓ ପରିବାର କଲ୍ୟାଣ କର୍ମୀମାନେ ତଦନୁଯାୟୀ ସେସବୁ ଦମ୍ପତିମାନଙ୍କ ନିକଟରେ ପହଞ୍ଚାଇବା ଆବଶ୍ୟକ ।

ତେଣୁ ଆଜି ଅନୁରୋଧ ଯେ ସମୟର ଗତି ଅନୁଯାୟୀ ଏ ଅଭିଯାନର ଗତିକୁ କ୍ଷିପ୍ରରୁ କ୍ଷିପ୍ରତର କରି ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଲକ୍ଷ୍ୟ ସ୍ଥାନରେ ପହଞ୍ଚିବାକୁ ଚେଷ୍ଟା କରନ୍ତୁ ।

## ବୀମା ଡାକ୍ତରଖାନା ଉଦ୍‌ଘାଟନ

ରାଜ୍ୟରେ ଶିଳ୍ପ ବିକାଶ ଦ୍ରୁତ ଭାବରେ ବୃଦ୍ଧି ପାଉଥିବାରୁ ଶ୍ରମିକମାନଙ୍କର ସ୍ୱାସ୍ଥ୍ୟସେବା ତଥା ଦୀର୍ଘକାଳୀନ ଚିକିତ୍ସା ନିମନ୍ତେ ଅଧିକ ବୀମା ଡାକ୍ତରଖାନାର ଆବଶ୍ୟକତା ରହିଛି ବୋଲି ଶ୍ରମ ଓ କର୍ମ ଯୋଗାଣ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଭୂପାଳ ମହାପାତ୍ର ପ୍ରକାଶ କରିଛନ୍ତି ।

ଢେଙ୍କାନାଳ ସହର ନିକଟସ୍ଥ କୋରିଆଁଠାରେ ରାଜ୍ୟରେ ୨୯ତମ କର୍ମଚାରୀ ବୀମା ଡାକ୍ତରଖାନା ଉଦ୍‌ଘାଟନ କରି ଶ୍ରୀ ମହାପାତ୍ର କହିଲେ ଯେ ରାଜ୍ୟର ବିଭିନ୍ନ ଶିଳ୍ପାଞ୍ଚଳରେ ପର୍ଯ୍ୟାୟକ୍ରମେ ବୀମା ଡାକ୍ତରଖାନା ଖୋଲାଯିବ । ଚଳିତ ବର୍ଷ ଆଉ ୫ଟି ସ୍ଥାନରେ ଏବଂ ୧୯୮୭-୮୮ରେ ଆଉ ୧୧ଟି ସ୍ଥାନରେ ଖୋଲାଯିବାକୁ ସ୍ଥିର କରାଯାଇଛି । ଶ୍ରମିକମାନଙ୍କୁ ବୀମା ଯୋଜନାରେ ଅଧିକ ସୁବିଧା ଦେବା ପାଇଁ ଯେଉଁମାନେ ମାସିକ ୧,୬୦୦ ଟଙ୍କା ପର୍ଯ୍ୟନ୍ତ ଦରମା ପାଉଛନ୍ତି, ସେମାନଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି । ଶ୍ରମିକମାନଙ୍କୁ ମାଲିକମାନଙ୍କ ଶୋଷଣରୁ ମୁକ୍ତ କରିବା ହେଉଛି ଏହି ଯୋଜନାର ଲକ୍ଷ୍ୟ ଏବଂ ଏଥିପାଇଁ ସରକାର ଏହାର ଅଭିବୃଦ୍ଧି ପାଇଁ ଚେଷ୍ଟା କରୁଛନ୍ତି ବୋଲି ଶ୍ରମମନ୍ତ୍ରୀ କହିଥିଲେ । ମିଥ୍ୟା କ୍ଷତ ସାର୍ଟିଫିକେଟ୍ ଦେବାକୁ ବରଦାସ୍ତ କରାଯିବ ନାହିଁ ଓ ଏପରି ହେବା ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ କରାଯିବ ବୋଲି ଶ୍ରୀ ମହାପାତ୍ର ପ୍ରକାଶ କରିଥିଲେ । ଶ୍ରମିକମାନଙ୍କୁ

ମାନଙ୍କର ଆରୋଗ୍ୟ ପାଇଁ ଆବଶ୍ୟକ ହେଉଥିବା ଔଷଧ ନିଶ୍ଚିତ ଭାବେ ଯୋଗାଇ ଦିଆଯିବ । ଶ୍ରମିକମାନେ ସେମାନଙ୍କର କର୍ତ୍ତବ୍ୟରେ ଅବହେଳା ପ୍ରଦର୍ଶନ ନକରିବାକୁ ସେ ଅନୁରୋଧ କରିଥିଲେ । ଜାତୀୟ କ୍ଷେତ୍ରର ଉନ୍ନତି ତଥା ଦେଶର ଅଭିବୃଦ୍ଧି ପାଇଁ ଶ୍ରମିକମାନେ କର୍ତ୍ତବ୍ୟ ପରାୟଣ ହୋଇ ଏ ଦିଗରେ ସହଯୋଗ କରିବାକୁ ଶ୍ରମମନ୍ତ୍ରୀ ଆହ୍ୱାନ ଦେଇଥିଲେ । ଶ୍ରମିକମାନଙ୍କର ମୌଳିକ ଦାବୀ ପ୍ରତି ସରକାର ସଚେତନ ଅଛନ୍ତି ଏବଂ ପର୍ଯ୍ୟାୟକ୍ରମେ ସେମାନଙ୍କର ଦାବୀ ପୂରଣ ଦିଗରେ ଚେଷ୍ଟା କରାଯାଉଛି ।

ଏହି ଉତ୍ସବରେ ଲୋକସଭା ସଦସ୍ୟ ଶ୍ରୀ କାମାକ୍ଷା ପ୍ରସାଦ ସିଂହଦେଓ, ବିଧାୟକ ଶ୍ରୀ ପ୍ରଫୁଲ୍ଲ କୁମାର ଭଞ୍ଜ, ଇ:ଏସ୍:ଆଇ: କର୍ପୋରେସନ୍‌ର ଡାଇରେକ୍ଟର ଜେନେରାଲ ଶ୍ରୀ କେ:ସି: ଶର୍ମା ଓ ଇ:ଏସ୍:ଆଇ: ଡାଇରେକ୍ଟର ଡାଃ ଏସ୍:ସି: ବାନାର୍ଜୀ ଉଦ୍‌ବୋଧନ ଦେଇଥିଲେ ।

## ଫୁଲବାଣୀ ଜିଲ୍ଲାରେ ନବୋଦୟ ବିଦ୍ୟାଳୟ

ଚଳିତ ଶିକ୍ଷାବର୍ଷରେ ଫୁଲବାଣୀ ଜିଲ୍ଲାରେ ଗୋଟିଏ ନବୋଦୟ ପ୍ରତିଷ୍ଠା କରିବା ପାଇଁ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ମଞ୍ଜୁରୀ ମିଳିଛି । ପୂର୍ବରୁ ଚଳିତ ବର୍ଷ ଓଡ଼ିଶାରେ ୪ଟି ନବୋଦୟ ବିଦ୍ୟାଳୟ ଖୋଲିବାକୁ ମଞ୍ଜୁରୀ ମିଳିଥିଲା । ସେ ସ୍ଥାନଗୁଡ଼ିକ ହେଲା– ଢେଙ୍କାନାଳ ଜିଲ୍ଲାର ରେଙ୍ଗାଲି, କଟକ ଜିଲ୍ଲାର ମୁଣ୍ଡୁଲି, କେନ୍ଦୁଝର ଜିଲ୍ଲାର ହଦଗଡ ଓ କୋରାପୁଟ ଜିଲ୍ଲାର ସତୀଗୁଡା ।

ଏଠାରେ ଉଲ୍ଲେଖ କରାଯାଇପାରେ ଯେ ରାଜ୍ୟରେ ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ ଲେଖାଏଁ ନବୋଦୟ ବିଦ୍ୟାଳୟ ପ୍ରତିଷ୍ଠା କରିବାକୁ ସ୍ଥିର ହୋଇଛି । ଚଳିତ ଶିକ୍ଷାବର୍ଷରୁ ୫ଟି ଜିଲ୍ଲାରେ ଏହି ବିଦ୍ୟାଳୟ ଖୋଲାଯିବ । ଏହି ବିଦ୍ୟାଳୟରେ ପଞ୍ଚମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ନିଃଶୁଳ୍କ ଶିକ୍ଷାଦାନ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ ପାଠ୍ୟକ୍ରମ ଅନୁଯାୟୀ ହେବ । ଏହା ସଂପୂର୍ଣ୍ଣ ଆବାସିକ ହେବା ସଙ୍ଗେ ସଙ୍ଗେ ଶିକ୍ଷାଦାନ ପ୍ରଣାଳୀ ଓ ପରିବେଶ ଉନ୍ନତ ଧରଣର କରାଯିବ ।

## ପ୍ରଥମ ପବନଚାଳିତ ବିଦ୍ୟୁତ୍ ପ୍ରକଳ୍ପ

ରାଜ୍ୟ ବିଜ୍ଞାନ ବୈଷୟିକ ଓ ପରିବେଶ ବିଭାଗ ଅଧୀନସ୍ଥ ଓଡ଼ିଶା ଅକ୍ଷୟ ଶକ୍ତି ବିକାଶ ସଂସ୍ଥା ଦ୍ୱାରା ପ୍ରଥମ କରି ପୁରୀର ବଳିଆପଣ୍ଡାଠାରେ ୫୫୦ କିଲୋୱାଟ୍ କ୍ଷମତା ସଂପନ୍ନ ଏକ ପବନଚାଳିତ ବିଦ୍ୟୁତ୍ ପ୍ରକଳ୍ପ ସ୍ଥାପନ କରାଯାଇଛି । ଦଶଟି ୟୁନିଟ୍‌କୁ ନେଇ ଗଠିତ ଏହି ବିଦ୍ୟୁତ୍ ପ୍ରକଳ୍ପଟିରୁ ବାର୍ଷିକ ୧୦ ଲକ୍ଷ କେ:ଡବ୍ଲ୍ୟୁ:ଏଚ୍: ବିଦ୍ୟୁତ୍‌ଶକ୍ତି ମିଳିପାରିବ । ଗତ ଜୁନ୍ ମାସଠାରୁ ଏଥିରୁ ବିଦ୍ୟୁତ୍ ଉତ୍ପାଦନ କାର୍ଯ୍ୟ ଆରମ୍ଭ ହୋଇଛି ଏବଂ ଉତ୍ପନ୍ନ ବିଦ୍ୟୁତ୍‌ଶକ୍ତି ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ବୋର୍ଡଙ୍କର ଗ୍ରୀଡ୍ ଦ୍ୱାରା ବଣ୍ଟନ କରୁଛନ୍ତି ।

ଏହି ପ୍ରକଳ୍ପଟି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ତଥା ଅର୍ଥ ବିନିଯୋଗରେ ସ୍ଥାପିତ ହୋଇଛି । ଏଥିପାଇଁ ପ୍ରାଥମିକ ଖର୍ଚ୍ଚ ଅଟକଳ ଏକକୋଟି ଟଙ୍କା କରାଯାଇଥିବା ସ୍ଥଳେ ଏହାର ସଂଶୋଧିତ ଅଟକଳ ଏକକୋଟି ଦଶଲକ୍ଷ ଟଙ୍କା ହୋଇଛି । ପ୍ରାଥମିକ ଅଟକଳରୁ କେନ୍ଦ୍ର ସରକାର ୭୦ ଲକ୍ଷ ଟଙ୍କାର ସାହାଯ୍ୟ ଦେଇଛନ୍ତି ଏବଂ ଖର୍ଚ୍ଚ ହୋଇଥିବା ଅତିରିକ୍ତ ଅର୍ଥରୁ ଆଉ କିଛି ଭରଣା କରିବା ପାଇଁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯାଇଛି । ଏହି ପ୍ରକଳ୍ପକୁ ମିଶାଇ କେନ୍ଦ୍ର ସରକାରଙ୍କ ଅଣ-ପାରମ୍ପରିକ ଶକ୍ତି ଉତ୍ସ ବିଭାଗ ସହାୟତାରେ ଦେଶରେ ମୋଟ୍ ୩ଟି ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି । ଓଡ଼ିଶାର ଉପକୂଳ ଏପରି ପବନଚାଳିତ ବିଦ୍ୟୁତ୍ କଳ ସ୍ଥାପନା ପାଇଁ ଉତ୍କୃଷ୍ଟ ସ୍ଥାନ ବୋଲି ବିଶେଷଜ୍ଞମାନେ ମତ ଦେଇଥିବାରୁ ଚଳିତ ଆର୍ଥିକ ବର୍ଷରେ ଏହିଭଳି ଆଉ ଗୋଟିଏ ୫୫୦ କିଲୋୱାଟ୍ କ୍ଷମତା ସଂପନ୍ନ କଳ ଓଡ଼ିଶା ପାଇଁ ମଂଜୁର କରିବାକୁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯାଇଛି ।

ଓଡ଼ିଶା ଅକ୍ଷୟ ଶକ୍ତି ବିକାଶ ସଂସ୍ଥା ସମସ୍ତ ନବୀକରଣ ଶକ୍ତିର ଉନ୍ନୟନ କାର୍ଯ୍ୟ ହାତକୁ ନେଇଛନ୍ତି ।

## କୋରାପୁଟ ଜିଲ୍ଲାରେ ପରିବାର କଲ୍ୟାଣ କାର୍ଯ୍ୟକ୍ରମ

କୋରାପୁଟ ଜିଲ୍ଲାରେ ଗତ ଜୁନ୍ ମାସ ଶେଷ ସୁଦ୍ଧା ପରିବାର କଲ୍ୟାଣ କାର୍ଯ୍ୟକ୍ରମ ମାଧ୍ୟମରେ ୬୨୪ ଜଣ ପୁରୁଷ ଓ ୧୧୪୨ ଜଣ ମହିଳା ଗର୍ଭ ନିରୋଧ ଅସ୍ତ୍ରୋପଚାର କରାଇଛନ୍ତି । ସମୁଦାୟ ୭୮୭ ଜଣ ଆଇ:ୟୁ:ଡ଼ି: ବ୍ୟବହାର କରିଛନ୍ତି । ଉକ୍ତ ସମୟ ମଧ୍ୟରେ ୧୮୯୮ ଜଣ ନିୟମିତ ନିରୋଧ ବ୍ୟବହାର କରିଛନ୍ତି ଓ ସମୁଦାୟ ୧,୩୬,୮୮୭ଟି ନିରୋଧ ବଣ୍ଟନ କରାଯାଇଛି । ସେହିଭଳି ୩୦୩ ଜଣ ଗର୍ଭ ନିରୋଧ ବଟିକା ସେବନ କରିଛନ୍ତି ଓ ୩୮୯୭ଟି ବଟିକା ବଣ୍ଟନ କରାଯାଇଛି ଏବଂ ୧୪୭ ଜଣ ଗର୍ଭପାତ କରାଇଛନ୍ତି ।

ଗର୍ଭବତୀ ମହିଳା ଓ ଶିଶୁମାନଙ୍କୁ ରୋଗ ପ୍ରତିଷେଧକ ଟିକା ଇଞ୍ଜେକ୍‌ସନ୍ ଦିଆଯାଇଛି । ତନ୍ମଧ୍ୟରୁ ୪୦୩୬ ଜଣ ଗର୍ଭବତୀ ମହିଳାଙ୍କୁ ଟିଟାନସ୍ ପ୍ରତିଷେଧକ, ୪୭,୪୪୫ ଜଣଙ୍କୁ ଡ଼ି:ପି:ଟି: ଓ ୫୩୪୨ ଜଣଙ୍କୁ ଡ଼ି:ଟି: ପ୍ରତିଷେଧକ ଇଞ୍ଜେକ୍‌ସନ୍ ଦିଆଯାଇଛି । ସେହିପରି ୩୦,୭୧୩ ଜଣଙ୍କୁ ଭିଟାମିନ୍ 'ଏ' ବଣ୍ଟାଯାଇଛି । ଉକ୍ତ ସମୟ ମଧ୍ୟରେ ୩୨୩୩ ଜଣଙ୍କୁ ପୋଲିଓ ପ୍ରତିଷେଧକ, ୩୦୬୨ ଜଣଙ୍କୁ ଟାଇଫଏଡ୍ ପ୍ରତିଷେଧକ ଦିଆଯାଇଛି । ଏହି ସମୟରେ ୬୨୧ ଜଣ ଏକ ବର୍ଷର ଶିଶୁ ଓ ୧୪୬୬ ଜଣ ୧୦ ବର୍ଷର ବାଳକ ବାଳିକାଙ୍କୁ ଧନୁଷ୍ଟଙ୍କାର ପ୍ରତିଷେଧକ ଦିଆଯାଇଥିବା ପ୍ରକାଶ ।

## ସର୍ବୋତ୍କୃଷ୍ଟ ପଞ୍ଚାୟତ

ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟକ୍ରମଗୁଡ଼ିକ ସଫଳଭାବେ କାର୍ଯ୍ୟକାରୀ କରିବା ଲାଗି ଆରମ୍ଭ ହୋଇଥିବା ପ୍ରତିଯୋଗିତା ଅନୁଯାୟୀ ୧୯୮୪-୮୫ ମସିହାରେ ମୟୂରଭଞ୍ଜ ଜିଲ୍ଲାର ଯଶିପୁର ଓ ବିଶୋଇ ଏବଂ ପୁରୀ ଜିଲ୍ଲାର ଅସ୍ତରଙ୍ଗ ଗ୍ରାମପଞ୍ଚାୟତ ୩ଟି ରାଜ୍ୟ ସ୍ତରରେ ସର୍ବୋତ୍କୃଷ୍ଟ ପଞ୍ଚାୟତ ରୂପେ ବିବେଚିତ ହୋଇଥିବାରୁ ରାଜ୍ୟପାଳ ଶ୍ରୀ ବିଶ୍ୱମ୍ଭରନାଥ ପାଣ୍ଡେ ସଂପୃକ୍ତ ସରପଞ୍ଚମାନଙ୍କୁ ନଗଦ ଅର୍ଥ ଆକାରରେ ପୁରସ୍କାର ବିତରଣ କରିଛନ୍ତି । ଗତ—୧୯୮୬ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ରାଜଭବନଠାରେ ଅନୁଷ୍ଠିତ ଏକ ନିମନ୍ତ୍ରଣ ଉତ୍ସବରେ ସେହି ପଞ୍ଚାୟତ ୩ଟିକୁ ପୁରସ୍କାର ପ୍ରଦାନ କରାଯାଇଛି । ଯଶିପୁର ପଞ୍ଚାୟତ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ସରପଞ୍ଚ ଶ୍ରୀ କୃଷ୍ଣଚନ୍ଦ୍ର ସାହୁଙ୍କୁ ୫୦୦୦ ଟଙ୍କା ଏବଂ ବିଶୋଇ ପଞ୍ଚାୟତ ୨ୟ ପୁରସ୍କାର ବିଜେତା ଭାବରେ ସରପଞ୍ଚ ଶ୍ରୀ ବିଶ୍ୱମ୍ଭର ମାହାନ୍ତ ୩୦୦୦ ଟଙ୍କା ପାଇଛନ୍ତି । ଅସ୍ତରଙ୍ଗ ପଞ୍ଚାୟତରେ ସରପଞ୍ଚ ଶ୍ରୀ ବ୍ରଜକିଶୋର ମହାନ୍ତି ୩ୟ ପୁରସ୍କାର ୨୦୦୦ ଟଙ୍କା ପାଇଛନ୍ତି ।

ବିଭାଗୀୟ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ହରିହର କରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ ଶ୍ରୀ ପାଣ୍ଡେ କହିଲେ ଯେ ଗ୍ରାମ ବହୁଳ ଓଡ଼ିଶାର ଅର୍ଥନୀତି କୃଷିଭିତ୍ତିକ ହୋଇଥିବାରୁ ଗ୍ରାମାଞ୍ଚଳଗୁଡ଼ିକର ଉନ୍ନତି ଉପରେ ସମଗ୍ର ରାଜ୍ୟର ଉନ୍ନତି ନିର୍ଭର କରୁଛି । ଏହି ଦୃଷ୍ଟିରୁ ଗ୍ରାମବାସୀମାନଙ୍କର ଆର୍ଥନୈତିକ ବିକାଶ ଲାଗି ସରକାରଙ୍କ ଦ୍ୱାରା ବହୁପ୍ରକାର ଉନ୍ନୟନମୂଳକ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଉଛି ବୋଲି ଶ୍ରୀ ପାଣ୍ଡେ ସୂଚନା ଦେଇଥିଲେ । ଉକ୍ତ ପ୍ରସଙ୍ଗରେ ମହାତ୍ମା ଗାନ୍ଧୀଙ୍କର 'ଗ୍ରାମ୍ୟ ସ୍ୱରାଜ୍ୟ' କାର୍ଯ୍ୟକ୍ରମ

ଗ୍ରାମବାସୀମାନଙ୍କୁ ଆତ୍ମନିର୍ଭରଶୀଳ କରିବା ଦିଗରେ ସହାୟକ ହେଉଥିଲା, ତାହା ସେ ଦର୍ଶାଇଥିଲେ ।

ଗୋଷ୍ଠୀ ଉନ୍ନୟନ ଓ ଗ୍ରାମ୍ୟ ପୁନର୍ଗଠନ ବିଭାଗର ଶାସନ ସଚିବ ଶ୍ରୀ ରମାକାନ୍ତ ରଥ ଧନ୍ୟବାଦ ଅର୍ପଣ କରି କହିଲେ ଯେ ପଞ୍ଚାୟତଗୁଡ଼ିକ ମଧ୍ୟରେ ପ୍ରତିଯୋଗିତା ହେବା ଫଳରେ ଉତ୍କୃଷ୍ଟ ପଞ୍ଚାୟତଗୁଡ଼ିକର କାର୍ଯ୍ୟାବଳୀ ଓ ଆଦର୍ଶ ଅନ୍ୟ ପଞ୍ଚାୟତଗୁଡ଼ିକୁ ଉଦ୍‌ବୁଦ୍ଧ କରିବ ।

## ଅତ୍ୟାବଶ୍ୟକ ଜିନିଷ ଜବତ

ରାଜ୍ୟର ଖାଉଟିମାନଙ୍କ ସ୍ୱାର୍ଥ ପ୍ରତି ଦୃଷ୍ଟି ରଖି ବେଆଇନଭାବେ ଅତ୍ୟାବଶ୍ୟକ ଜିନିଷ ମହଜୁଦ କରିବା, ଲାଭଖୋରୀ, କଳାବଜାର ଓ ମୂଲ୍ୟ ବୃଦ୍ଧିକୁ ରୋକିବା ପାଇଁ ଖାଦ୍ୟ ଓ ଯୋଗାଣ ବିଭାଗର ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍, ଭିଜିଲାନ୍‌ସ କର୍ମଚାରୀ ଓ ବିଭିନ୍ନ ଜିଲ୍ଲାର ଯୋଗାଣ ବିଭାଗ କର୍ମଚାରୀମାନେ ଜିଲ୍ଲାର ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ଯାଞ୍ଚ କରି ଚଳିତ ଆର୍ଥିକ ବର୍ଷର ପ୍ରଥମ ୩ ମାସ ମଧ୍ୟରେ ୬ ଲକ୍ଷ ୫୬ ହଜାର ଟଙ୍କା ମୂଲ୍ୟର ଅତ୍ୟାବଶ୍ୟକ ଜିନିଷ ଜବତ କରିଛନ୍ତି ।

ଏହି ସମୟ ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ଯାଞ୍ଚ କରାଯିବା ଫଳରେ ୧୬୯ଟି ଘଟଣା ଧରାପଡ଼ିଥିଲା । ଧରାପଡ଼ିଥିବା ଅସାଧୁ ବ୍ୟବସାୟୀଙ୍କ ବିରୁଦ୍ଧରେ ୧୩ଟି ମକଦ୍ଦମା ରୁଜୁ କରାଯାଇଛି । ଅତ୍ୟାବଶ୍ୟକ ସାମଗ୍ରୀ କାରବାର କରୁଥିବା ୩୧ ଜଣ ବ୍ୟବସାୟୀଙ୍କ ଲାଇସେନ୍‌ସ ରଦ୍ଦ କରାଯିବା ସଙ୍ଗେ ସଙ୍ଗେ ୧୬ଟି ଲାଇସେନ୍‌ସକୁ ସସ୍‌ପେଣ୍ଡ କରାଯାଇଛି । ଏହାଛଡ଼ା ୨୮ଟି ବ୍ୟବସାୟୀଙ୍କୁ ଜୋରିମାନା ଏବଂ ୨୦ ଜଣ ବ୍ୟବସାୟୀଙ୍କ ଅମାନତ ଟଙ୍କା ବାଜ୍ୟାପ୍ତି କରାଯାଇଛି ।

## ସରକାରୀ ବାସଗୃହଗୁଡ଼ିକର ମରାମତି

ଚଳିତ ଆର୍ଥିକ ବର୍ଷରେ ରାଜ୍ୟ ସରକାରଙ୍କ ସ୍ୱରାଷ୍ଟ୍ର ଓ ରାଜସ୍ୱ ବିଭାଗ ସମେତ କେତେକ ବିଭାଗ ଅଧୀନରେ ବିଭିନ୍ନ ଅଞ୍ଚଳରେ ଥିବା ସରକାରୀ ବାସଗୃହଗୁଡ଼ିକର ରକ୍ଷଣାବେକ୍ଷଣ ଲାଗି ବାର୍ଷିକ ମରାମତି ଓ ସ୍ୱତନ୍ତ୍ର ମରାମତି ବାବଦରେ ସମୁଦାୟ ୨ କୋଟି ୩୧ ଲକ୍ଷ ୧୫ ହଜାର ଟଙ୍କା ବ୍ୟୟ ବରାଦ କରାଯାଇଛି । ସ୍ୱରାଷ୍ଟ୍ର ବିଭାଗ ଅଧୀନସ୍ଥ ଗୃହଗୁଡ଼ିକର ବାର୍ଷିକ ମରାମତି ଓ ସ୍ୱତନ୍ତ୍ର ମରାମତି ବାବଦରେ ଯଥାକ୍ରମେ ୧୨ ଲକ୍ଷ ୮୯ ହଜାର ୭୦୦ ଟଙ୍କା ଓ ୧୩ ଲକ୍ଷ ୫୫ ହଜାର ୨୦୦ଟଙ୍କା ବ୍ୟୟ ବରାଦ କରାଯାଇଛି । ସେହିପରି ରାଜସ୍ୱ ବିଭାଗର ବାସଗୃହଗୁଡ଼ିକର ମରାମତି ଓ ସ୍ୱତନ୍ତ୍ର ମରାମତି ଲାଗି ଯଥାକ୍ରମେ ୮ ଲକ୍ଷ ୮୩ ହଜାର ୪୦୦ ଟଙ୍କା ଓ ୯ ଲକ୍ଷ ୧୭ ହଜାର ୭୦୦ ଟଙ୍କା ବ୍ୟୟ ବ୍ୟବସ୍ଥା କରାଯାଇଥିବା ସ୍ଥଳେ ଅନ୍ୟାନ୍ୟ ବିଭାଗର ଗୃହଗୁଡ଼ିକର ମରାମତି ଓ ସ୍ୱତନ୍ତ୍ର ମରାମତି ପାଇଁ ଯଥାକ୍ରମେ ୯୨ ଲକ୍ଷ ୨୧ ହଜାର ୯୦୦ ଟଙ୍କା ଓ ୯୪ ଲକ୍ଷ ୪୭ ହଜାର ୧୦୦ ଟଙ୍କା ବ୍ୟୟ କରାଯିବ ।

ଏଠାରେ ଉଲ୍ଲେଖ କରାଯାଇପାରେ ଯେ ପୂର୍ତ୍ତ ବିଭାଗ ଅଧୀନସ୍ଥ ୩୯ଟି ଡ଼ିଭିଜନ୍ ଦ୍ୱାରା ଉକ୍ତ ଅର୍ଥ ବ୍ୟୟ କରାଯିବ । ଚଳିତ ବର୍ଷ ବଜେଟ୍‌ରେ ବ୍ୟୟ ବରାଦ ହୋଇଥିବା ଉକ୍ତ ଅର୍ଥ ମଧ୍ୟରେ ସମ୍ବଲପୁର ଜିଲ୍ଲାର ସମ୍ବଲପୁର, ଦେଓଗଡ ଓ ବୁର୍ଲା ପୂର୍ତ୍ତ ଡ଼ିଭିଜନ୍ ଦ୍ୱାରା ଉକ୍ତ ଦୁଇ ପ୍ରକାର ମରାମତି ପାଇଁ ଯଥାକ୍ରମେ ୧୫ ଲକ୍ଷ ୮୦ ହଜାର ୧୦୦ ଟଙ୍କା, ୨ ଲକ୍ଷ ୮୨ ହଜାର ଟଙ୍କା ଏବଂ ୭ ଲକ୍ଷ ୫ ହଜାର ଟଙ୍କା ବ୍ୟୟ କରାଯିବ । କଟକ–୧ ନଂ ଡ଼ିଭିଜନ୍ ଦ୍ୱାରା ସମୁଦାୟ ୨୮ ଲକ୍ଷ ୬୦ ହଜାର ୫୦୦ ଟଙ୍କା, କ୍ୟାପିଟାଲ୍ ମେଣ୍ଟେନାନ୍‌ସ ୧ ନଂ ଡ଼ିଭିଜନ୍ ଦ୍ୱାରା ୨୮ ଲକ୍ଷ ୮୭ ହଜାର ୫୦୦ ଟଙ୍କା ଏବଂ ୨ ନଂ ମେଣ୍ଟେନାନ୍‌ସ ଡ଼ିଭିଜନ୍ ଦ୍ୱାରା ୧୩ ଲକ୍ଷ ୭୩ ହଜାର ୩୦୦ ଟଙ୍କା ବ୍ୟୟ ଲାଗିବ ।

## ଦାରିଦ୍ର୍ୟ ବିରୋଧୀ କାର୍ଯ୍ୟକ୍ରମ

କୋରାପୁଟ ଜିଲ୍ଲା ଗୁଣୁପୁର ସବ୍‌ଡ଼ିଭିଜନରେ ୭ଟି ପଞ୍ଚାୟତ ସମିତି ଅଞ୍ଚଳରେ ଗ୍ରାମ୍ୟ ଦରିଦ୍ର ଲୋକଙ୍କୁ ବିଭିନ୍ନ ଦାରିଦ୍ର୍ୟ ବିରୋଧୀ କାର୍ଯ୍ୟକ୍ରମରେ ସହାୟତା ପ୍ରଦାନ କରାଯାଉଛି । ତଦନୁଯାୟୀ ସମନ୍ୱିତ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟକ୍ରମରେ ଗତ ଆର୍ଥିକ ବର୍ଷରେ ଉକ୍ତ ସବ୍‌ଡ଼ିଭିଜନରେ ୪,୧୯୮ଟି ଦରିଦ୍ର ପରିବାର ଉପକୃତ ହୋଇଛନ୍ତି । ସେମାନଙ୍କ ମଧ୍ୟରେ ୨,୧୩୫ଟି ଆଦିବାସୀ ଓ ୯୧୩ଟି ହରିଜନ ପରିବାର ଅନ୍ତର୍ଭୁକ୍ତ ।

ଷଷ୍ଠ ଯୋଜନା ସୁଦ୍ଧା ଉକ୍ତ ସବ୍‌ଡ଼ିଭିଜନ୍‌ରେ ଉପରୋକ୍ତ କାର୍ଯ୍ୟକ୍ରମ ଅନୁଯାୟୀ ୯୯୮ ଜଣ କ୍ଷୁଦ୍ରଚାଷୀ ଓ ୧,୮୧୭ଟି ନାମମାତ୍ର ଚାଷୀ ପରିବାରଙ୍କ ସମେତ ମୋଟ୍ ୧୦,୬୬୨ଟି ଦରିଦ୍ର ପରିବାର ଉପକୃତ ହୋଇଛନ୍ତି । ତନ୍ମଧ୍ୟରୁ ଆଦିବାସୀ ଓ ହରିଜନ ପରିବାରଙ୍କ ସଂଖ୍ୟା ହେଉଛି ଯଥାକ୍ରମେ ୫,୭୯୬ ଓ ୨,୨୦୮ ।

ସେହିପରି ଇ:ଆର୍:ଆର୍:ପି: ଯୋଜନାରେ ଉକ୍ତ ସବ୍‌ଡ଼ିଭିଜନ୍‌ରେ ଗତ ଆର୍ଥିକ ବର୍ଷରେ ମୋଟ୍ ୨,୩୮୨ଟି ଦରିଦ୍ରତମ ପରିବାରଙ୍କୁ ବିଭିନ୍ନ ଦାରିଦ୍ର୍ୟ ବିରୋଧୀ କାର୍ଯ୍ୟକ୍ରମରେ ସହାୟତା ପ୍ରଦାନ କରାଯାଇଛି । ଉପକୃତ ହୋଇଥିବା ପରିବାରଙ୍କ ମଧ୍ୟରେ ୧,୧୪୯ଟି ଆଦିବାସୀ ଓ ୫୪୪ଟି ହରିଜନ ପରିବାର ଅନ୍ତର୍ଭୁକ୍ତ । ଷଷ୍ଠ ଯୋଜନା ମଧ୍ୟରେ ଉକ୍ତ ସବ୍‌ଡ଼ିଭିଜନରେ ମୋଟ୍ ୫,୩୨୮ ଟି ପରିବାରଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇ ଥଇଥାନ କରାଯାଇଛି । ସେମାନଙ୍କ ମଧ୍ୟରେ ଆଦିବାସୀ . ପରିବାରଙ୍କ ସଂଖ୍ୟା ହେଉଛି ୩,୨୮୭ ଓ ହରିଜନ ପରିବାରଙ୍କ ସଂଖ୍ୟା ହେଉଛି ୧,୦୮୦ ।

## ଗାଈଗୋରୁ ଚିକିତ୍ସା

ଗତ ଜୁଲାଇ ମାସରେ କଟକ ସଘନ ଗୋ-ଉନ୍ନୟନ ଯୋଜନା ଅଞ୍ଚଳରେ ୨୧ ହଜାର ୨୪୩ ଗୋରୁଙ୍କର ସାଧାରଣ ଚିକିତ୍ସା କରାଯିବା ସଙ୍ଗେ ସଙ୍ଗେ ୧୮ ହଜାର ୧୧୩ ଟି ଗୋରୁଙ୍କୁ ବିଭିନ୍ନ ସଂକ୍ରାମକ ରୋଗ ପ୍ରତିଷେଧକ ଟିକା ଦିଆଯାଇଛି ।

ଉକ୍ତ ସମୟ ମଧ୍ୟରେ ଏହି ଅଞ୍ଚଳରେ ୧,୭୯୩ଟି ଗାଈମାନଙ୍କଠାରେ କୃତ୍ରିମ ପ୍ରଜନନ କରାଯାଇଛି । ପୂର୍ବରୁ କୃତ୍ରିମ ପ୍ରଜନନ କରାଯାଇଥିବା ଗାଈମାନଙ୍କଠାରୁ ୬୫୪ଟି ଉନ୍ନତ ବାଛୁରୀ ଜନ୍ମିଛନ୍ତି । ତନ୍ମଧ୍ୟରୁ ଅଣ୍ଡିରା ବାଛୁରୀଙ୍କ ସଂଖ୍ୟା ହେଉଛି ୩୪୪ ଓ ମାଈ ବାଛୁରୀଙ୍କ ସଂଖ୍ୟା ହେଉଛି ୩୧୦ । ଏହା ବ୍ୟତୀତ ୧,୬୭୫ଟି ଅଣ୍ଡିରା ବାଛୁରୀଙ୍କ ଧରିଣ କରାଯାଇଛି ।

ଉଲ୍ଲିଖିତ ମାସରେ ଗୋଖାଦ୍ୟ ପାଇଁ ଘାସ ଚାଷ କାର୍ଯ୍ୟକ୍ରମ ଅନୁଯାୟୀ ଉକ୍ତ ଅଞ୍ଚଳରେ ୩୨ ଏକର ୮୦ ଡେସିମିଲ ପରିମିତ ଜମି ଅନ୍ତର୍ଭୁକ୍ତ ୧୫୭ଟି ପ୍ଲଟ୍‌ରେ ଘାସ ଚାଷ କରାଯାଇଛି । ଏହି ଚାଷ କରିବା ନିମନ୍ତେ ଆଗ୍ରହୀ ଚାଷୀଙ୍କୁ ୫୪୬ କିଲୋଗ୍ରାମ୍ ଘାସ ମଞ୍ଜି ଓ ୧୨ ହଜାର ଚେର ଯୋଗାଇ ଦିଆଯାଇଛି

## ସାମାଜିକ ବନୀକରଣ

ମୟୁରଭଞ୍ଜ ଜିଲ୍ଲାରେ ସାମାଜିକ ବନୀକରଣ କାର୍ଯ୍ୟକ୍ରମ ଅନୁଯାୟୀ ୧୪୫୦ ହେକ୍ଟର ଜମିରେ ଗ୍ରାମ୍ୟ ଜଙ୍ଗଲ, ୧୧୬୫ ହେକ୍ଟର ଜମିରେ ପୁନଃବନୀକରଣ, ପ୍ରାୟ ୧୩୦୦ ହେକ୍ଟର ଜମିରେ ପତିତ ଜମିର ପୁନରୁଦ୍ଧାର ଓ ୧୧୦ ହେକ୍ଟର ଜମିରେ ଗ୍ରାମ୍ୟ ଦରିଦ୍ର ଲୋକଙ୍କ ପାଇଁ ଜଙ୍ଗଲ ଚାଷ କରାଯିବା ସଙ୍ଗେ ସଙ୍ଗେ ୨୭.୫୦ ଲକ୍ଷ ଚାରା ଗ୍ରାମବାସୀମାନଙ୍କ ମଧ୍ୟରେ ବଣ୍ଟନ କରାଯାଇଛି । ଏଣୁ ସମ୍ପ୍ରତି ପ୍ରକାଶ ଯେ ଉକ୍ତ ଜିଲ୍ଲାରେ ଗ୍ରାମ୍ୟ ଜଙ୍ଗଲର ରକ୍ଷଣା ବେକ୍ଷଣ କ୍ଷେତ୍ରରେ

ଗ୍ରାମବାସୀମାନେ ବେଶ୍ ଆଗ୍ରହ ପ୍ରକାଶ କରିଛନ୍ତି । ଏଠାରେ ଗ୍ରାମ୍ୟ ଜଙ୍ଗଲ ସୃଷ୍ଟିରେ ସଫଳତା ଶତକଡ଼ା ୯୦ ଭାଗ ହୋଇଥିବା ବେଳେ ୧୯୮୪-୮୫ ଓ ୧୯୮୫-୮୬ରେ ଏହା ଯଥାକ୍ରମେ ଶତକଡ଼ା ୫୦ ଓ ୭୫ ଭାଗ ବୋଲି ଜଣାପଡ଼ିଛି । ବିଶେଷତଃ ଏହି କାର୍ଯ୍ୟରେ ଗ୍ରାମବାସୀମାନଙ୍କର ଆଗ୍ରହ ଓ ସହଯୋଗ ଅତ୍ୟନ୍ତ ପ୍ରଶଂସନୀୟ । ପୂର୍ବରୁ ଯେଉଁ ସବୁ ଅଞ୍ଚଳ ମାଙ୍କଡ଼ା ପଥର, ଅନୁର୍ବର ଓ ପତିତ ଜମି ଥିଲା, ସେ ସମସ୍ତ ଅଞ୍ଚଳ ବର୍ତ୍ତମାନ ସବୁଜିମାରେ ପରିପୂର୍ଣ୍ଣ ।

ଏଠାରେ ଉଲ୍ଲେଖନୀୟ ଯେ ସୁଇଡେନ୍ ସରକାରଙ୍କ ସହାୟତାରେ ଓଡ଼ିଶାର ୯ଟି ଜିଲ୍ଲାରେ କରାଯାଉଥିବା ସାମାଜିକ ବନୀକରଣ କାର୍ଯ୍ୟକ୍ରମ ମଧ୍ୟରେ ମୟୂରଭଞ୍ଜ ଜିଲ୍ଲା ଅନ୍ୟତମ । ରାଇରଙ୍ଗପୁରଠାରେ ଅଧିଷ୍ଠିତ ଉପନିର୍ଦ୍ଦେଶକଙ୍କ ମାଧ୍ୟମରେ ଗତ ୧୯୮୪ ମସିହାରୁ ଏହି କାର୍ଯ୍ୟକ୍ରମ ଉକ୍ତ ଜିଲ୍ଲାରେ କାର୍ଯ୍ୟକାରୀ ହେଉଛି ।

## ଓଡ଼ିଶା ପ୍ରଶାସନିକ ନ୍ୟାୟାଧିକରଣଙ୍କ ଦ୍ୱାରା ମାମଲା ଫଇସଲା

ଓଡ଼ିଶା ପ୍ରଶାସନିକ ନ୍ୟାୟାଧିକରଣ ରାଜ୍ୟ ସରକାରୀ କର୍ମଚାରୀମାନଙ୍କ ଚାକିରି ସର୍ତ୍ତାବଳୀ ସଂକ୍ରାନ୍ତୀୟ ଆପତ୍ତି ଅଭିଯୋଗ ବିଚାର କରି ଶୀଘ୍ର ସେଗୁଡ଼ିକ ଫଇସଲା କରିବା ପାଇଁ ଗତ ୧୪-୭-୮୬ ତାରିଖଠାରୁ ଭୁବନେଶ୍ୱରଠାରେ ସ୍ଥାପନ କରାଯାଇଛି । ଏହି ପ୍ରଶାସନିକ ନ୍ୟାୟାଧିକରଣ ପ୍ରତିଷ୍ଠା ହେବା ଦିନଠାରୁ ଅର୍ଥାତ ୧୪-୭-୮୬ ତାରିଖଠାରୁ ୨୨-୮-୮୬ ତାରିଖ ମଧ୍ୟରେ ସର୍ବମୋଟ ୧୮୧ଟି ଦରଖାସ୍ତ ଓ ଆବେଦନପତ୍ର ଫଇସଲା କରିବା ପାଇଁ ପାଇଥିଲେ । ସେଥିମଧ୍ୟରେ ଓଡ଼ିଶା ଉଚ୍ଚତମ ନ୍ୟାୟାଳୟରୁ ଅନ୍ତରଣ ହୋଇ ବିଚାର ପାଇଁ ଆସିଥିବା ୧୧୫ଟି ମାମଲା ଅନ୍ତର୍ଭୁକ୍ତ । ଉପରୋକ୍ତ ୧୮୧ଟି ମାମଲା ମଧ୍ୟରୁ ୩୬ଟି ମାମଲା ନ୍ୟାୟାଧିକରଣଙ୍କ ଦ୍ୱାରା ୨୨-୮-୮୬ ତାରିଖ ସୁଦ୍ଧା ଫଇସଲା କରାଯାଇଛି ।

## ସଘନ ମାଛଚାଷ ନିମିତ୍ତ ବିଶୁଦ୍ଧ ଜାଆଁଳ

ରାଜ୍ୟରେ କ୍ରମାଗତ ବର୍ଷା ଫଳରେ ବିଭାଗୀୟ ମାଛ ଫାର୍ମମାନଙ୍କରେ ଚାଷପଯୋଗୀ ଜାତିଆ ମାଛରୁ ବିଶୁଦ୍ଧ ଗୁଣ୍ଡ ଜାଆଁଳ ଉତ୍ପାଦନ ପରିମାଣ ୩୦ କୋଟି ୭୧ ଲକ୍ଷରେ ପହଞ୍ଚିଛି । ଏଥିରୁ ୨ କୋଟି ୨୧ ଲକ୍ଷ ବଡ଼ ଜାଆଁଳ ମାଛଚାଷୀଙ୍କୁ ଯୋଗାଇ ଦିଆଗଲାଣି । ଚଳିତ ଋତୁରେ ପ୍ରଭାବିତ ପ୍ରଜନନ ପ୍ରଣାଳୀରେ ବିଦେଶୀ ମାଛ ଜାଆଁଳ ଏ ପର୍ଯ୍ୟନ୍ତ ଗ୍ରାସ୍ କାର୍ପ ୩୧.୪୫ ଲକ୍ଷ ଓ ବିଲାତି ରୋହି ୧୭୪.୪୨ ଲକ୍ଷ ଉତ୍ପାଦନ କରାଯାଇଛି । ଗୁଣ୍ଡ ଜାଆଁଳ ଉତ୍ପାଦନ କ୍ଷେତ୍ରରେ ବଲାଙ୍ଗୀର ୫ କୋଟି ୨୭ ଲକ୍ଷ ଓ ସମ୍ବଲପୁର ୫ କୋଟି ୪ଲକ୍ଷ ଗୁଣ୍ଡ ଜାଆଁଳ ଉତ୍ପାଦନ କରି ରାଜ୍ୟରେ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି ।

## ବାସହୀନଙ୍କୁ ଘରଡ଼ିହ

ବାସହୀନଙ୍କୁ ଘରଡ଼ିହ ଯୋଗାଣ କାର୍ଯ୍ୟକ୍ରମ ଅନୁଯାୟୀ ୧୯୭୪-୭୫ ମସିହା ଅର୍ଥାତ୍ ଏହି କାର୍ଯ୍ୟକ୍ରମ ଆରମ୍ଭ ହେବା ଦିନରୁ ୧୯୮୬ ମସିହା ଅଗଷ୍ଟ ମାସ ଶେଷ ସୁଦ୍ଧା ରାଜ୍ୟରେ ମୋଟ ୪ ଲକ୍ଷ ୫ ହଜାର ୧୫୨ ଟି ବାସହୀନ ପରିବାରଙ୍କୁ ଘରଡ଼ିହ ବଣ୍ଟନ କରାଯାଇଛି । ତନ୍ମଧ୍ୟରେ ଷଷ୍ଠ ପଞ୍ଚବାର୍ଷିକ ଯୋଜନା (୧୯୮୦–୮୫) କାଳରେ ୧ ଲକ୍ଷ ୨୭ ହଜାର ୨୦୬ଟି ପରିବାର ଓ ସପ୍ତମ ଯୋଜନା ଆରମ୍ଭରୁ ଅଦ୍ୟାବଧି ୮୬ ହଜାର ପରିବାର

ଏଠାରେ ଉଲ୍ଲେଖନୀୟ ଯେ ଦୁର୍ବଳ ଶ୍ରେଣୀର ପରିବାରଙ୍କର ଅର୍ଥନୈତିକ ଉନ୍ନତି ପାଇଁ ସରକାର ବାସହୀନ ପରିବାରଙ୍କୁ ଘରଡ଼ିହ ଯୋଗାଣ କାର୍ଯ୍ୟକ୍ରମ ଅଗ୍ରାଧିକାର ଦେଇଛନ୍ତି । ୧୯୭୪-୭୫ ମସିହାରୁ ଏହା କାର୍ଯ୍ୟକାରୀ ହେଉଛି । ତଦନୁଯାୟୀ ଅର୍ଦ୍ଧ ସହର ଓ ଦ୍ରୁତ ବିକାଶଶୀଳ ଅଞ୍ଚଳ ତଥା ରାଜ୍ୟର ଗ୍ରାମାଞ୍ଚଳରେ ପ୍ରତ୍ୟେକ ଶ୍ରମଜୀବୀ ପରିବାରଙ୍କୁ ବିନା ସଲାମିରେ ୪ ଡ଼ିସିମିଲ୍ ପର୍ଯ୍ୟନ୍ତ ସରକାରୀ ପତିତ ଜମି ମାଗଣାରେ ଯୋଗାଇ ଦିଆଯାଉଛି । ଆବଶ୍ୟକ ସ୍ଥଳେ ୪ ଡ଼ିସିମିଲ୍‌ରୁ ଅଧିକ ଜମି ନିମନ୍ତେ ସ୍ଥାନୀୟ ପ୍ରଚଳିତ ଦରର ଅଧା ମୂଲ୍ୟରେ ଯୋଗାଇ ଦେବାକୁ ବ୍ୟବସ୍ଥା ଅଛି । ଏହା ବ୍ୟତୀତ ଦୁର୍ବଳ ଶ୍ରେଣୀର ବାସହୀନ ଲୋକଙ୍କୁ ଗତ ୧୯୮୫ ମସିହା ମାର୍ଚ୍ଚ ମାସରୁ ସୁବିଧା ଦିଆଯାଇଛି । ତଦନୁଯାୟୀ ଯେଉଁ ବାସହୀନ ବ୍ୟକ୍ତି ରାସ୍ତା, ଶ୍ମଶାନ,, ବନ୍ଧବାଟ, କେନାଲ, ପୁଷ୍କରିଣୀ, ସରକାରୀ କାର୍ଯ୍ୟାଳୟ ଓ ସରକାରୀ ବାସଗୃହ ପରିସର ମଧ୍ୟରେ ଥିବା ଜମି ବ୍ୟତୀତ ଅନ୍ୟ ସରକାରୀ ଜାଗାରେ ଘର କରି ରହିଥିବେ, ସେମାନଙ୍କୁ ସେହି ଜାଗା ଉପରେ ରୟତି ସ୍ୱତ୍ୱ ପ୍ରଦାନ କରାଯିବ । ଏହି ବାସହୀନ ଲୋକଙ୍କୁ ୪ ଡ଼ିସିମିଲ୍ ପର୍ଯ୍ୟନ୍ତ ଉକ୍ତ ଜମି ଯୋଗାଇ ଦିଆଯିବାର ବ୍ୟବସ୍ଥା ମଧ୍ୟ ହୋଇଛି ।

## ସମନ୍ୱିତ ଗ୍ରାମ୍ୟ ଉନ୍ନୟନ ଯୋଜନା

ଚଳିତ ଆର୍ଥିକ ବର୍ଷ ଗତ ଜୁଲାଇ ମାସ ଶେଷ ସୁଦ୍ଧା ସମନ୍ୱିତ ଗ୍ରାମ୍ୟ ଉନ୍ନୟନ ଯୋଜନା (ଆଇ:ଆର୍:ଡ଼ି) କାର୍ଯ୍ୟକାରୀ କରିବା ଲାଗି ୨୨ କୋଟି ୬୪ ଲକ୍ଷ ୫୪ ହଜାର ଟଙ୍କା ବ୍ୟୟ ବ୍ୟବସ୍ଥା କରାଯାଇଛି । ସବୁ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରୋଜେକ୍ଟ ଅଫିସରମାନଙ୍କର ସହାୟତାରେ ଏହି ଅର୍ଥ ବିନିଯୋଗ ହେଉଛି । ବ୍ୟୟ ବ୍ୟବସ୍ଥା ହୋଇଥିବା ଏହି ଅର୍ଥ ମଧ୍ୟରେ କେନ୍ଦ୍ରୀୟ ସାହାଯ୍ୟ ମିଳିଥିବା ୭ କୋଟି ୭୩ ଲକ୍ଷ ୬୦ ହଜାର ଟଙ୍କା ଏବଂ ରାଜ୍ୟ ସରକାର ଯୋଗାଇଥିବା ୫ କୋଟି ୯୦ ଲକ୍ଷ ୬୯ ହଜାର ଟଙ୍କା ଅନ୍ତର୍ଭୁକ୍ତ । ଏହା ବ୍ୟତୀତ ଗତ ଆର୍ଥିକ ବର୍ଷରୁ ଖର୍ଚ୍ଚ ନ ହୋଇ ବଳି ପଡ଼ିଥିବା ୮ କୋଟି ୯୪ ଲକ୍ଷ ୯୫ ହଜାର ଟଙ୍କାରୁ ମଧ୍ୟ ଚଳିତ ଆର୍ଥିକ ବର୍ଷରେ ବିନିଯୋଗ କରାଯିବ ।

ଏହି ଅର୍ଥ ମଧ୍ୟରୁ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାଗୁଡ଼ିକ ଦ୍ୱାରା ଗତ ଜୁଲାଇ ଶେଷ ସୁଦ୍ଧା ୨ କୋଟି ୪୩ ଲକ୍ଷ ୮୭ ହଜାର ଟଙ୍କା ବିନିଯୋଗ କରାଯାଇଛି । ଆତ୍ମନିଯୁକ୍ତି ଯୋଜନାରେ ଗ୍ରାମାଞ୍ଚଳର ଯୁବକମାନଙ୍କୁ ତାଲିମ ଦେବା ବାବଦରେ ୧୧ ଲକ୍ଷ ୮ ହଜାର ଟଙ୍କା, ହିତାଧିକାରୀମାନଙ୍କୁ ଗୋମହିଷାଦି ପଶୁ ଯୋଗାଇ ଦେବାରେ ୫ ଲକ୍ଷ ୪୨ ହଜାର ଟଙ୍କା, ସର୍ଭେ ପାଇଁ ୨ ଲକ୍ଷ ୨ ହଜାର ଟଙ୍କା, ଡ଼ି:ଆର୍:ଡ଼ି:ଏ: କାର୍ଯ୍ୟାଳୟଗୁଡ଼ିକର ପରିଚାଳନା ବାବଦରେ ୪୩ ଲକ୍ଷ ୮୧ ହଜାର ଟଙ୍କା ଏବଂ ହିତାଧିକାରୀଙ୍କୁ ସବ୍‌ସିଡ଼ି ଦେବା ବାବଦରେ ୧ କୋଟି ୭୯ ଲକ୍ଷ ୨୨ ହଜାର ଟଙ୍କା ବ୍ୟୟ କରାଯାଇଛି ।

ଏହି ଯୋଜନା ଦ୍ୱାରା ଜୁଲାଇ ଶେଷସୁଦ୍ଧା ୩୫୦୧ ଜଣ ହରିଜନ ଏବଂ ୫୩୨୬ ଜଣ ଆଦିବାସୀଙ୍କ ସମେତ ସର୍ବମୋଟ ୧୭ ହଜାର ୭୦୦ ଜଣ ଦରିଦ୍ର ବ୍ୟକ୍ତି ଉପକୃତ ହୋଇଛନ୍ତି । ସେମାନଙ୍କ ମଧ୍ୟରେ ନୂତନ ଭାବରେ ଚିହ୍ନଟ ହୋଇଥିବା ହିତାଧିକାରୀଙ୍କ ସଂଖ୍ୟା ହେଲା ୧୬ ହଜାର ୧୬୪ ଜଣ । ଉପକୃତ ହୋଇଥିବା ସେହିସବୁ ଦରିଦ୍ର ବ୍ୟକ୍ତିଙ୍କୁ ସମବାୟ ବ୍ୟାଙ୍କ୍ ଓ ବ୍ୟବସାୟିକ ବ୍ୟାଙ୍କ୍ ତରଫରୁ ସର୍ବମୋଟ ୨ କୋଟି ୯୪ ଲକ୍ଷ ୫୩ ହଜାର ଟଙ୍କା ଋଣ ଯୋଗାଇ ଦିଆଯାଇଛି ।

## ମାଛ ଜାଆଁଳ ଉତ୍ପାଦନ

ଚଳିତ ବର୍ଷ ଢେଙ୍କାନାଳ ଜିଲ୍ଲାରେ ଜାଆଁଳ ଉତ୍ପାଦନ ଉପରେ ଗୁରୁତ୍ୱ ଆରୋପ କରାଯାଇ ଜିଲ୍ଲାର ମୁଖ୍ୟ ଜାଆଁଳ ଉତ୍ପାଦନ କେନ୍ଦ୍ର ଅନୁଗୋଳ ଫାର୍ମରୁ ୧୩୯ ଲକ୍ଷ ଗୁଣ୍ଡ ଜାଆଁଳ ଉତ୍ପାଦିତ ହୋଇଛି । ଏହା ବ୍ୟତୀତ

ଉତ୍ପାଦନ କରାଗଲାଣି । ଉକ୍ତ ଜିଲ୍ଲା ନିମନ୍ତେ ଲକ୍ଷ୍ୟଧାର୍ଯ୍ୟ ୫୨ ଲକ୍ଷରୁ ଏପର୍ଯ୍ୟନ୍ତ ୩୬ ଲକ୍ଷ ଜାଆଁଳ ଆଗ୍ରହୀ ମାଛଚାଷୀଙ୍କୁ ଯୋଗାଇ ଦିଆଯାଇଛି । ଅନୁଗୋଳ ଫାର୍ମରେ ୨ ଲକ୍ଷ ଦନ୍ତଖିଆ ବିଦେଶୀ ମାଛ 'ଗ୍ରାସ୍‌କାର୍ପ' ଜାଆଁଳ ବିକ୍ରୟ ପାଇଁ ରଖିତ ଅଛି । ଜିଲ୍ଲାର ସମସ୍ତ ମାଛଚାଷୀଙ୍କୁ ଏହାର ସୁଯୋଗ ନେବା ସକାଶେ ପରାମର୍ଶ ଦିଆଯାଉଛି ।

## ଭୂମିହୀନଙ୍କୁ ଜମି ବଣ୍ଟନ

ଭୂ-ସଂସ୍କାର ବ୍ୟବସ୍ଥା ଅନ୍ତର୍ଭୁକ୍ତ ସିଲିଂ ଆଇନ ଅନୁଯାୟୀ ଚାଷଜମିର ସର୍ବୋଚ୍ଚ ସୀମା ନିର୍ଦ୍ଧାରଣ ଫଳରେ ଗତ ଜୁଲାଇ ମାସ ଶେଷ ସୁଦ୍ଧା ୧ ଲକ୍ଷ ୭୦ ହଜାର ୧୫୨ ଏକର ସିଲିଂ ବହିର୍ଭୁତ ଜମି ରାଜ୍ୟ ସରକାରଙ୍କ ପାଖରେ ନ୍ୟସ୍ତ ହୋଇଛି । ସେଥିମଧ୍ୟରୁ ୧ ଲକ୍ଷ ୫୧ ହଜାର ୫୮ ଏକର ଜମି ସରକାରଙ୍କ ହସ୍ତଗତ ହୋଇଛି । ହସ୍ତଗତ ହୋଇଥିବା ଜମି ମଧ୍ୟରୁ ୧ ଲକ୍ଷ ୩୯ ହଜାର ୮୩୨ ଏକର ବଳକା ଜମି ଭୂମିହୀନ ଲୋକଙ୍କ ମଧ୍ୟରେ ବଣ୍ଟନ କରାଯାଇଛି । ଏତଦ୍ୱାରା ରାଜ୍ୟର ସମୁଦାୟ ୧ଲକ୍ଷ ୧୬ ହଜାର ୧୭୦ଜଣ ଭୂମିହୀନ ବ୍ୟକ୍ତି ଉପକୃତ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୪୦ ହଜାର ୨୧୨ ଜଣ ହରିଜନଙ୍କୁ ୪୪ ହଜାର ୭୪୧ ଏକର ଏବଂ ୪୩ ହଜାର ୨୯ ଜଣ ଆଦିବାସୀଙ୍କୁ ୫୮ ହଜାର ୨୮୬ ଏକର ବଳକା ଜମି ବଣ୍ଟନ କରାଯାଇଛି ।

ଏଠାରେ ଉଲ୍ଲେଖନୀୟ ଯେ ଜମି ବଣ୍ଟନ ଫଳରେ ଉପକୃତ ହୋଇଥିବା ସମୁଦାୟ ଲୋକଙ୍କ ମଧ୍ୟରେ ଆଦିବାସୀ ହରିଜନ ପରିବାରଙ୍କ ସଂଖ୍ୟା ଶତକଡା ୭୦ ଭାଗରୁ ଅଧିକ ଏବଂ ବଣ୍ଟନ କରାଯାଇଥିବା ଜମିର ଶତକଡା ୭୩ ଭାଗ ସେମାନେ ପାଇଛନ୍ତି ।

ଉଦ୍‌ବୃତ୍ତ ଜମି ପାଇଥିବା ଆବଣ୍ଟନଗ୍ରାହୀମାନଙ୍କ ଜମିର ଉନ୍ନତି ତଥା ସାର ଓ ବିହନ କ୍ରୟ କରିବା ନିମନ୍ତେ କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାର ଗତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ୩ କୋଟି ୫୮ ଲକ୍ଷ ଟଙ୍କା ଆର୍ଥିକ ସାହାଯ୍ୟ ମଂଜୁର କରିଛନ୍ତି ।

## ସ୍କୁଲ ଗୃହ ନିର୍ମାଣ

କୋରାପୁଟ ଜିଲା ଗୁଣୁପୁର ସବ୍‌ଡିଭିଜନ୍‌ରେ ଗ୍ରାମୀଣ ଭୂମିହୀନ ଲୋକମାନଙ୍କୁ ନିର୍ଭରଯୋଗ୍ୟ କର୍ମ ଯୋଗାଣ କାର୍ଯ୍ୟକ୍ରମ (ଆର୍:ଏଲ୍:ଇ:ଜି:ପି:) ଅନୁଯାୟୀ ୨୩ ଲକ୍ଷ ୩୨ ହଜାର ୭୮୫ ଟଙ୍କା ବିନିଯୋଗ କରାଯାଇ ୧୨୯ଟି ସ୍କୁଲ ଗୃହର କାର୍ଯ୍ୟ ୧୯୮୪-୮୫ ରେ ସଂପୂର୍ଣ୍ଣ କରାଯାଇଛି । ଗତ ଆର୍ଥିକ ବର୍ଷରେ ସ୍କୁଲ ଗୃହ ନିର୍ମାଣ ବାବଦରେ ଉକ୍ତ ଯୋଜନାରେ ୧୧ ଲକ୍ଷ ୫୭ ହଜାର ୭୯୨ ଟଙ୍କା ବିନିଯୋଗ କରାଯାଇଛି ଏବଂ ଏହି ସ୍କୁଲ ଗୃହଗୁଡ଼ିକର ନିର୍ମାଣ କାର୍ଯ୍ୟ ବର୍ତ୍ତମାନ ଆଗେଇ ଚାଲିଛି । ପ୍ରତ୍ୟେକ ଗୃହ ପିଛା ୨୧ ହଜାର ଟଙ୍କା ଖର୍ଚ୍ଚ ହେବ ବୋଲି ବ୍ୟୟ ଅଟକଳ କରାଯାଇଛି ।

ଏଠାରେ ଉଲ୍ଲେଖନୀୟ ଯେ ଗ୍ରାମାଞ୍ଚଳର ପ୍ରତ୍ୟେକ ଭୂମିହୀନ ଶ୍ରମିକ ପରିବାରରୁ ଅତିକମ୍‌ରେ ଜଣେ ଲୋକଙ୍କୁ ବର୍ଷକ ମଧ୍ୟରେ ଅନ୍ତତଃ ୧୦୦ ଦିନ ପର୍ଯ୍ୟନ୍ତ କାମ ଯୋଗାଇ ଦେବା ପାଇଁ ଉଦ୍ୟମ କରିବା ଆର୍:ଏଲ:ଇ:ଜି:ପି: କାର୍ଯ୍ୟକ୍ରମର ଲକ୍ଷ୍ୟ । ଏହି କାର୍ଯ୍ୟକ୍ରମର ସମସ୍ତ ଅନୁଦାନ କେନ୍ଦ୍ର ସରକାର ବହନ କରିଥାନ୍ତି । ଗ୍ରାମାଞ୍ଚଳର ଗରିବ ଲୋକଙ୍କ ପାଇଁ ଶ୍ରମ ଦିବସ ସୃଷ୍ଟି କରାଯାଇ ଗ୍ରାମ ସଂଯୋଗକାରୀ ରାସ୍ତା, ସାମାଜିକ ବନୀକରଣ, ଜଳାଶୟ ଖନନ ଓ ପୁନରୁଦ୍ଧାର, ଜଳ ଅମଳ ପ୍ରକଳ୍ପ ଓ ସ୍କୁଲ ଗୃହ ଆଦି ସ୍ଥାୟୀ କାର୍ଯ୍ୟକ୍ରମମାନ କରାଯାଇଥାଏ । ଉକ୍ତ କାର୍ଯ୍ୟକ୍ରମରେ ମଜୁରୀ ବାବଦରେ ଅଧା ଅର୍ଥ ଓ ବାକୀ ଗହମ କିମ୍ବା ଚାଉଳ ଆକାରରେ ଯୋଗାଇ ଦିଆ ଯାଇ ଗ୍ରାମାଞ୍ଚଳର ଗରିବ ଲୋକଙ୍କର ଜୀବନ ଧାରଣ ମାନର ଉନ୍ନତି ବିଧାନ ପାଇଁ ଚେଷ୍ଟା କରାଯାଇଥାଏ ।

## ଯୌତୁକ ପ୍ରଥାର ବିଲୋପ ଭାଷଣ ଦ୍ୱାରା ହେବନାହିଁ

୧୯୮୬ ସେପ୍ଟେମ୍ବର ୨୧ ତାରିଖ ଦିନ ବ୍ରହ୍ମପୁରଠାରେ ଭାରତୀୟ କଲ୍ୟାଣ ସଂସ୍ଥା, ରାଜ୍ୟ ଗୋଷ୍ଠୀ ଉନ୍ନୟନ ଓ ଗ୍ରାମ୍ୟ ପୁନର୍ଗଠନ ବିଭାଗ ଏବଂ ରାଜ୍ୟ ସମାଜ କଲ୍ୟାଣ ଉପଦେଷ୍ଟା ବୋର୍ଡ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିବା ଯୌତୁକ ନିରୋଧ ଆଲୋଚନା ଚକ୍ରର ଉଦ୍‌ଯାପନ ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟ ଗୋଷ୍ଠୀ ଉନ୍ନୟନ ଓ ଗ୍ରାମ୍ୟ ପୁନର୍ଗଠନ ବିଭାଗ ଉପମନ୍ତ୍ରୀ ଶ୍ରୀମତୀ ସରସ୍ୱତୀ ହେମ୍ବ୍ରମ୍ ଯୌତୁକ ଏକ ସାମାଜିକ କଳଙ୍କ ଏବଂ ତାହାର ମୂଳୋତ୍ପାଟନ ପାଇଁ ସମସ୍ତେ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ । ସେ କହିଲେ ଯେ ନାରୀ ଓ ପୁରୁଷ ପରସ୍ପର ପରିପୂରକ, ବିବାହ ଏକ ପବିତ୍ର ବଂଧନ, ଯାହା ମାଧ୍ୟମରେ ଏକ ସୁନ୍ଦର ପାରିବାରିକ ଜୀବନର ମୂଳଦୁଆ ପଡ଼ିଥାଏ । କିନ୍ତୁ ଯୌତୁକ ପ୍ରଥା ଆଜି ପାରିବାରିକ ଜୀବନ ପାଇଁ ଏକ ପ୍ରତିବଂଧକ ହୋଇଛି । ତେଣୁ ଏକ ସୁସ୍ଥ ସମାଜ ପାଇଁ ଯୌତୁକ ପ୍ରଥାର ବିଲୋପ ଏକାନ୍ତ ଆବଶ୍ୟକ । ଏ କ୍ଷେତ୍ରରେ ଶ୍ରୀମତୀ ହେମ୍ବ୍ରମ୍ ନିଜକୁ ଜଣେ ଆଦିବାସୀ ଝିଅ ବୋଲି ଗର୍ବ କରିବା ସଙ୍ଗେ ସଙ୍ଗେ ଆଦିବାସୀ ସମାଜରେ ଏଭଳି କଳଙ୍କିତ ପ୍ରଥାର ପ୍ରଚଳନ ନାହିଁ ବୋଲି କହିଥିଲେ । ଶେଷରେ ଯୌତୁକ ପ୍ରଥାର ବିଲୋପ ପାଇଁ, ନାରୀ ନିର୍ଯ୍ୟାତନାର ଶେଷ ପାଇଁ ଭାଷଣର ଦରକାର ନୁହେଁ, କାର୍ଯ୍ୟର ଦରକାର ବୋଲି ସେ କହିଥିଲେ ।

ଆଲୋଚନା ଚକ୍ରର ଉଦ୍ୟୋକ୍ତା ଶ୍ରୀମତୀ ରମା ସୁବୁଦ୍ଧି ସ୍ୱାଗତ ଭାଷଣ ଦେଇଥିଲେ । ରାଜ୍ୟ ସମାଜ ମଙ୍ଗଳ ଉପଦେଷ୍ଟା ବୋର୍ଡର ଅଧ୍ୟକ୍ଷ ଶ୍ରୀମତୀ ସରସ୍ୱତୀ ପ୍ରଧାନ ଏଥିରେ ଅଧ୍ୟକ୍ଷତା କରିଥିଲେ । ଶ୍ରୀମତୀ ସ୍ନେହଲତା ମଲ୍ଲିକ, ଅଧ୍ୟାପିକା ଶ୍ରୀମତୀ ଇନ୍ଦିରା ପଣ୍ଡା, ବ୍ରହ୍ମପୁର ଏସ୍:ଡ଼ି:ଓ: ଶ୍ରୀ କେ:ସି: ମହାପାତ୍ର, ଯୁବନେତା ଶ୍ରୀ ମାଗୁଣି ପଲେଇ ପ୍ରମୁଖ ଆଲୋଚନା ଚକ୍ରରେ ଅଂଶ ଗ୍ରହଣ କରିଥିଲେ ।

ସେହିଦିନ ରାଜ୍ୟ ସମାଜ ମଙ୍ଗଳ ଉପଦେଷ୍ଟା ବୋର୍ଡ ଦ୍ୱାରା ନିଯୁକ୍ତ ସ୍ୱେଚ୍ଛାସେବୀ କ୍ରିୟାନୁଷ୍ଠାନ ବ୍ୟୁରୋର ବ୍ରହ୍ମପୁର ଶାଖା ଉପମନ୍ତ୍ରୀ ଶ୍ରୀମତୀ ହେମ୍ବ୍ରମ୍ ଉଦ୍‌ଘାଟନ କରିଥିଲେ ।

## କଳାହାଣ୍ଡି ଜିଲ୍ଲାରେ ନୂତନ ଚିକିତ୍ସାଳୟ

ଚଳିତ ଆର୍ଥିକ ବର୍ଷରେ କଳାହାଣ୍ଡି ଜିଲ୍ଲାରେ ଅଗ୍ରାଧିକାର ଭିତ୍ତିରେ ୧୦ଟି ଚିକିତ୍ସାଳୟ ସ୍ଥାପନ କରାଯିବା ପାଇଁ ସ୍ଥିର ହୋଇଛି । ସେଥିମଧ୍ୟରୁ ୭ଟି ଆୟୁର୍ବେଦିକ ଓ ୩ଟି ହୋମିଓପାଥିକ୍ ଚିକିତ୍ସାଳୟ ଅନ୍ତର୍ଭୁକ୍ତ । ଆୟୁର୍ବେଦିକ୍ ଚିକିତ୍ସାଳୟଗୁଡ଼ିକ ବୋଲାମୁଣ୍ଡା ବ୍ଲକ୍ ଅନ୍ତର୍ଗତ ରେଙ୍ଗସାପାଲି, ଜୁନାଗଡ ବ୍ଲକ୍‌ର କୁଟୁରୁ ଖମାର, କେସିଂଗା ବ୍ଲକ୍‌ର ବକିଆ, ବୋଡେନ୍ ବ୍ଲକ୍‌ର ଉଁଏସାଜାନୀ, କର୍ଲାମୁଣ୍ଡା ବ୍ଲକ୍‌ର କୋରାଡୋବ୍ରା, ନର୍ଲା ବ୍ଲକ୍‌ର ନିଗ୍ରାନ୍ଦପୁର ଓ ମଦନପୁର-ରାମପୁର ବ୍ଲକ୍ ଅନ୍ତର୍ଗତ ଗୋଛାଡେଂଗେନ୍ ଗ୍ରାମରେ ଖୋଲାଯିବା ପାଇଁ ପ୍ରସ୍ତାବ ରହିଛି । ସେହିପରି ହୋମିଓପାଥିକ୍ ଚିକିତ୍ସାଳୟଗୁଡ଼ିକ ନୂଆପଡା ବ୍ଲକ୍ ଅନ୍ତର୍ଗତ ସାଏପଲା, ଖଡ଼ିଆଳ ବ୍ଲକ୍ ଅନ୍ତର୍ଗତ ଲାଜି ଓ କୋମନା ବ୍ଲକ୍ ଅନ୍ତର୍ଗତ ସିଅାଲଟି ଗ୍ରାମରେ ସ୍ଥାପନ କରାଯିବା ପାଇଁ ପ୍ରସ୍ତାବ ରହିଛି । ଏହି ସଂପ୍ରତି କଳାହାଣ୍ଡି ଜିଲ୍ଲାପାଳ ଶ୍ରୀ ଚିନ୍ମୟ ବସୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜିଲ୍ଲା ଉନ୍ନୟନ ପରିଷଦ ବୈଠକରେ ପ୍ରକାଶ ପାଇଛି ।

ଚଳିତ ଆର୍ଥିକ ବର୍ଷରେ ଓଡ଼ିଶାରେ ସର୍ବମୋଟ୍ ୨୫ଟି ନୂତନ ଆୟୁର୍ବେଦିକ୍ ଓ ୨୫ଟି ହୋମିଓପାଥିକ୍ ଚିକିତ୍ସାଳୟ ସ୍ଥାପନ କରିବା ପାଇଁ ସ୍ଥିର ହୋଇଥିବା କଥା ରାଜ୍ୟ ହୋମିଓପାଥିକ୍ ନିର୍ଦ୍ଦେଶକ ଉକ୍ତ ବୈଠକରେ ପ୍ରକାଶ କରିଥିଲେ । ସ୍ଥାପନ କରାଯାଉଥିବା ନୂତନ ଚିକିତ୍ସାଳୟଗୁଡ଼ିକ ମଧ୍ୟରୁ ୧୫ଟି ଅଣ-ଆଦିବାସୀ ଓ ୧୦ଟି ଆଦିବାସୀ ଅଞ୍ଚଳରେ ସ୍ଥାପନ କରାଯିବ ।

# ସମନ୍ୱିତ ଶିଶୁ ବିକାଶ ଯୋଜନା

ରାଜ୍ୟ ଯେଉଁ ୬୦ଟି ବ୍ଲକ୍‌ରେ କେନ୍ଦ୍ର ସରକାରଙ୍କ ସଂପୂର୍ଣ୍ଣ ଆର୍ଥିକ ସହାୟତାରେ ସମନ୍ୱିତ ଶିଶୁ ବିକାଶ ଯୋଜନା (ଆଇ:ସି:ଡି:ଏସ୍:) କାର୍ଯ୍ୟକାରୀ ହେଉଛି, ସେସବୁ ଅଞ୍ଚଳର ସର୍ବମୋଟ୍ ୮ ଲକ୍ଷ ୧୭ ହଜାର ୭୬ ଜଣ ୬ ବର୍ଷ ବୟସ ପର୍ଯ୍ୟନ୍ତ ଶିଶୁଙ୍କୁ ବିଭିନ୍ନ ମାରାତ୍ମକ ରୋଗରୁ ରକ୍ଷା କରିବା ଲାଗି ପ୍ରତିଷେଧକ ଔଷଧ ଦିଆଯାଇଛି । 'ପୋଲିଓ' ରୋଗର ପ୍ରତିରୋଧ ପାଇଁ ସର୍ବାଧିକ ୨ ଲକ୍ଷ ୮୬ ହଜାର ୫୪୫ ଜଣ ଶିଶୁଙ୍କୁ ଏବଂ ତା'ପଛକୁ 'ଡିପ୍‌ଥେରିଆ' ରୋଗର ପ୍ରତିରୋଧ ପାଇଁ ୨ ଲକ୍ଷ ୧୦ ହଜାର ୪୬୬ ଜଣ ଶିଶୁଙ୍କୁ ପ୍ରତିଷେଧକ ଔଷଧ ଦିଆଯାଇଛି । ସେହିପରି ୧ ଲକ୍ଷ ୬୧ ହଜାର ୪୨୮ ଜଣ ଶିଶୁଙ୍କୁ 'ହୁପିଂକଫ୍' ଏବଂ ୧ ଲକ୍ଷ ୫୮ ହଜାର ୬୩୭ ଜଣ ଶିଶୁଙ୍କୁ ଯକ୍ଷ୍ମା ପ୍ରତିଷେଧକ ଔଷଧ ଦିଆଯାଇଛି ।

ସେହିସବୁ ଅଞ୍ଚଳର ସମସ୍ତ ଶିଶୁ, ଗର୍ଭବତୀ ଓ ପ୍ରସୂତି ମହିଳାଙ୍କୁ ଏହି ପ୍ରକାର ପ୍ରତିଷେଧକ ଔଷଧ ଦେବା ଲାଗି ଲକ୍ଷ୍ୟ ଧାର୍ଯ୍ୟ ହୋଇଛି । ଏହାବ୍ୟତୀତ ୧୫ ରୁ ୪୫ ବର୍ଷ ବୟସ୍କ ମହିଳାମାନଙ୍କୁ ପୁଷ୍ଟିକର ଖାଦ୍ୟ ଉପାଦେୟତା ଓ ସ୍ୱାସ୍ଥ୍ୟରକ୍ଷା ସଂପର୍କରେ ଶିକ୍ଷା ଦିଆଯାଉଛି । ସେହିପରି ଗର୍ଭବତୀ ଓ ପ୍ରସୂତି ମହିଳାମାନଙ୍କୁ ମଧ୍ୟ ଆବଶ୍ୟକ ଔଷଧପତ୍ର ଦେଇ ଚିକିତ୍ସା କରାଯାଉଛି ।

ଏଠାରେ ଉଲ୍ଲେଖ କରାଯାଇପାରେ ଯେ ୧୯୭୫-୭୬ ମସିହାରୁ ୧୯୮୩-୮୪ ମସିହା ମଧ୍ୟରେ ୪୪ଟି ବ୍ଲକ୍‌ରେ ଏବଂ ଗତ ଆର୍ଥିକ ବର୍ଷରେ ୧୬ଟି ବ୍ଲକ୍‌ରେ ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟକାରୀ ହେଉଛି । ଚଳିତ ଆର୍ଥିକ ବର୍ଷରେ କଟକ, ଗଞ୍ଜାମ, କେନ୍ଦୁଝର, କୋରାପୁଟ, ମୟୂରଭଞ୍ଜ, ଫୁଲବାଣୀ, ସମ୍ବଲପୁର ଓ ସୁନ୍ଦରଗଡ ଜିଲ୍ଲାରେ ଆଉ ୨୪ଟି ଯୋଜନା କାର୍ଯ୍ୟକାରୀ କରିବା ପାଇଁ କେନ୍ଦ୍ର ସରକାର ସଂପ୍ରତି ମଂଜୁରୀ ପ୍ରଦାନ କରିଛନ୍ତି ।

# ରାଜ୍ୟରେ କ୍ରୀଡା ବିକାଶ

ଓଡ଼ିଶାକୁ କ୍ରୀଡା କ୍ଷେତ୍ରରେ ଆଗେଇ ନେବା ପାଇଁ ଗ୍ରାମ ସ୍ତରରେ ଖେଳାଳୀମାନଙ୍କୁ ସେମାନଙ୍କର କ୍ରୀଡା ନୈପୁଣ୍ୟର ବିକାଶ ନିମନ୍ତେ ଉତ୍ସାହିତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ ଘୋଷଣା କରିଛନ୍ତି ।

୧୯୮୬ ସେପ୍ଟେମ୍ବର ୨୧ ତାରିଖ ଦିନ ଆଠଗଡଠାରେ ନବନିର୍ମିତ ଷ୍ଟାଡ଼ିୟମ୍ ଏବଂ ଏହି ଷ୍ଟାଡ଼ିୟମ୍‌ରେ କଟକ ଜିଲ୍ଲା ଆଥଲେଟିକ୍ ଆସୋସିଏସନ୍ ଆନୁକୂଲ୍ୟରେ ଆୟୋଜିତ ରତନ୍ ମେମୋରିଆଲ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ପ୍ରଥମ ଖେଳ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଲେ ଯେ କାଳକ୍ରମେ ରାଜ୍ୟର ସବୁଜିଲ୍ଲା ଓ ସବୁ ସବ୍‌ଡିଭିଜନ୍‌ରେ ଏହିପରି ଷ୍ଟାଡ଼ିୟମ୍ ପ୍ରତିଷ୍ଠା କରାଯାଇ ଖେଳାଳୀମାନଙ୍କୁ ଉତ୍ସାହିତ କରିବା ପାଇଁ ରାଜ୍ୟ ସରକାର ବ୍ୟାପକ କାର୍ଯ୍ୟକ୍ରମ ଗ୍ରହଣ କରିଛନ୍ତି । ସେ କହିଲେ ଯେ ଖେଳାଳୀମାନଙ୍କୁ ବିଭିନ୍ନ କ୍ଷେତ୍ରରେ, ବିଶେଷ କରି ଚାକିରି ବାକିରୀ କ୍ଷେତ୍ରରେ ସ୍ୱତନ୍ତ୍ର ସୁବିଧା ସୁଯୋଗ ଦିଆଯିବ । ଗ୍ରାମାଞ୍ଚଳରେ କ୍ରୀଡା କସରତ ପାଇଁ ତାଲିମର ବ୍ୟବସ୍ଥା ଓ ଖେଳପଡ଼ିଆ ନିର୍ମାଣ ଦିଗରେ ମଧ୍ୟ ବିଶେଷ ଉଦ୍ୟମ କରାଯିବ ।

ରାଜ୍ୟରେ ଦାରିଦ୍ର୍ୟ ଦୂରୀକରଣ ଓ ବେକାର ସମସ୍ୟାର ସମାଧାନ କ୍ଷେତ୍ରରେ ଯେଉଁ ବିପୁଳ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି, ସେ ସଂପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ପ୍ରଧାନମନ୍ତ୍ରୀ ଶ୍ରୀ ରାଜୀବ ଗାନ୍ଧୀଙ୍କର ନିର୍ଦ୍ଦେଶ ଅନୁସାରେ ସମନ୍ୱିତ ଗ୍ରାମ ଉନ୍ନୟନ କାର୍ଯ୍ୟକ୍ରମ ଓ ଗ୍ରାମାଞ୍ଚଳର ଦରିଦ୍ରତମ ଲୋକଙ୍କର ଉତ୍ଥାନ ପାଇଁ ରାଜ୍ୟ ସରକାରଙ୍କ କାର୍ଯ୍ୟକ୍ରମ ଅନୁଯାୟୀ ଗ୍ରାମାଞ୍ଚଳର ଲୋକଙ୍କୁ ଯେଉଁଭଳି ସୁବିଧା ସୁଯୋଗ ଦିଆଯାଉଛି, ରାଜ୍ୟ ସହରାଞ୍ଚଳରେ ମଧ୍ୟ ଏହିଭଳି କାର୍ଯ୍ୟକ୍ରମ କରିବାରେ ବେକାର ଲୋକଙ୍କ କର୍ମନିଯୁକ୍ତି ପାଇଁ ସାହାଯ୍ୟ ଯୋଗାଇ ଦିଆଯିବ । ଭାଷଣ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ କହିଲେ ଯେ ରାଜ୍ୟରେ ହରିଜନ ଓ ସବର୍ଣ୍ଣ ଲୋକଙ୍କମାନଙ୍କ ମଧ୍ୟରେ ବହୁକାଳ ଧରି ଯେଉଁ ସୌହାର୍ଦ୍ଦ୍ୟ ଓ ସଦ୍‌ଭାବ ରହି ଆସିଛି, ତାହା ଅକ୍ଷୁର୍ଣ୍ଣ ରଖିବାକୁ ପଡ଼ିବ । ସେ କହିଲେ ଯେ ହରିଜନ ଓ ସବର୍ଣ୍ଣମାନଙ୍କ ମଧ୍ୟରେ ଯେପରି କୌଣସି ମନୋମାଳିନ୍ୟ ନଘଟେ, ସେଥିପାଇଁ ଆବଶ୍ୟକ ସ୍ଥଳେ ଶାନ୍ତି କମିଟିମାନ ଗଠନ କରାଯିବା ଦରକାର ।

ମୁଖ୍ୟମନ୍ତ୍ରୀ ଆଠଗଡଠାରେ ପହଞ୍ଚିବା ମାତ୍ରେ ଆଠଗଡ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ତାଙ୍କୁ ବିପୁଳ ସମ୍ବର୍ଦ୍ଧନା ଦିଆଯାଇଥିଲା ଏବଂ ଏକ ବିରାଟ ପଟୁଆରରେ ତାଙ୍କୁ ଆଠଗଡ ଷ୍ଟାଡ଼ିୟମଠାକୁ ନିଆଯାଇଥିଲା । ଷ୍ଟାଡ଼ିୟମଠାରେ ଖେଳ ଆରମ୍ଭ ହେବା ପୂର୍ବରୁ ପ୍ରଥମ ଦିନର ଖେଳର ପ୍ରତିଯୋଗୀ ଦଳ କଟକର ନେତାଜୀ କ୍ଲବ୍ ଏବଂ ଆଠଗଡ ଆଥ୍‌ଲେଟିକ୍ ଆସୋସିଏସନ୍ ଖେଳାଳୀମାନଙ୍କ ସହିତ ମୁଖ୍ୟମନ୍ତ୍ରୀ କରମର୍ଦ୍ଦନ କରିଥିଲେ ଏବଂ ପତାକା ଉତ୍ତୋଳନ କରି ଆନୁଷ୍ଠାନିକ ଭାବରେ ଖେଳ ଉଦ୍‌ଘାଟନ କରିଥିଲେ । ଏହି ଖେଳରେ କଟକର ନେତାଜୀ କ୍ଲବ୍ ୪–୦ ଗୋଲ୍‌ରେ ଆଠଗଡ ଆଥେଲେଟିକ୍ ଆସୋସିଏସନ୍‌କୁ ପରାସ୍ତ କରି ବିଜୟୀ ହୋଇଥିଲେ । ଖେଳ ପରେ ଅନୁଷ୍ଠିତ ଜନ ସମାବେଶରେ କଟକ ଜିଲ୍ଲା ଆଥ୍‌ଲେଟିକ୍ ଆସୋସିଏସନ୍‌ର ସାଧାରଣ ସଂପାଦକ ଶ୍ରୀ ଆଶାର୍କ ବେହେରା ସ୍ୱାଗତ ଭାଷଣ ଦେଇଥିଲେ ଓ ଆଠଗଡ ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷ ଶ୍ରୀ ହରିହର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ପ୍ରୋଜେକ୍ଟ ରାସ୍ତା ରକ୍ଷଣାବେକ୍ଷଣ

ଓଡ଼ିଶା ଗ୍ରାମାଞ୍ଚଳରେ ଥିବା 'ପ୍ରୋଜେକ୍ଟ' ରାସ୍ତା ଏବଂ ସେତୁଗୁଡ଼ିକର ରକ୍ଷଣାବେକ୍ଷଣ କରିବା ପାଇଁ ଚଳିତ ଆର୍ଥିକ ବର୍ଷରେ ସମୁଦାୟ ୧୯ କୋଟି ୪୧ ହଜାର ଟଙ୍କା ବ୍ୟୟ ବରାଦ କରାଯାଇ ଜାତୀୟ ରାଜପଥ ପ୍ରକଳ୍ପ ମୁଖ୍ୟଯନ୍ତ୍ରୀଙ୍କ ଅଧୀନସ୍ଥ ସଂପୃକ୍ତ ନିର୍ବାହୀ ଯନ୍ତ୍ରୀମାନଙ୍କୁ ଯୋଗାଇ ଦିଆଯାଇଛି । ତନ୍ମଧ୍ୟରୁ ସମ୍ବଲପୁର ପ୍ରୋଜେକ୍ଟ ଡିଭିଜନକୁ ସର୍ବାଧିକ ୬୬ ଲକ୍ଷ ୧୧ ହଜାର ଟଙ୍କା ଯୋଗାଇ ଦିଆଯାଇଥିବା ସ୍ଥଳେ ପୁରୀ ଓ ଫୁଲବାଣୀ ପ୍ରୋଜେକ୍ଟ ଡିଭିଜନ୍‌ଟିକୁ ଯଥାକ୍ରମେ– ୫୯ ଲକ୍ଷ ୩୬ ହଜାର ଟଙ୍କା ଓ ୫୯ ଲକ୍ଷ ୭ ହଜାର ଟଙ୍କା ଦିଆଯାଇଛି । ସେହିପରି ବ୍ୟୟ ବରାଦ ହୋଇଥିବା ସେହି ଅର୍ଥ ମଧ୍ୟରୁ ସୁନ୍ଦରଗଡ ପ୍ରୋଜେକ୍ଟ ଡିଭିଜନକୁ ୫୦ ଲକ୍ଷ ୬୩ ହଜାର ଟଙ୍କା, ମୟୂରଭଞ୍ଜ ଡିଭିଜନ୍‌କୁ ୫୨ ଲକ୍ଷ ୨୩ ହଜାର ଟଙ୍କା, ନବରଙ୍ଗପୁର ଡିଭିଜନ୍‌କୁ ୫୧ ଲକ୍ଷ ୨୧ ହଜାର ଟଙ୍କା, କୋରାପୁଟ ଡିଭିଜନ୍‌କୁ ୩୬ ଲକ୍ଷ ୪୦ ହଜାର ଟଙ୍କା, ଭବାନୀପାଟଣା ଡିଭିଜନ୍‌କୁ ୫୧ ଲକ୍ଷ ୮୬ ହଜାର ଟଙ୍କା, ଗଞ୍ଜାମ ଦୁଇଟି ପ୍ରୋଜେକ୍ଟ ଡିଭିଜନ୍‌କୁ ସମୁଦାୟ ୮୨ ଲକ୍ଷ ୪୫ ହଜାର ଟଙ୍କା ଯୋଗାଇ ଦିଆଯାଇଛି । ଏହା ବ୍ୟତୀତ କଟକ ଓ ବଲାଙ୍ଗୀର ପ୍ରୋଜେକ୍ଟ ଦୁଇଟିରେ ଯଥାକ୍ରମେ ୫୪ ଲକ୍ଷ ୩୧ ହଜାର ଟଙ୍କା ଏବଂ ୪୫ ଲକ୍ଷ ୯୦ ହଜାର ଟଙ୍କା ଗ୍ରାମ୍ୟ ରାସ୍ତା ଓ ସେତୁ ମରାମତି ବାବଦରେ ବ୍ୟୟ କରାଯିବ । ଦୈତାରୀଠାରୁ ପାରାଦୀପ ପର୍ଯ୍ୟନ୍ତ ନିର୍ମିତ 'ଏକ୍ସପ୍ରେସ୍ ହାଇୱେ'ର ରକ୍ଷଣାବେକ୍ଷଣ ବାବଦରେ କେନ୍ଦ୍ରାପଡାର ଏକ୍ସପ୍ରେସ୍ ହାଇୱେ ଡିଭିଜନ ଦ୍ୱାରା ୩୨ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟ ବରାଦ କରାଯିବ ।

ଅବଶିଷ୍ଟ ଅର୍ଥ ବାଲେଶ୍ୱର, କଟକ, ଢେଙ୍କାନାଳ, ପାଲଲହଡା, ବ୍ରହ୍ମପୁର, କେନ୍ଦୁଝର, ସୁନାବେଡା, ବାରିପଦା, ଭୁବନେଶ୍ୱର, ସମ୍ବଲପୁର ଏବଂ ରାଉରକେଲାଠାରେ ଥିବା ଜାତୀୟ ରାଜପଥ ଡିଭିଜନଗୁଡ଼ିକର ସହାୟତାରେ ସଂପୃକ୍ତ ଅଞ୍ଚଳର ଗ୍ରାମ୍ୟରାସ୍ତା ଓ ସେତୁଗୁଡ଼ିକର ରକ୍ଷଣାବେକ୍ଷଣ ଦିଗରେ ବିନିଯୋଗ ହେବ ।

## ଭଙ୍ଗାମୁହାଁଣ ଓ ଲୁଣାବନ୍ଧ ମରାମତି

ବାଲେଶ୍ୱର ଜିଲାର ଭଙ୍ଗାମୁହାଁଣ ଓ ଲୁଣାବନ୍ଧ ମରାମତି ପାଇଁ ୧୯୮୫-୮୬ ଆର୍ଥିକ ବର୍ଷରେ ୫୦ ହଜାର ଟଙ୍କା ବ୍ୟୟ କରାଯାଇଛି ବୋଲି ସେଚ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଜୁପିନ୍ଦର ସିଂହ ସୂଚନା ଦେଇଛନ୍ତି । ଶ୍ରୀ ସିଂହ ସୂଚନା ଦେଇ କହିଛନ୍ତି ଯେ ଏହି ବନ୍ଧ ମରାମତି ଫଳରେ ସଂପୃକ୍ତ ଅଞ୍ଚଳର ଚାଷଜମିକୁ ଲୁଣିପାଣି ମାଡ଼ିଯିବା ଦାଉରୁ ରକ୍ଷା କରିବାରେ ସହାୟକ ହୋଇଛି । ଚଳିତ ଆର୍ଥିକ ବର୍ଷର ବାର୍ଷିକ ମରାମତି ବାବଦ ମିଳୁଥିବା ଅର୍ଥରୁ ଏଥିପାଇଁ ୧୫ ହଜାର ଟଙ୍କା ବ୍ୟୟ ବରାଦ କରାଯାଇଛି । ସେ ଆହୁରି ମଧ୍ୟ କହିଛନ୍ତି ଯେ ବାଲେଶ୍ୱର ଜିଲାର ଭୋଗରାଇ ବ୍ଲକ୍ ଅଞ୍ଚଳରେ ହଳଦୀଗୁଣ୍ଡ ଓ କଉଡ଼ିଆ ନାଳ ନାମକ ଦୁଇଟି ଲିଫ୍ଟ ଇରିଗେସନ୍ ପ୍ରକଳ୍ପ ଆର୍:ଏଲ୍:ଇ:ଜି:ପି: ଯୋଜନା ମାଧ୍ୟମରେ କାର୍ଯ୍ୟକାରୀ କରିବା ପ୍ରସ୍ତାବ ସରକାରଙ୍କ ବିଚାରାଧୀନ ଅଛି ଏବଂ ଏଥିପାଇଁ କେନ୍ଦ୍ର ସରକାରଙ୍କ ଅନୁମୋଦନ ଓ ଅନୁଦାନକୁ ଅପେକ୍ଷା କରାଯାଉଛି ।

## ବାଲିଆପାଳ ବାସଚ୍ୟୁତଙ୍କ ପାଇଁ ଥଇଥାନ ବ୍ୟବସ୍ଥା

ଜାତୀୟ କ୍ଷେପଣାସ୍ତ୍ର ପରୀକ୍ଷା ଘାଟି ପ୍ରତିଷ୍ଠା ଦ୍ୱାରା କ୍ଷତିଗ୍ରସ୍ତ ହେଉଥିବା ବାଲିଆପାଳ ଓ ଭୋଗରାଇବାସୀଙ୍କ ଥଇଥାନ ପାଇଁ କେନ୍ଦ୍ର ସରକାର ୧୨୮ କୋଟି ଟଙ୍କାର ଏକ ବ୍ୟାପକ ଓ ଅଭୂତପୂର୍ବ କାର୍ଯ୍ୟକ୍ରମ ମଂଜୁର କରିଛନ୍ତି । ପ୍ରସ୍ତାବିତ ପ୍ରକଳ୍ପଟି ସଂପୂର୍ଣ୍ଣ ହେଲେ ଏଠାରେ କ୍ଷେପଣାସ୍ତ୍ର ପରୀକ୍ଷା ସମେତ "ଇସ୍ରୋ" ପକ୍ଷରୁ ଉପଗ୍ରହ ପ୍ରେରଣ ତଥା ରକେଟ୍ ଉତ୍କ୍ଷେପଣ ଆଦି କାର୍ଯ୍ୟ ଆରମ୍ଭ ହେବ । ଉକ୍ତ ଘାଟିରେ ଆଣବିକ ଅସ୍ତ୍ରସଂପନ୍ନ କ୍ଷେପଣାସ୍ତ୍ର ପରୀକ୍ଷାର କୌଣସି ପ୍ରସ୍ତାବ ଆଦୌ ନଥିବାରୁ ଏ ସଂକ୍ରାନ୍ତ ସମସ୍ତ ଆଶଙ୍କା ଭିତ୍ତିହୀନ ।

ଜାତୀୟ କ୍ଷେପଣାସ୍ତ୍ର ପରୀକ୍ଷା ଘାଟି ପାଇଁ ଉପଯୁକ୍ତ ସ୍ଥାନ ନିରୂପଣ କରିବା ଉଦ୍ଦେଶ୍ୟରେ ସରକାରଙ୍କ ପକ୍ଷରୁ ଏକ ବିଶେଷଜ୍ଞ କମିଟି ନିଯୁକ୍ତ କରାଯାଇଥିଲା । ୧୯୭୯ ରୁ ୧୯୮୪ ମସିହା ମଧ୍ୟରେ ଉକ୍ତ କମିଟି ବିଭିନ୍ନ ରାଜ୍ୟରେ ପ୍ରସ୍ତାବିତ ସ୍ଥାନଗୁଡ଼ିକର ଉପଯୋଗିତା ପରୀକ୍ଷା ନିରୀକ୍ଷା କରିବା ପରେ ବୈଷୟିକ, ପରିବେଶ ଏବଂ ପରିଚାଳନାଗତ ସୁବିଧା ଦୃଷ୍ଟିରୁ ଓଡ଼ିଶାର ବାଲିଆପାଳ ହିଁ ଏଥିପାଇଁ ସର୍ବୋତ୍କୃଷ୍ଟ ସ୍ଥାନ ବୋଲି ମତ ଦେଇଥିଲେ । ବିଶେଷଜ୍ଞ କମିଟି ସୁପାରିଶ ଭିତ୍ତିରେ ୧୯୮୫ ମସିହାରେ ବାଲିଆପାଳଠାରେ ଜାତୀୟ କ୍ଷେପଣାସ୍ତ୍ର ପରୀକ୍ଷା ଘାଟି ପ୍ରତିଷ୍ଠା କରିବାକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ନିଷ୍ପତ୍ତି ନିଆଗଲା ।

ଇତି ମଧ୍ୟରେ ପାର୍ଲିଆମେଣ୍ଟରେ ଏକ ବିବୃତି ଦେଇ କେନ୍ଦ୍ର ପ୍ରତିରକ୍ଷା ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଅରୁଣ ସିଂହ ସ୍ପଷ୍ଟଭାବରେ ଘୋଷଣା କରିଛନ୍ତି ଯେ ବାଲିଆପାଳରେ ଉକ୍ତ ଘାଟି ପ୍ରତିଷ୍ଠା ଦ୍ୱାରା କେବଳ ୬,୫୦୦ ପରିବାରର ମୋଟ ୪୧ ହଜାର ଲୋକ କ୍ଷତିଗ୍ରସ୍ତ ହେବେ । ଏହି କ୍ଷତିଗ୍ରସ୍ତ ଓ ବାସଚ୍ୟୁତ ହେଉଥିବା ପରିବାରଙ୍କ ଆର୍ଥିକ ଓ ସାମାଜିକ ଥଇଥାନ ପାଇଁ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଉଥିବା ଥଇଥାନ କାର୍ଯ୍ୟକ୍ରମର ରୂପରେଖ ସଂପର୍କରେ ମଧ୍ୟ ସେ ସୂଚନା ଦେଇଥିଲେ । ବାଲିଆପାଳ ପ୍ରକଳ୍ପ ଦ୍ୱାରା ପ୍ରାୟ ଏକ ଲକ୍ଷ ଲୋକ ଗୃହହୀନ ହେବା ସଙ୍ଗେ ସଙ୍ଗେ ସେମାନେ ଧନସଂପତ୍ତି ହରାଇବେ ବୋଲି ଯେଉଁ ସମ୍ବାଦ ପତ୍ରରେ ପ୍ରକାଶ ପାଇଥିଲା, ତାହା ଶ୍ରୀ ସିଂହଙ୍କ ଏହି ଉକ୍ତି ପରେ ଅମୂଳକ ପ୍ରମାଣିତ ହୋଇଛି ।

ବାଲିଆପାଳ ଓ ଭୋଗରାଇ ଅଞ୍ଚଳରେ ଥିବା ୫୪ ଟି ଗ୍ରାମର ୪୧ ହଜାର କ୍ଷତିଗ୍ରସ୍ତ ଲୋକଙ୍କ ପାଇଁ କେନ୍ଦ୍ର ୧୨୮ କୋଟି ...

କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି ତନ୍ମଧ୍ୟରେ ନିକଟରେ ବାସଚ୍ୟୁତ ଲୋକଙ୍କ ପୁର୍ନସଂସ୍ଥାନ ପାଇଁ ମଂଜୁର ହୋଇଥିବା ୩୦ କୋଟି ଟଙ୍କାର ସାହାଯ୍ୟ ଅନ୍ତର୍ଭୁକ୍ତ । ପୁନଶ୍ଚ କ୍ଷତିଗ୍ରସ୍ତ ଅଞ୍ଚଳରେ ଲୋକଙ୍କ କର୍ମସଂସ୍ଥାନର ବ୍ୟବସ୍ଥା କରିବା ପାଇଁ ୯୮ କୋଟି ଟଙ୍କା ବ୍ୟୟରେ ନଅଟି ଶିଳ୍ପ ପ୍ରକଳ୍ପ ଆରମ୍ଭ କରାଯିବ ଯେଉଁଥିପାଇଁ ମୂଳପୁଞ୍ଜି ବାବଦରେ କେନ୍ଦ୍ର ସରକାର ଇତି ମଧ୍ୟରେ ୧୭ କୋଟି ଟଙ୍କା ମଂଜୁର କରିଛନ୍ତି ଏବଂ ସେଥିରୁ ୮.୫ କୋଟି ଟଙ୍କା ଗତବର୍ଷ ରାଜ୍ୟ ସରକାରଙ୍କୁ ଦିଆଯାଇଛି । ପ୍ରକଳ୍ପଗୁଡ଼ିକ ପାଇଁ ଅବଶିଷ୍ଟ ଅର୍ଥ ବିଭିନ୍ନ ଆନୁଷ୍ଠାନିକ ଅର୍ଥ ଲଗାଣକାରୀ ସଂସ୍ଥା ଓ ସମବାୟ ଅନୁଷ୍ଠାନ ଯୋଗାଇ ଦେବେ ।

ପ୍ରକଳ୍ପ ପାଇଁ ଜମି ଦଖଲ ବେଳେ ଲୋକଙ୍କୁ ବଜାର ଦରରେ କ୍ଷତିପୂରଣ ଅର୍ଥ ଦିଆଯିବା ସମେତ ଉକ୍ତ ଜମିରେ ଥିବା ଯେ କୌଣସି ଫଳନ୍ତି ଫସଲ ଉପରେ ମଧ୍ୟ କ୍ଷତିପୂରଣ ଦିଆଯିବ । ଏପରିକି ଦୀର୍ଘ ଦିନ ଧରି ଲୋକଙ୍କ ବେଆଇନ ଦଖଲରେ ଥିବା ଜମି ଉପରେ ଯେଉଁ ଅସ୍ଥାୟୀ ସଂପତ୍ତି ଥିବ ତାହା ଉପରେ ମଧ୍ୟ ସରକାର କ୍ଷତିପୂରଣ ସ୍ଥିର କରିଛନ୍ତି । ନିକଟରେ ହୋଇଥିବା ଏକ ସର୍ଭେରୁ ଜଣାପଡ଼ିଛି ଯେ ପ୍ରକଳ୍ପ ପାଇଁ ନିରାପତ୍ତା ଜୋନ୍‌କୁ ମିଶାଇ ମୋଟ ୨୧ ହଜାର ଏକର ଜମି ଆବଶ୍ୟକ ପଡୁଥିବା ବେଳେ ତା'ର ପ୍ରାୟ ଅର୍ଦ୍ଧେକ ଅର୍ଥାତ୍ ୧୧ ହଜାର ଏକର ଜମି ସ୍ଥାନୀୟ ଲୋକଙ୍କ ବେଆଇନ ଦଖଲରେ ରହିଛି ।

ବାଲିଆପାଳ କ୍ଷେପଣାସ୍ତ୍ର ପରୀକ୍ଷା ଘାଟିରେ ଖଞ୍ଜାଯାଉଥିବା ସମସ୍ତ ଗୁରୁତ୍ୱପୂର୍ଣ୍ଣ ଯନ୍ତ୍ରପାତି ଓ ପରୀକ୍ଷାଗାର ପ୍ରଭୃତି ଘାଟିର ଶୀର୍ଷ ଭାଗ ଅର୍ଥାତ୍ ସୁବର୍ଣ୍ଣରେଖା ନଦୀର ଦକ୍ଷିଣ ପାର୍ଶ୍ୱରେ ଅବସ୍ଥାପିତ ହେବ । ପରୀକ୍ଷା ଘାଟିର ଦକ୍ଷିଣ ପାର୍ଶ୍ୱସ୍ଥ ସମୁଦ୍ର ତଟ ଦେଶ ଅଞ୍ଚଳରେ ମଧ୍ୟ ଏଗୁଡ଼ିକୁ ଖଞ୍ଜିବାର ବ୍ୟବସ୍ଥା କରାଯାଇଛି । ସୁବର୍ଣ୍ଣରେଖା ନଦୀର ଉତ୍ତର-ପୂର୍ବ ଭାଗରେ ଅବସ୍ଥିତ ନିରାପତ୍ତା ଅଞ୍ଚଳରେ ଏହି ପ୍ରକଳ୍ପର କୌଣସି ଯନ୍ତ୍ରପାତି କିମ୍ବା ପରୀକ୍ଷାଗାର ଇତ୍ୟାଦି ରଖାଯିବ ନାହିଁ । ସୁତରାଂ ଜମି ଦଖଲ କରାଗଲେ ମଧ୍ୟ ନିରାପତ୍ତା ଅଞ୍ଚଳରେ ଚାଷ କରିବା ପାଇଁ ଚାଷୀମାନଙ୍କୁ ଲିଜ୍ ସୂତ୍ରରେ ଅନୁମତି ଦିଆଯିବ । ଏହି ଜମି ଉପରେ ଚାଷୀମାନଙ୍କର ସ୍ୱତ୍ୱାଧିକାର ନଥିଲେ ମଧ୍ୟ କେତେକ ନିର୍ଦ୍ଦିଷ୍ଟ ସର୍ତ୍ତ ପାଳନ ଭିତ୍ତିରେ ପ୍ରତିରକ୍ଷା କର୍ତ୍ତୃପକ୍ଷଙ୍କୁ ବାର୍ଷିକ କିଛି ଖଜଣା ଦେଇ ସେମାନେ ଏଠାରେ ନିଜର ଚାଷ କାର୍ଯ୍ୟ କରିପାରିବେ । ତେବେ ଉକ୍ତ ଲିଜ୍ ଜମିରେ ଚାଷୀମାନେ କୌଣସି ପ୍ରକାର ବାସୋପଯୋଗୀ ଗୃହ ତିଆରି କରିପାରିବେ ନାହିଁ । ସେହିପରି ଦରକାର ପଡ଼ିଲେ ପ୍ରତିରକ୍ଷା ବିଭାଗ ଆଗୁଆ ନୋଟିସ ଦେଇ କେତେକ ନିର୍ଦ୍ଦିଷ୍ଟ ସମୟ ପାଇଁ ଉକ୍ତ ଜମିରେ ଚାଷୀମାନଙ୍କର ଚଳାଚଳ ଉପରେ କଟକଣା ଜାରି କରିପାରିବେ । ଏହି ସାମୟିକ ନିଷେଧ ଆଦେଶ ସମୟ ମଧ୍ୟରେ ନିରାପତ୍ତା ଜୋନ୍ ମଧ୍ୟସ୍ଥ ସମୁଦ୍ରାଞ୍ଚଳ ଓ ସୁବର୍ଣ୍ଣରେଖା ମୁହାଣ ପାଖରେ ମାଛ ମାରିବା ପାଇଁ ମାଛ ଧରାଳୀମାନଙ୍କୁ ଅନୁମତି ଦିଆଯିବ ।

ବାସଚ୍ୟୁତ ପରିବାର ଲୋକଙ୍କ ପୁରୁଣା ଘରଡ଼ିହଠାରୁ ୧୦ ରୁ ୧୫ କିଲୋମିଟର ଦୂରତା ମଧ୍ୟରେ ୬,୫୦୦ ଗୃହହୀନ ପରିବାର ପାଇଁ ଆଦର୍ଶ ଗ୍ରାମମାନ ସ୍ଥାପନ କରାଯିବ । ଏହା ଫଳରେ କ୍ଷତିଗ୍ରସ୍ତ ଭୂମିହୀନ ଓ ନାମମାତ୍ର ଚାଷୀ ଯେଉଁମାନେକି ମୋଟ ବାସଚ୍ୟୁତ ପରିବାର ସଂଖ୍ୟାର ଶତକଡା ୪୦ ଭାଗ ଏହାଦ୍ୱାରା ବିଶେଷ ଭାବେ ଉପକୃତ ହେବେ । ପ୍ରତି ଆଦର୍ଶ ଗ୍ରାମରେ ପ୍ରାୟ ୪୦୦ ପରିବାରଙ୍କୁ ଥଇଥାନ କରାଯିବ ଏବଂ ପ୍ରତି ପରିବାରକୁ ୧୦ ଡେସିମିଲ ଘରଡ଼ିହ ଜମି ମାଗଣାରେ ଯୋଗାଇ ଦିଆଯିବ ।

ଆଦର୍ଶ ଗ୍ରାମଗୁଡ଼ିକୁ ସବୁଦିନିଆ ରାସ୍ତା, ନାଳନର୍ଦ୍ଦମା, ପର୍ଯ୍ୟାପ୍ତ ପାନୀୟ ଜଳ, ପୁଷ୍କରିଣୀ ଏବଂ ରାସ୍ତା ଆଲୋକ ଆଦି ସମସ୍ତ ନାଗରିକ ସୁବିଧା ଯୋଗାଇ ଦିଆଯିବ । ଏତଦ୍‌ବ୍ୟତୀତ ଗ୍ରାମଗୁଡ଼ିକରେ ବିଦ୍ୟାଳୟ, ଡାକ୍ତରଖାନା, ଡାକଘର, ପଞ୍ଚାୟତ ଗୃହ, ବ୍ୟାଙ୍କ, ବଜାର, ଯୁବକେନ୍ଦ୍ର, ପଶୁଚିକିତ୍ସା କେନ୍ଦ୍ର ଓ ଚିତ୍ତବିନୋଦନ କେନ୍ଦ୍ର ଆଦି ବିଭିନ୍ନ ସାମାଜିକ ଓ ...

ବାଲିଆପାଳ ଓ ଭୋଗରାଇ ଅଞ୍ଚଳରେ ଥିବା ମହାବିଦ୍ୟାଳୟଗୁଡ଼ିକର ବିକାଶ ଓ ସଂପ୍ରସାରଣ ପାଇଁ ୨୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯିବ । ଜନସାଧାରଣଙ୍କୁ ଉନ୍ନତ ଚିକିତ୍ସା ସୁବିଧା ଦେବା ଉଦ୍ଦେଶ୍ୟରେ ବାଲିଆପାଳ ପ୍ରାଥମିକ ଚିକିତ୍ସା କେନ୍ଦ୍ର ନିକଟରେ ୭୦ ଲକ୍ଷ ଟଙ୍କା ବ୍ୟୟରେ ୫୦ ଶଯ୍ୟା ବିଶିଷ୍ଟ ଏକ ବିଶେଷଜ୍ଞ ଚିକିତ୍ସା ସୁବିଧା ଥିବା ଡାକ୍ତରଖାନା ଏବଂ ପ୍ରତି ଦୁଇଟି ଗ୍ରାମ ପାଇଁ ଦେଢ଼ ଲକ୍ଷ ଟଙ୍କା ବ୍ୟୟରେ ଗୋଟିଏ ଲେଖାଏଁ ଏହିପରି ସାତଟି ଡାକ୍ତରଖାନା ନିର୍ମାଣ କରାଯିବ ।

ବାଲିଆପାଳ ଅଞ୍ଚଳର ଶିକ୍ଷିତ ଯୁବକମାନେ ଯେପରି ଏହି ଜାତୀୟ କ୍ଷେପଣାସ୍ତ୍ର ଘାଟି କିମ୍ବା ନିକଟସ୍ଥ ଅନ୍ୟାନ୍ୟ ଶିଳ୍ପ ସଂସ୍ଥାରେ ନିଯୁକ୍ତି ପାଇପାରିବେ ସେଥିପାଇଁ ବାଲିଆପାଳଠାରେ ଏକ କୋଟି ଟଙ୍କା ବ୍ୟୟରେ ଏକ ଶିଳ୍ପ ତାଲିମ ପ୍ରତିଷ୍ଠାନ (ଆଇ:ଟି:ଆଇ:) ପ୍ରତିଷ୍ଠା କରାଯାଇ ସେମାନଙ୍କୁ ତାଲିମ ଦେବାର ବ୍ୟବସ୍ଥା କରାଯାଉଛି । ଜାତୀୟ କ୍ଷେପଣାସ୍ତ୍ର ଘାଟି ଏବଂ ତତ୍‌ସଂଲଗ୍ନ ଶିଳ୍ପାଞ୍ଚଳରେ ବାସଚ୍ୟୁତ ପ୍ରତି ପରିବାରର ଅନ୍ୟୁନ୍ୟ ଜଣେ ବ୍ୟକ୍ତିଙ୍କୁ କର୍ମନିଯୁକ୍ତି ଯୋଗାଇ ଦେବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି ।

ବାସଚ୍ୟୁତ ଲୋକଙ୍କ ପରିବାରର ଅନ୍ତତଃ ଜଣଙ୍କ ପାଇଁ କର୍ମ ଯୋଗାଣ ସାଙ୍ଗକୁ ସେମାନଙ୍କ ଅର୍ଥନୈତିକ ବିକାଶ ଲାଗି ନଅ ଗୋଟି ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା କରାଯାଉଛି । ଏହିଭଳି ପ୍ରସ୍ତାବିତ ଶିଳ୍ପସଂସ୍ଥାଗୁଡ଼ିକ ହେଲା—ଦେବଗାଁ ଦାନ୍ତୁନଦାଠାରେ ୧୯ କୋଟି ୫୧ ଲକ୍ଷ ୬୨ ହଜାର ଟଙ୍କା ବ୍ୟୟରେ ପ୍ରତିଷ୍ଠା କରାଯାଉଥିବା ବୟନ ଶିଳ୍ପ ସଂସ୍ଥା, ୨ କୋଟି ୧୩ ଲକ୍ଷ ଟଙ୍କାରେ କାଶଫାଳଠାରେ ପ୍ରତିଷ୍ଠିତ ହେଉଥିବା ଜାଲ ଓ ଦଉଡ଼ି ପ୍ରକଳ୍ପ, ଲକ୍ଷ୍ମଣଖୁଣ୍ଟାଠାରେ ୨ କୋଟି ୫ ଲକ୍ଷ ଟଙ୍କାର ଗୋପାଳନ କେନ୍ଦ୍ର, ବାଲିଆପାଳଠାରେ ୯୩ ଲକ୍ଷ ୬୩ ହଜାର ଟଙ୍କାରେ ତେଲ କଳ, ଅମର୍ଦା ରୋଡ୍ ରେଳ ଷ୍ଟେସନ୍ ନିକଟରେ ୫ କୋଟି ୨୮ ଲକ୍ଷ ୪୨ ହଜାର ଟଙ୍କାର ବନସ୍ପତି କାରଖାନା, ବଦାସାହିମୁନିଆଠାରେ ୨୪ ଲକ୍ଷ ଟଙ୍କାର କୃଷି ଯନ୍ତ୍ରପାତି କାରଖାନା ଏବଂ ପଥରଝାଡ଼ାଠାରେ କୋଟିଏ ୫୬ ଲକ୍ଷ ଟଙ୍କାର ଚମଡ଼ା କାରଖାନା ।

ଇପିକଲ୍ ପକ୍ଷରୁ ବାଲଗୋପାଳପୁରଠାରେ ପ୍ରତିଷ୍ଠା କରାଯାଉଥିବା ଗ୍ଳାସଲାଇନିଂ ଶିଳ୍ପାନୁଷ୍ଠାନରେ ୯୭ କୋଟି ୯୬ ଲକ୍ଷ ୬୭ ହଜାର ଟଙ୍କା ବିନିଯୋଗ କରାଯିବ ଏବଂ ଏଥିରେ ସାତଶହ ବ୍ୟକ୍ତିଙ୍କ କର୍ମସଂସ୍ଥାନ କରାଯାଇ ପାରିବ । ଇଡ୍‌କୋ ସଂସ୍ଥା ପକ୍ଷରୁ ମଧ୍ୟ ବାଲିଆପାଳଠାରେ ଦୁଇକୋଟି ଟଙ୍କା ବ୍ୟୟରେ ଏକ ବୃହତ୍ ଶିଳ୍ପାଞ୍ଚଳ ପ୍ରତିଷ୍ଠା କରାଯିବ ।

ଏହିସବୁ ପ୍ରକଳ୍ପ ଦ୍ୱାରା ୪୩୭୬ ବ୍ୟକ୍ତି ସିଧାସଳଖ ଓ ୨୧୫୦ ଜଣ ଆତ୍ମନିଯୁକ୍ତି ମାଧ୍ୟମରେ ଜୀବିକା ଅର୍ଜନ କରିପାରିବେ । ସେମାନଙ୍କ ମଧ୍ୟରେ ୧୧୫୦ ଜଣ ମତ୍ସ୍ୟଜୀବୀ ଅନ୍ତର୍ଭୁକ୍ତ । କ୍ଷେପଣାସ୍ତ୍ର ଘାଟି ଦ୍ୱାରା କ୍ଷତିଗ୍ରସ୍ତ ହେଉଥିବା ୮୦୦ ମତ୍ସ୍ୟଜୀବୀ ପରିବାରଙ୍କୁ କାଶଫାଳଠାରେ ବସା ଯାଉଥିବା ଏକ ଆଦର୍ଶ ଗ୍ରାମରେ ଥଇଥାନ କରାଯିବ । ମତ୍ସ୍ୟଜୀବୀମାନେ ଯେଉଁଭଳି ସେମାନଙ୍କ କୌଳିକ ବ୍ୟବସାୟ ସୁରୁଖୁରୁ ରୂପେ ଚଳାଇ ପାରିବେ ସେଥିପାଇଁ ସେମାନଙ୍କୁ ଜାଲ ଓ ନୌକା ଆଦି ଯୋଗାଇ ଦିଆଯିବ ।

ଏହି ୧,୫୦୦ କୋଟି ଟଙ୍କାର ପ୍ରକଳ୍ପରେ ପ୍ରାୟ ଅଢ଼େଇଶହ କୋଟି ଟଙ୍କାର ରାସ୍ତା ଓ କୋଠାବାଡ଼ି ନିର୍ମାଣ ଆଦି ପୂର୍ତ୍ତ ବିଭାଗୀୟ କାମ ହେଉଥିବାରୁ ଏଥିରେ ବହୁସଂଖ୍ୟକ ସ୍ଥାନୀୟ ଶ୍ରମିକ ନିଯୁକ୍ତି ସୁବିଧା ପାଇ ପାରିବେ । ବାସଚ୍ୟୁତ ଲୋକମାନେ ସମବାୟ ସଂଗଠନ କିମ୍ବା ଅଂଶୀଦାର ଭିତ୍ତିକ ବ୍ୟବସାୟ ସଂସ୍ଥା ମାଧ୍ୟମରେ ଏହି ଜାତୀୟ ପ୍ରକଳ୍ପ ପାଇଁ ଆବଶ୍ୟକ . ପଦାର୍ଥ ଯୋଗାଇ ଦେଇ ପାରିବେ । ରାଜ୍ୟ ସରକାରଙ୍କ ପକ୍ଷରୁ ଥଇଥାନ ଓ ପୁନର୍ବସତି କାର୍ଯ୍ୟମାନ କାର୍ଯ୍ୟକାରୀ କରାଯାଉଥିଲେ ହେଁ କେନ୍ଦ୍ର ସରକାର ଏଥିପାଇଁ ଆର୍ଥିକ ସହାୟତା ପ୍ରଦାନ କରିବେ । କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମର ଅଗ୍ରଗତି ସଂପର୍କରେ ତଦାରଖ କରାଯିବ । ଏଥିପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପଦସ୍ଥ ଅଧିକାରୀଙ୍କୁ ନେଇ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି ।

# କୃଷିଋଣ

କଳାହାଣ୍ଡି ଜିଲ୍ଲାରେ ଖୋଲାଯାଇଥିବା ବିଭିନ୍ନ ବ୍ୟାଙ୍କମାନଙ୍କ ଶାଖା ତରଫରୁ ଚଳିତ ଖରିଫ୍ ଋତୁରେ କୃଷକମାନଙ୍କୁ କୃଷି ଋଣ ଯୋଗାଇ ଦେବା ପାଇଁ ବିହିତ ପଦକ୍ଷେପ ଗ୍ରହଣ କରାଯାଇଛି । ଉକ୍ତ ବ୍ୟାଙ୍କମାନେ ୯ ହଜାର ୫୦୬ ଜଣ ଲୋକଙ୍କ ଦରଖାସ୍ତ ବିଚାରକୁ ନେଇ ୧ କୋଟି ୨୧ ଲକ୍ଷ ୪୧ ହଜାର ଟଙ୍କା ଖରିଫ୍ କୃଷିଋଣ ମଂଜୁର କରିଛନ୍ତି । ତନ୍ମଧ୍ୟରୁ ଅଦ୍ୟାବଧି ୭ ହଜାର ୪୦୨ ଜଣଙ୍କୁ ୭୧ ଲକ୍ଷ ୮୦ ହଜାର ଟଙ୍କା ଋଣ ବଣ୍ଟନ କରାଯାଇଛି ।

ମଂଜୁର ଓ ବଣ୍ଟନ କରାଯାଇଥିବା କୃଷିଋଣ ମଧ୍ୟରେ ଭାରତୀୟ ଷ୍ଟେଟ୍‌ବ୍ୟାଙ୍କ୍ ସର୍ବାଧିକ ୩,୯୬୦ ଜଣ ଲୋକଙ୍କ ଦରଖାସ୍ତ ବିଚାର କରି ୪୫ ଲକ୍ଷ ୯୦ ହଜାର ଟଙ୍କା ଋଣ ମଂଜୁର କରିଛନ୍ତି । ସେଥିମଧ୍ୟରୁ ଅଦ୍ୟାବଧି ଉକ୍ତ ବ୍ୟାଙ୍କ୍ ୩୬୦୩ ଜଣଙ୍କୁ ୩୭ ଲକ୍ଷ ୨୦ ହଜାର ଟଙ୍କା ଋଣ ବଣ୍ଟନ କରିଛନ୍ତି । ସେହିପରି କଳାହାଣ୍ଡି ଆଞ୍ଚଳିକ ଗ୍ରାମ୍ୟବ୍ୟାଙ୍କ୍ ୩,୧୫୦ ଟି ଦରଖାସ୍ତ ବିଚାର କରି ୩୪ ଲକ୍ଷ ୫୦ ହଜାର ଟଙ୍କା ଋଣ ମଂଜୁର କରି ତନ୍ମଧ୍ୟରୁ ୨,୭୦୯ ଜଣ ଲୋକଙ୍କୁ ୨୪ ଲକ୍ଷ ୬୦ ହଜାର ଟଙ୍କା, କେନ୍ଦ୍ର ସମବାୟ ବ୍ୟାଙ୍କ୍ ୨,୨୩୩ଟି ଦରଖାସ୍ତ ବିଚାର ଶେଷ କରି ୩୯ ଲକ୍ଷ ୧୮ ହଜାର ଟଙ୍କା ମଂଜୁର କରି ୯୫୫ ଜଣ ଲୋକଙ୍କୁ ୮ ଲକ୍ଷ ୪୦ ହଜାର ଟଙ୍କା, ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ୧୦୨ ଟି ଦରଖାସ୍ତ ଫଇସଲା କରି ୧ ଲକ୍ଷ ୧୩ ହଜାର ଟଙ୍କା ମଂଜୁର କରି ସମସ୍ତ ମଂଜୁରୀ ଟଙ୍କା ୟୁନାଇଟେଡ୍ କମର୍ସିଆଲ୍ ବ୍ୟାଙ୍କ୍ ୩୩ଟି ଦରଖାସ୍ତ ବିଚାର କରି ସମସ୍ତ ମଂଜୁରୀ ୪୦ ହଜାର ଟଙ୍କା ଋଣଗ୍ରହୀତାଙ୍କ ମଧ୍ୟରେ ବଣ୍ଟନ କରିଛନ୍ତି । ଏହା ବ୍ୟତୀତ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ୍ ମଧ୍ୟ ୨୮ଟି ଦରଖାସ୍ତ ବିଚାର କରି ୩୦ ହଜାର ଟଙ୍କା ଋଣ ମଂଜୁର କରିଛନ୍ତି ।

# ଭୁବନେଶ୍ୱରରେ ଚକ୍ଷୁ କ୍ଲିନିକ୍

ଗତ ୩୧-୮-୮୬ ତାରିଖ ଦିନ ଭୁବନେଶ୍ୱର ଲାୟନସ୍ କ୍ଲବ୍ ଆନୁକୂଲ୍ୟରେ ଝାରପଡ଼ାଠାରେ ଚକ୍ଷୁ କ୍ଲିନିକ୍ ଖୋଲାଯାଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ହେମାନନ୍ଦ ବିଶ୍ୱାଳ ଏହି ଚକ୍ଷୁ କ୍ଲିନିକ୍ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ଲାୟନସ୍ କ୍ଲବ୍ ପରି ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କର ଜାତୀୟ ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ ଏବଂ ଦୀନଦରିଦ୍ରମାନଙ୍କର ସେବାରେ ସେମାନଙ୍କର ଭୂମିକାକୁ ଭୂୟସୀ ପ୍ରଶଂସା କରିଥିଲେ । ଲାୟନସ୍ କ୍ଲବ୍ ଏକ ବିଶ୍ୱବ୍ୟାପୀ ଅନୁଷ୍ଠାନ ଏବଂ

ଏହି ସଂସ୍ଥା ଅନ୍ଧତ୍ୱ ଦୂରୀକରଣ ଡେଙ୍ଗେ ଦୂରାରୋଗ୍ୟ ରୋଗର ନିରୂପଣ ଶିଶୁମାନଙ୍କୁ ପ୍ରତିଷେଧକ ଟିକା ପ୍ରଦାନ, ଔଷଧ ବ୍ୟାଙ୍କ୍ କରିଆରେ ଗରିବ ଲୋକମାନଙ୍କୁ ଔଷଧ ବିତରଣ ପ୍ରଭୃତି ବହୁ ସେବାମୂଳକ କାର୍ଯ୍ୟରେ ଅଂଶ ଗ୍ରହଣ କରି ଆସୁଛନ୍ତି । ଉକ୍ତ ଚକ୍ଷୁ କ୍ଲିନିକ୍ ଓଡ଼ିଶାରେ ସର୍ବପ୍ରଥମ ସଂସ୍ଥା, ଯାହାକି ଲାୟନ୍‌ସ କ୍ଲବ୍ ଦ୍ୱାରା ପରିଚାଳିତ ହେବ । ତେଣୁ, ଏହି ସଂସ୍ଥା ଦ୍ୱାରା ପ୍ରତିଷ୍ଠିତ ବିଭିନ୍ନ ସେବା ଅନୁଷ୍ଠାନର ସୁପରିଚାଳନା ପ୍ରତି ସମସ୍ତ ସଭ୍ୟ ସଚେତନ ହେବା ଆବଶ୍ୟକ ବୋଲି ଶ୍ରୀ ବିଶ୍ୱାଳ କହିଥିଲେ । ଲାୟନ୍‌ସ କ୍ଲବ୍ ତରଫରୁ ହୋଇଥିବା ବିଭିନ୍ନ ଅନୁରୋଧ ସଂପର୍କରେ ସୂଚନା ଦେଇ, ସ୍ୱାସ୍ଥ୍ୟମନ୍ତ୍ରୀ କହିଲେ ଯେ ଉକ୍ତ ସଂସ୍ଥା ଚକ୍ଷୁ ଚିକିତ୍ସାଳୟ ପ୍ରତିଷ୍ଠା କରିବାକୁ ସ୍ଥିର କଲେ ସରକାର ଆବଶ୍ୟକ ଜମି ଯୋଗାଇ ଦେବାକୁ ପଦକ୍ଷେପ ନେବେ ଏବଂ ସରକାରଙ୍କ ତରଫରୁ ଯଥା ସମ୍ଭବ ସାହାଯ୍ୟ ଦେବାକୁ ଅବହେଳା କରାଯିବ ନାହିଁ । ଏତଦ୍‌ବ୍ୟତୀତ, ରାଜ୍ୟ ସରକାର ରାଜ୍ୟରେ ଗୋଟିଏ ବ୍ୟାଙ୍କ୍ ଖୋଲିବାକୁ ସ୍ଥିର କରିଛନ୍ତି ବୋଲି ସେ ଘୋଷଣା କରିଥିଲେ । ଲାୟନ୍‌ସ କ୍ଲବ୍ ଯେପରି ଚକ୍ଷୁହୀନମାନଙ୍କୁ ପୃଥିବୀର ଆଲୋକ ଦେଖିବାର ସୁଯୋଗ ଦେବାକୁ ବ୍ୟଗ୍ର, ସମସ୍ତ ଜନସାଧାରଣ ଉକ୍ତ ମହତ୍‌କାର୍ଯ୍ୟ ଉପଲବ୍ଧି କରି ନିଜ ନିଜର ଚକ୍ଷୁ, ମୃତ୍ୟୁ ପରେ ଚକ୍ଷୁ ବ୍ୟାଙ୍କକୁ ଦେବାକୁ ଆଗେଇ ଆସିବା ଉଚିତ ବୋଲି ଶ୍ରୀ ବିଶ୍ୱାଳ କହିଥିଲେ । ଏହି ମର୍ମରେ ପ୍ରଧାନ ମନ୍ତ୍ରୀ

ଶ୍ରୀ ରାଜୀବ ଗାନ୍ଧୀ ଓ ତାଙ୍କର ସହଧର୍ମିଣୀ ସୋନିଆ ଗାନ୍ଧୀ ତାଙ୍କର ଚକ୍ଷୁ ଦାନ କରିବାକୁ ଘୋଷଣା କରିଥିବା କଥା ପ୍ରତି, ସେ ଜନସାଧାରଣଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ । ଉକ୍ତ ଚକ୍ଷୁ କ୍ଲିନିକ୍ ସ୍ଥାପନ ପାଇଁ ଶ୍ରୀମତୀ ଗୀତା ମହାନ୍ତି ଦାନ କରିଥିବା ଜମି ଓ ଶ୍ରୀଯୁକ୍ତ ଆର୍:ପି: ଖେଡ଼ିଆ ଆବଶ୍ୟକ ଯନ୍ତ୍ରପାତି ଯୋଗାଇ ଦେଇଥିବାରୁ ସେମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ପ୍ୟାକେଟ୍ ଦ୍ରବ୍ୟର ମୂଲ୍ୟ ନିର୍ଦ୍ଧାରଣ

ବଜାରରେ ପ୍ୟାକେଟ୍‌ରେ ବିକ୍ରୀ କରାଯାଉଥିବା ଜିନିଷର ମୂଲ୍ୟ କ୍ରେତାଙ୍କୁ କେତେ ଦେବାକୁ ହେବ, ସେଥିନିମନ୍ତେ କେନ୍ଦ୍ର ସରକାର ନୂତନ ନିୟମାବଳୀ ପ୍ରଣୟନ କରିଛନ୍ତି । ଏହା ସମଗ୍ର ଦେଶରେ ଲାଗୁ କରାଯାଇଛି । ଏହି ନିୟମ ଅନୁଯାୟୀ ଖୁଚୁରା ବିକ୍ରେତାମାନେ ସେମାନଙ୍କର ଦୋକାନରେ ଠିକ୍ ଭାବେ ଦେଖିପାରିବା ସ୍ଥାନରେ ସେମାନେ ବିକ୍ରୀ କରୁଥିବା ସମସ୍ତ ପ୍ୟାକେଟ୍ ଜିନିଷର ସ୍ଥାନୀୟ କର କେତେ, ତାହା ପୃଥକ ପୃଥକ ଭାବେ ଦର୍ଶାଇ ପ୍ରଦର୍ଶିତ କରିବେ । ଏହି ନିୟମାବଳୀକୁ ଲଙ୍ଘନ କଲେ, ବିକ୍ରେତା ଦଣ୍ଡନୀୟ ହେବେ ।

ଏଠାରେ ଉଲ୍ଲେଖନୀୟ ଯେ ପ୍ୟାକେଟ୍ ଆକାରରେ ବଜାରରେ ବିକ୍ରୀ କରାଯାଉଥିବା ଜିନିଷ, ଯଥା– ବିସ୍କୁଟ୍, ସାବୁନ୍, ଟୁଥ୍‌ପେଷ୍ଟ, ସ୍ନୋ ଏବଂ ସିଗାରେଟ୍, ଏପରି ବହୁ ଜିନିଷ ପ୍ୟାକେଟ୍‌ରେ କେତେକ କ୍ଷେତ୍ରରେ କେବଳ ସର୍ବୋଚ୍ଚ ଖୁଚୁରା ଦର ଓ ଅନ୍ୟ କେତେକ କ୍ଷେତ୍ରରେ ଖୁଚୁରା ଦର ଛଡ଼ା ସ୍ଥାନୀୟ କର କ୍ରେତାଙ୍କୁ ଦେବାକୁ ସୂଚୀତ ଅଛି । ଏଥିପାଇଁ ସ୍ଥାନୀୟ କର କେତେ ହେବ, ଏ ସବୁଥିରେ ସୂଚୀତ ହୋଇନାହିଁ । ଏଣୁ, ସାଧାରଣ କ୍ରେତାଙ୍କୁ ଏପରି ଜିନିଷର ପ୍ରକୃତ ମୂଲ୍ୟ କେତେ ଦେବାକୁ ହେବ, ତାହା ଠିକ୍ ଭାବେ ଜାଣିବା ନିମନ୍ତେ କେନ୍ଦ୍ର ସରକାର ଏହି 'ପ୍ୟାକେଜ୍' ଜିନିଷ ନିୟମାବଳୀ ପ୍ରଣୟନ କରିଛନ୍ତି ।

ଖୁଚୁରା ବିକ୍ରେତା ତଥା ଜନସାଧାରଣ ଏହି ନିୟମ ସଂପର୍କରେ ଅବହିତ ହେବାକୁ ରାଜ୍ୟ ମାପ ଓ ଓଜନ ସଂସ୍ଥା ପକ୍ଷରୁ ବୁଝାଇ ଦିଆଯାଇଛି ।

## ଶକ୍ତି ଉତ୍ପାଦନ ଓ ବଣ୍ଟନ

୧୯୮୬ ମସିହା ମଇ ମାସଠାରୁ ଜୁଲାଇ ମାସ ପର୍ଯ୍ୟନ୍ତ ରାଜ୍ୟରେ ୮୬୯.୨୪୬ ନିୟୁତ ୟୁନିଟ୍ ବା ହାରାହାରି ୩୯୬.୬୮ ମେଗାୱାଟ୍ ବିଦ୍ୟୁତ୍‌ଶକ୍ତି ଉତ୍ପାଦିତ ହୋଇଥିଲା ବୋଲି ରାଜ୍ୟ ଜଳସେଚନ ଓ ବିଦ୍ୟୁତ୍ ବିଭାଗ ମନ୍ତ୍ରୀ ଶେଖ୍ ମତଲୁବ୍‌ଅଲ୍ଲୀ ସୂଚନା ଦେଇଛନ୍ତି । ଉତ୍ପାଦିତ ବିଦ୍ୟୁତ୍‌ଶକ୍ତି ମଧ୍ୟରୁ ଭାରିଶିଳ୍ପ ଓ ଶକ୍ତିଭିତ୍ତିକ ଶିଳ୍ପ ସଂସ୍ଥାକୁ ୧୪୭.୬୪ ନିୟୁତ ୟୁନିଟ୍ ବା ୬୭.୪୧ ମେଗାୱାଟ୍ ବିଦ୍ୟୁତ୍‌ଶକ୍ତି ଯୋଗାଇ ଦିଆଯାଇଥିଲା । ଅନ୍ୟାନ୍ୟ ଶିଳ୍ପ ସଂସ୍ଥାଗୁଡ଼ିକ ଦୈନିକ ୮ ଘଣ୍ଟା ବା ଗୋଟିଏ ସିଫ୍ଟ ପାଇଁ ବିଦ୍ୟୁତ୍ ଯୋଗାଇ ଦିଆଯାଇଥିଲା । ଏହା ବ୍ୟତୀତ ଉଠାଜଳସେଚନ ପଏଣ୍ଟମାନଙ୍କୁ ମଧ୍ୟ ସର୍ବନିମ୍ନ ସୁବିଧା ମୁତାବକ ବିଜୁଳୀ ଯୋଗାଇ ଦିଆଯାଇଥିଲା ବୋଲି ସେ ସୂଚନା ଦେଇଛନ୍ତି । ବିଦ୍ୟୁତ୍ ଚାହିଦା ଅପେକ୍ଷା ଉତ୍ପାଦନ କମ୍ ହୋଇଥିବାରୁ ସହରାଞ୍ଚଳରେ ଦୈନିକ ପ୍ରାୟ ୪ ଘଣ୍ଟା ଏବଂ ଗ୍ରାମାଞ୍ଚଳରେ ୧୨ ଘଣ୍ଟା ପର୍ଯ୍ୟନ୍ତ ବିଦ୍ୟୁତ୍ କାଟ କରାଯାଇଥିଲା । ଉଠାଜଳସେଚନ ପଏଣ୍ଟଗୁଡ଼ିକୁ ଅଗ୍ରାଧିକାର ଭିତ୍ତିରେ ବିଦ୍ୟୁତ୍ ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି । ଗତ ଜଳବର୍ଷରେ ରାତି ୧୦ଟାରୁ ସକାଳ ୬ଟା ପର୍ଯ୍ୟନ୍ତ ଉଠା ଜଳସେଚନ ପଏଣ୍ଟଗୁଡ଼ିକୁ ବିଜୁଳୀ ଯୋଗାଇ ଦିଆଯାଇଥିଲା ବୋଲି ଶ୍ରୀ ଅଲ୍ଲୀ ପ୍ରକାଶ କରିଛନ୍ତି ।

## ବିଦ୍ୟୁତ୍ ସଂକଟ ଦୂର ପାଇଁ ପଦକ୍ଷେପ

ବିଦ୍ୟୁତ୍ ସଂକଟକୁ ଦୂର କରିବା ପାଇଁ ସରକାର କେତେକ ଦୀର୍ଘମିଆଦୀ ପଦକ୍ଷେପ ନେଉଛନ୍ତି ବୋଲି ସେଚ ଓ ଶକ୍ତି ବିଭାଗ ମନ୍ତ୍ରୀ ଶେଖ୍ ମତଲୁବ୍ ଅଲ୍ଲୀ ସୂଚନା ଦେଇଛନ୍ତି । କାର୍ଯ୍ୟକାରୀ ହେଉଥିବା ଉପର କୋଲାବ୍, ହୀରାକୁଦ ୭ମ ୟୁନିଟ୍, ଉପର ଇଂଦ୍ରାବତୀ ଓ ରେଙ୍ଗାଲି ୨ୟ ପର୍ଯ୍ୟାୟ ଯୋଜନାଗୁଡ଼ିକୁ ଅଗ୍ରାଧିକାର ଭିତ୍ତିରେ ସଂପୂର୍ଣ୍ଣ କରିବା, ଇବ୍‌ତାପଜ ବିଦ୍ୟୁତ୍ କେନ୍ଦ୍ର ଓ ପୋଟେରୁ କ୍ଷୁଦ୍ର ଜଳ ବିଦ୍ୟୁତ୍ ପ୍ରକଳ୍ପ ପ୍ରଭୃତିକୁ ତୁରନ୍ତ କାର୍ଯ୍ୟକାରୀ କରିବା ଏବଂ କେନ୍ଦ୍ର ସରକାରଙ୍କର ଜାତୀୟ ତାପଜ ଶକ୍ତି ନିଗମ ଜରିଆରେ ତାଳଚେରଠାରେ ଏକ ଅଧିକ ତାପଜ କେନ୍ଦ୍ର ପ୍ରତିଷ୍ଠା କରିବା ପାଇଁ ଉଦ୍ୟମ କରାଯାଉଛି ବୋଲି ଶ୍ରୀ ଅଲ୍ଲୀ ପ୍ରକାଶ କରିଛନ୍ତି । ଏହା ବ୍ୟତୀତ କେତେକ ସ୍ୱଳ୍ପ ମିଆଦୀ ପଦକ୍ଷେପ ମଧ୍ୟ ନିଆଯାଇଛି ବୋଲି ସେ ସୂଚନା ଦେଇଛନ୍ତି । ପଡ଼ୋଶୀ ରାଜ୍ୟ, ଯଥା– ଆନ୍ଧ୍ର ପ୍ରଦେଶ, ମଧ୍ୟ ପ୍ରଦେଶ ଓ ଇ:ଆର୍:ଇ:ବି:ରୁ ବିଦ୍ୟୁତ୍ କ୍ରୟ କରି ଯୋଗାଇବା, ଫାରକା ଓ ତୁଖା କେନ୍ଦ୍ରୀୟ ବିଦ୍ୟୁତ୍ କେନ୍ଦ୍ରମାନଙ୍କୁ ଓଡ଼ିଶାର ଅଂଶ ଉପଯୋଗ କରିବା, କେନ୍ଦ୍ରୀୟ ପ୍ରକଳ୍ପର ସଂରକ୍ଷିତ ଅଂଶରୁ ଅଧିକ ବିଦ୍ୟୁତଶକ୍ତି ଆହରଣ ପାଇଁ ଉଦ୍ୟମ କରିବା, ତାଳଚେର ତାପଜ ବିଦ୍ୟୁତ୍ କେନ୍ଦ୍ରର ପୁନରୁଦ୍ଧାର ଓ ଆଧୁନିକୀକରଣ କରିବା ଏବଂ ବିଦ୍ୟୁତ୍ ବଣ୍ଟନ ତଥା ସରବରାହ ବ୍ୟବସ୍ଥା କ୍ରମବର୍ଦ୍ଧନ କ୍ଷତିକୁ ରୋକିବା ଦିଗରେ ଅଧିକ ପଦକ୍ଷେପ ନେଇ ତଦ୍‌ଲବ୍ଧ ବିଦ୍ୟୁତ୍‌ଶକ୍ତିକୁ ଉପଯୋଗ କରିବା ଏହି ପଦକ୍ଷେପ ମଧ୍ୟରେ ଅନ୍ତର୍ଭୁକ୍ତ ବୋଲି ଶ୍ରୀ ଅଲ୍ଲୀ ପ୍ରକାଶ କରିଛନ୍ତି ।



# ଅରଣ୍ୟ ରୋଦନ

ଶ୍ରୀ ବିଚିତ୍ରାନନ୍ଦ ପାଇକରାୟ

ଋତୁରାଜ ବସନ୍ତର ମନୋହର ଧରଣୀପୃଷ୍ଠକୁ ଓହ୍ଲାଇ ଆସିଥାଏ । ବିଶାଳ ଶୋଲରୀ ପର୍ବତର ଶ୍ୟାମସ୍ନିଗ୍ଧ ସୁଷମା ମୃଦୁମନ୍ଦ ହିଲୋଳରେ ଲହରିତ ହୋଇ ଉଠୁଥାଏ । ବକୁଳିତ ଆମ୍ର ଗହନରେ କୋକିଳର କେଳି, ବନମାଳତୀ କୁଞ୍ଜରେ ଅଳିକୁଳର ଗୁଞ୍ଜରଣ, ଅଶୋକର ରକ୍ତିମ ଗଣ୍ଡଦେଶରେ ବର୍ଣ୍ଣ୍ୟ ବିହଙ୍ଗର ରାସକ୍ରୀଡା ଶୋଲରୀ ତନୁରେ ରୋମାଞ୍ଚ ଭରି ଦେଉଥାଏ । ପ୍ରତିଟି ଆରଣ୍ୟ ପ୍ରାଣରେ ପ୍ରୀତିର ଅରୁଣ ରଙ୍ଗ ଉଦ୍ଭାସିତ ହୋଇ ଉଠୁଥାଏ ।

ଏକ ମଞ୍ଜୁଳ ପ୍ରଭାତ ବେଳାରେ ଗୋଟିଏ କିଶୋର ମୃଗ ଓ ଗୋଟିଏ କିଶୋରୀ ମୃଗୀ ପର୍ବତ ଶିଖରରୁ ତାଙ୍କର ଯୂଥ ତ୍ୟାଗ କରି ନିମ୍ନସ୍ଥ ଉପତ୍ୟକାକୁ ଓହ୍ଲାଇ ଆସିଲେ । ସେମାନଙ୍କ ତନୁମନରେ ବସନ୍ତର କାଉଁରି ସ୍ପର୍ଶ ।

ଯୂଥମୁକ୍ତ ଏପରି ବୁଲି ଆସିବା ଏଇ ପ୍ରଥମ । ଏହା ପୂର୍ବରୁ ସେମାନେ ଥା'ନ୍ତି ପିତାମାତା ପରିଜନଙ୍କ ସ୍ନେହପୂର୍ଣ୍ଣ ଦୃଷ୍ଟି ସୀମାରେ । କେବେ କିପରି ତୃଣ ଭକ୍ଷଣ କରୁ କରୁ ଦୂରକୁ ଚାଲି ଆସିଲେ ସେମାନଙ୍କର ମାତାଗଣ ସସ୍ନେହ ଦୌଡ଼ିଆସି ନିଜ କୋଳକୁ ଟାଣି ନେଉଥିଲେ । ଏଥର କିନ୍ତୁ ସେମାନେ ଆଉଟ କଲେ ନାହିଁ । ସେମାନେ ଜାଣି ପାରିଲେ ଏ ଦୁହିଁଙ୍କ ପ୍ରାଣରେ ଜାଗିଛି ଆଦ୍ୟ ଯୌବନର ମାଦକତା ।

ତଳସ୍ଥ ଉପତ୍ୟକାଟିର ଏକ ବିସ୍ତୃତ ପ୍ରସ୍ତର ପୃଷ୍ଠରେ ମହୁଲ ବୃକ୍ଷର ମଗୁଆଲା ଛାୟା ବିଛୁରିତ ହୋଇ ପଡ଼ିଥାଏ । କିଶୋର କିଶୋରୀ ଦୁହେଁ ପରସ୍ପର ସଂଲଗ୍ନ ହୋଇ ମହୁଲ ଫୁଲର ମଉଣିଆ ଗନ୍ଧ ଆସ୍ୱାଦନ କଲେ । ବହୁ ପଛରେ ତାଙ୍କ ଯୌଥ ପରିଜନ ରହିଲେଣି । ସମ୍ମୁଖ ଶୀଖରୋରେ ବିବିଧ ପୁଷ୍ପର ବିପଣି । ନିମ୍ନରେ ଲୋଭନୀୟ କୃଷିକ୍ଷେତ୍ର । ଅନତି ଦୂରରେ ନୀଳାମ୍ବୁ ଚିଲିକାର ଅନବଦ୍ୟ ସମାର ।

କିଶୋରୀଟି ନିଜ ଅବୟବରେ ଅବ୍ୟକ୍ତ ଶିହରଣ ଅନୁଭବ କଲା । ସାଥୀମୃଗ ଅପଲକ ପକ୍ଷ୍ମରେ ଚିଲିକାର ଅପାର୍ଥିବ ଶୋଭା ନିରୀକ୍ଷଣ କରି ଲାଗିଛି । ମୃଗୀ ଦେଖିଲା ମୃଗର ଅନ୍ତର ବାହାର ଯେପରି ଚିଲିକାର ଦର୍ପଣରେ ପ୍ରତିବିମ୍ବିତ ହୋଇଛି । ପ୍ରଭାତର ପୂର୍ଣ୍ଣରଶ୍ମି ତା'ର ଚେକ୍କଣ ଚର୍ମ ଉପରେ ଚିକ୍ ଚିକ୍ ମାରୁଛି । ଚର୍ମ ଉପରିସ୍ଥ ଚନ୍ଦ୍ରିକା ଚିହ୍ନ ଗୁଡ଼ିକ ବିକଶିତ ନୀଳ କୋକନଦର ଶୋଭା ଧାରଣ କରିଛି । ନବାଙ୍କୁରିତ ବିଷାଣଦ୍ୱୟ ଶିର ଉର୍ଦ୍ଧ୍ୱରେ ରହି ତାକୁ ଯେପରି ଆଦ୍ୟ ପ୍ରଣୟର ସମାଚାର ଜ୍ଞାପନ କରୁଛି । ଅଲକ୍ଷ୍ୟରେ ମୃଗଟି ମୃଗର ଅଧର ଓ ଗଣ୍ଡଦେଶରେ ନିଜର ଜିହ୍ୱା ସ୍ପନ୍ଦନ କରି ଲାଗିଲା ।

ମୃଗୀର ରସନା ସ୍ପର୍ଶରେ ମୃଗର ତରୁଣ ତନୁ ଏକ ଅନୁଭବ ପୁଲକରେ ଶିହରି ଉଠିଲା । ସେ ବାହାର ଦୃଶ୍ୟରୁ ଦୃଷ୍ଟି ଫେରାଇ ଆଣି ମୃଗୀର କୋମଳ ରୋମାଞ୍ଚିତ ଗ୍ରୀବାପରେ ନିଜର ସୁଦୀର୍ଘ ମୁଖମଣ୍ଡଳ ସ୍ଥାପନ କଲା । ଦୁହିଁଙ୍କର ସ୍ନିଗ୍ଧନେତ୍ର ମୁଦ୍ରିତ ହୋଇ ଆସିଲା । ଏକ ଅପୂର୍ବ ଅନୁଭୂତିରେ ଦୁହେଁ ନିମଜ୍ଜିତ ହୋଇଗଲେ ।

ପ୍ରଭାତ ଅତିକ୍ରାନ୍ତ ହେଲା । ଦୁହେଁ ଫେରିଗଲେ ଯୂଥ ମଧ୍ୟକୁ । ସେମାନଙ୍କର ପ୍ରସ୍ଥାନ ଓ ପ୍ରବେଶ ଯୂଥ ମଧ୍ୟରେ କୌଣସି ପ୍ରତିକ୍ରିୟା ସୃଷ୍ଟି କଲା ନାହିଁ ।

ପରଦିନ ଠାରୁ ପୁଣି ସେମାନେ ଯୂଥରୁ ନିଷ୍କ୍ରାନ୍ତ ହୋଇ ବୁଲି ବୁଲିଲେ ଉପତ୍ୟକାରୁ ଉପତ୍ୟକାକୁ । କେହି କାହାକୁ ଛାଡ଼ି କ୍ଷଣେ ସୁଦ୍ଧା ରହି ପାରିଲେ ନାହିଁ । ଅନେକ ସମୟରେ ପ୍ରଥମ ମିଳନର ସ୍ମୃତି ପ୍ରସ୍ତର ଉପରେ ସେମାନଙ୍କର ଅଭିସାର ଚାଲୁଥିଲେ ।

ସ୍ମୃତିପ୍ରସ୍ତର ଫଳକରେ ସେମାନେ ଦେଖୁଥିଲେ ସମତଳ ଭୂମିର ସବୁଜ ଶସ୍ୟକ୍ଷେତ୍ର । ଆହୁରି ଦୂରରେ ଉପଭୋଗ କରୁଥିଲେ ଚିଲିକାର ନୀଳଘନ ଜଳଶ୍ରେଣୀ । ତା' ଉପରେ ଭାସମାନ ଶତ ଶତ ଡଙ୍ଗାର ମନ୍ଥର ଗତି । ମୂଳ ଅପରାହ୍ନରେ ତରଙ୍ଗଗୁଡ଼ିକର ଗୋପ୍ୟ ଶୋଭା । ଆଉ ପାରିରେ କ୍ରମଶଃ ଦୃଶ୍ୟମାନ ହୋଇ ଉଠୁଥିବା ଚନ୍ଦ୍ରଲତା ଘେରା ଶ୍ମଶାନ । ତା'ରି ଅନ୍ତରାଳରେ ମାଳୁଦ ଆଉ ପାରିକୁଦଗଡ । ଜଳ ଘେରରେ ଦିଶେ ଟିକି କାଳିଯାଇ ପାହାଡ ଗୋଟିଏ ଜଳହସ୍ତୀପରି । ସେମାନଙ୍କର ତରୁଣ ମନରେ ଉଙ୍କି ମାରେ ଅପରାହ୍ଣରେ ପହଁରିବାକୁ । ସେଇ ଦୂର କୃଷ୍ଣଘନ ସ୍ଥାନରେ ଘେରାଏ ବୁଲି ଆସିବାକୁ ତାଙ୍କର ଇଚ୍ଛା ହୁଏ । ହାତ ନ ପାଇବା ଚିଜକୁ ହାତ ବଢାଇବାରେ ସେମାନଙ୍କର ଆଗ୍ରହ ବଢେ ।

ଅନ୍ୟ ପାର୍ଶ୍ୱରେ ଦିଶେ ଭାଲେରୀ ପର୍ବତ । ଯେଉଁଠି ସଂଜ୍ଞ ହେଲେ ଦେବ ବିବର୍ତ୍ତନ ତାଙ୍କର ସ୍ୱର୍ଣ୍ଣ ସିଂହାସନ ପାରି ଦେଇଛି । ତାଙ୍କର ଯୂଥ ଥରେ ଭାଲେରୀ ପର୍ବତକୁ ପରିଭ୍ରମଣରେ ଯିବାର ଅଛି । ଅବଶ୍ୟ ପୁଣି ସେମାନେ ଫେରି ଆସିବେ ଜନ୍ମଭୂମି ଶୋଲରୀକୁ ।

ମଝିରେ ପଶ୍ଚିମକୁ ଦିଶେ ଘଣ୍ଟଶିଳା । ତାହାରି ପାଦଦେଶ ଦେଇ ଯାଉଛି କ୍ଷୀଣ କଟି ଶାଳିଆ ନଈ । ମଝିରେ ମଝିରେ ଖଣ୍ଡ ଖଣ୍ଡ ଗାଁ । ସକାଳ ସଂଜରେ ତାହାରି ଉପର ଦେଇ ଧୂଆଁ ଉଠେ ଆକାଶ ମଧ୍ୟକୁ । ମୃଗମୃଗୀ ଅପଲକ ନେତ୍ରରେ ସେହି ଆଡକୁ ଚାହିଁ ରହନ୍ତି ବିଭୋର ଦୃଷ୍ଟିରେ ।

ଘଣ୍ଟଶିଳା ପଶ୍ଚାତ୍‌ରେ ଦେଖାଯାଏ ଧାଡ଼ି ଧାଡ଼ି ପର୍ବତ ନୀଳ ବ୍ୟୋମପଟରେ ଚିତ୍ରିତ ହେଲାପରି । ଘନ ଅରଣ୍ୟାନିର ନିଭୃତ ନିରାପଦା ସେଠାରେ ନିଶ୍ଚିତ ସମ୍ଭାବନା ରହିଛି । ଶୋଲରୀ ପରିତ୍ୟାଗ କରି ସେହି ନିର୍ଜନ ମାଳ ଦେଶକୁ ପ୍ରସ୍ଥାନିବାକୁ ତାଙ୍କର ଯୂଥ ସ୍ଥିର କରିଛନ୍ତି । ଶୋଲରୀ ଆଉ ତାଙ୍କ ପାଇଁ ନିରାପଦ ନୁହେଁ ।

ଶିକାରୀମାନଙ୍କର ଘନଘନ ଆଗମନ ସେମାନଙ୍କର ପ୍ରାଣରେ ଭୀତି ସଞ୍ଚାର କରିଛି । ଏମାନଙ୍କୁ ଡରି ତାଙ୍କରି ପରିବାରବର୍ଗ ଅନ୍ୟତ୍ର ବନସ୍ତରେ ଆତ୍ମଗୋପନ କରି ରହନ୍ତି । ସ୍ୱଚ୍ଛନ୍ଦ ଆହାର ବିହାର ତାଙ୍କ ଜୀବନରେ ସ୍ୱପ୍ନ ହୋଇପଡ଼େ । କିନ୍ତୁ ଜନ୍ମମାଟିର ମୋହ ଏଡ଼ି ସେମାନେ ଅନ୍ୟତ୍ର ଯାଇ ପାରନ୍ତି ନାହିଁ । ଏଇ ମାଟିର ଉଚ୍ଛଳତାରେ ଦେହ ଟିକିଏ ଘସିଦେଲେ, ଏହାରି ଧୂଳିମାଟି ଦେହରେ ବୋଳି ହୋଇଗଲେ ସେମାନଙ୍କୁ ଯେଉଁ ଆନନ୍ଦ ମିଳେ ତାହା ସ୍ୱର୍ଗରେ ବି ଦୁର୍ଲଭ ହୋଇଥିବ !

ଏହି ନବୀନ ମୃଗଦମ୍ପତି ଥରେ ସଞ୍ଜ ପହରରେ ଲୁଚିଲୁଚି ଚାଲିଯାଇଥିଲେ ସମତଳର ଶସ୍ୟକ୍ଷେତ୍ରକୁ । କ୍ଷେତ ମଝିରେ ଗୋଟାଏ ମଣିଷ ଭଳି ଜଣ ଗୋଟାଏ ଠିଆ ହୋଇଥିଲା । ତାକୁ ଦେଖି ସେମାନେ ପ୍ରଥମେ ଚମକି ପଡ଼ିଲେ । କିଛିକ୍ଷଣ ଅପେକ୍ଷା କଲାପରେ ଜଣା ପଡ଼ିଲା ସେଟା ମଣିଷ ନୁହେଁ । ଗୋଟାଏ ନିର୍ଜୀବ ବସ୍ତୁ । ତରିତରି କ୍ଷେତ ଭିତରକୁ ପଶି କିଛି ଖାଇଲେ । ଭାରି ସ୍ୱାଦକର ! ଆଉଥରେ ଯିବେ ବୋଲି ସେମାନେ ଭାବିଛନ୍ତି । ଅବଶ୍ୟ ଅତି ଲୋଭ ଭଲ ନୁହେଁ ।

* * * *

ବସନ୍ତ ବିଦାୟ ନେଲା । ନିଦାଘର ପ୍ରଖରତା ବଢ଼ି ବଢ଼ି ଆସିଲା । ରସାଳ, ଶାଲ୍ମଳି, କୃଷ୍ଣଚୂଡ଼ା ଓ ଅଶୋକ ଆଦି ତରୁବଣ ଫଳାବନତ ହୋଇ ଆସିଲେ । ରୌଦ୍ରତାପ ଓ ଜଳାଭାବ ପଶୁପକ୍ଷୀଙ୍କ ଜୀବନ ଯାତ୍ରାରେ ଉତ୍କଟ ସମସ୍ୟା ସୃଷ୍ଟି କଲା ।

ଯୌବନ କିନ୍ତୁ ଏସବୁ ଅଭାବ ମାନେ ନାହିଁ । ଦିନେ ସୂର୍ଯ୍ୟାସ୍ତ ପରେ ଦିବସର କ୍ଲାନ୍ତି ବିସ୍ମୃତ ହୋଇ ସେ ଦୁହେଁ ତାଙ୍କର ସ୍ମୃତି ପ୍ରସ୍ତର ଫଳକ ଉପରେ ବିଶ୍ରାମ ଗ୍ରହଣ କଲେ । ଶୁଷ୍କ ମହୁଲ ଫୁଲ ଝଡ଼ି ପଡ଼ିଛି ତଳେ । ଶାଖାରେ ଶାଖାରେ ଧରିଛି ଅଜଳନ୍ତି ଫଳ ସମ୍ଭାର । ପତ୍ରହୀନ ଅଥଚ ଫଳ ଭରା ଶାଖାତଳେ ଜ୍ୟୋତ୍ସ୍ନାର ସ୍ରୋତ ଚିକଚଣ୍ଡୁଳ ଛାୟା ସୃଷ୍ଟି କରିଛି । ତରଙ୍ଗାୟିତ ଚିଲିକା ଜଳରେ ହୀରକିତ ଦୋଳି ଶ୍ରେଣୀ ଚଳଚଞ୍ଚଳ ହୋଇ ଉଠିଛି । ନବୀନ ନବୀନା ପ୍ରାଣରେ ଚିଲିକାର ଢେଉ ଶ୍ରେଣୀ ପରି ଅସଂଖ୍ୟ ଢେଉ ସୃଷ୍ଟି ହେଉଛି । ଗ୍ରୀବାପରେ ଗ୍ରୀବା ଥାପି ସେମାନେ ନିଦ୍ରାଗଲେ ପରମ ତୃପ୍ତିରେ ।

ପ୍ରଭାତର ପ୍ରଥମ ଆକାଶରେ ପ୍ରଥମେ ନିଦ୍ରାଭଙ୍ଗ ହେଲା ମୃଗଟିର । ମୃଗୀ ଶୋଇଛି । ଶାୟିତା ମୃଗୀର ସ୍ଥିର ସୌନ୍ଦର୍ଯ୍ୟ ଉପଭୋଗ କରି ଲାଗିଲା ମୃଗଟି । ମୃଗୀର କଜ୍ଜ୍ୱଳ କଳା ନୟନ ଯୁଗଳର ପ୍ରାନ୍ତ କ୍ଷୀଣରୁ କ୍ଷୀଣତର ହୋଇ ଲମ୍ବି ଯାଉଛି କର୍ଣ୍ଣ ପର୍ଯ୍ୟନ୍ତ । ପ୍ରାତିର ଲହରୀମାଳା ତାର ସର୍ବାଙ୍ଗରେ ସ୍ଥିର ହୋଇ ପଡ଼ି ରହିଛି । ମୃଗର ଶିଙ୍ଗ ଶିହରି ଉଠିଲା । ମୃଗୀ ତନୁକୁ ମୃଦୁ ଆଘାତ କରିବାକୁ ଲାଗିଲା ଶିଙ୍ଗରେ । ମୃଗୀର ନିଦ୍ରାଭଙ୍ଗ ଘଟିଲା ।

ସେ ପ୍ରଭାତଟି ତାଙ୍କ ପାଇଁ ବେଶ୍ ରମଣୀୟ ଥିଲା । ପ୍ରତିଦିନ ପରି ସେଦିନ ମଧ୍ୟ ସେ ଦୁହେଁ ତୃଣ ଭକ୍ଷଣ ଉଦ୍ଦେଶ୍ୟରେ ଯାତ୍ରାକଲେ । ତରୁଣ ଜୀବନ । ଭୟଭୀତି ନାହିଁ । ଆପଣାକୁ ବଳି ଦେଇ ଅନ୍ୟକୁ ରକ୍ଷା କରିବାର ହୃଦୟ ଧରି ସେମାନେ ଅଗ୍ରସର ହେଉଥିଲେ ।

ପଥ ମଧ୍ୟରେ ସଦ୍ୟ ତୃଣ ଗୋଚରକୁ ଆସିଲେ ମୃଗ ସଙ୍କେତ ଦେଉଥାଏ ମୃଗୀକୁ । ମୃଗୀ ତା'ର ଅନ୍ତଃସତ୍ତ୍ୱା । ତା' ଗର୍ଭରେ ମୃଗର ଅଙ୍କୁର । ସେ ଖାଦ୍ୟ ଗ୍ରହଣ କରିବ ଦୁଇ ଜଣଙ୍କ ପାଇଁ ।

ନିଦାଘ ତପନ ପ୍ରଭାତକୁ ଦୂରକୁ ଠେଲି ଊର୍ଦ୍ଧ୍ୱ ଆକାଶକୁ ଅଗ୍ରସର ହେଲେଣି । ମୃଗ ମୃଗୀ ଅଗ୍ରସର କରୁଛନ୍ତି । ବନସ୍ଥଳୀରେ କାଠୁରିଆମାନଙ୍କର କାଷ୍ଠକର୍ତ୍ତନର ପ୍ରତିଧ୍ୱନି ଶୁଭୁଛି ।

ମଧ୍ୟାହ୍ନ ସୂର୍ଯ୍ୟ ପ୍ରଖର ରଶ୍ମି ନିକ୍ଷେପ କଲେଣି । ବୃକ୍ଷଲତା ଉଷ୍ଣ ହୋଇ ଆସିଲେଣି । ତୃଣ ଭକ୍ଷଣ କରୁକରୁ ସେମାନେ ବହୁ ଦୂର ଚାଲି ଆସିଲେଣି । ମୃଗଟି ତୃଷା ଏବଂ କ୍ଲାନ୍ତି ଅନୁଭବ କଲା । ସେ ଆଉ ଅଗ୍ରସର କରିପାରିଲାନି । ଗୋଟିଏ ବେଦ୍ଧୁଛାୟାରେ ଅଟକି ରହିଲା ।

ଅଳ୍ପଦୂରରେ ଅଗ୍ରସର କରିଥିବା ତା'ର ପ୍ରିୟ ଫେରି ଆସିଲା ମୃଗୀ ନିକଟକୁ । ଦୁହେଁ କିଛିକ୍ଷଣ କ୍ଲାନ୍ତି ଅପନୋଦନ କଲେ ।

ଦୂରରେ ଦିଶୁଛି ଅଶୋକ ସ୍ତବକ ମଣ୍ଡିତ ଲୋହିତ ଗିରି ଚୂଡ଼ା । ବୃକ୍ଷ ଶାଖାରେ ବିହଙ୍ଗମ ଆଶ୍ରୟ ନେଲେଣି । ବନ କପୋତର କରୁଣ ସ୍ୱର ରହିରହି ଭାସି ଆସୁଛି । କାଠକଟା ଶବ୍ଦ ବନ୍ଦ ହୋଇ ଆସିଲାଣି । ମୃଗୀଟିର ତୃଷା ବଢ଼ିଗଲିଛି । ମୃଗ ମଧ୍ୟ ତୃଷା ଅନୁଭବ କଲାଣି ।

ନିକଟରେ ଜଳାଶୟ ନାହିଁ । ପର୍ବତ ଶିଖରରେ ଗୋଟିଏ କ୍ଷୁଦ୍ର ଜଳାଶୟ । ତାହାର ଗୋଟି ପାର୍ଶ୍ୱ ଅପ୍ରଶସ୍ତ ହୋଇ ଶାମୁକା ଆକୃତି ଧାରଣ କରିଥିବାରୁ ଜଳାଶୟଟିର ନାମ "ଶାମୁକା" । ଗ୍ରୀଷ୍ମ ଋତୁରେ ସେଥିରେ ସ୍ୱଳ୍ପ ଜଳ ରହେ । ଶୈଳଶିରର ସକଳ ପଶୁପକ୍ଷୀ ସେଠାରେ ଜଳପାନ କରି ତୃଷା ନିବାରଣ କରନ୍ତି । କେଉଁ ପୂର୍ବ ପୁରୁଷ ପର୍ବତ ଚୂଡ଼ାରେ ସେ ଜଳାଶୟ ଖନନ କରିଥିଲେ । କୌଣସି ବୌଦ୍ଧରାଜାଙ୍କ କୀର୍ତ୍ତି ବା ହୋଇ ପାରେ । 'ଜୀବେ ଦୟା' ଥିଲା ନୀତି ।

ସେହି 'ଶାମୁକା' ଜଳାଶୟ ଅଭିମୁଖେ ତୃଷାର୍ତ୍ତ ମୃଗ ଦମ୍ପତି ଯାତ୍ରା କଲେ । ଅଳ୍ପଦୂର ଯାଇଁ ସେମାନେ ଏକ ବିଶାଳ ସହକାର ଛାୟାରେ ବିଶ୍ରାମ ନେଲେ । ସୁଶୀତଳ ଛାୟା । ଆରାମ ପ୍ରଦ । ପତ୍ର ଗହଳରୁ ମଧୁ ବୃଷ୍ଟି ହେଉଛି । ପକ୍ୱ ଆମ୍ର ଝଡ଼ି ପଡୁଛି ତଳେ ।

ପୁଣି ଅଗ୍ରସର ହୋଇ ସେମାନେ 'ଶାମୁକା'ର ବନ୍ଧ ଉପରେ ଉପନୀତ ହେଲେ । ଆଶ୍ୱସ୍ତିର ଦୀର୍ଘ ଶ୍ୱାସ ସେମାନଙ୍କର ହୃଦୟ ଉଚ୍ଛୁଳାଇ ବହିର୍ଗତ ହେଲା । ଜଳାଶୟର ମଧ୍ୟଭାଗରେ ସ୍ୱଳ୍ପ ଜଳ ଅଛି । ଆଉ କିଛି ଦିନ ପରେ ତାହା ସମ୍ପୂର୍ଣ୍ଣ ଶୁଷ୍କ ହୋଇଯିବ । ବନ୍ଧ ଚତୁଃପାର୍ଶ୍ୱରେ ଅଶୋକ, କାଞ୍ଚନ, ଚୂତ, କେନ୍ଦୁ ପ୍ରଭୃତି ତରୁ ଶ୍ରେଣୀ ବାହୁ ବିସ୍ତାର କରି ଜଳାଶୟର ପ୍ରହରୀ ପରି ଦଣ୍ଡାୟମାନ ହୋଇଛନ୍ତି । ଜଳାଶୟରୁ ଜଳ ଯେପରି ଶୀଘ୍ର ଶୁଷ୍କ ହୋଇ ନଯାଏ, ସେଥିପାଇଁ ଜଗି ରହିଛନ୍ତି ସେମାନେ । ବୌଦ୍ଧରାଜନଙ୍କ 'ଜୀବେଦୟା' ମନ୍ତ୍ରରେ ଦୀକ୍ଷିତ ହୋଇଛନ୍ତି ସେମାନେ ।

କାଳବିଳମ୍ବ ନ କରି ତୃଷାର୍ତ୍ତ ଦମ୍ପତି ଜଳପାନ ଉଦ୍ଦେଶ୍ୟରେ ଜଳାଶୟ ମଧ୍ୟକୁ ଅବତରଣ କଲେ ।

ଓଃ ! କି ହୃଦୟହୀନ ଶିକାରୀ ! ବନ୍ଧ ଉପରିସ୍ଥ ଏକ ଅଶ୍ୱତ୍ଥ ତରୁଶାଖାରେ ଲୁଚି ବସିଛି । ହସ୍ତରେ ବନ୍ଧୁକ ! ଚକ୍ଷୁରେ ନିର୍ଦ୍ଦୟ ଦୃଷ୍ଟି ! ହୃଦୟରେ ପାଶବିକ ଆନନ୍ଦ !!

ମୃଗଦମ୍ପତି ଜଳ ସମୀପରେ ଉପନୀତ ହେଲେ । ମୃଗ ନିଜର ମୁଖଭଙ୍ଗୀରେ ମୃଗୀକୁ ସଙ୍କେତ ଦେଉଛି ଜଳପାନ କରିବାକୁ । ମୃଗୀ ଜାଣେ ଅଧିକ କ୍ଲାନ୍ତ; ଅଧିକ ତୃଷାତୁର ! ମାତ୍ର ମୃଗୀ ଅପେକ୍ଷା କରୁଛି ମୃଗକୁ ! ମୃଗଟି ତାକୁ କେତେ ଭଲଲାଗେ ! ମୃଗ ତାକୁ କେତେ ଭଲପାଏ !

ମୃଗଟି ଜଳ ମଧ୍ୟରେ ମୁଖ ଭରି ଦେଇ ମୃଗୀକୁ ଅପେକ୍ଷା କରି ରହିଲା । ମୃଗୀର ମୁଖ ଜଳରେ ପ୍ରବେଶ କଲା ! ପରମ ତୃପ୍ତିରେ ଦୁହେଁ ମୁଖ ସହିତ ମୁଖ ସଂଲଗ୍ନ କରି ତୃଷା ନିବାରଣ କରୁଛନ୍ତି ।

ବାଃ ! ଶିକାରୀର କି ଚମକପ୍ରଦ ସାଧନା ! ସେ ଆଦୌ ଉତ୍କଣ୍ଠିତ ହେଲା ନାହିଁ । ଅବ୍ୟର୍ଥ ତାର କମାଣ ସନ୍ଧାନ !

ଗୋଟିଏ ମାତ୍ର ଗୁଳି ଫୋଟରେ ଦୁଇଟି ତରୁଣ ଜୀବନ ଜଳାଶୟ ନିକଟରେ ଢଳି ପଡ଼ିଲେ ଆର୍ତ୍ତନାଦ କରି ! କିଛିକ୍ଷଣ ଲାଗି ଅରଣ୍ୟ ସ୍ତବ୍ଧ ହୋଇଗଲା !!

ମୃଗ ଦମ୍ପତି ଆଉ ଉଠି ପାରିଲେ ନାହିଁ । ଯନ୍ତ୍ରଣାରେ ଛଟପଟ ହୋଇ ଆହତା ମୃଗୀ ତା'ର ଗର୍ଭସ୍ଥ ପ୍ରିୟ ଶାବକ ଉପରେ ଶେଷଥର ପାଇଁ ଦୃଷ୍ଟି ନିକ୍ଷେପ କଲା । ତା'ପରେ ତା'ର କରୁଣ ଦୃଷ୍ଟିକୁ [illegible] ଫେରାଇ ଆଣି ପ୍ରିୟତମ ମୃଗ ଉପରେ ନିବଦ୍ଧ କଲା ! ତା'ପରେ.....

ତା'ପରେ ତା'ର ନୟନ ଯୁଗଳ ମୁଦ୍ରିତ ହୋଇଗଲା ଚିରଦିନ ପାଇଁ ! ଆହତ ମୃଗର କରୁଣ ଦୃଷ୍ଟି କରୁଣତମ ହୋଇ ପଡ଼ିଲା । ସେ ତା'ର

ପ୍ରିୟାର ଗ୍ରୀବା ଦେଶରେ ନିଜର ଗ୍ରୀବା ସ୍ଥାପନ କରି ନୟନ ମୁଦ୍ରିତ କରିଦେଲା ଚିରକାଳ ପାଇଁ !

'ଶାମୁକା' ଖନନ କରିଥିବା ବୌଦ୍ଧରାଜନ ଲକ୍ଷ୍ୟଭ୍ରଷ୍ଟ ହେଲେ ! ଶିକାରୀ କିନ୍ତୁ ତା'ର ସେଦିନର ଅଭୂତପୂର୍ବ ବିଜୟ ନିମିତ୍ତ ସଗର୍ବ ଉତ୍ଫୁଲ୍ଲିତ ହୋଇ ଉଠିଲା ! ମୃତ ମୃଗମୃଗୀ ଉଦ୍ଦେଶ୍ୟରେ ଏକ ପୈଶାଚିକ ଭଙ୍ଗୀରେ ବୃକ୍ଷ ଉପରୁ ଓହ୍ଲେଇ ଆସିଲା !

ଦୂରରୁ କେବଳ ନିଦାଘ ମଧ୍ୟାହ୍ନର କପୋତଟିଏ ତା'ର କରୁଣ ବିଳାପରେ ସମଗ୍ର ବନଭୂମିକୁ ମନ୍ଥିତ କରୁଥିଲା । ନିଦାଘ ପୀଡ଼ିତ ବନଭୂମି ପ୍ରତିଧ୍ୱନି ଛଳରେ ତା'ର ନିରୀହ ନିଷ୍ପାପ ସନ୍ତାନ ଦୁଇଟିର ନିଃସହାୟ ମୃତ୍ୟୁ ପାଇଁ ବିଳପି ଉଠୁଥିଲା !

ଶିକ୍ଷକ, ସରକାରୀ ମାଧ୍ୟମିକ ପ୍ରଶିକ୍ଷଣ ବିଦ୍ୟାଳୟ,
ଖଲ୍ଲିକୋଟ, ଗଞ୍ଜାମ



# ଆପଣ ଜାଣନ୍ତି କି ?

ପରିବାର କଲ୍ୟାଣ କାର୍ଯ୍ୟକ୍ରମ ଜରିଆରେ ଲୋକମାନଙ୍କୁ ନିମ୍ନଲିଖିତ ସୁବିଧା ସୁଯୋଗ ଯୋଗାଇ ଦିଆଯାଉଛି ।

1. ଗର୍ଭବତୀ ମା' ଓ ଶିଶୁମାନଙ୍କୁ ବିନା ମୂଲ୍ୟରେ ଫଲିଫର୍ ବଟିକା, ଖାଦ୍ୟପ୍ରାଣ-'କ' ଯୋଗାଇ ଦିଆଯାଉଛି ।
2. ଶିଶୁମାନଙ୍କୁ ବିଭିନ୍ନ ମାରାତ୍ମକ ରୋଗରୁ ରକ୍ଷା କରିବାପାଇଁ ଡ଼ିପିଟି, ପୋଲିଓ, ବିସିଜି, ମିଳିମିଳା ଟୀକା ଦେବାର ବ୍ୟବସ୍ଥା ଅଛି ।
3. ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ କେନ୍ଦ୍ର ଜରିଆରେ ଛୋଟ ପରିବାର ଗଠନ ପାଇଁ ଇଚ୍ଛୁକ ଦମ୍ପତିମାନଙ୍କୁ ପରାମର୍ଶ ସହ ନିରୋଧ, ଓରାଲପିଲ୍, କପରଟି, ଗର୍ଭନିରୋଧ ଅସ୍ତ୍ରୋପଚାର ପଦ୍ଧତି ଯୋଗାଇ ଦେବାପାଇଁ ବ୍ୟବସ୍ଥା କରାଯାଇଛି ।
4. ପୁରୁଷ ଅସ୍ତ୍ରୋପଚାର ବା ଭସେକ୍‌ଟୋମି ଲାଗି 145 ଟଙ୍କା ଆର୍ଥିକ ସାହାଯ୍ୟ ଦିଆଯାଉଛି ।
5. ମହିଳାମାନଙ୍କ ଅସ୍ତ୍ରୋପଚାର ବା ଟ୍ୟୁବେକ୍‌ଟୋମି କରାଯାଇଥିବା ମହିଳାଙ୍କୁ ମୋଟ 155 ଟଙ୍କା ଦିଆଯାଉଛି ।
6. ଗର୍ଭ ନିରୋଧ ଅସ୍ତ୍ରୋପଚାର ଲାଗି ପ୍ରବର୍ତ୍ତକମାନଙ୍କୁ ଭାସେକ୍‌ଟୋମି ପାଇଁ 10 ଟଙ୍କା ଓ ଟ୍ୟୁବେକ୍‌ଟୋମି ପାଇଁ 8 ଟଙ୍କା ଦିଆଯାଉଛି ।
7. 48 ବର୍ଷରୁ କମ୍ ଗୋଟିଏ ବା ଦୁଇଟି ସନ୍ତାନ ଥିବା ଦମ୍ପତିମାନଙ୍କ ମଧ୍ୟରୁ ପୁରୁଷ ବା ସ୍ତ୍ରୀ କେହି ଜଣେ ଅସ୍ତ୍ରୋପଚାର କରାଇଲେ, ସେ ସବୁଜ ପତ୍ରିକା ହାସଲ କରି ବିଭିନ୍ନ ସୁବିଧା ସୁଯୋଗ ପାଇବା ପାଇଁ ହକ୍‌ଦାର ହେଉଛନ୍ତି ।
8. ଅବାଞ୍ଛିତ ଗର୍ଭକୁ ନିରାପଦରେ ସ୍ୱୀକୃତପ୍ରାପ୍ତ ଅନୁମୋଦିତ ଗର୍ଭପାତ କେନ୍ଦ୍ରରେ ତାଲିମପ୍ରାପ୍ତ ଡ଼ାକ୍ତରଙ୍କ ଦ୍ୱାରା ବିନା ମୂଲ୍ୟରେ କରାଯିବାର ବ୍ୟବସ୍ଥା ହୋଇଛି ।

**ଏ ସମସ୍ତ ସୁଯୋଗର ସଦୁପଯୋଗ ପାଇଁ ଜନସାଧାରଣ ନିକଟସ୍ଥ ପରିବାର କଲ୍ୟାଣ କେନ୍ଦ୍ର ଓ ଉପ-କେନ୍ଦ୍ରରେ ଥିବା ଡାକ୍ତର, ସ୍ୱାସ୍ଥ୍ୟ କର୍ମଚାରୀ ତଥା ଗ୍ରାମ୍ୟ ସ୍ୱାସ୍ଥ୍ୟ କର୍ମଚାରୀ ତଥା ଗ୍ରାମ୍ୟ ସ୍ୱାସ୍ଥ୍ୟ କର୍ମୀମାନଙ୍କ ସହିତ ପରାମର୍ଶ କରନ୍ତୁ ।**

**ପରିବାର କଲ୍ୟାଣ ନିର୍ଦ୍ଦେଶାଳୟ**

# ଜଙ୍ଗଲ ଓ ପରିବେଶ

ଅଧ୍ୟାପକ ପ୍ରଫୁଲ୍ଲ କୁମାର ମହାନ୍ତି

ବର୍ତ୍ତମାନ ଶିଶୁ ଜନ୍ମ ହେବାର କିଛି ବର୍ଷପରେ ଜାଣିପାରୁଛି ଚଳଚ୍ଚିତ୍ର, ରେଡ଼ିଓ ଓ ଟି.ଭି. ଆଦି ଆଧୁନିକ ଯୁଗର ଅତ୍ୟାଧୁନିକ ଜିନିଷ । ଜଙ୍ଗଲ କହିଲେ ତା ପକ୍ଷରେ ବୁଝିବା ହେଉଛି ଗୋଟିଏ ସ୍ୱପ୍ନ । କିନ୍ତୁ କିଛି ବର୍ଷ ପୂର୍ବକୁ ବା ପୁରାତନ ପ୍ରସ୍ତର ଯୁଗକୁ ଗ୍ଲେଲିଗଲେ ଆମେ ଦେଖିବା ଦୁଇଟି ଜିନିଷ—ଆଦି ମାନବ ଓ ତା'ର ଚତୁଃପାର୍ଶ୍ୱସ୍ଥ ବଣଜଙ୍ଗଲ । ସଭ୍ୟ ସମାଜରେ ଆଜିର ସୁରମ୍ୟ ପ୍ରାସାଦ ହିଁ ପୁରାତନ ଯୁଗର ଥିଲା ଜଙ୍ଗଲ—ଆଉ ଖାଦ୍ୟ ଥିଲା ତା'ର ସେହି ଜଙ୍ଗଲଜାତ ଦ୍ରବ୍ୟ ଓ ଜଙ୍ଗଲରେ ବିଚରଣ କରୁଥିବା ପଶୁପକ୍ଷୀ । ପୋଷାକ ବୋଲି ଆଜିକାଲିକା ପରି ଟେରିଲିନ୍, ନାଇଲନ୍, ଟେରିକଟନ୍ ବା ଟେରିଉଲ୍ ଆଦି କୃତ୍ରିମ (Synthetic) ନଥିଲା; ମାତ୍ର ଖୁସି ଥିବାବେଳେ ପିନ୍ଧୁଥିଲା ବୃକ୍ଷର ତାଳପତ୍ର ଓ ଛେଲି । ତେଣୁ ଅରଣ୍ୟ ଥିଲା ତାର ବାସସ୍ଥଳୀ, ଅରଣ୍ୟସ୍ଥ ବୃକ୍ଷଲତା ଫୁଲ ଫଳ ଓ ପତ୍ର ଥିଲା ତା'ର ଖାଦ୍ୟ ଓ ପୋଷାକ ଏବଂ ଅରଣ୍ୟ ମଧ୍ୟସ୍ଥ ପ୍ରାଣୀ ସମୂହ ବନ୍ଧୁ— ଯେଉଁମାନଙ୍କ ସହ ସେ ଖେଳୁଥିଲା ଓ ଯେଉଁମାନଙ୍କୁ ସେ ଶିକାର କରୁଥିଲା । ଅର୍ଥାତ୍ ମନୁଷ୍ୟ ଥିଲା ସମଗ୍ର ଅରଣ୍ୟର ଗୋଟିଏ କ୍ଷୁଦ୍ରାତିକ୍ଷୁଦ୍ର ଅଂଶବିଶେଷ ଏବଂ ସର୍ବୋପରି ଜୀବନ । ଆଉ ଆଜିର ମନୁଷ୍ୟ ସେ ସବୁ ଜଙ୍ଗଲ ସଫାକରି ତିଆରି କରୁଛି ଗଗନଭେଦି ଅଟ୍ଟାଳିକା, କଳକାରଖାନା ତଥା ସୁନ୍ଦର ସୁନ୍ଦର ଲୋକବସତି । ସହର ନାମରେ ସେ ଭୁଲିଯାଉଛି ତା'ର ପ୍ରାକୃତିକ ସ୍ଥିତିକୁ—ଭୁଲିଯାଉଛି ସେ ପ୍ରକୃତିର ଭାରସାମ୍ୟକୁ ।

ବର୍ତ୍ତମାନ ପ୍ରଶ୍ନ ଉଠିପାରେ ଜଙ୍ଗଲକୁ ଭୁଲିଗଲେ କଣ କ୍ଷତି ଅଛି ? ନା ଜଙ୍ଗଲ ଆମକୁ କିଛି ସାହାଯ୍ୟ କରୁଛି ?? ଜଙ୍ଗଲ କହିଲେ ମୁଖ୍ୟତଃ ଉଦ୍ଭିଦମାନଙ୍କୁ ବୁଝାଇଥାଏ । ଉଦ୍ଭିଦ ଓ ପ୍ରାଣୀ ସୃଷ୍ଟିର ଆରମ୍ଭରୁ ଓତଃପ୍ରୋତ ଭାବରେ ଜଡ଼ିତ । ପ୍ରଥମେ ଯଦି ଖାଦ୍ୟ କଥା ବିଚାର କରାଯାଏ, ତେବେ ଶ୍ୱେତସାର (ଧାନ, ଗହମ, ମକା ଇତ୍ୟାଦି), ପୁଷ୍ଟିସାର (ମୁଗ, ବିରି, ହରଡ଼, ସୋଲା, ଇତ୍ୟାଦି ଡାଲି ଜାତୀୟ) ଓ ସ୍ନେହସାର (ସୋରିଷ, ରାଶି, ପେଣି, ବାଦାମ ଇତ୍ୟାଦି) ଜାତୀୟ ଖାଦ୍ୟର ଉତ୍ସ ହେଉଛି ଉଦ୍ଭିଦ । ଦ୍ୱିତୀୟତଃ ପୃଥିବୀ ଉପରିସ୍ଥ ପ୍ରତ୍ୟେକ ପ୍ରାଣୀ ଶ୍ୱାସକ୍ରିୟାରେ ଅମ୍ଳଜାନ ନେଇ ଅଙ୍ଗାରକାମ୍ଳ ତ୍ୟାଗ କରିଥାଆନ୍ତି ଏବଂ ଦିନବେଳେ ଉଦ୍ଭିଦଗୁଡ଼ିକ ସୂର୍ଯ୍ୟାଲୋକ ସାହାଯ୍ୟରେ ଅଙ୍ଗାରକାମ୍ଳ ନେଇ ଅମ୍ଳଜାନ ତ୍ୟାଗ କରିଥାଆନ୍ତି । ତେଣୁ ଉଦ୍ଭିଦ ନିର୍ଗତ ଅମ୍ଳଜାନ ପ୍ରାଣୀମାନେ ଓ ପ୍ରାଣୀ ନିର୍ଗତ ଅଙ୍ଗାରକାମ୍ଳ ଉଦ୍ଭିଦମାନେ ବ୍ୟବହାର କରିଥାଆନ୍ତି । ଏହି ସତ୍ୟରୁ ସ୍ପଷ୍ଟ ପ୍ରତିପାଦିତ ଯେ ବାୟୁମଣ୍ଡଳସ୍ଥ ଅମ୍ଳଜାନ ଓ ଅଙ୍ଗାରକାମ୍ଳର ପରିମାଣ ସଠିକ୍ ରହିବା (Gaseous balance) ନିର୍ଭର କରୁଛି ଉଦ୍ଭିଦମାନଙ୍କ ଉପରେ । ପୁନଶ୍ଚ ବର୍ତ୍ତମାନ ପ୍ରତ୍ୟେକ ଘରରେ ଗୋଟିଏ କଥା ପ୍ରଦୂଷଣ (Pollution) । ସେଗୁଡ଼ିକ ହେଲା ବାୟୁ ପ୍ରଦୂଷଣ, ଜଳ ପ୍ରଦୂଷଣ, ଶବ୍ଦ ପ୍ରଦୂଷଣ ଓ ତାପ ପ୍ରଦୂଷଣ । ପରିସଂଖ୍ୟାନରୁ ଜଣାଯାଇଛି ଯେ ଶବ୍ଦ ପ୍ରଦୂଷଣ ଯୋଗୁଁ ମନୁଷ୍ୟ ତଥା ଶିଶୁମାନଙ୍କ ଉପରେ ଅନେକ କୁପ୍ରଭାବ ପଡୁଛି । ମାତ୍ର ଶବ୍ଦ ପ୍ରଦୂଷଣ (Noise Pollution) ନିୟନ୍ତ୍ରଣ ହେବାର ଏକମାତ୍ର ଉପାୟ ହେଉଛି ପରିପାର୍ଶ୍ୱସ୍ଥ ଉଦ୍ଭିଦ । ଉଦ୍ଭିଦଗୁଡ଼ିକର ସଂଖ୍ୟା ଅଧିକ ଥିଲେ ଶବ୍ଦ କର୍ଣ୍ଣକୁହରକୁ ଯାଇ ନପାରି କ୍ଷତି କରାଇ ପାରିବ ନାହିଁ । ପୁନଶ୍ଚ ଆମେ ଯଦି ପର୍ବପର୍ବାଣୀକୁ ଆଲୋକପାତ୍ କରିବା ତେବେ ଦେଖିବା ପତ୍ର, ପୁଷ୍ପ ଓ ଫୁଲର ପ୍ରାଧାନ୍ୟ କେତେ ? ଏପରିକି ଅତି କ୍ଷୁଦ୍ର ଦୁବଘାସର ମୂଲ୍ୟ କଳ୍ପନା କରିବା ଅସମ୍ଭବ । ଗ୍ରୀଷ୍ମଦିନେ କ୍ଲାନ୍ତ ପଥିକର ବୃକ୍ଷଛାୟାଠାରୁ ବଳି ଆଉ କଣ ପଦାର୍ଥ ଥାଇପାରେ । କି ଧନୀ କି ଦରିଦ୍ର ସମସ୍ତଙ୍କର ପୋଷାକଠାରୁ ଆରମ୍ଭ କରି ବାସଗୃହ ପର୍ଯ୍ୟନ୍ତ ପ୍ରତ୍ୟେକଥିରେ ରହିଛି ଉଦ୍ଭିଦର ଅବଦାନ ଓ ଉଦ୍ଭିଦର ସତ୍ତା । ସଭ୍ୟ ମନୁଷ୍ୟ ଆଜି ନୂତନ ଧରଣର ପୋଷାକ ପିନ୍ଧୁଛି ଓ ସୌଖିନ ବସ୍ତ୍ର ହେଉଛି ତାର ଟସର ବା ମଠା, ସମ୍ବଲପୁରୀ ଶାଢ଼ୀ, ବାପ୍ତା ବା ପାଟ ଇତ୍ୟାଦି । କିନ୍ତୁ ଏ ମୂଲ୍ୟବାନ ଶାଢ଼ୀ କଅଣ ? ପାଟ ହେଉଛି ଏଣ୍ଡିପୋକ ସୂତାର କୋଷା (Cocoon) । ଯଦିଓ ଏଇଟି ପ୍ରାଣୀର ଜିନିଷ ତଥାପି ଏ ଏଣ୍ଡିପୋକ ନିର୍ଦ୍ଦିଷ୍ଟ କେତେକ ବୃକ୍ଷ (ଶାଳ, ଅର୍ଜ୍ଜୁନ ଇତ୍ୟାଦି)ର ପତ୍ର ଖାଇ ଜୀବନ ଧାରଣ କରିଥାଏ । ତେଣୁ ପ୍ରତ୍ୟକ୍ଷରେ ନହେଲେ ମଧ୍ୟ ପରୋକ୍ଷରେ ଉଦ୍ଭିଦର ଅବଦାନ ଯଥେଷ୍ଟ । ଏହିପରି ଅନେକ ଉପକାର କରୁଥିବାରୁ ମନୁଷ୍ୟ ଉଦ୍ଭିଦମାନଙ୍କୁ କରୁଥିଲା ପୂଜା—ଯାହାକି ଅଦ୍ୟାବଧି ରହିଛି । ତୁଳସୀ, ବେଲ, ଦୟଣା ଗଛ ଇତ୍ୟାଦିକୁ ଏବେ ବି ଠାକୁରଙ୍କୁ ଲଗାଯାଏ ଓ ପୂଜା କରାଯାଏ ।

କେବଳ ଉଦ୍ଭିଦ ଓ ମନୁଷ୍ୟର ସମ୍ପର୍କ ଅତି ଘନିଷ୍ଠ ତାହା ନୁହେଁ । ଉଦ୍ଭିଦ ଓ ପ୍ରାଣୀମାନଙ୍କର ସମ୍ପର୍କ ବି ଠିକ୍ ସେହିପରି ଅନୁରୂପ । ପ୍ରାଣୀମାନଙ୍କ ମଧ୍ୟରୁ କେତେକ ତୃଣଭୋଜୀ (Herbivore) ଓ ଅନ୍ୟ କେତେକ ମାଂସାଶୀ (Carnivore) । ଯେଉଁ ପ୍ରାଣୀଗୁଡ଼ିକ ମାଂସାଶୀ ସେମାନଙ୍କର ଖାଦ୍ୟ ହେଉଛନ୍ତି ତୃଣଭୋଜୀ ପ୍ରାଣୀ । ଆଉ ପ୍ରତ୍ୟେକ ପ୍ରାଣୀର କ୍ରୀଡ଼ାସ୍ଥଳୀ ହେଉଛି ଅରଣ୍ୟ । କେଉଁ ପ୍ରାଣୀ ବୃକ୍ଷ କୋରଡ଼ରେ ରହିଲାଣି ତ କିଏ ଗଛମୂଳ ଗାତ ଭିତରେ ଆଉ କିଏ ବୁଦା ମୂଳରେ ଅଥବା କିଏ ଘଞ୍ଚ ଜଙ୍ଗଲସ୍ଥ ବୃକ୍ଷର ନୀଡ଼ରେ । ତେଣୁ ବିଭିନ୍ନ ପ୍ରାଣୀ ବିଭିନ୍ନ ପରିବେଶ ନେଇ ଆସ୍ଥାନ କରିଥାଆନ୍ତି ଓ ତାରି ମଧ୍ୟରେ ବିଚରଣ କରି ସଂଗ୍ରହ କରି ଖାଇଥାଆନ୍ତି ସେମାନଙ୍କର ଇଚ୍ଛା ମୁତାବକ ଖାଦ୍ୟ । କ୍ଷୁଦ୍ରାତିକ୍ଷୁଦ୍ର ପ୍ରାଣୀ ପିମ୍ପୁଡ଼ି, ମହୁମାଛିଠାରୁ ଆରମ୍ଭ କରି ହରିଣ, ମୃଗ, ସମ୍ବର, ମାଙ୍କଡ଼ ଇତ୍ୟାଦି ପ୍ରତ୍ୟେକର ଖାଦ୍ୟ ଉଦ୍ଭିଦ ବା ଉଦ୍ଭିଦଜାତ

ଦ୍ରବ୍ୟ । କେବଳ ସେତିକି ନୁହେଁ ଜଙ୍ଗଲ ଅଭିବୃଦ୍ଧି ବା ଜଙ୍ଗଲ ପରିସର ବୃଦ୍ଧିରେ ପ୍ରାଣୀ ମଧ୍ୟ ଏକ ମୌଳିକ ଅଙ୍ଗ । ଅର୍ଥାତ ଜଙ୍ଗଲରେ ଜନ୍ମିଥିବା ବିଭିନ୍ନ ବୃକ୍ଷର ମଞ୍ଜିଗୁଡ଼ିକ ବିଭିନ୍ନ ଉପାୟରେ ସ୍ଥାନାନ୍ତରିତ ହୋଇଥାଏ । ସେଥି ମଧ୍ୟରୁ ପ୍ରାଣୀମାନଙ୍କ ଦ୍ବାରା ବିକ୍ଷେପ ମଞ୍ଜିର ସଂଖ୍ୟା ଅଧିକ । କେଉଁ ପ୍ରାଣୀର ମଳତ୍ୟାଗ ଦ୍ବାରା ତ କାହାର ଫଳମୂଳ ଆହାର ସମୟରେ ଅଥବା ଆଉ କାହାର ଶରୀରରେ ଲାଗି ବୀଜ ବିକ୍ଷେପ (Seed dispersal) ହୋଇଥାଏ । ତେଣୁ ଜଙ୍ଗଲରେ ମାଆ ଗଛଠାରୁ ଦୂରକୁ ବିକ୍ଷିପ୍ତ ହୋଇ ଗଛଗୁଡ଼ିକର ବଂଶ ବିସ୍ତାର ପ୍ରାଣୀମାନଙ୍କ ଯୋଗୁଁ ସଙ୍ଘଟିତ ହୋଇଥାଏ । ତେଣୁ ପ୍ରାଣୀ ଓ ଉଦ୍ଭିଦ ମୁଦ୍ରାର ଦୁଇପାର୍ଶ୍ୱପରି । ଗୋଟିକ ବ୍ୟତିରେକ ଅନ୍ୟଟି ଅର୍ଥହୀନ ।

ପରିବେଶ (Environment) କହିଲେ ମନୁଷ୍ୟ ଓ ମନୁଷ୍ୟ ଚତୁଃପାର୍ଶ୍ୱସ୍ଥ ଉଦ୍ଭିଦ ଓ ପ୍ରାଣୀମାନଙ୍କୁ ବୁଝାଇଥାଏ । ମନୁଷ୍ୟ ପରିବେଶ ମଧ୍ୟସ୍ଥ ଅନେକ ପ୍ରାଣୀ ମଧ୍ୟରୁ ଗୋଟିଏ ଅର୍ଥାତ୍ ମନୁଷ୍ୟ ପରିବେଶକୁ ସୃଷ୍ଟି କରିଛି କହିବା ଅପେକ୍ଷା ପରିବେଶ ମନୁଷ୍ୟକୁ ସୃଷ୍ଟି କରିଛି କହିବା ଆହୁରି ଠିକ୍ । ସଭ୍ୟତାର ପ୍ରସାରକ୍ରମେ ସେ ପରିବର୍ତ୍ତନ ଓ ଧ୍ୱଂସ କରିବାରେ ଲାଗିଛି ତାର ପରିପାର୍ଶ୍ୱକୁ । ବୃକ୍ଷ କାଟି, ଜଙ୍ଗଲ ପୋଡ଼ି ଓ ଜଙ୍ଗଲ ସଫା କରି ଘରଦ୍ୱାର ତିଆରି କରିବା ହିଁ ତାର ହୋଇଛି ଆଜିର ଚିନ୍ତା ଓ ଆଜିର ଅଭିପ୍ସା । ସେ ଭାବିପାରୁ ନାହିଁ ତାର ସେ ମୂଳ ଉତ୍ପତ୍ତି (Origin) କେଉଁଠାରୁ ! କିପରି ଆଜି ସେ ନିଜକୁ ନିଜେ ତିଆରି କରିପାରିଛି—ଯଦି ଠିକ୍ ରୂପେ ଚିନ୍ତା କରିପାରନ୍ତା ତାହାହେଲେ ସେ ନିଶ୍ଚୟ ଅବଗତ ହୋଇ ପାରନ୍ତା ଯେ ଉଦ୍ଭିଦ ତାକୁ କିପରି ମଣିଷ କରାଇ ପାରିଛି । ଉଦ୍ଭିଦ ବଞ୍ଚାଇବା ଅର୍ଥ ହିଁ ପ୍ରାଣୀମାନଙ୍କୁ ବଞ୍ଚାଇବା । ତେଣୁ ଉଦ୍ଭିଦ ଯେ କେବଳ ମନୁଷ୍ୟକୁ ସାହାଯ୍ୟ କରୁଛି ତାହା ନୁହେଁ; ବିଭିନ୍ନ ଉପାୟରେ ହିଁ ପ୍ରାଣୀମାନେ ମନୁଷ୍ୟକୁ ସାହାଯ୍ୟ ଓ ସହାନୁଭୂତି ଦେଇ ଆସିଛନ୍ତି । ତେଣୁ କିଛିତ୍ ଚେଷ୍ଟାରେ ସେ ଉଦ୍ଭିଦ ଓ ପ୍ରାଣୀ ଦୁଇଟି ଗୋଷ୍ଠିକୁ ଏକାଠି ସୁରକ୍ଷା ଓ ସଂରକ୍ଷଣ (Conservation) କଲେ ନିଜର ସ୍ଥିତି ଓ ନିଜର ଭବିଷ୍ୟତ ସୁଦୃଢ଼ ହୋଇପାରିବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।

ବର୍ତ୍ତମାନ ପ୍ରଶ୍ନ ଉଠିପାରେ ଉଦ୍ଭିଦ ଜଗତକୁ ରକ୍ଷା କରିବା ପାଇଁ କି କି ଉପାୟ ଅବଲମ୍ବନ କରାଯାଉଛି ? ଭାରତ ସରକାର ତଥା ରାଜ୍ୟ ସରକାର ଉଦ୍ଭିଦ ସଂରକ୍ଷଣ ପାଇଁ ଅନେକ ପଦକ୍ଷେପ ନେଉଛନ୍ତି ଓ ନେଇଛନ୍ତି ମଧ୍ୟ । ପ୍ରଥମତଃ ବୃକ୍ଷମାନଙ୍କୁ ନେଇ ପରିବେଶ ସୁରକ୍ଷା ନିମିତ୍ତ ପ୍ରତିବର୍ଷ ବନ ମହୋତ୍ସବ ପାଳନର ବ୍ୟବସ୍ଥା କରାଯାଇଛି । ଏହାର ପାଳନ ୧୯୫୦ ମସିହା ଜୁଲାଇ ମାସରେ ତତ୍‌କାଳୀନ କେନ୍ଦ୍ରୀୟ କୃଷି ଓ ଖାଦ୍ୟମନ୍ତ୍ରୀଙ୍କ ପୌରହିତ୍ୟରେ ଉଦ୍‌ଘାଟିତ ହୋଇଥିଲା । ସେହି ବର୍ଷଠାରୁ ପ୍ରତ୍ୟେକ ବର୍ଷ ବର୍ଷାଋତୁ ପ୍ରାରମ୍ଭରେ ବା ଅକ୍ଟୋବର ମାସ ୨ ତାରିଖ ଗାନ୍ଧୀ ଜୟନ୍ତୀ ଦିନଠାରୁ ସପ୍ତାହବ୍ୟାପୀ ବିଦ୍ୟାଳୟରେ, ମହାବିଦ୍ୟାଳୟରେ, ବିଶ୍ୱବିଦ୍ୟାଳୟ ତଥା ଖୋଲା ପଡ଼ିଆ ଓ ରାସ୍ତାର ଦୁଇପାର୍ଶ୍ୱରେ ଅସଂଖ୍ୟ ଗୁରା ଗଛ ରୋପଣ କରାଯାଉଛି । ଏବେ ବନ ବିଭାଗ (Forest Department) ବୃକ୍ଷରୋପଣ ପାଇଁ ବିଭିନ୍ନ ପ୍ରକାର ଉଦ୍ଭିଦ ସୁବିଧାରେ ସବୁ ଅନୁଷ୍ଠାନକୁ ଯୋଗାଇ ଦେଉଅଛନ୍ତି । ବଡ଼ ଖୁସିର କଥା ଏବେ ବନ୍ୟ ବିଭାଗ ସହାୟତାରେ ସହରର ଦୁଇପାର୍ଶ୍ୱରେ ବିଭିନ୍ନ ପ୍ରକାର ବୃକ୍ଷରୋପଣ କରାଯାଇ ରାସ୍ତାର ସୌନ୍ଦର୍ଯ୍ୟ ବୃଦ୍ଧି କରାଯାଇ ପାରିଛି । ରାଜ୍ୟ ସରକାର ମଧ୍ୟ ନିକଟରେ ଏକ ଗବେଷଣା କେନ୍ଦ୍ର (Plant Resource Centre) ଭୁବନେଶ୍ୱରରେ ସ୍ଥାପନ କରି ଯଥାବିଧି ଉନ୍ନତି କରିବାରେ ଲାଗିଛନ୍ତି । ଏତଦ୍‌ବ୍ୟତୀତ ସହରଗୁଡ଼ିକରେ ବୃକ୍ଷରୋପଣ କରି ସବୁଜ ବଳୟ (Green Belt) ସୃଷ୍ଟି କରିବା ଯୋଜନା କରିବା ସଙ୍ଗେ ସଙ୍ଗେ ପରିବେଶ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଲାଗି ଜିଲ୍ଲାସ୍ତରରେ ଜଣେ ବ୍ୟକ୍ତି ଓ ଗୋଟିଏ କରି ଅନୁଷ୍ଠାନକୁ (Organization) "ପ୍ରକୃତିମିତ୍ର" ପୁରସ୍କାର ଦେବା ପାଇଁ ରାଜ୍ୟ ସରକାର ଘୋଷଣା କରିଛନ୍ତି । ଏବର୍ଷ ପାଇଁ ଏହି ପୁରସ୍କାର (୧୯୮୬) ଜୁନ୍ ମାସ ୫ ତାରିଖ "ବିଶ୍ୱ ପରିବେଶ ଦିବସ" (World Environment Day) ଦିନ ପ୍ରଦାନ କରାଯିବାର ଠିକ୍ ହୋଇଛି । ଏ ସବୁ ଯୋଜନା ବର୍ତ୍ତମାନ ଗଠନ ହୋଇଥିବା ନୂତନ ବିଭାଗ ବିଜ୍ଞାନ, କାରିଗରୀ ଓ ପରିବେଶ ବିଭାଗ (Department of Science, Technology and Environment ବା DSTE) ହାତକୁ ନେଇ ପରିବେଶ ସୁରକ୍ଷାକୁ ତ୍ୱରାନ୍ୱିତ କରୁଛି ।

ବାସ୍ତବରେ ବନସ୍ପତିର ପ୍ରତିଯୋଗିତା ମାନସିକ, ସାଂସ୍କୃତିକ, ଅର୍ଥନୈତିକ ଓ ପ୍ରାକୃତିକ ଆଦି ସକଳ ଦିଗରୁ ମନୁଷ୍ୟ ଜୀବନ ପାଇଁ ଅପରିହାର୍ଯ୍ୟ । ପୌରାଣିକ ଯୁଗରୁ ଏହାର ପ୍ରାଧାନ୍ୟ ତିଷ୍ଠିମ ରହିଆସିଛି । ପତି ପରିତ୍ୟକ୍ତା ସୀତାଙ୍କର ଦୁଃଖକୁ ଲାଘବ କରିବା ପାଇଁ ବାଲ୍ମୀକି ଋଷି କହିଥିଲେ—

"ଆଶ୍ରମର ତରୁଣ ତରୁ ନିକରେ
ଯତନେ ବଢ଼ାଇଣ ଘଟ ଜଳରେ
ନିରେଖିବା ଆଗରୁ ତନୟ ମୁଖ
ଲଭିବୁ ତନୟର ପାଳନ ସୁଖ"

ଯାହାହେଉ ଜଙ୍ଗଲ ସୁରକ୍ଷା ସମସ୍ତଙ୍କର କରିବା ଉଚିତ୍ । କେବଳ ସରକାର ସଚେତନ ହେଲେ ସବୁ ହେବ ତାହା ଠିକ୍ ନୁହେଁ, ଜନସାଧାରଣଙ୍କର ପୂର୍ଣ୍ଣ ସହଯୋଗ ଏଥିପାଇଁ ଲୋଡ଼ା । କାରଣ ସମସ୍ତ ଜଙ୍ଗଲ ହିଁ ମାନବ ସମାଜକୁ ବଞ୍ଚାଇବ । ଇଂରାଜୀରେ ପ୍ରବଚନ ରହିଛି—"Save the jungle, the jungle will save the human beings".

ସ୍ନାତକୋତ୍ତର, ପ୍ରାଣୀ ବିଜ୍ଞାନ ବିଭାଗ,
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର,
ଭୁବନେଶ୍ୱର—୪



# ଓଡ଼ିଶାର ପର୍ବପର୍ବାଣୀ

ଶ୍ରୀମତୀ ପ୍ରମିଳା ମିଶ୍ର

**କୌ**ଣସି ସମାଜ, ସଭ୍ୟତା ଓ ଅଞ୍ଚଳର ସଂସ୍କୃତି, ଐତିହ୍ୟ, ପରମ୍ପରା ଓ ଧର୍ମଧାରାର ଅବିଚ୍ଛିନ୍ନ ଅଂଶ ଭାବରେ ପର୍ବପର୍ବାଣିର ଭୂମିକା ବିଶେଷ ଗୁରୁତ୍ୱପୂର୍ଣ୍ଣ । ଏହା ସାମାଜିକ ଜୀବନ ପ୍ରବାହର ସୂଚକ ଓ ଧର୍ମ ଜୀବନର ବାହ୍ୟ ରୂପ । ବର୍ଷର କେତେକ ନିର୍ଦ୍ଦିଷ୍ଟ ସମୟରେ ସାର୍ବଜନୀନ ଭିତ୍ତିରେ ନିୟମିତ ପାଳିତ ହେଉଥିବା ଓଷା, ବ୍ରତ, ଯାନିଯାତ୍ରା ଓ ଉତ୍ସବଗୁଡ଼ିକ ମଧ୍ୟ ପର୍ବପର୍ବାଣିର ପର୍ଯ୍ୟାୟଭୁକ୍ତ । ଓଡ଼ିଶାର ଭୌଗୋଳିକ ଅବସ୍ଥିତି ଏବଂ ବିଭିନ୍ନ ସଂସ୍କୃତିର ମଧୁର ସମନ୍ୱୟ ହେତୁ ଉତ୍କଳୀୟ ବ୍ରତୋତ୍ସବ ଓ ପର୍ବପର୍ବାଣିଗୁଡ଼ିକରେ ଭାରତବର୍ଷର ଅନ୍ୟାନ୍ୟ ଅଞ୍ଚଳରେ ଓ ସର୍ବଭାରତୀୟ ସ୍ତରରେ ପ୍ରଚଳିତ ପର୍ବପର୍ବାଣି ପ୍ରଭୃତିର ପରମ୍ପରାରୁ ସମ୍ପୂର୍ଣ୍ଣ ଭିନ୍ନ ହୋଇନଥିଲେ ମଧ୍ୟ ବହୁ ସ୍ୱାତନ୍ତ୍ର୍ୟ ପରିଲକ୍ଷିତ ହୁଏ ।

ଓଡ଼ିଶାର ସାମାଜିକ ଜୀବନରେ ବିଭିନ୍ନ ସମୟରେ ବୌଦ୍ଧ, ଜୈନ, ଶୈବ, ଶାକ୍ତ, ଗାଣପତ୍ୟ, ବୈଷ୍ଣବ, ମୁସଲମାନ, ଖ୍ରୀଷ୍ଟଧର୍ମାଦି ବହୁ ଧର୍ମ ଓ ଦର୍ଶନ ସମ୍ପ୍ରଦାୟର ପାରସ୍ପରିକ ସମ୍ପର୍କ ଓ ସମ୍ମିଳିତ ପରିପ୍ରକାଶ ଫଳରେ ବହୁସଂଖ୍ୟକ ଓଷାବ୍ରତ ଓ ପର୍ବପର୍ବାଣିର ଉଦ୍ଭବ ହୋଇଅଛି । ସେଗୁଡ଼ିକ ଭିନ୍ନ ଭିନ୍ନ ଗୋଷ୍ଠୀର ଲୋକମାନଙ୍କ ଦ୍ୱାରା ବିବିଧ ରୀତିରେ ବହୁକାଳରୁ ପାଳିତ ହୋଇ ଆସୁଅଛି । ଏତଦ୍‌ବ୍ୟତୀତ ବହୁ ପ୍ରାଚୀନ କାଳରୁ ଓଡ଼ିଶାରେ ଲୋକପରମ୍ପରାକ୍ରମେ ଯେଉଁ ସବୁ ବ୍ରତୋତ୍ସବାଦି ପ୍ରଚଳିତ ଥିଲା, ସେଥିରୁ ଅଧିକାଂଶ କାଳକ୍ରମେ ଆର୍ଯ୍ୟ ପରମ୍ପରା ସହ ମିଶି ଧର୍ମଶାସ୍ତ୍ରାନୁମୋଦିତ ହେବା ସଙ୍ଗେ ସଙ୍ଗେ ଆର୍ଯ୍ୟଧର୍ମାନୁମୋଦିତ ବହୁ ବ୍ରତୋତ୍ସବ ଓ ଆସ୍ଥାର ବିସ୍ତାର ଏ ଭୂଇଁରେ ପ୍ରବର୍ତ୍ତିତ ହୋଇ ବିଶେଷ ଓଡ଼ିଶା ସଂସ୍କୃତି ଓ ଧର୍ମଧାରା ସୃଷ୍ଟି କରିଅଛି ।

ପୁରାଣ ଯୁଗରେ ଅବତାରବାଦର ପ୍ରତିଷ୍ଠା ଓ ମୂର୍ତ୍ତି ପୂଜାର ପ୍ରଚଳନ ପରେ ବିଭିନ୍ନ ଦେବଦେବୀଙ୍କୁ ପର୍ବପର୍ବାଣି ଓ ଓଷାବ୍ରତାଦି ମାଧ୍ୟମରେ ବିଭିନ୍ନ ନୈବେଦ୍ୟ, ପୂଜା ଓ ଅର୍ଚ୍ଚନା ଦ୍ୱାରା ସନ୍ତୁଷ୍ଟ କରାଯିବାର ପ୍ରଥା ବିଶେଷଭାବରେ ପ୍ରଚଳିତ ହେଲା

ଦେବଦେବୀମାନଙ୍କୁ ସନ୍ତୁଷ୍ଟ କରି ବହୁ ଧନ ସମ୍ପତ୍ତି, ଉତ୍ତମ ପତି ଓ ସନ୍ତାନସନ୍ତତି, ଅଶେଷ ପରମାୟୁ, ସୁଖସ୍ୱାଚ୍ଛନ୍ଦ୍ୟ ଓ ବିଦ୍ୟା, ବୁଦ୍ଧି, ଯଶ, ପ୍ରତିଷ୍ଠାଦି ଇହଲୋକରେ ନିଜନିଜର ବିଭିନ୍ନ ଅଭୀଷ୍ଟସିଦ୍ଧି ତଥା ଗତି, ମୁକ୍ତି ଲାଭ କରିବା ଉଦ୍ଦେଶ୍ୟ ନେଇ ସମୟାନୁକ୍ରମେ ଅଞ୍ଚଳ ବିଶେଷରେ ଲୋକପ୍ରଚଳନ ଅନୁଯାୟୀ ବହୁ ଓଷାବ୍ରତ ଓ ପର୍ବପର୍ବାଣି ସୃଷ୍ଟି ହୋଇ ପ୍ରତ୍ୟେକ ଉତ୍କଳୀୟର ଦୈନନ୍ଦିନ କ୍ରିୟାକଳାପ ସହ ସମ୍ପୃକ୍ତ ହୋଇଅଛି । ପ୍ରତ୍ୟେକର ପାଳନ ପାଇଁ ନିର୍ଦ୍ଦିଷ୍ଟ ମାସ, ତିଥି, ବାର ଓ ସମୟାଦି ସ୍ଥିର କରାଯିବା ସଙ୍ଗେ ସଙ୍ଗେ ତାହାର ଐତିହାସିକ ମୂଳଭିତ୍ତି, ଯଥାର୍ଥ୍ୟ ଓ ମାହାତ୍ମ୍ୟାଦି ପ୍ରତିପାଦନ କରିବା ପାଇଁ ପ୍ରତ୍ୟେକ ଓଷାବ୍ରତ ବିଧିସହିତ ଗୋଟିଏ ଗୋଟିଏ ସୁନ୍ଦର କାହାଣୀ ସଂଶ୍ଳିଷ୍ଟ ହୋଇଅଛି । ସେଗୁଡ଼ିକରୁ ଓଡ଼ିଶାର ଲୋକ ବିଶ୍ୱାସ, ସଂସ୍କୃତି, ସାହିତ୍ୟ ସହ ଧର୍ମଧାରାରେ ଦେବଦେବୀ ପୂଜା, ଉପାସନା ରୀତି, ପ୍ରସିଦ୍ଧିର ବ୍ୟାପକତା ଓ ବିଶେଷତ୍ୱ ପ୍ରଭୃତି ସ୍ପଷ୍ଟ ଭାବରେ ଜଣାଯାଏ । ମନ, ଶରୀର ଓ ପରିବେଶକୁ ନିର୍ମଳ କରି ନିଷ୍ଠା ଓ ବିଶ୍ୱାସର ସହ ଭଗବତ୍ ଆରାଧନା କରିବା ଦ୍ୱାରା ମନୁଷ୍ୟ ପରମ ସନ୍ତୋଷ ଲାଭ କରି ଦୈବୀଶକ୍ତିର ଅଧିକାରୀ ହୁଏ । ଏକନିଷ୍ଠ ଭକ୍ତି ଓ ସଦାଚରଣ ଦ୍ୱାରା ସମସ୍ତ ବାଧା ବିଘ୍ନ ଦୂର ହୋଇଯାଏ ଏବଂ ସାଧାରଣ ମନୁଷ୍ୟ ମଧ୍ୟ ଅସାଧ୍ୟ ସାଧନ କରିବାକୁ ସମର୍ଥ ହୁଏ—ଏହି ବିଶ୍ୱାସ ନେଇ ଜନସାଧାରଣଙ୍କୁ ଅନ୍ୟାୟରୁ ବିରତ ହୋଇ ସଂଯତ ଜୀବନ ଯାପନର ଶିକ୍ଷା ଦେବା ପାଇଁ ଓଷାବ୍ରତ ଓ ତାହାର ଆଖ୍ୟାୟିକାଗୁଡ଼ିକ ସୃଷ୍ଟି କରାଯାଇଅଛି ।

ଏତଦ୍‌ବ୍ୟତୀତ ବହୁ ପ୍ରାଚୀନ କାଳରୁ ସମାଜରେ ସର୍ବତ୍ର ଉଚ୍ଚନୀଚ, ଧନୀ ଦରିଦ୍ର, ରାଜା ପ୍ରଜା ନିର୍ବିଶେଷରେ ସ୍ତ୍ରୀ, ପୁରୁଷ ଓ ବାଳକ ବାଳିକାମାନେ ବିଭିନ୍ନ ଅବସରରେ ଦେବଦେବୀ ଉପାସନା ସହ ବୀର ପୂଜା, ପ୍ରତିମା ପୂଜା, ଗେଣ୍ଡା, ଶାମୁକା, ମାଛ, ଶୁଖୁଆଠାରୁ ଆରମ୍ଭ କରି ଗୋ ପୂଜା, ବୃକ୍ଷାଦି ପୂଜା, ଶିଳା, ଲିଙ୍ଗ ଓ ମାତୃକା ପୂଜା କରିଆସୁଛନ୍ତି । ସତ୍ୟ, ଦୟା, ଦାନ, ଅହିଂସା ତଥା ପବିତ୍ରତା ପ୍ରତି ଆଦର, ବାଦବିସମ୍ବାଦ, କଳହ ପ୍ରଭୃତିର ବିଲୋପ ସାଧନ କରି ପଡ଼ୋଶୀଙ୍କ ସହ ମିତ୍ରତା ସ୍ଥାପନ, ପିତୃପୁରୁଷମାନଙ୍କୁ ସ୍ମରଣ ଓ ସେମାନଙ୍କ ଆତ୍ମାର ସଦ୍‌ଗତି ପାଇଁ ଉଦ୍‌ଯୋଗ, ନାରୀ ଜାତିର ମହତ୍ତ୍ୱ ତଥା ଶ୍ରେଷ୍ଠ ସନ୍ତାନମାନଙ୍କୁ ସମ୍ମାନ ପ୍ରଦାନ ପ୍ରଭୃତି ଉଦ୍ଦେଶ୍ୟରେ ଓଷାବ୍ରତ ପର୍ବପର୍ବାଣିମାନ ନିଷ୍ଠାର ସହ ପାଳିତ ହେଉଥିବାର ଏଥିରୁ ଜଣାଯାଏ । ଗୋଟିଏ ଓଷା, ବ୍ରତ ବା ପର୍ବ ଭିନ୍ନ ଭିନ୍ନ ଅଞ୍ଚଳରେ ପୂଜାବିଧି, ପୂଜା ଉପକରଣ ପ୍ରଭୃତି ଦୃଷ୍ଟିରୁ ବିଭିନ୍ନ ରୀତିରେ ପାଳିତ ହେଉଥିବା ଦେଖାଯାଏ । ସାଧାରଣତଃ ଆରାଧ୍ୟ ବା ଆରାଧ୍ୟ ଦେବଦେବୀଙ୍କ ନାମ ଅନୁସାରେ ପୂଜା ଉପକରଣ କିମ୍ବା ପୂଜାର ସମୟ ବା ଫଳ ଅନୁଯାୟୀ ଓଷାବ୍ରତ ଓ ପର୍ବଗୁଡ଼ିକର ନାମକରଣ କରାଯାଇଅଛି ।

ଓଡ଼ିଶାର ଧର୍ମଧାରାରେ ବହୁ ଦେବଦେବୀ ଆରାଧନା କାଳକ୍ରମେ ମୁଖ୍ୟତଃ ଗଣେଶ, ଭାସ୍କର, ଶିବ, ବିଷ୍ଣୁ ଓ ଦୁର୍ଗା— ଏହି ପଞ୍ଚ ଦେବତା ଉପାସନାରେ ପର୍ଯ୍ୟବସିତ । ଜଗତ ପାଳନକର୍ତ୍ତା ପରମେଶ୍ୱର ବିଷ୍ଣୁ ବିଭିନ୍ନ ସମୟରେ ଓ ଅବତାର ଭେଦରେ ନୃସିଂହ, ବାମନ, ରାମ, କୃଷ୍ଣ, ମାଧବ, ବାସୁଦେବ, ଦାମୋଦର, ଜଗନ୍ନାଥ ପ୍ରଭୃତି ବିବିଧ ନାମ ଓ ରୂପରେ ପୂଜିତ ହୋଇ ଆସିଛନ୍ତି । ତାଙ୍କର ବିଭିନ୍ନ ରୂପର ଉପାସନା ପାଇଁ ପ୍ରଚଳିତ କେତେକ ପରିଚିତ ଓ ଲୋକପ୍ରିୟ ଓଷାବ୍ରତ ସାଧାରଣ ଭାବରେ ବୈଷ୍ଣବ ବ୍ରତ ନାମରେ ନାମିତ । ତନ୍ମଧ୍ୟରେ ଲକ୍ଷ୍ମୀନାରାୟଣ ପଞ୍ଚକ,

ବିଷ୍ଣୁ ପଞ୍ଚକ ବା ଭୀଷ୍ମ ପଞ୍ଚକ, ସୋମଯୁତା ଅମାବାସ୍ୟା, ଏକାଦଶୀ ବ୍ରତ, ଅନନ୍ତ ବ୍ରତ, ଜୟନ୍ତୀ ବ୍ରତ ବା ବାମନ ବ୍ରତ, ଜନ୍ମାଷ୍ଟମୀ ବ୍ରତ, ଭୋଦୁଅ ଭୋଦେଇ ଓଷା, ନୃସିଂହ ଚତୁର୍ଦ୍ଦଶୀ, ଶ୍ରୀରାମ ନବମୀ, କାର୍ତ୍ତିକ ବ୍ରତ, ସତ୍ୟନାରାୟଣ ବ୍ରତ, ରାଇଦାମୋଦର ଓଷା ବା ଜାଡ଼ିଖିଆ ଓଷା, ବୈଶାଖ ଶୁକ୍ଳପକ୍ଷ ଏକାଦଶୀ ବା ମୋହିନୀ ଏକାଦଶୀ, ବଡମଣ୍ଡା ଓଷା ବା ମଘା ଓଷା, ଲକ୍ଷ୍ମୀନାରାୟଣ ବ୍ରତ ପ୍ରଭୃତି ଉଲ୍ଲେଖଯୋଗ୍ୟ ।

ଶିବଙ୍କ ଆରାଧନା ପାଇଁ ପ୍ରଚଳିତ ଓଷାବ୍ରତଗୁଡ଼ିକ ବିଶେଷ ନିଷ୍ଠାର ସହ ସାଧାରଣତଃ ପାଳିତ ହୁଏ । ପୂଜା ବିଧିରେ ସାମାନ୍ୟ ବ୍ୟତିକ୍ରମ ଉପାସକର ବହୁ ଅନିଷ୍ଟକାରକ ବୋଲି ପୁରାଣାଦିରେ ଉଲ୍ଲେଖ ହୋଇଥିବାରୁ ବ୍ରତୀମାନେ ଶିବୋପାସନା ଅତ୍ୟନ୍ତ ଶୁଦ୍ଧପୂତ ଭାବରେ ପାଳନ କରିବାକୁ ଯତ୍ନଶୀଳ ହୁଅନ୍ତି । ଶିବ ମାହାତ୍ମ୍ୟ ପ୍ରଖ୍ୟାପନ କରୁଥିବା ଓଷାବ୍ରତଗୁଡ଼ିକ ମଧ୍ୟରେ ଶିବ ଚତୁର୍ଦ୍ଦଶୀ ବା ଜାଗର ବ୍ରତ, ତିଜ ବ୍ରତ ବା ବାଲି ତୃତୀୟା ବ୍ରତ, ସୋମବାର ବ୍ରତ, ଶିବଙ୍କୁ ଲକ୍ଷେବାର ପ୍ରଦକ୍ଷିଣ ବ୍ରତ, ବତିଶ ପୂର୍ଣ୍ଣିମା ବ୍ରତ, କେଦାର ବ୍ରତ, କୁକ୍‌କୁଟୀ ବ୍ରତ, ସୋମନାଥ ବ୍ରତ, ସୁଭଳରଜା ଓଷା, କଉଡ଼ିଆ ବିନାୟକ ବ୍ରତ, ସଙ୍କଟ ଚତୁର୍ଥୀ, ସୁଦୁଣୁନି ଓଷା ପ୍ରଭୃତି ବିଶେଷ ମହତ୍ୱପୂର୍ଣ୍ଣ । ବିଷ୍ଣୁ, ନାରାୟଣ ବା କୃଷ୍ଣ ପ୍ରଭୃତିଙ୍କ ସହ ଲକ୍ଷ୍ମୀ ଓ ବିମଳାଦି ତଥା ଶିବଙ୍କ ସହ ମାହେଶ୍ୱରୀ, ପାର୍ବତୀ ବା ଦୁର୍ଗା ସାଧାରଣତଃ ଉପାସିତ ହୋଇଥାଆନ୍ତି । ଏତଦ୍‌ବ୍ୟତୀତ ସମୟକ୍ରମେ କେତେକ ବିଷ୍ଣୁ ପୂଜା ସମ୍ବନ୍ଧୀୟ ବ୍ରତୋତ୍ସବ ଶୈବ ସମ୍ପ୍ରଦାୟ ଦ୍ୱାରା ଏବଂ ଶୈବୋପାସନାମୂଳକ ବ୍ରତୋତ୍ସବ ବୈଷ୍ଣବମାନଙ୍କ ଦ୍ୱାରା ପାଳିତ ହୋଇ ତଦନୁସାରେ ନାମିତ ହୋଇଥିବା ପରିଲକ୍ଷିତ ହୁଏ ।

ବୈଷ୍ଣବ ଓ ଶୈବ ବ୍ରତୋତ୍ସବ ତୁଳନାରେ ଶାକ୍ତ ଓଷାବ୍ରତାଦିର ବହୁଳତା ଓ ବ୍ୟାପକତା ଅନୁଭୂତ ହୁଏ । ବାମାଗ୍ରର ଓ ଦକ୍ଷିଣାଗ୍ରର ରୀତିରେ ସ୍ଥଳଭେଦରେ ଭିନ୍ନ ଭିନ୍ନ ଶକ୍ତି ପୂଜିତ ହେଉଥିଲେ ମଧ୍ୟ ଉଭୟର ପରିପୂରକ ଭାବରେ ବ୍ରତୋତ୍ସବମାନ ପାଳିତ ହୁଏ । ଦେବୀପୂଜା ନିମିତ୍ତ ମଧ୍ୟ ନିର୍ଦ୍ଦିଷ୍ଟ ତିଥି, ବାର ଓ ମାସର ବିଧାନ ରହିଅଛି । ତନ୍ମଧ୍ୟରେ ସାଧାରଣତଃ ମଙ୍ଗଳବାରରେ ଦେବୀ ମଙ୍ଗଳା, ଗୁରୁବାରରେ ମହାଲକ୍ଷ୍ମୀ ଓ ଶନିବାରରେ ଅନ୍ୟାନ୍ୟ ଦେବୀଗଣଙ୍କ ପାଇଁ ଉଦ୍ଦିଷ୍ଟ ବ୍ରତ, ଉପବାସ ଓ ପର୍ବାଦି ଅନୁଷ୍ଠିତ ହୁଏ ।

ମହାଶକ୍ତିମୟୀ ଦେବୀ ସ୍ଥାନ ବିଶେଷରେ ଓ ଶକ୍ତି ଭେଦରେ ଦୁର୍ଗା, ମହାଲକ୍ଷ୍ମୀ, ବିମଳା, ପାର୍ବତୀ ବା ମାହେଶ୍ୱରୀ, ଶ୍ରୀରାଧା, ତୁଳସୀ, ସାବିତ୍ରୀ, ନାରାୟଣୀ, ସାରଳା, ମଙ୍ଗଳା, ଚଣ୍ଡିକା, ମହାକାଳୀ, ଉତ୍ତରାୟଣୀ ପ୍ରଭୃତି ପୁରାଣ ପ୍ରସିଦ୍ଧ ତଥା ଶାସ୍ତ୍ରୀୟ ଦେବୀ ଏବଂ ଲୋକ ପ୍ରଚଳିତ ଷଷ୍ଠୀ ଦେବୀ, ଶିଳପୁଅ ଠାକୁରାଣୀ ପ୍ରଭୃତି ଭିନ୍ନ ଭିନ୍ନ ନାମ ଓ ରୂପରେ ପରିଚିତା ଓ ଓଷାବ୍ରତଗୁଡ଼ିକରେ ଆରାଧ୍ୟା ଦେବୀ ରୂପରେ ପୂଜିତା । ତନ୍ମଧ୍ୟରେ ଦୁର୍ଗା ବ୍ରତ, ବୀରାଷ୍ଟମୀ ବ୍ରତ, ମହାଦୁଃଖୀ ମଙ୍ଗଳବାର, ଷୋଳପାଳି ମଙ୍ଗଳବାର, ତାରିଣୀ ବ୍ରତ, ଦୁତିବାହନ ବା ଦୁତିଆ ଓଷା, ଧାନମାଣିକା ଗୁରୁବାର, ନିତ୍ୟାଳି ଗୁରୁବାର, ବଡଧାନମାଣିକିଆ ଓଷା, ମାର୍ଗଶିର ମାସ ଧାନମାଣିକିଆ ବ୍ରତ, ସୁଦଶା ବ୍ରତ, ଗହ୍ମ ପଞ୍ଚମୀ, ଚତୁର୍ମାସ୍ୟା ଗୁରୁବାର, ଗୁରୁବାର ବ୍ରତ, ମହାଲକ୍ଷ୍ମୀ ବ୍ରତ, ନିଶା ମଙ୍ଗଳବାର, ପାଞ୍ଚମାସୀ ବ୍ରତ, ବୁଧ ମଙ୍ଗଳବାର ଓଷା, ମଙ୍ଗଳ ସଂକ୍ରାନ୍ତି, ସଙ୍କଟାଇଁ ଚତୁଥାଇଁ ଓଷା, ଚୈତ୍ର ମଙ୍ଗଳବାର, ଖୁଦୁରୁକୁଣୀ ଓଷା, ଉତ୍ତରାୟଣୀ ମଙ୍ଗଳବାର, ପାଞ୍ଚମାସୀ ବ୍ରତ, ଷୋଳପାଳି ମଙ୍ଗଳବାର, ବଡ଼ ମହାକାଳୀ ବ୍ରତ, ବୁଧେଇ ଓଷା, ସୁବୁଦ୍ଧି ବୁଧବାର ବା ତେରପାଳି ବୁଧ ମଙ୍ଗଳବାର ଓଷା, ରାଧାଷ୍ଟମୀ, ଜାଡ଼ିଖିଆ ଓଷା, ସାବିତ୍ରୀ ବ୍ରତ, ତିଜି ବ୍ରତ, ଗୌରୀ ବ୍ରତ ବା ବାଲି ତୃତୀୟା ବ୍ରତ, ଷଷ୍ଠୀ ଓଷା, କାଞ୍ଜିଅଁଳା ଓଷା, ପ୍ରଭୃତିର ନାମ ବିଶେଷ ଭାବରେ ଉଲ୍ଲେଖଯୋଗ୍ୟ । ଏହାଛଡା ଉମା ମହେଶ୍ୱର ବ୍ରତ, ବରଲକ୍ଷ୍ମୀ ବ୍ରତ, କୁମାରୀ ବ୍ରତ, ରୋହିଣୀ ବ୍ରତ, ସୀତା ନବମୀ ବ୍ରତ, କାମାକ୍ଷୀ ବ୍ରତ ପ୍ରଭୃତି ବହୁ ଶାକ୍ତ ବ୍ରତ ପ୍ରଚଳିତ ଥିବା ବିଭିନ୍ନ ଧର୍ମଶାସ୍ତ୍ର ତଥା ସାହିତ୍ୟିକ କୃତିମାନଙ୍କରୁ ଜଣାଯାଏ । ଦେବୀ ଉପାସନା ପାଇଁ କୌଣସି ଧନ ବା ଆଡମ୍ବର ଆବଶ୍ୟକ ହୁଏନାହିଁ । ନିଜର ସାମର୍ଥ୍ୟ ଅନୁସାରେ ପୂଜାର ଉପକରଣ ସଂଗ୍ରହ କରାଯାଇପାରେ । ବ୍ରତୀ ଭକ୍ତି ଓ ଏକନିଷ୍ଠତା ବଳରେ ଯେ କୌଣସି ଦ୍ରବ୍ୟ ନୈବେଦ୍ୟ ରୂପେ ଅର୍ପଣ କରି ଦେବୀଙ୍କୁ ସନ୍ତୋଷ ବିଧାନ କରିପାରେ । କିନ୍ତୁ ଦେବୀଙ୍କର ଅନୁଗ୍ରହ ଲାଭ ପରେ ଅହଙ୍କାର ବଶତଃ ବା ଅନ୍ୟ କୌଣସି କାରଣରୁ ଭକ୍ତି ବିଶ୍ୱାସାଦି ହ୍ରାସ ପାଇ ବ୍ରତୋପବାସ ପାଳନର ନୀତି ନିୟମରୁ ବିଚ୍ୟୁତି ଘଟିଲେ ପୁଣି ସେ ଘୋର ଦୁରବସ୍ଥାର ସମ୍ମୁଖୀନ ହୁଏ ।

ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀ ବେଳକୁ ଭାରତର ବିଭିନ୍ନ ସ୍ଥାନରେ ସୂର୍ଯ୍ୟ ପୂଜା ପ୍ରସାରଲାଭ କରିଥିଲା । ଓଡ଼ିଶାରେ ସୂର୍ଯ୍ୟ ପୂଜାର ଧାରାବାହିକ ପରମ୍ପରା ବିଶେଷ ଭାବରେ ଉପଲବ୍ଧ ହୋଇନଥିଲେ ମଧ୍ୟ ପଞ୍ଚଦେବତା ଉପାସନା ମଧ୍ୟରେ ସୂର୍ଯ୍ୟ ପୂଜା ଅଷ୍ଟମ ନବମ ଶତାବ୍ଦୀ ବେଳକୁ ବିଶିଷ୍ଟ ସ୍ଥାନ ଅଧିକାର କରିଥିଲା ।

ରବିବାର ସୂର୍ଯ୍ୟଙ୍କ ପାଇଁ ଉଦ୍ଦିଷ୍ଟ ବାର ହୋଇଥିବାରୁ ଉକ୍ତ ଦିନହିଁ ସୂର୍ଯ୍ୟ ପୂଜା ନିମିତ୍ତ ଓଷାବ୍ରତମାନ ପାଳନ କରାଯାଏ । ବିରଞ୍ଚିନାରାୟଣ ବ୍ରତ, ରବିନାରାୟଣ ବ୍ରତ, ଅର୍ଦ୍ଧଉଦିଆ ରବିବାର ଓ ପୌଷ ରବିବାର ବ୍ରତ ପ୍ରଭୃତି ସୌର ବ୍ରତ ଭାବରେ ପରିଚିତ ।

ସିଦ୍ଧି, ଧର୍ମ, ବୁଦ୍ଧି, ବିଦ୍ୟାଦିର ପ୍ରଦାୟକ ରୂପେ ସମସ୍ତ ପ୍ରକାର ଲୌକିକ ଓ ଧାର୍ମିକ କର୍ମର ଆରମ୍ଭରେ ଏବଂ ସର୍ବୋପରି ଓଁକାର ସ୍ୱରୂପ ପରଂବ୍ରହ୍ମ ଭାବରେ ଗଣେଶ ସମଗ୍ର ଭାରତବର୍ଷରେ ବହୁକାଳରୁ ପୂଜିତ । ଗଣେଶଙ୍କ ଉପାସନା ନିମିତ୍ତ ପ୍ରଚଳିତ ଓଷାବ୍ରତାଦି ମଧ୍ୟରେ ବିନାୟକ ବ୍ରତ ପ୍ରଧାନ । ଭାଦ୍ରବ ଶୁକ୍ଳପକ୍ଷ ଚତୁର୍ଥୀ ବିନାୟକ ପୂଜା ପାଇଁ ପ୍ରଶସ୍ତ ହୋଇଥିବାରୁ ଉକ୍ତ ଦିନ ଏହା ପାଳିତ ହୁଏ । ପ୍ରତି ମାସ ଶୁକ୍ଳପକ୍ଷ ଚତୁର୍ଥୀ ଦିନ, ଦୁଇମାସରେ ଥରେ, ଛଅମାସରେ ଥରେ ଏହିପରି ବାରଥର କିମ୍ବା ବର୍ଷକୁ ଥରେ ଲେଖାଏଁ ପାଳନ କରି ବାର ବର୍ଷରେ ଏହି ବ୍ରତ ଉଦ୍‌ଯାପନ କରାଯାଏ ।

ମୁଖ୍ୟତଃ ପଞ୍ଚଦେବତା ଉପାସନା ବ୍ୟତୀତ ଅନ୍ୟାନ୍ୟ ଦେବତା ତଥା ଅଗ୍ନି, ବାୟୁ, ଜଳ, ପୃଥିବୀ, ଗ୍ରହ, ନକ୍ଷତ୍ର, ବୃକ୍ଷ, ଜୀବଜଗତ ଆଦି ପ୍ରକୃତିର ପ୍ରତ୍ୟେକ ବସ୍ତୁ ଓ ପ୍ରାଣୀରେ ପରମେଶ୍ୱରଙ୍କର ମହାନ ସତ୍ତା ଉପଲବ୍ଧି କରିବା ସଙ୍ଗେ ସଙ୍ଗେ ଜୀବନରେ ବିଭିନ୍ନ ପ୍ରକାରରେ ସେମାନଙ୍କଠାରୁ ଉପକୃତ ହେଉଥିବାରୁ ଅତ୍ୟନ୍ତ ଶ୍ରଦ୍ଧାର ସହ ସେ ସବୁର ପୂଜା ଅର୍ଚ୍ଚନା କରାଯାଇଥାଏ । ଶନି ଓଷା ବା ତୋଟା ଓଷା, ପଶୁ ଓଷା, ଯମ ଦ୍ୱିତୀୟା, ଅନଙ୍ଗ ତ୍ରୟୋଦଶୀ ବା କାମଦେବ ତ୍ରୟୋଦଶୀ, ସ୍କନ୍ଦ ଷଷ୍ଠୀ, ଆଶ୍ୱିନ ଓ କାର୍ତ୍ତିକ ପୂର୍ଣ୍ଣମୀ, ପୂର୍ଣ୍ଣିମା ଓଷା, ଚନ୍ଦ୍ର ଓଷା, ପୂର୍ଣ୍ଣମୀ ବ୍ରତ, ପୂର୍ଣ୍ଣିମା ମଙ୍ଗଳବାର, କଣ୍ଠି ଓଷା, ନେତ ଓଷା, ଋଷି ପଞ୍ଚମୀ ବ୍ରତ ପ୍ରଭୃତି ଏହି ପରିପେକ୍ଷୀରେ ଉଲ୍ଲେଖଯୋଗ୍ୟ ।

ଆମର ଯାନିଯାତ୍ରା ଓ ପର୍ବପର୍ବାଣିଗୁଡ଼ିକ ମଧ୍ୟରୁ କେତେକ ସାଧାରଣତଃ କୃଷି ସମ୍ବନ୍ଧୀୟ, କେତେକ ଦେବଦେବୀମାନଙ୍କ ସହ ସଂପୃକ୍ତ ଓ ଆଉ କେତେକ ସାଧାରଣ ଲୋକ ବିଶ୍ୱାସ ଓ ପରମ୍ପରା ଉପରେ ପ୍ରତିଷ୍ଠିତ । ଓଡ଼ିଶା ଗୋଟିଏ କୃଷି ପ୍ରଧାନ ରାଜ୍ୟ ହୋଇଥିବାରୁ ବିଭିନ୍ନ କୃଷି ସମ୍ପଦର ସଦୁପଯୋଗ ପାଇଁ କିମ୍ବା ଫସଲ ଅମଳ ସମୟରେ ଆମୋଦ ପ୍ରମୋଦ କରିବା ନିମିତ୍ତ ଏବଂ ଭିନ୍ନ ଭିନ୍ନ ଋତୁରେ ମିଳୁଥିବା ଫଳଫୁଲକୁ ଦେବଦେବୀଙ୍କୁ ଅର୍ପଣ କରି ଅଭୀଷ୍ଟ ସାଧନ କରିବା ଉଦ୍ଦେଶ୍ୟରେ ବହୁ ପର୍ବପର୍ବାଣିର ସୃଷ୍ଟି ହୋଇଅଛି । ଧାନବୁଣାଠାରୁ ଆରମ୍ଭ କରି ଅମଳ ପର୍ଯ୍ୟନ୍ତ କୃଷିର ବିଭିନ୍ନ ପର୍ଯ୍ୟାୟରେ ଭିନ୍ନ ଭିନ୍ନ ପର୍ବପର୍ବାଣି ଆଡମ୍ବର ସହକାରେ ପାଳିତ ହୁଏ । ବିଭିନ୍ନ ତିଥି ବାରକୁ କେନ୍ଦ୍ର କରି ସେଗୁଡ଼ିକ ପାଳନ କରାଯାଏ । ତିଥିମାନଙ୍କ ମଧ୍ୟରେ ସାଧାରଣତଃ ସଂକ୍ରାନ୍ତି, ପୂର୍ଣ୍ଣମୀ, ଅମାବାସ୍ୟା, ଏକାଦଶୀ ଓ ଅଷ୍ଟମୀ ପ୍ରଭୃତି ପର୍ବ ପ୍ରଧାନ । ପ୍ରାୟ ପ୍ରତ୍ୟେକ ସଂକ୍ରାନ୍ତି ଓ ପୂର୍ଣ୍ଣମୀ ଗୋଟିଏ ଗୋଟିଏ ପର୍ବ ଦିନ ଭାବରେ ପରିଚିତ । ଅଧିକାଂଶ ଅମାବାସ୍ୟା ମଧ୍ୟ ପବିତ୍ର ଦିବସ



ରୂପେ ପରିଗଣିତ । ଅମାବାସ୍ୟା ମଧ୍ୟରେ ମହାଳୟା, ଦୀପାବଳୀ, ବଉଳ ଅମାବାସ୍ୟା, ସପପୁରା, ଜାଗର ଓ ଚିତାଲାଗି ଅମାବାସ୍ୟା ପ୍ରଭୃତି ଉଲ୍ଲେଖଯୋଗ୍ୟ ।

ବର୍ଷର ପ୍ରଥମ ଦିନ ଓ ପ୍ରଥମ ସଂକ୍ରାନ୍ତି ଭାବରେ ମହାବିଷୁବ ସଂକ୍ରାନ୍ତି ବା ପଣା ସଂକ୍ରାନ୍ତିଠାରୁ ଆରମ୍ଭ କରି ବୈଶାଖ ମାସରେ ଅକ୍ଷୟ ତୃତୀୟା, ସୀତା ନବମୀ, ମୋହିନୀ ଏକାଦଶୀ, ଶ୍ରୀନୃସିଂହ ଜନ୍ମ, ଜ୍ୟେଷ୍ଠ ମାସରେ ସାବିତ୍ରୀ ଅମାବାସ୍ୟା, ଶିବ ବିବାହ, ଶୀତଳ ଷଷ୍ଠୀ ଓ ଦେବସ୍ନାନ ପୂର୍ଣ୍ଣିମା ବା ଜ୍ୟେଷ୍ଠ ପୂର୍ଣ୍ଣିମା, ଆଷାଢ଼ ମାସରେ ମିଥୁନ ସଂକ୍ରାନ୍ତି ବା ରଜ ସଂକ୍ରାନ୍ତି, ନେତ୍ରୋତ୍ସବ ଓ ଶ୍ରୀଗୁଣ୍ଡିଚା, ହେରାପଞ୍ଚମୀ, ପରଶୁରାମାଷ୍ଟମୀ, ବାହୁଡ଼ା ଦଶମୀ ଓ ବ୍ୟାସ ପୂର୍ଣ୍ଣିମା, ଶ୍ରାବଣ ମାସରେ କର୍କଟ ସଂକ୍ରାନ୍ତି ବା ଚିତା ସଂକ୍ରାନ୍ତି, କାମଦା ଏକାଦଶୀ, ଝୁଲଣ, ରାକ୍ଷୀବନ୍ଧନ ଓ ଗହ୍ମା ପୂର୍ଣ୍ଣମୀ, ଭାଦ୍ରବ ମାସରେ ଜନ୍ମାଷ୍ଟମୀ, ଋଷି ପଞ୍ଚମୀ, ସପପୁରା ଅମାବାସ୍ୟା, ଗଣେଶ ଚତୁର୍ଥୀ, ଖୁଦୁରୁକୁଣୀ ଓଷା, ରାଧାଷ୍ଟମୀ, ବାମନ ଦ୍ୱାଦଶୀ ଓ ନୂଆଁଖିଆ ପ୍ରଭୃତି । ଆଶ୍ୱିନ ମାସରେ ବିଶ୍ୱକର୍ମା ପୂଜା, ମୂଳାଷ୍ଟମୀ ଓ ଦୁତୀବାହନ ଓଷା, ଦୁର୍ଗା ପୂଜା, ଦଶହରା ଓ କୁମାର ପୂର୍ଣ୍ଣିମା, ପବିତ୍ର କାର୍ତ୍ତିକ ମାସରେ ଗର୍ଭଣା ସଂକ୍ରାନ୍ତି, ପଦ୍ମ ଶ୍ରାଦ୍ଧ, ଗୋଷ୍ଠାଷ୍ଟମୀ, ଅଁଳା ନବମୀ, ଗରୁଡ଼ ଦ୍ୱାଦଶୀ, ବଡ ଓଷା ଓ ରାସ ପୂର୍ଣ୍ଣିମା, ପ୍ରାଚୁର୍ଯ୍ୟଭରା ମାର୍ଗଶୀର ମାସରେ ପ୍ରଥମାଷ୍ଟମୀ, କୁରାଳ ପଞ୍ଚମୀ, ବ୍ୟଞ୍ଜନ ଦ୍ୱାଦଶୀ, ପଣ୍ଡୁ ପୂର୍ଣ୍ଣିମା, ମାଣବସା ଗୁରୁବାର ପ୍ରଭୃତି, ପୌଷ ମାସରେ ଧନୁ ସଂକ୍ରାନ୍ତି, ଦାଣ୍ଡ ପହଁରା ବା ବାଟ ଓଷା, ଶାମ୍ବ ଦଶମୀ, ମାଘ ମାସରେ ମକର ସଂକ୍ରାନ୍ତି, ଶ୍ରୀପଞ୍ଚମୀ, ବରାହ ଦ୍ୱାଦଶୀ, ଅଗ୍ନି ପୂର୍ଣ୍ଣିମା, ଫାଲ୍‌ଗୁନ ମାସରେ ମହାଶିବରାତ୍ରୀ, ଦୋଳ ପୂର୍ଣ୍ଣମୀ ଏବଂ ଚୈତ୍ର ମାସରେ ଅଶୋକାଷ୍ଟମୀ, ଶ୍ରୀରାମ ନବମୀ ଓ ଚୈତ୍ର ପୂର୍ଣ୍ଣମୀ ପ୍ରଭୃତି ପାରମ୍ପରିକ ପର୍ବ ଓ ଉତ୍ସବମାନ ଭିନ୍ନ ଭିନ୍ନ ଅଞ୍ଚଳରେ ଆଞ୍ଚଳିକ ବିଶେଷତ୍ୱ ସହ ବିଧିବଦ୍ଧ ଭାବରେ ପାଳିତ ହୁଏ ।

ଓଡ଼ିଶାରେ ପୁରୁଷୋତ୍ତମ ଶ୍ରୀଜଗନ୍ନାଥଙ୍କୁ ନେଇ କେତୋଟି ବିଶେଷ ପର୍ବପର୍ବାଣି ପ୍ରଚଳିତ । ସମଗ୍ର ଉତ୍କଳବାସୀ ସେଗୁଡ଼ିକୁ ବିଶେଷ ସମ୍ମାନ ଦେବା ସଙ୍ଗେ ସଙ୍ଗେ ଓଡ଼ିଶାର ଜାତୀୟ ପର୍ବ ଭାବରେ ପାଳନ କରନ୍ତି, ଦୋଳପୂର୍ଣ୍ଣିମା, ଅକ୍ଷୟତୃତୀୟା ଚନ୍ଦନଯାତ୍ରା, ଦେବସ୍ନାନ ପୂର୍ଣ୍ଣିମା, ଶ୍ରୀଗୁଣ୍ଡିଚା, ପୁଷ୍ୟାଭିଷେକ ପ୍ରଭୃତି ପ୍ରଧାନ ଯାତ୍ରା ଏବଂ ନବାନ୍ନ ଓ ନୂଆଁଖିଆ, ଶାମ୍ବଦଶମୀ, ଚିତାଲାଗି ଅମାବାସ୍ୟା ପ୍ରଭୃତି ଉପଯାତ୍ରା ଶ୍ରୀଜଗନ୍ନାଥଙ୍କ ମନ୍ଦିରର ପୂଜା ପାର୍ବଣ ଅନ୍ତର୍ଗତ ସମ୍ପୂର୍ଣ୍ଣ ଉତ୍କଳୀୟ ପର୍ବ । ଓଡ଼ିଶାର ପ୍ରସିଦ୍ଧ ଜ୍ୟୋତିର୍ବିଦ ଶ୍ରୀ ଶତାନନ୍ଦଙ୍କ ଦ୍ୱାରା ରଚିତ 'ଶତାନନ୍ଦ ସଂଗ୍ରହ' ଗ୍ରନ୍ଥରେ ବହୁ ଶତାବ୍ଦୀ ଧରି ଓଡ଼ିଶାରେ ସ୍ୱତନ୍ତ୍ର ରୀତିରେ ପାଳିତ ହୋଇ ଆସୁଥିବା ସପପୁରା ଅମାବାସ୍ୟା, ବାଲି ତୃତୀୟା, ଇନ୍ଦ୍ରପୂର୍ଣ୍ଣିମା ଅପରାଜିତା ଦଶମୀ, ପ୍ରଦୀପ ଅମାବାସ୍ୟା ପ୍ରଭୃତି ବହୁ ବ୍ରତ ଉତ୍ସବାଦିର ଉଲ୍ଲେଖ ରହିଛି ।

ଏପରି ଭାବରେ ବିଭିନ୍ନ ପରିବେଶ, କିମ୍ବଦନ୍ତୀ, ଧର୍ମମତ ଓ ଚିନ୍ତାଧାରାକୁ ଭିତ୍ତିକରି ବହୁମୁଖୀ ଅଭିମୁଖ୍ୟ ସହ ସ୍ଥାନୀୟ ଚଳଣି ଓ ରୁଚି ଅନୁକ୍ରମେ ଏସବୁ ବ୍ରତ ଉତ୍ସବ ଓ ପର୍ବପର୍ବାଣି ପ୍ରଚଳନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଆସିଛି । ଆନନ୍ଦ ଉପଭୋଗ କରିବା ସଙ୍ଗେ ସଙ୍ଗେ ସୁସଂଯତ ଓ ସୁସଂଗତ ଜୀବନଯାପନ କରିବା ସମସ୍ତ ପର୍ବପର୍ବାଣି ପାଳନର ପ୍ରଧାନ ଉଦ୍ଦେଶ୍ୟ । ଚିତା, ମୁରୁଜ, ହୁଳହୁଳି, ଶଙ୍ଖଧ୍ୱନି ଓ ଲିପାପୋଛା ପ୍ରଭୃତି ଦ୍ୱାରା ଗୃହାଦିର ପରିଷ୍କାର, ପରିଚ୍ଛନ୍ନତା ରକ୍ଷା, ବିଭିନ୍ନ ପ୍ରକାର ପିଠାପଣା ଓ ଖାଦ୍ୟ ପଦାର୍ଥର ପ୍ରସ୍ତୁତି ତଥା ବନ୍ଧୁମିଳନ ପ୍ରତ୍ୟେକ ପର୍ବପର୍ବାଣି ଓ ଓଷାବ୍ରତର ଅପରିହାର୍ଯ୍ୟ ବିଶେଷତ୍ୱ ।

ଏହାଛଡା ପ୍ରତ୍ୟେକ ପର୍ବପର୍ବାଣିର ବିଧିବିଧାନାଦି ବିଜ୍ଞାନ ସମ୍ମତ । ସୁସ୍ଥ ପରିବାର ଓ ସମାଜ ଗଠନ ସହ ଆଧ୍ୟାତ୍ମିକ ଚେତନାକୁ ସୁଦୃଢ଼ ଓ ପୁଷ୍କଳ କରିବା ପାଇଁ ଏହା ଅଭିପ୍ରେତ । ଉପବାସୀ ସ୍ତ୍ରୀ ପୁରୁଷମାନେ ସାଂସାରିକ ଜଞ୍ଜାଳରୁ କିଛି ସମୟ ପାଇଁ ନିବୃତ୍ତ ହୋଇ ଆଧ୍ୟାତ୍ମିକ ଚିନ୍ତନ ଓ ଉପାସନାଦି ମାଧ୍ୟମରେ ଆତ୍ମିକ ବିଶ୍ୱାସ ସାଧନ କରିବା ସହିତ [illegible] ଶୁଚି, ଆଗ୍ରହାଦି ପାଳନ କରିବା ନିମନ୍ତେ ଏହା ଜନସମାଜକୁ ପ୍ରେରଣା ଦେଇଥାଏ ।

ବଣ ଜଙ୍ଗଲ ଘେରା ଓଡ଼ିଶାର ଗିରି କନ୍ଦରରେ ବସବାସ କରୁଥିବା ଆଦିବାସୀମାନଙ୍କ ମଧ୍ୟରେ ପ୍ରଚଳିତ ପାରମ୍ପରିକ ପର୍ବପର୍ବାଣି, ଓଷାବ୍ରତ, ଦେବଦେବୀ ପୂଜା ତଥା ନୃତ୍ୟଗୀତାଦି ଉତ୍ସବ ସମୂହ ଓଡ଼ିଶାର ସାଂସ୍କୃତିକ ଐତିହ୍ୟକୁ ପରିପୁଷ୍ଟ କରିବା ସଙ୍ଗେ ସଙ୍ଗେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଛି ।

ଆମ ଆଦିବାସୀ ସମାଜ ବହୁ ସାଂସ୍କୃତିକ ଓ ଗୋଷ୍ଠୀର ଏକ ଜୀବନ୍ତ ପରିପ୍ରକାଶ । ସେମାନଙ୍କର ପର୍ବପର୍ବାଣିଗୁଡ଼ିକ ମଧ୍ୟ କୃଷି ସମ୍ପର୍କୀୟ, ପାରିବାରିକ, ସାମାଜିକ ତଥା ଧର୍ମ ବିଶ୍ୱାସମୂଳକ । ଦେବଦେବୀ ପୂଜା, ବଳି, ମଦ୍ୟପାନ, ଭୋଜି, ଗୀତବାଦ୍ୟ ଓ ନୃତ୍ୟ ପ୍ରଭୃତି ପ୍ରତ୍ୟେକ ଆଦିବାସୀ ପର୍ବପର୍ବାଣି ଓ ଉତ୍ସବାଦିର ଅବିଚ୍ଛେଦ୍ୟ ଅଙ୍ଗ । ସେମାନଙ୍କ ସାମାଜିକ ଜୀବନଧାରା ସହ ଘନିଷ୍ଠ ଭାବରେ ମିଶିଯାଇଥିବା ଯୋଗୁ ଏଗୁଡ଼ିକର ସ୍ୱତନ୍ତ୍ର ପ୍ରକ୍ରିୟା ଅନୁଭୂତ ହୁଏ ନାହିଁ । ସେମାନଙ୍କ ପର୍ବ ମଧ୍ୟରୁ କେତୋଟିର ନିର୍ଦ୍ଧାରିତ ତିଥି-ବାର ନାହିଁ । ସୁବିଧା ଦେଖି ସେମାନେ ଉତ୍ସବଟିକୁ ପାଳନ କରନ୍ତି । ଆଉ କେତେକ ପର୍ବ ନିର୍ଦ୍ଦିଷ୍ଟ ଦିନ ଓ ସମୟରେ ଅନୁଷ୍ଠିତ ଓ ଉଦ୍‌ଯାପିତ ହୁଏ । କୃଷି ଆଦିବାସୀମାନଙ୍କର ମଧ୍ୟ ସର୍ବାପେକ୍ଷା ବିଶିଷ୍ଟ କର୍ମ । ତେଣୁ ଏହାର ଆନୁଷଙ୍ଗିକ ପର୍ବପର୍ବାଣି ସଂଖ୍ୟାଧିକ । ବୀଜବପନଠାରୁ ଆରମ୍ଭ କରି ଶସ୍ୟ-ସଂରକ୍ଷଣ, ଅମଳ ଓ ନବାନ୍ନ ଭକ୍ଷଣ ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ତରରେ ବିବିଧ ପର୍ବୋତ୍ସବ ପାଳିତ ହୁଏ । ଶବର, ଭୂୟାଁ, ଓରାମ, ସାନ୍ତାଳ, ମୁଣ୍ଡା, କନ୍ଧ ପ୍ରଭୃତି ଜାତି ଓ ଗୋଷ୍ଠୀ ଭେଦରେ ଚଇତ ପର୍ବ, ବାହା ପର୍ବ, ଫୁଲ ବାଗୁଣି ପର୍ବ, ଇରୋକ୍‌ଶିମ୍, ଜାମୋରପୁର, ଅକ୍ଷୟ ତୃତୀୟା, ତିରତିଆ, ହୋଳ୍ପ, ତାମୁରୁଆ, ରଜପର୍ବ, ଆଷାଢ଼, ଆଷାଢ଼ୀ, ବା ଆଷାଢ଼ିଆ, ହରିଅଳି, କରମା ପୂଜା, ନୂଆଖିଆ, ଇରୁମା, ମାଘେ ପରବ, ପୁଷ ପୁନିଁ, ମକର ସଂକ୍ରାନ୍ତି, ଗହ୍ମା ପୂର୍ଣ୍ଣିମାବା ରାକ୍ଷୀ ପୂର୍ଣ୍ଣିମା, ହରାଗି, ପ୍ରଥମାଷ୍ଟମୀ, ପିତୃପୂଜା, ଧରଣୀପୂଜା, ମେରିଆ ପର୍ବ, ଇନ୍ଦ ପରବ୍, ଚିତଉ ଅମାବାସ୍ୟା, ସୂର୍ଯ୍ୟପୂଜା, ବଳି ଯାତ୍ରା, କେନ୍ଦୁଯାତ୍ରା, ସୋହରେ ବା ବନ୍ଦନା ପର୍ବ ପ୍ରଭୃତି ଅନେକ ପର୍ବପର୍ବାଣି ଭିନ୍ନ ଭିନ୍ନ ରୀତିରେ ପାଳନ କରନ୍ତି ।

ଏତଦ୍‌ବ୍ୟତୀତ୍ ବୌଦ୍ଧ, ଜୈନ, ମୁସଲମାନ ତଥା ଖ୍ରୀଷ୍ଟିଆନ୍ ପ୍ରଭୃତି ଓଡ଼ିଶାର ଅନ୍ୟାନ୍ୟ ବହୁ ଗୋଷ୍ଠୀ ଓ ଧର୍ମ-ସଂପ୍ରଦାୟ ଦ୍ୱାରା ବୁଦ୍ଧ ଜୟନ୍ତୀ, ମହାବୀର ଜୟନ୍ତୀ, ଭୋଗୀ, ଇଦୁଲଫିତର୍, ଇଦୁଲ୍‌ଜୁହା, ସବ୍-ଏ-ମେରାଜ୍, ମହରମ୍, ଫତିହା, ଦ୍ୱାଜାହମ୍, ନୂଆ ବର୍ଷର ଦିନ, ବଡଦିନ ପର୍ବ, ଶୁଭ ଶୁକ୍ରବାର ପ୍ରଭୃତି ବିବିଧ ପର୍ବ ଓ ଉତ୍ସବମାନ ମହାସମାରୋହରେ ପାଳିତ ହୋଇଥାଏ ।

ସଭ୍ୟତା, ସଂସ୍କୃତି ତଥା ସମୟର ପରିବର୍ତ୍ତନକ୍ରମେ ଅଧିକାଂଶ ଓଷାବ୍ରତ, ପର୍ବୋତ୍ସବ ଲୋପ ପାଇବା ସଙ୍ଗେ ସଙ୍ଗେ କେତେକ ନୂତନ ଓଷାବ୍ରତ, ଯାନିଯାତ୍ରା, ପର୍ବପର୍ବାଣି ଓ ଉତ୍ସବର ସୃଷ୍ଟିହୋଇଛି । ସେଗୁଡ଼ିକର ପାରମ୍ପରିକ ରୀତିନୀତି ଓ କର୍ମପଦ୍ଧତିର ଯୁଗୋପଯୋଗୀ ସଂସ୍କାର ସାଧିତ ହୋଇଥିଲେ ମଧ୍ୟ ତାହା ଓଡ଼ିଶାର ସାଂସ୍କୃତିକ ଏବଂ ସାମାଜିକ ଐତିହ୍ୟକୁ ଉଜ୍ଜୀବିତ ରଖିପାରିଛି ।

---

ସଂପାଦିକା, ରାଜ୍ୟ ସଂସ୍କୃତି ନିର୍ଦ୍ଦେଶାଳୟ
ଭୁବନେଶ୍ୱର

# ଓଡ଼ିଶାର କୁମାର ପୂର୍ଣ୍ଣିମା ଉତ୍ସବ

ଶ୍ରୀ ଉପେନ୍ଦ୍ରନାଥ ହୋତା

ପ୍ରାଚୀନ କାଳର କେଉଁ ପୁଣ୍ୟ ମୁହୂର୍ତ୍ତରୁ ଆମ ଓଡ଼ିଶାରେ କୁମାର ପୂର୍ଣ୍ଣିମା ଉତ୍ସବ ପାଳିତ ହୋଇ ଆସୁଛି, ତାହା ନିଶ୍ଚିତ କରି କହି ହେବ ନାହିଁ । ଏହି ଉତ୍ସବକୁ ପୁରାଣରେ କୌମୁଦୀ ମହୋତ୍ସବ ବୋଲି କୁହାଯାଇଛି । ମହାଲକ୍ଷ୍ମୀ ସମୁଦ୍ର ମଧ୍ୟରେ ତାଙ୍କ ପିତ୍ରାଳୟରେ ଥିବାବେଳେ ବାଲ୍ୟାବସ୍ଥାରେ କପର୍ଦ୍ଦି ଖେଳକୁ ଭାରିଭଲ ପାଉଥିଲେ । ତେଣୁ ତାଙ୍କର ଏହି ପ୍ରକାର ନାମ କପର୍ଦ୍ଦି (କଉଡ଼ି) ପୂଜା । ନିର୍ମଳ ଶରଦାକାଶରେ ସାୟଂକାଳରୁ ପ୍ରତ୍ୟୁଷକାଳ ପର୍ଯ୍ୟନ୍ତ କୁମାର ପୂର୍ଣ୍ଣିମା ଦିନ ପୂର୍ଣ୍ଣଚନ୍ଦ୍ର ନିମିଷକ ପାଇଁ ମଳିନ ପଡୁଥିବାର ଦେଖା ଯାଏ ନାହିଁ । ଦେବାସୁରମାନଙ୍କ ସମୁଦ୍ର ମନ୍ଥନ କାଳରେ ଏହି ପୂର୍ଣ୍ଣିମା ଦିନ ମହାଲକ୍ଷ୍ମୀ ଓ ଚନ୍ଦ୍ର ସମୁଦ୍ର ଗର୍ଭରୁ ଆବିର୍ଭୂତ ହୋଇଥିଲେ । ଏହି ସମୟରେ ଦେବତାଗଣ ତାଙ୍କୁ କୁମାରୀ ରୂପେ ଦର୍ଶନ କରିଥିଲେ । ଏହି ପୂର୍ଣ୍ଣିମା ଦିନ ଦେବ ସେନାପତି କାର୍ତ୍ତିକେୟଙ୍କର ମଧ୍ୟ ଜନ୍ମ । କାର୍ତ୍ତିକେୟଙ୍କର ନାମ ଅନୁସାରେ ଏହି ପୂର୍ଣ୍ଣିମାର ନାମ କୁମାର ପୂର୍ଣ୍ଣିମା । ଏହି ଉତ୍ସବରେ ଓଡ଼ିଶାର କୁମାରୀ ଲକ୍ଷ୍ମୀ ବା ଗଜଲକ୍ଷ୍ମୀଙ୍କର ପୂଜା କରାଯାଏ । ପୂର୍ଣ୍ଣିମା ପରଦିନ କାର୍ତ୍ତିକ ବ୍ରତ ବା କାର୍ତ୍ତିକେୟଙ୍କର ପୂଜା ଆରମ୍ଭ ହୋଇ କାର୍ତ୍ତିକ ପୂର୍ଣ୍ଣିମା ଦିନ ଉଦ୍‌ଯାପନ ହୁଏ । ବାଲ୍ମୀକି ରାମାୟଣରେ ପଢ଼ି, ସୀତା ଠାକୁରାଣୀ ଏହି କୁମାର ପୂର୍ଣ୍ଣିମା ଦିନ ଲଙ୍ଗଳ ସିଆରୁ ଆବିର୍ଭୂତା ହୋଇଥିଲେ । ସିଆରର ଅନ୍ୟ ନାମ ସୀତା । ତେଣୁ ତାଙ୍କ ନାମ ସୀତା ରଖାଯାଇଥିଲା । ମହର୍ଷି ବାଲ୍ମୀକି ମଧ୍ୟ ଏହିଦିନ ବାଲ୍ମୀକ ବା ଉଇହୁଙ୍କାରୁ ଆତ୍ମପ୍ରକାଶ କରିଥିଲେ । କେବଳ ଓଡ଼ିଶାରେ କାହିଁକି, ଭାରତବର୍ଷର ପ୍ରତ୍ୟେକ ରାଜ୍ୟରେ ଏହିସବୁ କାରଣରୁ ସମାଜିକ ନୀତି ନିୟମ ଅନୁସାରେ ଏହି କୁମାରୋତ୍ସବ ପାଳିତ ହୋଇଥାଏ । ଓଡ଼ିଶାରେ ଏହି ବ୍ରତ ପୌରାଣିକ, ଧାର୍ମିକ ଓ ବୈଜ୍ଞାନିକ ଦୃଷ୍ଟିକୋଣରୁ ପରମ୍ପରାକ୍ରମେ ପାଳିତ ହୋଇ ଆସୁଅଛି । ଏହି ବ୍ରତର ବିଶେଷତ୍ୱ ଓ ଚିରାଚରିତ ଆନନ୍ଦ ଉତ୍ସବ ଏ କ୍ଷୁଦ୍ର ପ୍ରବନ୍ଧର ଆଲୋଚ୍ୟ ବିଷୟ ।

ଅଧିକାଂଶଙ୍କର ଧାରଣା ଯେ କୁମାରୋତ୍ସବ କେବଳ କୁମାରୀ ବା ନାରୀମାନଙ୍କ ପାଇଁ ଉଦ୍ଦିଷ୍ଟ, କିନ୍ତୁ ତାହା ନୁହେଁ, ଉତ୍ସବଟି କୁମାର ବା କାର୍ତ୍ତିକେୟଙ୍କର ଜନ୍ମଦିନ ଉପରେ ଆଧାରିତ ହୋଇ ଏପରି ନାମକରଣ ହୋଇଥିବାରୁ କୁମାରଗଣଙ୍କର ମଧ୍ୟ ଏହି ପର୍ବ ପାଳନୀୟ । କାର୍ତ୍ତିକେୟଙ୍କର ବୀରତ୍ୱ, ସୌନ୍ଦର୍ଯ୍ୟ ଓ ସାହସିକତା ପ୍ରତ୍ୟେକ କୁମାରଙ୍କର ବିର୍ଯ୍ୟ, ବିବେଚ୍ୟ, ଚିନ୍ତ୍ୟ, ଧ୍ୟେୟ ଓ ପାଳନୀୟ । ଶରତ୍‌କାଳର ନିର୍ମଳ ଶୋଭା, ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ରାକା ବିଧୌତ ରଜନୀର ସୁଷମାରେ ବିମୁଗ୍ଧ ହୋଇ ଅଭିମନ୍ୟୁ ସାମନ୍ତ ସିଂହାର ବିଦଗ୍ଧ-ଚିନ୍ତାମଣିରେ ଲେଖିଛନ୍ତି:—

"ଏ ରଜାରୁ ସୁବିଦଗ୍ଧ ସାବଧାନେ ଘେନ ରସ
ନିଶାମୁଖ ଆଗମନ ଦିବସ ଶେଷ,
ବାରୁଣୀ ବିକାସୀ ରବି ପୂର୍ବେ ଉଦେ ଶଶି ଛବି
ରଙ୍ଗିମା ଶୁକ୍ଳିମା ମନୋହର ବିକାଶ,
ସହଜରେ ଶରଦ କାଳ,
ଚନ୍ଦ୍ର ମୁଖ କାତ ତିଥି * ନିଶା ମଞ୍ଜୁଳ ॥

ଏହି ଉତ୍ସବରେ ଓଡ଼ିଶାର ପୁରପଲ୍ଲୀମାନଙ୍କରେ ମଧ୍ୟ-ମହୋତ୍ସବର ବିପୁଳ ଆୟୋଜନ ହୋଇଥାଏ । ବର୍ଷକରେ ଥରେ ଏହି ଶୁଭଦିନୀ ରାତିଟିକୁ ଆବାଳବୃଦ୍ଧ ବନିତା ପ୍ରତ୍ୟେକ ମହା ସମାରୋହରେ ଉଦ୍‌ଯାପିତ କରି ଥାଆନ୍ତି । ପୁଚି, ବୋହୂସୋରା, ଡୁଡୁ, ଟୁବାଇ ଆଦି ଖେଳ କୁମାର କୁମାରୀମାନଙ୍କର ଉପଭୋଗ୍ୟ ଓ ଆନନ୍ଦ ବର୍ଦ୍ଧକ ହୋଇଥାଏ । ନୃତ୍ୟ, ଗୀତ ଗୋଳରେ ପୁରପଲ୍ଲୀ ଉଚ୍ଛୁଳି ଉଠେ । କୁମାରୀମାନଙ୍କର ପୁଚି, ଟୁବାଇ, ଦଉଡ଼ି ଡ଼ିଆଁ ଓ କୁମାରମାନଙ୍କର ଡୁଡୁ, ବୋହୂସୋରା, ତାସ ଆଦି ଖେଳ ସହିତ ସାମୂହିକ ଗୀତ ନୃତ୍ୟ ପ୍ରତ୍ୟେକଙ୍କ ପ୍ରାଣରେ ଅପୂର୍ବ ଉନ୍ମାଦନା ସୃଷ୍ଟି କରେ । ବୟସ୍କା ନାରୀମାନେ ମଧ୍ୟ ନିଜ ନିଜର ଘର ପାଖଟି ଘାରି ପୁଚି, ଟୁବାଇ ଖେଳରେ ଯୋଗ ଦିଅନ୍ତି । ବଡ ବଡ ସହରମାନଙ୍କରେ ଚିତ୍ତବିନୋଦନ ପାଇଁ ଏ ଉତ୍ସବଟି ନାନା ପ୍ରକାର ଖେଳ, ମେଲୋଡ଼ି, ନାଚ, ଦାସକାଠିଆ, ପାଲା, ସଂକୀର୍ତ୍ତନ ଆଦିରେ କଟିଥାଏ । ଅନେକ ସ୍ଥାନରେ ଗଜଲକ୍ଷ୍ମୀଙ୍କର ମୃଣ୍ମୟ ମୂର୍ତ୍ତି ପୂଜା ହୁଏ ଓ ସେଠାକୁ ବହୁ ଲୋକଙ୍କର ସମାଗମ ହୋଇଥାଏ ।

ଭାବୁକ କବି ଦେଖେ ଧରଣୀ ବକ୍ଷ ଜ୍ୟୋତ୍ସ୍ନାସ୍ନାତ । ତାରକା ସୁଶୋଭିତ ନିର୍ମଳ ଆକାଶରେ ପୂର୍ଣ୍ଣଚନ୍ଦ୍ର ବିଭୂଷିତ । ସରୋବରର ନୀଳ ଜଳରାଶି ଶ୍ୱେତ ଲୋହିତ କୁମୁଦରେ ହର୍ଷୋତ୍ଫୁଲ୍ଲ । ବନ୍ଧୁ ମିଳନ ପାଇଁ ନିର୍ନିମେଷ ନୟନରେ ସୁଦୂର ଧରଣୀ ବକ୍ଷରୁ ନଭ ମଣ୍ଡଳର ନବୋଦିତ ଚନ୍ଦ୍ରକୁ କୁମୁଦିନୀର ପ୍ରତୀକ୍ଷା । ବନ ଉପବନରେ ଫୁଟିଥିବା ନାନା ଜାତି ଫୁଲର ମହକରେ କବି ହୁଏ ଆତ୍ମହରା । ପ୍ରକୃତି ରାଣୀର ମଥାମଣି ସଦୃଶ ପୁନେଇଁ ଚାନ୍ଦ ନିର୍ମଳ ନୀଳ ଆକାଶରେ ଭାସି ବାଦଲ ସହିତ ଲୁଚକାଳି ଖେଳି ଖେଳି କବି ମନରେ ଆଣେ ଦିବ୍ୟ ଆନନ୍ଦ । ମୃଦୁ ହିଲ୍ଲୋଳରେ କାଶତଣ୍ଡି ଫୁଲ ଦୋଳାୟମାନ ହୋଇ ପଲ୍ଲୀ ପଥ ପ୍ରାନ୍ତ କରେ ମନୋରମ । ଜ୍ୟୋତ୍ସ୍ନା ବିଧୌତ ଶରଦ ରଜନୀ ପଲ୍ଲୀବାଳାର ଅଳସ ପଦଯୁଗଳକୁ କରେ ଗତିଶୀଳ । ପୂର୍ଣ୍ଣିମା ଶଶୀ କୁମାରମାନଙ୍କ ପ୍ରାଣରେ ଆଣେ ନବ ଜାଗରଣ । ପ୍ରତ୍ୟେକ ସ୍ୱର୍ଗୀୟ ସୁଖ ଭୋଗ କରିବାରେ ପଡେ ଯେପରି ଆଜି ପାଗଳ । ପ୍ରତିଯୋଗିତାର ମାଦକତାରେ ଏ ମନୋରମ ପରିବେଶରେ ପୁରନାରୀଗଣ ଜଳ ଆଲୁଅରେ ଅବତୀର୍ଣ୍ଣ ହୋଇ ମୁକ୍ତ

ଆକାଶ ତଳେ ନିର୍ଜନତାକୁ ଭଙ୍ଗ କରି ଉଦାମ ପୁନେଇଁ ଗୀତର ଲହରୀ ତୋଳି ଦିବ୍ୟ ସୁଖ ଅନୁଭବ କରନ୍ତି । ପୁରଅଙ୍ଗନ ଆଜି ଉଚ୍ଛୁଳି ଉଠିଛି ପ୍ରାଚୀନ କାଳର ମଧୁଝରାଫୁଲ—ବଉଳବେଣୀ ଗୀତ ଲହରୀରେ:—

କଣେ ଯଦି ଗାଉଛି,

''କୁଆଁରି ପୁନେଇଁ ଜହ୍ନଲୋ ଫୁଲ ବଉଳବେଣୀ,''

ଅନ୍ୟମାନେ ତା ସହିତ ତାଳ ମିଳାଇ ଅନ୍ୟ ପଦ ଗାଇ ଗ୍ରୁଲିଛନ୍ତି । ଅନ୍ୟ କେହି ଗାଉଛି:—

''ଟୁବାଇ ଲୋ !
ଆଟିକା ଦିଓଟି ଧୋଇ ଧୋଇକା ନିଗିଡ଼ି ପଡ଼ିଲା ଘିଅ,
ଆମ ବାପାଙ୍କର ବହୁତ ଝିଅ, ଦାଦାଙ୍କୁ ଗୋଟିଏ ଦିଅ
ଟୁବାଇ ଲୋ !
ହାଣ୍ଡୁ—ବାଡ଼ି ଖତ ଖତ, ଦିହୁଡ଼ି ଲଗାଇ ଆସୁଚି ବର
କନିଆକୁ ସଜ କର, ଟୁବାଇ ଲୋ ।''

ଜଣେ ପ୍ରଥମେ ଆରମ୍ଭ କଲେ ଅନ୍ୟମାନେ ତାକୁ ପଦ ଧରି ଯାହାର ଯେଉଁ ପଦ ମନେ ପଡ଼ିଲା ଯୋଡ଼ି ବୋଲିବାରେ ମଜ୍ଜିଯାଆନ୍ତି । କୁମାରୀମାନେ ଦାଣ୍ଡ ମଝିରେ ଏକତ୍ରିତ ହୋଇ ପୁଚି ଓ ଠିଆ ପୁଚି ଖେଳି ଗାଉଛନ୍ତି:—

''ଠିଆ ପୁଚି ନାରଙ୍ଗ, ଗୋତ ଦିଓଟି ସାରଙ୍ଗ,
ସାରଙ୍ଗ ଗଡ଼କୁ ଯାଇଥିଲି, ନଡ଼ିଆ ପୁଞ୍ଜିଏ ନେଇଥିଲି,
ତଙ୍ଗୀରେ ପଡ଼ିଲି ବସି, ନାଉରୀଆ ଦେଲା ହସି ।''

ସେହିପରି ବସା ପୁଚି ଖେଳୁ ଖେଳୁ ଗାଉଛନ୍ତି:—

''ପୁଚି ଲୋ ! ଯା ଘୁଞ୍ଚୁ,—
ଛୁନୁ ଛୁନିଆଁ ଶାଗ କେରିକ ଛାଟି ଦେଲି କାଛକୁ,
ବାପ ଭାଇ ଆଶ୍ରା କଲେ କଦମ୍ବ ଗଛକୁ.....ଇତ୍ୟାଦି ।

ଅନ୍ୟ ଏକ ଦଳ ଗାଉଥିବାର ଶୁଣାଯାଉଛି:—

''କଳା ବାଇଗଣ ଧଳା ବାଇଗଣ କାଟି ଦେଲି ଗଉଣିଏ
ମୋ ସାଙ୍ଗେ ଯିଏ ପୁଚି ଖେଳିବ, ମାଗି ଦେବି କହୁଣିଏ ।
ତୋ ଦୁଆରେ ସଜନା ଗଛ ଲୋ ! ମୋ ଦୁଆରେ ଛାଇ
ତୋ ପୁଅ ନାଁ କାଠ ଭାଲୁହୁଣା, ମୋ ଝିଅ ନାଆଁ ଜାଇ ।
ତୋ ମଙ୍କକଡ଼ି, ମୋ ମଙ୍କକଡ଼ି ପେଡ଼ିରେ ସାଇତି ଦେବା,
ଝିଅ ଯେଉଁ ଦିନ ବାହା ହୋଇଯିବ ଦାନ ଯଉତୁକ ଦେବା ।''

ଏହି ପ୍ରକାର ଅନେକ ଗୀତ ଗାଇ ଅବଳାମାନେ ବର୍ଷକେ ଥରେ ଆନନ୍ଦ ଉଲ୍ଲାସରେ ମାତି ଯାଆନ୍ତି ।

ପୁଅ ପିଲାମାନଙ୍କର ଡୁଡୁ, ବୋହୁଚୋରୀ, ଲୁଚକାଳି ଖେଳ ଓ ବଡମାନଙ୍କର ତାସ, ପଶା, ଗଞ୍ଜପା ଆଦି ଖେଳରେ ରାକା ରଜନୀ ଅତ୍ୟନ୍ତ ଉପଭୋଗ୍ୟ ହୋଇଉଠେ । ଗଞ୍ଜାମ ଜିଲ୍ଲାର ଲୋକମାନେ ତାସ, ପଶାର ପ୍ରତିଯୋଗିତାରେ କୁମାର ପୂର୍ଣ୍ଣିମା ରାତିଟି ଉପଭୋଗ କରିଥାଆନ୍ତି ଓ ଟଙ୍କା ପଇସା ବାଜି ରଖି ଖେଳ ଆରମ୍ଭ କରିଥାଆନ୍ତି । ଯୁଗ ଯୁଗ ଧରି ଏହିପରି କୁମାର ପୂର୍ଣ୍ଣମୀ ରାତିଟି ଦେଇ ଆସୁଛି ପ୍ରତ୍ୟେକଙ୍କ ମନରେ ଆନନ୍ଦ, ଉଲ୍ଲାସ, ଉଦ୍ଦୀପନା ଓ ନୂତନ ପ୍ରେରଣା । ଗଜଲକ୍ଷ୍ମୀ ପୂଜାରେ ମୁଖରିତ ହୋଇ ଆସୁଛି ପୁରପଲ୍ଲୀ, ନଗର ନଗରୀ । ଏ ଦିନ ପୁନେଇଁ ଚନ୍ଦ୍ରଙ୍କର ପୂଜା ନିରଜନା ପାଇଁ ଯୁଗ ଯୁଗ ଧରି ଖଇ, ଉଖୁଡ଼ା, ଚକଟା, ମୁଆଁ, ଆଖୁ, କ୍ଷୀରି, ପୁରୀ, ଘୃତ, ନଡ଼ୁ, କାକରା, କାକୁଡ଼ି, କଦଳୀ ଓ ନଡ଼ିଆ ଆଦିର ଭୋଗ ବ୍ୟବସ୍ଥା ହୋଇ ଆସୁଛି । ଚନ୍ଦ୍ର ଉଇଁବା କ୍ଷଣି ଏହି ପୂଜା ହେଉଛି । କାରଣ ଚନ୍ଦ୍ର ବୁଡ଼ା ହୋଇଗଲେ ପୂଜା କରାଯିବାର ବିଧି ନାହିଁ । ସମ୍ବଲପୁର ଅଞ୍ଚଳରେ ଏହି ପର୍ବରେ ଚୁଡ଼ା ଖାଇ ଠାକୁରାଣୀଙ୍କ ଯାତ୍ରା ହୁଏ । ତାଙ୍କର ଏହା ଏକ ପ୍ରଧାନ ଉତ୍ସବ ।

ଆମ ଓଡ଼ିଶାର ପ୍ରତ୍ୟେକ ଅଞ୍ଚଳର ହିନ୍ଦୁ କୁମାରୀଗଣ ଏହି କୁମାର ପୂର୍ଣ୍ଣିମା ଦିନ ବଡ଼ି ସକାଳୁ ଉଠି ଗାଧୋଇ, ନୂଆ ଲୁଗା ପିନ୍ଧି ସୂର୍ଯ୍ୟଙ୍କୁ ଆଞ୍ଜୁଳି ଟେକନ୍ତି । ବୃନ୍ଦାବର ନ ପାଇବା ପାଇଁ ଗୁଣବାନ ନବ ଯୁବକ ବର ଲାଭ କରିବା ପାଇଁ ଏମାନେ ସାତ ପ୍ରକାର କଞ୍ଚିଫଳ ଆଞ୍ଜୁଳାରେ ଟେକି ସକାଳୁ ସୂର୍ଯ୍ୟ ପୂଜା କରନ୍ତି ଓ ସନ୍ଧ୍ୟା ପୂର୍ବରୁ ଜହ୍ନ ବା ଚନ୍ଦ୍ର ପୂଜା ପାଇଁ ଜହ୍ନି ଫୁଲ, କାକୁଡ଼ି ଫୁଲ, କଇଁଫୁଲ ଆଦି ତୋଳି ଡାଲାମାନଙ୍କରେ ସଜାଇ ରଖନ୍ତି । ପୂଜକ ଡ଼କାଇ ଏହିଦିନ ଜହ୍ନି ଓଷା ଉଦ୍‌ଯାପନ କରନ୍ତି । ଏହା ବ୍ୟତୀତ ଏମାନେ ବନ୍ଧୁ ବାନ୍ଧବ ଡାକି ଏହିଦିନ ଚନ୍ଦ୍ରଚକଟାରେ ଚନ୍ଦ୍ର ଦିଗକୁ ଚାହିଁ ପୂଜା କରନ୍ତି । କୁମାରୀମାନେ କାର୍ତ୍ତିକେୟଙ୍କ ପରି ସ୍ୱାମୀ ଓ ସ୍ତ୍ରୀ ଲୋକମାନେ କାର୍ତ୍ତିକେୟଙ୍କ ପରି ପୁତ୍ର ଲାଭ କରିବା ପାଇଁ ଚନ୍ଦ୍ରଙ୍କୁ ପୂଜନ କରନ୍ତି । ଓଷେଇତିମାନେ ଦିନ ସାରା ଉପବାସ କରି ରହିଥାଆନ୍ତି, ଚନ୍ଦ୍ର ପୂଜା ସରିବାକ୍ଷଣି ସେମାନେ ପ୍ରସାଦ ପାଇ ଖେଳ କୌତୁକରେ ମାତି ଯାଆନ୍ତି । ଜହ୍ନି ଓଷାର ବିଶେଷତ୍ୱ ଏହି ଯେ ଚନ୍ଦ୍ରଙ୍କର ସ୍ଥିତି ବା ଗତି ଅନୁସାରେ ପ୍ରତ୍ୟେକଙ୍କର ଜାତକ ପ୍ରସ୍ତୁତ ହୋଇଥାଏ । ଜୀବନର ସୁଖ, ଦୁଃଖ, ହାନିଲାଭ, ଭଲମନ୍ଦ ସବୁ ଏହି ଚନ୍ଦ୍ରଙ୍କର ସ୍ଥିତି ହିଁ ନିର୍ଣ୍ଣୟ କରେ । ତେଣୁ ଜନ୍ମ ପତ୍ରିକା ଅନୁସାରେ ଚନ୍ଦ୍ର ଶୁଭଫଳ ଦେବା ପାଇଁ ପୂର୍ବକାଳରୁ ଏହି ଜହ୍ନି ଓଷା ବ୍ରତ କୁମାରୀମାନେ ପାଳନ କରି ଆସୁଛନ୍ତି । ସେମାନେ ପୂଜା କଲାବେଳେ ଗାଇ ଥାଆନ୍ତି:—

''ଜହ୍ନି ଫୁଲ ଠୋ ଠା, କାକୁଡ଼ି ଫୁଲ ଠୋ ଠା,
ଗୁଣ୍ଡିଚି ମୂଷା କହିଯାଇଛି ଚାଉଳ ମୁଠେ ଥୋଇଥା ।''

ଏହି ଗୀତ ଗାଇ ସେମାନେ ଘର ଘର ବୁଲି ଯେଉଁ ଚାଉଳ ସଂଗ୍ରହ କରନ୍ତି, ତାହା ବ୍ରାହ୍ମଣଙ୍କୁ ସେ ଦିନ ଦାନ କରନ୍ତି ଓ ଭୋଜି ଭାତ ଦେଇ ପ୍ରତ୍ୟେକଙ୍କୁ ଆପ୍ୟାୟିତ କରନ୍ତି । ଏହି ଜହ୍ନି ଓଷା କୁମାର ପୂର୍ଣ୍ଣମୀରେ ହେଉଥିବା ଜହ୍ନ ପୂଜାର ପ୍ରଧାନ ଅଙ୍ଗ । ଝିଅମାନଙ୍କର ଏହି ଓଷାଟି ମାନବ ସମାଜର କଲ୍ୟାଣ ପାଇଁ ଉଦ୍ଦିଷ୍ଟ । ଜହ୍ନି ଓଷାରେ କୁମାରୀମାନେ ଜହ୍ନ ପୂଜା ସମୟରେ ଅନେକ ପ୍ରେରଣା ପ୍ରଦ ଗୀତ ବୋଲି ଥାଆନ୍ତି । ମା ମାନେ କୁନି କୁନି ପିଲାଙ୍କୁ କୋଳରେ ଧରି ପୁନେଇଁ ଚନ୍ଦ୍ର ଦେଖାଇ ଗାଇ ଥାଆନ୍ତି:—

''ଆ ଜହ୍ନ ମାମୁଁ ଶରଦ ଶଶୀ, ମୋ କାହ୍ନୁ ହାତରେ ପଡ଼ରେ ଖସି ।''

ଏ ଶୁଭ ସନ୍ଧ୍ୟାରେ ଗୃହିଣୀମାନେ ପିଲାମାନଙ୍କର ମଙ୍ଗଳ କାମନା କରି ଓ ନିଜେ ବୈଧବ୍ୟଦଶା ଭୋଗ ନ କରିବା କାମନା କରି ଚନ୍ଦ୍ର ପୂଜା ଓ ତୁଳସୀ ଚଉରାମୂଳରେ ବୃନ୍ଦାବତୀ ପୂଜା କରାଇ ବ୍ରାହ୍ମଣମାନଙ୍କୁ ଭୋଜନ ଓ ଦକ୍ଷିଣା ଦେଇ ଥାଆନ୍ତି ।

ଓଡ଼ିଶାର ଆଦିବାସୀମାନଙ୍କର ଏହି ପୂର୍ଣ୍ଣିମା ଦିନଟି ଅତି ଆନନ୍ଦର ସହକାରେ ପାଳିତ ହୋଇଥାଏ । ଏ ଦିନ ଏମାନେ ସାମୂହିକ ନୃତ୍ୟ ଗୀତ ଓ ଭୋଜି ଆନନ୍ଦ ଉପଭୋଗ କରିଥାଆନ୍ତି । କୁମାର ପୂର୍ଣ୍ଣମୀ ଦିନ ଭାଇ ଭଉଣୀ ମିଳି ଘରେ ଘରେ ମହାଲକ୍ଷ୍ମୀଙ୍କର ପୂଜା କରନ୍ତି । ସେ ଦିନ କ୍ଷେତରୁ ପାଚିଲା ଧାନ ଆଣି ''ଜାହେର'' (ଦେବସ୍ଥଳୀ) ତଥା ଗ୍ରାମଦେବତାଙ୍କ ନିକଟରେ ପ୍ରଥମେ ପୂଜା ଉପାସନା କରାଯାଏ । ତାପରେ ଏମାନେ ସମସ୍ତେ ନିଜ ନିଜ ଘରେ ଲକ୍ଷ୍ମୀ ଠାକୁରାଣୀଙ୍କ ପୂଜା କରନ୍ତି । ପୂଜା ସାମଗ୍ରୀମାନଙ୍କ ମଧ୍ୟରୁ ଫୁଲକୁ ଏମାନେ ପବିତ୍ରତମ ଦ୍ରବ୍ୟ ବୋଲି ମନେ କରନ୍ତି । କେବଳ ସେତିକି ନୁହେଁ, ଫୁଲକୁ ସେମାନେ ନେଇ ନିଜ ନିଜର ପ୍ରେମିକାକୁ ଉପହାର ସ୍ୱରୂପ ଦିଅନ୍ତି ଓ ପ୍ରେମିକାଙ୍କ ମୁଣ୍ଡରେ ଖୋଷନ୍ତି । ଠିକ୍ ସେହିପରି ଆଦିବାସୀ ସମାଜରେ ଏହି ପର୍ବରେ ହାଣ୍ଡିଆ, ମହୁଲି ମଦ ଆଦି ଦେବଦେବୀଙ୍କୁ ସମର୍ପଣ କରାଯାଇ ପ୍ରସାଦ ସ୍ୱରୂପ ଗ୍ରହଣ କରାଯାଏ । ଏମାନେ ଅତିଥି ଅଭ୍ୟାଗତ ଓ ବନ୍ଧୁବାନ୍ଧବଙ୍କୁ ସୌନ୍ଦର୍ଯ୍ୟ ତଥା ରୂପରଙ୍ଗ ଭରା ଦ୍ରବ୍ୟ ସହିତ ହାଣ୍ଡିଆ ସମ ପଞ୍ଚାମୃତ ଦ୍ରବ୍ୟ ଉପହାର ଦିଅନ୍ତି । ଏଦିନ ଝରଣା କୂଳେ କୂଳେ ଜାହେରଠାରେ ଗ୍ରାମଦେବତୀମାନଙ୍କୁ ମହାସମାରୋହରେ ପୂଜା କରି ସାନ୍ତାଳ ଯୁବକ ଯୁବତୀଗଣ ଗାଇ ଥାଆନ୍ତି:—

'ଗାଡ଼ା-ନାଣେ ତ୍ରିୟସାତେ ମନଦଃ୍ୟ ହେଲ ଜାଷାୟା
ହାରାତରା ଡାଙ୍ଗୁଆ ମନରେ ରାକା ରାକାଦ ହାକୁଃ ।''*

ଏହାପରେ ପୁରୁଷ ଓ ସ୍ତ୍ରୀ ପ୍ରତ୍ୟେକେ ନାଚଗୀତରେ ମଜ୍ଜି ଯାଆନ୍ତି । ଏହି ପର୍ବଟି ଆଦିବାସୀମାନଙ୍କର ଚିର ଉପାସିତ, ପବିତ୍ର ଓ ଆଦରଣୀୟ ପର୍ବ ରୂପେ ପାଳିତ ହୋଇ ଆସୁଛି ।

ଲକ୍ଷ୍ମୀଦେବୀ ସାଗର ଗର୍ଭରୁ ଏହିଦିନ ଆବିର୍ଭୂତା ହୋଇଥିବାରୁ ପ୍ରାଚୀନ କାଳରୁ କୁମାରୀଲକ୍ଷ୍ମୀଙ୍କର ମୃଣ୍ମୟ ମୂର୍ତ୍ତି ସର୍ବତ୍ର ପୂଜିତ ହୋଇ ଆସୁଛି । ଚନ୍ଦ୍ର ପୂଜା ପାଇଁ ମଧ୍ୟ ଏହି ପୂର୍ଣ୍ଣିମା ପ୍ରସିଦ୍ଧ । ନିର୍ମଳ ଶରତ୍ କାଳର ସୁଷମାରେ ମୁଗ୍ଧ ହୋଇ କାଳିଦାସ ତାଙ୍କର ଋତୁ ସଂହାର କାବ୍ୟରେ ଲେଖିଛନ୍ତି:—

"କାଶୈର୍ମହୀ ଶିଶିରଦୀଧିତିନା ରଜନ୍ୟୋ,
ହଂସୈର୍ଜଳାନି ସରିତାଂ କୁମୁଦୈଃ ସରାଂସି ।
ସପ୍ତଚ୍ଛଦୈଃ କୁସୁମଭାର ନତୈର୍ବନାନ୍ତାଃ,
ଶୁକ୍ଳୀକୃତାନ୍ୟୁପବନାନି ଚ ମାଳତୀଭିଃ ।"

ମେଘମୁକ୍ତ ନିର୍ମଳ ଆକାଶ ତଳେ ପ୍ରକୃତିର ରୂପ-ସମ୍ଭାର ପ୍ରତ୍ୟେକଙ୍କୁ ବିମୁଗ୍ଧ କରିଥିବାରୁ ଏହି ଶରତ୍ ଋତୁର ଉପମା ଅତୁଳନୀୟ ।

ସମାଜରେ ପ୍ରଚଳିତ ଯାବତୀୟ ଓଷାବ୍ରତ, ପୁଣ୍ୟପର୍ବ ବୈଜ୍ଞାନିକ ଭିତ୍ତିଭୂମି ଉପରେ ଆଧାରିତ । ସ୍ୱାସ୍ଥ୍ୟରକ୍ଷା ଦୃଷ୍ଟିକୋଣରୁ ମୁନିଋଷି ଓ ପୂର୍ବାଚାର୍ଯ୍ୟମାନେ ନାନା ପ୍ରକାର ଓଷାବ୍ରତ ଓ ଉପାସନା ଆଦିର ବିଧିବିଧାନ ଉଦ୍ଭାବନ କରିଅଛନ୍ତି । ଜୀବନକୁ ସରସ, ସୁନ୍ଦର ଓ ରୁଚିମନ୍ତ କରି ଶରୀରକୁ ସୁସ୍ଥ ସବଳ ଓ ନିରୋଗ ରଖିବା ପାଇଁ କୁମାର ପୂର୍ଣ୍ଣିମାର ପୁଚି, ବୁବାଇ ଆଦି ଖେଳ ନାରୀମାନଙ୍କ ପାଇଁ ଉପଯୋଗୀ । ଏ ଖେଳରେ ଅନ୍ୟାନ୍ୟ ଖେଳ ଭଳି ଦର୍ଶକମାନଙ୍କୁ ସେପରି କିଛି କୌତୁକ ପ୍ରଦର୍ଶନ କରାଇ ଅଭିଭୂତ କରୁ ନଥିଲେ ମଧ୍ୟ ନାରୀମାନଙ୍କ ସ୍ୱାସ୍ଥ୍ୟ ପାଇଁ ଏହା ସୁଫଳପ୍ରଦ । ଝିଅମାନଙ୍କ ପାଇଁ ଶରୀର ଗଠନ ଓ ସୌନ୍ଦର୍ଯ୍ୟ ବୃଦ୍ଧି ଦୃଷ୍ଟିରୁ ଏହି ଖେଳ ଅପରିହାର୍ଯ୍ୟ । ମାତୃତ୍ୱର ବିକାଶ ସାଧନ ପାଇଁ ନାରୀ ସମାଜ ମୁଖ୍ୟତଃ ଏହି କୁମାରୋତ୍ସବରେ ଅଂଶ ଗ୍ରହଣ କରିବା ଆବଶ୍ୟକ । ସେମାନଙ୍କର ଡିମ୍ବକୋଷ (ଓଭାରୀ) ସେମାନଙ୍କ ଶରୀରର ପ୍ରଧାନତମ ଅଂଶ । ଡିମ୍ବକୋଷ ଠିକ୍ ଭାବରେ କାର୍ଯ୍ୟ କରୁଥିଲେ ସେମାନଙ୍କର ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟ ଅତୁଟ ରହେ । ଶରୀରର ଆଭ୍ୟନ୍ତରୀଣ ଅନ୍ୟ ଅଙ୍ଗ ଖରାପ ହେଲେ ସୁଦ୍ଧା ଡିମ୍ବକୋଷର ତେଜ ତାକୁ ଚଳାଇ ନିଏ । ବ୍ୟାୟାମ କରିବା ଦ୍ୱାରା ଶରୀର ସୁସ୍ଥ ସବଳ ରହେ । ଏ ଖେଳରେ ଯେଉଁ ଅଙ୍ଗଟି ସ୍ପନ୍ଦିତ ହୁଏ, ସେ ଅଙ୍ଗଟି ପୁଷ୍ଟ ହୁଏ । ପୁଚି ଖେଳିଲାବେଳେ ଜଙ୍ଘ, ତଳିପେଟ ସହିତ ଜୋରରେ ଘସି ହୋଇଥାଏ । ବାରମ୍ବାର ଏହିପରି ଘସିହେବା ଦ୍ୱାରା ସମସ୍ତ ତଳିପେଟ ସହିତ ଡିମ୍ବକୋଷ ସ୍ପନ୍ଦିତ ହୋଇଥାଏ । ବୁବାଇ ଆଦି ଗୀତ ଗାଇ ନାଚିବା ଦ୍ୱାରା ସେମାନଙ୍କର ନିଶ୍ୱାସ ଖର ହେବା କାରଣରୁ ସମସ୍ତ ଅଙ୍ଗ ଉପରେ ପ୍ରାଣବାୟୁ ବା ଅମ୍ଳଜାନର ପ୍ରଭାବ ପଡେ ଓ ଅନ୍ତଃକୋଷ ସମସ୍ତ ଶକ୍ତିସମ୍ପନ୍ନ ହୋଇଥାଆନ୍ତି । ପୁଚି ଖେଳିବା ଦ୍ୱାରା ତଳିପେଟର ମାଂସପେଶୀ ପୁଷ୍ଟ ହେଉଥିବା କାରଣରୁ ଏହା ବ୍ୟାୟାମର ଏକ ଅଙ୍ଗ ବୋଲି ଧରାଯାଇଛି । ବିବାହିତ ଜୀବନକୁ ସୁଖମୟ କରିବାର ଏହା ସୁଚିନ୍ତିତ ଉପାୟ । ଏହା ବ୍ୟତୀତ ଢିଙ୍କି ପ୍ରହାର କରିବା, ଚଟାଚଟି କରିବା, ହାଣ୍ଡିଦସ୍ତାରେ କୁଟାକୁଟି କରିବା, କୂପ ପୁଷ୍କରିଣୀ ଆଦିରୁ କଳସରେ ଜଳ ଉତ୍ତୋଳନ କରିବା ଆଦି ଯାବତୀୟ ଗୃହକର୍ମ ନାରୀମାନଙ୍କର ବ୍ୟାୟାମ ବା ଅଙ୍ଗ ସ୍ପନ୍ଦନ ପାଇଁ ପ୍ରକୃଷ୍ଟ ପନ୍ଥା । ଏହା ବ୍ୟତୀତ ସେମାନଙ୍କର ଅଙ୍ଗ ସ୍ପନ୍ଦନ କରିବା ପାଇଁ ମଧ୍ୟ କେତେକ ଯୋଗାସନ ଓ ବ୍ୟାୟାମର ବ୍ୟବସ୍ଥା ଅଛି । ଏଥିପାଇଁ କୁମାର ପୂର୍ଣ୍ଣିମାର ଯାବତୀୟ ଖେଳ କୁମାରୀଗଣ ଉତ୍ସାହ ସହକାରେ ଖେଳି ଥାଆନ୍ତି । ଏ ଶିକ୍ଷା ସଭ୍ୟତାର ବିକାଶ ଯୁଗରେ ପ୍ରାଚୀନ କାଳର ଏହିସବୁ ଅଙ୍ଗ ସ୍ପନ୍ଦନକୁ ହେୟଜ୍ଞାନ କରି ଅଧିକାଂଶ ନବ୍ୟ ସଭ୍ୟ ଶିକ୍ଷିତା କୁମାରୀ ଅଳ୍ପ ବୟସରୁ ନାନାଦି ରୋଗାକ୍ରାନ୍ତ ହୋଇ ସ୍ୱାସ୍ଥ୍ୟ ସୌନ୍ଦର୍ଯ୍ୟ ହରାଉଛନ୍ତି । ପ୍ରତ୍ୟେକ ଭାବୀ ମାତା ଓ ମା'ମାନେ ଏହି ତଥ୍ୟର ଉପାଦେୟତା ଉପଲବ୍ଧି କରି ନିଜ ନିଜ ଜୀବନରେ ତାହା ପାଳନ କରିବା ଉଚିତ ।

ପୁଚି ଶବ୍ଦ ଏକ ଗାଉଁଲି ଶବ୍ଦ । ତାହାର ମୂଳ ସଂସ୍କୃତ ଶବ୍ଦ 'ପୁଂସାଚି', ଯାହାକି ଗର୍ଭଧାରଣର ସହାୟକ । କେବଳ ପୂର୍ଣ୍ଣିମା ଦିନ ପାଇଁ ଯେ ଏହି ଖେଳ ଉଦ୍ଦିଷ୍ଟ, ତାହା ନୁହେଁ । ପୂର୍ଣ୍ଣିମା ପୂର୍ବରୁ ଝିଅମାନେ ଏ ଖେଳ ଖେଳିଥାଆନ୍ତି ଓ ବର୍ଷସାରା ସ୍କୁଲମାନଙ୍କରେ କିଛି କିଛି ସମୟ ଏହି ପ୍ରକାର ପୁଚି ଖେଳ, ଦଉଡ଼ି ଡିଆଁ ଖେଳ ଆଦି ଖେଳିବା ଦ୍ୱାରା ସେମାନଙ୍କର ଅଙ୍ଗସ୍ପନ୍ଦନ ହେବା ସଙ୍ଗେ ସଙ୍ଗେ ସ୍ୱାସ୍ଥ୍ୟୋନ୍ନତି ଘଟିଥାଏ । ଡିମ୍ବକୋଷ ଓ ଗର୍ଭାଶୟକୁ ଶକ୍ତ କରିବା ଏବଂ ଚନ୍ଦ୍ରଙ୍କ ସ୍ଥିତି ସହିତ ଋତୁସ୍ରାବକୁ ପୁଣ୍ୟକର୍ମ ବୋଲି ଚିନ୍ତା କରିବା ନାରୀମାନଙ୍କର ପ୍ରଧାନ କର୍ତ୍ତବ୍ୟ ।

ବର୍ଷକରେ ଥରେ ଏହି ଜ୍ୟୋତ୍ସ୍ନା ବିଧୌତ ରାକା ରଜନୀ ପ୍ରତ୍ୟେକଙ୍କର ଉପଭୋଗ୍ୟ । ପ୍ରତ୍ୟେକଙ୍କ ପ୍ରାଣରେ ଏହା ଅପୂର୍ବ ଆନନ୍ଦ ଭରିଦେଇ ଜୀବନକୁ ସରସ ସୁନ୍ଦର ଓ ସୁଖମୟ କରିଥାଏ । ଓଡ଼ିଶାର ସହରବାସୀଙ୍କ ଅପେକ୍ଷା ପଲ୍ଲୀବାସୀ ଏହି ପୂର୍ଣ୍ଣିମାର ସରସତା ଅଧିକ ଉପଭୋଗ କରିଥାଆନ୍ତି, କାରଣ ସହରର ଶକ୍ତିଶାଳୀ ବିଦ୍ୟୁତ୍ ଆଲୋକ ଜ୍ୟୋତ୍ସ୍ନାସ୍ନାତ ନିଶିର ଶୋଭା ସନ୍ଦର୍ଶନରେ ପ୍ରତିବନ୍ଧକ ସୃଷ୍ଟିକରେ । ତଥାପି ଲକ୍ଷ୍ମୀପୂଜା ଓ ମେଲୋଡ଼ିର କୋଳାହଳରେ କୁମାର ପୂର୍ଣ୍ଣିମାଟିକୁ ସହରବାସୀ ଆନନ୍ଦ ଉଲ୍ଲାସରେ କଟାଇଥାଆନ୍ତି । ଏବର୍ଷର ଦୁର୍ଗା ପୂଜା ଓ କୁମାରୋତ୍ସବ ପ୍ରତ୍ୟେକଙ୍କ ପ୍ରାଣରେ ଆନନ୍ଦ ଭରିଦେଉ ଏହାହିଁ କାମନା ।

---

* ଉତ୍ତମୁଖଗତ ଚିହ୍ନ—"ଷଡ୍ ୬ଟି, ଏହି ଛଅ ସଂଖ୍ୟା ଅନୁସାରେ ଛଅ ଶରୀରର କାର୍ତ୍ତିକେୟଙ୍କୁ ଷଡ୍ମୁଖ ବୋଲି କହିଛନ୍ତି । ଜାତ ଚିହ୍ନ—କୁମାର ପୂର୍ଣ୍ଣିମା ହେଉଛି କାର୍ତ୍ତିକେୟଙ୍କର ଜନ୍ମ ତିଥି ।

* ଉକ୍ତ ଗୀତଟିର ଭାବାର୍ଥ ହେଲା—ଶରତର ଦୁଇ ଦୁଇ ମାସ ଶୋଭା ବଂଶଗୁଚ୍ଛ ସହିତ ମନମୁଗ୍ଧକର, ତଥାପି ଯୌବନର କାର୍ତ୍ତିକ ପଣରେ ଯୁବକ ଓ ଯୁବତୀମାନଙ୍କର ପୁଲକିତ ମନପ୍ରାଣକୁ ଏହି ଜ୍ୟୋତ୍ସ୍ନାସ୍ନାତ ପବିତ୍ର ରଜନୀ ଆନନ୍ଦ ବିଭୋର କରାଇ ବଂଶର ଦୁମ୍ବଧୁର ସ୍ୱର ଓ ଉଦରର କ୍ଷୁଦ୍ରଲୁକୁ ମନ ଉଦ୍ବେଳିତ କରାଉଛି । ସମସ୍ତେ ଥାନ୍ତି ସେମାନଙ୍କ ।

କ୍ୱାଟର ନଂ **IV-3/4**, ୟୁନିଟ୍-I
ଭୁବନେଶ୍ୱର-୯

ସୃଜନାତ୍ମକ କଳାଦ୍ୱାରା ଜୀବନର ଅନ୍ତର୍ନିହିତ ସତ୍ୟ ଓ ସୌନ୍ଦର୍ଯ୍ୟର ପ୍ରକାଶ ଘଟିଥାଏ । ଯେଉଁ ଶିଳ୍ପୀ, କଳାକାର ଓ ଲେଖକମାନେ ଶତାବ୍ଦୀ ଶତାବ୍ଦୀ ଧରି ସୌନ୍ଦର୍ଯ୍ୟବୋଧର ପରଂପରାକୁ ବଞ୍ଚାଇ ରଖିଛନ୍ତି, ସେମାନଙ୍କ ନିକଟରେ ଆମେ ଯଥେଷ୍ଟ ଋଣୀ । ଏହି ଅମୂଲ୍ୟ ଐତିହ୍ୟକୁ ଆମକୁ ବଜାୟ ରଖିବାକୁ ହେବ ଏବଂ କଳାର ବିକାଶଲାଗି ଉତ୍ତମ ପରିବେଷ୍ଟନୀ ସୃଷ୍ଟି କରିବାକୁ ହେବ ।

**ଶ୍ରୀ ରାଜୀବ ଗାନ୍ଧୀ**

# ପ୍ରଗତି ପଥେ ବୟନ ଶିଳ୍ପ

ଶ୍ରୀ ଶଚୀନ୍ଦ୍ର କୁମାର ଲାଲ

ଉତ୍କୃଷ୍ଟ କଳାର ଦେଶ 'ଉତ୍କଳ', ବୀର ଡିଣ୍ଡିମିତ 'କଳିଙ୍ଗ' ଯେ ଆଧୁନିକ ଓଡ଼ିଶା ରାଜ୍ୟର ଅଂଶବିଶେଷ ଏହା ଇତିହାସ ସ୍ୱୀକାର କରେ । ଏହାର କୋଣାନୁକୋଣରେ କଳାର ଚରମତା ଥିଲା, ଯାହାର ସାକ୍ଷ୍ୟ ଦିଏ ମୃଣ୍ମୟ ସ୍ଥାପତ୍ୟ କୋଣାର୍କ, ଜଗନ୍ନାଥ ତଥା ଲିଙ୍ଗରାଜ ମନ୍ଦିରର ଗାତ୍ର ଏବଂ ଆହୁରି ଅନେକ । ପୁନଶ୍ଚ ବସ୍ତ୍ର ଶିଳ୍ପର ସାକ୍ଷ୍ୟ ଦିଏ ସ୍ୱୟଂ ମହାପ୍ରଭୁଙ୍କର "ପାଟ ପିତାମ୍ବରୀ" । ଜଗନ୍ନାଥଙ୍କ ଇତିହାସ ସହ ଯେ ପାଟ ପିତାମ୍ବରୀ ଓତଃ-ପ୍ରୋତ ଭାବେ ସଂଶ୍ଳିଷ୍ଟ ଏହାକୁ କେହି ଅସ୍ୱୀକାର କରିପାରିବେ ନାହିଁ । ଅର୍ଦ୍ଧ ମାଗଧୀ ଭାଷାରେ ଏ ରାଜ୍ୟର ପ୍ରସୁତି ଦ୍ରବ୍ୟକୁ ହିଁ କଳିଙ୍ଗ କୁହାଯାଏ । ଓଡ଼ିଶାର ଐତିହାସିକ ତଥା ବିଶିଷ୍ଟ ସାହିତ୍ୟିକ ସୁରେନ୍ଦ୍ର ମହାନ୍ତି କହନ୍ତି–"ତାମିଲ ଭାଷାରେ କଳିଙ୍ଗର ଅର୍ଥ ବସ୍ତ୍ର । ଏତାଦୃଶ ପରିପ୍ରେକ୍ଷୀରେ ନିଃସନ୍ଦେହରେ କୁହାଯାଇପାରେ କଳିଙ୍ଗ, ଉତ୍କଳ, ଉଡ୍ର ଅଥବା ଓଡ଼ିଶା ଭୂଖଣ୍ଡ ଦିନେ ବସ୍ତ୍ର ଶିଳ୍ପରେ ସୁପ୍ରସିଦ୍ଧି ଲାଭ କରିଥିଲା । ଧର୍ମ, ସାମାଜିକ ଅନୁଶାସନ ଓ ଅର୍ଥନୈତିକ ପ୍ରଭାବରେ ପ୍ରଭାବିତ ଏ ଦେଶର ସଙ୍ଗୀତ, ସାହିତ୍ୟ, ଭାସ୍କର୍ଯ୍ୟ ଏବଂ ସ୍ଥାପତ୍ୟ ଶିଳ୍ପର ବିକାଶଠାରୁ ବସ୍ତ୍ର ଶିଳ୍ପର ବିକାଶ କୌଣସି ଗୁଣରେ ନ୍ୟୁନ ନଥିଲା । ଏହା ପୂର୍ବ ଏସୀୟ ଦ୍ୱୀପପୁଞ୍ଜମାନଙ୍କର କିମ୍ବଦନ୍ତୀ ପ୍ରକାଶ କରେ । ଢ଼ାକାର "ମସ୍‌ଲିନ୍", ଉତ୍ତର ଭାରତର "ବନାରସୀ ଶାଢ଼ୀ" ସଦୃଶ ଏ ରାଜ୍ୟର "ଖଣ୍ଡୁଆ" ସୁଦୂର ପ୍ରସାରୀ ଥିଲା । ଅପରନ୍ତୁ ଦୁଇଶତ ବର୍ଷର ଜରଦୀ ଇଂରେଜ ଶାସନ ଅନ୍ୟ ରାଜ୍ୟ ସଦୃଶ ଏ ମାଟିର ହସ୍ତ କଳାକୁ ନିଶ୍ଚିହ୍ନ କରିଦେବାର ଶତ ପ୍ରଚେଷ୍ଟା କରିଥିଲା । ତଥାପି ଏ ଜାତିର ଅନ୍ତର୍ନିହିତ ଶକ୍ତି ଦ୍ୱାରା ହେଉ ଅଥବା ଏ ଜାତିର ମେରୁଦଣ୍ଡ, ପରମ ଆରାଧ୍ୟ ସର୍ବମଙ୍ଗଳମୟ ଜଗନ୍ନାଥଙ୍କର ଅପାର କରୁଣାରେ ହେଉ ଅଥବା ଏ ଦୁଇ ଶକ୍ତିର ସମ୍ମିଶ୍ରଣରେ ହେଉ ଏ ଜାତିର କଳା ବଞ୍ଚି ରହିଛି ଏବଂ ବଞ୍ଚି ରହିଥିବ ମଧ୍ୟ ।

କୃଷି ବ୍ୟତୀରେକ ହସ୍ତତନ୍ତ ଶିଳ୍ପ ଆମ ଦେଶର ସର୍ବ ବୃହତ୍ତମ କୁଟୀର ଶିଳ୍ପ ଏବଂ ପ୍ରାୟ ଏକ କୋଟି ଜନତାକୁ ଏ ଶିଳ୍ପ ଅନ୍ନ ବସ୍ତ୍ର ପ୍ରଦାନ କରେ । ସ୍ୱାଧୀନତାର ଠିକ୍ ପରବର୍ତ୍ତୀ କାଳରୁ ଜାତୀୟ ସରକାର ଏ ଶିଳ୍ପର ବିକାଶ ନିମିତ୍ତ ସର୍ବ ଭାରତୀୟ ସ୍ତରରେ ବିଭିନ୍ନ ପଦକ୍ଷେପ ନେଇ ଆସୁଛନ୍ତି । ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଆମର ପୂଜ୍ୟ ଜନନାୟକ ସ୍ୱର୍ଗତଃ ଚକ୍ରବର୍ତ୍ତୀ ରାଜଗୋପାଳଚ୍ଚାରୀ ୧୯୫୧ ମସିହାରେ ଏ ଶିଳ୍ପର ଗୌରବମୟ ଐତିହ୍ୟର ପୁନରୁଦ୍ଧାର ନିମିତ୍ତ ଭାରତ ସରକାରଙ୍କ ନିକଟରେ ନିଜର ଯୋଜନା ଉପସ୍ଥାପନ କରିଥିଲେ ଏବଂ ସେହି ବର୍ଷ "ନିଖିଳ ଭାରତ ହସ୍ତତନ୍ତ ବୋର୍ଡ" ଗଠିତ ହୋଇଥିଲା । ଯାହାକି ଏ ଶିଳ୍ପର ବିକାଶ ଓ ପ୍ରସାର ନିମନ୍ତେ ପ୍ରତ୍ୟକ୍ଷ ଉଦ୍ୟମ ଚଳାଇ ଆସୁଅଛି । ଏତାଦୃଶ ମହାଭାରତୀୟ ସ୍ରୋତରେ ଓଡ଼ିଶାର ବୁଣାକାରମାନଙ୍କର ଭାଗ୍ୟ ପରିବର୍ତ୍ତନ ହେବାର କଥା, ହେଉଅଛି ମଧ୍ୟ । ଏ ଶିଳ୍ପ ପ୍ରତି ମାଇଲଖୁଣ୍ଟ ସର୍ବ ଭାରତୀୟ ପ୍ରଦର୍ଶନୀ ଅଥବା ରାଜ୍ୟସ୍ତରୀୟ ମେଳାର ଅଭିବୃଦ୍ଧିରୁ ସହଜରେ ଅନୁମେୟ ।

ଆମର ପରମ ତଥା ଚରମ ସୌଭାଗ୍ୟ ଯେ ସ୍ୱର୍ଗୀୟା ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଯେତେବାର ଏ ମାଟିରେ ପଦାର୍ପଣ କରିଛନ୍ତି ସେତେବାର ଏ ଜାତିର ହସ୍ତତନ୍ତ ବସ୍ତ୍ର ପ୍ରତି ଆଗ୍ରହ ପ୍ରକାଶ କରିଛନ୍ତି । ତାଙ୍କ ମତରେ ଓଡ଼ିଶାର ବାନ୍ଧ ଶାଢ଼ୀର ସ୍ୱାତନ୍ତ୍ର୍ୟ ରହିଛି । ଆଧୁନିକତା ନାମରେ ଏତାଦୃଶ ମୌଳିକତା ହରାଇଥିବା ଅଜ୍ଞତା ଓ ପରିତାପର ବିଷୟ । ଏ ମହାନ କଳାର ପ୍ରଜ୍ଜ୍ୱଳନ ନିମନ୍ତେ ସଂଶ୍ଳିଷ୍ଟ କଳାକାରମାନଙ୍କୁ ସର୍ବଦା ସାହାଯ୍ୟ ଓ ସହଯୋଗ ଦିଆଯିବା ଉଚିତ୍ । ଏ ସବୁକୁ ଦୃଷ୍ଟିରେ କରି ଆମ ରାଜ୍ୟ ସରକାର ଷଷ୍ଠ ପଞ୍ଚବାର୍ଷିକ ଯୋଜନାରେ ପ୍ରଥମଥର ନିମନ୍ତେ ଏକ ସାମଗ୍ରିକ ପରିକଳ୍ପନା ବ୍ୟାପକ ପରିସର ମଧ୍ୟରେ କାର୍ଯ୍ୟକାରୀ କରିଥିଲେ ଯାହାକି ହସ୍ତତନ୍ତର ଏକ ଅଭୂତପୂର୍ବ ସାଫଲ୍ୟ ଓ ଗୌରବମୟ ରାଷ୍ଟ୍ରୀୟ ପଦକ୍ଷେପ ।

କଳା କୌଶଳ ଦୃଷ୍ଟିରୁ ଓଡ଼ିଶାର ବୟନ ଶିଳ୍ପରେ ମୁଖ୍ୟତଃ ତିନିଗୋଟି ଦିଗ ଦେଖିବାକୁ ମିଳେ । ପ୍ରଥମତଃ ବାନ୍ଧ ବୟନ କଳା, ଦ୍ୱିତୀୟତଃ ଡିଜିମାଙ୍କୁ ଦ୍ୱାରା କୁମ୍ଭ ପଦ୍ଧତି ଏବଂ ତୃତୀୟତଃ ବୁଟାଦାର ନକ୍ସା ବୟନ ପଦ୍ଧତି ।

### (୧) ବାନ୍ଧ ବୟନ କଳା:—

ପଶ୍ଚିମ ଓଡ଼ିଶାରେ ଏ କଳାର ବହୁଳ ପ୍ରସାର ଘଟିଛି । ଚିକିତ୍ସା ସମୟର ଗବେଷଣାରୁ ଜଣାଯାଏ ଯେ ମୁସଲମାନ୍ ଆକ୍ରମଣରୁ ନିଜକୁ ରକ୍ଷା କରିବା ଉଦ୍ଦେଶ୍ୟରେ ଦିଲ୍ଲୀ ଓ ରାଜସ୍ଥାନ ଅଞ୍ଚଳରେ ବାସ କରୁଥିବା "ଭୁଲିଆ ମେହେର" ନାମକ ଏକ ସଂପ୍ରଦାୟ ସେ ଅଞ୍ଚଳରୁ ଆସିଥିବା ପଶ୍ଚିମ ଓଡ଼ିଶା ରାୟପୁର ଅଞ୍ଚଳରେ ବସବାସ କରିଥିଲେ । ଏହା ପ୍ରାୟ ଦ୍ୱାଦଶ ଶତାବ୍ଦୀର ଘଟଣା । ଅଧିକନ୍ତୁ କଟକ ଜିଲ୍ଲାର ନୂଆପାଟଣା ଓ ମାଣିଆବନ୍ଧ ଆଦି ଅଞ୍ଚଳରେ ପ୍ରସ୍ତୁତ ବାନ୍ଧ ଲୁଗାର ଇତିହାସ ପ୍ରାୟ ଦୁଷ୍ପ୍ରାପ୍ୟ । କେଉଁ ଅଞ୍ଚଳରୁ ଆସି ଅଥବା କାହାର ପ୍ରଭାବରେ ଏହି କଳା ଏଠାରେ ପ୍ରସିଦ୍ଧି ଲାଭ କରିଛି ସେ ସମ୍ବନ୍ଧରେ କୌଣସି ତଥ୍ୟ ଆଜି ପର୍ଯ୍ୟନ୍ତ ମିଳିନାହିଁ ।

ଏ ପ୍ରକାର ଉନ୍ନତ କଳାକୁ ଯୁଗପୋଯୋଗୀ ତଥା ସୁବ୍ୟବସ୍ଥିତ କରିବାକୁ ଜାତୀୟ ସରକାର ବିଭିନ୍ନ ଯୋଜନା ମାଧ୍ୟମରେ ଉଦ୍ୟମ ଅବ୍ୟାହତ ରଖିଛନ୍ତି । ଓଡ଼ିଶାର ପ୍ରାୟ ୨୫ ହଜାରରୁ ୩୦ ହଜାର ହସ୍ତତନ୍ତ ଏ ଶିଳ୍ପରେ ନିଯୁକ୍ତ ଅଛେ । ଯାହାକି ଏ ରାଜ୍ୟର ମୋଟ ତନ୍ତ ସଂଖ୍ୟାର ଏକ ଚତୁର୍ଥାଂଶ ।

## (୨) ତିନିମାଙ୍କୁ ବିଶିଷ୍ଟ ଜୁମ୍ ବୟନ ପଦ୍ଧତି

ଏ କଳା ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ପରିଲକ୍ଷିତ ହେଉଥିଲା, ମାତ୍ର ଏହା ସମୟ ସାପେକ୍ଷ ଏବଂ ଦୁଇଜଣ ବୁଣାକାରଙ୍କର ଆବଶ୍ୟକତା ଥିବାରୁ ଏ କଳା ପ୍ରାୟ ଲୁପ୍ତ ହେବାକୁ ଯାଉଛି । କଟକ ଜିଲ୍ଲାର ବାଙ୍କୀ ସବ୍‌ଡିଭିଜନ୍ ଅନ୍ତର୍ଗତ ରଗଡ଼ି ଗ୍ରାମ ଏ କଳା ପାଇଁ ପ୍ରସିଦ୍ଧି ଲାଭ କରିଛି । ଲୋକ ଭାଷାରେ ଏହାକୁ ରଗଡ଼ି ଜୁମ୍ କୁହାଯାଉଅଛି । ଏ ପ୍ରକାର ଡ଼ିଜାଇନ୍ ପାଟ, ମଠା ଆଦି ତନ୍ତୁରେ ହୋଇଥାଏ । ସରକାର ଏ କଳା ପ୍ରତି ବିଶେଷ ଧ୍ୟାନ ଦେଉଛନ୍ତି ।

## (୩) ବୁଟାଦାର ନକ୍‌ସା ବୟନ ପଦ୍ଧତି

ଗ୍ରାମୀଣ ଭାଷାରେ ଏ ପ୍ରକାର କଳାକୁ 'ଫୋଡା ନକ୍‌ସା' କୁହାଯାଇଥାଏ । ଏ କଳାରୁ ଉପନ୍ନ ପର୍ଦ୍ଦା, ବିଛଣା ଚଦର, ତକିଆ ଖୋଳ ଏବଂ ଗୃହ ମଣ୍ଡନ ବସ୍ତ୍ର ହିସାବରେ ବ୍ୟବହୃତ ହୋଇଥାଏ । ଅନେକ କ୍ଷେତ୍ରରେ ଅଳଙ୍କାରିକ ଦୃଷ୍ଟିରୁ ସୂକ୍ଷ୍ମ ସୂତାରେ ଶାଢ଼ୀର ଅଞ୍ଚଳ ଏବଂ ଧ୍ୱଜଳ ଥାନ ନିମନ୍ତେ ଏ କଳା ବ୍ୟବହୃତ ହୋଇଥାଏ । ପୁରୀ ଜିଲ୍ଲାର ଧଳାପଥରରେ ଏ କଳାର ପ୍ରଭାବରେ ପ୍ରସ୍ତୁତ ପର୍ଦ୍ଦା, ସାର୍ଫ୍ ଓଡ଼ିଶା କାହିଁକି ସାରା ଭାରତରେ ପ୍ରସିଦ୍ଧି ଲାଭ କରିଛି ।

ବସ୍ତ୍ର ଅଳଂକୃତ ନିମିତ୍ତ ଏ ପଦ୍ଧତି ଅତି ସହଜରେ ବହୁଳ ପରିମାଣରେ ବର୍ତ୍ତମାନ ବ୍ୟବହାର କରାଯାଉଛି । ସ୍ଥୂଳ, ସୂକ୍ଷ୍ମ ସୂତା ଶାଢ଼ୀଠାରୁ ଆରମ୍ଭ କରି ବହୁ ମୂଲ୍ୟବାନ ପାଟ ମଠା ଶାଢ଼ୀରେ ବାନ୍ଧ ସାଙ୍ଗକୁ ଏ କଳାର ପର୍ଶ ଆମେ ବହୁ ପରିମାଣରେ ଦେଖିବାକୁ ପାଉଛୁ । ବୋଧହୁଏ ଏ କଳା ବିନା ବାନ୍ଧର ସୌନ୍ଦର୍ଯ୍ୟ ଏତେ ପରିମାଣରେ ଉପଲବ୍ଧି କରି ହୁଅନ୍ତା ନାହିଁ । ଅତି ସୁଖର କଥା ଯେ ବୟନ ଶିଳ୍ପ ନିର୍ଦ୍ଦେଶାଳୟର ପ୍ରଚେଷ୍ଟାରେ ଏ ପ୍ରକାରର ଲୁଗା ସାରା ଓଡ଼ିଶାରେ ପ୍ରସାରିତ ହୋଇଅଛି ।

ଜାତୀୟ ତଥା ରାଜ୍ୟ ସରକାରଙ୍କର **ବିଶେଷକରି** ବିଂଶସୂତ୍ରୀ କାର୍ଯ୍ୟକ୍ରମର ଏକ ପ୍ରଧାନ ଅଂଶ ରୂପେ ଷଷ୍ଠ ପଞ୍ଚବାର୍ଷିକ ଯୋଜନା କାଳରେ ଓଡ଼ିଶାରେ ହସ୍ତତନ୍ତ ଶିଳ୍ପର ଏକ ବୈପ୍ଳବିକ ପରିବର୍ତ୍ତନ ହୋଇପାରିଛି ।

ବର୍ତ୍ତମାନ ସଦ୍ୟ ସୁମାରୀରୁ ଜଣାଯାଏ ଯେ ଓଡ଼ିଶାର ବୁଣାକାରମାନଙ୍କର ସଂଖ୍ୟା ୩ ଲକ୍ଷରୁ ୫ ଲକ୍ଷକୁ ବୃଦ୍ଧି ପାଇଅଛି ଏବଂ ପଞ୍ଚମ ଯୋଜନାର ଶେଷ କାଳରେ ସଂଗଠନ ପରିସର ମଧ୍ୟରେ ମୋଟ ୩୯,୭୮୬ ତନ୍ତ କାର୍ଯ୍ୟ କରୁଥିବା ସ୍ଥଳେ ଷଷ୍ଠ ପଞ୍ଚବାର୍ଷିକ ଯୋଜନାର ଶେଷ ସୁଦ୍ଧା ୮୫,୦୦୦କୁ ବୃଦ୍ଧି ପାଇଅଛି । ଏ କ୍ଷେତ୍ରରେ ଓଡ଼ିଶା ଭାରତରେ ଏକ ଅଗ୍ରଣୀ ରାଜ୍ୟ ରୂପେ ସ୍ଥାନ ପାଇଅଛି । ବିଂଶସୂତ୍ରୀ କାର୍ଯ୍ୟକ୍ରମରେ ବୈଷୟିକ ଜ୍ଞାନର ଉନ୍ନତି ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏ ଯୋଜନା ମାଧ୍ୟମରେ ବୁଣାକାରମାନଙ୍କର ପୁରାତନ ତନ୍ତମାନ ପରିବର୍ତ୍ତନ କରାଯାଇ ଆଧୁନିକ ଅଧିକ ଉତ୍ପାଦନକ୍ଷମ ତନ୍ତ ପ୍ରଚଳନ କରାଯାଇଛି । ଏତଦ୍‌ସହିତ ପୁରାତନ ତନ୍ତରେ ଆଧୁନିକ ଯନ୍ତ୍ରପାତି ଖଞ୍ଜାଯାଇ ସେ ତନ୍ତଗୁଡ଼ିକ ଆଧୁନିକ ତନ୍ତ ସହିତ ସମକକ୍ଷ ହେବାର ପ୍ରଚେଷ୍ଟା କରାଯାଇଛି । ଏ ଚତୁର ପ୍ରକାରରେ ବୁଣାକାରମାନଙ୍କର ଆର୍ଥିକ ମାନଦଣ୍ଡ ଉନ୍ନତ ହେବାରେ ଲାଗିଛି । ପୁନଶ୍ଚ ଉପରୋକ୍ତ ଆଧୁନିକ ତନ୍ତ ଏବଂ **ଯନ୍ତ୍ରପାତିର ପ୍ରକୃଷ୍ଟ** ଉପଯୋଗ ନିମନ୍ତେ ବୁଣାକାରମାନଙ୍କୁ ସ୍ୱତନ୍ତ୍ର ତାଲିମ ନିୟମିତ ଭାବରେ ଦିଆଯାଉଅଛି । ଷଷ୍ଠ ପଞ୍ଚବାର୍ଷିକ ଯୋଜନାରେ ଆମ ରାଜ୍ୟରେ ସଙ୍ଗଠନ ପରିସର ମଧ୍ୟରେ ୫୩,୯୬୩ ତନ୍ତ ଆଧୁନିକୀକରଣ କରାଯାଇଅଛି । ଏ କ୍ଷେତ୍ରରେ ମଧ୍ୟ ଆମ ରାଜ୍ୟ ସର୍ବ ଭାରତୀୟ ସ୍ତରରେ ଅଗ୍ରାଧିକାର ଲାଭ କରିଛି ।

ବସ୍ତ୍ର ଉତ୍ପାଦନ ନିମନ୍ତେ ସୂତା ପ୍ରଧାନ ଉପାଦାନ ଅଟେ । କଞ୍ଚାମାଲର ଅଭାବରୁ ବିଗତ ୫ଟି ଯୋଜନା ମଧ୍ୟରେ ଆମ ରାଜ୍ୟ ବସ୍ତ୍ର ଉତ୍ପାଦନ ପାଇଁ ଅନ୍ୟାନ୍ୟ ରାଜ୍ୟ ଉପରେ ନିର୍ଭର କରୁଥିଲା । କିନ୍ତୁ ୬ଷ୍ଠ ପଞ୍ଚବାର୍ଷିକ ଯୋଜନା କାଳ ମଧ୍ୟରେ ରାଜ୍ୟ ସରକାର ବଳିଷ୍ଠ ପଦକ୍ଷେପ ନେଇ ୬ ଗୋଟି ସୂତା କଳ ସମବାୟ ପରିସର ମଧ୍ୟରେ ପ୍ରତିଷ୍ଠା କରିବାକୁ ଯୋଜନା କରିଥିଲେ ଏବଂ ଉକ୍ତ ଯୋଜନାର ଶେଷ ସମୟକୁ ଏ ସମସ୍ତ ସୂତା କଳରୁ ଉତ୍ପାଦନ ଆରମ୍ଭ ହୋଇଛି । ବର୍ତ୍ତମାନ ରାଜ୍ୟରେ ସମବାୟ ସୂତା କଳ ଅଧୀନରେ ୧.୫୬ ଲକ୍ଷ ଗୋଟି ଟାକୁଡ଼ି ବସା ଗଲାଣି । ଏହା ବ୍ୟତୀତ ସରକାରୀ ଉଦ୍ୟୋଗରେ ମଧ୍ୟ ୦.୭୫ ଲକ୍ଷ ଟାକୁଡ଼ି ଥାଇ ମୋଟ ୯ ଗୋଟି ସୂତା କଳ ସ୍ଥାପନ କାର୍ଯ୍ୟ ହାତକୁ **ନିଆଯାଇଛି,** ସେଥିମଧ୍ୟରୁ ୮ଟି ସୂତା କଳ କାର୍ଯ୍ୟକାରୀ ହୋଇଛି ।

ଏତଦ୍‌ବ୍ୟତୀତ ବୁଣାକାର ସମ୍ପ୍ରଦାୟର ସାମୂହିକ ଉନ୍ନତି ନିମନ୍ତେ ଅନେକଗୁଡ଼ିଏ ଯୋଜନା କାର୍ଯ୍ୟକାରୀ ହେଉଅଛି ଯଥା– (୧) ବୁଣାକାର ସମିତିର ସଭ୍ୟ ହେବା ପାଇଁ ଜଣ ପ୍ରତି ୨୦୦ ଟଙ୍କା ଅଂଶ ଋଣ ଓ ଅନୁଦାନ ସାହାଯ୍ୟ (୨) ପରିଚାଳନା ନିମିତ୍ତ ଅନୁଦାନ (୩) ଗୋଦାମ ଗୃହ ନିର୍ମାଣ ନିମିତ୍ତ ଋଣ ଓ ଅନୁଦାନ (୪) ରିଜର୍ଭ ବ୍ୟାଙ୍କ କାର୍ଯ୍ୟକାରୀ ଋଣ ଧନର ସୁଧ ଉପରେ ରିହାତି (୫) ଲୁଗା ବିକ୍ରୟ ଉପରେ ଶତକଡ଼ା ୨୦ ଭାଗ ସ୍ୱତନ୍ତ୍ର ରିହାତି (୬) ହରିଜନ ବୁଣାକାରମାନଙ୍କର ଉନ୍ନତି ନିମନ୍ତେ ସ୍ୱତନ୍ତ୍ର ବିକାଶ ଯୋଜନା (୭) ଆଦିବାସୀ ଅଞ୍ଚଳର ବୁଣାକାରମାନଙ୍କର ଉନ୍ନତି ପାଇଁ ଉତ୍ପାଦନ ତଥା ତାଲିମ କେନ୍ଦ୍ର ସ୍ଥାପନ ଓ (୮) ରାଜ୍ୟର ଦୁର୍ବଳ ଶ୍ରେଣୀର ଲୋକଙ୍କ ପାଇଁ ବର୍ଷକୁ ପ୍ରାୟ ୩୦୦ ଲକ୍ଷ ମିଟର ଜନତା ବସ୍ତ୍ର ସୁଲଭ ମୂଲ୍ୟରେ ଯୋଗାଣ ଇତ୍ୟାଦି । ଅଧିକନ୍ତୁ ସୁଖର ବିଷୟ ୭ମ ପଞ୍ଚବାର୍ଷିକ ଯୋଜନା କାଳରେ ବୁଣାକାରମାନଙ୍କର ସାମାଜିକ ଉନ୍ନତି ପାଇଁ ୨ଟି ନୂତନ ଯୋଜନା କାର୍ଯ୍ୟକାରୀ କରାଯାଉଅଛି ଯଥା–

ବୁଣାକାରମାନଙ୍କର କ୍ଷୁଦ୍ର ସଞ୍ଚୟ ଯୋଜନାରେ ସରକାରଙ୍କର ଆର୍ଥିକ ସାହାଯ୍ୟ ଏବଂ ଗୃହ ନିର୍ମାଣ ଅମାନତ ଯୋଜନାରେ ସରକାର ନିୟମିତ ରୂପେ ସାହାଯ୍ୟ କରୁଛନ୍ତି । ସମିତି ତଥା ନିଗମ ମାଧ୍ୟମରେ ବୁଣାକାର ସଭ୍ୟଙ୍କୁ ବାର୍ଷିକ ୧୮୦ ଟଙ୍କା ସହ ଅନୁଦାନ ଦେଇ ଏକ ସଞ୍ଚୟମାନ ଯୋଜନା କାର୍ଯ୍ୟକାରୀ ହେଉଛି । ଯଦ୍ୱାରା ବୁଣାକାର ବୃଦ୍ଧ କିମ୍ବା ଅକ୍ଷମ ହୋଇପଡ଼ିଲେ ଏହା ଏକକାଳୀନ ପାଇ ପାରିବେ ଅଥବା ବୁଣାକାରଙ୍କର ମୃତ୍ୟୁ ହେଲେ ତାଙ୍କ ଉତ୍ତରାଧିକାରୀ ହୋଇପାରିବେ । ଗୃହ ନିର୍ମାଣ ଯୋଜନା ଦ୍ୱାରା ସେମାନେ ସହଜ ଜୀବନ ଯାପନ କରିବା ସଙ୍ଗେ ସଙ୍ଗେ ନିଜର କୌଳିକ ବୃତ୍ତିର ମାନ ଉନ୍ନତ କରିପାରିବେ । ୭ମ ପଞ୍ଚବାର୍ଷିକ ଯୋଜନା କାଳରେ ତନ୍ତ ଆଧୁନିକୀକରଣ କାର୍ଯ୍ୟକ୍ରମରେ ଅଧିକ ପରିମାଣରେ ତନ୍ତଶାଳାକୁ ବିଦ୍ୟୁତ୍‌କରଣ କରିବାର ପରିକଳ୍ପନା କରାଯାଇଛି । ଯଦ୍ୱାରା ଉପରୋକ୍ତ ସମସ୍ତ ଯୋଜନାର ଅଧିକ ସୁଫଳ ରୂପାୟନ ହୋଇ ପାରିବ ।

ବିଗତ ଶତାବ୍ଦୀମାନଙ୍କର ଦାସତ୍ୱ ତଥା ବିଦେଶୀ ଶାସନର ଶୋଷଣ ପରେ ଆଜି ଓଡ଼ିଶା କାହିଁକି ସର୍ବ ଭାରତୀୟ ସ୍ତରରେ ପୁରପଲ୍ଲୀମାନଙ୍କରେ ପଞ୍ଚବାର୍ଷିକ ଯୋଜନା ମାଧ୍ୟମରେ ଯେଉଁ ଉତ୍ସାହ ଏବଂ ଉଦ୍ଦୀପନା ସୃଷ୍ଟି ହେଉଛି ତାହାର ଫଳ ସ୍ୱରୂପ ଅନ୍ୟମାନଙ୍କ ପରି ଆମ ରାଜ୍ୟର ବୁଣାକାର ସମ୍ପ୍ରଦାୟ ଏକ ସରସ ସୁନ୍ଦର ଜୀବନ ଯାପନ କରିପାରିବେ, ଏହା ନିଃସନ୍ଦେହ । ବୃହତ୍ ଉତ୍କଳର ଯେଉଁ ସୁଦୂରପ୍ରସାରୀ ପଦକ୍ଷେପମାନ ଆମେ ନେଉଛୁ ତଦ୍ୱାରା ଆମର କଳା ଓ ସଂସ୍କୃତିର ଉନ୍ନତି ସହିତ ଆଧୁନିକ ଯୁଗ ସଙ୍ଗେ ତାଳ ଦେଇ ଆମେ ସମସ୍ତେ ନିଶ୍ଚୟ ଗୁଳିପାରିବୁ । ସାମାଜିକ ଏବଂ ଅର୍ଥନୈତିକ ଜୀବନର ଉନ୍ନତି କରିପାରିବୁ ଏହା ଆମର ଦୃଢ଼ ସଂକଳ୍ପ ।

ଉପ-ନିର୍ଦ୍ଦେଶକ, ବୟନଶିଳ୍ପ
ଓଡ଼ିଶା, ଭୁବନେଶ୍ୱର

TATA TATA TATA TATA TATA TATA TATA TATA TATA TATA TATA TATA

*For*

*Quality*

*Refractories*

***APPROACH—***

# TATA

## REFRACTORIES LIMITED

***P. O. BELPAHAR***

***Dist. SAMBALPUR, ORISSA***

*Pin: 768218*

# ସମ୍ବଲପୁର ଜିଲ୍ଲାରେ ଖଣି ଓ ଖଣିଜ ସଂପଦର ଉନ୍ନୟନ

ଶ୍ରୀ ରବିନାରାୟଣ ସାହୁ

ସମ୍ବଲପୁର ଜିଲ୍ଲା ବିବିଧ ପ୍ରକାର ଖଣିଜ ପଦାର୍ଥ ଯଥା କୋଇଲା, ଚୂନପଥର, ବକ୍‌ସାଇଟ୍, ଗ୍ରାଫାଇଟ୍, ଫାୟାରକ୍ଲେ, ଚାଇନାକ୍ଲେ, କ୍ୱାଟର୍ଜ୍, କ୍ୱାର୍ଟଜାଇଟ୍, ଫେଲସ୍‌ପାର, ସୋପଷ୍ଟୋନ, କ୍ୟାନାୟିଟ୍, ସିଲମାନାଇଟ୍, ଆଜବେସଟ୍‌ସ ଓ ମାଙ୍ଗାନିଜ ପଥର ଆଦି ଦ୍ୱାରା ସମୃଦ୍ଧ । ଗତ ୨/୩ ବର୍ଷ ମଧ୍ୟରେ ଏହି ଜିଲ୍ଲାରେ ଖଣିଜ ଉନ୍ନୟନ କ୍ଷେତ୍ରରେ ଲକ୍ଷଣୀୟ ଅଗ୍ରଗତି ଘଟିଅଛି ଏବଂ ଓଡ଼ିଶାର ଖଣି ରାଜସ୍ୱକୁ ସମ୍ବଲପୁର ଜିଲ୍ଲାର ଅବଦାନ ଉଲ୍ଲେଖଯୋଗ୍ୟ ହୋଇଅଛି ।

ଏହି ଜିଲ୍ଲାରେ ବିଭିନ୍ନ ଖଣିଜ ପଦାର୍ଥ ପାଇଁ ରାଜ୍ୟ ସରକାର ୭୧ ଗୋଟି ଖଣି ପଟ୍ଟା ମଞ୍ଜୁର କରିଛନ୍ତି ଏବଂ ତନ୍ମଧ୍ୟରୁ ବର୍ତ୍ତମାନ ୩୧ ଗୋଟି ଖଣି ପଟ୍ଟା କାର୍ଯ୍ୟକାରୀ ହେଉଅଛି । ଖଣିଜ ଭାଗି ସେଗୁଡ଼ିକର ସଂଖ୍ୟା ହେଲା— କୋଇଲା-୭, ଚୂନପଥର-୨, ବକ୍‌ସାଇଟ୍-୧, ଗ୍ରାଫାଇଟ୍-୭, ଫାୟାରକ୍ଲେ-୭, ଚାଇନାକ୍ଲେ-୩, କ୍ୱାର୍ଟଜ ଓ କ୍ୱାର୍ଟଜାଇଟ୍-୨ ଓ ସୋପ୍‌ଷ୍ଟୋନ-୨ ।

ଏହି ଜିଲ୍ଲାରୁ ମୁଖ୍ୟ ଖଣିଜ ପଦାର୍ଥଗୁଡ଼ିକର ବାର୍ଷିକ ପ୍ରେରଣ ପରିମାଣ ନିମ୍ନସୂଚିତ ପ୍ରକାରେ ରହିଅଛି ।

କୋଇଲା— ୧୪ ଲକ୍ଷ ଟନ
ଚୂନପଥର— ୬ ଲକ୍ଷ ଟନ
ଗ୍ରାଫାଇଟ— ୯ ହଜାର ଟନ
ଫାୟାରକ୍ଲେ— ୨୬ ହଜାର ଟନ
ଚାଇନାକ୍ଲେ— ୧୫ ହଜାର ଟନ

ସମ୍ବଲପୁର ଜିଲ୍ଲାର ଖଣି ରାଜସ୍ୱ ଗତ ପାଞ୍ଚ ବର୍ଷରେ ତିନି ଗୁଣରୁ ଊର୍ଦ୍ଧ୍ୱକୁ ବୃଦ୍ଧି ପାଇଅଛି । ୧୯୭୯-୮୦ ମସିହାରେ ଜିଲ୍ଲାର ଖଣି ରାଜସ୍ୱ ମାତ୍ର ୭୦ ଲକ୍ଷ ଟଙ୍କା ଥିବା ସ୍ଥଳେ ଏହା ବର୍ତ୍ତମାନ ୨ କୋଟି ଟଙ୍କାରୁ ଅଧିକ ଅଟେ । ୧୯୮୩-୮୪ ମସିହାରେ ଜିଲ୍ଲାର ସର୍ବୋଚ୍ଚ ଖଣି ରାଜସ୍ୱ ୨ କୋଟି ୪୦ ଲକ୍ଷ ଟଙ୍କା ହୋଇଥିଲା ।

ନିକଟ ଭବିଷ୍ୟତରେ ଖଣିଜ ଉନ୍ନୟନ କ୍ଷେତ୍ରରେ କୋଇଲା, ଚୂନପଥର ଓ ବକ୍‌ସାଇଟର ଭୂମିକା ଗୁରୁତ୍ୱପୂର୍ଣ୍ଣ ହେବ ।

୧୯୭୩ ମସିହା ମଇ ମାସରେ କୋଇଲା ଖାଦାନଗୁଡ଼ିକର ଜାତୀୟକରଣ ପରଠାରୁ ଭାରତ ସରକାରଙ୍କ ଏକ କମ୍ପାନୀ କୋଲ ଇଣ୍ଡିଆ ଲିମିଟେଡ୍‌ଙ୍କ ଅନ୍ୟତମ ସହଯୋଗୀ କମ୍ପାନୀ ୱେଷ୍ଟର୍ଣ୍ଣ କୋଲଫିଲଡ୍ ଲିମିଟେଡ୍ ଏହି ଜିଲ୍ଲାର ଇବ ଉପତ୍ୟକାରେ ଥିବା ବ୍ରଜରାଜନଗର ବେଲପାହାଡ ଇଲାକାରେ ୭ ଗୋଟି କୋଇଲା ଖାଦାନରେ କାର୍ଯ୍ୟ କରିଆସୁଥିଲେ । ସେଥିମଧ୍ୟରୁ ୫ ଗୋଟି ଭୂତଳ ଖାଦାନ ଓ ଅନ୍ୟ ଦୁଇଟି ଖୋଲା ଖାଦାନ ଅଟେ । ଚଳିତ ବର୍ଷ ପ୍ରାରମ୍ଭରୁ ସାଉଥ୍ ଇଷ୍ଟର୍ଣ୍ଣ କୋଲଫିଲଡ୍ ନାମକ କୋଲ ଇଣ୍ଡିଆ ଲିମିଟେଡ୍‌ଙ୍କ ଏକ ନୂତନ ସହଯୋଗୀ କମ୍ପାନୀ ଗଠିତ ହୋଇଅଛି । ଏହି କମ୍ପାନୀଙ୍କର ସଦର କାର୍ଯ୍ୟାଳୟ ମଧ୍ୟପ୍ରଦେଶର ବିଳାସପୁରଠାରେ ଅବସ୍ଥିତ ଏବଂ ମଧ୍ୟପ୍ରଦେଶର କେତେକ କୋଇଲା କ୍ଷେତ୍ର ସହ ଓଡ଼ିଶାର ଇବ୍ ଉପତ୍ୟକା ଓ ତାଳଚେର କୋଇଲା କ୍ଷେତ୍ର ଏହି ନୂତନ କମ୍ପାନୀଙ୍କର କର୍ତ୍ତୃତ୍ୱାଧୀନ । ତାଳଚେର କୋଇଲା କ୍ଷେତ୍ର ପରି ସମ୍ବଲପୁର ଜିଲ୍ଲାର ଇବ୍ ଉପତ୍ୟକା କୋଇଲା କ୍ଷେତ୍ରରେ ଉନ୍ନୟନ ସଂପ୍ରତି କ୍ଷିପ୍ରତରେ ହୋଇ ଉଠିଅଛି । ଇବ୍ ଉପତ୍ୟକାରେ ପ୍ରଥମ କରି ବେଲପାହାଡ ଠାରେ ୧୯୮୪ ମସିହା ମାର୍ଚ୍ଚ ମାସରୁ ଏକ ଖୋଲା ଖାଦାନ କାର୍ଯ୍ୟ ଆରମ୍ଭ କରିଅଛି ଓ ପରେପରେ ଉକ୍ତ ବର୍ଷ ଅଗଷ୍ଟ ମାସରୁ ଅନ୍ୟ ଗୋଟିଏ ଖୋଲା ଖାଦାନ ଅର୍ଥାତ୍ ଲାଜକୁରା ଖୋଲା ଖାଦାନ ମଧ୍ୟରେ କାର୍ଯ୍ୟ ଆରମ୍ଭ କରିଅଛି । ପ୍ରଥମୋକ୍ତ ଖାଦାନରୁ ବାର୍ଷିକ ୨ ନିୟୁତ ଟନ ଓ ଦ୍ୱିତୀୟୋକ୍ତ ଖାଦାନରୁ ବାର୍ଷିକ ୧ ନିୟୁତ ଟନ କୋଇଲା ଉତ୍ତୋଳିତ ହେବ । ଇବ୍ ଉପତ୍ୟକାର ୫ଟି ଭୂତଳ ଖାଦାନରୁ ବର୍ଷକୁ ମାତ୍ର ୧.୪ ନିୟୁତ ଟନ କୋଇଲା ପ୍ରେରିତ ହେଉଥିବା ସ୍ଥଳେ ଉପରୋକ୍ତ ୨ଟି କୋଇଲା ଖାଦାନରୁ ବାର୍ଷିକ ମୋଟ ୩ ନିୟୁତ ଟନ କୋଇଲା ଉତ୍ତୋଳିତ ହେବ । ଏହି ଦୁଇଟି ଖାଦାନର କୋଇଲା ପ୍ରଧାନତଃ ବିଦ୍ୟୁତ ଶକ୍ତି ଉତ୍ପାଦନ ନିମିତ୍ତ ବ୍ୟବହାରୋପଯୋଗୀ । ବେଲପାହାଡ ଖୋଲା ଖାଦାନର କୋଇଲା ମୁଖ୍ୟତଃ ଦେଶର ପଶ୍ଚିମ ଭାଗରେ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ନିମନ୍ତେ ବ୍ୟବହୃତ ହେବ ଏବଂ ଲାଜକୁରା ଖୋଲା ଖାଦାନର କୋଇଲା ପୁରାପୁରି ନାଲକୋଙ୍କ ଦ୍ୱାରା ବିନିଯୁକ୍ତ ହେବ ।

ଇବ୍ ଉପତ୍ୟକାରେ ୪,୪୫୦ ନିୟୁତ ଟନ୍ କୋଇଲା ସଞ୍ଚିତ ଥିବାର ଅଟକଳ କରାଯାଇଅଛି । ବେଲପାହାଡ ନିକଟସ୍ଥ ଅନ୍ୟ ଏକ ଇଲାକାରେ ସହଜ ଖନନ ସାପେକ୍ଷ ୨୭୭ ନିୟୁତ ଟନ୍ କୋଇଲାର ନିକ୍ଷେପ ନିର୍ଣ୍ଣିତ ହୋଇଅଛି । ଏଠାରେ ପ୍ରସ୍ତାବିତ ଖୋଲା ଖାଦାନରୁ ବାର୍ଷିକ ୯ ନିୟୁତ ଟନ୍ କୋଇଲା ଅକ୍ଳେଶରେ ଉତ୍ପାଦନ କରାଯାଇପାରିବ । ଏହି ଖାଦାନକୁ ଭିତ୍ତିକରି ବନହରପାଲିଠାରେ ରାଜ୍ୟସରକାରଙ୍କ ତରଫରୁ ଏକ ସୁପର ଥର୍ମାଲ ପାୱାର ଷ୍ଟେସନର ପରିକଳ୍ପନା କରାଯାଇଅଛି । ଏହି ପ୍ରକଳ୍ପଟିକୁ ଭାରତ ସରକାରଙ୍କ ଯୋଜନା କମିଶନ ନୀତିଗତ ଭାବେ ଅନୁମୋଦନ କରି ସାରିଛନ୍ତି ଏବଂ ଓଡ଼ିଶା ଶକ୍ତି ଉତ୍ପାଦନ ନିଗମ ଏଠାରେ ପ୍ରାରମ୍ଭିକ କାର୍ଯ୍ୟ ଜୋରସୋର ଆରମ୍ଭ କରି ଦେଇଛନ୍ତି ।

ଇବ୍‌ନଦୀର ଦକ୍ଷିଣ ପାର୍ଶ୍ୱରେ ବ୍ରଜରାଜନଗର, ବେଲପାହାଡ ଅଞ୍ଚଳରେ କୋଇଲା ଉନ୍ନୟନ କାର୍ଯ୍ୟକଳାପର ସଂପ୍ରସାରଣ ପାଇଁ ଯେ କେବଳ ସୁବିସ୍ତୃତ କ୍ଷେତ୍ର ରହିଅଛି ତାହା ନୁହେଁ, ଏହା ସଙ୍ଗେ ସଙ୍ଗେ ଏହାର ବାମ ପାର୍ଶ୍ୱରେ ଝିଲ୍ଲା-ତଲାବିରା ଇଲାକାରେ ଏକ ନୂତନ

କୋଇଲା ଖାଦାନ ଖୋଲିବାର ପ୍ରଭୂତ ସମ୍ଭାବନା ଦେଖା ଦେଇଅଛି । ଏହି ଇଲାକାରେ ପ୍ରାୟ ୩୦ ବର୍ଗ କିଲୋମିଟର ପରିମିତି କ୍ଷେତ୍ରରେ ବର୍ତ୍ତମାନ ରାଜ୍ୟ ସରକାରଙ୍କ ଖଣି ଓ ଭୂତତ୍ତ୍ୱ ନିର୍ଦ୍ଦେଶାଳୟ ତରଫରୁ ଡ୍ରିଲିଂ କାର୍ଯ୍ୟ କରିଆରେ କୋଇଲା ନିକ୍ଷେପର ନିର୍ଣ୍ଣୟ କରାଯାଉଅଛି । ଏହି ଇଲାକାରେ ୭୦ ମିଟର ମୋଟାର ଏକ କୋଇଲା ସ୍ତର ଥିବାର ଜଣାଯାଇଅଛି । ବସ୍ତୁତଃ ଜିଲ୍ଲାରେ ଏତେ ମୋଟା କୋଇଲା ସ୍ତର ଅନ୍ୟ କୁତ୍ରାପି ଥିବାର ଜଣାଯାଇନାହିଁ । ଏହି ଇଲାକାରେ ପ୍ରାୟ ୧,୦୦୦ ନିୟୁତ ଟନ କୋଇଲା ଗଚ୍ଛିତ ଥିବାର ଅନୁମିତ ହୁଏ ।

ସେହିପରି ଜିଲ୍ଲାର ଅନ୍ୟତମ ଅପେକ୍ଷାକୃତ ଅନଗ୍ରସର ସବ୍‌ଡିଭିଜନ ରେଢାଖୋଲର ରଇଲ ଇଲାକାରେ ଏକ ନୂତନ କୋଇଲା କ୍ଷେତ୍ର ରାଜ୍ୟ ସରକାରଙ୍କ ଖଣି ଓ ଭୂତତ୍ତ୍ୱ ନିର୍ଦ୍ଦେଶାଳୟ କର୍ତ୍ତୃକ ଆବିଷ୍କୃତ ହୋଇଅଛି । ରଇଲଠାରୁ ଘୋଷରାମାନ ମଧ୍ୟରେ ୯ କିଲୋମିଟର ଲମ୍ବ ଓ ୧.୫ କିଲୋମିଟର ପ୍ରସ୍ଥ ବିଶିଷ୍ଟ ଏକ କୋଇଲା କ୍ଷେତ୍ର ଆପାତତଃ ଚିହ୍ନିତ କରାଯାଇଅଛି । ସଂପ୍ରତି ଏଠାରେ ଖଣି ଓ ଭୂତତ୍ତ୍ୱ ନିର୍ଦ୍ଦେଶାଳୟ ତରଫରୁ ଡ୍ରିଲିଂ କରିଆରେ ଗଚ୍ଛିତ କୋଇଲାର ପରିମାଣ ନିରୂପଣ କରାଯାଉଅଛି । ପ୍ରସ୍ତାବିତ ତାଳଚେର–ସମ୍ବଲପୁର ରେଳପଥ ନିର୍ମାଣ ପରେ ଏହି କ୍ଷେତ୍ରରୁ କୋଇଲା ଉତ୍ପାଦନ ସୁଗମ ହୋଇଯିବ ।

ଜିଲ୍ଲାର ବରଗଡ ସବ୍‌ଡିଭିଜନସ୍ଥ ଡୁଙ୍ଗୁରୀଠାରେ ଥିବା ରାଜ୍ୟ ଶିଳ୍ପ ଉନ୍ନୟନ ନିଗମଙ୍କ ଏକ ଚୂନପଥର ଖାଦାନ ଉପରେ ଭିତ୍ତିକରି ନିଗମଙ୍କ ନିଜସ୍ୱ ଦ୍ୱାରା ସିମେଣ୍ଟ କାରଖାନା ବରଗଡଠାରେ ଗଢି ଉଠିଛି । ଏହି କାରଖାନାରୁ ବାର୍ଷିକ ୪ ଲକ୍ଷ ଟନ ସିମେଣ୍ଟ ଉତ୍ପନ୍ନ ହେଉଥିଲା । ସଂପ୍ରତି ଏହି କାରଖାନାର ବାର୍ଷିକ ଉତ୍ପାଦନ କ୍ଷମତା ୬ ଲକ୍ଷ ଟନ୍‌କୁ ସଂପ୍ରସାରିତ କରାଯାଇଅଛି ଏବଂ ଯଥାଶୀଘ୍ର ଏହାକୁ ୧ ନିୟୁତ ଟନ୍‌କୁ ସଂପ୍ରସାରଣ କରିବାର ଯୋଜନା ରହିଅଛି । ଏଥି ନିମନ୍ତେ ଆବଶ୍ୟକ ୧.୫ ନିୟୁତ ଟନ ଚୂନପଥରର ଚାହିଦା ମେଣ୍ଟାଇବା ପାଇଁ ଡୁଙ୍ଗୁରୀ ନିକଟବର୍ତ୍ତୀ ଅଞ୍ଚଳରେ ନିଗମ କେତୋଟି ନୂତନ ଖାଦାନ ଖୋଲିବାର ବ୍ୟବସ୍ଥା ଗ୍ରହଣ କରୁଅଛନ୍ତି । ଏଣୁ ନିକଟ ଭବିଷ୍ୟତରେ ଚୂନପଥର ଉତ୍ପାଦନରେ ମଧ୍ୟ ଉଲ୍ଲେଖଯୋଗ୍ୟ ଅଗ୍ରଗତିର ସମ୍ଭାବନା ରହିଅଛି ।

ଭାରତ ସରକାରଙ୍କ ଏକ କମ୍ପାନୀ ବାଲକୋ (ଭାରତ ଆଲୁମିନିୟମ କମ୍ପାନୀ)କୁ ବକ୍ସାଇଟ ଖାଦାନ ନିମନ୍ତେ ଗନ୍ଧମାର୍ଦ୍ଦନ ପର୍ବତ ଶିଖର ଦେଶରେ ଏକ ଇଲାକା ପାଇଁ ଖଣିପଟ୍ଟା ଦିଆଯାଇଅଛି । ଏହି ଇଲାକା ବଲାଙ୍ଗୀର ଜିଲ୍ଲାକୁ ମଧ୍ୟ ପରିବ୍ୟାପ୍ତ ଅଟେ । ଗନ୍ଧମାର୍ଦ୍ଦନ ପର୍ବତରେ ଥିବା ବକ୍ସାଇଟ ନିକ୍ଷେପ ଦେଶର ୨ୟ ବୃହତ୍ ନିକ୍ଷେପ ଅଟେ । ଏଠାରେ ୨୩୦ ନିୟୁତ ଟନ ବକ୍ସାଇଟ ଗଚ୍ଛିତ ଥିବାର ଆକଳନ କରାଯାଇଅଛି । ଏଥି ମଧ୍ୟରୁ ୩୦ ନିୟୁତ ଟନ୍ ବକ୍ସାଇଟ ବାଲକୋକୁ ଦିଆଯାଇଥିବା ଖଣିପଟ୍ଟା ଇଲାକାରେ ରହିଅଛି । ଯଦିଓ ଖଣିପଟ୍ଟା ଇଲାକାଟି ବଲାଙ୍ଗୀର ଜିଲ୍ଲାକୁ ମଧ୍ୟ ପରିବ୍ୟାପ୍ତ, ବକ୍ସାଇଟ ଖାଦାନ କାର୍ଯ୍ୟ ମୁଖ୍ୟତଃ ସମ୍ବଲପୁର ଜିଲ୍ଲାରେ ସୀମାବଦ୍ଧ ରହିବ । ଖାଦାନରୁ ଉତ୍ପାଦିତ ବକ୍ସାଇଟ ରୋପୱେ (Ropeway) ଯୋଗେ ପର୍ବତର ପାଦଦେଶ ଅର୍ଥାତ୍ ପାଇକମାଲକୁ ଅଣାଯାଇ ସେଠାରୁ ଏକ ୨୫ କିଲୋମିଟର ଦୀର୍ଘ ରେଳପଥ ଯୋଗେ ଲଖନା ରେଳ ଷ୍ଟେସନକୁ ନେବାର ପ୍ରସ୍ତାବ ରହିଅଛି । ଗନ୍ଧମାର୍ଦ୍ଦନ ପର୍ବତର ଏକ ପାର୍ଶ୍ୱରେ ବଲାଙ୍ଗୀର ଜିଲ୍ଲାରେ ଅବସ୍ଥିତ ହରିଶଙ୍କର ମନ୍ଦିର ଓ ଅନ୍ୟ ପାର୍ଶ୍ୱରେ ସମ୍ବଲପୁର ଜିଲ୍ଲାରେ ଅବସ୍ଥିତ ନରସିଂହନାଥ ମନ୍ଦିର ଖାଦାନ କାର୍ଯ୍ୟ ଦ୍ୱାରା ନଷ୍ଟ ହୋଇଯିବାର ଓ ଏହାର ପ୍ରାକୃତିକ ପରିବେଶର ଭାରସାମ୍ୟ ବିପର୍ଯ୍ୟସ୍ତ ହୋଇଯିବାର କେତେକ ଅହେତୁକ ଆଶଙ୍କା ଜନସାଧାରଣରେ କିଛିକାଳ ଧରି ଦେଖା ଦେଇଥିଲା । ପର୍ବତ ଶିଖର ଦେଶକୁ ଏକ ରାସ୍ତା ନିର୍ମାଣ ପାଇଁ କରାଯାଉଥିବା ବିସ୍ଫୋରଣ ଯୋଗୁ ନରସିଂହନାଥ ମନ୍ଦିରରେ ଫାଟ ଦେଖା ଦେଉଥିବା ଏବଂ ଅଚିରେ ମନ୍ଦିର ଭୁଶୁଡି ପଡ଼ିବାର ଆଶଙ୍କା ବହୁ ଭାବେ ପ୍ରଚାରିତ ହୋଇ ପ୍ରବଳ ଜନ ଅସନ୍ତୋଷ ସୃଷ୍ଟି ହୋଇଥିଲା । ଯଦିଓ ପର୍ବତ ଶିଖର ଦେଶରେ ଖାଦାନର ଆନୁଷଙ୍ଗିକ କାର୍ଯ୍ୟ ୧୯୮୪ ମସିହାରୁ ଆରମ୍ଭ ହୋଇଥିଲା ଏହି କାରଣ ହେତୁ ପ୍ରକଳ୍ପର କାର୍ଯ୍ୟ ମନ୍ଥର ଓ ବିଳମ୍ବିତ ହୋଇଯାଇଥିଲା । ରାଜ୍ୟ ସରକାର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅଧ୍ୟକ୍ଷଙ୍କ ନେତୃତ୍ୱରେ ଏକ ବିଶେଷଜ୍ଞ କମିଟି ଗଠନ କରି ଏ ସମ୍ପର୍କରେ ଅନୁସଂଧାନ କରାଇଥିଲେ ।

ସୁଖର କଥା ଉକ୍ତ କମିଟି ବିଧିବଦ୍ଧ ବୈଜ୍ଞାନିକ ରୀତିରେ ବିହିତ ପରୀକ୍ଷା ନିରୀକ୍ଷା ସଂପାଦନ କରି ଜନସାଧାରଣଙ୍କୁ ହୃଦବୋଧ କରାଇ ପାରିଛନ୍ତି ଯେ ରାସ୍ତା ନିର୍ମାଣ ବା ଖାଦାନ କାର୍ଯ୍ୟ ନିମନ୍ତେ ବିସ୍ଫୋରଣ ଦ୍ୱାରା ମନ୍ଦିରର କୌଣସି କ୍ଷତି ସାଧିତ ହେବ ନାହିଁ ।

ଭାରତ ସରକାରଙ୍କ ଅନ୍ୟ ଏକ ପରାମର୍ଶଦାତା କମ୍ପାନୀ ମେକନ (MECON) ବାଲକୋଙ୍କ ପାଇଁ ଏକ ବିସ୍ତୃତ ପରିବେଶ ପରିଚାଳନା ଯୋଜନା ପ୍ରସ୍ତୁତ କରିଅଛନ୍ତି । ଏହି ଯୋଜନାକୁ ସାବଧାନତା ସହ ଅନୁଧ୍ୟାନ କରି ଭାରତ ସରକାରଙ୍କ ପରିବେଶ ବିଭାଗ ବାଲକୋକୁ ସଂପୃକ୍ତ ଇଲାକାରେ ଖାଦାନ କାର୍ଯ୍ୟ ଆରମ୍ଭ କରିବା ପାଇଁ ଅନୁମତି ଦେଇଥିଲେ । ଏଥିରେ ପ୍ରସ୍ତାବିତ ବିଭିନ୍ନ ପଦକ୍ଷେପ ଗ୍ରହଣ ଦ୍ୱାରା ଗନ୍ଧମାର୍ଦ୍ଦନ ପର୍ବତ ଓ ଏହାର ପାରିପାର୍ଶ୍ୱିକ ଅଞ୍ଚଳର ସୁରକ୍ଷା ଯେ କେବଳ ସମ୍ଭବ ହେବ ତାହା ନୁହେଁ ଏହି ଅଞ୍ଚଳ କାଳକ୍ରମେ ଏକ ମନୋଜ୍ଞ ପର୍ଯ୍ୟଟନସ୍ଥଳୀରେ ପରିଣତ ହୋଇ ପାରିବ । ଖାଦାନ କାର୍ଯ୍ୟ ସୁରୁହେଲେ ଏଠାରୁ ବାର୍ଷିକ ୬ ଲକ୍ଷ ଟନ ବକ୍ସାଇଟ ବାଲକୋଙ୍କ ମଧ୍ୟପ୍ରଦେଶସ୍ଥ କୋରବାରେ ଥିବା ଆଲୁମିନିୟମ କାରଖାନାକୁ ପ୍ରେରିତ ହେବ ।

ଗୋଟିଏ ବର୍ଷ ମଧ୍ୟରେ ସମ୍ବଲପୁର ଜିଲ୍ଲାରେ ତିନି ତିନିଟି ଗୁରୁତ୍ୱପୂର୍ଣ୍ଣ ଖାଦାନ ଅର୍ଥାତ୍ ଦୁଇଟି ଖୋଲା କୋଇଲା ଖାଦାନ ଓ ଗୋଟିଏ ବକ୍ସାଇଟ ଖାଦାନ କାର୍ଯ୍ୟର ପ୍ରାରମ୍ଭ ଜିଲ୍ଲାର କ୍ଷିପ୍ର ଖଣିଜ ଉନ୍ନୟନର ସଫଳ ସଙ୍କେତ ବୋଲି କହିବାକୁ ହେବ । ତାଳଚେର–ସମ୍ବଲପୁର ରେଳପଥର ନିର୍ମାଣ ପରେ ଏହି ଉନ୍ନୟନର ଗତି ଦ୍ରୁତ ତ୍ୱରାନ୍ୱିତ ହେବ ଏଥିରେ ସନ୍ଦେହ ନାହିଁ ।

ସିନିୟର ମାଇନିଂ ଅଫିସର,
ସମ୍ବଲପୁର

ଓଡ଼ିଶା ଗୋଟିଏ ଛୋଟ ପ୍ରଦେଶ, କିନ୍ତୁ ଏହାର ହୃଦୟ ଅତି ମହାନ୍ ।

ଶ୍ରୀମତୀ ସରୋଜିନୀ ନାଇଡୁ

# ନବୋଦୟ ବିଦ୍ୟାଳୟ

ଶ୍ରୀ ଜାନକୀ ବଲ୍ଲଭ ଦାଶ

**ରା**ଜୀବ ସରକାରଙ୍କ କାଳରେ ସବୁଠାରୁ ବିବଦମାନ ବିଷୟ ହେଉଛି, ନୂତନ ଶିକ୍ଷାନୀତି । ମାନବ ବିକାଶ ସମ୍ବଳିତ ମନ୍ତ୍ରାଳୟ ଦ୍ବାରା ପ୍ରସ୍ତୁତ ମୁଖପତ୍ର "Challenge of Education - A policy Perspective ରେ କେନ୍ଦ୍ର ସରକାରଙ୍କ ତରଫରୁ ନବୋଦୟ ବିଦ୍ୟାଳୟ ସ୍ଥାପନ ହେବାପାଇଁ ଯାଉଛି" ନାଗପୁରର ନାଉରଗାଓଁ--ଖଇରୀ ଗ୍ରାମ ଠାରେ ଦେଶର ସର୍ବପ୍ରଥମ ନବୋଦୟ ବିଦ୍ୟାଳୟର ଶୁଭ ମଧ୍ୟ ଦିଆ ସରିଲାଣି । ତେବେ ଏହି ନବୋଦୟ ବିଦ୍ୟାଳୟର କାର୍ଯ୍ୟକାରିତା ଓ ନୀତିକୁ ନେଇ ବିଭିନ୍ନ ମହଲରୁ, ବିଭିନ୍ନ ପ୍ରକାରର ତଥ୍ୟ ଆଲୋଚିତ ହେଉଛି । ପାର୍ଲାମେଣ୍ଟର ଚଳିତ ଅଧିବେଶନରେ ନବୋଦୟ ବିଦ୍ୟାଳୟ ସଂପର୍କୀୟ ବିଲ୍‌ଟି ପାସ୍ ହୋଇସାରିଛି । ଏହି ବିଲ୍‌ରେ ନବୋଦୟ ବିଦ୍ୟାଳୟର କାର୍ଯ୍ୟକ୍ଷେତ୍ର ଓ ସୀମାନିର୍ଦ୍ଧାରଣ କରାଯାଇଛି । ସେହି ବିଲ୍‌ରୁ ନବୋଦୟ ବିଦ୍ୟାଳୟ ସଂପର୍କରେ ଏକ ଦୃଷ୍ଟିପାତ୍ ଏଠାରେ ପ୍ରସ୍ତୁତ କରାଯାଉଛି..... ।

ଜାତୀୟ ସଂହତିର ବିକାଶକୁ ନବୋଦୟ ବିଦ୍ୟାଳୟର ମୁଖ୍ୟ ଲକ୍ଷ୍ୟ ରଖାଯାଇଛି । ଭାରତରେ ସମସ୍ତ ଜିଲ୍ଲାମାନଙ୍କରେ ପ୍ରତିଷ୍ଠା ହେବାକୁ ଥିବା ଏହି ବିଦ୍ୟାଳୟଗୁଡ଼ିକ ଜାତୀୟ ସଂହତିର ମାଧ୍ୟମ ରୂପେ କାର୍ଯ୍ୟ କରିବ ବୋଲି ବିଲ୍‌ରେ ଦର୍ଶାଯାଇଛି । ଏହି ସ୍କୁଲମାନଙ୍କରେ ଗୋଟିଏ ପ୍ରକାର ପାଠ୍ୟକ୍ରମ ( single core curriculum ) ର ବ୍ୟବସ୍ଥା କରାଯାଇଛି । ଏହା 'ମୂଳ ପାଠ୍ୟକ୍ରମ' ରେ ଭାରତର ସମସ୍ତ ଅଞ୍ଚଳର ବିଶେଷତା ଓ ସଂସ୍କୃତିକୁ ଉଚିତ ପରିମାଣରେ ସ୍ଥାନ ଦେବାର ବ୍ୟବସ୍ଥା କରାଯାଇଛି । ସମଗ୍ର ଦେଶରେ ବିଶେଷତା ଓ ବିଭିନ୍ନତା, ନବୋଦୟ ବିଦ୍ୟାଳୟର ପାଠ୍ୟକ୍ରମଗୁଡ଼ିକରେ ସ୍ଥାନ ପାଇବାରୁ, ଜାତୀୟ ସଂହତିର ବିକାଶ ଦ୍ରୁତଗତିରେ ସମ୍ଭବ ହୋଇ ପାରିବ ବୋଲି ମତ ବ୍ୟକ୍ତ କରାଯାଇଛି ।

ଏହି ବିଦ୍ୟାଳୟଗୁଡ଼ିକରେ ପ୍ରତ୍ୟେକଟି ବାଳକ ଯେଉଁଭଳି ନିଜର ସଂପୂର୍ଣ୍ଣ ବିକାଶର ଉପଯୁକ୍ତ ସାଧନ ପାଇପାରିବ, ସେ ଦିଗରେ ଦୃଷ୍ଟି ଦିଆଯାଇଛି । ସମସ୍ତ ପ୍ରକାର ଉପଯୋଗୀ ସାଧନ (opportunities) ଯୋଗାଇ ଦେବା ଫଳରେ ବାଳକମାନେ ନିଜ ମସ୍ତିଷ୍କ ଓ ତାର୍କିକ ଶକ୍ତି (equity & Reason) ଦ୍ବାରା ଅନୁପ୍ରାଣିତ ହୋଇ ବିକାଶର ମାର୍ଗରେ ସ୍ବୟଂକ୍ରିୟ ଭାବରେ ଆଗେଇ ଯାଇପାରିବେ ବୋଲି ମତ ବ୍ୟକ୍ତ କରାଯାଇଛି ।

ନବୋଦୟ ବିଦ୍ୟାଳୟଗୁଡ଼ିକରେ ଛାତ୍ରମାନଙ୍କର ଆବାସୀୟ ସମସ୍ୟାର ସମାଧାନ ମଧ୍ୟ ପ୍ରସ୍ତୁତ କରାଯାଇଛି । ଏହି ବିଦ୍ୟାଳୟଗୁଡ଼ିକରେ ପଢୁଥିବା ବାଳକମାନେ ସେହି ସ୍କୁଲର ପରିସର ମଧ୍ୟରେ ରହି ସ୍ବାଧୀନଚେତା ହେବାର ସୁଯୋଗ ପାଇପାରିବେ । ଏହା ବ୍ୟତୀତ ନବୋଦୟ ସ୍କୁଲର ପାଠ୍ୟକ୍ରମରେ ନିମ୍ନଲିଖିତ ଉପାଦାନ ପ୍ରତି ଯଥେଷ୍ଟ ଦୃଷ୍ଟି ଦିଆଯାଇଛି ।

(୧) ଗୁଣାତ୍ମକ ଆଧୁନିକ ଶିକ୍ଷାର ବ୍ୟବସ୍ଥା–ଏହି କାର୍ଯ୍ୟକ୍ରମରେ ଦେଶର ସଂସ୍କୃତି ଓ ଗୁଣ ( Value )ର ସନ୍ନିବେଶ, ପରିବେଶ ପ୍ରତି ସଚେତନତା, ଦୁଃସାହସିକ ପଦକ୍ଷେପ ଓ ଶାରୀରିକ ଶିକ୍ଷାର ବ୍ୟବସ୍ଥା କରାଯାଇଛି ।

(୨) ନବୋଦୟ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ତିନୋଟି ଭାଷାର ଏକ ସର୍ବନିମ୍ନ ଶୈକ୍ଷଣିକ ସ୍ତର ( Minimum Competency ) ର ବ୍ୟବସ୍ଥା କରାଯାଇଛି । ଏହି ତିନୋଟି ଭାଷା ହେଉଛି, ଇଂରାଜୀ, ହିନ୍ଦୀ ଓ ଆଞ୍ଚଳିକ ଭାଷା ।

(୩) ସମଗ୍ର ଜିଲ୍ଲା ମଧ୍ୟରେ ଯେଉଁଭଳି ଉଚ୍ଚତାତ୍ମକ ଓ ଗୁଣାତ୍ମକ ଶିକ୍ଷାଦାନ ଓ ଶୈକ୍ଷଣର ବ୍ୟବସ୍ଥା ହୋଇପାରିବ, ତାହା ପ୍ରତି ଦୃଷ୍ଟି ଦିଆଯାଇଛି ।

ଏହି । ସ୍କୁଲମାନଙ୍କରେ ଷଷ୍ଠ ଶ୍ରେଣୀରୁ ପ୍ରବେଶର ବ୍ୟବସ୍ଥା କରାଯାଇଛି । ଷଷ୍ଠରୁ ଅଷ୍ଟମ ପର୍ଯ୍ୟନ୍ତ ଆଞ୍ଚଳିକ ଓ ମାତୃଭାଷା ଶିକ୍ଷାଦାନର ବ୍ୟବସ୍ଥା ରହିଛି । କିନ୍ତୁ ଅଷ୍ଟମଠାରୁ ଏକାଦଶ ପର୍ଯ୍ୟନ୍ତ ହିନ୍ଦୀ ଓ ଇଂରାଜୀ ମାଧ୍ୟମରେ ଶିକ୍ଷାଦାନର ବ୍ୟବସ୍ଥା କରାଯାଇଛି । 'ନବୋଦୟ'ରେ ହିନ୍ଦୀ ଓ ଇଂରାଜୀ ପ୍ରତି ଯଥେଷ୍ଟ ଗୁରୁତ୍ବ ଉପସ୍ଥାପନା କରାଯାଇଛି ।

ଏହି ସମସ୍ତ ସ୍କୁଲମାନଙ୍କରେ ପ୍ରବେଶ ପାଇଁ ଏକ ପ୍ରବେଶିକା ପରୀକ୍ଷା (Admission Test )ର ବ୍ୟବସ୍ଥା କରାଯାଇଛି । ଏହି Test ରେ ଜିଲ୍ଲାର ପ୍ରତ୍ୟେକଟି ସ୍କୁଲରେ ପଢୁଥିବା ପଞ୍ଚମ ଶ୍ରେଣୀର ଛାତ୍ରମାନେ ଭାଗନେଇ ପାରିବେ । ଏହା National Council of Educational Research & Training ଦ୍ବାରା ଆୟୋଜନ କରାଯିବାର ବନ୍ଦୋବସ୍ତ କରାଯାଇଛି । ଏହି Test ଗୁଡ଼ିକ ସାଧାରଣତଃ ଆଞ୍ଚଳିକ ଭାଷାରେ କରାଯିବାର ବ୍ୟବସ୍ଥା ରହିଛି ।

ନବୋଦୟ ବିଦ୍ୟାଳୟଗୁଡ଼ିକରେ ସହଶିକ୍ଷାର (Co-education ବ୍ୟବସ୍ଥା କରାଯାଇଛି । ଗ୍ରାମାଞ୍ଚଳ ଓ ଅନୁନ୍ନତ ଅଞ୍ଚଳର ଛାତ୍ରମାନଙ୍କୁ ସୁଯୋଗ ଦେବାପାଇଁ, ସହରାଞ୍ଚଳର ଛାତ୍ରମାନଙ୍କର ପ୍ରବେଶ ସଂଖ୍ୟାକୁ ସର୍ବୋଚ୍ଚ ଏକ ଚତୁର୍ଥାଂଶ ରଖାଯାଇଛି । ସ୍କୁଲର ଛାତ୍ର ସଂଖ୍ୟା ମଧ୍ୟରୁ ବାଳିକାମାନଙ୍କର ସଂଖ୍ୟା ଯେଉଁଭଳି ଏକ ତୃତୀୟାଂଶ ହୁଏ ସେଥିପ୍ରତି ବିଶେଷ ଦୃଷ୍ଟି ଦେବାପାଇଁ ନିର୍ଦ୍ଦେଶ ଦିଆଯାଇଛି । ଅନୁସୂଚିତ ଜାତି ଓ ଉପଜାତି ଶ୍ରେଣୀର ଛାତ୍ରଛାତ୍ରୀମାନେ ଯେଉଁଭଳି ବେଶୀ ସଂଖ୍ୟାରେ ଏ ସବୁ ସ୍କୁଲମାନଙ୍କରେ ପ୍ରବେଶ ପାଇପାରିବେ, ସେଥିପାଇଁ କେତେକ ଯୋଜନା ମଧ୍ୟ କରାଯାଇଛି ।

ନବୋଦୟ ବିଦ୍ୟାଳୟର ସବୁଠାରୁ ବଡ ବିଶେଷତା ହେଲା ଯେ, ଏହି ସମସ୍ତ ସ୍କୁଲମାନଙ୍କରେ ପାଠପଢିବାକୁ ଆସୁଥିବା ଛାତ୍ରଛାତ୍ରୀମାନଙ୍କର ପ୍ରବେଶ ( admission), ଆବାସ ବ୍ୟବସ୍ଥା, ସ୍କୁଲପୋଷାକ, ପାଠ୍ୟପୁସ୍ତକ, ଅନ୍ୟାନ୍ୟ ପାଠ୍ୟ ସାମଗ୍ରୀ, ବିଦ୍ୟାଳୟ ପର୍ଯ୍ୟନ୍ତ ଆସୁଥିବା ରେଲ୍ ଓ ବସ୍ ଭଡା ଇତ୍ୟାଦି ସମସ୍ତ ଖର୍ଚ୍ଚ କେନ୍ଦ୍ରସରକାରଙ୍କ ଦ୍ୱାରା ବହନ କରାଯିବାର ବ୍ୟବସ୍ଥା ରହିଛି ।

ଏହି ବିଦ୍ୟାଳୟମାନ Central Board of Secondary Education ସହ ସଂଲଗ୍ନ ( affiliated ହୋଇ କାର୍ଯ୍ୟ କରିବେ । ସ୍କୁଲର ପ୍ରତ୍ୟେକ ଶ୍ରେଣୀରେ ଦୁଇଟି ବିଭାଗ ଓ ପ୍ରତ୍ୟେକଟି ବିଭାଗରେ ସର୍ବୋଚ୍ଚ ୪୦ ଜଣ ଲେଖାଏ ଛାତ୍ର ପଢିବାର ବ୍ୟବସ୍ଥା ରହିଛି । ସ୍କୁଲମାନଙ୍କର ଆଧୁନିକ ଉପକରଣ ଯଥା, ଟି:ଭି:, ରେଡ଼ିଓ, ମାଇକ୍ରୋ କମ୍ପ୍ୟୁଟର ଓ ଆଧୁନିକତମ ବୈଜ୍ଞାନିକ ଶାଳା ( Laboratory ) ଖୋଲିବାର ବ୍ୟବସ୍ଥା କେନ୍ଦ୍ର ସରକାର ଏହି ବିଲ୍‌ରେ ଦର୍ଶାଯାଇଛି ।

ସ୍କୁଲମାନଙ୍କରେ ଚାରୋଟି ବିଭାଗ– କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷାଦାନର ବ୍ୟବସ୍ଥା କରାଯାଇଛି । ଶାରୀରିକ ଶିକ୍ଷାଦାନ, ବିଭିନ୍ନ ପ୍ରକାର ଖେଳ, ଯୋଗ, ସାଂସ୍କୃତିକ କାର୍ଯ୍ୟକ୍ରମ, ସୂକ୍ଷ୍ମକଳା, ଦର୍ଶନୀୟ ସ୍ଥାନ ପରିଦର୍ଶନର ଉଚିତ ବ୍ୟବସ୍ଥା କରାଯାଇଛି । ଛାତ୍ରମାନେ ଯେଉଁଭଳି ପାଠ ପଢିବା ସଙ୍ଗେ ସଙ୍ଗେ ଅନ୍ୟାନ୍ୟ କେତେକ ସାଧାରଣ ବିଷୟ ଯଥା ବୃକ୍ଷରୋପଣ, ପାରିବେଶିକ ପରିଚ୍ଛନ୍ନତା ପ୍ରତି ସଚେତନ ରହିପାରିବେ, ଏହା ମଧ୍ୟ ଶିକ୍ଷାଦାନର ବ୍ୟବସ୍ଥା ରହିଛି ।


ସର୍ବଭାରତୀୟ ସ୍ତରରେ ଏହି ସ୍କୁଲମାନଙ୍କରେ ଶିକ୍ଷକ ନିଯୁକ୍ତିର ବ୍ୟବସ୍ଥା କରାଯିବାର କାର୍ଯ୍ୟକ୍ରମ ରହିଛି । ସମଗ୍ର ଦେଶରେ ନବୋଦୟ ସ୍କୁଲ ମଧ୍ୟରେ ସ୍ଥାନାନ୍ତରଣ ଏହାର ଅନ୍ୟ ଏକ କାର୍ଯ୍ୟକ୍ରମ । ଏହି ସମସ୍ତ ସ୍କୁଲର ସଂପୂର୍ଣ୍ଣ ତଥ୍ୟ ଓ ସମସ୍ୟାମାନଙ୍କୁ ସମାଧାନ ଓ ପରିଚ୍ଳିତ କରିବା ପାଇଁ ମାନବ ସମ୍ବଳିତ ବିକାଶ ମନ୍ତ୍ରାଳୟର ଛତ୍ରଛାୟାରେ ଏକ ସ୍ୱ-ନିର୍ମିତ ସଂସ୍ଥା ( Autonomous Organisation "ନବୋଦୟ ବିଦ୍ୟାଳୟ ସମିତି" ଗଠନ କରାଯାଇଛି । ଏହି ସମିତି ହିଁ ଏ ସମସ୍ତ ବିଦ୍ୟାଳୟର ପରିଚାଳନା ପାଇଁ ଦାୟୀ ହେବ ।


ସଂକ୍ଷେପରେ, ଛାତ୍ରମାନଙ୍କୁ ଉପଯୁକ୍ତ ନାଗରିକ ହେବାର ସମସ୍ତ ପ୍ରେରଣା ଦେବା ସଙ୍ଗେ ସଙ୍ଗେ ଦେଶରେ ଏକତା ଓ ସଂହତିର ଅଭିବୃଦ୍ଧି ଓ ଉପଯୁକ୍ତ ମାନସିକ-ସାମାଜିକ (Psycho-Social ) ଗୁଣମାନଙ୍କର ଉଚିତ ବିକାଶର ବ୍ୟବସ୍ଥା ଏଥିରେ ରହିଛି । ସଂଖ୍ୟାତ୍ମକ ମନୁଷ୍ୟ ଶକ୍ତିକୁ, ଗୁଣାତ୍ମକ ମନୁଷ୍ୟ ଶକ୍ତିରେ ପରିଣତ କରି ଦେଶର ଉତ୍ପାଦିକତା ଶକ୍ତି ବୃଦ୍ଧି କରିବା, ଏହି ବିଦ୍ୟାଳୟର ପ୍ରମୁଖ ଲକ୍ଷ୍ୟ ।

ଅଧ୍ୟାପକ-ରାଜନୀତି ବିଜ୍ଞାନ,
ଉପଶାସ୍ତ୍ର ମହାବିଦ୍ୟାଳୟ; ବାରିପଦା ।




ଠିକ୍ ପରିବେଶ ଆମରି ପାଇଁ..........





କଟକର ବିଭିନ୍ନ ପୂଜା ମଣ୍ଡପରେ..






କଟକ ଚଣ୍ଡୀ ମନ୍ଦିରରେ..